# ଦୀନବନ୍ଧୁ ଦଇତାରି

## ବିଜୟିନୀ–୨୦୧୬


# ଦୀନବନ୍ଧୁ ଦଇତାରି

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୧୬

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହୀଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୧୦୦ ଟଙ୍କା



# ଉତ୍ସର୍ଗ

ଯା ଭିତରେ ମୁଁ ଦୀନବନ୍ଧୁ ଦଇତାରିଙ୍କୁ
ଦେଖେ, ଶୁଣେ, ଅନୁଭବ କରେ,
ସେଇ ବିଜୟିନୀଙ୍କୁ...

– ଇନ୍ଦ୍ରମଣି

# ଉପକ୍ରମ

"ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି" ମଧୁର ତାନରୁ ଭିତରକୁ ପଶିଲେ ମନରେ ଆସେ, କିଏ ଦୀନ କିଏ ବନ୍ଧୁ, କିଏ ଦୈତ୍ୟ କିଏ ଅରି ?

ସୃଷ୍ଟିରେ ମଣିଷ ନିଜକୁ ଅସହାୟ ମନେ କରେ, ଏଇଟା ହେବା ସ୍ୱାଭାବିକ। ନିଜ ଶରୀରର ଭାରସାମ୍ୟ ରକ୍ଷାକରି ଦୁଇଟି ପାଦରେ ଚାଲିବା ଯେତିକି ବିସ୍ମୟକର, ନିଜ ମୁଣ୍ଡରେ ବିଶାଳ ବୋଝ ରହିଛି ମନ ଓ ତାହାର ଅତ୍ୟଧିକ ଭାର। ସୃଷ୍ଟିରେ ଶରୀର ପାଇଁ ଯେତିକି ସ୍ଥାନ ଆବଶ୍ୟକ କରେ, ତାର ମନର ସୀମା ସରହଦ କିଛି ନାହିଁ, ଏମିତି କି ପ୍ରତିଟି ମଣିଷ ମନ ଗୋଟିଏ ଗୋଟିଏ ବିଶ୍ୱ ବ୍ରହ୍ମାଣ୍ଡଠାରୁ ଅଧିକ ଆୟତନ ଧାରଣ କରିଥାଏ। ସେଇ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ସିଏ କେତେବେଳେ ହଜିଯାଏ ଅତୀତର ଘଟଣାବଳୀରେ, ବର୍ତ୍ତମାନର ଦୃଶ୍ୟମାନରେ ଏବଂ ଭବିଷ୍ୟତର ଅନିଶ୍ଚିତତାରେ, ଆଶା ଓ ନିରାଶାର ଭାବନାରେ।

ସବୁ ସହିତ ରହିଛି ଶରୀରର ସୀମିତ ଅବଧି ଓ ଦୁନିଆରେ ତିଷ୍ଠି ରହିବାର ଦୁର୍ବାର କାମନା ଏବଂ ତା ଭିତରେ ଧ୍ରୁବତାର ଉପଲବ୍ଧି ଯାହା ପାଦେ ପାଦେ ମଣିଷକୁ ନିଜକୁ ଦୀନ ହୀନ ବୋଲି ଭାବନା ଦିଏ। ମନ ଭିତରେ କିଏ ଗୁଣୁ ଗୁଣୁ ହେଉଥିବାର ଶୁଣାଯାଏ, ଦୀନହୀନକୁ ରକ୍ଷାକର। ସେହି ମାନସିକ ସ୍ତରରେ ବନ୍ଧୁ ହେବ କିଏ, ଯିଏ ଅମର, ଯିଏ ଶକ୍ତିମାନ ଏବଂ ଯାହାର କରୁଣା ଅଛି, ମଣିଷକୁ ପୁରୁଷ ପୁରୁଷ ଧରି ତ୍ରାଣ କରିବାରେ ଅଭିଜ୍ଞ। ସମାଜ ଓ ଧର୍ମ ମଣିଷ ମନରେ ଏମିତି ଧାରଣା ଜନ୍ମାଇଛନ୍ତି। ଦୃଢ଼ ବିଶ୍ୱାସ ଅଛି, ଜୀବନର ଜଟିଳ ଜଗତରେ ଯଦି କିଛି ଅଘଟଣ ଆସିବ, ସେଥିପାଇଁ ଜଗତର ନାଥ ହିଁ ପାଖରେ ଠିଆ ହେବେ। ଏଇ ଆସ୍ୱସ୍ତି ମନରେ ଯେତିକି ବିଶ୍ୱାସ ଦିଏ, ତାହାର ମୂଲ୍ୟାୟନ କରିବା ବାହୁଲ୍ୟ ମାତ୍ର।

ସେଇ ଜୀବନ ପାଖରେ ଅନେକ ଦୈତ୍ୟ ଆସନ୍ତି, ମୃତ୍ୟୁ ବା ତତ୍‌ସମ ବିସମ୍ବାଦ ନେଇ। କ୍ଷୀଣ ଶରୀରର ମଣିଷ କିପରି ମାନସିକ ଓ ଶାରିରୀକ ଭାବରେ ଏହାର ସମ୍ମୁଖୀନ ହେବ, ସେଥିପାଇଁ ପାଥେୟ ହୋଇ ପାରିବେ ସେହି କାଳରୂପୀ ଦୈତ୍ୟର ପରମ ଶତ୍ରୁ, ଦୀନବନ୍ଧୁ ଦଇତାରି।

ପୁରାଣର ଇନ୍ଦ୍ରଦ୍ୟୁମ୍ନଙ୍କଠାରୁ ଆରମ୍ଭ ହୋଇଛି ପ୍ରତ୍ୟକ୍ଷ ପୁରୁଷୋତ୍ତମଙ୍କର ଆବିର୍ଭାବ, ଇତିହାସ ସୂଚାଏ ବର୍ତ୍ତମାନର ମନ୍ଦିର ଅନନ୍ତ ବର୍ମନ୍ ଚୋଡଗଙ୍ଗଙ୍କ କୃତି ହିସାବରେ। ସିଏ ଥିଲେ ତାଙ୍କ ପୂର୍ବ ପୁରୁଷ ମାନଙ୍କ ପରି ଶୈବ। ଜୀବନ ତାଙ୍କର କଳିଙ୍ଗୋତ୍କଳ ପାଇଁ ସମର୍ପିତ। ବାପା ତାଙ୍କର ରାଜ ରାଜ ଗଙ୍ଗ, ମାଆ ଚୋଳସୁନ୍ଦରୀ। ରାଜ ରାଜ ଦୀର୍ଘ ୭୨ ବର୍ଷ ରାଜ୍ୟଶାସନ କରିଥିଲେ, ବାଲ୍ୟ କାଳରୁ ମଉଳା ଚୋଳରାଜଙ୍କ ସହାୟତାରେ। ଚୋଡଗଙ୍ଗ ଶାସନକାଳରେ ପାଇଲେ ବୈଷ୍ଣବ ରାମାନୁଜଙ୍କ ସତ୍‌ସଙ୍ଗ, ନିଜକୁ ସଂଶୋଧିତ କଲେ ପରମ ମହେଶ୍ୱର ଓ ପରମ ବୈଷ୍ଣବ ହିସାବରେ। ଏକାଦଶ ଶତାବ୍ଦୀର ଧର୍ମ ବିତର୍କ ବଳୟରେ ଶୈବ-ବୈଷ୍ଣବ ଅନୁଭୂତ ବ୍ୟବଧାନରେ ଶାନ୍ତ ସୁନ୍ଦର ଆକର୍ଷଣୀୟ ଭାବରେ ରୂପ ନେଇଥିଲେ ପୁରୁଷୋତ୍ତମ। ପୁରୁଷୋତ୍ତମ ପୁରୀ ସହିତ ପୁରୁଷୋତ୍ତମ ରୂପ ନେଲେଣି ବହୁ ଶତାବ୍ଦୀ ଆଗରୁ, ଏବେ ହିଁ ହୋଇଛନ୍ତି ବିସ୍ମୟ ଦେବତା। ସିଏ କେଉଁ ଦେବାଦେବୀଙ୍କ ରୂପ ନେଇ ନାହାନ୍ତି, ସିଏ ପୁରୁଷ ଧାରଣାରେ ପ୍ରତିଷ୍ଠିତ। ପୁରୁଷ ଯଦି ଜଣେ ବ୍ୟକ୍ତିଙ୍କର ଆତ୍ମା ହୁଏ, ପୁରୁଷୋତ୍ତମ ହେବେ ସର୍ବଶ୍ରେଷ୍ଠ ଦେବଦୁର୍ଲଭ ପୁରୁଷ, ସୃଷ୍ଟିତତ୍ତ୍ୱର ଶିଖରବିନ୍ଦୁ।

ନରସିଂହ ହେଉଛନ୍ତି ପୁରୀର ଅଦିକାଳୀନ ଅଧିଷ୍ଠିତ ଦେବତା, ପରିବର୍ତ୍ତିତ ହୋଇଛନ୍ତି ଧର୍ମ ବିପ୍ଳବରେ ବୃହତ୍ ସମ୍ମାନ ସହିତ ପୁରୁଷୋତ୍ତମ ହେବାରେ, ପରକାଳରେ ତ୍ରିମୂର୍ତ୍ତି ଚୋଡଗଙ୍ଗ ଦେବଙ୍କ ବେଳରୁ ଆବିର୍ଭୂତ। ପାତାଳେଶ୍ୱର ମନ୍ଦିରର ଶିଳାଲିଖନ (୧୨୩୭ ମସିହାର) ଅନୁକ୍ରମେ ହଳିନ୍ (ବଳଭଦ୍ର), ଚକ୍ରିନ୍ (ଜଗନ୍ନାଥ) ଓ ସୁଭଦ୍ରି (ସୁଭଦ୍ରା) ନାମାଙ୍କିତ। ଜଗନ୍ନାଥ ସଂସ୍କୃତି ଜଗତରେ ସବୁଠାରୁ ରହସ୍ୟମୟ ଅବବୋଧ। ଅସଂଖ୍ୟ ସାଧକ ଏହି ରହସ୍ୟର ଅନାବରଣ କରିବାକୁ ଯାଇ ସେହି ରହସ୍ୟ ମଧ୍ୟରେ ବାନ୍ଧି ହୋଇଯାଇଛନ୍ତି। ଜଗନ୍ନାଥ ତତ୍ତ୍ୱର ଗଭୀରତା ସ୍ପର୍ଶ କରିବା ଏବେ ବି ଦୁରୁହ ବ୍ୟାପାର।

କୌଣସି ଅସ୍ପଷ୍ଟ କାରଣରୁ ଭାରତର ସବୁ ଧର୍ମାବଲମ୍ବୀମାନେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଭାବରେ ଗ୍ରହଣ କରନ୍ତି, ସବୁ ସାଧୁ ସନ୍ଥ ଜଗନ୍ନାଥଙ୍କୁ ନିଜର ବୋଲି ଭାବନ୍ତି, ସୃଷ୍ଟିରେ, ଧର୍ମରେ ସର୍ବୋଚ୍ଚ ସ୍ଥାନରେ ରଖନ୍ତି। ସବୁ ଧର୍ମର ପରମ୍ପରା ଏଇଠି ହଜିଯାଏ ମଣିଷତ୍ୱର ମାପକାଠିରେ। ଜଗନ୍ନାଥ ଜଣେ ମଣିଷ ଭାବରେ ଆବିର୍ଭୂତ, ପୂଜିତ। ଯିଏ ଯେତିକି ଆକର୍ଷିତ ହୋଇଛି ଏଇ ଚକାଆଖିରେ, ସିଏ ବିହ୍ୱଳ ହୋଇ ପଡିଛି ତାଙ୍କ ପରମ୍ପରାରେ। ସମସ୍ତେ ଆସିଲେ ତାଙ୍କୁ ନିଜର ଭାବି ତାଙ୍କଠାରେ ମଜ୍ଜିଗଲେ, ସମସ୍ତଙ୍କର ତତ୍ତ୍ୱ ତାଙ୍କଠାରେ ସମ୍ମିଳିତ ହୋଇ ଜଗନ୍ନାଥ ସଂସ୍କୃତିର ଉଦ୍ଭବ ହେଲା, ଯାହା ବେଦ ପରି ଶୁଦ୍ଧ, ଜୀବନ ପରି ପ୍ରତ୍ୟକ୍ଷ ଆଉ ସୃଷ୍ଟି ଆଧାରରେ ପରିପୁଷ୍ଟ।

ହେ ଜଗନ୍ନାଥ ! ତୁମେ ସମୟର ଖିଅରୁ ଧରିରଖି କିଛି ଅବଶେଷ, ଯାହା ଭବିଷ୍ୟତ ପାଇଁ କୁହୁକ ହୋଇଯାଏ। ସତରେ ତୁମେ ପୁରାତନ କଳିଙ୍ଗର କଳିଙ୍ଗଜିନ ହୋଇଥାଅ କି ନା, ତୁମ ନାମର ପଛ ଦୁଇ ଅକ୍ଷର ନାଥର ଜୈନ ଋଷଭନାଥଙ୍କ ସହ ସମ୍ବନ୍ଧିତ ହୋଇଥାଉ କି ନା, ତୁମର ପ୍ରସାଦର ନାମ କିଏ କୈବଲ୍ୟ ଦେଇଛି, ଅଜଣା ମାତ୍ର ଏବେ ଜୈନମାନେ ତୁମକୁ ନିଜର ବୋଲି ଦାବୀଦାର। ସେମିତି ତୁମେ ବୁଦ୍ଧଙ୍କ ଦନ୍ତଭସ୍ମ ଧାରଣ କରିଛ ନିଜ ବ୍ରହ୍ମରେ, ସାରଳାଦାସ ତୁମକୁ ଗୋଟି ପଣେ ବୁଦ୍ଧ କରିଦେଇଛନ୍ତି, ତୁମେ ଶ୍ରୀ ମନ୍ଦିରର ଦଶାବତାରରେ ଧାରା ବଦଳାଇ ବୁଦ୍ଧଙ୍କର ସ୍ଥାନ ଜମାଇଛ। ତୁମେ କି ସେଇ ଆଲୋକିତ ବୁଦ୍ଧଙ୍କର ପ୍ରତିନିଧି ?

ହେ ଜଗନ୍ନାଥ, ପୁରୀ ମହୋଦଧିର ଉତ୍ତାଳ ତରଙ୍ଗ ପରି ଭାରତର ଧର୍ମସାଗରରେ ଅନେକ ଧର୍ମ ଜୁଆର ଆସିଛି, ତୁମଠାରେ ଲୀନ ହେବାକୁ। ପ୍ଲାବିତ ହୋଇଛି ପୁରୁଷୋତ୍ତମ ପୁରୀ ଓ ଓଡିଶା ରାଷ୍ଟ୍ର। ତୁମେ ତୁମର ପୁରସ୍ତମ ପୁରୀରେ ଯେଉଁ ଅଖଣ୍ଡ ଜ୍ୟୋତି ପ୍ରକାଶ କରିଛ, ସେଥିରେ ସବୁଧର୍ମ, ସବୁ ଶାସନ, ସବୁ ପ୍ରଶାସନ ବକ୍ର ହୋଇପଡିଛି। ସବୁ ତୁମର କାଳଜୟୀ ଦୃଷ୍ଟିରେ ତୁମଠାରେ ଲୀନ ହୋଇଯାଇଛନ୍ତି।

ହେ ଜଗନ୍ନାଥ ! କିଏ ତୁମକୁ କହିବ ଅସମ୍ପୂର୍ଣ୍ଣ, ଆଦିମ, ଅମାର୍ଜିତ, ଆଦିବାସୀ ସମ୍ପ୍ରଦାୟର ଅବା ବିଦେଶୀୟ ? ପୁଣି କାଠର ଶରୀର ଧାରଣ କରିଛ, ନିଜକୁ ଫେରାଇ ନେଉଛ କାଠ ପଥର ଯୁଗର ଆଦିମ କାଳକୁ। ପୁଣି ବ୍ୟଞ୍ଜନ ତୁମର ପୁରୁଣା ଢଙ୍ଗରେ। କିଏ କାହିଁକି ତୁମକୁ ବିଚିତ୍ର ବୋଲି ନ ଭାବିବ ? ଆମେ ତ ଦେଖୁ ତୁମକୁ ଓଡିଶା କାହିଁକି ସମଗ୍ର ବିଶ୍ୱର ପ୍ରଥମ ମାନବ ରୂପରେ, ତେବେ ତୁମକୁ ଏପରି ଭାବିବା ଅସଙ୍ଗତ ମନେ ହୁଏ। ତୁମେ ବେଦ ପୂର୍ବରୁ ଉଦ୍ଭବ ହୋଇଥିବାରୁ ମୋର ମନେ ହୁଏ, କେହି ଜଣେ ଆଦିମ ମାନବ ତୁମଙ୍କୁ ଆରାଧନା କରି ମୋର ବହୁ ପୁରାତନ ପୂର୍ବ ପୁରୁଷ ହୋଇଥିବା ନିଶ୍ଚିତ। ତା ପରଠାରୁ ଆହୁରି ଅନେକ ମୋ ପୂର୍ବପୁରୁଷମାନେ କ୍ରମାଗତ ଭାବରେ ତୁମର ପରିବର୍ତ୍ତିତ ରୂପ ଭେକ ଦେଖି କୃତାର୍ଥ ହୋଇଛନ୍ତି। ସେହି ଦର୍ଶନର ଫଳ ସ୍ୱରୂପ ଆମେ ବର୍ତ୍ତମାନର ବିଶ୍ୱବାସୀ, ବିଶେଷ କରି ଓଡିଶାବାସୀ ମାନେ ନିଜ ପରିଚୟରେ ନିଜ ବଂଶକଣିକାରେ ଜଗନ୍ନାଥ ସଂକଳ୍ପ ନାମକ ଗୋଟିଏ ଆତ୍ମ-ସନ୍ତୋଷ ଦ୍ରବ୍ୟ ଲାଭ କରୁଅଛୁ, ଯାହା ଆମ ଭିତରେ ଅହରହ ତୁମର ଉପସ୍ଥିତି ପ୍ରତିପାଦନ କରୁଅଛି। ଆମ ମନରେ ଉଦ୍ରେକ କରୁଛି ଅନେକ ଭାବ, ଅନେକ ଚେତନା ଯାହା ବର୍ଣ୍ଣନା କରିବା ଅସମ୍ଭବ।

ହେ ଜଗନ୍ନାଥ ! କିଏ ଯଦି ବୋଲି ଦେଲା ଗଜକୁ ଉଦ୍ଧାର କଲ, ଅବିଶ୍ୱାସନୀୟ କାର୍ଯ୍ୟବଳରେ କିଏ ରକ୍ଷା ପାଇଲା ଆଜିର ମୋ ଚେତନାରେ ମୁଁ ଭକ୍ତି ବିଶ୍ୱାସରେ ଖୋଜିବି ତଥ୍ୟ ଅବା ତର୍କ, ବିଜ୍ଞାନ ଅବା ଦର୍ଶନ ଭିତ୍ତିକ ସମାଧାନ। କିନ୍ତୁ ମୁଁ ତୁମର ଏହି ସାଧନାରେ ବିସ୍ମିତ ନୁହେଁ, ତୁମର ଅଲୌକିକ ଶକ୍ତିରେ ଆଶ୍ଚର୍ଯ୍ୟ ହେଉନି, କିଏ ତୁମକୁ କିପରି ଦେଖୁଛି କିପରି ଲେଖୁଛି ସେଥିପ୍ରତି ସହମତ ହୋଇପାରୁନି। ମୁଁ ତୁମକୁ ଥରେ ଦେଖିବା ପରେ କାହିଁକି କେଜାଣି ଆଉଥରେ ଦେଖିବାକୁ ଇଚ୍ଛା ହେଉଛି। ମୋର ବାସନା କିଛି ନାହିଁ, ତୁମକୁ ମାଗିବାକୁ। ମୋର ଅନ୍ତର କହୁଛି, ତୁମେ ମୋ ଶରୀର ଓ ମନପାଇଁ ଯାହା ଦେବାର ଦେଇ ସାରିଛ, ଯାହା ହେବାର କାଳଚକ୍ରରେ ଭବିଷ୍ୟତ ପାଇଁ ସାଂଖ୍ୟିକ ଭାବରେ ଉଲ୍ଲିଖିତ ହୋଇ ରହିଛି, କେବଳ ସେଇ ଭବିଷ୍ୟତ ଜାଣିବାକୁ ଦୁନିଆଁରେ କାହାକୁ ସମର୍ଥ କରିନ।

ତୁମକୁ ଦେଖିବାରେ ମୋର ମନର ଭାବନା କାହିଁକି କେମିତି ସ୍ଥିର ହୋଇଯାଏ, ଆତ୍ମଚିନ୍ତନରେ ଭରିଯାଏ। ମନର ଗଭୀରତାରେ ନିଜର ବିଜ୍ଞାନ, ଦର୍ଶନ, ଆଧ୍ୟାତ୍ମିକତା, ମନସ୍ତତ୍ତ୍ୱ, ଜୀବନଧାରାର ନିୟାମକ ସବୁ ପାଥେୟ ହୁଏ ନିଜକୁ ଶରୀର ଶୂନ୍ୟ କରି ସୃଷ୍ଟିର ସ୍ୱାର୍ଥହୀନ ଶୂନ୍ୟ ବିନ୍ଦୁରେ ତୁମକୁ ଦେଖିଲାପରି। ମୋର କ୍ଷୁଦ୍ର ଆତ୍ମା ଯେମିତି ତୁମ ସହିତ ଦ୍ରବୀଭୂତ ହୋଇଯାଉଛି। ନିଜ ମଧ୍ୟରେ ରହିଥିବା ଆଲୋକର ବତୀଟି ଅଧିକ ଆଲୋକର ସହିତ ପ୍ରଜ୍ୱଳିତ ହେଉଛି। ସେଇ ସମୟରେ ମନର ସମସ୍ତ ଦ୍ୱନ୍ଦ୍ୱ, ଆବିଳତା ଧୋଇହୋଇ ଦୁନିଆଁଟା ପ୍ରେମ, ଦୟା, ସ୍ନେହ, ଶ୍ରଦ୍ଧାର କ୍ଷେତ୍ର ବୋଲି କଳ୍ପନା ଆସିଯାଉଛି। ଶରୀରର ମରଣଶୀଳତା ମନ

ପକ୍ଷରେ ଅଗ୍ରହଣୀୟ, ଶରୀର ହେୟ ହୋଇଯାଏ ଭାବନାରେ। ମନରେ ଆସେ ଦିବ୍ୟ ପରମ୍ପରା ବଳରେ ମୁଁ ଏଇ ରୂପନେଇ ତୁମକୁ ଦେଖୁଛି। କେତେ ଥର ଦେଖି ସାରିଛି ଆଉ ଦେଖିବି ମଧ୍ୟ। ଜୀବନର ଲକ୍ଷ୍ୟକୁ ଏଡାଇବାର ପରିକଳ୍ପନା କରିପାରିବାର ଶକ୍ତି ମୋର ତୁମ ସମ୍ମୁଖରେ ନାହିଁ।

ମୁଁ କଅଣ କିଛି ଚେତନା ହେତୁ ତୁମ ଦର୍ଶନରେ ଏପରି କରୁଣା ଲାଭ କରେ, ଏମିତି ସମର୍ପଣ ଭାବରେ ଦେଖେ ମୁଁ ବୁଝି ପାରେ ନା। କିନ୍ତୁ ମୋର ମନ ଅଛି, ପିଲାଦିନେ ଯେବେ ମୁଁ ପ୍ରଥମେ ତୁମର ଚିତ୍ରଦେଖିଲି, ମୋର ଆଖି ତୁମଠାରେ ଲାଖି ରହିଥିଲା କାରଣ ତୁମେ ଅପଲକ ନୟନରେ ଅନାଇ ଥାଅନା ! ତୁମର ବିଚିତ୍ର ରୂପ ସତରେ ତୁମକୁ କଅଣ କରିଛି, ମୁଁ ବୁଝି ପାରୁନି, ମୋତେ ତ ତୁମେ ଶ୍ରୀକୃଷ୍ଣଙ୍କର ଦରପୋଡା କାଠ ପରି ଦେଖା ଯାଉନ, ନା କୌଣସି ଅବତାର, ଦେବାଦେବୀ ବା କାଳ୍ପନିକ ରୂପ। ତୁମେ ବିଚିତ୍ର !

ହେ ଜଗନ୍ନାଥ ! ମୋତେ ଲାଗେ ଜଣେ ପ୍ରଖ୍ୟାତ ମନସ୍ତତ୍ତ୍ୱବିତ୍ ଜଗତର ଜଣେ ମହାନୁଭବ ତୁମ ଚାହିବା ଅନୁସାରେ ତୁମକୁ ଗୋଟିଏ ସଂକେତ ଭାବରେ ଗଢି ତୋଳିଛନ୍ତି, ଦର୍ପଣରେ ଦେଖିବାପରି ଦର୍ଶକ ନିଜ ବ୍ରହ୍ମକୁ ହିଁ ଦେଖିବେ, ନିଜକୁ ସବୁ ନିୟାମକରେ ତୋଳିବେ, ସଂଶୋଧନ କରିବେ। ଏଇଟା ନିଶ୍ଚୟ ତୁମର ଅନ୍ତର୍ନିହିତ ଶକ୍ତି। କେତେ ଭକ୍ତ ବିବଶ ହୋଇ ସ୍ୱର ଲହରାଇବେ ହେ ଦୀନବନ୍ଧୁ ଦଇତାରି।

ଏହି ଦୀନବନ୍ଧୁ ଦଇତାରି ପୁସ୍ତକଟି ସଂକଳନ କରିବାପାଇଁ ତୁମର ଅକୁଣ୍ଠ ସାହଯ୍ୟ ମୁଁ ପାଇଛି ବହୁ ବନ୍ଧୁ, ଜଗନ୍ନାଥପ୍ରେମୀ କବି ଓ ଲେଖକ ମାନଙ୍କଠାରୁ। ଆପଣଙ୍କର ସବୁଗୁଣ ଗୁଡିକୁ ବିବିଧ ରୂପରେ ବିଭକ୍ତ କରିବା ପରେ ପଢିସାରିବା ପରେ ଜଣେ ବହୁତ କିଛି ପୃଷ୍ଠା ଅତିକ୍ରମ କରିଗଲେ ହେଁ ମନରେ ଆସିବ, ଏକା ମାଧିଆ ବାଇଶ ପଳ। କୋଉ ପଟୁ ପଢିଲେ ବି ତାଙ୍କର ଆଦି ଅନ୍ତ ନାହିଁ।

ଆଜି ଆମ ମନରେ ଯେତେବେଳେ ଅସୀମ ବ୍ୟଥା ଭରିଯାଏ ତୁମର ବଡଦେଉଳର ଶିଖରରୁ ପଥର ଖସିବାରେ, ତୁମର ଅବସ୍ଥାନ ବିଷୟରେ, ତୁମର ଲୀଳାଖେଳା ନେଇ, ତାହାର ପ୍ରତିକାର ପାଇଁ ମନ ବ୍ୟାକୁଳିତ ହୁଏ। ଏହାର ପ୍ରତିକାର ପାଇଁ ତୁମର ପ୍ରବର୍ତ୍ତନା ହିଁ ସହାୟକ ହେବ। ଧନ, ମନ, ଶକ୍ତିର ଉତ୍ସ ହିଁ ତୁମର ସୃଷ୍ଟି, ତୁମ ଚକାନୟନର ଦୃଷ୍ଟି। ଏହି ବିରାଟ ସମସ୍ୟାର ଆଧ୍ୟାତ୍ମିକ, ଶିଳାଶିଳ୍ପଗତ,ରାଜନୈତିକ, ଅର୍ଥନୈତିକ ସମାଧାନ ମୂଳରେ ତୁମର ଆଭାସ ହିଁ ମହାମନ୍ତ୍ର ହେବ। ତୁମେ କାଠର ନିର୍ଜୀବ ମୂର୍ତ୍ତି ନୁହଁ, ଶ୍ରୀମନ୍ଦିର ଗୋଟିଏ ଶିଳାସଦନ ନୁହେଁ, ତୁମେ ସାମଗ୍ରିକ ବିଶ୍ୱବ୍ରହ୍ମାଣ୍ଡ, ଶ୍ରୀମନ୍ଦିର ତୁମର ନିଳୟ।

ପ୍ରଭୁ ଜଗନ୍ନାଥଙ୍କର ପ୍ରତିଟି ବିଷୟ ଏତେ ବିଶାଳ, ଏତେ ବିବିଧ, ଏତେ ବିଚିତ୍ର ତାଙ୍କର ପୂର୍ଣ୍ଣଚିତ୍ର ତାଙ୍କ ନିଜଛଡା କାହକୁ ଜ୍ଞାତ ନୁହେଁ, କାହାରି ମନରେ ବା କାହା ରଚନାରେ ସମ୍ଭବ ନୁହେଁ। ପ୍ରତିଟି ମନରେ ସିଏ ବିବିଧ ରୂପ ନିଅନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସିଏ ଭିନ୍ନ, ସ୍ୱତନ୍ତ୍ର।

ଏହି ପୁସ୍ତିକାଟି ପାଇଁ ଲେଖକ ଲେଖିକାମାନେ ଉଦାର ଚିତ୍ତରେ ନିଜର ଧାରଣା, ଅଭିଜ୍ଞତା, ଆଧୁନିକତା ପ୍ରସଙ୍ଗ ଭିତ୍ତିରେ ନିଜ ନିଜର ଗଳ୍ପ, ସନ୍ଦର୍ଭ ଓ ଗୀତ ଗୁଡିକ ରଚନା କରିଥିବାରୁ ସମ୍ପାଦକ ନିଜର କୃତଜ୍ଞତା ଜ୍ଞାପନ କରୁଛନ୍ତି। ବହୁ ରଚନା ବର୍ତ୍ତମାନର ଯୁଗଧର୍ମୀ ଓ ମନସ୍ତତ୍ତ୍ୱ, ଦର୍ଶନ ତଥା ବିଜ୍ଞାନସମ୍ମତ ଭାବରେ ରଚିତ ହୋଇଥିବାରୁ ଏହା ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା। ଏଠାରେ ପ୍ରବନ୍ଧଗୁଡିକୁ ପୁସ୍ତିକାଟିର ନାମ, ଶ୍ରୀଜଗନ୍ନାଥଙ୍କର ଇତିହାସ, ଭକ୍ତି ସନ୍ଦେଶ, ପ୍ରଶାସନ ସମ୍ବନ୍ଧିତ, ମନସ୍ତାତ୍ତ୍ୱିକ ଓ ଉଦ୍ଧାର କ୍ରମରେ ଦୀନବନ୍ଧୁ ଦଇତାରି, ପୁରୁଷୋତ୍ତମ, ଜଗବନ୍ଧୁ, ଚକାଡୋଳା, ପତିତପାବନ ଓ ମହାବାହୁ ଅଧ୍ୟାୟଗୁଡିକରେ ସଜାଇ ଦିଆଯାଇଛି।

ବିଭିନ୍ନ ବିଷୟରେ ପୁସ୍ତିକାଟିର ଅବୟବ ପାଇଁ ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁ ଓ ପ୍ରଫେସର ନାରାୟଣ ସାହୁଙ୍କ ଅକୁଣ୍ଠ ସାହାଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ଜୟ ଜଗନ୍ନାଥ

**ଇନ୍ଦ୍ରମଣି ଜେନା**

# ଅଭିମତ

## ଗୌରହରି ଦାସ

ପ୍ରଫେସର ବିଜୟିନୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ତିନିବର୍ଷ ଧରି ତାଙ୍କର ସ୍ୱାମୀ ଡାକ୍ତର ଇନ୍ଦ୍ରମଣି ଜେନା ଗୋଟିଏ ସ୍ମରଣିକା ପ୍ରକାଶ କରିଆସୁଛନ୍ତି । ଏଇଟି ବିଜୟିନୀଙ୍କର ମହାପ୍ରୟାଣ ତିଥିରେ ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ପ୍ରକାଶ ପାଉଛି । ସେହି ସମୟକୁ ଡାକ୍ତର ଜେନା ବିଜୟିନୀଙ୍କ ସ୍ମୃତିରେ ପ୍ରଦ□ ପୁରସ୍କାର ଏବଂ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା କରୁଛନ୍ତି, ବିଜୟିନୀ ଓଡିଶାର ବୌଦ୍ଧିକ ଜଗତର ଯେଉଁ ଯେଉଁ ଦିଗକୁ ସ୍ପର୍ଶ କରିଥିଲେ, ସେହି ସେହି ଦିଗ ସହ ସଂପୃକ୍ତ ଶିକ୍ଷାବିତ୍, ରାଜନୀତିବିଜ୍ଞାନୀ, ସଂଗୀତଶିଳ୍ପୀ ଏବଂ ବୁଦ୍ଧିଜୀବୀଙ୍କୁ ଆମନ୍ତ୍ରଣ କରି ଏକ ଭବ୍ୟ ସଭାର ଆୟୋଜନ କରୁଛନ୍ତି । ମୋ ବିଚାରରେ ଏଇସବୁ ପ୍ରକାଶନ, ସଭାସମିତି, ସମ୍ମାନ-ସମ୍ବର୍ଦ୍ଧନା ମାଧ୍ୟମରେ ଡାକ୍ତର ଇନ୍ଦ୍ରମଣି ଜେନା ତାଙ୍କର ପ୍ରାଣପ୍ରିୟା ପତ୍ନୀଙ୍କୁ ପାଖରେ ପାଇବାର, ଅମୂର୍ତ୍ତ ଢଙ୍ଗରେ ହେଲେ ସୁଦ୍ଧା ସାନ୍ନିଧ୍ୟ ଲାଭ କରିବାର ଏବଂ ଆଉଥରେ ସ୍ମୃତିର ସୋପାନରେ ପଛକୁ ଫେରିବାର ପ୍ରୟାସ କରୁଛନ୍ତି ।

କୌଣସି ବ୍ୟକ୍ତିର ସ୍ମୃତିରକ୍ଷା ବିଭିନ୍ନ ଉପାୟରେ କରାଯାଇଥାଏ । କେହି କେହି ଚାଲିଯାଇଥିବା ମଣିଷର ପ୍ରତିମୂ□ ନିର୍ମାଣକରି, ତାଙ୍କ ନାମରେ ରାସ୍ତାଘାଟ ନାମିତ କରି ସ୍ମୃତିକୁ ବ□ାଇ ରଖନ୍ତି । ଆଉ କେହି ମୃତବ୍ୟକ୍ତିଙ୍କ ଜୟନ୍ତୀ-ଶ୍ରାଦ୍ଧରେ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରି, ତାଙ୍କ ସ୍ମୃତିରେ ସଭାସମିତି ଆୟୋଜନ କରି ସେ ସ୍ମୃତିକୁ ଜିଆଁଇ ରଖନ୍ତି । ପୁଣି କେହି, ମୃତ ବ୍ୟକ୍ତି ଯେଉଁ ଆଦର୍ଶ ଓ ବିଶ୍ୱାସକୁ ନେଇ ବ□ୁଥିଲେ ତାହାକୁ ସାକାର କରିବାଲାଗି, ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାଲାଗି ଉଦ୍ୟମ କରିଥାନ୍ତି । ଡାକ୍ତର ଇନ୍ଦ୍ରମଣି ଜେନା ନିଜ ପତ୍ନୀ ବିଜୟିନୀଙ୍କ ସ୍ମୃତିରକ୍ଷା ନିମନ୍ତେ ଏହି ତିନି ପ୍ରକାର କାର୍ଯ୍ୟ କରୁଛନ୍ତି, ଏଥିରୁ ତାଙ୍କର ପ୍ରେମ ଓ ସମ୍ମାନ ଉଭୟ ଜଣାପଡେ ।

ବିଗତ ଦୁଇବର୍ଷର ସ୍ମରଣିକା ମୁଖ୍ୟତଃ ବିଜୟିନୀଙ୍କ ସ୍ମୃତିଚାରଣର ସଂକଳନ ହୋଇଥିବାବେଳେ ଏ ବର୍ଷର ସ୍ମରଣିକାଟି ଶ୍ରୀଜଗନ୍ନାଥଙ୍କ ମହିମାକୁ ନେଇ ପ୍ରକାଶ ପାଉଛି । 'ଉପକ୍ରମ' ଶିରୋନାମାରେ ଡାକ୍ତର ଇନ୍ଦ୍ରମଣି ଜେନା ସ୍ମରଣିକାର ଏହି ବିଷୟ-ନିର୍ବାଚନ ସମ୍ପର୍କରେ ନିଜର ମତମନ୍ତବ୍ୟ ଦେଇଛନ୍ତି । ଏ ବର୍ଷର ସଂକଳନର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ ଏବଂ ଶିରୋନାମା 'ଦୀନବନ୍ଧୁ ଦଇତାରି' । ପ୍ରଫେସର ବିଜୟିନୀ ମହାନ୍ତି ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ଏକ ଦିବ୍ୟ ଆତ୍ମା ଥିଲେ । ତାଙ୍କ କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଜଣାଣ ଓ ଭଜନ ଅପୂର୍ବ ଶୁଭୁଥିଲା ଏବଂ ଏଭଳି ଗାୟନ ବେଳେ ସେ ତଲ୍ଲୀନ ହୋଇପଡୁଥିଲେ । ମୋର ଧାରଣା, ସେଇଥିପାଇଁ ହୁଏତ ଇନ୍ଦ୍ରମଣି ବାବୁ ଏ ବର୍ଷର ସଂକଳନକୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନିବେଦିତ କରିଛନ୍ତି ।

ଶ୍ରୀଜଗନ୍ନାଥ ଓଡିଆ ଜାତିର ପରିଚୟ, ଓଡିଆ ଅସ୍ମିତାର ମହାକାବ୍ୟ । ଭାରତବର୍ଷରେ ଯେତେ ଦେବଦେବୀ ଅଛନ୍ତି ସେ ସମସ୍ତଙ୍କ ମଧ୍ୟରେ ଜଗନ୍ନାଥ ହେଉଛନ୍ତି ଅନନ୍ୟ । ଦଶ ଅବତାରର ବର୍ଣ୍ଣନା ମଧ୍ୟରେ ଆମେ ଯେଉଁ ମତ୍ସ୍ୟଠାରୁ ନେଇ କଲ୍କୀ ଅବତାର ପର୍ଯ୍ୟନ୍ତ ଅବତାର ମାନଙ୍କୁ ଭେଟିଥାଉ, ତାହା ମଧ୍ୟରେ ଶ୍ରୀଜଗନ୍ନାଥ ନାହାନ୍ତି, ଅଥଚ ଶ୍ରୀଜଗନ୍ନାଥଙ୍କ ଭିତରେ ଏ ସମସ୍ତଙ୍କର ଉପସ୍ଥିତି ବାରି ହୋଇପଡେ । ଶ୍ରୀଜଗନ୍ନାଥ ପରିକଳ୍ପନା ତେଣୁ ଅପୂର୍ବ, ଅଦ୍ଭୁତ । ଏହାରି ଭିତରେ ଶାକ୍ତ, ବୌଦ୍ଧ, ବୈଷ୍ଣବ ସବୁ ଧର୍ମର ମତବାଦ ଲୀନ ହୋଇଯାଇଅଛି । ଇଏ ଆଦିବାସୀଙ୍କ ଦେବତା, ଇଏ ପୁଣି ବ୍ରାହ୍ମଣଙ୍କ ଦେବତା । ଇଏ ସାଧାରଣରୁ ସାଧାରଣ, ଅସାଧାରଣରୁ ଅସାଧାରଣ । ଏଭଳି ଏକ ପରିକଳ୍ପନା ଏବଂ ଅବବୋଧ ପାଇଁ ଓଡିଆ ଜାତି ଗର୍ବ କରେ, ନିଜକୁ ଗୌରବାନ୍ୱିତ ମନେକରେ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଯୋଗୁଁ ଗୋଟିଏ ସମୟରେ ଓଡିଶାରେ ମାଲିମୋକଦ୍ଦମା ହେଉ ନଥିଲା କି ତାହା କୋର୍ଟ କଚେରି ପର୍ଯ୍ୟନ୍ତ ଯାଉ ନ ଥିଲା । ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା ଏବଂ ଧର୍ମପ୍ରାଣ ଓଡିଆ ଭାଗବତ କିମ୍ବା ମହାପ୍ରସାଦ ଛୁଇଁ ସତ ମାନିଯାଉଥିଲେ, ସେଇଠି ବିବାଦର ଅବସାନ ଘଟୁଥିଲା । ଶ୍ରୀଜଗନ୍ନାଥଙ୍କ ଯୋଗୁ ଓଡିଶାର ସାଂପ୍ରଦାୟିକ ସଂଘର୍ଷ ହୁଏନାହିଁ, ଅଟକିଯାଏ । କାରଣ ଏହାଙ୍କ ଭିତରେ ହିନ୍ଦୁ, ମୁସଲମାନ, ଶିଖ୍, ଖ୍ରିଷ୍ଟିଆନ୍, ବୌଦ୍ଧ, ଜୈନ ଇତ୍ୟାଦି ସବୁ ଧର୍ମ ଓ ମତବାଦରେ ବିଶ୍ୱାସୀ ସମନ୍ୱୟର ଅଭିଜ୍ଞତା ଉପଲବ୍ଧି କରନ୍ତି । ସମସ୍ତେ ଅନୁଭବ କରନ୍ତି, ଇଏ ତାଙ୍କର ଦେବତା, ଧନୀର, ନିର୍ଦ୍ଧନର, ରଙ୍କର ଓ ରାଜାର, ମେଲାମୁକୁଳା ଶରଧାବାଲିର ପୁଣି ଶ୍ରୀମନ୍ଦିର ଗମ୍ଭୀରିଘର ଗର୍ଭଗୃହର । ଜଗନ୍ନାଥ ତେଣୁ କେବଳ ଦେବତା ନୁହନ୍ତି, ଏକ ଚେତନା । ସେ ଚେତନାର ଆଲୋଚନା, ପର୍ଯ୍ୟାଲୋଚନା, ଅନୁଶୀଳନ, ବିଶ୍ଳେଷଣ, ତର୍ଜମା-ତର୍କ ଦ୍ୱାଦଶ ଶତାବ୍ଦୀ ପାଖରୁ ହୋଇ ଆସୁଛି, ହୋଇଚାଲିଥିବ । ଏହି କ୍ରମରେ ବିଜୟିନୀଙ୍କ ସ୍ମୃତିରେ ପ୍ରକାଶିତ 'ଦୀନବନ୍ଧୁ ଦଇତାରି' ଏକ କ୍ଷୁଦ୍ର ପ୍ରୟାସ, ଏକ ନମ୍ର ନିବେଦନ ।

ପୂର୍ବରୁ ଥରେ ଉଲ୍ଲେଖ କରିଥିଲି ଡାକ୍ତର ଇନ୍ଦ୍ରମଣି ଜେନା ଜୀବନ-ଜୀବିକା ଜାଲରେ ଡାକ୍ତରୀ ପେସାରେ ପଶିଯାଇଥିଲେ ସୁଦ୍ଧା ହୃଦୟରେ ସାହିତ୍ୟାନୁରାଗୀ । ଡାକ୍ତରୀ ବୃ□ର ବ୍ୟସ୍ତତା ଭିତରେ ବେଳେବେଳେ ତାଙ୍କ ମନ ଆବେଗ ଓ ଭାବପ୍ରବଣତାର ଝରକା ଦେଇ ଶ୍ୟାମଳ ସବୁଜିମା ଆଡେ ଉଙ୍କିମାରେ । ସ୍ମୃତିର ଜଳାକବାଟି ଫାଙ୍କରେ ତାହାର ସ୍ୱର-ଶବ୍ଦ ପଶିଆସେ । ସେସବୁକୁ ସେ ମନରେ ବାନ୍ଧିରଖନ୍ତି ଏବଂ ବର୍ଷକରେ ଥରେ ହେଉ ପଛକେ, 'ବିଜୟିନୀ'ର ପ୍ରକାଶନ ଆଳରେ ତାହା ସମାଜ ଆଗରେ ଥୋଇଦିଅନ୍ତି ।। ସ୍ମରଣିକା ତାହାର ଆଉ ଏକ ପ୍ରମାଣ । ଏଥିରେ ସଂକଳିତ ଲେଖା ଗୁଡ଼ିକୁ ପାଣ୍ଡୁଲିପି ସ୍ତରରେ ପଢିବାର ସୁଯୋଗ ହୋଇଛି । ସେସବୁ ଓଡିଶାର ପ୍ରତିଷ୍ଠିତ କବି ଓ ଲେଖକମାନେ ଲେଖିଛନ୍ତି । ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଏଭଳି ଏକ କାର୍ଯ୍ୟକ୍ରମକୁ ବ□ାଇ ରଖିବା ସହ ପ୍ରତିବର୍ଷ ପୂର୍ବବର୍ଷଗୁଡିକ ପରି ଓ ଅପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ଏବଂ ସମ୍ଭ୍ରାନ୍ତ ଢଙ୍ଗରେ କାର୍ଯ୍ୟକ୍ରମମାନ ଆୟୋଜନ କରୁଥିବାରୁ ଡାକ୍ତର ଜେନା ଏବଂ ତାଙ୍କ ପରିବାରର ସବୁ ସଦସ୍ୟଙ୍କୁ ଧନ୍ୟବାଦ ଜଣାଉଛି ।

ଶ୍ରୀଜଗନ୍ନାଥ ସଭିଙ୍କୁ ଶଂଖେ ପୂରାଇ, ଚକ୍ରେ ଉହାଡି ମଙ୍ଗଳରେ ରଖନ୍ତୁ ।

ଅନୁଭବ
୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର - ୭୫୧୦୦୩
ମୋ: ୯୪୩୭୦୭୭୨୮୮

# ପ୍ରଫେସର ବିଜୟିନୀ ମହାନ୍ତି

ଯାହାଙ୍କର ସ୍ମୃତିରେ ଏହି ସ୍ମରଣିକାଟି ପ୍ରକାଶିତ, ତାଙ୍କ ବିଷୟରେ ଦି ପଦ ନ ଲେଖିଲେ, ଏହି ସ୍ମରଣିକାଟି ସମ୍ପୂର୍ଣ୍ଣ ହେବନାହିଁ।

ଜନ୍ମ (୧୯୫୭)ରୁ ମୃତ୍ୟୁ (୨୦୧୩) ମଧ୍ୟର ୫୫ ବର୍ଷର ଜୀବନରେ ବିଜୟିନୀ ସବୁ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି। ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି। ସବୁ ପରୀକ୍ଷାରେ ବିଶେଷ କୃତିତ୍ୱ ହାସଲ କରିଛନ୍ତି, ସିଏ ବି ତାଙ୍କର ଶୈଳବାଳା ମହିଳା ମହାବିଦ୍ୟାଳୟର ଏକାସାଙ୍ଗରେ କଲେଜ ଓ ହଷ୍ଟେଲର ସେକ୍ରେଟାରୀ ହୋଇପାରିଥିଲେ। ଶିକ୍ଷାକ୍ଷେତ୍ରରେ କୃତିତ୍ୱର ସହିତ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡି.ଲିଟ୍. ଲାଭ କରିଛନ୍ତି। ସେ ବିବାହ ପରେ ଆହୁରି ଆଦର୍ଶମୟୀ ହୋଇଯାଇଛନ୍ତି ନିଜ ଶାଶୂଘରେ। ପୁଅ ଝିଅଙ୍କୁ ଯେପରି ସ୍ନେହ ଦେଇ ମଣିଷ କରିଛନ୍ତି, ସମସ୍ତେ ଦେଖିଛନ୍ତି, ସମସ୍ତେ ତାଙ୍କର ହସ ହସ ମୁହଁ ଦେଖି ଆଉ ଥରେ ଦେଖିବାକୁ ଚାହିଁ ଥାଆନ୍ତି, ପୁଣି ଏମିତି କଥା କହି ନିଜର ହୋଇଯାଆନ୍ତି, ଯେ କେହି ଭାବିବ ସେ ବ୍ୟକ୍ତିଗତ ଭାବରେ ତାଙ୍କର ଆତ୍ମୀୟା। ଏହି ମଣିଷପଣିଆ ନେଇ ବିଜୟିନୀ କାର୍ଯ୍ୟ କ୍ଷେତ୍ରରେ ବି ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା ହେଉ, ଗବେଷଣା ହେଉ ଅବା ପୁସ୍ତକ ପ୍ରଣୟନ ହେଉ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଏ। ତିରୋଧାନ ଦିବସରେ 'ବିଜୟିନୀ ସ୍ମୃତି ସଭା' ହୁଏ ସେପ୍ଟେମ୍ବର ୧୬ ତାରିଖରେ। ଏହି ଉପଲକ୍ଷେ 'ବିଜୟିନୀ' ନାମକ ସ୍ମରଣିକା ପ୍ରକାଶିତ ହୁଏ। ଆତ୍ମୀୟ ଓ ବନ୍ଧୁମାନଙ୍କ ଆକାଂକ୍ଷାରେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତି ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି ୨୦୧୪ ମସିହାରୁ। ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ ''ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟର ସେହି ପରି 'ବିଜୟିନୀ ସ୍ମାରକୀ ପୁରସ୍କାର' ୨୦୧୪ରୁ ଦିଆ ହେଉଛି। ନିଜେ ଗଭୀର ଭାବରେ ସମ୍ପୃକ୍ତି ଥିବା ତାଳପଦେଶ୍ୱରୀ ସାହିତ୍ୟ ଆସର, ବାଣୀବିହାରରେ ୨୦୧୪ ଠାରୁ ତାଳପଦେଶ୍ୱରୀ ବିଜୟିନୀ ସମ୍ମାନ ପୁରସ୍କାର ଦିଆଯାଉଛି।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଛି, କେତେଜଣ ଡକ୍ଟରାଲ ଗବେଷକଙ୍କୁ ଅଧାରେ ରଖିଦେଇ ନିୟତିର ନିର୍ଦ୍ଦେଶରେ ଚାଲିଯାଇଛନ୍ତି। ବର୍ତ୍ତମାନର ବିଭାଗୀୟ ମୁଖ୍ୟା ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରୁଛି। ବିଭାଗର କେତୋଟି ପୁସ୍ତକ ପ୍ରଣୟନ ଯାହା ତାଙ୍କର ଲକ୍ଷ୍ୟଥିଲା, ତାହାର କାର୍ଯ୍ୟକ୍ରମ ବି ସେ ପୂରଣ କରିବେ ବୋଲି ଆଶାବାଦୀ। ଏ ବର୍ଷଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ 'ବିଜୟିନୀ ମେମୋରିଆଲ ବକ୍ତୃତା' ଡିସେମ୍ବର ମାସରେ ଅନୁଷ୍ଠିତ ହେବାର ଲକ୍ଷ୍ୟ ରହିଛି।

**ଡାକ୍ତର ଇନ୍ଦ୍ରମଣି ଜେନା,**
ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ

# ଦୀନବନ୍ଧୁ ଦଇତାରି


| | | | | |
|---|---|---|---|---|
| | ଉପକ୍ରମ | ଡା ଇନ୍ଦ୍ରମଣି ଜେନା | | |
| | ଅଭିମତ | ଡ. ଗୌରହରି ଦାସ | | |
| ୧. | **ଦୀନବନ୍ଧୁ ଦଇତାରି** | | | |
| | ବାଜିକର | ଡ. ଫନୀ ମହାନ୍ତି | - | ୧୩ |
| | ଦୀନବନ୍ଧୁ | ଶତ୍ରୁଜିତ୍ | - | ୧୪ |
| | ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି | ଡ. ସଂଘମିତ୍ରା ମିଶ୍ର | - | ୧୫ |
| | ବନମାଳୀ ଦାସ | ସଂଗୃହୀତ | - | ୧୯ |
| | ସେ ମଣିଷ ପୁଣି ଦେବତା | ସୁଲୋଚନା ଦାସ | - | ୨୧ |
| | ଦୀନବନ୍ଧୁ ସିଏ ବିଶ୍ୱସିନ୍ଧୁ | ଡ. କେଶବ ଚନ୍ଦ୍ର ଶତପଥୀ | - | ୩୦ |
| ୨. | **ପୁରୁଷୋତ୍ତମ** | | | |
| | ତୁମେ | ଡ. ଅଭିନ୍ନ ଚନ୍ଦ୍ର ସାହୁ | - | ୩୧ |
| | କାଳାତୀତ | ଉମାକାନ୍ତ ମହାପାତ୍ର | - | ୩୨ |
| | ରେଣ୍ଟୋର ଜଗନ୍ନାଥ ଦର୍ଶନ | ଡ. ନାରାୟଣ ସାହୁ | - | ୩୪ |
| | ଜଗନ୍ନାଥ ସଂସ୍କୃତିରେ ମାନବବାଦ ଓ ସର୍ବଧର୍ମସମଭାବ | ଡ. ପ୍ରଫୁଲ୍ଲ କୁମାର ମହାପାତ୍ର | - | ୩୬ |
| | କବି ସାରଳା ଓ ପ୍ରଭୁ ଜଗନ୍ନାଥ | ଡ. ଭବାନୀ ଶଙ୍କର ଦାଶ | - | ୩୯ |
| | ଜଗନ୍ନାଥମୟ | ସରୋଜିନୀ ନାୟକ,<br>ବିଜୟିନୀ ମହାନ୍ତି | - | ୪୧ |
| | ମହାପ୍ରଭୁ ଖାଣ୍ଟି ଓଡିଆ | ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ | - | ୪୫ |
| ୩. | **ଶ୍ରୀଜଗନ୍ନାଥ** | | | |
| | ବନ୍ଦ କବାଟ ସେପାଖେ | ମନଜ୍ୟୋତ୍ସ୍ନା ସାମଲ | - | ୪୭ |
| | ନୀଳାଚଳେ ବିଜେ କରି | ଗୌରାଙ୍ଗ ଚରଣ ଲେଙ୍କା | - | ୪୮ |
| | କାଳିଆ କାଳିଆ ତ୍ରିପଣ୍ଡ କାଳିଆ ପିନ୍ଧିଛି ଝୀନ ପତନି | ଡ. ସଚ୍ଚିଦାନନ୍ଦ ପ୍ରଧାନ | - | ୫୧ |
| | ଦାରୁବ୍ରହ୍ମ ରୂପେ ଅଟଳ ଅଚଳ | ପଦ୍ମଶ୍ରୀ ନଳିନୀ ରଞ୍ଜନ ମହାନ୍ତି | - | ୫୩ |
| | ସେ ତ ଭକତ ଡୋରିରେ ବନ୍ଧା | ଡ. ଉର୍ମିମାଳା ଆଚାର୍ଯ୍ୟ | - | ୫୫ |
| | ଶରଣ ତୋ ପାଦ ଗତେ | ଡା. ଇନ୍ଦ୍ରମଣି ଜେନା | - | ୫୭ |
| | ସେ କିଏ ? | ତପନ କୁମାର ମହାପାତ୍ର | - | ୬୧ |

| | | | |
|---|---|---|---|
| ୪. | **ଜଗବନ୍ଧୁ** | | |
| | ଥରେ ଶୁଣ ଡାକ ମୋର ପ୍ରଭୁ | ହଂସନାଥ ମୁଦୁଲି | - ୬୫ |
| | ଏମିତି ସାମନ୍ତ ତ୍ରିଭୁବନେ ନାହିଁ ନାଶନେ ଆରତ ଆରତ | ମନୋରମା ବିଶ୍ୱାଳ ମହାପାତ୍ର | - ୬୬ |
| | ଉତ୍କଳର ନେତା ନିଜେ ନାରାୟଣ | ଡ. ଉଦ୍ଧବ ଚରଣ ନାୟକ | - ୬୮ |
| | ରତ୍ନସିଂହାସନ ମହୁଡମଣି | ଡ. ସୂର୍ଯ୍ୟ ନାରାୟଣ ମିଶ୍ର | - ୭୩ |
| | ଦେଖୁ ଦେଖୁ ଭାସି ଗଲି | ଡା ଇନ୍ଦ୍ରମଣି  ଜେନା | - ୭୬ |
| | କେବଳ ତୁମେ | ଡ. ସୋମନାଥ ବିଷୋୟୀ | - ୮୫ |
| ୫. | **ଚକାଡୋଳା** | | |
| | ଏତିକି ମାଗୁଣି | ସୁଶାନ୍ତ କୁମାର ଆଚାର୍ଯ୍ୟ | - ୧୦୭ |
| | ଭକ୍ତିର ସୁରେ ସୁରେ | ବିଦେଶୀ ଭଞ୍ଜ | - ୧୦୮ |
| | ଶ୍ରୀଜଗନ୍ନାଥ: ଚେତନଶୀଳତାର ପ୍ରତୀକ | ଡ. ଫକୀର ମୋହନ ସାହୁ | - ୧୧୧ |
| | ସିଏ ତୋ ସାଗର, ତୁ ତା'ର ଲହରୀ | ଡା. ଇନ୍ଦ୍ରମଣି  ଜେନା | - ୧୧୩ |
| | ନମଙ୍କ ବାହାଘର ଭୋଗ | ଆରିଆ ରାଉତରାୟ | - ୧୧୭ |
| | ନେଇ ଯା କାଳିଆ ମୋତେ ପାଖକୁ ତୋର | ନରେନ୍ଦ୍ର ପଣ୍ଡା | - ୧୧୮ |
| ୬. | **ପତିତପାବନ** | | |
| | ସର୍ବନାମ | ଡ. ଶାରଦା ରଥ | - ୧୧୯ |
| | ହଟିଆ ଗୋସେଇଁ ହଟ କର ନାହିଁ | ଡ. ବିଜୟଲକ୍ଷ୍ମୀ ମହାନ୍ତି | - ୧୨୦ |
| | ରଖେ ହରି ମାରେ କିଏ | ସୁଶୀଲ କୁମାର ପଟ୍ଟନାୟକ | - ୧୨୩ |
| | ପ୍ରତିବିମ୍ବ | ବିଜୟଲକ୍ଷ୍ମୀ ଦାଶ | - ୧୨୫ |
| ୭. | **ମହାବାହୁ** | | |
| | ହସୁଥିଲା ଜଗା | ଅମୂଲ୍ୟ କୁମାର ଦାଶ | - ୧୨୭ |
| | ହେଲ କି ନିଷ୍ଠୁର ଚିତ୍ତ | ଡ. ଦେବେନ୍ଦ୍ର କୁମାର ପତି | - ୧୨୮ |
| | ଅନନ୍ତ ଭାବମୟ ଠାକୁର | ମନୋଜ କୁମାର ମହାପାତ୍ର | - ୧୩୦ |
| | ଯିବ କି ସତେ ଦୁଃଖ ମୋ'ରି | ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ | - ୧୩୪ |
| | ଦୀନବନ୍ଧୁ, ଦୁଃଖ ନ ଗଲା ମୋହରି | ଡ. ଲକ୍ଷ୍ମୀଧର ତ୍ରିପାଠୀ | - ୧୩୬ |
| | ତୋହର ମାୟା ଏ ସଂସାର | ଡ. ବିଷ୍ଣୁପ୍ରିୟା ଓତା | - ୧୩୮ |
| | ଆସକ୍ତି ଓ ଅନାସକ୍ତି | ଦ୍ୱାରିକା ମୋହନ ମିଶ୍ର | - ୧୪୦ |
| | ଦୁଃଖ ନ ଗଲା ମୋହରି | ଡ. ଅଭିନ୍ନ ଚନ୍ଦ୍ର ସାହୁ | - ୧୪୩ |

# ବାଜିକର

**ଡ. ଫନୀ ମହାନ୍ତି**

କେତେ ବୁନ୍ଦା ଗାଢ ରଙ୍ଗେ
କିଏ ସେହି ବିଚିତ୍ର ବିଶ୍ୱକର୍ମା ଅଯତ୍ନେ
ଗଢିଲା ତାକୁ କୁତ୍ସିତ ରୂପରେ
ପୋଡା ଷଢେଇର ରଙ୍ଗେ ରଙ୍ଗାୟିତ
ତାର ଦୁଇ ଡୋଳା, ଅବା କେଉଁ ନଗ୍ନ
ନଟୀର ମେଖଳା, ଅବା ସେ' କି
ଯନ୍ତ୍ରଣାର ଏକ ନୀଳନଦୀ
ଯେଉଁଠୁ ଆରମ୍ଭ ତାର ସେଇଠିହିଁ
ତା'ର ସମାଧି ।
ସେ କି ଏକ କାଳ୍ପନିକ ସ୍ମୃତିର ସାନ୍ତ୍ୱନା !
ତାର ଜନ୍ମମୃତ୍ୟୁ ପ୍ରଜନନ
ସମୟଖଣ୍ଡର ତୁଚ୍ଛା ଆନମନା ।

କେତେ ଗାଢବର୍ଣ୍ଣ ସମୁଦ୍ରରେ
ଉଚ୍ଛୁଳୁଛି ତା' ନାଲି ଅଧର
ଗୋଲଗୋଲ ବୃତ୍ତରେବି ଅର୍ଥହୀନ
ବିସ୍ମୟର କେତେଗୋଟି ଗାର,
ଶବ୍ଦର ସାମ୍ରାଜ୍ୟ ଗଢି
ସେ ଚତୁର ସୁହଟ ନାଗର ଅଶବ୍ଦ
ଓ ଅରୂପରେ ପରିଚିତ ହୁଏ
ନାମରୂପବର୍ଣ୍ଣହୀନ ହୋଇ
ମୂକ ଓ ବଧିରଙ୍କୁ
ସଗୁଣ ଓ ନିର୍ଗୁଣର ତାତ୍ପର୍ଯ୍ୟ ବୁଝାଏ ।

ମୁଁ ଶୁଣିଲି ସେ ଶବ୍ଦକୁ ଅଶବ୍ଦ
ମନ୍ଦିରେ, ମୁଁ ଦେଖିଲି ସେ ରୂପକୁ
ଅରୂପ ମନ୍ଦିରେ, ତାର ବର୍ଣ୍ଣ-ଆତ୍ମା-କାୟା-ଛାୟା
ଦୃଶ୍ୟମାନ ରତୁ ଅରତୁରେ
ଅବତାରୀ ପୁରୁଷ ସେ ବିରାଜିଛି ଅନୁଜ୍ଜ୍ୱଳ
ମହାବେଦୀ ପରେ ।

କେତେ ଦୃଷ୍ଟିକଟୁ ତାର ଆଖିର ଚାହାଣି ?
କେତେ ଅନ୍ଧ ମମତ୍ୱବୋଧରେ ଭରା ତାର ରୂପର
ରାଗିଣୀ ? ଚାହିଁଦେଲେ ପଲକପାତରେ ଦିଶି
ଯାଏ ପିଣ୍ଡରୁ ବ୍ରହ୍ମାଣ୍ଡ
ଆଖିରେ ପରଳ ମାଡେ ନିମିଷକେ ନଷ୍ଟ
ହୁଏ ବୟସର ବାଟ ଆଉ ବନ୍ଧ ।

ସ୍ଥିତି ମୋର ହଜିଯାଏ
ସଜ୍ଞାମୋର ଲୋପ ପାଏ
ଲିଭିଯାଏ ଦିକିଦିକି ଜଳୁଥିବା ଜୀବନର ବତି
ଭଙ୍ଗାରଥ ପରେ ଚଢି
କେତେ ଅବା ଗାଉଥିବି ତା' ଗୁଣ ସୁମରି
ବନ୍ଦନାର ଗୀତି ।

ସବୁ ଶୂନଶାନ୍
ଚାରିଦିଗେ, ଭେଦ ବ୍ରହ୍ମାଣ୍ଡେ ନିରବତାର
ନିଃଶବ୍ଦ ରାଜୁତି, ଦରମଲା ଶବ୍ଦଙ୍କର
ଭୟାନକ ଲୀଳାଖେଳା ଆଦୀପିତ ରତି
"ରତିରୁ ଜାତ ପୀରତି ପ୍ରୀତିରୁ ରତି ଯେ । "

ନିର୍ଜନ ଜନପଥ ପରେ
କେତେ ହଇହଲ୍ଲା, କେତେକେତେ
ଅଶ୍ଳୀଳ ଚିତ୍କାର
ବେପରୁଆ ମେଷପଲଙ୍କର
ତା ଦୃଷ୍ଟିରେ ବୁଝା ଓ ଅବୁଝା ଭାବ
ସେ' କି ଏକ
ଧୂର୍ତ୍ତ ବାଜିକର, ଶଠ ନାଗର !!

ତା' ଆଖିରେ ଆଖି ରଖି
ତା' ଭିତରେ ନିଜକୁ ହଜାଏ
ନିଜକୁ ହଜେଇଦେଇ ନିଜକୁ ମୁଁ
ଖୋଜୁଥାଏ ବେଳ ଅବେଳରେ,
କାଳକୁ ଧିକ୍କାର କରି କାଳ ପରି
ମହାକାଳରଥ କେ ଟାଣୁଥାଏ ଧୀରେ, ଅତି ଧୀରେ !!

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର-୧୦
ମୋ - ୯୯୩୭୯୬୧୮୭୮

# ଦୀନବନ୍ଧୁ ଦଇତାରି

**ଶତ୍ରୁଜିତ୍**

ଦୀନବନ୍ଧୁ ଦଇତାରି
ମୋ ଦୁଃଖ ନହରି
ଜଗତ ଜନଙ୍କ ଦୁଃଖ ହରିନେଲେ
ଦୁଃଖ ମୋର ଯିବି ପାସୋରି ...........(୧)

ସବୁ ଦେଲ ତୁମେ
ସବୁ ନେଲ ତୁମେ
ସବୁରି କରତା ହୋଇ,
କେବେ ଦେଲ ସୁଖ
କେବେ ଦେଲ ଦୁଃଖ
କେବେ ଖରା କେବେ ଛାଇ,
ଦିନେ ହେଲେ ପ୍ରଭୁ
ମାଗି ନାହିଁ କିଛି
କରିନାହିଁ ମୁଁ ଗୁହାରି ...........(୨)

ସୂର୍ଯ୍ୟ ଆତଯାତ
ଫୁଟେ ପାରିଜାତ
ତୁମରି ନିର୍ଦ୍ଦେଶ କ୍ରମେ,
ଦେଖେ ଦୃଷ୍ଟିହୀନ
ଚାଲେ ପଦହୀନ
ଅଗତିର ଗତି ତୁମେ
କି ଲାଗି ହେ ପ୍ରଭୁ
ଜଗତ ଜନଙ୍କୁ
କରୁଥାଅ ଏତେ ସରି ...........(୩)

ତୁମେ ପରା ଧାତା
ଜଗତର ପିତା
ଅନାଥ ଜନଙ୍କ ସାଇଁ ,
ଅଖିଳର ଗୀତି
ଅରଚନା, ଭକ୍ତି
ତୁମ ବିନା ମୁକ୍ତି କାହିଁ
ସାର୍ଥକ କର
ହରି ନାମ ତୁମ
ସଂସାରର ଦୁଃଖ ହରି ...........(୪)

ମୋ - ୯୮୬୧୫ ୫୦୭୬୧



# ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି

ଡ. ସଙ୍ଘମିତ୍ରା ମିଶ୍ର

ଏ ସଂସାର ଦୁଃଖମୟ। ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ନାନାବିଧ ରୂପ ଦେଖେ, ଭୋଗେ। କେବେ ସେ ନିଜ କର୍ମପାଇଁ ଦୁଃଖ ପାଏ ତ କେବେ ପରିବେଶ କର୍ତ୍ତୃକ ଦୁଃଖପାଏ। ପୁଣି କେବେ ବିନା ଦୋଷରେ ଦଣ୍ଡିତ ମଧ୍ୟ ହୁଏ ଯାହାକୁ ଆମେ ଦୈବୀଦଣ୍ଡ ବୋଲି କହିଥାଉ। ଏହି ଦୁଃଖର ବିନାଶ ପାଇଁ ଯୁଗ ଯୁଗ ଧରି ମଣିଷ ଏକ ବୃହତ୍ତର ଶକ୍ତି ପାଖରେ ପ୍ରାର୍ଥନା କରୁଥାଏ। ଯଦିଚ କର୍ମଫଳ ଅବଶ୍ୟ ଭୋଗ କରିବାକୁ ହୁଏ, ତଥାପି ଈଶ୍ୱରଙ୍କ ଇଚ୍ଛାରେ ତାହା ହାଲୁକା ହୋଇଯାଇପାରେ। ପୁଣି ମଧ୍ୟ ବିଶ୍ୱାସ କରାଯାଏ ଯେ ଥରେ ସେହି ଶକ୍ତି ସହିତ ସଂଶ୍ଳିଷ୍ଟ ହୋଇଗଲେ ଆଉ ସାଂସାରିକ ଦୁଃଖ ଶୋକର ଚକ୍ରରେ ପଡିବାର ନ ଥାଏ। ଏ କଥା କିନ୍ତୁ ବହୁ ପରୀକ୍ଷିତ ଯେ ମନ ଦୃଢ ହୋଇଗଲେ ବାହ୍ୟ ଦୁଃଖକଷ୍ଟ ଆଉ ବ୍ୟକ୍ତିକୁ ପ୍ରଭାବିତ କରିପାରେ ନାହିଁ। ଯଦି ନୌକାର ନାବିକ ଦୃଢ ଥାଏ, ତେବେ ପଥିକ ଆଉ ସାମୁଦ୍ରିକ ଝଡକୁ ଖାତିର କାହିଁକି କରିବ ?

ଆମ ପରଂପରାରେ ବହୁ ଦେବତା ପୂଜା ରହିଛି। ଶାସ୍ତ୍ରୀୟ ପଞ୍ଚଦେବତା ପୂଜନ୍‌ଠାରୁ ଗ୍ରାମଦେବୀପୂଜନ୍ ପର୍ଯ୍ୟନ୍ତ ସବୁଠାରେ ଆମ ବିଶ୍ୱାସ ଆମକୁ ସାହାଯ୍ୟ କରିଥାଏ। ଆମେ ଦଶ ଅବତାର ସ୍ତୋତ୍ର ମଧ୍ୟରେ ଜୀବଜଗତର କ୍ରମବିକାଶର ଧାରା ଦେଖି ବିମୁଗ୍ଧ ହେଉ।ପୁଣି ସହସ୍ରଶିର ପୁରୁଷର ପରିକଳ୍ପନା ମଧ୍ୟରେ ବିଶ୍ୱବ୍ରହ୍ମାଣ୍ଡର ବିଶାଳତ୍ୱ ଉପଲବ୍ଧି କରିପାରୁ।ଏ ସବୁ ଭିତରେ ମନୁଷ୍ୟମାତ୍ରେ କେଉଁଠି ନା କେଉଁଠି ଏକ ଅଲୌକିକ ଶକ୍ତି ପାଖରେ ନତମସ୍ତକ ହୁଏ। ଈଶ୍ୱର, ଆଲ୍ଲା, ଯୀଶୁ ସମସ୍ତ ରୂପରେ ସେହି ବିଶ୍ୱାସ ପ୍ରତିବିମ୍ବିତ ହୋଇଥାଏ। ସେହି ଶକ୍ତିର ଶରଣାପନ୍ନ ହେଲେ ଜୀବନ ଅର୍ଥପୂର୍ଣ୍ଣ ହୁଏ। ଆମ ପରଂପରାରେ ଦୁଷ୍କୃତ ବିନାଶ ଓ ସନ୍ଥ ପରିତ୍ରାଣ ପାଇଁ ବାରମ୍ବାର ସେହି ଦୈବୀଶକ୍ତି ବିଭିନ୍ନ ରୂପରେ ଧରାବତରଣ କରିଥାଆନ୍ତି।

ଜଗନ୍ନାଥ ଏଭଳି ଏକ ଦେବତା ଯାହାଙ୍କ ପାଖରେ ସାନ ବଡ ଭେଦ ନାହିଁ। ତାଙ୍କ ଦ୍ୱାର ସର୍ବଦା ଉନ୍ମୁକ୍ତ ଓ ତାଙ୍କର ପ୍ରସାରିତ ହସ୍ତ ସତେ ଯେମିତି ଏ ସଂସାରର ପ୍ରତ୍ୟେକ ପ୍ରାଣୀକୁ କୋଳ କରିବାକୁ ଉଦ୍ୟତ। ଓଡିଆ ପ୍ରାଣରେ ଜଗନ୍ନାଥଙ୍କ ନିକଟରେ ଭକ୍ତି ଯେତିକି, ତାଙ୍କ ପ୍ରତି ଅଭିମାନ ତା ଠୁଁ ବେଶି। ଓଡିଶାର ଇତିହାସ ତାଙ୍କୁ କେନ୍ଦ୍ରରେ ଧରି ଗତିଶୀଳ। ତେଣୁ ଆମ ସ୍ୱାଭିମାନର ଠାକୁର ଜଗନ୍ନାଥ ଆମର ପରିଚିତି। ଆମ ପାରିବାରିକ ଜୀବନର ମଧ୍ୟ ସେ କେନ୍ଦ୍ରବିନ୍ଦୁ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଆମ ସହିତ ଥାଆନ୍ତି। ଶୁଭକାର୍ଯ୍ୟରେ ତାଙ୍କୁ ଲୋଡା ପଡେ। ପୁଣି ମୃତ୍ୟୁକାଳରେ ନିର୍ମାଲ୍ୟଟିକିଏ ପାଲଟି ଯାଏ ଏକାନ୍ତ ଆବଶ୍ୟକତା। ସମୟ ସହିତ ଜଗନ୍ନାଥ ଚେତନା ବଦଳି ଚାଲିଛି। ସେଥିପାଇଁ ବୋଧହୁଏ ସେ ଚିରକାଳ ପ୍ରାସଙ୍ଗିକ। ଆମ ପାରିବାରିକ ଜୀବନର ସଂହତିର ସିଏ ଚିରନ୍ତନ ପ୍ରତୀକ।

ଓଡିଶାର କଳା, ସଂସ୍କୃତି, ଶିକ୍ଷା, ନୃତ୍ୟ, ସଂଗୀତ ସବୁଠି ତାଙ୍କର ଉପସ୍ଥିତି। ସେ ପୁଣି ଭକ୍ତଙ୍କ ଦୁଃଖ ବୁଝିବାକୁ ବର୍ଷରେ ଥରେ ରଥ ଚଢି ବଡଦାଣ୍ଡରେ ଯାଆନ୍ତି ବନ୍ଧୁ ସଙ୍ଖୋଳିବାକୁ। ପ୍ରତ୍ୟେକ ଓଡିଆ ପ୍ରାଣରେ ସେ ଅଧିଷ୍ଠିତ। ଜଗନ୍ନାଥଙ୍କ ନାମ ନେଇ ଅନୁକୂଳ କରାଯାଏ। ସାଧାରଣ ଓଡିଆଟିଏ ପାଇଁ ଜଗନ୍ନାଥ ଏକ ଦେବତା ମାତ୍ର ନୁହନ୍ତି ସେ ଏକ ଚେତନା, ଯେଉଁଥିରେ ଓଡିଆ ପ୍ରାଣର ସମର୍ପଣ ଭାବନା ସହିତ ଭକ୍ତି ଓ ବିଶ୍ୱାସ ଏକୀଭୂତ ହୋଇଯାଇଛି। ସେ ଅବତାରୀ ପୁରୁଷ, ତାଙ୍କଠାରୁ ଅବତାରମାନେ ସୃଷ୍ଟି ହୋଇ ବିଲୀନ ହୋଇଛନ୍ତି। ସକଳ ରଙ୍ଗର ସମାହାର ବୋଲି ତାଙ୍କର ରଙ୍ଗ କଳା। କୌଣସି ରୂପରେ ତାଙ୍କୁ ଆବଦ୍ଧ କରି ହୋଇନାହିଁ ବୋଲି ସେ ହସ୍ତପଦହୀନ ଅରୂପ। ସବୁ ଧର୍ମର ସେ ସମନ୍ୱୟ। ସେଠି ଧନୀଦରିଦ୍ର ବ୍ରାହ୍ମଣ ଶୂଦ୍ର ଏକାକାର। ତେଣୁ ସେ ପୁରୀନାଥ, ଉତ୍କଳନାଥ ବା ଭାରତନାଥ ନୁହଁନ୍ତି, ସେ ଜଗତର ନାଥ। ପୁଣି ତାଙ୍କର ଅନ୍ୟନାମ ପତିତ ପାବନ, ଦୀନବନ୍ଧୁ, ଆର୍ତ୍ତତ୍ରାଣ, ଦୁଃଖୀଶ୍ୟାମ, ଅରକ୍ଷରକ୍ଷଣ, ମାନଉଦ୍ଧାରଣ ଏମିତି କେତେ କ'ଣ।

'ଦୀନବନ୍ଧୁ ଦଇତାରି' ପଦଟି କବି ବନମାଳୀଙ୍କର ପ୍ରସିଦ୍ଧ ଜଣାଣର ପ୍ରଥମ ପାଦ।

ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି
ହେଲ କି ନିଷ୍ଠୁର ଚିତ୍ତ, ନୀଳାଚଳେ ବିଜେ କରି

କବି ବନମାଳୀ ଦାସ ଅଷ୍ଟାଦଶ ଶତାବ୍ଦୀର କବି। ସେ ଗଜପତି ବୀରକିଶୋର ଦେବ (୧୭୩୭-୧୭୯୩) ଙ୍କର ସମସାମୟିକ।

ଜୀବନର ଅର୍ଦ୍ଧାଧିକ ସମୟ ସେ ଶ୍ରୀକ୍ଷେତ୍ରରେ ବିତାଇଥିଲେ । ରାଧାକୃଷ୍ଣଙ୍କର ଏକନିଷ୍ଠ ଉପାସକ ବନମାଳୀ ଜଗନ୍ନାଥଙ୍କ ସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଏକାକାର କରି ବିହ୍ୱଳ ହେଉଥିଲେ । ବନମାଳୀଙ୍କ ଭଜନ ଓ ଜଣାଣ ଗୁଡିକ ବେଶ୍ ସରଳ ତଥା ଭାବମୟ । ତାଙ୍କର ଅନେକ ଲୋକପ୍ରିୟ ଭଜନ ରହିଛି ଯେମିତି ଚକାଡୋଳା ଚିକ୍କଣ କାଳିଆ ହେ ଜଗନ୍ନିବାସ ହେ, ଆହେ ଜଗବନ୍ଧୁ, ଏହି ଅଳି ଶ୍ରୀଛାମୁରେ, ଦୀନବନ୍ଧୁ, ଆହେ ପ୍ରଭୁ କଳା ଶ୍ରୀମୁଖ ପ୍ରଭୃତି ।

ଏଠାରେ ଦୀନବନ୍ଧୁ ଦଇତାରି ଶୀର୍ଷକରେ ଜଗନ୍ନାଥଙ୍କର ବିଭିନ୍ନ ଭଜନ ଓ ଜଣାଣର ଆଲୋଚନା କରାଯିବ । କାରଣ ପ୍ରାଚୀନ ଓ ମଧ୍ୟକାଳୀନ କାବ୍ୟ ପରମ୍ପରାରେ ମଧ୍ୟ ଜଗନ୍ନାଥଙ୍କ କ୍ଷେତ୍ର, ପ୍ରଶସ୍ତି ତଥା ଭକ୍ତବତ୍ସଳ ପ୍ରଭୁଗଣଙ୍କ ସମ୍ପର୍କରେ ଅନେକ ରଚନା ରହିଛି । ଏପରିକି ଆମର ପ୍ରିୟ କବିମାନେ ଜଗନ୍ନାଥଙ୍କ ଭଜନରେ ରାମ, କୃଷ୍ଣ, ବୁଦ୍ଧଙ୍କ ଠାରୁ ନୃସିଂହ, ବାମନ, ପର୍ଶୁରାମ ସମସ୍ତଙ୍କୁ ଏକାକାର କରିଛନ୍ତି । ଜଗନ୍ନାଥଙ୍କ ରୂପ ଭିତରେ ବଂଶୀଧାରୀ କୃଷ୍ଣ ଓ ଧନୁର୍ଦ୍ଧାରୀ ରାମଚନ୍ଦ୍ରଙ୍କ ରୂପ ଦେଖି ଭାବବିହ୍ୱଳ ହୋଇଛନ୍ତି । ଅବଶ୍ୟ ଶ୍ରୀମନ୍ଦିରର ଅନେକ ନୀତିକାନ୍ତି ଭିତରେ ଏହି ଅବତାର ମାନଙ୍କର ଆରାଧନା ପାଇଁ ନିର୍ଦ୍ଦିଷ୍ଟ ଦିନ ରହିଛି ମାତ୍ର କବି ଚେତନାରେ ଜଗନ୍ନାଥ ସକଳ ଧର୍ମର ଏକୀଭୂତ ସତ୍ତା ।

### ଦୀନବନ୍ଧୁ ଭାବେ ଜଗନ୍ନାଥ –

ଜଗନ୍ନାଥଙ୍କର ଦୀନବନ୍ଧୁ ନାମ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରାୟ ପ୍ରତ୍ୟେକ ପ୍ରାଚୀନ ଓଡିଆ ସାହିତ୍ୟର କବି ନିଜ ନିଜ ଦୃଷ୍ଟିକୋଣରୁ ଏହି ଦୀନବନ୍ଧୁ ନାମର ଯଥାର୍ଥତା ପ୍ରତିପାଦନ କରିଛନ୍ତି । କବି ବଳରାମ ଦାସ କୁହନ୍ତି,

"ଦୀନ ବନ୍ଧୁ ହେ, ମୋ ଦୁଃଖ ନ ଗଲା ଯେ
ତୁମେ ଦୀନବନ୍ଧୁ ମୋତେ ପାସୋରିଲେ
ମୋ ବନ୍ଧୁ ହୋଇବ କେ"

ଭକ୍ତକବି ଜଗନ୍ନାଥ ଦାସ ମଧ୍ୟ ତାଙ୍କର ସର୍ବାଧିକ ଜନପ୍ରିୟ ଗ୍ରନ୍ଥ ଭାଗବତରେ ଗାଇଛନ୍ତି–

"ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ
ନମସ୍ତେ ପ୍ରଭୁ ବାସୁଦେବ, ଭକତ ଜନଙ୍କ ବାନ୍ଧବ"

ଅଚ୍ୟୁତାନନ୍ଦ ମଧ୍ୟ "ଦୀନବନ୍ଧୁ" ଭାବେ ଜଗନ୍ନାଥଙ୍କୁ ସମ୍ବୋଧନ କରିଛନ୍ତି ଯିଏ ମୃଗିଣୀର ଆର୍ତ୍ତି ଶୁଣିଥିଲେ, ପକ୍ଷୀର ଅଣ୍ଡାକୁ ସୁରକ୍ଷା ଦେଇଥିଲେ । ସେ ପୁଣି କୁହନ୍ତି, "ଚକ୍ଷୁକୁ ଯେମିତି ପିଛୁଡା ଆବୋରିଥାଏ, ତୁମେ ମୋତେ ସେହିଭଳି ଆବୋରିଥାଅ ।" ସାଲବେଗ ନିଜର ଆର୍ତ୍ତନଳିନୀବନକୁ ଦଳନ କରିବାରେ ସମର୍ଥ ପ୍ରଭୁଙ୍କୁ ସ୍ମରଣକରି ଦ୍ରୌପଦୀ, ହରିଣୀ, ବିଭୀଷଣ, ଅଜାମିଳ ଓ ପ୍ରହ୍ଲାଦର ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । "ଦୀନବନ୍ଧୁ ହୋ, କୃପାସିନ୍ଧୁ ହୋ ତୁମେ ଡାକିଲେ ନ ଶୁଣ କାହିଁକି ?" କହିଦେଇ ଅଭିମାନ ପ୍ରକଟ କରିଛନ୍ତି । ଭକ୍ତକବି ରଘୁ ଅରକ୍ଷିତ ପରମ୍ପରାକ୍ରମେ ଅହଲ୍ୟା ଉଦ୍ଧାରଣ, ରାବଣବଧ, କଂସବଧ ପ୍ରଭୃତିକୁ ସ୍ମରଣ କରି ଶେଷରେ–

"ଅନାଥର ନାଥ ସୁଦୟାବହ
ଦୀନ ଅରକ୍ଷିତେ ନିର୍ଦ୍ଦୟ ନୁହଁ"

–ବୋଲି ଗୁହାରି କରିଛନ୍ତି । ଉପେନ୍ଦ୍ର ଭଞ୍ଜ ଜଗନ୍ନାଥଙ୍କୁ ସ୍ମରଣ କରି ତାଙ୍କୁ "ଅନାଥର ନାଥ ନୀଳଗିରିନାଥ" ଭାବେ ସମ୍ବୋଧନ କରିଛନ୍ତି । ପୁଣି ଅନ୍ୟ ଏକ ଭଜନରେ –

"କହେ ଭଞ୍ଜ ବୀରବର ରମାବର ପ୍ରଭୁ ଦୀନଜନ ରକ୍ଷ
ଭାସୁଛି ଏ ଭବ-ଦୁସ୍ତର ଅର୍ଣ୍ଣବ ମଧ୍ୟେ ମୁଁ ହୋଇ ନିରେଖ "

ବା

"ରମା ରମଣ ହେ ତୁମ୍ଭେ ପରା ଦୟାସିନ୍ଧୁ
ଦୀନଠାରେ କିମ୍ପା ହୃଦେ ଅନୁକମ୍ପା
ହେଉନାହି ଦୀନବନ୍ଧୁ "

କବି ଦୀନକୃଷ୍ଣଙ୍କ ଭାଷାରେ –

"ଆହେ ନୀଳାଚଳ ନାୟକ
ଦୀନ ଅକି□ନ ସୁଖଦାୟକ"

ଭକ୍ତକବି ଗୋପାଳକୃଷ୍ଣ ଗାଆନ୍ତି –

"ଜଗବନ୍ଧୁ ଦୟାଳୁ ଥାଉଁ ମନ କାହିଁପାଇଁ ଭାଳୁ ରେ"

ଦୀନଦରିଦ୍ରଙ୍କ ପାଇଁ ତାଙ୍କର କରୁଣାଭଣ୍ଡାର ଖୋଲାଥାଏ ବୋଲି କୁହାଯାଏ । ଗୋପାଳ ବାଳକଙ୍କ ମେଳରେ ଗାଈ ଚରାଉଥିବା ବଂଶୀଧାରୀ ଶ୍ରୀକୃଷ୍ଣ କେବେ ଗୋପୀଙ୍କ ହାତରୁ ଲହୁଣୀ ଖାଆନ୍ତି ତ କେବେ ସେମାନଙ୍କ ଶାଢୀ ଚୋରି କରନ୍ତି । ସବୁ ଭିତରେ ରାଧାଙ୍କର ସମର୍ପଣ ଭାବନା ଶ୍ରେଷ୍ଠ ଭାବରେ ପ୍ରତିପାଦିତ ହୁଏ ଓ ଅଷ୍ଟପାଟବଂଶୀଙ୍କ ଐକାନ୍ତିକ ପ୍ରେମଠାରୁ ରାଧାଙ୍କ ପ୍ରେମର ଉତ୍କର୍ଷ ଜଣାପଡିଯାଏ, କୁହାଯାଏ ଯେ ରାମ ଅବତାରରେ ପ୍ରଭୁଙ୍କୁ ଦେଖି ମୁଗ୍ଧ ହୋଇଥିବା ତପସ୍ୱୀମାନେ ତାଙ୍କୁ ପରଜନ୍ମରେ ଗୋପୀ ଭାବରେ ପାଇ ଧନ୍ୟ ହୋଇଥିଲେ ।

### ଦୁଃଖନାଶନ ଭାବେ ଜଗନ୍ନାଥ –

ଜଗନ୍ନାଥ ଏଭଳି ଠାକୁର ଯିଏ ନ ଡାକୁଣୁ ଶୁଣନ୍ତି । କେବଳ ଅନ୍ତରର ଭକ୍ତିଭାବନା ବ୍ୟତୀତ ସେ ଆଉ କିଛି ଗ୍ରହଣ କରନ୍ତି ନାହିଁ । କେବେ ସେ ଲକ୍ଷ୍ମୀଙ୍କ ସହିତ ପଶାଖେଳୁଥିବାବେଳେ ଭକ୍ତର ଆର୍ତ୍ତି ଶୁଣି ଖେଳ ଛାଡି ଉଠି ଆସନ୍ତି ତ କେଉଁଠି ଶବରୀର ପ୍ରତୀକ୍ଷା ଅବସାନରେ ତା ଠାରୁ ଅଇଁଠା କୋଳି ମାଗି ଖାଆନ୍ତି । ମୁଠାଏ ଖୁଦଭଜା ଖାଇ ବାଲ୍ୟବନ୍ଧୁ ସୁଦାମାଙ୍କୁ ଯାଚିଦିଅନ୍ତି ଅଷ୍ଟଐଶ୍ୱର୍ଯ୍ୟ । ପୁଣି ଗୀତଗୋବିନ୍ଦପ୍ରିୟ ଠାକୁର କିଶୋରୀ କଣ୍ଠରୁ ଗୀତଗୋବିନ୍ଦ ଶୁଣି ବାଇଗଣ କଣ୍ଟାରେ ଚିରି ଦିଅନ୍ତି ନିଜର ପାଟବସ୍ତ୍ର । ଏ ହିସାବ ଖୁବ୍ ଦୀର୍ଘ । ମରହଟ୍ଟା ଶାସନକାଳରେ ରାଜା ବୀରକେଶରୀ ଦେବ ଗାଦିଚ୍ୟୁତ ହୋଇ କିଛିଦିନ ଜଗନ୍ନାଥଙ୍କ ସେବାପୂଜାରୁ ବଞ୍ଚିତ ହୋଇଥିଲେ । ସେଇ ସମୟରେ ନିଜର ଦୁଃଖ

ଜଣାଇ ବୀରକେଶରୀ ଦେବ ଗାଇଛନ୍ତି-

"ଦୁଃଖନାଶନ ହେ ସୁଖ ନ ପାଇଲି ଦିନେ
ବେଳକୁ ବେଳ ତ ପ୍ରବଳ ହେଉଛି
ବିଜୁଳି ଯେସନ ଘନେ............."

ସେହିପରି ଅନ୍ୟଜଣେ ଭକ୍ତ କବି ଗୌରଚରଣ ଅଧିକାରୀଙ୍କର ଏହି ପଦଟି ଉଦ୍ଧାର କରାଯାଉଛି।

"ଦୁଃଖନାଶନ ଗରୁଡାସନ ହରି  ଦୁଃଖ ଜଣାଇବି କାହାକୁ
ଦୀନନାଥ ଥାଉଁ ଅନ୍ଧାର ଘୋଟୁଛି ଏ ନିନ୍ଦାଟି ଚଉବାହାକୁ "

ଯଦି ତାଙ୍କପରି ପ୍ରଭୁ ଥାଉ ଥାଉ ଦୀନ ଦୁଃଖୀଙ୍କ ଦୁଃଖମୋଚନ ହେବନାହିଁ, ତେବେ ତାଙ୍କ ପ୍ରଭୁପଣ ରହିବ କିଭଳି ? ପତିତତାରଣ ବାନା ଉଡୁଥିବା ଯାଏ ଦୁଃଖର ଛାଇ ପଡିବା ଉଚିତ ନୁହେଁ। ଦୁଃଖୀ ଦରିଦ୍ର ଯଦି ନାଶ ଯିବେ ତେବେ ତାଙ୍କ କୀର୍ତ୍ତିଚନ୍ଦ୍ରରେ ଅବଶ୍ୟ କଳଙ୍କ ଲାଗିବ। ତେଣୁ ଏକାଧିକ ଦୁଃଖୀଙ୍କ ଉଦାହରଣ ଦେଇ କବିମାନେ ନିଜ ନିଜର ଦୁଃଖକାହାଣୀ ବଖାଣିଛନ୍ତି। ଏଥି ସହିତ ତୁଳନାତ୍ମକ ଭାବରେ ଅନେକ ପୁରାଣ କିମ୍ବଦନ୍ତୀର କାହାଣୀ ମଧ୍ୟ ଭଜନ ଭିତରକୁ ଚାଲିଆସିଛି। ଠାକୁରରାଜା ଶ୍ରୀ ପୁରୁଷୋତ୍ତମଦେବ ପ୍ରଥମ ଥର କାଞ୍ଚି ଯୁଦ୍ଧରୁ ହାରିବାପରେ ପ୍ରଭୁ ଜଗନ୍ନାଥଙ୍କ ଶରଣ ପଶିଥିଲେ। ତେଣୁ ରାଜାଙ୍କ ଦୁଃଖ ଲାଘବ ତଥା ଉତ୍କଳୀୟମାନଙ୍କର ସାମର୍ଥ୍ୟ ପ୍ରକାଶ ପାଇଁ କଳାଘୋଡା ଧଳାଘୋଡା ଚଢି ଜଗନ୍ନାଥ ବଳଭଦ୍ର ସୈନ୍ୟମାନଙ୍କ ଆଗରେ ଯୁଦ୍ଧଯାତ୍ରା କରିଛନ୍ତି। ବାଟରେ ମଧ୍ୟ ନିଜର ଦୀନ ଉଦ୍ଧାରଣ ପତିତ ତାରଣ ବାନା ଟେକ ରଖିବାକୁ ସେ ମାଣିକ ଗଉଡୁଣୀ ହାତରୁ ଦହି ଖାଇଛନ୍ତି। ଏହା ଭାକ୍ତିକ ମିଥ୍ୟା ନୁହେଁ। ଐତିହାସିକ ସତ୍ୟ ବୋଲି କୁହାଯାଏ। ଆଜି ଏଭଳି ଅସଂଖ୍ୟ ଭକ୍ତ ଅଛନ୍ତି, ଯେଉଁମାନେ ନିଷ୍ଠାର ସହିତ ଜଗନ୍ନାଥଙ୍କୁ ଡାକି ନିଜର ଦୁଃଖ ଦୂର କରୁଛନ୍ତି।

### ଶରଣରକ୍ଷକ ଭାବେ ଜଗନ୍ନାଥ -

ଜଗନ୍ନାଥଙ୍କ ଭୁଜତଳେ ଶରଣ ପଶିଲେ ଆଉ ଦୁଃଖ ଅବସାଦ ଘାରେ ନାହିଁ। କବି ଗାଆନ୍ତି -

"ଭୁଜତଳେ ମୋତେ ରଖ ମହାବାହୁ
ବାହୁତଳେ ମୋରେ ରଖ
ବିପୁଳ ଭୁଜ ବିସ୍ତାରି ଦେଲେ ଅବା
କି କରି ପାରିବ ଦୁଃଖ, ମହାବାହୁ। "

ଭକ୍ତ ଯୁଗ ଯୁଗ ଧରି ସେହି ପଦରେ ଶରଣ ପଶେ ଓ ସକଳ ଦୁଷ୍କୃତିକୁ ଅବଲୀଳାକ୍ରମେ ଅତିକ୍ରମ କରିଯାଏ। କେବେ ରାଧା ମୁରଲୀର ଶରଣ ନିଅନ୍ତି ତ କେବେ ନନ୍ଦଗ୍ରାମରୁ ଦହି ଦୁଧ ବିକିସାରି ଫେରୁଥିବା ଗୋପାଳୁଣୀମାନଙ୍କୁ ପ୍ରଣାମ କରି କୃଷ୍ଣଙ୍କ ବିଷୟ ବୁଝିବାକୁ ଆଗ୍ରହୀ ହୋଇଥାଆନ୍ତି। କବି ବନମାଳୀ ତ ଭାବ ଗଦ୍‌ଗଦ୍ ହୋଇ ଗାଇଛନ୍ତି -

"ରଖ ବା ନ ରଖ ମୋତେ   ଶରଣ ତୋ ପାଦଗତେ
କହେ ବନମାଳୀ ଗୀତେ   ବସିଅଛି ଧ୍ୟାନ କରି "

ଅର୍ଥାତ୍ ଥରେ ତାଙ୍କ ପାଦତଳେ ଶରଣ ପଶିବାପରେ ଭକ୍ତର ସମସ୍ତ ଦାୟିତ୍ୱ ସେ ନେଇଯାଆନ୍ତି। କବି ଭୀମ ଭୋଇ ତାଙ୍କର ଉପାସ୍ୟ ସେହି ଅଲେଖ ବ୍ରହ୍ମଙ୍କ ଶରଣ ପଶିଛନ୍ତି। ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ତ୍ତବ୍ୟ ସଚେତନ କରାଇ ଉଚ୍ଚାରଣ କରିଛନ୍ତି -

"ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂବ୍ରଜ
ଅହଂ ତ୍ୱାଂ ସର୍ବ ପାପେଭ୍ୟ ମୋକ୍ଷୟିସ୍ୟାମି ମା ଶୁଚ "

ଶ୍ରୀକୃଷ୍ଣଙ୍କ ଭାଷାରେ ସବୁ ଧର୍ମ ପରିତ୍ୟାଗ କରି ମୋର ଶରଣ ନେଲେ ହିଁ ମୁଁ ମୋକ୍ଷ ପ୍ରଦାନ କରିବି। ସେହି ପାଦପଦ୍ମରେ ଶରଣ ପଶିଲେ ଆଉ ନିଜ ପାଇଁ ଚିନ୍ତା କରିବାର ଅବକାଶ ନ ଥାଏ। ସବୁ ଦାୟିତ୍ୱ ସେହି ଆର୍ତ୍ତତ୍ରାଣ ଭକ୍ତବତ୍ସଳ ଜଗନ୍ନାଥ ନେଇ ଯାଆନ୍ତି। ସାଧାରଣ ମନୁଷ୍ୟ କିନ୍ତୁ ଏ ଭଳି ଆତ୍ମସମର୍ପଣ କରିପାରନ୍ତି ନାହିଁ। କୁରୁସଭାତଳେ ବିବସ୍ତ୍ରା ହେଉଥିବାବେଳେ ମଧ୍ୟ କୁଳବଧୂ ଦ୍ରୌପଦୀ ଗୋଟିଏ ହାତରେ ନିଜ ଶାଢି ଟାଣି ଧରିବାର ପ୍ରୟାସ କରିଥିଲେ। ମାତ୍ର ସବୁ ଛାଡି ଦୁଇହାତ ଟେକି ଦେବାପରେ ହିଁ ତାଙ୍କୁ ଅସରନ୍ତି ବସ୍ତ୍ର ମିଳିଥିଲା ଓ ଯୁଗ ଯୁଗପାଇଁ ପ୍ରଭୁଙ୍କ ବାନାର ଟେକ ରହିଥିଲା। ଶରଣରକ୍ଷଣ ବାନାକୁ ନେଇ ଜଗନ୍ନାଥଙ୍କର ସ୍ୱାତନ୍ତ୍ର୍ୟ ରହିଛି। ତାଙ୍କର ପତିତ ପାବନ ପତାକା ଯେତେଦୂର ଦିଶେ, ସେତେ ଦୂର ପର୍ଯ୍ୟନ୍ତ ପାତକ ସ୍ପର୍ଶ କରେ ନାହିଁ। ତାଙ୍କର ଘଣ୍ଟଘଣ୍ଟା ଘୋଷ ଦୁଃଖ ଦୁର୍ଦ୍ଦଶାକୁ ତଡିଦିଏ। ଏଭଳି ବିଶ୍ୱାସନୀୟ ନୀଳକନ୍ଦର ବିହାରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତ ଥରେ ସମର୍ପିତ ହୋଇଗଲେ ତେଣିକି ତା ଦାୟିତ୍ୱ ଈଶ୍ୱର ନେଇଯାଆନ୍ତି। ଆମର ଦୁଇ ପ୍ରକାର ଭକ୍ତି କଥା କୁହାଯାଏ, ମାର୍ଜାର ଭକ୍ତି ଓ ମର୍କଟ ଭକ୍ତି। ମାର୍ଜାରୀ ନିଜ ସନ୍ତାନକୁ ଦାନ୍ତରେ ଧରି ସ୍ଥାନାନ୍ତରିତ କରେ। ମର୍କଟକୁ କିନ୍ତୁ ତା ସନ୍ତାନ ପେଟ ପାଖରୁ ଜାବୁଡି ଧରିଥାଏ। ସନ୍ତାନ ଜନନୀକୁ ଧରିଥିବା ପର୍ଯ୍ୟନ୍ତ ସେ ହୁଏତ ସତର୍କ ହୋଇ ନପାରେ, ତା ହାତର ଜାବ ହାଲୁକା ହୋଇଯାଇପାରେ ମାତ୍ର ଜନନୀ ସନ୍ତାନକୁ ଧରିଥିଲେ ସନ୍ତାନ ନିଶ୍ଚିନ୍ତ ଥାଏ। ସେହିପରି ଶରଣରକ୍ଷଣ ପତାକା ତଳକୁ ଗଲେ ଭକ୍ତର ଦାୟିତ୍ୱ ଭଗବାନଙ୍କ ନିକଟକୁ ହସ୍ତାନ୍ତରିତ ହୋଇଯାଏ।

### ନୀଳାଚଳ ବିହାରୀ ଭାବେ ଜଗନ୍ନାଥ -

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ "

ଶ୍ରୀକ୍ଷେତ୍ର ନିତ୍ୟଧାମ ନୀଳାଚଳ। ଏହା ଜଗନ୍ନାଥଙ୍କ ଲୀଳାକ୍ଷେତ୍ର ନୀଳକନ୍ଦର। ଏଠି ରଥ ପଥ ସବୁ ଦେବତାଜ୍ଞାନରେ ପୂଜିତ ହୋଇଥାଆନ୍ତି। ପୁରୀ ଆସିଲେ ମନସ୍କାମନା ପୂର୍ଣ୍ଣହୁଏ। ସାରିଆ ଭିକ ନିଜର ଜଣାଣରେ ବାଟମଙ୍ଗଳା, ଅଠରନଳା, ପେଜନଳା, ସାଧୁସେବା, ସିଂହଦ୍ୱାର ବେତବାଡି, ଗରୁଡଖମ୍ବ ପ୍ରଭୃତିର ବର୍ଣ୍ଣନା ମାଧ୍ୟମରେ ଶ୍ରୀକ୍ଷେତ୍ରର ଗୁରୁତ୍ୱ ପ୍ରତିପାଦନ କରିଛନ୍ତି। ଭକ୍ତ ସାଲବେଗ ତ ବ୍ୟାକୁଳ ହୋଇ ଗାଇଛନ୍ତି -

"ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି
ଜଗବନ୍ଧୁ ହେ ଗୋସାଇଁ "

ଏହି ଭଜନରେ ରଥରେ ବସିଥିବା ଜଗନ୍ନାଥଙ୍କର ରୂପ ବର୍ଣ୍ଣନା କରାଯାଇଛି। କବି ଭିକାରୀ ମଧ୍ୟ ନିଜ ଭଜନରେ ଗୁଣ୍ଡିଚାଘର, ସାଧୁବୈଷ୍ଣବ, ଅରୁଣସ୍ତମ୍ଭ, ସିଂହଦ୍ୱାର, ବାଇଶ ପାହାଚ, କଳ୍ପବଟ, ମୁକ୍ତିମଣ୍ଡପ, ରୋହିଣୀକୁଣ୍ଡ, ମା ସରସ୍ୱତୀ, ଦେବୀ ମହାଲକ୍ଷ୍ମୀ, ଜଗମୋହନ ଓ ରତ୍ନବେଦୀର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି। ନୀଳାଚଳର ଅବସ୍ଥିତି ପାଇଁ ଉତ୍କଳର ଗୌରବ ବୃଦ୍ଧି ଘଟିଛି। 'ବନ୍ଦୀର ଆତ୍ମକଥା'ରେ କବି ଉତ୍କଳମଣି ଗୋପବନ୍ଧୁ ଗାଇଲେ -

"ଜଗତ ସରସେ ଭାରତ କମଳ
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ
x x x x x x x x
ମୋ ନେତ୍ରେ ଭାରତ-ଶିଳା ଶାଳଗ୍ରାମ
ପ୍ରତି ସ୍ଥାନେ ମୋର ପ୍ରିୟ ପୁରୀଧାମ
ସକଳ ସଲିଳ ପଞ୍ଚତୀର୍ଥ ଜଳ
ପ୍ରତି ଧର୍ମାଳୟ ମୋର ନୀଳାଚଳ
x x x x x x x x
ଭାରତର ପ୍ରତି ବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ

ଏ ଭଳି ମହତ୍ତ୍ୱପୂର୍ଣ୍ଣ ଉଦାର ବିଚାର ନେଇ ସତ୍ୟବାଦୀର ସାଧକବୃନ୍ଦ ଜଗନ୍ନାଥଙ୍କୁ ଓଡିଶା ତଥା ଭାରତର କେନ୍ଦ୍ରୀୟ ଶକ୍ତି ଭାବେ ଉପସ୍ଥାପିତ କରିଛନ୍ତି। ମହାଯାତ୍ରାରେ କବି ରାଧାନାଥ ମଧ୍ୟ ନୀଳାଚଳ ଧାମକୁ ସ୍ୱୟଂ ଶ୍ରୀକୃଷ୍ଣ ନିଜର ଲୀଳାକ୍ଷେତ୍ର ଭାବେ ବାଛି ଥିବାର ଉଲ୍ଲେଖ କରିଛନ୍ତି। ସେହି ଧାମରେ କେହି ଅଭୁକ୍ତ ରହନ୍ତି ନାହିଁ। ଆମର ପ୍ରିୟ ଗଣକବି ବୈଷ୍ଣବ ପାଣି ତ ନିନ୍ଦା ଛଳରେ ସ୍ତୁତି କରିଛନ୍ତି ଏହିଭଳି - ଭାତବିକା ଜଗନ୍ନାଥ ଚାତର ଛାଡିବ ହେ। ଯଦି କାତର ହୋଇ ଗରିବ ତୁମକୁ ଡାକିବ, ତେବେ ଭାତବିକା (ଅନ୍ନ ମହାପ୍ରସାଦ) ଜଗନ୍ନାଥଙ୍କର



ବଢାଇ ରହିବ ନାହିଁ। ସେହିଭଳି କିଏ ହାତୀମୁହାଁ, ହାତ ଗୋଡ ଖଣ୍ଡିଆ, ଭାଲୁଣୀ ପରାୟେ ମୁହଁକୁ ଚାଲୁଣି ପରାୟେ ଆଖି କହିବା ଭିତରେ ତାଙ୍କର କୃପା ହିଁ କାମନା କରିଛନ୍ତି। ଏ ପ୍ରବନ୍ଧ ଶେଷ କରିବା ପୂର୍ବରୁ ଆମର ବୃଦ୍ଧି/ ବିବେକ/ ଶ୍ରଦ୍ଧାର ଦଉଡ କେତେ ସେ ବିଷୟରେ ଦୁଇ ତିନି ଧାଡି ଉଲ୍ଲେଖ କରୁଛି। ମନକୁ ନ ପାଇଲେ, କ୍ଷମା ଦେବେ।

ବେଳେ ବେଳେ ଆମେ ନିଜକୁ ସୁହାଇବାଭଳି ଶାସ୍ତ୍ରାର୍ଥ କରି ଆହୁରି ମୋହଗ୍ରସ୍ତ ହୋଇଥାଉ। ଯେମିତି ଭଗବଦ୍‌ଗୀତାର 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ' ର ଅର୍ଥ ଆମେ କରୁ ଯେତେବେଳେ ଭାରତବର୍ଷରେ ଧର୍ମର ଗ୍ଲାନିହୁଏ। ଭାରତରେ ଧର୍ମର ଗ୍ଲାନି ହୋଇଥିବା ସମୟରେ ଆମେରିକା, ଇଂଲଣ୍ଡ ପ୍ରଭୃତି ଦେଶରେ ଧର୍ମର ସ୍ୱରୂପ କିଭଳି ଥାଏ ଏକଥା ଆମେ ବୁଝିବାକୁ ଚାହୁଁନା। ମାତ୍ର ଭରତବଂଶୀ ଅର୍ଜୁନଙ୍କୁ ସମଗ୍ର ୧୮ ଅଧ୍ୟାୟ ଗୀତା ଭିତରେ ବାରମ୍ବାର "ଭାରତ" ବୋଲି ଶ୍ରୀକୃଷ୍ଣ ସମ୍ବୋଧନ କରିଛନ୍ତି। ସେମିତି କୁହାଯାଏ,

"ହରିନାମରେ ପାପ କ୍ଷୟ ଯେତେ
କରି ନ ପାରେ ପାପୀ ପାପ ତେତେ "

ତେବେ କଅଣ ଆମେ 'ହରି' ନାମଟି ସହଜ ବୋଲି ଭାବି ଯାବତୀୟ ଖରାପ କାମ କରିବା କି? ଏ କଥା ଆମ ଭାବନା ଭିତରକୁ ଆସେ ନାହିଁ। ଏପରିକି ଲକ୍ଷ୍ମୀପୁରାଣର ଆମକୁ ଲକ୍ଷ୍ମୀ ଜଗନ୍ନାଥଙ୍କ କଳହ ଦିଶେ, ଜଗନ୍ନାଥ କିପରି ଲକ୍ଷ୍ମୀଙ୍କ ହାତଧରି ଡାକି ଆଣିଲେ ତାହା ଦିଶେ ନାହିଁ।

ଯେଉଁ ଠାକୁର ବିଧର୍ମୀ ଦ୍ୱାରା ଘୋଷରା ଖାଇଛନ୍ତି, ବାରମ୍ବାର ମନ୍ଦିର ଛାଡି ଲୁଚିଛନ୍ତି, ତାଙ୍କୁ ଆମେ ଆମ ଆସ୍ଥା ବିଶ୍ୱାସର ପ୍ରତୀକ ଭାବେ ଗ୍ରହଣ କରିଛୁ। ଅନେକ ବେଦ ପୁରାଣ ଉପନିଷଦରେ ଜଗନ୍ନାଥଙ୍କୁ ଜଗନ୍ନାଥ ତତ୍ତ୍ୱର ବ୍ୟାଖ୍ୟା ନିହିତ। କିନ୍ତୁ ସାଧାରଣ ମଣିଷ ପ୍ରାର୍ଥନା କରି ତାଙ୍କୁ ନିଜର ଦୁଃଖ ଜଣାଏ। ନିଷ୍ଠୁର ବୋଲି ଗାଳିଦିଏ ସିନା ତାଙ୍କ ଆଶୀର୍ବାଦ ସର୍ବଦା କାମନା କରୁଥାଏ। ଦୁଃଖ ସମସ୍ତଙ୍କର ଅଛି। କିନ୍ତୁ ଦୁଃଖର ସହିବାର ମାନସିକତା ବା ସେଥିପାଇଁ ପ୍ରସ୍ତୁତି ସମସ୍ତଙ୍କପାଇଁ ଭିନ୍ନ। ତେଣୁ ତାଙ୍କୁ ଦୁଃଖ ଜଣାଇବାର ସହିତ ସେ ଆମକୁ ଦେଇଥିବା ଅମୂଲ୍ୟଦାନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇବା। ତଥାପି ବନମାଳୀଙ୍କ ସହିତ ସ୍ୱର ମିଳାଇ ଗୁଣୁଗୁଣୁ ଗାଉଥିବା -

ରଖ ବା ନ ରଖ ମୋତେ ଶରଣ ତୋ ପାଦଗତେ
କହେ ବନମାଳୀ ଗୀତେ ବସିଅଛି ଧ୍ୟାନ କରି।

*ପୂର୍ବତନ ପ୍ରଫେସର,*
*ଓଡିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ*
*ବି-୩୫, ସହିଦନଗର, ଭୁବନେଶ୍ୱର*

# ବନମାଳୀ ଦାସ

*(ଦୀନବନ୍ଧୁ ଦଇତାରି, ଦୁଃଖ ନ ଗଲା ମୋହରି)*

ଆମେ ଯେତେବେଳେ "ଦୀନବନ୍ଧୁ ଦଇତାରି" ଜଗନ୍ନାଥ ଜଣାଣଟି ମନର ଚଳନ୍ତି ସ୍ରୋତରେ ସ୍ୱତଃ ପ୍ରବାହିତ ହେବାର ଅବକାଶ ପାଉଛୁ, ମନେ ହେଉଛି କିଏ ସେହି ନୈସର୍ଗିକ ଗୀତିକାର ଯାହାର ଅମୃତମୟ ପଦଟି ଅଲକ୍ଷ୍ୟରେ ମନରେ ବସା ବାନ୍ଧି ଦେଇଛି ?

ସେଇ ଦିବ୍ୟ ଲେଖକ ନିଜର ନାମ ବନମାଳୀ ବୋଲି ଉଲ୍ଲେଖ କରିଥିଲେ ହେଁ ତାଙ୍କର ନିର୍ଦ୍ଦିଷ୍ଟ ପରିଚିତି ଜଣାନାହିଁ। ବନ୍ଧୁ ବନମାଳୀ ଦାସ ଅଛନ୍ତି ଜଗନ୍ନାଥଙ୍କ ବିଷୟରେ ରଚନା କରିବାରେ, ଦୀନବନ୍ଧୁ ଦଇତାରି ରଚୟିତା ବନମାଳୀ ଦାସଙ୍କୁ ୧୭୨୦ ମସିହାରୁ ୧୭୯୩ ମସିହା ଜୀବନକାଳ ମଧ୍ୟରେ ଜଣେ ମଧ୍ୟଯୁଗର ଓଡ଼ିଆ ଭକ୍ତିକବି ବୋଲି ଚିତ୍ରଣ କରାଯାଏ। ଏ ବିଷୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପ୍ରକାଶିତ (୧୯୯୩) ଜାନକୀ ବଲ୍ଲଭ ମହାନ୍ତିଙ୍କ ରଚିତ 'ବନମାଳୀ ଦାସ' ଉଲ୍ଲେଖଯୋଗ୍ୟ। ତାଙ୍କର ବହୁ ଗୁଡ଼ିଏ ଭକ୍ତିଗୀତ ମଧ୍ୟରୁ ନିମ୍ନୋକ୍ତ କେତୋଟି ସବୁ ଓଡ଼ିଆ ଶ୍ରୋତାଙ୍କର କାନରେ ବାଜିଥିବା ନିଶ୍ଚିତ -

- ଦୀନବନ୍ଧୁ ଦଇତାରି ଦୁଃଖ ନ ଗଲା ମୋହରି, ହେଲ କି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେ କରି।.......
- ଆହେ ପ୍ରଭୁ କଳାଶ୍ରୀମୁଖ। କାଳେ କାଳେ ମୋର ନ ଗଲା ଦୁଃଖ। ......
- ଏହି ଅଳି ଶ୍ରୀଛାମୁରେ, ଦୀନବନ୍ଧୁ। ଏହି ଅଳି ଶ୍ରୀଛାମୁରେ ......
- ଜଗନ୍ନାଥ ହୋ... କିଛି ମାଗୁ ନାହିଁ ତୋତେ, ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।......
- ମହାବାହୁ ! ଏହି କଥାରେ ମୋ ମନ। ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ ହେ। ......
- ମଣିମା ହେ ! ଏତିକି ମାଗୁଣି ମୋର ମରଣକାଳରେ ଦରଶନ ଦେବ କଳାମୁଖ କଳାକାର। ......
- ମହାବାହୁ ! କାହାକୁ କହିବି ଦୁଃଖ ? ତୁମେ ଥାଉଁ ଥାଉଁ ଦୁଃଖୀ ଜନବନ୍ଧୁ ଚିକକଣ କଳାଶ୍ରୀମୁଖ। ......

ଅଷ୍ଟାଦଶ ଶତାବ୍ଦୀ ଓଡ଼ିଶାରେ ହୋଇ ପାରିଥିଲା ବୈଷ୍ଣବ ଭଜନର ସୁବର୍ଣ୍ଣଯୁଗ। ବନମାଳୀ ଦାସ ଏହି ଅମଳର। ଯେତେବେଳେ ଓଡ଼ିଶା ମୋଗଲ ଓ ମରହଟ୍ଟା ଅଧୀନରେ ଥିଲା, ରାଜା ବୀରକିଶୋର ଦେବ (୧୭୩୭-୧୭୯୩) ଖୋର୍ଦ୍ଧାର ଚତଃପାର୍ଶ୍ୱକୁ ନେଇ କ୍ଷୁଦ୍ର ଓଡ଼ିଶାଟିଏ ଶାସନ କରୁଥିଲେ, ଯେଉ ସମୟକୁ ଓଡ଼ିଆ ଗୀତର ରୀତିଯୁଗ ଭାବରେ ନାମିତ କରାଯାଇଛି, ବନମାଳୀ ସେଇ ସମୟରେ ଭଗବତ ଗୀତର ଲହରି ଛୁଟାଇ ଦେଇଛନ୍ତି ଏବଂ ସେହି ଲହରିର ଅନ୍ତ ନାହିଁ। ଓଡ଼ିଶୀ ନାଚରେ ତାଙ୍କର ଅନେକ ଗୀତ ବ୍ୟବହାର ହୁଏ, ପ୍ରତ୍ୟେକ ଓଡ଼ିଆଭାଷୀ ଓ ଜଗନ୍ନାଥ ପ୍ରେମୀ ତାଙ୍କ ସହଜ ସରଳ ମନଛୁଆଁ ଗୀତ ମନରୁ ଛାଡନ୍ତି ନାହିଁ।

ବିଶ୍ଳେଷକମାନଙ୍କର ମତ ସିଏ ମଧୁର ରସରୁ ରଚନା ଆରମ୍ଭ କରି ଭକ୍ତିଗୀତରେ ଆବଦ୍ଧ ହୋଇଯାଇଥିଲେ। ତାଙ୍କ ରଚିତ ଗୀତ ଗୁଡ଼ିକ ୧୯୩୪ ମସିହାରେ 'ବନମାଳୀ ପଦ୍ୟାବଳୀ' ପୁସ୍ତକ ଭାବେ ପ୍ରକାଶିତ ହୋଇଛି, ଯାହାର ଯୁଗ୍ମ ସମ୍ପାଦକ ହେଉଛନ୍ତି, ବାବାଜୀ ବୈଷ୍ଣବ ଚରଣ ଦାସ ଓ ସାମନ୍ତ ଗୌରକୃଷ୍ଣ କବିରତ୍ନ ପଟ୍ଟନାୟକ। ଏହି ପୁସ୍ତକଟିରେ ୨୦୦ଟି ରୀତି ଗୀତ ସଂକଳିତ ହୋଇଛି।

ବନମାଳୀଙ୍କ ଗୀତରେ ରହିଛି ଲାଳିତ୍ୟ। ଅନୁପ୍ରାସ ଓ ଯମକ ବ୍ୟବହାରରେ ସେ ଭକ୍ତିଭାବ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରସ୍ଫୁଟିତ କରିପାରିଛନ୍ତି ତାଙ୍କର ଭକ୍ତିଗୀତି ଗୁଡ଼ିକରେ। ରୀତିଯୁଗର ନୀତି ଅନୁସାରେ ବହୁ ସଞ୍ଜମତାର ସହ ମନଲୋଭା ରଚନା ସୃଷ୍ଟି କରିଛନ୍ତି, ବହୁ ଉପମା ଓ ରୂପକ ସହ ଅଳଙ୍କୃତ ତାଙ୍କ କୃତୀ। ଅନ୍ୟୂନ ଦଶଗୋଟି ତାଳ ସିଏ ବ୍ୟବହାର କରିଛନ୍ତି ତାଙ୍କ ରଚନାରେ।

ତାଙ୍କର ବୈଷ୍ଣବ ମନୋଭାବ କିନ୍ତୁ ସୁସ୍ପଷ୍ଟ। ପ୍ରେମଭକ୍ତି କଳାରେ ତାଙ୍କର ଭକ୍ତି ପ୍ରକାଶ କରନ୍ତି ଶ୍ରୀ ଚୈତନ୍ୟଙ୍କ ମାର୍ଗରେ। ବନମାଳୀ ଶ୍ରୀଚୈତନ୍ୟଙ୍କ ପରି ଶ୍ରୀକ୍ଷେତ୍ର ଓ ବୃନ୍ଦାବନକୁ ଭଗବାନଙ୍କ ନିତ୍ୟସ୍ଥଳ ଭାବରେ ଧରିନେଇଛନ୍ତି। କିନ୍ତୁ ତାଙ୍କର ଚିନ୍ତାଧାରା ଗୌଡୀୟ ବୈଷ୍ଣବ ମାନଙ୍କଠାରୁ ଭିନ୍ନ। ଗୌଡୀୟ ବୈଷ୍ଣବ ମାନେ ଶ୍ରୀକୃଷ୍ଣଙ୍କୁ ସବୁ ବୈଷ୍ଣବ ଅବତାର ମାନଙ୍କର ଉତ୍ସ ବୋଲି ଭାବନ୍ତି, କିନ୍ତୁ ବନମାଳୀ ଜଗନ୍ନାଥଙ୍କୁ

ସବୁ ବିଷ୍ଣୁ ଅବତାରମାନଙ୍କର ଉତ୍ସ ବୋଲି ମତ ଦିଅନ୍ତି।

ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଯିବା ପରେ ପୃଥିବୀଟା ତାଙ୍କୁ ଅଳୀକ ବୋଧ ହେଲା। କିନ୍ତୁ ରାଧାଙ୍କ ରୂପମଞ୍ଜରୀ ବା ମଞ୍ଜରୀ ମାନଙ୍କର ସହାୟିକା ହେବାବେଳେ ସେ ଭଗବାନଙ୍କୁ ଅନ୍ୟମତେ ଚିହ୍ନିବାର ଭାବନା ତାଙ୍କ ମନକୁ ଆସିଲା। ବିଶ୍ୱନିୟନ୍ତା, ସର୍ବଶକ୍ତିମାନ, ସର୍ବବିଦ୍ୟମାନ ଆମ ଦୃଷ୍ଟି ସମ୍ମୁଖରେ ଲୁପ୍ତ। ସିଏ ସବୁଠାରେ ସବୁବେଳେ ଆମପାଇଁ ସଦାନନ୍ଦର ଉତ୍ସ। ମୃତ୍ୟୁ ଜୀବନର ଅନ୍ତିମ ଲକ୍ଷ୍ୟ ବୋଲି ଧାରଣା ଉପୁଜିବାରୁ ସିଏ ସରଳ, ନିଷ୍କପଟ, ଦୟାଶୀଳ ହୋଇଗଲେ। ସେ ବୃନ୍ଦାବନ ଯାତ୍ରାକଲେ। ସେଠାରେ ତାଙ୍କର ତିରୋଧାନ ହେଲା।

ଓଡିଆ ଭକ୍ତି ସାହିତ୍ୟରେ ଏତେ ଜଣ ବନମାଳୀ ଦାସ ଅଛନ୍ତି, ପ୍ରତ୍ୟେକଙ୍କୁ ଚିହ୍ନିବା କଷ୍ଟକର ହୁଏ। ମାତ୍ର ଆମର ଦୀନବନ୍ଧୁ ଦଇତାରିର ରଚୟିତା ଷୋଡଶ ଶତାବ୍ଦୀର ଚାଟ ଇଚ୍ଛାବତୀ ପ୍ରେମ ରଚନା କରିଥିବା ବନମାଳୀ ଦାସଙ୍କ ଠାରୁ ଭିନ୍ନ। ଆଉ ଜଣେ ବନମାଳୀ ଦାସ ରାସ କାବ୍ୟ ରଚନା କରିଥିଲେ, ତାଙ୍କର ନାମ ଶିଶୁ ବନମାଳୀ ଦାସ। ତୃତୀୟ ବନମାଳୀ ଦାସ ଅନୁବାଦ କରିଥିଲେ ଭୋଜରାଜ ଚମ୍ପୂ।

କିନ୍ତୁ ଦୀନବନ୍ଧୁ ଦଇତାରୀ ଜଣାଣ ରଚନା କରିଥିବା ଗୀତିକାର ବନମାଳୀ ଦାସ ସେମାନଙ୍କ ଠାରୁ ପୃଥକ୍। ବହୁ କମ୍ ଇତିହାସ ମିଳେ ତାଙ୍କ ବିଷୟରେ। ସେ ପୁରୀର ଅଧିବାସୀ, ତାଙ୍କ ନାଁ ବନମାଳୀ ପଟ୍ଟନାୟକ। ପୁରୀର ଦୋଳମଣ୍ଡପ ସାହିର ଏକ କରଣ ପରିବାରରେ ତାଙ୍କର ଜନ୍ମ। ପ୍ରଥମେ ସେ ଗୃହସ୍ଥ ଥିଲେ। ପରେ ବୈଷ୍ଣବ ଧର୍ମର ଦୀକ୍ଷା ଗ୍ରହଣ କରିବା ପରେ ତାଙ୍କ ଗୁରୁ ତାଙ୍କ ନାମ ଦେଇଥିଲେ ବଲ୍ଲଭାନନ୍ଦ ଦାସ। ସେଥିପାଇଁ ତାଙ୍କର ନାମ ବନମାଳୀ ଦାସ ବୋଲି ଲେଖାଯାଏ। କିନ୍ତୁ ତାଙ୍କ ରଚିତ ଅନେକ ଭଜନ ଓ ଗୀତିକବିତାରେ ବନମାଳୀ ପଟ୍ଟନାୟକ ଭଣିତା ବୋଲି ଦେଖିବାକୁ ମିଳେ। ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ଅନେକ ଭଜନରେ ତାଙ୍କର ଭକ୍ତିପୂର୍ଣ୍ଣ ହୃଦୟର ଆକୁଳ ନିବେଦନ ଫୁଟି ଉଠେ।

ସେ ସଚିତ୍ର ରାମାୟଣ ରଚନା କରିଥିବାର ଜଣାଯାଏ। ଏହା ବ୍ୟତୀତ ଅନେକ ଭଜନ, ଜଣାଣ, ଚଉପଦୀର ରଚୟିତା ଭାବରେ ସେ ସ୍ୱୀକୃତ।



# ସେ ମଣିଷ ପୁଣି ଦେବତା

ଡ. ସୁଲୋଚନା ଦାସ

ଶ୍ରୀମଦଭଗବଦ୍‌ଗୀତାରେ କୁହାଯାଇଛି,

ତ୍ୱମାଦିଦେବଃ ପୁରୁଷଃ ପୁରାଣଃ
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାବମ୍।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱଂ ଅନନ୍ତ ରୂପ। (୧୧/୩୮)

ହେ ପୁରୁଷୋତ୍ତମ! ତୁମେ ଆଦିଦେବ, ତୁମେ ସସାଗରା ଅନନ୍ତ ବିଶ୍ୱର ଲୟସ୍ଥାନ, ତୁମେ ଜ୍ଞାତ, ତୁମେ ଜ୍ଞାତବ୍ୟ, ତୁମେ ହିଁ ପରମଧାମ। ତୁମେ ଏହି ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ରହିଛ। ତୁମର ସେହି ଅନନ୍ତ ରୂପକୁ ବାରବାର ପ୍ରଣାମ କରୁଛି।

ଶ୍ରୀ ଜୀଉମାନଙ୍କର ନବକଳେବର ହୋଇ ଯାଇଛି। ସେଥିପାଇଁ ଭକ୍ତମାନଙ୍କ ପ୍ରାଣରେ ଥିଲା ଅସରନ୍ତି ଆବେଗ ଓ ଉତ୍କଣ୍ଠା। ଏହି ପାବନ ଭୂମିରେ ପ୍ରଭୁ ମାନବ ପରି ଲୀଳାଖେଳା କରିଥା'ନ୍ତି। ନିଜେ ପୁରାତନ ଶରୀର ତ୍ୟାଗ କରି ନୂତନ ବିଗ୍ରହରେ ବ୍ରହ୍ମ ରୂପରେ ପ୍ରତିଷ୍ଠିତ ହୁଅନ୍ତି। ବ୍ରହ୍ମ ପରିବର୍ତ୍ତନ ପରେ ପରମବ୍ରହ୍ମ ରୂପରେ ସେ ରତ୍ନ ସିଂହାସନରେ ଉପାସିତ ହୁଅନ୍ତି। ମୃତ୍ୟୁକୁ ଭୟ କରୁଥିବା ମନୁଷ୍ୟକୁ ବରାଭୟ ଦେଇ କୁହନ୍ତି – ମୃତ୍ୟୁ ଏକ ଘଟାନ୍ତର ମାତ୍ର। ଆତ୍ମା ଗୋଟିଏ ଘଟରୁ ଯାଇ ଆଉ ଗୋଟିଏ ନୂତନ ଘଟରେ ପ୍ରବେଶ କରିଥାଏ; ଠିକ୍ ଯେପରି ବ୍ୟକ୍ତି ପୁରାତନ ବସ୍ତ୍ରକୁ ତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରିଥାଏ। 'ନ ହନ୍ୟତେ ହନ୍ୟମାନ ଶରୀରେ।' ବା 'ବାସାଂସି ଜୀର୍ଣ୍ଣାନି ଯଥା ବିହାୟ / ନବାନି ଗୃହଣାତି ନରୋତି ପରାଣି / ତଥା ଶରୀରାଣି ବିହାୟ / ଜୀର୍ଣ୍ଣାନୀନ୍ୟାନି ସଂଯାତି ନବାନି ଦେହି।' ଏହି ସତ୍ୟ ସେ ପ୍ରତ୍ୟେକ ନବକଳେବର ସମୟରେ ବାସ୍ତବ ରୂପରେ ପ୍ରତିପାଦନ କରିଥା'ନ୍ତି। ଜୀବନ ମୃତ୍ୟୁର ଲୀଳାଖେଳା ଯେ ମହାକାଳର ଅନିବାର୍ଯ୍ୟ ସତ୍ୟ ତାହା ଉଦ୍‌ଘୋଷିତ ହୋଇଥାଏ ଏହି ଲୀଳାରେ।

ସେହି ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ନିଜେ ବ୍ରହ୍ମ ସ୍ୱରୂପରେ ସ୍ଥାବର ଜଂଗମ, କୀଟରୁ ପତଙ୍ଗ ସର୍ବତ୍ର ବିଦ୍ୟମାନ। ସେ ହେଉଛନ୍ତି ଆଦିପୁରୁଷ, ଅକ୍ଷରପୁରୁଷ, ପୂର୍ଣ୍ଣବ୍ରହ୍ମ, ପୁରୁଷୋତ୍ତମ, ପରଂବ୍ରହ୍ମ, ପରମାତ୍ମା, ଜଗତ + ନାଥ = ଜଗନ୍ନାଥ। ଜଗତ ହେଉଛି ନିଖିଳ ବିଶ୍ୱପ୍ରକୃତି, ଆଉ ତାହାର ନାଥ ବା ପ୍ରଭୁ ହେଉଛନ୍ତି ଶ୍ରୀଜଗନ୍ନାଥ। ସେ ସତ୍ୟ, ଶିବ, ସୁନ୍ଦର, ଅବିନାଶୀ, ନିତ୍ୟ, ନିର୍ଗୁଣ ପୁଣି ସଗୁଣ।

ଶ୍ରୀଜଗନ୍ନାଥ ଓଡିଆର ସ୍ପନ୍ଦନ। ଓଡିଶାର ପ୍ରାଣଶକ୍ତି। ଓଡିଆ ଜାତିର ଜୀବନଗାଥା। ରାଷ୍ଟ୍ରୀୟ ଦେବତା। ଓଡିଶାର ବନ୍ଧୁ, ସଖା, ସହୋଦର, ଆତ୍ମୀୟ ସ୍ୱଜନ, ଆପଣାର ଲୋକ। ଓଡିଆର ସୁଖଦୁଃଖ, ହାନିଲାଭ, ଉତ୍ଥାନପତନ ସହି ସେ ଜଡିତ। ଅଥଚ ସେ ବିଶ୍ୱଦେବତା, ଜଗତରନାଥ। ପତିତପାବନ। ଜଗତର ଦୃଶ୍ୟମାନ ରୂପ। ପ୍ରକାଶମାନ ସଗୁଣ ଶକ୍ତି।

ଶ୍ୱେତ, କୃଷ୍ଣ ଓ ହରିଦ୍ରା – ଧଳା, କଳା ଓ ହଳଦିଆ – ସମଗ୍ର ବିଶ୍ୱର ତିନି ପ୍ରକାର ମଣିଷର ପ୍ରତିଭୂ ପୁରୁଷ। ପରମାତ୍ମା ପରମେଶ୍ୱର ବିଗ୍ରହରୂପରେ ପ୍ରକଟ। ଚତୁର୍ଦ୍ଧାମୂର୍ତ୍ତି ରୂପରେ ଯିଏ ବରାଭୟ ପ୍ରଦାନ କରିଥା'ନ୍ତି। କୈବଲ୍ୟ କଣିକା ଯାହାର ମୁକ୍ତିର ମାର୍ଗ ଦର୍ଶାଇଥାଏ। ଯିଏ ନିଜେ ମୃତ୍ୟୁବରଣ କରି ଅଭୟ ଦିଅନ୍ତି। ଆତ୍ମାରେ ଐଶ୍ୱରୀୟ ଉପଲବ୍ଧି ପାଇଁ ଯେଉଁ ଦର୍ଶନ ଓ ପରମ୍ପରାର ଇଙ୍ଗିତ। ସୃଷ୍ଟି ଓ ସ୍ରଷ୍ଟାଙ୍କର ଏକାତ୍ମବୋଧ ପ୍ରତିପାଦିତ ହୋଇଥାଏ ଜଗନ୍ନାଥ ଚେତନାରେ।

ଉପରେ ନୀଳଆକାଶ, ତଳେ ନୀଳ ସମୁଦ୍ର, ନୀଳାଚଳରେ ବିଜେ ସେଇ ମଣିଷର ଦେବତା। ବିଶ୍ୱମୈତ୍ରୀ, ବିଶ୍ୱଭ୍ରାତୃତ୍ୱର ପ୍ରତୀକ। ସେଥିପାଇଁ ରତ୍ନସିଂହାସନରେ ଭାଇଭଉଣୀଙ୍କର ଅଧିଷ୍ଠାନ। ଜଗଲ ଉଦ୍ଧରଣ ପାଇଁ ଶ୍ରୀମନ୍ଦିର ଚୂଡାରେ ପତିତପାବନ ବାନା ଉଡାଉଛନ୍ତି। ନୀଳଚକ୍ରରେ ଉଡ୍ଡୀୟମାନ ଏହି ବାନା ସତେକି ଜଗତବାସୀଙ୍କୁ ବରାଭୟ ପ୍ରଦାନ କରିଥାଏ। ମନେହୁଏ, ଶ୍ରୀଜଗନ୍ନାଥ ଯେପରି କହୁଛନ୍ତି – ମୁଁ ଅଛି। ତୁ କାହିଁକି ଭୟ କରୁଛୁ? ଭୟ କରୁଛୁ ଦୁଃଖକୁ, ଶୋକକୁ, ସମସ୍ୟାକୁ, ସଂଘର୍ଷକୁ, ଏ ମାୟାମୟ ସଂସାରର ଯନ୍ତ୍ରଣାକୁ?

ସେ ମଣିଷର ଦେବତା। ବେଳେ ବେଳେ ଖାଣ୍ଟି ଓଡିଆଟିଏ। ପତ୍ନୀଙ୍କ ସହିତ ମାନ ଅଭିମାନ ହୁଏ। ଭାଇ ଭଉଣୀଙ୍କ କଥାକୁ ମଥାରେ ତୋଳି ଧରି ଥାଆନ୍ତି। ଆଦରର ଭଉଣୀର ସବୁ ଅଳି ଅଝଟକୁ ପୂରଣ କରନ୍ତି। ପତ୍ନୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ପ୍ରଲୋଭନ ଦିଅନ୍ତି। କହନ୍ତି – ଏଇ ଦେଖ, ଯାତ୍ରାରୁ ମୁଁ ତୁମ ପାଇଁ ତୁମର ଅତି ପ୍ରିୟ ରସଗୋଲା

ଆଣିଛି । କବାଟ ଖୋଲ । ସିଂହ ଦରଜା ନ ଖୋଲିଲେ ମୁଁ ଏମିତି ଛିଡା ହୋଇଥିବି ବାହାରେ । ଏ ଲୌକିକ ଆବେଦନ କେତେ ପ୍ରାଣସ୍ପର୍ଶୀ ! କେତେ ଆପଣାର ଆପଣାର ଲାଗେ !

ଭକ୍ତ ବଳରାମ ଦାସ ପାଇଁ କେତେବେଳେ ବାଲିରଥରେ ଉଭା ହୁଅନ୍ତି ତ ଆଉ କେତେବେଳେ ଅନ୍ନଭୋଜନ ଧରି ଉଭା ହୁଅନ୍ତି ଭୋକିଲା ଯାଜପୁରିଆ ବନ୍ଧୁ, ଭକ୍ତ ବନ୍ଧୁ ମହାନ୍ତି ପାଖରେ । ଯବନ ଭକ୍ତ ସାଲବେଗ ଯେତେବେଳେ ଆକୁଳ ପ୍ରାର୍ଥନା କରେ – ସାତଶ ପଞ୍ଚାଶ କୋଶ 'ଚାଲି ନ ପାରଇ, ମୁହିଁ ଯିବା ଯାଏ ବଡଦାଣ୍ଡେ ଥିବ ରହି ।' ଭକ୍ତର ଏହା ପ୍ରାର୍ଥନା ନା ଆଦେଶ ? ଭକ୍ତ ପାଇଁ ସବୁ ଅସାଧ ସାଧନ କରନ୍ତି ସେ । ଭକ୍ତର ପ୍ରାଣର ଠାକୁର ସାଜି ଅପେକ୍ଷା କରି ରହିଥାନ୍ତି ବଡଦାଣ୍ଡରେ । ଗୀତ ଗୋବିନ୍ଦର ଲଳିତ ପଦାବଳୀ ଶୁଣୁଶୁଣୁ ଉତ୍ତରୀୟରେ ବାଇଗଣ ଗଛର କଣ୍ଟା ଲାଗିଯାଏ ତାଙ୍କର । କାହାଠୁ ନଡିଆ ନେଲେଣି ତ କାହା ହୃଦୟ ଚୋରି କଲେଣି । କିଏ ବିଡିଆ ପାନ ଦେବ ବୋଲି ରାତି ଅଧରେ ପହଞ୍ଚିଲେଣି କାହା ପାଖରେ । ଖେଚୁଡି ଖାଇବାକୁ ଉଭାହେଲେଣି କରମାବାଈ ଦୁଆରେ । କାହାକୁ ହାତୀବେଶ ଦେଖାଇଲେଣି ତ କାହା ପାଖରେ କଳାଭ୍ରମର ରୂପ ଧାରଣ କଲେଣି । କେତେ ଭାବରେ ପ୍ରକଟ ସିଏ । ବୁଡିଗଲା ଜାହାଜକୁ ଉଦ୍ଧାର କରନ୍ତି ତ ଭକ୍ତକୁ ଭକ୍ତିର ପରୀକ୍ଷା ନେବା ପାଇଁ ଭସାଇ ଦିଅନ୍ତି ଦୁଃଖର ଅଥଳ ସାଗରରେ । ହଟିଆ ଠାକୁର ସେ । ସେ ମଣିଷ, ପୁଣି ଦେବତା । ଆପଣାର ପୁଣି ସାତ ପରଠୁ ପର । ଯିଏ ତାଙ୍କୁ ଯେଉଁ ରୂପରେ ଭାବେ, ତାକୁ ସେ ସେଇ ଭାବରେ ଦେଖାଦିଅନ୍ତି । କାହାକୁ କୃଷ୍ଣ, କାହାକୁ ରାମ, କାହାକୁ ଗଣେଶ, କାହାକୁ ବିଷ୍ଣୁ, କାହାକୁ ଶିବ, କେତେ ରୂପ ତାଙ୍କର । ସେ ଲୀଳାମୟ । ଅସୀମ ତାଙ୍କର କରୁଣା ।ଭକ୍ତ ଶ୍ରଦ୍ଧାରେ ଭାବେ କାଳିଆ ସାଆନ୍ତେ ! କାଳିଆ ରେ ! ହେ ବଡ ଠାକୁର ! ଚକାଆଖିଆ ! ଲହୁଣୀ ଚୋର । ଏମିତି କେତେ ନାଁ । ଏ ଡାକରେ ଥାଏ ଆପଣାପଣର, ମିଠା ମିଠା ମହକ, ଭିଜା ଭିଜା ବାସ୍ନା । ଭକ୍ତର ଆଖି ଲୁହରେ ଭିଜି ଯାଉଥିବା ଓ ଠାକୁର, ଏ ଦିଅଁ କେବଳ ମଣିଷର । ଆର୍ତ୍ତଜନର । ଦୁଃଖୀର, ଭକ୍ତର ଭାବଭୋଳା ପ୍ରଭୁ । ଅନ୍ୟ କୌଣସି ଦେବାଦେବୀଙ୍କ ପାଇଁ ଏପରି ଅନ୍ତରଙ୍ଗତା ଅନୁଭୂତ ହୁଏ ନାହିଁ । ଭୟ ଭକ୍ତି ନୁହେଁ, ପ୍ରେମଭକ୍ତିରେ ଭକ୍ତ ନିଜକୁ ସମର୍ପଣ କରିଦିଏ ତାଙ୍କ ପଦ୍ମପାଦ ତଳେ । ଆତୁର କଣ୍ଠରେ କୁହେ – ନିଅ ଏ ସମର୍ପଣକୁ ସ୍ୱୀକାର କର । ତୁମ ପାଦତଳେ ସମର୍ପି ଦେଉଛି ମୋର ଇହକାଳ, ପରକାଳ, ମୋର ଅହଂକାର, ଅସ୍ମିତା, ସଫଳତା ବିଫଳତା, ଦୁଃଖଦୈନ୍ୟ, ଆନନ୍ଦଉଲ୍ଲାସ ସବୁ କିଛିକୁ । ହେ ପ୍ରିୟତମ, ଗ୍ରହଣ କର । ଟିକେ ଆଶ୍ରା ଦିଅ ତୁମ ପାଦତଳେ । ଏ ଅନ୍ତରଙ୍ଗତା କେବଳ ତାଙ୍କ ସାଙ୍ଗରେ । ସାରା ବିଶ୍ୱରେ ଏପରି ଏକାତ୍ମବୋଧ ମିଳେ ନାହିଁ । ଏ ଦିଅଁ ନିଆରା । ଭିନ୍ନ ତାଙ୍କର ଦର୍ଶନ । ସେଥିପାଇଁ ସେ ହୋଇଥାନ୍ତି ଭାଇ, ବନ୍ଧୁ, କୁଟୁମ୍ବ, ଆତ୍ମୀୟସ୍ୱଜନ, ବାପା, ମା' ପୁଣି ପ୍ରିୟପରମ ପ୍ରିୟତମ ।

ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଣ୍ଠରୁ ସେଦିନ ଝରି ଆସିଥିଲା ଗୋଟେ ବିଚିତ୍ର ମାଗୁଣି । ଯାହା ବିଶ୍ୱର ସମସ୍ତ ଆଧ୍ୟାତ୍ମିକ ପରମ୍ପରା ବା ଦାର୍ଶନିକ ଚିନ୍ତନରେ ବିରଳ । ମନ୍ଦିର ନିର୍ମାଣ ସରିଲା । ଦିଅଁ ବି ପ୍ରତିଷ୍ଠିତ ହେଲେ । ପ୍ରଜ୍ୱଳିତ ହେଲା ଗୋଟେ ଅନନ୍ୟ ଆଧ୍ୟାତ୍ମିକ ଚେତନାର ଅନିର୍ବାଣ ଜ୍ୟୋତିଶିଖା । ସେଦିନ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ମାଗୁଣି ଥିଲା – ପ୍ରଭୁ ! ମତେ ନିର୍ବଂଶ କର । କି ଅଦ୍ଭୁତ କଥା । ଏପରି ପ୍ରାର୍ଥନା କ'ଣ କେହି କରିପାରେ ସାରା ସଂସାରରେ ନିଜର ଇଷ୍ଟଙ୍କ ପାଖରେ ? ଯାହାର କରୁଣା କଟାକ୍ଷରେ ବୈକୁଣ୍ଠ କିମ୍ବା ସ୍ୱର୍ଗ ସମ୍ପଦ ଅପ୍ରାପ୍ତ ନୁହେଁ । ତାଙ୍କୁ ହୁଏତ ସିଏ ମାଗି ପାରିଥାନ୍ତେ କୁବେରର ଐଶ୍ୱର୍ଯ୍ୟ, ଇନ୍ଦ୍ରପଦ, ପରମପଦ କିମ୍ବା ମୋକ୍ଷ । ହେଲେ ତାଙ୍କ ତୁଣ୍ଡରୁ ଏ ସବୁରୁ ପଦୁଟିଏ ବି ସ୍ଫୁରିଲା ନାହିଁ । ସେ ଚାହିଁଲେ ତାଙ୍କ ବଂଶରେ କେହି ବି ଜଣେ ନ ରହୁ, ଯିଏ ଅହଙ୍କାର କରି କହିବ – ମୋର ପୂର୍ବପୁରୁଷ ଏହି ମନ୍ଦିରର ପ୍ରତିଷ୍ଠାତା । ସମର୍ପଣର ଏ ଚରମ ଦୃଷ୍ଟାନ୍ତ ଦେଖାଇ ଭକ୍ତ ଇନ୍ଦ୍ରଦ୍ୟୁମ୍ନ କାଳ କାଳକୁ ଅମର ହୋଇ ଯାଇଛନ୍ତି । ସବୁ ଗର୍ବ ଅହଙ୍କାରକୁ ସେ ଟେକି ଦେଇଛନ୍ତି ସାରା ଉତ୍କଳବାସୀଙ୍କ ପାଇଁ । ପ୍ରତିଷ୍ଠା କରିଯାଇଛନ୍ତି ତ୍ୟାଗର ପରାକାଷ୍ଠାକୁ । ଶ୍ରୀଜଗନ୍ନାଥ ଧର୍ମ ଓ ଦର୍ଶନରେ ସମର୍ପଣର ଚୂଡାନ୍ତ ନିଦର୍ଶନ ।

ଓଡିଶାର ପ୍ରାଣ ଶ୍ରୀଜଗନ୍ନାଥ । ତା'ର ଶ୍ୱାସପ୍ରଶ୍ୱାସ । ତାର ପତିଆରା ଓ ପ୍ରତୀତି । ତାର ପ୍ରେମ ଓ ବିଶ୍ୱାସ । ଶ୍ରୀଜଗନ୍ନାଥ ଚେତନାରେ ଉଚ୍ଚନୀଚ, ଛୁଆଁ ଅଛୁଆଁ, ଧର୍ମ ଅଧର୍ମ, ଜାତିଅଜାତି କୌଣସି ଭେଦ ଭାବ ନାହିଁ । ଲକ୍ଷ୍ମୀ ପାଟରାଣୀ ଦିନେ ଶ୍ରୀୟା ଚଣ୍ଡାଳୁଣୀ ଘରେ ପୂଜା ଗ୍ରହଣ କରିଥିଲେ ବୋଲି ଲକ୍ଷ୍ମୀପୁରାଣରେ ଉଲ୍ଲେଖ ଅଛି । ଲକ୍ଷ୍ମୀପୁରାଣରେ ନାରୀ ସ୍ୱାଧୀନତା, ସ୍ୱାଧିକାର, ମର୍ଯ୍ୟାଦାବୋଧ ଓ ଅସ୍ପୃଶ୍ୟତା ନିବାରଣ ସମ୍ପର୍କରେ ଯେଉଁ ଦିଗ୍‌ଦର୍ଶନ ଦିଆଯାଇଛି, ତାହା ସମକାଳୀନ ଭାରତୀୟ ସମାଜରେ ବିରଳ ଦୃଷ୍ଟାନ୍ତ । ଆଚାଣ୍ଡାଳ ବ୍ରାହ୍ମଣ ପରସ୍ପରଠାରୁ ମହାପ୍ରସାଦ ନେଇ ସେବନ କରିବାର ବିଧି ଓ ପରମ୍ପରା ବାସ୍ତବିକ ଅନନ୍ୟ । ପରାଧୀନ ଭାରତରେ ନାରୀକୁ ଅଶିକ୍ଷା, କୁସଂସ୍କାର, ଅନ୍ଧବିଶ୍ୱାସର ଅତଳତଳ ଅନ୍ଧକାର ଗହ୍ୱରକୁ ଠେଲି ଦିଆଯାଇଥିଲା । ତାକୁ ପରଦାସୀନା କରାଇ ତାର ଆତ୍ମାକୁ ଖର୍ବୀକୃତ କରିଦିଆ ଯାଇଥିଲା । ଷୋଡଶ ଶତାବ୍ଦୀରେ ଭାରତବର୍ଷର ସାମାଜିକ ବିଧି ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ନାରୀ ସ୍ୱାଧୀନତାର ବାର୍ତ୍ତା ଓ ଅସ୍ପୃଶ୍ୟତା ବିରୋଧୀ ଚିନ୍ତାଧାରା ଶ୍ରୀଜଗନ୍ନାଥ ଚେତନାର ବୈଶିଷ୍ଟ୍ୟ ପ୍ରତିପାଦନ କରିଥାଏ । ମାନବବାଦର ଜୟଗାନ କରାଯାଇଥାଏ ।

ଏହି ଆଧ୍ୟାତ୍ମିକ ବିଶ୍ୱାସରେ ଜାତିଆଣପ୍ରଥାର ଅନୁମୋଦନ କରାଯାଇ ନାହିଁ । ଜଗନ୍ନାଥ ଚେତନାରେ ମଣିଷ ହିଁ ଏକମାତ୍ର ଜାତି ଓ ମାନବିକତା ହିଁ ଏକମାତ୍ର ଧର୍ମ । ଏଥିପାଇଁ ସର୍ବଧର୍ମ ସମନ୍ୱୟର ପୀଠସ୍ଥଳୀ ବୋଲି ବିଚାର କରାଯାଇଛି ଶ୍ରୀକ୍ଷେତ୍ରକୁ । ଏଥିରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ, ଜୈନ, ଏପରିକି ବୈଦିକ ସନାତନ ଧର୍ମର ସମନ୍ୱୟ ସଂସ୍ଥାପିତ । ଆର୍ଯ୍ୟ, ଦ୍ରାବିଡ, ଶାବର ସଂସ୍କୃତିର ମହାମିଳନ ଘଟିଛି ଓଡିଶାର ସଂସ୍କୃତିରେ । ପୁଣି ଫରାସୀ ଗବେଷକ– M. Sylevsin

Levia ଙ୍କ ମତରେ "For four years he abode in the temple of Jagannath and soon began to teach the sudras and farmers in parables." (The Life and Work of Jesus in India) ପୃ୧୪, ଶ୍ରୀକ୍ଷେତ୍ର ଜଗନ୍ନାଥ, ଶ୍ରୀ ଶୁକଦେବ ମହାନ୍ତି।

ଅବଶ୍ୟ ଏପରି ଏକ ତଥ୍ୟ ଅଧିକ ଗବେଷଣା ସାପେକ୍ଷ। ଶ୍ରୀଚୈତନ୍ୟ, ରାମାନୁଜ, ଗଣପତି ଭଟ୍ଟ, ତୁଳସୀଦାସ, ଶଙ୍କରାଚାର୍ଯ୍ୟ ପ୍ରଭୃତି ବହୁ ବହୁ ଭକ୍ତ ସାଧୁସନ୍ଥ ପୁରୀକୁ ଆସିଛନ୍ତି ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭାବାବିଷ୍ଟ ହୋଇଛନ୍ତି। ଶହ ଶହ ବର୍ଷଧରି ଓଡିଶାର ରାଷ୍ଟ୍ରଦେବତା ଭାବରେ ସେ କେବଳ ଏ ରାଜ୍ୟର ରାଜନୈତିକ ଉତ୍ଥାନ ପତନ ସହ ସଂଶ୍ଳିଷ୍ଟ ନୁହନ୍ତି; ସେନାପତି ରୂପେ ଏ ଜାତିର ଯୁଦ୍ଧରେ ସାମିଲ ହୋଇଛନ୍ତି। ଓଡିଶାର ସ୍ୱାଭିମାନ ରକ୍ଷା କରିଥିବା କଥା କିମ୍ବଦନ୍ତୀ ରୂପରେ ଘରେଘରେ ପ୍ରଚଳିତ।

ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚିବିଜୟ ଗାଥା ଓଡିଆ ସାହିତ୍ୟରେ ଗୌରବର ସହିତ ଉତ୍କୀର୍ଣ୍ଣ। ରଥ ଉପରେ ରାଜାଙ୍କର ଛେରାପହଁରା ନୀତି ସ୍ମରଣ କରେଇଦିଏ ଅତୀତର ଏହି ସ୍ମୃତିକୁ। କାଞ୍ଚି ରାଜଜେମାଙ୍କୁ ଏହି ଛେରାପହଁରା ଅବସରରେ ରାଜା ପୁରୁଷୋତ୍ତମଙ୍କୁ ଅର୍ପଣ କରିଥିଲେ ଚତୁର ମହାମନ୍ତ୍ରୀ।

ଅନେକ ସମାଲୋଚକ ମଧ୍ୟ କୁହନ୍ତି, ଶ୍ରୀଜଗନ୍ନାଥ ଚେତନାରେ ସାମ୍ୟବାଦୀ ଭାବାଦର୍ଶର ପ୍ରତିଫଳନ ଲକ୍ଷ୍ୟ କରାଯାଇପାରେ। ଅପର ପକ୍ଷରେ କୁହାଯିବ ବରଂ ସୁପ୍ରାଚୀନ ଜଗନ୍ନାଥ ଚେତନାର ବହୁପରେ କାର୍ଲମାକ୍ସଙ୍କ ସାମ୍ୟବାଦୀ ରାଜନୈତିକ ଭାବାଦର୍ଶର ପଚାର ପ୍ରସାର ଘଟିଥିଲା। ଶ୍ରୀମନ୍ଦିର ଶୀର୍ଷଦେଶରେ ଶୋଭା ପାଉଥିବା ପତିତପାବନ ବାନା ବିଶ୍ୱକୁ ପତିତ ଦଳିତର ବିକାଶ ଓ ସମାଜରେ ସମ୍ମାନଜନକ ଆସନ ଦେବାପାଇଁ ବାର୍ତ୍ତା ପ୍ରଦାନ କରୁଛି। ଗଜପତି ରାଜାଙ୍କର ଛେରାପହଁରା ନୀତି ମଧ୍ୟ ଏହି ଭାବାଦର୍ଶର ଅନ୍ୟତମ ଉଦାହରଣ। ଶ୍ରୀଜଗନ୍ନାଥ ସାମନ୍ତବାଦୀ ଶାସନ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ହୋଇଥିଲେ ହେଁ ପତିତ-ଦଳିତର ଉଦ୍ଧାର ପାଇଁ ଆହ୍ୱାନ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ପୂଜାବିଧିରେ ଦଇତାମାନଙ୍କର ପ୍ରାଧାନ୍ୟ ଏହା ସୂଚାଇଦିଏ। ନବକଳେବର କାଳରେ ଶ୍ରୀଜଗନ୍ନାଥଙ୍କ ପାଇଁ ସର୍ବଲକ୍ଷଣଯୁକ୍ତ ଦାରୁ ସଂଗ୍ରହ ଠାରୁ ଏକାଦଶାହ କ୍ରିୟା ପର୍ଯ୍ୟନ୍ତ ଲୌକିକ ରୀତିରେ ଦଇତାମାନେ ଆତ୍ମୀୟସ୍ୱଜନ ପରି ପାଳନ କରିଥାନ୍ତି। ଶବରରାଜା ବିଶ୍ୱାବସୁଙ୍କ କନ୍ୟା ଓ ବିଦ୍ୟାପତିଙ୍କ ଔରସରୁ ଦଇତାପତି ବଂଶଧରମାନଙ୍କର ଶ୍ରୀଜଗନ୍ନାଥ ପୂଜା ଉପାସନାରେ ଗୁରୁତ୍ୱ ରହିଛି। ଏଗାର ମାସ ଆର୍ଯ୍ୟରୀତିରେ ଉପାସିତ ହେଉଥିବା ଦିଅଁମାନେ ଅଣସର ଘରେ ଓ ରଥଯାତ୍ରା ସମୟରେ ଏହି ବିଶ୍ୱାବସୁ ବଂଶଜ ଦଇତାମାନଙ୍କଠାରୁ ମନ୍ତ୍ର ତନ୍ତ୍ର ପ୍ରୟୋଗ ବିନା ଆପଣା କୌଳିକ ରୀତିରେ ସେବା ଗ୍ରହଣ କରିଥାନ୍ତି। ସେତିକି ନୁହେଁ, ଲକ୍ଷ୍ମୀ ଠାକୁରାଣୀ, ଶ୍ରୀୟା ଚଣ୍ଡାଳୁଣୀର ସେବାଗ୍ରହଣ କରିବା ମଧ୍ୟ ପତିତ ଉଦ୍ଧାର ପାଇଁ ଉଦ୍ଦିଷ୍ଟ। ଗଣପତି ଭଟ୍ଟ ଓ ପ୍ରିୟମ୍ବଦଙ୍କ ପରି ଦ୍ରାବିଡ ଗାଣପତ୍ୟ ଧର୍ମର ଉପାସକଙ୍କ ପାଇଁ ହାତୀବେଶ ଧାରଣ କରିବା, କାଞ୍ଚିଗଣେଶଙ୍କର ଉପାସନା ଓ ଶ୍ରୀମନ୍ଦିରରେ ନାନା ପ୍ରକାର ପର୍ବପର୍ବାଣି ପାଳିତହେବା ବିଧିବିଧାନରୁ ଜଗନ୍ନାଥ ଚେତନାରେ ଆର୍ଯ୍ୟ, ଦ୍ରାବିଡ ଓ ଶାବର ସଂସ୍କୃତି, ଧର୍ମ, ଦର୍ଶନ ଓ ଆଧ୍ୟାତ୍ମିକ ସମନ୍ୱୟକୁ ଲକ୍ଷ୍ୟ କରାଯାଇଥାଏ।

ବିଶ୍ୱବ୍ରହ୍ମାଣ୍ଡର ରାଜା ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ଚଢି ବରଷକରେ ଥରେ ପାଦ ଦିଅନ୍ତି ବଡଦାଣ୍ଡରେ ଏ ଆର୍ତ୍ତତ୍ରାଣର ଗୁହାରି ଶୁଣିବା ପାଇଁ। ଆନନ୍ଦର ଉତ୍ତାଳ ତରଙ୍ଗ ଭିତରେ ଭକ୍ତ ଓ ଭଗବାନ ଏକାକାର ହୁଅନ୍ତି। ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସେଇ କରୁଣାର ଛତ୍ରଛାୟା ତଳେ ପ୍ରେମରେ କୋଳାକୋଳି ହୁଅନ୍ତି। ସବୁ ଭେଦଭାବ ଭୁଲି ମହାନ୍ ମାନବିକତାବୋଧରେ ଉଦ୍‌ବୁଦ୍ଧ ଲକ୍ଷ ଲକ୍ଷ ଜନତା ହଜାଇ ଦିଅନ୍ତି ନିଜନିଜର ପରିଚୟ। ସବୁରି ପରିଚୟ - ଭକ୍ତଜନ। କେବଳ ଭକ୍ତ। ଧନୀ ଦରିଦ୍ର, ଛୁଆଁ ଅଛୁଆଁ, ହିନ୍ଦୁ ମୁସଲମାନ, ବୌଦ୍ଧ ଖ୍ରୀଷ୍ଟିୟାନ, ସ୍ୱଦେଶୀ ବିଦେଶୀ, ଉଚ୍ଚ ନୀଚ ସମସ୍ତେ ସମାନ ଏଇ ପାବନଭୂଇଁରେ, ବଡଦାଣ୍ଡରେ। ସମସ୍ତେ ଉଦ୍‌ବୁଦ୍ଧ ବିଶ୍ୱଭ୍ରାତୃତ୍ୱରେ। ଏହି ମହାନ୍ ଆଦର୍ଶର ପ୍ରତିଷ୍ଠା ପାଇଁ ରତ୍ନସିଂହାସନ ଛାଡି ଶ୍ରୀମନ୍ଦିରରୁ ବାହାରି ବିଜେ ହୁଅନ୍ତି ତିନି ଠାକୁର।

ଜଗନ୍ନାଥ ନିଜେ ମଧ୍ୟ ସାଧାରଣ ମଣିଷଟିଏ ପରି, ଗୃହୀଟିଏ ପରି ଆଚରଣ କରିଥାନ୍ତି। ଏଥିରେ ଦିବ୍ୟଭାବନା, ଅଲୌକିକତା ଅପେକ୍ଷା ଜାଗତିକ - ମାନବିକ ଭାବନାକୁ ପ୍ରାଧାନ୍ୟ ଦିଆଯାଇଛି। ସାଧାରଣ ଗୃହୀଟିଏ ପରି ଜଗନ୍ନାଥଙ୍କ ମନ୍ଦିରରେ ପାଳିତ ହୁଏ ଦେବ-ଦୀପାବଳି, ପୟାଶ୍ରାଦ୍ଧ, ଅଣସର ଘରେ ଜ୍ୱରରେ ପଡି ପଥି ପାଞ୍ଚଣ ଖାଇବାର ବିଧି, ପୁଣି ନବକଳେବର ଅନ୍ତ୍ୟେଷ୍ଟିକ୍ରିୟା ପାଳନର ଯାବତୀୟ ଲୋକାଚାର। ଧୂଳିଆଦର୍ଶନ ହେଉ କି ଦ୍ୱରଦର୍ଶନ ହେଉ କି ସାହାଣମେଲା ହେଉ, ଶ୍ରୀମନ୍ଦିରରେ ହେଉ କି ବଡଦାଣ୍ଡରେ ହେଉ ଏପରିକି ଅନ୍ତର୍ଦୃଷ୍ଟିରେ ହେଉ - ପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଜନଙ୍କୁ ନାନା ରୂପରେ ଦର୍ଶନ ଦେଇ ତା'ରି ହାରିଗୁହାରି ଶୁଣିଥାନ୍ତି। ସାହାଣମେଲା ବେଳେ ସବୁ ଭକ୍ତଙ୍କର ସୁଅ ଛୁଟେ ରତ୍ନସିଂହାସନ ପାଖକୁ। ରାଜାଧିରାଜ, ଦୁଃଖୀଜନର ବନ୍ଧୁ, ଜଗତର ପତି ଶ୍ରୀଜଗନ୍ନାଥଙ୍କ ଦୃଷ୍ଟିରେ ସମସ୍ତେ ସମାନ। ସେହିପରି ବଡଶିଙ୍ଗାର ବେଶ ପରେ ବଡଦେଉଳରୁ ଲୋକାପସାରଣ କରାଯାଏ। ଗୀତଗୋବିନ୍ଦ ଶୁଣି ଦେବଦାସୀ ନୃତ୍ୟ ଦେଖି ଜଣେ ସାଧାରଣ ସଂସାରୀ ମଣିଷ ପରି ଶୁଚିମନ୍ତଭାବରେ ଶଯ୍ୟା ଗ୍ରହଣ କରିଥାନ୍ତି ସେ। ସାରାଦିନର କର୍ମକ୍ଲାନ୍ତ ମଣିଷ ଲୋଡେ ଟିକେ ବିଶ୍ରାମ। ଏକାନ୍ତ ଭାବରେ। ଶ୍ରୀଜଗନ୍ନାଥ ମଧ୍ୟ ସେପରି ପରମ୍ପରାକୁ ସ୍ୱୀକାର କରନ୍ତି ପୂଜାବିଧି ଉପଚାରରେ।

ଶୀତଦିନେ ତାଙ୍କୁ ଶୀତ ହୁଏ। ଶୀତଲୁଗା ଲୋଡା ହୁଏ। ମନ୍ଦିରରେ ପାଳିତ ହୁଏ ଉର୍ଣ୍ଣାଷଷ୍ଠୀ। ସେଇଦିନୁ ଦିଅଁମାନେ ଶୀତବସ୍ତ୍ର ଧାରଣ କରିଥାନ୍ତି। ଗ୍ରୀଷ୍ମଋତୁରେ ପ୍ରବଳ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାକୁ ପ୍ରତ୍ୟେକ ମଣିଷ ଲୋଡିଥାଏ ଶୀତଳ ଉପଚାର। ଶ୍ରୀଜଗନ୍ନାଥ ତ ଦେବତା ନୁହନ୍ତି, ବରଂ ଆମ ତୁମ ପରି ମଣିଷ। ଗରମରୁ ରକ୍ଷା ପାଇବା ପାଇଁ ଚନ୍ଦନସେବା,

ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା, ଧବଳ ପୁଷ୍ପଧାରଣ ପ୍ରଭୃତି ପରମ୍ପରା ସମ୍ପୂର୍ଣ୍ଣ ମାନବିକ। ଏକୋଇଶ ଦିନ କାଳ ଚନ୍ଦନଯାତ୍ରା ପରେ ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଜ୍ୱର ରୋଗ ଭୋଗ କରିବା ତ ସାଧାରଣ କଥା। ଅଧିକ ସ୍ନାନ ଯୋଗୁଁ ଆରମ୍ଭ ହୁଏ ଅସୁସ୍ଥତା। ଠାକୁରେ ବେମାର ପଡ଼ନ୍ତି। ଲୋଡ଼ାହୁଏ ଔଷଧ ମଷୁଧି ଆପାଣାର ଲୋକଙ୍କ ସେବା। ପନ୍ଦର ଦିନ କାଳ ଅସୁସ୍ଥ ରହି ଅଣସର ଘରେ ସେବା ପାଆନ୍ତି ଆତ୍ମୀୟସ୍ୱଜନ ଦଇତା ମାନଙ୍କ ଠାରେ। ସବୁ କାମ ବନ୍ଦ। କେହି ଦେଖା କରି ପାରିବେ ନାହିଁ। କାହାରି ହାରିଗୁହାରି ଶୁଣିବାର ନାହିଁ। ଖାଇବା ପିଇବାରେ ବାରଣ, ଶରୀର ଆରୋଗ୍ୟ ହେବାପାଇଁ ଯାହା ଯାହା ଲୋଡ଼ା ସେଇ ଉପଚାର। ଫୁଲୁରି ତେଲ ସେବା ହେଉ କି ଆମ୍ବ ପଣସ ଭୋଗ ହେଉ, ସବୁ ଦଇତା ମାନଙ୍କ କୌଳିକ ରୀତିରେ।

ପନ୍ଦରଦିନ ଅଣସର ଘରେ ରହିବାପରେ ସୁସ୍ଥ ହୁଅନ୍ତି ତିନି ଠାକୁର। ନବଯୌବନ ଲାଭ କରନ୍ତି। ଆରମ୍ଭ ହୁଏ ରଥଯାତ୍ରା। ଜନମସ୍ଥଳୀ ଗୁଣ୍ଡିଚାଘରେ ଲୀଳାମୟ ଠାକୁର ବିଜେ ହୁଅନ୍ତି। ରଥଯାତ୍ରାରେ ଗଲାବେଳେ ଆଗରେ ବଡ଼ଭାଇ, ମଝିରେ ସାନଭଉଣୀ, ପଛରେ ଶ୍ରୀଜଗନ୍ନାଥ। ଭଉଣୀର ସୁରକ୍ଷା ତ ଭାଇର କର୍ତ୍ତବ୍ୟ। ସେପରି ଦେଢ଼ଶୁର ସାଙ୍ଗରେ ଭାଇବୋହୂ ଯିବା ଓଡ଼ିଆ ପରମ୍ପରା ଓ ଚଳଣିରେ ନିଷିଦ୍ଧ। ତେଣୁ ମହାଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିରରେ। ସେଥିପାଇଁ ମହାଲକ୍ଷ୍ମୀଙ୍କର ଅଭିମାନର ସୀମା ନ ଥାଏ। ହେରାପଞ୍ଚମୀ ଦିନ ଲୁଚି ଲୁଚି ଯାଇ କୋପିତା ଲକ୍ଷ୍ମୀ ସାଧାରଣ ଓଡ଼ିଆଣୀଟିଏ ପରି ରାଗରେ ରଥକାଠ ଭାଙ୍ଗିଦିଅନ୍ତି। ସାମାଜିକତା ଦୃଷ୍ଟିରୁ ବଡ଼ଭାଇ ଦେଢ଼ଶୁର ଓ ନଣନ୍ଦଙ୍କ ସହିତ ତାଙ୍କର ବିରୋଧ ନାହିଁ। କିନ୍ତୁ ନିଜର ପ୍ରିୟତମ, ପ୍ରିୟପୁରୁଷ ଶ୍ରୀଜଗନ୍ନାଥଙ୍କର ପତ୍ନୀଙ୍କ ପ୍ରତି ଏ ଉପେକ୍ଷା ଯେ ଅସହ୍ୟ। କୋପିତା ଲକ୍ଷ୍ମୀ ଦ୍ୱାର ବନ୍ଦ କରିବା ଭଳି ସାଧାରଣ ଲୋକାଚାରର ଦୃଷ୍ଟାନ୍ତ ପୃଥିବୀର କୌଣସି ଉପାସନାବିଧିରେ ପରିଲକ୍ଷିତ ହୁଏନାହିଁ। ପୁଣି ଆଦରଣୀୟା ଲକ୍ଷ୍ମୀଙ୍କ ମାନଭଞ୍ଜନ, ଲକ୍ଷ୍ମୀଙ୍କ କଳି, ଉକ୍ତିପ୍ରତ୍ୟୁକ୍ତି ପ୍ରଭୃତି ଲୌକିକ ଆବେଦନ ସାଧାରଣ ଗୃହୀଟିର ଘରୋଇ କଳି ପରି ମନେହୁଏ। ନିଜେ ଆଚରଣ କରି ସେ ଜନସମାଜକୁ ଶିକ୍ଷାଦିଅନ୍ତି। ରଥଯାତ୍ରା କାଳରେ ବାଟରେ ପଡ଼େ ମାଉସୀମା ମନ୍ଦିର। ମାଉସୀ ମା'ଙ୍କୁ ଦର୍ଶନ ନ କଲେ ସେ କ'ଣ ଭାବିବେ ? ଧନୀ ହେଉ କି ଦରିଦ୍ର ହେଉ ଆତ୍ମୀୟ ସ୍ୱଜନ, ସମ୍ପର୍କୀୟଙ୍କ ପ୍ରତି ତ କର୍ତ୍ତବ୍ୟ ରହିଛି। ଜଗନ୍ନାଥ ଏଥିରୁ ବାଦ୍ ପଡ଼ିବେ କେମିତି ? କିଛି ସମୟ ଅଟକି ଯାଆନ୍ତି ପ୍ରଭୁ। ରଥଯାତ୍ରା କାଳରେ କାଳେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଉପରେ କାହାର ଦୃଷ୍ଟି ପଡ଼ିଯିବ, ମା' ମୁଣ୍ଡରେ ବାନ୍ଧିଦିଅନ୍ତି ଟାହିଆ। ଯେମିତି ପୁଷମାସରେ ମା' ଲକ୍ଷ୍ମୀ ବାପଘରକୁ ଗଲେ ମା' ରାତି ପାହାନ୍ତାରୁ ପୁଅଝିଅଙ୍କ ପାଇଁ ଖେଚୁଡ଼ି ଭୋଗ ରାନ୍ଧନ୍ତି। ମା' ପେଟ ଚିହ୍ନେ - କଥା ଅଛି। ମୋ ପିଲାଙ୍କୁ ଭୋକ କରୁଥିବ, ମା' ଆଖିରେ ନିଦ ହଜିଯାଏ। ସେପରି ରଥଯାତ୍ରାରୁ ଫେରିବା ପରେ କାଳେ ମୋ ଛୁଆଙ୍କ ଉପରେ କେଉଁ ଅପଦେବତାର ଦୃଷ୍ଟି ପଡ଼ିଥିବ ସେଥିପାଇଁ ରଥ ଉପରେ ପଣା ପାଣି ଦେଇ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରନ୍ତି ମା'। ସେ ସବୁ ଅଧରପଣା ଭୋଗହାଣ୍ଡିକୁ ରଥ ଉପରେ ଭାଙ୍ଗି ଦିଆଯିବାର ବିଧି ରହିଛି। ସେପରି ଶ୍ରୀଜଗନ୍ନାଥଙ୍କ ରାଶିନକ୍ଷତ୍ରର ଗତିବିଧି ବି ପଢ଼ାହୁଏ ଶ୍ରୀମନ୍ଦିରରେ। ଜ୍ୟୋତିଷେ କହନ୍ତି - ଠାକୁରେ, ଆଜି ତମର ଘାତଚନ୍ଦ୍ର ଯୋଗ ଅଛି। ଟିକେ ହୁସିଆରରେ ଚଳିବ। କି ମାନବିକତାର ସ୍ପର୍ଶ ! ସକାଳୁ ସଞ୍ଜ ଯାଏ, ବିଛଣାରୁ ଉଠିବା ଠାରୁ ଶଯ୍ୟାଗ୍ରହଣ କରିବା ପର୍ଯ୍ୟନ୍ତ, ଦାନ୍ତଘଷା, ଝାଡ଼ାଯିବା, ଗାଧୋଇବା ଇତ୍ୟାଦି ସବୁକିଛି ନୀତି ନିୟମରେ ଲୌକିକତା ପରିଲକ୍ଷିତ ହୋଇଥାଏ। ଜଗନ୍ନାଥ ଚେତନାରେ ଏହି ଲୌକିକ ଅବେଦନ ହିଁ ତା'ର ସ୍ୱାତନ୍ତ୍ର୍ୟ। ଯାହା ଅନ୍ୟତ୍ର ବିରଳ।

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତି, ଚଳଣି, ପରମ୍ପରାରେ ଏପରି ସାମିଲ ହୋଇସାରିଛନ୍ତି ଯେ, ତାଙ୍କ ବିନା ଓଡ଼ିଆ ସାମାଜିକ ଜୀବନର ପରିକଳ୍ପନା ଅସମ୍ଭବ। ଯେ କୌଣସି ପର୍ବ ପର୍ବାଣି ପାଳନ ବେଳେ, ଉତ୍ସବରେ, ସାମାଜିକ ଅନୁଷ୍ଠାନରେ, ସଙ୍ଗୀତନୃତ୍ୟ ପରିବେଷଣ କାଳରେ, ଜାତକର୍ମ, ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦର, ଅବଢ଼ା କୋଡ଼ୁଆର ଉପସ୍ଥିତି ଲୋଡ଼ା ହୁଏ। ପ୍ରତୀକ ଭାବରେ ବନ୍ଧୁ ଚଳେଇବା ବେଳେ ଲୋଡ଼ାହୁଏ ମହାପ୍ରସାଦ। ଶ୍ରୀଜଗନ୍ନାଥଙ୍କ ସଦୟ ଉପସ୍ଥିତି ପାଇଁ ଉତ୍ସବାନୁଷ୍ଠାନରେ ପ୍ରଥମେ ତାଙ୍କୁ ପ୍ରାର୍ଥନା କରିଥାନ୍ତି ଓଡ଼ିଆମାନେ। ଚଉରାମୂଳେ ମୁରୁଜରେ ଫୁଟିଉଠେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି। ଚିତ୍ରକଳାରେ ବି ତ୍ରିମୂର୍ତ୍ତି। ପଟ୍ଟଚିତ୍ରରେ, ଚାନ୍ଦୁଆ କାମରେ, ପ୍ରତ୍ୟେକ ଜୀବନଚର୍ଯ୍ୟାରେ ଓଡ଼ିଆଏ ଖୋଜିଥାନ୍ତି ଶ୍ରୀଜଗନ୍ନାଥଙ୍କୁ। ନିର୍ବନ୍ଧବେଳେ ଶ୍ରୀମହାପ୍ରସାଦ ଟେକି ପରସ୍ପର ସଙ୍କଳ୍ପ କରିଥାନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ବି ନିର୍ମାଲ୍ୟ ପାଣି ଦେଲେ ଲୋକବିଶ୍ୱାସ ରହିଛି ଦିବଂଗତ ଆତ୍ମା ସ୍ୱର୍ଗଲାଭ କରେ। ଏପରିକି ବିଶ୍ୱାସ କରାଯାଏ ଯେ, ପୁରୀର ପ୍ରବେଶଦ୍ୱାରକୁ ଯମଦେବତା ଭିତରକୁ ପ୍ରବେଶ କରିପାରନ୍ତି ନାହିଁ। ସେଥିପାଇଁ ସ୍ୱର୍ଗଦ୍ୱାରରେ ସଂସ୍କାରିତ ହେଲେ ଦିବଂଗତ ବ୍ୟକ୍ତିର ମୋକ୍ଷ ଲାଭ ହୁଏ ବୋଲି ଆମର ଦୃଢ଼ ବିଶ୍ୱାସ।

ସାଧାରଣ ଭାବରେ ଗାଁ ଗଣ୍ଡାରେ କଳି ତକରାଳ ହେଲେ ଅବଢ଼ା କୋଡ଼ୁଆ, ନିର୍ମାଲ୍ୟ ଶ୍ରୀମହାପ୍ରସାଦ ଛୁଇଁ ଶପଥ କରାଯାଏ ସମସ୍ୟାର ସମାଧାନ ପାଇଁ। ସତେ ଯେପରି ଶ୍ରୀଜଗନ୍ନାଥଙ୍କ ଉପସ୍ଥିତିକୁ ଅନୁଭବ କରାଯାଏ ଏଇ ନିର୍ମାଲ୍ୟ ମାଧ୍ୟମରେ। ବିଶ୍ୱାସ ରହିଛି ପ୍ରତ୍ୟହ କୈବଲ୍ୟ କଣିକାରୁ ଟିକିଏ ସେବନ କଲେ ଜୀବନରେ ସୁଖଶାନ୍ତିର ମାର୍ଗ ଉନ୍ମୋଚିତ ହୋଇଥାଏ। ମୁକ୍ତି ମିଳିଥାଏ। ନାନା ଦୈନନ୍ଦିନ ଜୀବନରେ ନିଜର ଇଷ୍ଟ ଭାବରେ ଶ୍ରୀଜଗନ୍ନାଥଙ୍କୁ ମାନି ଓଡ଼ିଆ ମାନେ ଶକ୍ତି ଓ ଶାନ୍ତି ପାଇଥାଆନ୍ତି। ବାହାଘର ନିମନ୍ତ୍ରଣ କାର୍ଡ ବଣ୍ଟାଯିବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ନାମରେ ପ୍ରଥମ କାର୍ଡଟିକୁ ସମର୍ପଣ କରାଯାଏ।

ଧାନ ଗଉଣୀରେ ମପାହେବାବେଳେ ପ୍ରଥମ ଗଉଣୀଟିକୁ ଡକାଯାଏ- ଜଗନ୍ନାଥ। ତା ପର ଦ୍ୱିତୀୟ ଗଉଣୀଠାରୁ ସ୍ୱାଭାବିକ ଗଣତି ଚାଲେ। ନାରୀ ମାନଙ୍କର ଗଭୀର ବିଶ୍ୱାସ ଯେ, ତୁଳସୀ ଚଉରାମୂଳେ

ସଞ୍ଜବତୀଟିଏ ଜାଳିଦେଲେ ତାହା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଲାଗି ହୋଇଯାଏ। ବିପଦରେ, ସମ୍ପଦରେ, ସବୁ ସମୟରେ ଓଡିଆମାନେ ଶ୍ରୀଜଗନ୍ନାଥଙ୍କୁ ପରମବନ୍ଧୁ, ତ୍ରାଣକର୍ତ୍ତା, ଆପଣାର ମଣିଷ, ପ୍ରିୟତମ ଭାବରେ ଲୋଡି ଥାଆନ୍ତି। ଶ୍ରୀଜଗନ୍ନାଥ ଓଡିଆ ସାହିତ୍ୟକୁ ଶହ ଶହ ବର୍ଷ ଧରି ଆଚ୍ଛନ୍ନ କରି ରଖିଛନ୍ତି। କବିଙ୍କ ଭାଷାରେ –" ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା।" ଖାଲି ପରମବ୍ରହ୍ମ ଭାବରେ ନୁହନ୍ତି କି ପୂର୍ଣ୍ଣବ୍ରହ୍ମ ଭାବରେ ନୁହନ୍ତି, ମହାନାୟକ ଭାବରେ ତାଙ୍କୁ ଓଡିଆ ଭାଷାର ସ୍ରଷ୍ଟାମାନେ ଅଭିବ୍ୟଞ୍ଜିତ କରିଛନ୍ତି ତାଙ୍କ ସୃଜନଶୀଳତାରେ। ଶ୍ରୀଜଗନ୍ନାଥଙ୍କୁ ବାଦ୍ ଦେଇ ଓଡିଆ ଭାଷା ସାହିତ୍ୟର ପରିକଳ୍ପନା ସତେକି ଅସମ୍ଭବ। ଶ୍ରୀମଦ୍‌ଭାଗବତ ହେଉକି ଲକ୍ଷ୍ମୀପୁରାଣ ହେଉ ଓଡିଆର ଜନଜୀବନରେ ସେହି ସବୁସାହିତ୍ୟର ଗଭୀର ପ୍ରଭାବ ରହିଛି। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ ଓଡିଶୀବୈଷ୍ଣବ ପରମ୍ପରା ଗଢି ଉଠିଛି, ତା'ର ଉପାସକ ପଞ୍ଚସଖାଙ୍କ ସାହିତ୍ୟରେ ମଧ୍ୟ ତାର ଗଭୀର ପ୍ରଭାବ ପରିଲକ୍ଷିତ ହୋଇଥାଏ। ବଡଦେଉଳ, ବଡଠାକୁର, ବଡଦାଣ୍ଡ – ଏ ସମସ୍ତ ଓଡିଆର ପ୍ରାଣପ୍ରବାହରେ, ଜୀବନଚର୍ଯ୍ୟାରେ, ଚିନ୍ତା ଓ ଚେତନାରେ ଏତେ ଅନ୍ତରଙ୍ଗ ଭାବରେ ଜଡିତ ଯେ, ତାଙ୍କ ବିନା ଯେପରି ଓଡିଆର ସ୍ଥିତି ଅସମ୍ଭବ। କେବଳ ରାଷ୍ଟ୍ରଦେବତା ଭାବରେ ଓଡିଶା ଓ ଓଡିଆ ତାଙ୍କ ପାଖରେ ସମର୍ପିତ ନୁହନ୍ତି; ଭାଷା ସାହିତ୍ୟ, ସଙ୍ଗୀତ ନୃତ୍ୟ, ଚାରୁକଳା, ସ୍ଥାପତ୍ୟ, ଧର୍ମ ଦର୍ଶନ, ପ୍ରତ୍ୟେକଟି କ୍ଷେତ୍ରରେ ଶ୍ରୀଜଗନ୍ନାଥ ଉପାସ୍ୟ ପ୍ରଭୁ ଭାବରେ ଉଭା ହୁଅନ୍ତି। ଭକ୍ତିର ମହାସ୍ରୋତରେ ଓଡିଆମାନଙ୍କୁ ନିଜେ ଶ୍ରୀଜଗନ୍ନାଥ ସତେକି ବାହି ନିଅନ୍ତି କେଉଁ ପ୍ରବାଳ ଦ୍ୱୀପ ଅଭିମୁଖେ। ଭାବରେ, ପ୍ରେମରେ, ଓଡିଆ କବିଟିଏ ଗାଳିଦେଇ ଗାଇପାରେ – "ମନ ଭରତି କରି ଦେବି ଗାଳି ହେ।"

ଉଲ୍ଲେଖଯୋଗ୍ୟ ଭାରତବର୍ଷରେ ଚାରିଧାମ ମଧ୍ୟରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଶଙ୍ଖକ୍ଷେତ୍ର ହେଉଛି ଅନ୍ୟତମ ଧାମ। କୁହାଯାଏ ଦ୍ୱାରକାଧାମରେ ପ୍ରଭୁ ପରମେଶ୍ୱର ଶ୍ରୀବିଷ୍ଣୁ ସ୍ନାନ କରନ୍ତି, ରାମେଶ୍ୱର ଧାମରେ ପୂଜା ଉପାସନା କରନ୍ତି, ଶ୍ରୀକ୍ଷେତ୍ର ପୁରୀରେ ଅନ୍ନବ୍ୟଞ୍ଜନ ଭୋଜନ କରନ୍ତି ଓ ବଦ୍ରିନାଥଧାମରେ ଶୟନ କରନ୍ତି। ଏଣୁ ଶ୍ରୀକ୍ଷେତ୍ରରେ ନାନା ପ୍ରକାର ଦିବ୍ୟଭୋଜନ ପ୍ରସ୍ତୁତ କରାଯାଇଥାଏ, ଛପନ ପ୍ରକାରର ଷାଠିଏ ପଉଟି ଭୋଗ ଯାହା ଅର୍ପିତ ହୁଏ, ତାହା ସମଗ୍ର ପୃଥିବୀରେ ଅନ୍ୟ କୌଣସି ଦେବତାଙ୍କ ପାଖରେ ଅର୍ପଣ କରାଯାଏ ନାହିଁ। ଏ ସବୁ ପିଠାପଣା, ଅନ୍ନ ବେସର, ତରକାରି, ମିଠାମିଠି, ପଖାଳ, ଖେଚୁଡି, ସରଳବଣି ପ୍ରଭୃତିରେ ଓଡିଆଘରର ସ୍ୱାତନ୍ତ୍ର୍ୟ ବାରି ହୋଇପଡେ। ସରପୁଳି ହେଉକି ଖୁଆମୁଣ୍ଡା ହେଉ, ଆରିସା ହେଉକି ପୋଡପିଠା ହେଉ ଏ ସମସ୍ତ ଓଡିଆ ଘରର ହାଣ୍ଡିଶାଳରେ ବି ପ୍ରସ୍ତୁତ ହୋଇଥାଏ ବିଭିନ୍ନ ସମୟରେ। ଶ୍ରୀମନ୍ଦିରରେ ପ୍ରସାଦ ରୂପେ ଅର୍ପଣ କରାଯାଇଥିବା ଭୋଗର ବର୍ଣ୍ଣନା ଯେପରି କଷ୍ଟକର, ଶ୍ରୀଜଗନ୍ନାଥଙ୍କ ବେଶ ମଧ୍ୟ ପୃଥିବୀରେ ଏକ ଅନନ୍ୟ ପରମ୍ପରା।

ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟକୁ ପରିବେଷଣ କରିବା ସହଜ କଥା ନୁହେଁ। ଏ ସମ୍ପର୍କରେ ଗ୍ରନ୍ଥ ପରେ ଗ୍ରନ୍ଥ ରଚିତ ହୋଇ ଚାଲିଛି। ଏଠାରେ ଗୋଟିଏ କଥା ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ମନେ କରୁଛି। ସମ୍ପ୍ରତି ଇସ୍କନ ଭକ୍ତମାନେ ସାରା ପୃଥିବୀରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଧର୍ମ ଦର୍ଶନ, ଚେତନାକୁ ପ୍ରଚାର ପ୍ରସାର କରିବାରେ ଲାଗି ପଡିଛନ୍ତି। ବହୁ ଶ୍ୱେତାଙ୍ଗ ନାରୀ ପୁରୁଷ ହିନ୍ଦୁ ଧର୍ମରେ ଦୀକ୍ଷିତ ହୋଇ ସେହି ମହାଭାବରେ ଉଦ୍‌ବୁଦ୍ଧ ହେଉଥିବାର ଦେଖିବାକୁ ମିଳୁଛି। କହିବା ବାହୁଲ୍ୟ, ସାରା ବିଶ୍ୱରେ ଏହି ଚେତନାର ପ୍ରସାର ସେମାନଙ୍କ ଆତ୍ମିକ ନିଷ୍ଠା ଓ ପରାକାଷ୍ଠା ଯୋଗୁଁ ସମ୍ଭବ ହୋଇପାରୁଛି।

ନିକଟରେ ଟେକ୍ସାସ୍‌ର ହ୍ୟୁଷ୍ଟନ ସହରରେ ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଳନର ଅନୁଭୂତି ମୋର ହୋଇଛି। ଏହା ଭକ୍ତି, ଭାବ ଓ ସମର୍ପଣର ଜ୍ୱଳନ୍ତ ଉଦାହରଣ। ପ୍ରାୟ ଏକ ବା ଦୁଇ ଏକର ଜାଗାରୁ ଉର୍ଦ୍ଧ୍ୱ ଏକ ବିଶାଳ ଇସ୍କନ ମନ୍ଦିରରେ ସ୍ନାନପୂର୍ଣ୍ଣିମା ପାଳିତ ହେଲା। ଶତାଧିକ ଇସ୍କନ ଭକ୍ତ ରୁଣ୍ଡ ହୋଇ ସାରାଦିନ ଏ ଉତ୍ସବକୁ ମହାଡମ୍ବରରେ ପାଳନ କଲେ। ସାଜସଜ୍ଜା, ସ୍ନାନ, ବେଶ, ପ୍ରସାଦସେବନ ତ ସାଧାରଣ ଲୌକିକ ଉପଚାର। କିନ୍ତୁ ଭଜନ ଓ କୀର୍ତ୍ତନ ଥିଲା ଅନୁଭବର କଥା। ବହୁ ଭକ୍ତ ନୃତ୍ୟ କରୁଥାନ୍ତି। ଅନେକ ଭଜନ ଗାନ କଲାବେଳେ ଅଶ୍ରୁବିଗଳିତ ହେଉଥାନ୍ତି। ମୁହଁରେ ବିଲୋଳ ଆନନ୍ଦ ଫୁଟି ଉଠୁଥାଏ। ସାଷ୍ଟାଙ୍ଗ ପ୍ରଣିପାତ ଓ ଦର୍ଶନ ବେଳେ ମୁଖମଣ୍ଡଳରେ ସମ୍ପୂର୍ଣ୍ଣ ସମର୍ପଣର ସଜଳ ଭାବ। ଯେ କେହି ଦେଖିଲେ ଅଭିଭୂତ ହେବ। ସେପରି ଶ୍ରୀମନ୍ଦିରରେ ବ୍ରହ୍ମ ପରିବର୍ତ୍ତନ ଦିନ ଦୀର୍ଘ ଛ ଘଣ୍ଟାକାଳ ଅଖଣ୍ଡ ନାମ ସଂକୀର୍ତ୍ତନ। ଅନେକ ଉପବାସ କରିଥାନ୍ତି। ସେପରି ରଥଯାତ୍ରା ଦିନ ମହା ସମାରୋହରେ ତିନିରଥଙ୍କୁ ଯଥାରୀତି ପହଣ୍ଡି କରାଇ ଦୁଇ ତିନି କିଲୋମିଟର ରାସ୍ତାରେ ନେଇ ପୁଣି ଅଣା ଯାଇଥିଲା। ବାସ୍ତବରେ ସେ ଦୃଶ୍ୟ ଥିଲା ଅପୂର୍ବ। ରଥ ବାହାରିବା ସ୍ଥାନରେ ପ୍ରାୟ ସାତଆଠ ହଜାର ଲୋକ ରୁଣ୍ଡ ହୋଇ ପୂଜା ରୁଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ସଂକୀର୍ତ୍ତନ ପ୍ରଭୃତି ଦେଖି ଅଭିଭୂତ ହେଉଥାନ୍ତି। ରାସ୍ତାରେ ରଥ ଗଲାବେଳେ ରାସ୍ତାର ଦୁଇକଡରେ ଲୋକମାନେ ଘରୁ ବାହାରିଅସି ଛିଡା ହୋଇ ଦେଖୁଥାନ୍ତି। ଇସ୍କନ ଭକ୍ତମାନେ ନୃତ୍ୟ ଓ ସଂକୀର୍ତ୍ତନ କରି ଚାଲିଥାନ୍ତି। ଛୋଟ ଝିଅମାନେ, ସ୍ତ୍ରୀଲୋକମାନେ (ଅଧିକାଂଶ ବିଦେଶିନୀ) ମଥାରେ ଚନ୍ଦନ ଟିପା, ଶାଢୀ, ଗହଣା ପ୍ରଭୃତି ପିନ୍ଧି ସମ୍ପୂର୍ଣ୍ଣ ଭାରତୀୟ ନାରୀବେଶରେ ରଥ ମଝିରେ ଚାଲିଥାନ୍ତି। ଚିତା ଓ ତୁଳସୀମାଳି ବାରି ହୋଇ ପଡୁଥାଏ ସେମାନେ ଇସ୍କନ ଭକ୍ତ ବୋଲି। ଛେରା ପହଁରା କରିଥିଲେ ଜଣେ ଆମେରିକୀୟ ଡାକ୍ତର। ବୟସ ଅନୁମାନ ଚଉରାଅଶି ପଞ୍ଚାଅଶି ହେବ। ଖାଲି ପାଦରେ ସେ ରଥ ଆଗେ ଆଗେ ଚାଲିଥାନ୍ତି। ବିଶ୍ୱାସ କରି ହେଉ ନ ଥାଏ ଆଖିରେ ଦେଖୁଥିବା ଦୃଶ୍ୟକୁ। ତାଙ୍କ ପତ୍ନୀ ବି ଡାକ୍ତରାଣୀ। ଦୁହେଁ ଇସ୍କନ ଭକ୍ତ। ଏ ସୀମିତ ପରିସରରେ ସେ ସବୁର ଦୀର୍ଘ ବିବରଣୀ ଦେବା ସମ୍ଭବ ନୁହେଁ।

ଆମେରିକାର ବହୁ ବଡ ବଡ ସହରରେ ଇସ୍କନ୍ ସୋସାଇଟି ମନ୍ଦିରମାନ ପ୍ରତିଷ୍ଠା କରି ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ ଚେତନାର ଜୟଯାତ୍ରା ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଆଉ ଗୋଟିଏ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରୁଛି। ହାୱାଇର ରାଜଧାନୀ ହନ୍‌ଲୁଲୁ ସହରରେ ଗୋଟେ ଖୁବ୍

ବଡ ଜାଗାରେ ଇସ୍‌କନ୍ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏଠାରେ ବହୁ ଭକ୍ତଙ୍କର ସମାବେଶ ଘଟିଥାଏ। ଏ ଜମିଟିକୁ ପ୍ରସିଦ୍ଧ ଫୋର୍ଡ କମ୍ପାନୀର ମାଲିକଙ୍କ ନାତି ଦାନ ସୂତ୍ରରେ ଦେଇଛନ୍ତି। ସେ ନିଜେ ଇସ୍‌କନ୍ ଭକ୍ତ। ପ୍ରତି ରବିବାରଦିନ ଉପରବେଳା ସେଠି ବିଶେଷ ଅଧିବେଶନ ହୁଏ। ବହୁ ଗୋରା ଲୋକ ଓ ଭାରତୀୟ ଆସନ୍ତି ସେ ବିଶେଷ ଅଧିବେଶନକୁ। କୀର୍ତ୍ତନ, ଗୀତାପାଠ, ଭଜନ, ପୂଜା ଉପାସନା ପରେ ଭୋଗ ଲାଗି ହୁଏ। ସନ୍ଧ୍ୟା ଆଳତି ପ୍ରସାଦ ଲାଗି ପରେ ଭକ୍ତମାନେ ରାତ୍ରିଭୋଜନ କରନ୍ତି ସେଇ ସମ୍ପୂର୍ଣ୍ଣ ନିରାମିଷ, ଶୁଦ୍ଧ (ବିନା ପିଆଜ ରସୁଣ) ପ୍ରସାଦକୁ। ତାପରେ ଯିଏ ଯାହା ଘରକୁ ଫେରନ୍ତି।

ମନ୍ଦିରର ପରିପାର୍ଶ୍ୱରେ ରହିଛି ଶୋଭାବର୍ଦ୍ଧନକାରୀ ପ୍ରକାଣ୍ଡ ପ୍ରକାଣ୍ଡ ଗଛ। ସମଗ୍ର ଅଞ୍ଚଳଟି ଛାୟାଛନ୍ନ ହୋଇ ରହିଥାଏ। ଠିକ୍ ଗୋଟେ ସୁସଜ୍ଜିତ କାନନ ପରି ମନ୍ଦିରର ଗୋଟେ ପଟେ ଫୁଲର ବଗିଚା। ଆଉ ଗୋଟେ ପଟେ କାହିଁ କେତେ ଶହ ବର୍ଷ ତଳର ଆକାଶଛୁଆଁ ପ୍ରକାଣ୍ଡ ବରଗଛ। ଆକାଶରୁ ଲମ୍ବି ଆସିଥିବା ଦେବ ଦେବ ମହାଦେବଙ୍କ ଜଟାଜୁଟ ପରି ଓହଳଗୁଡ଼ିକ ଲମ୍ବିଆସି ଭୂମିସ୍ପର୍ଶ କରିଛନ୍ତି। କେତୋଟି ଆମ୍ବଗଛରେ ପାଚିଲା ଆମ୍ବ ଲଦି ହୋଇଥାଏ। ତଳେ ଝଡି ପଡିଥାଏ ଅନେକ। ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ସହିତ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ପୂଜା ପାଆନ୍ତି ପ୍ରତ୍ୟହ। ମନ୍ଦିରର ଗୋଟେ ପାଖରେ ଅତିଥିଶାଳା, ରୋଷଶାଳା, ପ୍ରଶାସନ ପାଇଁ ଅଫିସ୍, ସ୍ଥାୟୀ ଭକ୍ତ ଓ ପୂଜକଙ୍କ ପାଇଁ ଘର। କାହାର ଜନ୍ମଦିନ, କାହାର ବିବାହବାର୍ଷିକୀ, କାହା ବାପା ମାଆଙ୍କର ଶ୍ରାଦ୍ଧ ଏପରି ଦିନରେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ଅତିଥିମାନେ ସାତ୍ତ୍ୱିକ ପ୍ରସାଦ ପାଇ ଘରକୁ ଫେରନ୍ତି। ଏଇକ୍ରମରେ ଭାରତୀୟମାନେ ନିଜର ବନ୍ଧୁବାନ୍ଧବଙ୍କ ପରି ଅନ୍ତରଙ୍ଗ ହୁଅନ୍ତି ପରସ୍ପର ସହିତ। ନିଜ ନିଜର ସୁଖଦୁଃଖ ବାଣ୍ଟନ୍ତି।

ଶ୍ରୀଜଗନ୍ନାଥଙ୍କ ମହିମାକୁ ନେଇ ବହୁ ବହୁ ଭକ୍ତଙ୍କର ଅନୁଭବ ରହିଛି। ବହୁ କାହାଣୀ, କିମ୍ବଦନ୍ତୀ, ଗାଥା ଗୁନ୍ଥି ହୋଇଚାଲିଛି କେଉଁ କାଳରୁ। ସେ ସମସ୍ତ କେବଳ ଆତ୍ମୋପଲବ୍ଧିର କଥା। ଭକ୍ତ ଓ ଭଗବାନଙ୍କର କଥା। ଯୁକ୍ତିର ସିଦ୍ଧାନ୍ତରେ ଓ ମାନଦଣ୍ଡରେ ଏହାକି ସତ୍ୟବୋଲି ପ୍ରମାଣ କରିବା କଠିନ ବ୍ୟାପାର। ଭକ୍ତ ଦାସିଆର ନଡିଆକୁ ଶ୍ରୀଜଗନ୍ନାଥ ହାତ ବଢେଇ ନେଇଗଲେ – ଏ କଥାକୁ ଯୁକ୍ତିନିଷ୍ଠ ଭାବରେ ଚାକ୍ଷୁଷପ୍ରମାଣ ଦେଇ ପ୍ରତିଷ୍ଠା କରିବା ଅସମ୍ଭବ। ଏ ବିଶ୍ୱାସ ଆଜି ବି ଅତୁଟ ରହିଛି। ସମୟର ପ୍ରବାହ ଏହାକୁ ଦୋହଲାଇ ଦେଇ ପାରିନାହିଁ। ପ୍ରଗାଢ ଭକ୍ତି ହିଁ ଏହାର ଅନ୍ତରାଳରେ ବିଦ୍ୟମାନ। ଏହି ଭକ୍ତି ବଳରେ ପଙ୍ଗୁ ଗିରି ଲଙ୍ଘିପାରେ। ଅସମ୍ଭବ ସମ୍ଭବ ହୁଏ।

ସେଦିନ ରବିବାର ହୋଇଥାଏ। ମୁଁ ଓ ମୋ ଭଉଣୀ ଟୁଲି, ତା ସ୍ୱାମୀ ଡକ୍ଟର ଚିତ୍ତରଞ୍ଜନ ରାୟ (ସେତେବେଳେ ସେ ହାୱାଇ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିଲେ) ଯାଇଥାଉ ଇସ୍‌କନ୍ ମନ୍ଦିରକୁ। ପରସ୍ପର ଶୁଭେଚ୍ଛା ଆଦାନ ପ୍ରଦାନ ହେଲା। କିଛି ସମୟପରେ ଗୀତଗୋବିନ୍ଦର ଗୋଟଏ ସଙ୍ଗୀତ ଗାଇଲେ ଜଣେ ଶ୍ୱେତାଙ୍ଗ ମହିଳା। ଦେହରେ ହଳଦିଆ ରଙ୍ଗର ଶାଢୀ। ମୁଣ୍ଡରେ ଓଢଣା। ହାତରେ ପଟେ ପଟେ ସୁନାଚୁଡି ସହିତ କିଛି ପାଣିଚୁଡି। ମଥାରେ ଟିପା। ଠିକ୍ ଜଣେ ଭାରତୀୟ ହିନ୍ଦୁ ମହିଳାଙ୍କ ପରି ବେଶଭୂଷା। ଗୀତଗୋବିନ୍ଦ ଗାଇ ସାରିବା ପରେ ଆଉ ଗୋଟିଏ ଭଜନ ସେ ଗାଇଲେ, "ଥକ୍କାମନ ଚାଲଯିବା, କଳା ଶ୍ରୀମୁଖ ଦେଖିବା।" ଗାଇଲା ବେଳେ ଆଖିରୁ ତାଙ୍କର ଲୁହ ଝରୁଥିଲା। ତନ୍ମୟ ଓ ତଲ୍ଲୀନ ଥିଲେ ସେ ଗାୟନରେ। ତାପରେ ଆଉ ଗୋଟିଏ ଗୀତ – "ଆସିଥିଲି କାଳିଆ ତୋ ଦରଶନ ପାଇଁରେ, ତୋତେ ଛାଡି ଯିବାକୁ ମୋ ମନ ବଳୁ ନାହିଁ ରେ।" ଉଚ୍ଚାରଣରେ ଟିକିଏ ତ୍ରୁଟି ରହିବା ସ୍ୱାଭାବିକ। କିନ୍ତୁ ସେ ପରି ପ୍ରାଣଦେଇ ଗାଉଥିଲେ ଯେ, ମନେ ହେଉଥିଲା ପ୍ରଭୁ ଶ୍ରୀଜଗନ୍ନାଥ ଯେମିତି ତାଙ୍କ ଆଗରେ ଉଭା ହୋଇଛନ୍ତି ଓ ସେ ତାଙ୍କ ପ୍ରିୟପରମଙ୍କୁ ଏ ଭଜନ ଶୁଣାଉଛନ୍ତି। ଅନ୍ୟମାନଙ୍କ ଉପସ୍ଥିତିକୁ ସତେକି ସେ ଭୁଲି ଯାଇଛନ୍ତି। ମୁ ସ୍ତବ୍ଧ ଚକିତ ହୋଇ ତାଙ୍କୁ ଚାହିଁ ରହିଥାଏ। ଅନ୍ୟମାନେ ଭକ୍ତି ବିଭୋର।

ଭଜନ କୀର୍ତ୍ତନ ପରେ ସେ ଗୀତାର ଗୋଟିଏ ଛାନ୍ଦ ଇଂରେଜୀରେ ବୁଝେଇଲେ। କେତେ ସୁନ୍ଦର ଭାବରେ ସେ ବୁଝିଛନ୍ତି ଗୀତାକୁ! କେତେ ସ୍ପଷ୍ଟ ତାଙ୍କର ଅବବୋଧ! ଏ ସବୁ ଦେଖି ଲଜ୍ଜା ଲାଗୁଥାଏ ନିଜକୁ। ଆମେ ସମସ୍ତେ ଶୁଣୁଥାଉ। ସେ କିନ୍ତୁ ମଜ୍ଜି ଯାଇଥାନ୍ତି। ମଗ୍ନଥାନ୍ତି ନିଜ ଚେତନାରେ। ମୁଁ ତାଙ୍କର ଏ ଭକ୍ତି ଓ ଭାବବିହ୍ୱଳ ଅବସ୍ଥା ଦେଖି ଅଭିଭୂତ ହୋଇଯାଇଥାଏ। ଏ ସବୁ ସରିଲା। ମୁ ଟୁଲିକି କହିଲି ତାଙ୍କ ସହିତ ମୋର ଟିକେ ପରିଚୟ କରିଦେବାକୁ। ତାଙ୍କ ବିଷୟରେ ଟୁଲି ଯାହା କହିଲା ସେଥିରୁ ବୁଝିଲି ସେ ଭଦ୍ରମହିଳା ହାୱାଇ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରଫେସର। ତାଙ୍କ ସ୍ୱାମୀ ସେ ବିଶ୍ୱବିଦ୍ୟାଳୟର ଡିନ୍। ତାଙ୍କର ଗୋଟିଏ ପୁଅ ଓ ଝିଅ। ଦୁହେଁ ଡାକ୍ତର ଓ ବିବାହିତ। ଦୁହେଁ ରହନ୍ତି ମେନ୍‌ଲ୍ୟାଣ୍ଡରେ। ଜଣେ ଫିଲାଡେଲ୍‌ଫିଆ ଆଉ ଜଣେ ନିୟୁୟର୍କ୍‌ରେ।

ଗଲାବେଳେ ସାଙ୍ଗରେ କିଛି ପୁରୀରୁ ଶ୍ରୀଜଗନ୍ନାଥଙ୍କ ଖଜାଭୋଗ ମୁଁ ନେଇଥାଏ। ସନ୍ଧ୍ୟା ଆଳତି, ଭୋଗଲାଗି ପରେ ଟୁଲି ସମସ୍ତଙ୍କୁ ମହାପ୍ରସାଦ ବାଣ୍ଟିଲା। ମତେ ସେ ଭଦ୍ରମହିଳାଙ୍କୁ ପରିଚୟ କରାଇଦେଲା। ମୁଁ ଓଡିଶାରୁ ଆସିଛି ବୋଲି କହିଲା। ସେମାନେ ଓଡିଶା କ'ଣ ବୁଝନ୍ତି ନାହିଁ। ଓଡିଶାର ଅର୍ଥ ସେମାନଙ୍କ ପାଇଁ ପୁରୀ ଶ୍ରୀକ୍ଷେତ୍ର। ଅଧିକାଂଶ ଶ୍ୱେତାଙ୍ଗ ପୁରୁଷ ମହିଳା ଆସି ମତେ ଆଲିଙ୍ଗନ କରୁଥାନ୍ତି। କେହି କେହି ହିନ୍ଦୁଙ୍କ ରୀତିରେ ମୁଣ୍ଡିଆ ମାରି ପ୍ରଣାମ କରୁଥାନ୍ତି। ସତେ ଯେମିତି ଶ୍ରୀଜଗନ୍ନାଥଙ୍କ ଗୁଣ ଧରି ଆସିଛି ମୁଁ ଆଉ ସେ ଗୁଣକୁ ସେମାନେ ମୋ ମାଧ୍ୟମରେ ଅନୁଭବ କରୁଛନ୍ତି। କେହି କେହି କହୁଥାନ୍ତି – ଫେରିଗଲେ ଆମକଥା ଟିକେ ଠାକୁରଙ୍କୁ କହିବେ। କାୟୋ-ମନୋବାକ୍ୟରେ ଆମେ ହିନ୍ଦୁ ହୋଇସାରିଛୁ। କିନ୍ତୁ କାହିଁକି ଆମକୁ ମନ୍ଦିରକୁ ଛଡା ଯାଏ ନାହିଁ? ବର୍ଷକୁ ଥରେ କେବେ ପ୍ରଭୁ ବଡଦାଣ୍ଡକୁ ରଥଯାତ୍ରାରେ ଆସିବେ, ଆମେ ଦେଖିବୁ। ଭଲ ଭାବରେ ଦର୍ଶନ ବି କରି ହୁଏନି। କେତେବେଳେ ରଥ

ଉପରେ ପଣ୍ଡା, ସେବକମାନଙ୍କର ଭିଡ ତ କେବେ ଫୁଲର ଝାଲେରି ଆମକୁ ପୂର୍ଣ୍ଣ ଦର୍ଶନରୁ ବଞ୍ଚିତ କରେ। ତା ଛଡା ସବୁବେଳେ ରଥଯାତ୍ରା ସମୟରେ ଯିବା ସମ୍ଭବ ହୁଏନି। କହିବେ ନା ଆମ ବାର୍ତ୍ତା ଠାକୁରଙ୍କୁ ? ସେମାନଙ୍କୁ ମୁଁ ହଁ କହିଲି। ହେଲେ ମୋ ମନରେ କିଛି ଉତ୍ତର ନଥିଲା। ଠାକୁରଙ୍କୁ ଜଣାଇଲେ ସେ ବା କି ଉତ୍ତର ଦେବେ ତା ବି ଜଣା ନଥିଲା ମୋତେ। ମୁଁ ବେଶୀ କୁତୂହଳୀ ଥିଲି ସେ ଭଦ୍ରମହିଳାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ। ଜଣେ ଶ୍ୱେତାଙ୍ଗ ମହିଳା କେମିତି ଆୟତ କରିଛନ୍ତି ଗୀତଗୋବିନ୍ଦ ଭଳି କଠିନ ଭକ୍ତି ସଙ୍ଗୀତକୁ ଆଉ ଓଡିଆ ଭଜନକୁ। ଗୀତା ପ୍ରତି କେତେ ଆବେଗ, ଭକ୍ତି, ସମର୍ପଣ ଭାବ। ମନେହେଲା ସେ ସମ୍ପୂର୍ଣ୍ଣ ଆତ୍ମ ନିବେଦିତା।

ଭକ୍ତିମୟୀ ନାରୀଙ୍କ ସାମ୍ନାରେ ଛିଡାହୋଇ କ'ଣ ତାଙ୍କୁ ପଚାରିବି ବୁଝି ପାରୁ ନ ଥିଲି। ସେ ମୋତେ ଆଶ୍ଳେଷି ନେଲେ ତାଙ୍କ ଦୁଇ ବାହୁ ଭିତରେ। ବିଦେଶୀମାନେ ସ୍ୱାଗତ କରିଥାନ୍ତି ଏଇଭଳି ଭାବରେ। ମୁଁ ତାଙ୍କୁ ପଚାରିଲି ଆପଣ କେମିତି ଇସ୍‌କନ୍ ଭକ୍ତ ହେଲେ? ଉତ୍ତରରେ ସେ ଯାହା କହିଲେ, ମୋର ସମସ୍ତ ଚେତନା ଆଚ୍ଛନ୍ନ ହୋଇଗଲା।

ସେ କହିଲେ – ସେ ମତେ ତାଙ୍କର ନିଜର କରିନେଲେ। ମୁଁ ତାଙ୍କର ହୋଇଗଲି। ବାସ୍। ଆଉ କିଛି ମୁଁ ଜାଣିନି। (ଆମ କଥାବାର୍ତ୍ତା ଅବଶ୍ୟ ଇଂରାଜୀରେ ହେଉଥିଲା) ସେ ଟିକେ ହସିଲେ। ସେ ବିଲୋଳ ହସରୁ ସତେକି ମହୁ ଝରୁଥିଲା। ମୋ ଓଠକୁ ବି ସେ ହସ ସଞ୍ଚରି ଆସିଲା। ମୁଁ ପ୍ରଶ୍ନଟିକୁ ଦୋହରାଇଲି – ତଥାପି, ଆପଣ କେମିତି ଇସ୍‌କନ୍ ସୋସାଇଟି ସହିତ ସାମିଲ ହେଲେ ?

ସେ ଟିକେ ନୀରବ ହେଲେ। ଆଖିବୁଜି କଅଣ ଭାବିଲେ। ତା ପରେ କହିଲେ – ଶୁଣିବେ ? ସେ ଆରମ୍ଭ କଲେ ତାଙ୍କ ନିଜ ଜୀବନରେ ଲିଭେଇଥିବା ଏକ ଅବିଶ୍ୱାସନୀୟ ସତ୍ୟ ଘଟଣା।

ତାଙ୍କୁ ବ୍ରେନ୍ କ୍ୟାନ୍‌ସର ହୋଇଥାଏ। ଡାକ୍ତର କହିଲେ ତାଙ୍କ ଆୟୁଷ ମାତ୍ର ଛଅ ସାତ ମାସରୁ ଅଧିକ ନୁହେଁ। ତଥାପି ଅପରେସନ୍ କରି ଟ୍ୟୁମରଟିକୁ ବାହାର କରିଦେବା ଉଚିତ୍ ହେବ। ମୃତ୍ୟୁ ସହିତ ଲଢିବା ତ ଡାକ୍ତରଙ୍କ କାମ। ତାଙ୍କ ସ୍ୱାମୀ ବି ରାଜି ହୋଇଗଲେ ଡାକ୍ତରଙ୍କ କଥାରେ। ଦିନ ସ୍ଥିର ହେଲା।

ଅପରେସନ୍ ଥିଏଟର୍‌ରେ ଅପରେସନ୍ ହେଉଥାଏ। ବାହାରେ ପ୍ରତୀକ୍ଷାଳୟରେ ଅପେକ୍ଷା କରିଥାନ୍ତି ତାଙ୍କ ସ୍ୱାମୀ। ଉଦ୍‌ବେଗ, ଉତ୍‌କଣ୍ଠା, ଭୟରେ ସେ କାକୁସ୍ଥ ହୋଇ ବସିଥାନ୍ତି। ହୁଏତ ଅପରେସନ୍ ଟେବୁଲ ଉପରେ ଜୀବନ ଚାଲିଯାଇପାରେ। ହଠାତ୍ ଜଣେ ଇସ୍‌କନ୍ ଭକ୍ତ ଆସି ପହଞ୍ଚିଲେ ସେଠି। ଦେହରେ ଗେରୁଆ ରଙ୍ଗର ଧୋତି, ପଞ୍ଜାବୀ, ବେକରେ ତୁଳସୀମାଳ, କାନ୍ଧରେ ଗୋଟେ ଝୁଲା ବ୍ୟାଗ୍। ଭକ୍ତ ଜଣକ ଶ୍ୱେତାଙ୍ଗ। ସେ ଆସି ତାଙ୍କ ସ୍ୱାମୀଙ୍କ ପାଖରେ ବସିଲେ। କଥାବାର୍ତ୍ତା ହେବା ଅବସରରେ କ'ଣ ହୋଇଛି ଜାଣିବାକୁ ଚାହିଁଲେ। ସବୁକଥା ଶୁଣିବା ପରେ ଭକ୍ତ କହିଲେ – ଆପଣ କ'ଣ ପ୍ରକୃତରେ ଆଶା ଛାଡି ଦେଇଛନ୍ତି ? ତା' ହେଲେ, ଅପରେସନ୍ କରି ତାଙ୍କୁ କାହିଁକି କଷ୍ଟ ଦେଲେ ?

– ଆପାତତଃ ସେୟା। ଡାକ୍ତର ତ କହିଛନ୍ତି ବର୍ଷେ ବଞ୍ଚିବା କଷ୍ଟକର। ତା ବୋଲି ଚେଷ୍ଟା ନ କରି ତାଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦେବା କ'ଣ ଉଚିତ ହୋଇଥାନ୍ତା ?

ଇସ୍‌କନ୍ ଭକ୍ତ ତାଙ୍କୁ ଝୁଲା ବ୍ୟାଗରୁ ଶୁଖିଲା ନିର୍ମାଲ୍ୟ ଓ ଛଡା ତୁଳସୀ ବାହାରକରି ଭଦ୍ରଲୋକଙ୍କ ହାତକୁ ବଢେଇ ଦେଇ କହିଲେ – "ଇଏ ଜଗନ୍ନାଥଙ୍କ ଶ୍ରୀ ଅଙ୍ଗଲାଗି ଛଡା ତୁଳସୀ ଓ ନିର୍ମାଲ୍ୟ। ଆପଣଙ୍କ ପତ୍ନୀ ଅପରେସନ୍ ଥିଏଟରରୁ ଆସିଲେ ତାଙ୍କ ମୁଣ୍ଡରେ ଛୁଆଇଁ ତକିଆ ତଳେ ରଖିଦେବେ। ଦୁଇହାତ ଟେକି ଶ୍ରୀଜଗନ୍ନାଥଙ୍କୁ ତାଙ୍କୁ ସମର୍ପି ଦେବେ। ସମ୍ପୂର୍ଣ୍ଣ ସମର୍ପଣ ଭାବନେଇ। ଗଭୀର ବିଶ୍ୱାସରେ। ଆପଣଙ୍କର ଯଦି ବିଶ୍ୱାସ ହେଉନି, ତେବେ ମୁଁ ଏ ନିର୍ମାଲ୍ୟ ଓ ତୁଳସୀ ନେଇଯିବି।"

ବୁଡିଗଲା ଲୋକ କୁଟାଖିଏ କୁ ବି ଆଶ୍ରାକରେ। ଜଗନ୍ନାଥ କିଏ ସେ କଣ ସେ କଥା କିଛି ଜାଣନ୍ତି ନାହିଁ ଭଦ୍ରଲୋକ। ଥରେ ନାଁ ବି ଶୁଣି ନାହାନ୍ତି। ତା ଛଡା ନିଜେ ବହୁତ ଜ୍ଞାନୀ ବୋଲି ଭିତରେ ପ୍ରଚ୍ଛନ୍ନ ଅହଙ୍କାର ବି ରହିଛି। ଗୋଟେ ପଟେ ପତ୍ନୀଙ୍କର ମୃତ୍ୟୁ ସହିତ ସଙ୍ଘର୍ଷ। ଆଉ ଗୋଟେ ପଟେ ଶୁଣି ନ ଥିବା ଜାଣି ନ ଥିବା ଗୋଟେ ଭାରତୀୟ ଦିଅଁଙ୍କ ଅଲୌକିକ କରୁଣା ବିଷୟରେ ଜଣେ ଅଚିହ୍ନା ଅଜଣା ବ୍ୟକ୍ତିର ଗଭୀର ବିଶ୍ୱାସ। ଦୋଛକିରେ ଛିଡା ହୋଇଥିଲେ ତାଙ୍କ ସ୍ୱାମୀ। କ'ଣ ଭାବିଲେ କେଜାଣି ତାଙ୍କ ହାତରୁ ନିର୍ମାଲ୍ୟ ତୁଳସୀ ନେଲେ। ମଥାରେ ଲଗାଇଲେ ଇସ୍‌କନ ଭକ୍ତଙ୍କ ପରି। ମନେ ମନେ କହିଲେ – ମୋ ସ୍ତ୍ରୀକୁ ବଞ୍ଚାଇ ଦିଅ ପ୍ରଭୁ।

ଜଗନ୍ନାଥଙ୍କ ରଥଯାତ୍ରା ଦେଖି ଫେରିଥିବା ଇସ୍‌କନ ଭକ୍ତ ଜଣକ ଗଦ୍ ଗଦ୍ ହୋଇ ଜଗନ୍ନାଥଙ୍କ ମହିମା ସମ୍ପର୍କରେ କହୁଥାନ୍ତି। ଅଧେ ତାଙ୍କ କାନରେ ପଶୁଥାଏ, ଅଧେ ଏ କାନରେ ପଶି ଆରକାନରେ ବାହାରି ଯାଉଥାଏ। କିଛି ସମୟ ପରେ ସେ ଭକ୍ତ ଚାଲିଗଲେ। ଅପରେସନ୍ ତଥାପି ସରି ନ ଥାଏ। ସ୍ୱାମୀ ଅପେକ୍ଷା କରିଥାନ୍ତି। ଅପରେସନ୍ ସରିଲା। ତାଙ୍କୁ ଆଇ.ସି.ୟୁ.କୁ ଅଣାଗଲା। ସ୍ୱାମୀ ତାଙ୍କୁ ଦେଖା କରିବାକୁ ଗଲେ। ତୁଳସୀ ଓ ନିର୍ମାଲ୍ୟକୁ ପତ୍ନୀଙ୍କ ମୁଣ୍ଡରେ ଛୁଆଇଁ ଦେଲେ।

କିଛିଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଭଦ୍ରମହିଳା ଘରକୁ ଫେରିଲେ। ଡାକ୍ତର ଏତିକି କହିଲେ – "ଏଣିକି ଭୟ କରିବାର ଆଉ କାରଣ ନାହିଁ। ସେ ସମ୍ପୂର୍ଣ୍ଣ ରୋଗମୁକ୍ତ। ଏପରି ଅଲୌକିକ ଘଟଣା ମୁଁ ଚିକିତ୍ସା ବିଜ୍ଞାନରେ ଦେଖିନାହିଁ। ଥାର୍ଡଷ୍ଟେଜ୍‌ରେ ଥିବା କ୍ୟାନ୍‌ସର ରୋଗୀ ଭଲହେବା ନିଶ୍ଚିନ୍ତଭାବରେ ଏକ ବିରଳ ଦୃଷ୍ଟାନ୍ତ। ମୋ ସମଗ୍ର ଡାକ୍ତରୀ ଚିକିତ୍ସା କାଳ ଭିତରେ ମୁଁ ଦେଖିନାହିଁ।"

ଏଣିକି ଆରମ୍ଭ ହୋଇଗଲା ଜଗନ୍ନାଥ ଖୋଜା । କୁଆଡେ ଗଲେ ସେ ଇସ୍‌କନ୍ ଭକ୍ତ ? ତାଙ୍କ ଫୋନ୍ ନମ୍ବରଟା ସୁଦ୍ଧା ସେ ରଖିପାରିଲେନି । ହାଏ ରେ ହତଭାଗା ! କେତେ ବଡ ଭୁଲ୍ ସେ କଲେ । ନିଜକୁ ନିଜେ ଧିକ୍‌କାର କଲେ । ଇଣ୍ଟରନେଟ୍‌ରେ ଖୋଜା ଚାଲିଲା । ଇସ୍‌କନ୍ ସୋସାଇଟି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାରେ ଲାଗିପଡିଲେ ଦୁହେଁ । ଲୁହାକୁ ଚୁମ୍ବକ ଟାଣିଲା ପରି ଇସ୍‌କନ୍ ଭକ୍ତ ହେଲେ । କିନ୍ତୁ ଜଗନ୍ନାଥ କେଉଁଠି ? ତାଙ୍କୁ ସାକ୍ଷାତ ନ କରିବା ଯାଏ ଶାନ୍ତି ନାହିଁ । ଆଖିରୁ ନିଦ ହଜିଗଲା । ମନମୂନ ଚଇତନରେ ଜଗନ୍ନାଥ ଭାବନା । ତାଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ଉଠିଲେ ଦୁହେଁ । ଖବର ସଂଗ୍ରହ କରି ଜାଣିଲେ ଶ୍ରୀମନ୍ଦିରରେ ସେମାନଙ୍କର ପ୍ରବେଶ ନିଷେଧ । ରଥଯାତ୍ରାକୁ ପ୍ରଭୁ ବଡଦାଣ୍ଡକୁ ବାହାରିବେ । ନଚେତ୍ ସ୍ନାନପୂର୍ଣ୍ଣିମାରେ । ଭାରତରେ ଓଡିଶା ବୋଲି ଏକ ପ୍ରଦେଶରେ ପୁରୀ ଶ୍ରୀକ୍ଷେତ୍ର । ସେଇଠି ଥାନ୍ତି ଶ୍ରୀଜଗନ୍ନାଥ । ଶ୍ରୀମନ୍ଦିରରେ ।

ଭକ୍ତର ଭଗବାନ ସିଏ । ଭକ୍ତର ଆକୁଳ ଆବେଗକୁ ସେ ପ୍ରତ୍ୟାଖ୍ୟାନ କରନ୍ତେ କିପରି ? ଲକ୍ଷେ ଯୋଜନେ ଥାଇ ସେ ଗଜର ଡାକ ଶୁଣିଥିଲେ । ମାତ୍ର ଚଉଦ ପନ୍ଦର ହଜାର କିଲୋମିଟର ଦୂର । ଯିଏ ସର୍ବବ୍ୟାପୀ, ତାଙ୍କ ପାଇଁ ଏ ଦୂରତ୍ୱ କେତେ ? ସେବର୍ଷ ଆମେରିକାରେ ହେଉଥିବା ରଥଯାତ୍ରାରେ ସାମିଲ ହେଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ତଥାପି ମନ ପୂରିଲା ନାହିଁ । ତା ପରବର୍ଷ ଧାଇଁ ଆସିଲେ ପୁରୀ । ଜଗନ୍ନାଥଙ୍କୁ ରଥ ଉପରେ ଦେଖିଲେ । ଜୀବନ ଧନ୍ୟ ହୋଇଗଲା । ପନ୍ଦରଦିନ କାଳ ପୁରୀରେ ରହି ଜଗନ୍ନାଥଙ୍କ ଲୀଳାଖେଳା ଦେଖିଲେ । ଭକ୍ତ ଦୁହିଙ୍କପାଇଁ କଳା କଳା ଡୋଳା ଦୁଇଟିରେ ଯେମିତି ଅସରନ୍ତି ସମ୍ମୋହନ ଭରି ରହିଥିଲା । କି ମାୟା ଥିଲା ସେ ମୁହଁରେ କେଜାଣି, ଦୁହେଁ ବାନ୍ଧି ହୋଇଗଲେ । ସେମାନଙ୍କ ପାଇଁ ଏ ସାରାଜଗତ ଜଗନ୍ନାଥମୟ ହୋଇଗଲା । ଏ ଦମ୍ପତି ଯେମିତି ପୂର୍ବଜନ୍ମର ତପସ୍ୟାରୁ ଏକାଠି ହୋଇଥିଲେ । ଏକମନ, ଏକପ୍ରାଣ । କେବଳ ଜଗନ୍ନାଥ । ସେମାନଙ୍କର ଆରାଧ୍ୟ ଦେବତା । ଇଷ୍ଟ । ତାଙ୍କରି ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ଦୁହେଁ । ତାଙ୍କର ବିଶ୍ୱାସ ସେଦିନ ଇସ୍‌କନ୍ ଭକ୍ତ ରୂପରେ ନିଜେ ଶ୍ରୀ ଜଗନ୍ନାଥ ଆସିଥିଲେ । ତାଙ୍କ ଅସୀମ କରୁଣାର ସ୍ପର୍ଶ ଦେଇଗଲେ । ଏକଥାକୁ ସେ ଭୁଲିବେ କେମିତି ! ସ୍ତ୍ରୀଙ୍କର ଦୁଃଖ, ସ୍ୱାମୀ ତାଙ୍କର ଚର୍ମଚକ୍ଷୁରେ ପ୍ରଭୁଙ୍କୁ ଦେଖିଲେ । ସେ ହତଭାଗିନୀ । ତାଙ୍କୁ ଦେଖିପାରିଲେ ନାହିଁ ।

ସବିଶେଷ ଘଟଣାକୁ ବର୍ଣ୍ଣନା କଲାବେଳେ ମୁଁ ତାଙ୍କୁ ଚାହିଁ ରହିଥିଲି । ଆଖିରୁ ଅଶ୍ରୁଧାର ବହି ଚାଲିଥିଲା ତାଙ୍କର । ଏ ଅଶ୍ରୁଥିଲା ଆନନ୍ଦର, ପ୍ରେମର, ଦିବ୍ୟତାର । ସେ ମୋ ହାତ ଦୁଇଟିକୁ ଜାବୁଡି ଧରି ଭାବ ଗଦଗଦ କଣ୍ଠରେ କହିଲେ - ଆପଣ କେବେ ଫେରିବେ ? ମୋ ପ୍ରଭୁଙ୍କୁ ଟିକେ କହିବେ, ଶ୍ରୀମନ୍ଦିର ନ ହେଲା ନାହିଁ, ବଡଦାଣ୍ଡକୁ ଟିକେ ଡାକୁଥିବେ । ପର କରି ଦେବେ ନାହିଁ । ଭୁଲିଯିବେନି ଏ ଦାସୀକୁ ।

ମୁଁ ନିର୍ବାକ୍ । ତାଙ୍କୁ କିଛି କହିବାକୁ ମୋ ତୁଣ୍ଡରେ ଭାଷା ନ ଥିଲା । ସତ୍ୟ ମିଥ୍ୟା ବିଚାର କରିବାର ନ ଥିଲା । ଜଣେ ଏତେବଡ ଜଗନ୍ନାଥ ଭକ୍ତ ମୋ ସାମ୍ନାରେ ଛିଡା ହୋଇଥିଲେ । ଜଗନ୍ନାଥ ପ୍ରେମର ଅତଳତଳ ପ୍ରଶାନ୍ତ ମହାସାଗରରେ ସେ ବୁଡି ରହିଥିଲେ । ଆୟତ୍ତ କରିପାରିଥିଲେ ସଂସ୍କୃତ ଭାଷାକୁ । ଗୀତଗୋବିନ୍ଦର ଲଳିତ କୋମଳ ପଦାବଳୀକୁ । ଓଡିଆ ଭଜନକୁ ପୁଣି ଶ୍ରୀମଦ୍‌ଭାଗବତ ଗୀତାକୁ । କେତେ ପ୍ରଗାଢ ଥିଲା ସେ ପ୍ରେମର ବିଭୂତି ! ମୁଁ ବିସ୍ମୟ ବିମୂଢ ହୋଇ ତାଙ୍କୁ ଚାହିଁ ରହିଥିଲି ।

ଆମେ ଓଡିଶାର ଲୋକ । ଜଗନ୍ନାଥଙ୍କୁ ବହୁତ କିଛି ଜାଣିଛୁ ବୋଲି ମୋର ଅହଂକାରର ଅଚଳାୟତନ ଭୁଷୁଡି ପଡୁଥିଲା; ଯେମିତି ପ୍ରଚଣ୍ଡ ସୂର୍ଯ୍ୟାଲୋକରେ ବରଫଖଣ୍ଡ ତରଳିଯାଏ । କେଡେ ଅକି□ନ ମୁଁ । ଇଚ୍ଛା ହେଲା ତାଙ୍କ ପାଦତଳେ ପଡିଯାଇ ପାଦଧୂଳି ନେବି ! କିନ୍ତୁ ଭିତରର ଅହଂକାର ବୋଧେ ପୁଣି ଚେଇଁ ଉଠିଲା । ଏତେ ଲୋକଙ୍କ ସାମ୍ନାରେ ପ୍ରଣିପାତ ହେବାକୁ ଲାଜ ଲାଗିଲା ।

ମୋର ମନେ ପଡି ଯାଉଥିଲା । ୨୦୦୦ ମସିହାରେ ସମ୍ବାଦ ଖବରକାଗଜରେ ପ୍ରକାଶିତ ଗୋଟିଏ ଖବର । ନବବର୍ଷର ପ୍ରଥମ ସୂର୍ଯ୍ୟୋଦୟ ମାଇକ୍ରୋନେସିଆ ଦ୍ୱୀପରେ ହେବ ବୋଲି ପ୍ରଚାରିତ ଖବର ଶୁଣି ଜଣେ ଇସ୍‌କନ୍ ଭକ୍ତ ସେହି ସମୁଦ୍ରତଟରେ ଶ୍ରୀଜଗନ୍ନାଥଙ୍କର ପ୍ରତିମୂର୍ତ୍ତି ନିର୍ମାଣରେ ଲାଗିପଡିଲେ । ଅଳ୍ପ ଦୂରରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଗଢା ସରିଲା ଠିକ୍ ନବବର୍ଷ ପୂର୍ବରୁ । ସେଦିନ ହଜାର ହଜାର ଲୋକ ସାରାରାତି ଉଜାଗର ରହି ନବବର୍ଷର ନୂତନ ସୂର୍ଯ୍ୟୋଦୟକୁ ସ୍ୱାଗତ କରିବାପାଇଁ ଶୁଭମୁହୂର୍ତ୍ତ ଅପେକ୍ଷାରେ ଥିଲେ । ଆଶ୍ଚର୍ଯ୍ୟର କଥା, ସେଦିନ ହଜାର ହଜାର ଦର୍ଶକଙ୍କୁ ଚମକିତ କରି ବାଦଲଖଣ୍ଡ ଉହାଡରୁ ସୂର୍ଯ୍ୟଙ୍କର ପହିଲିକିରଣ ସମସ୍ତଙ୍କୁ ଅତିକ୍ରମି ଯାଇ ପଡୁଥିଲା ବାଲୁକା ପ୍ରାନ୍ତରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଉପରେ । ସେଠି କିଛି ଇସ୍‌କନ୍ ଭକ୍ତ ଏକତ୍ରୀତ ହୋଇ କୀର୍ତ୍ତନ ଓ ପୂଜା ଉପାସନାରେ ମଗ୍ନ ଥିଲେ । ପ୍ରଥମ ସୂର୍ଯ୍ୟାଲୋକ ଉଦ୍ଭାସିତ ହୋଇଉଠିଲେ ପ୍ରଭୁ ଜଗନ୍ନାଥ । ସବୁ ଦର୍ଶକ ଦେଖୁଥିଲେ ଏ ଦୃଶ୍ୟ । ବିଶ୍ୱବ୍ରହ୍ମାଣ୍ଡରେ ସ୍ରଷ୍ଟା ଶ୍ରୀଜଗନ୍ନାଥ ଭକ୍ତ ମାନଙ୍କର ହୃଦୟର ନୈବେଦ୍ୟକୁ ସ୍ୱୀକାର କରୁଥିଲେ ଆନନ୍ଦରେ । ଏହି ଭକ୍ତିଭୋଳ ଭକ୍ତମାନଙ୍କ ପ୍ରତି କରୁଣାର ସ୍ପର୍ଶ ଦେଇ ସେ ବିଶ୍ୱବାସୀଙ୍କ ନିକଟରେ ଭକ୍ତିର ମହାନତାକୁ ପ୍ରତିଷ୍ଠା କଲେ । ଏହି ଅଲୌକିକ ମହିମା ଯେଉଁଭଳି ଚମକପ୍ରଦ ଥିଲା, ତାଠାରୁ ଅଧିକ ଥିଲା ଜଗନ୍ନାଥଙ୍କୁ ଜାଣି ନ ଥିବା ଚିହ୍ନି ନ ଥିବା ଲୋକଙ୍କୁ ଆଣି ଦେଇଥିଲା ଏକ ସ୍ୱତନ୍ତ୍ର ନୂତନ ବିସ୍ମୟଭରା ଅନୁଭୂତି । (*ସମ୍ବାଦ - ୦୬-୦୨-୨୦୦୦*)

ଟୁଲି ଆସି ଡାକିଲା - ସମସ୍ତେ ପ୍ରସାଦ ନେଇ ସାରିଲେଣି । କ୍ୟୁରେ କେହି ନାହାନ୍ତି । ମୁଁ ସମ୍ବିତ ଫେରି ପାଇଲି । ଆମେ ଦୁହେଁ ଖାଇବା ପ୍ଲେଟ୍ ଆଣିଲୁ । ଦିବ୍ୟ ସାତ୍ତ୍ୱିକ ପ୍ରସାଦ ବାଢି ଦେଉଥିଲେ

କେତେଜଣ ଶ୍ୱେତାଙ୍ଗ ମହିଳା। ମୋର ସମଗ୍ର ଚେତନାକୁ ଆଛନ୍ନ କରି ସାମ୍ନାରେ ବଢ଼ା ହୋଇଥିବା ପ୍ରସାଦରୁ ସତେକି ଉତୁରି ଆସୁଥିଲା ଶ୍ରୀମହାପ୍ରସାଦର ମହ ମହ ବାସ୍ନା। ମୁ ମୂର୍ଚ୍ଛିତ ହୋଇଯାଉଥିଲି ଏକ ଦିବ୍ୟ ଭାବାବେଶରେ।

"ନା ହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ;
ମଦଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦଃ।"

ବାଦାମବାଡି,କଟକ
ମୋ-୯୪୩୭୨୬୯୬୩୯



# ଦୀନବନ୍ଧୁ ସିଏ ବିଶ୍ୱସିନ୍ଧୁ

**ଡ. କେଶବ ଚନ୍ଦ୍ର ଶତପଥୀ**

ଅଳୀକ ମନର କ୍ଷଣିକ ଭାବନା
ମୋହ ମାୟା ପାଶେ ବନ୍ଧା
ଆପଣା କର୍ତ୍ତବ୍ୟ ଭୁଲିଯାଇ ମନୁ
ପ୍ରବୃତ୍ତି ବେଡ଼ିରେ ଛନ୍ଦା ।

ଆପେ ଡାକିଆଣେ ଆପଣା ପତନ
ଅନ୍ୟ ମୁଣ୍ଡେ ଦେଇ ଦୋଷ
ନିଜ ବିଫଳତା ଢାଙ୍କିବାକୁ ଯାଇ
ଆନରେ ଶୁଝାଏ ରୋଷ ।



ଚତୁର ବୋଲି ସେ ଦେଖେଇ ହୁଏ ଯେ
କାମ ତା'ର ବୋକା ପରି
ବୋକା ବୋଲି ସିଏ ଜାଣିଜାଣି ନାଶେ
ନିଜ ଭବିଷ୍ୟତ ଶିରି ।

ଇନ୍ଦ୍ରିୟ ବାସନା ଅତୃପ୍ତ କାମନା
ମୋକ୍ଷନାହିଁ କେବେ କା'ର
ସେରକ ପୂରିଲେ ମାଣକ ପୂରିଲେ
ବିଦାୟ ଘେନିବା ସାର ।

କଡ଼ାଗଣ୍ଡା ସବୁ ହିସାବ ହୋଇବ
କେତେ ପାପ କେତେ ପୁଣ୍ୟ
ସାର୍ଥକ ଜୀବନ କିଏବା ଜିଇଁଛି
ଜୀବନକୁ କରି ଧନ୍ୟ ।

ହରିବେ ଯାତନା ନାଶିବେ ଛଳନା
ବିଶ୍ୱ ବେଦନାର ବୈଦ୍ୟ
ଦୀନବନ୍ଧୁ ସିଏ ବିଶ୍ୱସିନ୍ଧୁ ପରା
ତାଙ୍କଠି 'ଅହଂ' ନୈବେଦ୍ୟ ।

ଅଧ୍ୟକ୍ଷ, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର
ଏବଂ ଆଞ୍ଚଳିକ ନିର୍ଦ୍ଦେଶକ, ଡିଏଭି ଶିକ୍ଷାନୁଷ୍ଠାନ ସମୂହ,
ଓଡ଼ିଶା ଜୋନ-୧, ଭୁବନେଶ୍ୱର

# - ତୁମେ -

**ଡ. ଅଭିନ୍ନ ଚନ୍ଦ୍ର ସାହୁ**

ଶବ୍ଦମୟ ଏ ପୃଥିବୀ
ଶୋଇଯାଉ ଗହମ ନିଦରେ,
ମୁଁ ଶୁଣିବି କେବଳ
ତୁମ ମଧୁମୟ ସ୍ୱର,
ରୂପାମ୍ବିକା ଏ ଧରିତ୍ରୀରେ
ଘୋଟି ଯାଉ ଅତଟ ଅନ୍ଧାର,
ଜ୍ୟୋତିର୍ମୟ ହେ ସ୍ୱୟଂପ୍ରକାଶ
ମୁଁ ଦେଖିବାକୁ ଚାହେଁ ଖାଲି
ତୁମ ଅପରୂପ ରୂପର ସମ୍ଭାର ।।

ପୁଣ୍ୟଗନ୍ଧା ଏଇ ପୃଥ୍ୱୀ
ମହ ମହ ହେଉ,
କସ୍ତୁରୀ ଚନ୍ଦନ
ଦୟଣା ତୁଳସୀ
ଏବଂ ତୁମ ସୁଗନ୍ଧିରେ,
ମୋ ନିଶ୍ୱାସ-ପ୍ରଶ୍ୱାସ
ଆତଯାତ ହେଉଥାଉ
ତୁମ ସେଇ ଦିବ୍ୟ ସୁରଭିରେ,
ଏ କୁଆଁରୀ ମାଟି
ରଜୋବତୀ, ରସବତୀ ହେଉ
ତୁମ ଛୁଆଁ, ତୁମ କୁହୁକରେ,
ପୁଷ୍ପବତୀ ହେଉ ତା'ର
ପ୍ରତିଟି କଳିକା,
ସ୍ନାହାନ କରନ୍ତୁ ସିଏ
ରେଣୁ, ରେଣୁ, ରେଣୁ
ପରାଗ ରେଣୁରେ;
ତୁମେ ପରା ଗୋଟିପଣେ
ରୂପ-ରସ-ଗନ୍ଧ-ସ୍ପର୍ଶ ଉର୍ଦ୍ଧ୍ୱେ
ଆବାଙ୍-ମାନସ-ଗୋଚର ;
ତୁମେଇ ଅଶବ୍ଦ ଶବ୍ଦ
ଅଣାକାର ପୁଣି ଦାରୁବ୍ରହ୍ମ,
ମୋ' ଭିତରେ, ମୋ' ଗମ୍ଭୀରାରେ
ସ୍ତବ୍ଧ ହୋଇଯାଏ ଯେବେ
ମୋ' ନିଜସ୍ୱ
ରୂପ-ରସ-ଗନ୍ଧ-ସ୍ପର୍ଶ
ଏବଂ କୋଳାହଳମୟ ଏ ସଂସାର !!

୯୬୬ ବି, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ମୋ - ୯୪୩୭୫୬୭୫୦୦

# କାଳାତୀତ

ଉମାକାନ୍ତ ମହାପାତ୍ର

କେଉଁ କୁହରରେ କୁହୁଳୁଥାଏ କୋହ !
କେଉଁ ବର୍ଣ୍ଣମାଳାରେ ପ୍ରଭୁ !
ଲେଖାହୁଏ ତୁମ ପରିଚୟ !
ପ୍ରାପ୍ତି ଆଉ ଅପ୍ରାପ୍ତିର
ଆଗ୍ନିକ ଇଚ୍ଛାରେ
ଡେଇଁଯାଇ ସବୁ ସୀମାରେଖା,
ଭୁଲିଯାଇ ବିଧି ଓ ବିଧାନ
ଯେତେ ସବୁ ଉପଲବ୍ଧି ଜୀବନର
ପାପ ଓ ପୁଣ୍ୟର, ଅତୃପ୍ତିରେ ନିଃସ୍ୱ ହୁଏ
ଉଲ୍‌କାପରି ଖସୁଥାଏ ନୀରବତା
ତୁମ ନୀଳ ଆକାଶରୁ, ଶୂନ୍ୟରୁ ଶୂନ୍ୟକୁ
ହଜୁଥାଏ ସମଗ୍ରତା, ଯେତେ ସବୁ
ବିବିଧତା, ତୁମରି ସତ୍ତାର।

ନୀଳ ନିବିଡ ଅନୁଭବରେ ବି
କେବେହେଲେ ବୁଝିହୁଏ ନାହିଁ
ତୁମର ସେ ଅନନ୍ତ ନୀଳିମା !
ତୁମର ସାନ୍ନିଧ୍ୟରେ ପୁଣି
ପ୍ରସାରିତ ହୁଏ
ସ୍ୱର୍ଣ୍ଣିମ ସକାଳ ଆଉ ଶେଷହୀନ
ଅସୀମ କରୁଣା।
ଧୂପ ଦୀପ, ନୈବେଦ୍ୟରେ,
ସୁବାସିତ ଫୁଲର ରାଗରେ
ଯୋଜନ ଯୋଜନ ଧରି ମୁଗ୍ଧ ଓ
ଚକିତ କରି ହଜୁଥାଏ
ଅଗୁରୁ ବାସରେ,
ମାଟି ବି ମହିମ୍ନ ହୁଏ, ବୃକ୍ଷ
ବୋଧିଦ୍ରୁମ। ହୃଦୟ କମଳ !
ଜକଜକ ଦିଶୁଥାଏ

ନୀଳାଭ ଆକାଶ, ନୀଳ ଦୁର୍ବାଦଳ
ଅର୍ବୁଦ ଅର୍ବୁଦ ତୁମ ଇଚ୍ଛାର ମହଲ।

ହେ ଅନନ୍ତ ଅସୀମ ଆଶ୍ଚର୍ଯ୍ୟ !
କେତେ କେଉଁ କାଳର
ସାଇତା ବିଶ୍ୱାସରେ ପ୍ରଭୁ
ପୂରି ଉଠେ ସାରା ଦେହ ମନ,
କୋଣ ଅନୁକୋଣ
ଚେତନାର ଚଉହଦୀ ଡେଇଁ ଉଠେ
ଅମାପ ବିସ୍ମୟ !
ଆଖିରେ ଝଲସି ଉଠେ
ଅସରା ଆତ୍ମୀୟ ଭାବ
ସୀମାହୀନ ସମୁଦ୍ରର ଶୋଷ
ନୀରବ ନିର୍ଯ୍ୟାସ।

ସତ୍ୟ ଶିବ ସୁନ୍ଦରର
ବର୍ଣ୍ଣିଳ ବିଶ୍ୱାସ ତୁମେ
ଦୁର୍ମିଳ ଇଚ୍ଛାର ଆହେ ଦୁର୍ବାର ନିର୍ଘୋଷ !
କେଉଁ ଅପରାଧ ପାଇଁ ତେବେ
ଅଜାଣତେ ହଜାଏ ଅତୀତ ମୋତେ
ଦୃଶ୍ୟହୀନ ଅତଳ ତଳରେ
ଭୋକର ଭୂଗୋଳ ମୋର ଅହୋରାତ୍ର
ରଚୁଥାଏ କୁହାଟ କୁଟିଳ !
ତୁମକୁ ଆତ୍ମସ୍ଥ କରିବାରେ ପ୍ରଭୁ
ବିତିଯାଏ ବର୍ଷ ଦିନ ମାସ।
ଘନନୀଳ ଆକାଶରେ ତୁମ
ଫୁଟିଉଠେ ଜାତି ଜାତି
କେତେ ହୀରା ଫୁଲ।
ବ୍ରଜର ବଇଁଶୀ ସତେ ବାଜି ଉଠେ ଘନଘନ

ମଧୁର ସ୍ୱନରେ ତା' ର
ହସିଉଠେ ଗୋପର ଗୁହାଳ!!

ବିନ୍ଦୁଏ ନୀଳ ଆଉ
ବିନ୍ଦୁଏ ଶୂନ୍ୟତାରେ ଗଢାହୁଏ
ତୁମରି ଆକାଶ କେବେ
ପୁଣି ନିମିଷକେ, ଛାତିରେ ତୁମର
ଉଭାହୁଏ କୋଟି କୋଟି
ସୌରର ମଣ୍ଡଳ।

ଅକ୍ଷାଂଶରୁ ଦ୍ରାଘିମା ଯାଏଁ ଖଞ୍ଜିଦେଇ
ଭାବର ପୁଲକ ପ୍ରଭୁ!
ଏ ଜଗତ ହଜୁଥାଏ, ଜାଗତିକ
ତୁମରି ମାୟାରେ
ମାଟିରୁ ଆକାଶ ପୁଣି ନୀରବ ନିର୍ବାକ ହୁଏ
ବିଧୁର ବିକଳ।

ଭୟ ଆଉ ଭ୍ରମରେ ମୁଁ ଭିଜୁଥାଏ
କାଳ କାଳ ଅଥଳ ଜଳରେ,
ମୋ' ମନର ଭଲମନ୍ଦ ହସକାନ୍ଦ
ବାଢିଦେଇ ତୁମ ପାଦତଳେ
ସୁଖ, ଦୁଃଖ, ଦୁଃସମ୍ବାଦ ଯେତେ ସବୁ
ଯାତନା ଜଞ୍ଜାଳ
ମୋ' ଆଖିରେ ନାଚୁଥାଏ
ମୋର ପିଲାବେଳ।

ଆଶା ଆଉ ଆଶଙ୍କାର
ବିବିଧ ବେଦନା
ଜହର ଜର୍ଜର କରି
ମୋ' ମନର କାଳରାତି
ବିଅର୍ଥ ବିପଥ ଯେତେ ମାୟାର ଖେଳନା!
ଅପୂର୍ଣ୍ଣ ଅଭାବ ମୋର,
ଇଡିଦେଇ ସବୁ ସମ୍ଭାବନା
ସପନ ସମାଧି ନିଏ,
ନିର୍ବୋଧ ବାଳକ ପରି
ପାର୍ଥିବପଣରେ ମୋର ପଡିଥାଏ,
ଏକା ଏକା ତୁମ କାଠ ଅର୍ଗଳିରେ
ଭିତର ବେଢାରେ
କେବେ ପୁଣି ସିଂହ ଦୁଆରରେ।

ଅଚିରେ ମୁଁ ଅର୍ବାଚୀନ
ଦୁଃସ୍ଥ ଓ କରୁଣ!
ଏଇଠୁ ଉଦ୍ଧାର କର,
ହେ ଅନନ୍ତ ଆର୍ତ୍ତତ୍ରାଣ, ଇଚ୍ଛାର ଈଶ୍ୱର!
କର ହେ କରୁଣା,
ହେ ନୀରଜ ନିର୍ଜର : କାଳାତୀତ!
କାଳର କମ୍ପନ
ନିସ୍ତାରିଲେ ପ୍ରଭୁ ତୁମେ
ଏ ନଶ୍ୱର ପିଣ୍ଡରୁ ମୋ'
ପାଇବି ନିର୍ବାଣ!!

ବାଲିସାହି, ପୁରୀ-୧
ମୋ - ୯୨୩୮୫୯୨୪୯୨



# ରେଣ୍ଟୋର ଜଗନ୍ନାଥ ଦର୍ଶନ

ଡ. ନାରାୟଣ ସାହୁ

ରେଣ୍ଟୋ ମାଡି ଚାଲିଥିଲା ଆଗକୁ ଆଗକୁ। ଛୋଟିଆ ଛୋଟିଆ ପାଦ ତାର ବାଲିରେ ଦବି ଯାଉଥିଲା। ତଥାପି ସେ ମୁହାଁଇଥିଲା ସମୁଦ୍ର ଆଡେ। ଯେତେଥର ଦେଖିଲେ ବି ସମୁଦ୍ର ନୂଆ। ସମୁଦ୍ରର ନୀଳ ତରଙ୍ଗ ରେଣ୍ଟୋ ଭିତରେ ଭାବାନ୍ତର ସୃଷ୍ଟି କରୁଥିଲା। ମୁଗ୍ଧ ଦୃଷ୍ଟିରେ ସେ ଦେଖୁଥିଲା ଢେଉ ଆଉ ଢେଉକୁ।

'ଆ ଯିବା। ଦେହହାତ ଅଠା ଅଠା ଲାଗିଲାଣି।'
'ନା, ଆଉ ଟିକିଏ ରୁହ। ସନ୍ଧ୍ୟା ହେଉ। ଯିବା।'
ବାଧ୍ୟ ହୋଇ ବସିଲୁ ସମୁଦ୍ରବାଲିରେ।
ସନ୍ଧ୍ୟା ହେଲା। ରୁମ୍‌କୁ ଫେରିଲୁ।

x x x

ପରଦିନ ସକାଳ। ଗତରାତିରେ ସ୍ଥିର ହୋଇଥିଲା। ଶ୍ରୀମନ୍ଦିର ଯିବା ଦର୍ଶନ ପାଇଁ। ମନ୍ଦିରର କାର୍ଯ୍ୟନିର୍ବାହୀ ପ୍ରଶାସକ ବନ୍ଧୁ ପ୍ରଦୀପ ପୂର୍ବରୁ ସବୁ ବନ୍ଦୋବସ୍ତ କରିଦେଇଥିଲେ। ନର୍ଦ୍ଦିଷ୍ଟ ସମୟରେ ଆମେ ଶ୍ରୀମନ୍ଦିରରେ ପ୍ରବେଶ କଲୁ। ଆଗରେ ଥିଲା ରେଣ୍ଟୋ। ପୂର୍ବରୁ ତିନି ଚାରିଥର ମୋ ସହିତ ତିନିଠାକୁରଙ୍କ ଦର୍ଶନ କରିଛି। ବେଢା ବୁଲିଛି। ଅବଢା ଖାଇଚି।

ଏଥରର ଅନୁଭୂତି କିନ୍ତୁ ପୂରାପୂରି ନିଆରା। ଆମ ପାଖରୁ କେତେବେଳେ ରେଣ୍ଟୋ ଖସିଯାଇଛି, ଆମକୁ ଜଣାନାହିଁ। ଆମେ ଏଣେ ଖୋଜାଖୋଜି କରି ନୟାନ୍ତ। ଶେଷରେ ତାକୁ ଆବିଷ୍କାର କଲୁ। ସିଏ ଠିଆ ହୋଇଥିଲା ଜଗନ୍ନାଥଙ୍କ ସାମନାରେ। ଭିଡକୁ ମଧ୍ୟ ତାର ଖାତିର ନଥିଲା। ସେ ଚାହିଁ ରହିଥିଲା ଏକଲୟରେ ଠାକୁରଙ୍କୁ। ଯେମିତି କିଛି ଗୋଟାଏ ସେ ଖୋଜୁଥିଲା। କ'ଣ ଖୋଜୁଥିଲା, ତାହା ତାକୁ ଜଣା।

'ତୁ ଏଠି ଠିଆହେଇଛୁ ? ଆମେ ତେଣେ ଖୋଜି ଖୋଜି ନୟାନ୍ତ।'
ରେଣ୍ଟୋ କିଛି କହୁନଥିଲା। ତା' ମା ବି ତାକୁ ଗାଳିଦେଲା।
ତଥାପି ସେ ନିର୍ବିକାର।
'ଆରେ କିଛି ଦେଖୁଛୁ ?' - ପ୍ରଶ୍ନ କରିଥିଲି।
'ଦେଖିନି, ଖୋଜୁଛି' - ରେଣ୍ଟୋର ଉତ୍ତର ଥିଲା।
'କ'ଣ ଖୋଜୁଛୁ ? ତୁ କଅଣ ଜଗନ୍ନାଥଙ୍କୁ ନୂଆକରି ଦେଖୁଛୁ ?'
'ହଁ, ନୂଆ।'
'ମାନେ ?'

'ଇଏ ତ ସିଏ ଜଗନ୍ନାଥ ନୁହଁ। ଯାହାଙ୍କୁ ମୁଁ ଆଗରୁ ଦେଖିଆସିଥିଲି।'

ହଡବଡେଇ ଯାଇଥିଲି। କ'ଣ କହିବି କିଛି ଭାବି ପାରୁନଥିଲି।

ନବକଳେବର ହେବାର ଛ ମାସ ପରେ ପୁରୀ ଯାଇଥିଲି। ସବୁଥର ଭଳି ରେଣ୍ଟୋ ବି ଏଥର ଆମ ସହିତ ଥିଲା।

ମନେପଡିଯାଉଥିଲା। ନବକଳେବର ପୂର୍ବର ସବୁ ଘଟଣା। ଦାରୁ ଚିହ୍ନଟ ଠାରୁ ବିଗ୍ରହ ନିର୍ମାଣ ପର୍ଯ୍ୟନ୍ତ। ବ୍ରହ୍ମକୁ ସ୍ପର୍ଶ କରି ବାହାବା ନେଉଥିବା ମନ୍ଦିର ସେବକ ପୂଜକମାନଙ୍କ କଥା। ମୋ ଭିତରଟା ଗୋଳମାଳିଆ ହୋଇଯାଉଥିଲା। ବାରମ୍ବାର ରେଣ୍ଟୋର ପ୍ରଶ୍ନ ମତେ କ୍ଷତବିକ୍ଷତ କରୁଥାଏ।

'ଇଏ ତ ସେ ଜଗନ୍ନାଥ ନୁହେଁ!'

କିପରି ବୁଝାଇବି ରେଣ୍ଟୋକୁ ? ଛୋଟ ପିଲାଟି ମୁଣ୍ଡରେ ହଠାତ୍ ଏମିତି ପ୍ରଶ୍ନ କେମିତି ଜୁଟିଲା ?

'ଅଜା ତମେ କିଛି କହୁନ କାହିଁକି ?'

'ତୁ ଛୋଟପିଲା। ତୋର ବୁଝିବା ବୟସ ହେଇନି। ସିଏ ସବୁ ବଡ ଗହନକଥା।'

ରେଣ୍ଟୋ ଥିଲା ପୂରାପୂରି ଅନ୍ୟମନସ୍କ। ସିଏ ତା ପ୍ରଶ୍ନର ଉତ୍ତର ଚାହୁଁଥିଲା। ତା ପ୍ରଶ୍ନର ଉତ୍ତର ମୋ ପାଖରେ ନ ଥିଲା। କାରଣ ସିଏ ଯାହା ଧରିଛି, ତାହା ଶତକଡା ଶହେଭାଗ ଠିକ୍। ଭିତର ନବକଳେବରର ଚିତ୍ରଚରିତ୍ର ଥିଲା ପୂରା ନିଆରା। ଏମିତି ଅଘଟଣ କେବେ ଘଟି ନ ଥିଲା।

ମନେ ପଡିଯାଉଥିଲା ମହାପୁରୁଷ ଅଚ୍ୟୁତାନନ୍ଦ ଗୋସେଇଁଙ୍କ କଥା। ମାଳିକାର ଲେଖା ତେବେ କ'ଣ ସତ ହେବାକୁ ଯାଉଛି ?

'କ'ଣ ଏତେ ଭାବୁଛ ?'
'ନା କିଛି ନାହିଁ।'
'ଦର୍ଶନ ତ ସରିଲା। ଚାଲ ଯିବା।'

'ଉଁ ହୁଁ, କହିଲନି ତ। ଠାକୁରମାନେ କାହିଁକି ଏତେ ଅଲଗା ଦେଖାଯାଉଛନ୍ତି ?'

କି ଉତ୍ତର ଦେବି ରେଣ୍ଟୋକୁ! ତା ହାତଧରି ଟାଣି ଆଣିଲି। ବାଧହୋଇ ସେ ଆମ ସହିତ ଆସିଲା।

ପୁଣି ଅଟକିଲା ଭିଡ ପାଖରେ। ସିଂହଦ୍ୱାର ପାଖରେ ପ୍ରବଳ ଗହଳି ହୋଇଥିଲା। ପୂଜକ ସେବକ ପୋଲିସ୍ ସମସ୍ତେ ମିଳିମିଶି ଜଣେ ଲୋକକୁ ଲହୁ ଲୁହାଣ କରିସାରିଥିଲେ। ଲୋକଟିର ନାଁ ଥିଲା ଜନ୍ ଆବ୍ରାହମ୍। ସିଏ ଦକ୍ଷିଣ ଆଫ୍ରିକାର ନାଗରିକ ଥିଲା। ତାର ଭୁଲ୍ ହେଲା ସିଏ ବାରଣ ନମାନି ଶ୍ରୀମନ୍ଦିର ଭିତରକୁ ପଶି ଯାଇଥିଲା। ତେଣୁ ଅଦିନିଆ ବର୍ଷା ତା' ଉପରେ ବର୍ଷି ଯାଇଥିଲା।

ଜନ୍ କେବଳ କରୁଣ ସ୍ୱରରେ କିଛି କହିବାକୁ ଚେଷ୍ଟା କରୁଥିଲା, ମାତ୍ର ପାରୁ ନଥିଲା। ଆଖିରୁ ଝରି ପଡୁଥିଲା ଲୁହଧାର। ତାର ଯୁକ୍ତିଥିଲା,

ଜଗନ୍ନାଥ ହେଉଛନ୍ତି Lord of the Universe। ତାଙ୍କ ଦର୍ଶନ ପାଇଁ ଏତେ ବାଧା ବିଡମ୍ବନା କାହିଁକି ? ସମସ୍ତେ ତ ତାଙ୍କୁ ଦର୍ଶନ କରିପାରିବା କଥା। ହେଲେ ଏମାନେ ବାଧା ଦେବାକୁ କିଏ ?

ସେଇଠି ଅଟକି ଯାଇଥିଲା ରେଣ୍ଟୋ। ତା' ମନରେ ବି ଅସୁମାରି ପ୍ରଶ୍ନ। ଜଗନ୍ନାଥ ଯଦି ଜଗତର ନାଥ, ତାବେ ତାଙ୍କ ଦର୍ଶନ ପାଇଁ ଏତେ କଟକଣା କାହିଁକି ? ଜାତିଧର୍ମ ନିର୍ବିଶେଷରେ ସେ ତ ସମସ୍ତଙ୍କର ଦେବତା। ସିଏ ପୁରୀ ପଣ୍ଡାଙ୍କର ଏକଚାଟିଆ ଦେବତା କାହିଁକି ହେବେ ?

'ଅନ୍ୟାୟ, ଘୋର ଅନ୍ୟାୟ' - ଚିତ୍କାର କରୁଥିଲା ରେଣ୍ଟୋ।

ଛୋଟପିଲାଟିର ଚିତ୍କାରକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଭିଡ ଭିତରୁ ତାକୁ ବାହାର କରି ଆଣିବାକୁ ବହୁ ସମୟ ଲାଗିଲା। ତଥାପି ସେ ପ୍ରତିବାଦ କରୁଥାଏ।

'ଜଗନ୍ନାଥ ତ ଦୀନବନ୍ଧୁ ଦଇତାରି, ତା ହେଲେ ଏ ସବୁ କ'ଣ ସେ ଜାଣିପାରୁ ନାହାନ୍ତି ?' ରେଣ୍ଟୋର ଯୁକ୍ତି।

'ବୟସ ହୋଇଯାଉ, ଆପେ ସବୁ ଜାଣିପାରିବୁ। ତୋର ସବୁ ପ୍ରଶ୍ନର ଉତ୍ତର ପାଇଯିବୁ।'

ମିଶ୍ର ଅନୁଭୂତି ନେଇ ଫେରୁଥିଲୁ ପୁରୀରୁ। ରେଣ୍ଟୋର ମୁଖମଣ୍ଡଳ ଥିଲା ଅଶାନ୍ତ। କେମିତି ତାକୁ ବୁଝାଯିବ ?

'ହେ ଠାକୁର, ତମେ ତ ଦୀନବନ୍ଧୁ ଦଇତାରି। ନିଜ ନାମର ସାର୍ଥକତା ରଖ। ଅବୋଧ ମଣିଷମାନଙ୍କୁ କ୍ଷମା କରିଦିଅ। ଆଉ ପାରିବ ତ ସେମାନଙ୍କୁ ବୁଝାଇଦିଅ। ତମେ କେବଳ ଦଇତ (ଦୈତ୍ୟ)ର ଅରି ନୁହଁ। ମଣିଷ ଭିତରେ ଥିବା ଆସୁରିକ ପ୍ରବୃତ୍ତିର ମଧ୍ୟ ଅରି। ସେ ସବୁର ବିନାଶ ପାଇଁ ତମେ ସାଜିଛ ଦୀନବନ୍ଧୁ। ହେ ଠାକୁରେ, କେତେକାଳ ଏମିତି ନିର୍ବିକାର ହେଇଥିବ ? ଥରେ ନିଜକୁ ପ୍ରକଟ କରାଅ।'

ଭାବନା ଦୁର୍ଭାବନାର ସୁଅ ଭିତରେ ଆମେ ପହଁଚି ଯାଇଥିଲୁ ଆମ ଘର ଆଗରେ। ସମସ୍ତେ ଓହ୍ଲାଇଲେ। ହେଲେ ଗାଡିରୁ ଓହ୍ଲାଇ ନଥିଲା ରେଣ୍ଟୋ। ତାକୁ ଚାହିଁବାକୁ ମୋ ପାଖରେ ଶକ୍ତି ନ ଥିଲା। ତା ଭିତରେ ମୁ ଦେଖୁଥିଲି, ଠାକୁରେ ତମକୁ। ତମର ସେହି ଅଖଣ୍ଡ ନୀରବତାକୁ। ଆଉ ନିଶ୍ଚଳ ମୂର୍ତ୍ତିକୁ।

ଜି.ଏଲ୍ - ୨୪, ବୀର ସୁରେନ୍ଦ୍ର ସାଇ ନଗର,
ବାଣୀବିହାର, ଭୁବନେଶ୍ୱର, ୭୫୧୦୦୭
ମୋ - ୯୪୩୭୯୧୯୧୨୩



# ଜଗନ୍ନାଥ ସଂସ୍କୃତିରେ ମାନବବାଦ ଓ ସର୍ବଧର୍ମସମଭାବ

ଡ. ପ୍ରଫୁଲ କୁମାର ମହାପାତ୍ର

ସେଦିନ ଆନନ୍ଦ ବଜାରରେ ସେହି ଅପୂର୍ବ ଅନୁଭୂତି ମନରେ ଗଭୀର ରେଖାପାତ କରିଥିଲା। ନବକଳେବରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ଇଚ୍ଛା ନେଇ ଆମେ ସ୍ୱାମୀ ସ୍ତ୍ରୀ ଦିହେଁ ଶ୍ରୀକ୍ଷେତ୍ର ଯାତ୍ରା କରିଥିଲୁ। ବହୁଦିନ ପରେ ସେଦିନ ଭଲ ଦର୍ଶନଟିଏ ମିଳିବାରୁ ମନବୋଧ ହେଲା ଏବଂ ସାତ୍ତ୍ୱିକ ଭାବାବେଗରେ ହୃଦୟମନ ଉତ୍‌ଫୁଲ୍ଲିତ ହେଉଥିଲା। ଏହାପରେ ପ୍ରଭୁଙ୍କର ମହାପ୍ରସାଦ ସେବନର ଆନନ୍ଦ ନେଲୁ। ଭୋଜନ ଶେଷରେ କଦଳୀପତ୍ରଟି ଉଠାଇବା ବେଳକୁ ଅପ୍ରତ୍ୟାଶିତ ଭାବରେ ଜଣେ ଭଦ୍ରମହିଳା ମତେ କହିଲେ, "ଆପଣଙ୍କର ପ୍ରସାଦ ସେବନ ଯଦି ସରିଲାଣି, ତେବେ ଦୟାକରି ଏହି କଦଳୀପତ୍ରଟି ନ ଫିଙ୍ଗି ଆମକୁ ଦିଅନ୍ତୁ, ଆମେ ସେଥିରେ ମହାପ୍ରସାଦ ଭୋଜନ କରିବୁ।" ଭଦ୍ରମହିଳା ବେଶ୍ ଭଲଘରର ବୋହୂଟିଏ ନିଶ୍ଚୟ; ପାଖରେ ଛିଡା ହୋଇଥିବା ତାଙ୍କ ସ୍ୱାମୀ ଏବଂ ଛଅ କି ସାତ ବର୍ଷର ପୁଅଟି ତାଙ୍କ ଏହି ସୁରୁଚିସମ୍ପନ୍ନ ଅନୁରୋଧର ସମର୍ଥନ ସୂଚକ ଆଖିରେ ଆମ ଦୁହିଁଙ୍କୁ ଦେଖୁଥା'ନ୍ତି। ଆମ ଛାଡିଥିବା ଅଇଁଠା ପତ୍ରଟକୁ କେମିତି ଏମାନଙ୍କୁ ଦେବି ଏବଂ ଏହି ପତ୍ରଟିରେ ଏମାନେ ଭୋଜନ କରିବା କଣ ଠିକ୍ ହେବ, ଏହି ଚିନ୍ତାରେ ଟିକିଏ ଦୋଦୋପାଞ୍ଚ ହେଲି। ମହିଳାଜଣକ ବୋଧହୁଏ ମୋ ମାନସିକ ଦ୍ୱିଧାବୋଧ ଜାଣିପାରିଲେ ଏବଂ ହସିହସି ଖୁବ୍ ସ୍ୱାଭାବିକ ଭାବରେ କହିଲେ, "ଆଜ୍ଞା, ଏମିତି କାହିଁକି ଭାବୁଛନ୍ତି ? ଆନନ୍ଦବଜାରରେ ମହାପ୍ରଭୁଙ୍କ ପ୍ରସାଦ ନେଇ ଅନ୍ୟ ଭକ୍ତଙ୍କର ଅଇଁଠା ପତ୍ରରେ ବାଢି ଖାଇଲେ ଅଧିକ ପୁଣ୍ୟହୁଏ। ସେଥିପାଇଁ ମହାପ୍ରସାଦକୁ ଅଇଁଠା କୁହାଯାଏ ନାହିଁ।"

ମୋର ତଥାକଥିତ ମାର୍ଜିତ ମନ ସେ ଭଦ୍ରମହିଳାଙ୍କ ଭକ୍ତିର ଗଭୀରତାକୁ ହୃଦୟଙ୍ଗମ କରିବା ପୂର୍ବରୁ ବିସ୍ମୟାଭିଭୂତ ହୋଇ ମୁଁ ଦେଖୁଥିଲି ଭକ୍ତିରସାପ୍ଲୁତ ସେହି ଛୋଟ ପରିବାରଟିକୁ। ଦେଖୁଥିଲି କି ଅପୂର୍ବ ସନ୍ତୋଷରେ ସେମାନେ ଅବଢା କୁଡୁଆରୁ ଅନ୍ନବ୍ୟଞ୍ଜନାଦି ଆମ ଭୋଜନରେ ବ୍ୟବହୃତ କଦଳୀପତ୍ରଟିରେ ଅଜାଡି ଭୋଜନ କରିବାରେ ନିମଜ୍ଜିତ ଥିଲେ। ସେହି ସନ୍ତୋଷ, ସେ ଆଧ୍ୟାତ୍ମିକ ଆନନ୍ଦର କାଣିଚାଏ ଭଲା ଆମେ ପାଇ ପାରିଥାନ୍ତୁ ସେହି ପତ୍ରଟିରେ ମହାପ୍ରସାଦ ସେବନ କରିବା ସମୟରେ !

ଘଟଣାଟି ମୋ ମନରେ ଏମିତି ଅଭୁଲା ଅନୁଭୂତି ଛାଡିଦେଇ ଗଲା, ଯାହା ସବୁଦିନ ପାଇଁ ମୋ ସ୍ମୃତିର ଆକାଶରେ ସ୍ନିଗ୍ଧ ଶୁଭ୍ର ଚନ୍ଦ୍ରମାର ଦୀପ୍ତି ନେଇ ଉଜ୍ଜୀବିତ ରହିଥିବ। କାରଣ ତାହା ଥିଲା ମୋ ପାଇଁ ଶ୍ରୀଜଗନ୍ନାଥଙ୍କର ମହାନତା ତଥା ଜଗନ୍ନାଥ ସଂସ୍କୃତିର ସାର୍ବିକତା ଆଉ ସମତାଭିତ୍ତିକ ମାନବବାଦ ସମ୍ବନ୍ଧରେ ଏକ ଗରିୟସୀ ଶିକ୍ଷା। ଆମେ ସମସ୍ତେ ଈଶ୍ୱରଙ୍କ ସନ୍ତାନ ଏବଂ ଈଶ୍ୱରଙ୍କ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ ଆଉ ଶ୍ରେଣୀ ନିର୍ବିଶେଷରେ ଆମେ ସମସ୍ତେ ସମାନ। ସମଗ୍ର ମାନବ ଜାତି ଏକ ବିଶାଳ ପରିବାର ଏବଂ ପରମେଶ୍ୱର ଜଗନ୍ନାଥ ଏହି ପରିବାରର ମୁରବି। ଗୋଟେ ବିରାଟ ଏକାନ୍ନ ପରିବାରର ଲୋକଙ୍କ ପରି ସବୁଲୋକ ଈଶ୍ୱରଙ୍କ ମହାପ୍ରସାଦକୁ ଏକତ୍ର ଭୋଜନ କରିବେ, ଏଥିରେ 'ମୁଁ' 'ତୁମେ' 'ମୋର' 'ତୁମର' 'ଆମେ' 'ସେମାନେ' ଏଭଳି ବିଭାଜକ ଭେଦର ବିଚାର ନଥିବ। ଏଠାରେ ମନେ ପଡେ ଆମ ବେଦାନ୍ତ ଦର୍ଶନର ଉତ୍ତୁଙ୍ଗ ମହାଭାବ – ସବୁ କିଛି ବ୍ରହ୍ମର ସ୍ୱରୂପ ଏବଂ ସେହି କାରଣରୁ ସମସ୍ତେ ପରସ୍ପରଠାରୁ ଅଭିନ୍ନ। ଏକତ୍ର ଭୋଜନ କରିବା ଏବଂ ଅନ୍ୟର ଭୋଜନକୁ ଉଚ୍ଛିଷ୍ଟ ନ ମଣି ସାଦରେ ଗ୍ରହଣ କରିବାରେ ପ୍ରିୟଜନଙ୍କ ପ୍ରତି ଅମୂଲ୍ୟ ପ୍ରେମ ସମ୍ପର୍କର ଅନୁଭବ ମିଳେ, ଯାହା କେବଳ ଭାରତୀୟ ଯୌଥ ପରିବାରରେ ଦେଖା ଯାଇଥାଏ ଏବଂ ଏଥିରେ ଏକ ବିଶେଷ ଆପଣାପଣ ଓ ସ୍ନେହ ସୌହାର୍ଦ୍ଦ୍ୟର ବନ୍ଧନ ସ୍ପଷ୍ଟ ପରିଦୃଷ୍ଟ ହୁଏ। ଏଥିପାଇଁ ଯଥାର୍ଥରେ କୁହାଯାଇଛି –

'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।'

ଶ୍ରଦ୍ଧା ଓ ବିଶ୍ୱାସର ଶକ୍ତି ନିଶ୍ଚିତଭାବରେ ଐକ୍ୟ ଓ ଅଭିନ୍ନତାର ମହାଭାବ ପ୍ରତିଷ୍ଠା କରିଥାଏ। ଆମେ ଯଦି ଈଶ୍ୱରଙ୍କ ସ୍ଥିତିରେ ବିଶ୍ୱାସ କରୁ, ତେବେ ସେ ସାରା ଜଗତର ସ୍ରଷ୍ଟା ବୋଲି ମଧ୍ୟ ବିଶ୍ୱାସ କରିବୁ ଏବଂ ବିଶ୍ୱାସ କରିବୁ ଯେ ଆମେ ସମସ୍ତେ ତାଙ୍କରି ସନ୍ତାନ; ଏହି ବିଶ୍ୱାସରେ ବିଭିନ୍ନତା, ଉଚ୍ଚ/ନୀଚ ଓ ତୁମେ/ଆମେ ଭେଦ ବିଚାରର ସ୍ଥାନ ନାହିଁ।

ଏହିପରି ଅନନ୍ୟ ମହାଭାବ ଓ ମହାନ ଆଧ୍ୟାତ୍ମିକ ପୃଷ୍ଠଭୂମିରେ

ବିଚାର କଲେ ଶ୍ରୀଜଗନ୍ନାଥଙ୍କର ମହାନତା ଓ ବିଶେଷତ୍ୱ ଭାରତର ଧାର୍ମିକ ଇତିହାସରେ କାହିଁକି, ସାରା ବିଶ୍ୱର ଧର୍ମ ଧାରଣାରେ ବିରଳ ବୋଲି ହୃଦ୍‌ବୋଧ ହେବ।

ମହାପ୍ରଭୁ ଜଗନ୍ନାଥଙ୍କର ବର୍ଣ୍ଣନା କିପରି କରିବା? ସେ କ'ଣ ହିନ୍ଦୁ ମାନଙ୍କର ବିଷ୍ଣୁ ବୋଲି କହିବା ? କିନ୍ତୁ ହିନ୍ଦୁଧର୍ମର କୁସଂସ୍କାର କଷାୟିତ ଜଟିଳ ବିଶ୍ୱାସ ଧାରାରେ ସେ ତ ସୀମିତ ରହି ନ ଥାନ୍ତି। ହିନ୍ଦୁ ମାନଙ୍କର ସାମାଜିକ ଓ ସାମ୍ପ୍ରଦାୟିକ ଶ୍ରେଣୀ-ବିଭାଗ, ଉଚ୍ଚ-ନୀଚ ଜାତିଭେଦ ଭଳି ଅବାଞ୍ଛନୀୟ ଦୁର୍ବ୍ୟବସ୍ଥାର ବହୁ ଉର୍ଦ୍ଧ୍ୱରେ ଆମ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା। ବହୁ ପ୍ରାଚୀନ ସନାତନ ହିନ୍ଦୁଧର୍ମରେ ଅବାଞ୍ଛିତ ଅନୁପ୍ରବେଶ କରିଥିବା ଉପରୋକ୍ତ ବିଭାଜକ ବ୍ୟବସ୍ଥାରେ ବ୍ୟତିବ୍ୟସ୍ତ ଅତିଷ୍ଠ ହୋଇ ଭାରତମାତାର ଅନ୍ୟତମ ସୁଯୋଗ୍ୟ ସନ୍ତାନ ବାବାସାହେବ ଭିମ୍‌ରାଓ ଆମ୍ବେଦକର ସ୍ୱଧର୍ମ ବର୍ଜନ କରି ବୌଦ୍ଧଧର୍ମ ଗ୍ରହଣ କରିବାକୁ ବାଧ ହୋଇଥିଲେ। ସେହି ଏକା କାରଣରୁ କପିଳବାସ୍ତୁର ରାଜପୁତ୍ର ସିଦ୍ଧାର୍ଥ ଏହାହିଁ କରି ନ ଥିଲେ କି? ପରିଣାମରେ ଯେଉଁ ମହାତ୍ମା ବୁଦ୍ଧ ବୌଦ୍ଧ ଧର୍ମର ସ୍ଥାପନା କଲେ, ସେ ତ ସ୍ୱୟଂ ହିନ୍ଦୁ ରାଜପରିବାର୍ ସନ୍ତାନ ଥିଲେ ! ଦୁଃଖମୟ ଜୀବନରୁ ମୁକ୍ତିମାର୍ଗ ଖୋଜି ସେ ସଂସାର ତ୍ୟାଗ କରିଥିଲେ ସତ; ମାତ୍ର କୁସଂସ୍କାର କଳୁଷିତ ହିନ୍ଦୁଧର୍ମର ବହୁ ଦୁର୍ବ୍ୟବସ୍ଥା ବିରୋଧରେ ସେ ଯେ ଏକ ବୈପ୍ଳବିକ ବିକଳ୍ପ ଧର୍ମବ୍ୟବସ୍ଥା ପତିଷ୍ଠା କରିଥିଲେ, ଏହା ଏକ ଅବିସମ୍ବାଦିତ ସତ୍ୟ।

"ନିନ୍ଦସି ଯଜ୍ଞ ବିଧେରହହ ଶ୍ରୁତିଯାତଂ
ସଦୟ ହୃଦୟ ଦର୍ଶିତ ପଶୁଘାତଂ
କେଶବ ଧୃତ ବୁଦ୍ଧ ଶରୀର ....."

ଉଦାହରଣ ସ୍ୱରୂପ ବେଦବିହିତ ଯଜ୍ଞ ବ୍ୟବସ୍ଥାରେ ପ୍ରଚଳିତ ନିଷ୍ଠୁର ପଶୁବଳୀ ବ୍ୟବସ୍ଥା ତାଙ୍କୁ ମର୍ମାହତ କରିଥିଲା ଏବଂ କରୁଣାର ସଦୟ କୋମଳ ଭାବଧାରାରେ ସମୃଦ୍ଧ ବୌଦ୍ଧଧର୍ମର ପ୍ରବର୍ତ୍ତକ ଭାବେ ସେ ଦୁନିଆକୁ ନୂତନ ଦିଗ୍‌ଦର୍ଶନ ଦେଲେ।

ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ସଂସ୍କୃତିକୁ ବିଚାର କଲେ, ଏହା ଯେ ଅନ୍ଧବିଶ୍ୱାସ ଓ ଅପସଂସ୍କୃତିଗ୍ରସ୍ତ ହିନ୍ଦୁ ବିଚାରଧାରାର ବହୁ ଉର୍ଦ୍ଧ୍ୱରେ, ତାହା ସ୍ୱଷ୍ଟ ଭାବେ ପରିଦୃଷ୍ଟ ହେବ। ଜଗନ୍ନାଥଙ୍କର ମହାପ୍ରସାଦ ଆବ୍ରାହ୍ମଣ ଚଣ୍ଡାଳ ଏକତ୍ର ସେବନ କରନ୍ତି। ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସେ ରତ୍ନବେଦୀରୁ ବଡଦାଣ୍ଡକୁ ଓହ୍ଲାଇ ଆସନ୍ତି ସବୁ ଧର୍ମ ସବୁ ଜାତି ସବୁ ସମ୍ପ୍ରଦାୟର ଭକ୍ତଙ୍କ ସହ ଏକାକାର ହୋଇଯିବାକୁ। ସର୍ବଧର୍ମ ସମଭାବ ସର୍ବଲୋକ ସମାନତା ଜଗନ୍ନାଥ ସଂସ୍କୃତିର ଅନନ୍ୟ ଆଦର୍ଶ। ସମାଜର ନୀଚାତିନୀଚ ଶ୍ରେଣୀର ଲୋକେ ତାଙ୍କୁ ଯେପରି ଅତି ନିକଟରେ ପାଇପାରିବେ, ଏହାହିଁ ତାଙ୍କ ଘୋଷଯାତ୍ରାର ଅଭୀଷ୍ଟ ଆଦର୍ଶ। ଯଥାର୍ଥରେ ସେ ଦୀନବନ୍ଧୁ ଏବଂ ଭକ୍ତଗତ ପ୍ରାଣ। "ଅସ୍ପୃର୍ଶ୍ୟ" ଜାତିର ଦାସିଆ ବାଉରି ତାଙ୍କ ଭକ୍ତଗୋଷ୍ଠୀର ମଉଡମଣି। ଯବନ ସାଲବେଗ ତାଙ୍କର ଅନ୍ୟତମ ପ୍ରମୁଖ ଭକ୍ତ ଭାବରେ ସୁବିଦିତ। ବାସ୍ତବରେ ତାଙ୍କ ସାମ୍ୟବାଦୀ ମାନବଧର୍ମରେ ସବୁ ଧର୍ମାବଲମ୍ବୀ ଭକ୍ତଙ୍କର ସମାନ ସ୍ଥାନ। ବୌଦ୍ଧ, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ସବୁ ଧର୍ମ ଓ ସବୁ ସମ୍ପ୍ରଦାୟର ଲୋକେ ତାଙ୍କ ପାଖକୁ ଭକ୍ତିରେ ଟାଣିହୋଇ ଆସନ୍ତି, ବିଶେଷକରି ରଥଯାତ୍ରା ଦିନ ଏହା ସ୍ୱଷ୍ଟଭାବେ ଲକ୍ଷ୍ୟକରାଯାଏ। ଜଗନ୍ନାଥଙ୍କର ଆଉ ଏକ ଅନନ୍ୟ ବିଶେଷତ୍ୱ ଏହି ଯେ, କେବଳ ବ୍ରାହ୍ମଣମାନେ ତାଙ୍କର ପୂଜକ ନୁହଁନ୍ତି, ଶବରମାନେ ମଧ୍ୟ ତାଙ୍କ ସେବାରେ ନିୟୋଜିତ, ଯେଉଁମାନେ ଦଇତାପତି ନାମରେ ସମ୍ମାନିତ ହୋଇଥାନ୍ତି ଜଗନ୍ନାଥ ପୂଜା ବ୍ୟବସ୍ଥାରେ।

ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧମାନଙ୍କର ଦେବତା ବୋଲି ପ୍ରମାଣ କରିବା ପାଇଁ ଅନେକେ ଯୁକ୍ତି କରିଥାନ୍ତି। ତିନି ଠାକୁରଙ୍କୁ ବୌଦ୍ଧ ତ୍ରିରତ୍ନ - ବୁଦ୍ଧ, ଧର୍ମ ଓ ସଙ୍ଘ - ଭାବରେ ଚିତ୍ରଣ କରିବାର ପ୍ରୟାସ କେତେକ ବୌଦ୍ଧ ଗ୍ରନ୍ଥରେ ଅବଶ୍ୟ କରାଯାଇଛି। କିଛି ବୌଦ୍ଧଗ୍ରନ୍ଥରେ ଧର୍ମକୁ ନାରୀରୂପରେ କଳ୍ପନା କରାଯାଇଛି, ଯାହା ଦେବୀ ସୁଭଦ୍ରାଙ୍କ ପ୍ରତି ପ୍ରଯୁଜ୍ୟ ବୋଲି କୁହାଯାଇପାରେ। କିନ୍ତୁ ତିନି ଠାକୁରଙ୍କର ଏଭଳି କଳ୍ପନା ବ୍ୟତିରେକ ସେମାନେ ବୈଷ୍ଣବ ପରମ୍ପରାର କୃଷ୍ଣ, ବଳରାମ ଓ ସୁଭଦ୍ରା ଭଉଣୀ ଭାବରେ ଅଧିକ ପରିଚିତ ଓ ଅଧିକ ଗ୍ରହଣୀୟ। ତା ଛଡା ଏହି ଦେବତ୍ରୟ ହିନ୍ଦୁମାନଙ୍କର ବିଷ୍ଣୁ, ଦୁର୍ଗା ଓ ଶିବଙ୍କର ସ୍ୱରୂପ ବୋଲି ମଧ୍ୟ ବହୁ ଗବେଷକ ମତବ୍ୟକ୍ତ କରିଛନ୍ତି। ଅତଏବ ଜଗନ୍ନାଥ ଦେବତ୍ରୟଙ୍କୁ କୌଣସି ଗୋଟିଏ ଧର୍ମର ପରିସର ଭିତରେ ସୀମିତ କରିବା ସମ୍ଭବ ହେବ ନାହିଁ। ବହୁବିଧ ବର୍ଣ୍ଣନା ଓ ବ୍ୟାଖ୍ୟା ସମ୍ବଳିତ ଏହି ସଂସ୍କୃତିର ଏହାହିଁ ବିଶେଷତ୍ୱ।

ଏଠାରେ ଆଉ ଏକ ବିଶେଷ ପ୍ରସଙ୍ଗ ପ୍ରଣିଧାନଯୋଗ୍ୟ। ଶ୍ରୀଜଗନ୍ନାଥ କଅଣ କେବଳ ଓଡିଶାର ଦେବତା? ଏପରି କହିବାର ଅନେକ କାରଣ ଦର୍ଶାଯାଇଛି, ଅନେକ ଯୁକ୍ତି ଓ ଶାସ୍ତ୍ରୀୟ ପ୍ରମାଣ ମଧ୍ୟ ଦିଆଯାଇଛି। ଓଡିଶାର ଜଣାଶୁଣା ଲୋକକଥା ଅନୁସାରେ ନିଜେ ପ୍ରଭୁ ଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରକୁ ତାଙ୍କ ଆବାସ ଓ ଆରାଧନାର କ୍ଷେତ୍ର ଭାବରେ ବାଛିଥିଲେ। ତା ପୂର୍ବରୁ ମଧ୍ୟ ଓଡିଶାର ଜଣେ ଶବରରାଜା ବିଶ୍ୱାବସୁ ଆଭ୍ୟନ୍ତରୀଣ ଓଡିଶାର ଘୋର ଅରଣ୍ୟ ଭିତରେ ତାଙ୍କୁ ନୀଳମାଧବ ରୂପରେ ପୂଜା କରୁଥିଲେ। ସେଥିପାଇଁ ଏବେ ମଧ୍ୟ ବିଶ୍ୱାବସୁଙ୍କର ବଂଶଧରମାନେ ଶ୍ରୀଜଗନ୍ନାଥଙ୍କ ପୂଜାବିଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି; ଏମାନେ ଦଇତାପତି ନାମରେ ଓଡିଶାରେ ପରିଚିତ। ପଣ୍ଡା ବ୍ରାହ୍ମଣଙ୍କ ସହ ଏହି ବର୍ଗର ସେବକମାନେ ସମାନ ଭାବରେ ଜଗନ୍ନାଥଙ୍କର ସେବାରେ ଅଂଶଗ୍ରହଣ କରିଥାନ୍ତି। ଓଡିଶାର କ୍ଷତ୍ରିୟ ବ୍ରାହ୍ମଣ ଶୂଦ୍ରାଦି ସବୁ ବର୍ଗର ଲୋକେ ସମାନ ଭାବରେ ଜଗନ୍ନାଥ ସଂସ୍କୃତିର ଭାଗୀଦାର ଅଟନ୍ତି। ଭାରତର ଧାର୍ମିକ ଇତିହାସରେ ଏହା ଏକ ବିରଳ ପରମ୍ପରା। ଦେଶର ବିଭିନ୍ନ ଅଞ୍ଚଳ ଓ ରାଜ୍ୟମାନଙ୍କରେ ବହୁ ଭିନ୍ନ ଭିନ୍ନ ଦେବାଦେବୀଙ୍କ ଉପାସନା କରାଯାଏ। କିନ୍ତୁ ଜଗନ୍ନାଥଙ୍କ ଭଳି ଅନ୍ୟ କୌଣସି ଦେବତା ସେ ପୂଜା ପାଉଥିବା ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ଜୀବନଧାରାରେ ଓତଃପ୍ରୋତ ଭାବରେ ଜଡିତ ଥିବାର ଦେଖାଯାଏ ନାହିଁ। ବିଶିଷ୍ଟ ଗବେଷକ ଓ ଜଗନ୍ନାଥତତ୍ତ୍ୱବିତ୍ ଡକ୍ଟର ବେଣୀମାଧବ ପାଢୀ ଯଥାର୍ଥରେ କହିଛନ୍ତି, "ଓଡିଶାରେ ଧର୍ମ ହେଉଛି ଜଗନ୍ନାଥଧର୍ମ, ଓଡିଶାର

ସଂସ୍କୃତି ଜଗନ୍ନାଥ ସଂସ୍କୃତି ଏବଂ ଓଡିଶାର ଇତିହାସ ମଧ୍ଯ ବହୁ ପରିମାଣରେ ଜଗନ୍ନାଥଙ୍କର ଇତିହାସ।" (ଉତ୍କଳ ପ୍ରସଙ୍ଗ, ୧୯୭୩) ଅଥଚ ଏ ସମସ୍ତ ଯୁକ୍ତି ଓ ପ୍ରମାଣ ସତ୍ତ୍ୱେ ଜଗନ୍ନାଥ କେବଳ ଓଡିଶାର କିମ୍ବା ଓଡିଆଙ୍କର ଆରାଧ୍ୟ ଦେବତା ବୋଲି କହିହେବ ନାହିଁ; ଏମିତି କହିବା ସମୀଚୀନ ହେବନାହିଁ। କାରଣ ସମସ୍ତେ କହନ୍ତି ସେ ତ ଜଗତର ନାଥ! ସବୁ ମଣିଷଙ୍କ ତ୍ରାଣକର୍ତ୍ତା, ସବୁ ପାପୀଙ୍କର ପାବକ ଆଉ ସବୁ ଭକ୍ତଙ୍କର ପ୍ରାଣବନ୍ଧୁ।

"ନାହଂ ତିଷ୍ଠାମି ବୈକୁଣ୍ଠେ, ଯୋଗିନାଂ ହୃଦୟେ ନ ଚ
ମଦ୍‌ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି, ନାରଦଃ !"

ଏହା ସ୍ୱୟଂ ପ୍ରଭୁଙ୍କର ଶ୍ରୀମୁଖ ନିସୃତ ବାଣୀ। ଭକ୍ତ ତାଙ୍କର ଅନେକ - ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ; ଦେଶ, କାଳ, ପାତ୍ର ନିର୍ବିଶେଷରେ। ଜଗନ୍ନାଥଙ୍କର 'ଜଗତର ନାଥ' କଳ୍ପନା ସାରା ବିଶ୍ୱର କୋଟି କୋଟି ହୃଦକୁ ବିମୋହିତ କରେ। ଜଗନ୍ନାଥ ସଂସ୍କୃତିରେ ସବୁ ପ୍ରକାର ଧର୍ମ ଏବଂ ସବୁ କିସମର ବିଶ୍ୱାସ ଓ ଲୋକକଥାର ଭବ୍ୟ ସମନ୍ୱୟ ପରିଲକ୍ଷିତ ହୁଏ। ଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ, ଯିଏ ଉପନିଷଦ ଓ ଶ୍ରୀମଦ୍‌ଭଗବତ ଗୀତାର ପରମାତ୍ମା। ସେ ମଧ୍ୟ ତାନ୍ତ୍ରିକ ବେଦାନ୍ତର ଭୈରବ ଏବଂ ସେ ମଧ୍ୟ ମହାଯାନ ବୌଦ୍ଧ ମାନଙ୍କର ପତିତପାବନ ରୂପରେ ବନ୍ଦିତ। 'ଦୀନବନ୍ଧୁ', 'ପତିତପାବନ' ରୂପରେ ସବୁ ଭକ୍ତଙ୍କ ହୃଦୟରେ ବିରାଜିତ ପ୍ରଭୁ ଜଗନ୍ନାଥ। ତାଙ୍କର ଏହି ପତିତପାବନ ରୂପ ହିନ୍ଦୁମାନଙ୍କର ସବୁ ଦେବତାଙ୍କ ଠାରୁ ତାଙ୍କୁ ଅଧିକ ଉଦାର (କ୍ୟାଥୋଲିକ୍) ଦେବତା ଭାବରେ ପ୍ରତିଷ୍ଠା ଦେଇଛି ; ସବୁ ଦେବତାଙ୍କ ଠାରୁ ଅଧିକ ସାମ୍ୟବାଦୀ ଓ ଅଧିକ ମାନବବାଦୀ ଏ ବଡଠାକୁର। ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ ଜଗନ୍ନାଥ ସଂସ୍କୃତି ଏକାଧାରାରେ ଇସ୍‌ଲାମର ମହାନ ଗଣତାନ୍ତ୍ରିକ ଚେତନା, ଖ୍ରୀଷ୍ଟିୟାନର ମହତ୍ତ୍ୱର ମାନବତାବାଦ ଏବଂ ବୌଦ୍ଧ ମାନଙ୍କର ସାର୍ବଜନୀନ ପ୍ରେମ ଓ କରୁଣାର ବାର୍ତ୍ତା ବହନ କରେ। (The Statesman, Nov. 21, 1968)

ଜଗନ୍ନାଥତତ୍ତ୍ୱକୁ ପାରମ୍ପରିକ ଅର୍ଥରେ ଗୋଟିଏ ଧର୍ମ ବୋଲି କୁହାଯାଇ ପାରିବ ନାହିଁ। ସବୁ ହିନ୍ଦୁ ହୃଦୟରେ ଏହାର ଅଖଣ୍ଡ ପ୍ରଭାବ ରହିଥିଲେ ମଧ୍ୟ ହିନ୍ଦୁଧର୍ମର ସୀମିତ ପରିସର ଭିତରେ ଏହା ଆବଦ୍ଧ ନୁହେଁ ବୋଲି ଉପରେ ଦର୍ଶାଯାଇଛି। ଅନେକାଂଶରେ ହିନ୍ଦୁ ଧର୍ମଧାରଣାର ପୃଷ୍ଠଭୂମିରେ ଏହା ଏକ ଅନନ୍ୟ ଚେତନା, ଯେଉଁଥିରେ ସମସ୍ତ ଭାରତୀୟ ବିଶ୍ୱାସଧାରା, ସବୁ ଭାରତୀୟ ଦେବାଦେବୀ ପୂଜା ଓ ଉପାସନା ବିଧିମୁକ୍ତ ଭାବରେ ଅନୁସୃତ ହୋଇଥାଏ। ପ୍ରମୁଖ ଭାବରେ ଜଗନ୍ନାଥଙ୍କୁ ହିନ୍ଦୁମାନଙ୍କର ବିଷ୍ଣୁ ରୂପରେ କଳ୍ପନା କରାଯାଇଛି। କିନ୍ତୁ କୌତୂହଳ ଓ ଗୁରୁତ୍ୱର ବିଷୟ ଏହି ଯେ ଏହି ଦେବତାଙ୍କୁ ନେଇ ହିନ୍ଦୁମାନେ ଗର୍ବ ଅନୁଭବ କରୁଥିଲେ ମଧ୍ୟ ତାଙ୍କୁ ବୌଦ୍ଧମାନଙ୍କର ଆରାଧ୍ୟ ଭଗବାନ ବୁଦ୍ଧ ଭାବରେ ବି ଗ୍ରହଣ କରନ୍ତି ଏବଂ ଏହାକୁ ବିଷ୍ଣୁଙ୍କର ନବମ ଅବତାର ବୋଲି ଅଭିହିତ କରାଯାଏ। ସେ ପଟେ ବୌଦ୍ଧମାନେ ହିନ୍ଦୁଙ୍କର ଏହି ଆରାଧ୍ୟ ଦେବତାଙ୍କୁ ଅକୁଣ୍ଠ ଚିତ୍ତରେ ନିଜର ଭଗବାନ ବୋଲି ଗ୍ରହଣ କରିଥାନ୍ତି। ଜୈନମାନେ ମଧ୍ୟ ଏହି ପୁରୁଷୋତ୍ତମଙ୍କୁ ସେମାନଙ୍କର ବିଶିଷ୍ଟ ତୀର୍ଥଙ୍କର ରୂପେ ଆରାଧନା କରନ୍ତି।

ଆହୁରି କୌତୂହଳ ଓ ରହସ୍ୟମୟ ଜଗନ୍ନାଥଙ୍କର ବିଗ୍ରହ ବ୍ୟବସ୍ଥା। ଅନ୍ୟାନ୍ୟ ହିନ୍ଦୁ ଦେବାଦେବୀଙ୍କ ପରି ଜଗନ୍ନାଥ ପଥରରେ ନୁହେଁ, କାଠରେ ତିଆରି ହୋଇଥାନ୍ତି; ଏଥିପାଇଁ ସେ ଦାରୁଦେବତା ଭାବରେ ବିଶ୍ୱବିଖ୍ୟାତ ଏବଂ ଭାରତ ଭୂଖଣ୍ଡରେ ପୂଜା ପାଉଥିବା ଅନ୍ୟ ସବୁ ଦେବତାଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର। ପୁଣି ଅଧିକ ରହସ୍ୟମୟ ହେଉଛି ଜଗନ୍ନାଥଙ୍କର ଆବିର୍ଭାବର କାହାଣୀ। ଶ୍ରୀକୃଷ୍ଣଙ୍କର ଦେହାବସାନ ପରେ ପଥରରେ ତିଆରି ଯେଉଁ ଅବିନଶ୍ୱର ହୃଦୟ ତାଙ୍କର ସମୁଦ୍ର ଗର୍ଭକୁ ନିକ୍ଷେପ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ନୀଳମାଧବ ରୂପରେ ପୂଜା ପାଉଥିଲା, ତାହା ପୁଣି ଏକ ପବିତ୍ର ଦାରୁରେ ରୂପାନ୍ତରିତ ହୋଇ ପୂର୍ବସାଗର କୂଳରେ ଭାସମାନ ହେଲା। ଆହୁରି ଆଶ୍ଚର୍ଯ୍ୟ, ସେହି ପବିତ୍ର ଦାରୁଟି ତିନିଟି ସ୍ୱତନ୍ତ୍ର ଦେବତାରେ ପରିଣତ ହେଲା ଏବଂ ଏହି ତିନି ଦେବତା ଅବିନାଶୀ ଦେବାତ୍ମା ବା ନାଭିବ୍ରହ୍ମକୁ ସ୍ୱଶରୀରରେ ଧାରଣ କରିବାକୁ ଲାଗିଲେ ପ୍ରତି ନବକଳେବର ଅବସରରେ। ଏ ସମସ୍ତ ଆମ ଯୁକ୍ତି ଓ ହେତୁବାଦୀ ମନର ଅପହ□ ବ୍ୟାପାର। କିମାଶ୍ଚର୍ଯ୍ୟ ଅତଃ? ଭଗବତ୍ ସତ୍ତା ଓ ଆଧ୍ୟାତ୍ମିକ ପରିକଳ୍ପନାରେ ଯୁକ୍ତି ଆଉ ବୁଦ୍ଧିର ସ୍ଥାନ ନାହିଁ। ଯେଉଁ ଭଗବତ୍ ଭାବ ଚିନ୍ତା ଓ ଚେତନାର ବହୁ ଉର୍ଦ୍ଧ୍ୱରେ, ତାହା ଯୁକ୍ତିତର୍କର ସୀମିତ ବ୍ୟାପାରରେ ବୋଧଗମ୍ୟ ହୁଏନାହିଁ।

ଅଚିନ୍ତ୍ୟ ଖଳୁ ଯେ ଭାବାଃ ନ ତାଂସ୍ତର୍କେଣ ଚିନ୍ତୟେତ୍

ରହସ୍ୟମୟ ଜଗନ୍ନାଥ ଚରିତ ତର୍କେତର ବ୍ୟାପାର ହୋଇପାରେ; ମାତ୍ର ଜଗନ୍ନାଥ ସଂସ୍କୃତିରେ ଆଚରିତ କର୍ମପନ୍ଥା (ritual) ବା ପୂଜାବିଧିରେ ସର୍ବଦର୍ଶନର ନିର୍ଯ୍ୟାସ ଏବଂ ସର୍ବଧର୍ମସମ ଭାବ ଆଧୁନିକ ଧର୍ମନିରପେକ୍ଷତାର ମୂଳମନ୍ତ୍ର। ସବୁ ଧର୍ମର ଲକ୍ଷ୍ୟ ସର୍ବଜନହିତ ବା ଲୋକସଂଗ୍ରହ ଏବଂ ସମସ୍ତଙ୍କର ନୈତିକ ଅଭ୍ୟୁଦୟ ଏବଂ ଏହି କାରଣରୁ ଜଣେ ଅସଲି ଧର୍ମନିଷ୍ଠ ବ୍ୟକ୍ତି ଅନ୍ୟମାନଙ୍କ ଧର୍ମବିଶ୍ୱାସପ୍ରତି ଅସହିଷ୍ଣୁଭାବ ପୋଷଣ କରିବ ନାହିଁ। ଅତଏବ ପ୍ରକୃତ ଧର୍ମନିରପେକ୍ଷତା ହିଁ ପ୍ରକୃତରେ ଧର୍ମୀୟତା*; ଉଭୟେ ସର୍ବଧର୍ମସମ ଭାବରେ ଆଧାରିତ।

ପ୍ରାକ୍ତନ ପ୍ରଫେସର, ଦର୍ଶନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ - ୯୪୩୭୧୦୧୫୧୧

* ଲେଖକଙ୍କର "ଧର୍ମ ଧର୍ମୀୟତା ଓ ଧର୍ମ ନିରପେକ୍ଷତା" ପ୍ରବନ୍ଧରେ ଏହାର ବିସ୍ତୃତ ଆଲୋଚନା ହୋଇଅଛି। ପୁସ୍ତକ ଭିନ୍ନଦୃଷ୍ଟି (କଳିଙ୍ଗ ପ୍ରକାଶନ, ଭୁବନେଶ୍ୱର, ୨୦୦୮), ୯ମ ଅଧ୍ୟାୟ ଦ୍ରଷ୍ଟବ୍ୟ।

# କବି ସାରଳା ଓ ପ୍ରଭୁ ଶ୍ରୀଜଗନ୍ନାଥ

ଡ. ଭବାନୀ ଶଙ୍କର ଦାଶ

ମାନବ ସଭ୍ୟତାର ବିକାଶକ୍ରମରେ କେଉଁ ଏକ ସ୍ମରଣାତୀତ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଦାରବମୂର୍ତ୍ତିଧରି ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ, ତାହା ଅଦ୍ୟାବଧି ନିର୍ଣ୍ଣିତ ହୋଇପାରି ନାହିଁ। ସଦା ରହସ୍ୟମୟ ଦାରୁଦେବତା ଶ୍ରୀଜଗନ୍ନାଥ ପୂର୍ଣ୍ଣତଃ ଜଗତର ନାଥ। ମାତ୍ର କେଉଁ ଅଜ୍ଞାତ ସମୟରୁ ସିଏ ହୋଇଯାଇଛନ୍ତି ଓଡ଼ିଆ ଜାତିର ପ୍ରାଣପବନ। ଓଡ଼ିଆ ଜାତିର ଆଧ୍ୟାତ୍ମିକ ଚେତନା ଓ ଦର୍ଶନ, ସଂସ୍କୃତ, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ଯାନି-ଯାତ୍ରା, ପର୍ବ ପର୍ବାଣି ଏପରିକି ସାମାଜିକ ଅଙ୍ଗୀକାରବଦ୍ଧତା ଇତ୍ୟାଦି ସବୁକିଛି ତାଙ୍କୁ ହିଁ ଆଧାରକରି ଋଦ୍ଧିମନ୍ତ ହୋଇଅଛି। ଓଡ଼ିଆଭାଷାର ଉଦ୍ଭବଠାରୁ ଆଜିଯାଏ ମହାପ୍ରଭୁ ଆମ ସାହିତ୍ୟରେ ପ୍ରତିବିମ୍ବିତ। ଏଣୁ ମହାପ୍ରଭୁ ହି ଉତ୍କଳର ପରିଚୟ ଓ ଓଡ଼ିଆଜାତିର ଜାତୀୟତାର ଅଲିଖିତ ସ୍ୱାକ୍ଷର। ଏଣୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଏ ମାଟିରେ ରଚିତ ପୁରାଣ, ଧର୍ମଶାସ୍ତ୍ର, କାବ୍ୟ କବିତା ଓ ନାଟକାଦିରେ ବହୁକଥା ଉଲ୍ଲେଖ ରହିଛି। କେଉଁ ଅଲିଖିତ ସମୟରୁ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ଓଡ଼ିଶାର ରାଷ୍ଟ୍ରଦେବତା। ରାଷ୍ଟ୍ରଦେବତା ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତିକୁ ଯୁଗେଯୁଗେ ପ୍ରଭାବିତ କରି ଆସିଥିବାରୁ ଉତ୍କଳର ଜନଜୀବନରେ ସାହିତ୍ୟ ସଂସ୍କୃତିରେ ତାଙ୍କର ସ୍ୱାତନ୍ତ୍ର୍ୟ ଓ ସ୍ୱୀକୃତି ସର୍ବଦା ଅନୁଭୂତ। ଓଡ଼ିଆଭାଷା ସାହିତ୍ୟର ଭଗୀରଥ ଶୂଦ୍ରମୁନି ସାରଳାଦାସ ନିଜର ସମଗ୍ର ସୃଷ୍ଟିରେ ଏଥିପାଇଁ ଶ୍ରୀଜଗନ୍ନାଥଙ୍କୁ ବର୍ଣ୍ଣନା କରିବାରେ ଶତଜିହ୍ୱ ହୋଇଉଠିଛନ୍ତି।

ସାରଳାଙ୍କ ସୃଷ୍ଟିସମୂହ ମଧ୍ୟରେ ମହାଭାରତ ମହାକାବ୍ୟ ଅନନ୍ୟ। ଏହା ଅଠର ପର୍ବରେ ବିଭକ୍ତ। ଏହି ଅଠର ପର୍ବଯୁକ୍ତ ମହାଭାରତରେ ମହାକବି ସାରଳାଦାସ ପ୍ରଥମକରି ଶ୍ରୀକୃଷ୍ଣଙ୍କ ସ୍ଥାନରେ ଶ୍ରୀଜଗନ୍ନାଥ ଶବ୍ଦ ପ୍ରୟୋଗ କରି ଉଭୟଙ୍କ ମଧ୍ୟରେ ଅଭେଦତ୍ୱ ପ୍ରକାଶ କରିଛନ୍ତି। ଅର୍ଥାତ ଶ୍ରୀଜଗନ୍ନାଥ ଓଡ଼ିଆ ମହାଭାରତରେ ବର୍ଣ୍ଣନାନୁସାରେ ମହାଭାରତର ପ୍ରଧାନ ନାୟକ। ସାରଳାଙ୍କ ବର୍ଣ୍ଣନାରେ -

ତାଳଧ୍ୱଜ ରଥେ ବିଜୟ ବଳଦେବ  
ନନ୍ଦିଘୋଷ ରଥରେ ବିଜୟେ ମାଧବ।  
x x x x x  
ଦାରୁକ ମଣ୍ଡିଲା ଯେ ନନ୍ଦିଘୋଷ ରଥ  
ଅନେକ ସମ୍ଭରେ ସ୍ୱାମୀ ବିଜୟେ ଜଗନ୍ନାଥ।

*(ସା.ମ.ଆ.ପ. ୧ମ ଖଣ୍ଡ)*

ସେହି ପ୍ରଧାନନାୟକ ଶ୍ରୀକୃଷ୍ଣଙ୍କୁ ଶ୍ରୀଜଗନ୍ନାଥଭାବେ ରୂପଦେବା ପୂର୍ବରୁ ନୀଳଗିରିର ଇତିବୃତ୍ତ ବର୍ଣ୍ଣନା କରିଛନ୍ତି। ସାରଳାଙ୍କ ମୁତାବକ ସମୁଦ୍ରରେ ଭସାଇଦିଆଯାଇଥିବା ଶ୍ରୀକୃଷ୍ଣଙ୍କ ଅପୋଡ଼ାପିଣ୍ଡ ମହୋଦଧି କୂଳରେ ଦାରୁରୂପେ ଅବତୀର୍ଣ୍ଣ ହେଲେ। ସେହି ଦାରୁର ଶୁକ୍ଳ, କୃଷ୍ଣ ଓ ହରିଦ୍ରା ବର୍ଣ୍ଣର ତିନିମୂର୍ତ୍ତି ନିର୍ମିତ ହେଲେ। -

ଦେଖିଲା ପ୍ରତ୍ୟକ୍ଷ ଘଟଣା ଯେ ହୋଇଛି ତିନିମୂର୍ତ୍ତି  
କୃଷ୍ଣ ଶୁକଳ ହରିତ ବିରାଜଇ ଜ୍ୟୋତି।।  
ସତ୍ତ୍ୱ ରଜ ତମ ଯେ ତିନିଗୁଣ କାୟେ  
କରଚରଣ ନାହିଁ ଅଙ୍ଗୁଷ୍ଠି ନାହିଁ ତାର ପାୟେ।

କବି ସାରଳାଙ୍କ ଶ୍ରୀକୃଷ୍ଣଙ୍କୁ ତାଙ୍କ ସୃଷ୍ଟଚରିତ୍ର ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ଦ୍ରୌପଦୀ ଓ ବିଦୁର ପ୍ରଭୃତି ଭକ୍ତମାନେ ଜଗନ୍ନାଥଭାବେ ସମ୍ବୋଧନ କରିଛନ୍ତି। କେତେକ ଆଲୋଚକଙ୍କ ମତରେ ଦ୍ୱାଦଶ ଶତାବ୍ଦୀରେ କବି ଜୟଦେବ ନିଜ ଗୀତଗୋବିନ୍ଦରେ ପ୍ରଥମକରି ଶ୍ରୀଜଗନ୍ନାଥଙ୍କୁ ଜଗଦୀଶ ଓ ଦଶାବତାରୀ କୃଷ୍ଣ ରୂପେ ଚିତ୍ରଣ କରିଛନ୍ତି। ସେହି ଅମରକାବ୍ୟ ଗୀତଗୋବିନ୍ଦର ଆଦର୍ଶରେ ଶ୍ରୀଜଗନ୍ନାଥଙ୍କୁ ଓଡ଼ିଶାର କବି, ସାହିତ୍ୟିକ ଓ ଭକ୍ତମଣ୍ଡଳୀ କୃଷ୍ଣରୂପରେ ଗ୍ରହଣ କରିନେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ଥିବା ବହ୍ମପଦାର୍ଥ ଶ୍ରୀକୃଷ୍ଣଙ୍କ ଶରୀରର ଅଂଶ ବୋଲି ସେବେଠାରୁ ଏକ ବଦ୍ଧମୂଳ ଧାରଣା ପ୍ରଚଳିତ ଥିଲା। ପଞ୍ଚଦଶ ଶତାବ୍ଦୀରେ ରଚିତ ସାରଳାଙ୍କ ମହାଭାରତର ବର୍ଣ୍ଣନା ସକାଶେ ଏ ଧାରଣା ଆହୁରି ଦୃଢ଼ୀଭୂତ ହେଲା। ଫଳରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦତ୍ୱ ପ୍ରମାଣିତ ହେଲା। ସାରଳା ମହାଭାରତର ବିଭିନ୍ନ ପ୍ରସଙ୍ଗରେ ବିବିଧସ୍ତୁତି ସ୍ତୋତ୍ରରେ ଏହି ଭାବନା ରୂପାୟିତ। ଶ୍ରୀଜଗନ୍ନାଥଙ୍କ 'ନବଗୁଞ୍ଜର' ରୂପ କଳ୍ପନା ସାରଳାଦାସଙ୍କ ଜଗନ୍ନାଥପ୍ରବଣତାର ଦୃଢ଼ ପ୍ରମାଣ। ସାରଳାଙ୍କ ଜଗନ୍ନାଥ ହିଁ

ପୁରୁଷୋତ୍ତମ, ଶ୍ରୀରାମ, ଦଧିବାମନ, ମାଧବ, ପଦ୍ମନାଭ, ଚକ୍ରପାଣି, ସିଦ୍ଧବୁଦ୍ଧି, ଜଗମୋହନ, ନିରଞ୍ଜନ, କେଶବ ଓ ହୃଷିକେଶ ଇତ୍ୟାଦି। ଧର୍ମପୁତ୍ର ଯୁଧିଷ୍ଠିର ମହୋଦଧିରେ ମାଘସ୍ନାନ କରିବା ଅବସରରେ ମାର୍କଣ୍ଡେୟ ମହର୍ଷି ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ଓ ସ୍ୱରୂପ ବିଷୟରେ ସୂଚନା ଦେବାକୁ ଯାଇ କହିଛନ୍ତି,

ଏହି କଳେବର ଥାଉ ସମୁଦ୍ରେ ମେଲ ଦେବରାଜା
ନୀଳସୁନ୍ଦର ପର୍ବତେ କଳିଯୁଗେ ଘେନି ତମ ଏ ପୂଜା ।।

ଜଗନ୍ନାଥ ରୂପେ ହରି ତହିଁ ବିଜେକରି
ବଳରାମ ହିଁ ବଉଦ୍ଧ ରୂପେ ଅବତରୀ ।।

ଗତଦୋଷ ଉପେକ୍ଷା କରିବେ ଦେବହରି
ବ୍ରହ୍ମା ସଙ୍ଗତେ ବସିବେ ସୋହୋଦ୍ରା ରୂପଧରି ।

ମୋଟାମୋଟିଭାବେ ସାରଳାଦାସ ଶ୍ରୀଜଗନ୍ନାଥଙ୍କୁ ଅଣାକାର ପରଂବ୍ରହ୍ମ ଅବତାରୀ ଭାବରେ କଳ୍ପନା କରିଛନ୍ତି। ତାଙ୍କ କାବ୍ୟିକ ଦୃଷ୍ଟିରେ ଶ୍ରୀଜଗନ୍ନାଥ ଅବତାରୀ ଏବଂ ଶ୍ରୀକୃଷ୍ଣ ଆଦି ଅବତାର। ଅବତାରବାଦରେ ଦଶାବତାରର ସୃଷ୍ଟି ଶ୍ରୀଜଗନ୍ନାଥଙ୍କଠାରୁ ହିଁ ହୋଇଥାଏ। ସେହି ଅବତାରମାନେ ଲୀଳା ଶେଷରେ ପୁଣି ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି। ସାରଳାଙ୍କ ସମୟକୁ ଶ୍ରୀଜଗନ୍ନାଥଙ୍କ ଶବରୀନାରାୟଣ ରୂପ ପୂର୍ଣ୍ଣତଃ ସମାଜଦ୍ୱାରେ ଗୃହୀତ ହୋଇସାରିଥିଲା। ଏଣୁ ସାରଳାଦାସ ନିଜ ଲେଖନୀ ମାଧ୍ୟମରେ ଆଦିବାସୀ ପୂଜିତ ଶ୍ରୀମାଧବ ଜଗନ୍ନାଥଙ୍କୁ ନିଜ ଦେବତାଭାବେ ଗ୍ରହଣ କଲାବେଳେ ସେବାପୂଜା ଅଧିକାରରୁ ସେମାନଙ୍କୁ ବଞ୍ଚିତ କରିନାହାନ୍ତି। ସଚେତନଭାବେ କବି ସାରଳା ନିଜ ବର୍ଣ୍ଣନାରେ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ବେଳେ ଗୋଟେପଟେ ଆଦିବାସୀ ସମ୍ପ୍ରଦାୟର ଜାରାଶବର ଓ ଅନ୍ୟପଟେ ହିନ୍ଦୁ ସମ୍ପ୍ରଦାୟର ଅର୍ଜୁନଙ୍କୁ ଛିଡା କରାଇଛନ୍ତି। ଏଣୁ ସଂସ୍କୃତି ସମନ୍ୱୟର ରୂପକାର ଶ୍ରୀଜଗନ୍ନାଥଙ୍କ ଭଳି ମଧ୍ୟ କବି ସାରଳାଦାସ ଚିରନମସ୍ୟ। କବିଭାବେ ସାରଳାଦାସ ନିଜ କାବ୍ୟ ସାର୍ଥକତା ପାଇଁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରାର୍ଥନା କରିଛନ୍ତି –

ଜୟ ଜଗନ୍ନାଥ କରୁଣାସାଗର
ଜୟ ନାରାୟଣ ଜୟ ଦୋମୋଦର ।।

ଦୟାନିଧି ନାମ ବହିଛ ଆପଣ
ଦୟାକର ମୋତେ ପ୍ରଭୁ ଭଗବାନ ।।

ଶ୍ରୀ ମହାଭାରତ ଅର୍ଥ ପୁରାଣ ମୋତେଦେବ
ଅଇଲା ନ ଅଇଲା କହି ଦେଉଥିବ ।।

ସାରଳାଙ୍କ ସମଗ୍ର ସୃଷ୍ଟି ଜଗନ୍ନାଥକୈନ୍ଦ୍ରିକ। ସାରଳାଙ୍କ ପରବର୍ତ୍ତୀ ପଞ୍ଚସଖାମାନେ ମଧ୍ୟ ଏହି ଜଗନ୍ନାଥକୈନ୍ଦ୍ରିକ ଚେତନାରେ ଉଦ୍‌ବୁଦ୍ଧ ହୋଇଛନ୍ତି। କେବଳ ଏଇଠି ନୁହେଁ, ସେହି ସୂକ୍ଷ୍ମ ଚେତନାର ଅନୁବର୍ତ୍ତନ ହୋଇଛି ଓଡିଆ ରୀତିସାହିତ୍ୟରେ ମଧ୍ୟ ଓ ପରବର୍ତ୍ତୀ କାବ୍ୟକବିତାରେ ନିଚ୍ଛକ ଭାବରେ।

ସା/ପୋ – ବାଲିପାଟଣା, ଖୋର୍ଦ୍ଧା
ମୋ : ୯୪୩୭୨୭୯୧୪୨



# ଜଗନ୍ନାଥମୟ

ସରୋଜିନୀ ନାୟକ
ଡ. ବିଜୟିନୀ ମହାନ୍ତି

ମନକୁ ଭାବମୟ କରି ବୈଷ୍ଣବ ଧାରାରେ ପରିବେଷଣ କରିବା ସହିତ, ବିଶ୍ୱକୁ ଜଗନ୍ନାଥମୟ କରିବାରେ ଯଦି କେହି ଜଣେ ଇତିହାସ ପୃଷ୍ଠାରେ ଦୃଷ୍ଟିଗୋଚର ହୁଅନ୍ତି ସିଏ କବି ଜୟଦେବଙ୍କ ବ୍ୟତୀତ ଅନ୍ୟ କେହି ନୁହଁନ୍ତି।

ଲୋକପ୍ରିୟତାର ଅନ୍ତିମ ପରିଣତି କିପରି ହୁଏ, ତାହା ଆମେ ବିଂଶ ଶତାବ୍ଦୀର ଜୟଦେବଙ୍କ ପ୍ରସଙ୍ଗରେ ଦେଖିପାରୁଛେ।

ଭାରତ ସବୁରି ମନ୍ଦିରରେ, ଜୟ ଜଗଦୀଶ ହରେ, ସବୁ ନୃତ୍ୟ ଓ ଗାଥାରେ, ଜୟ ଜଗଦୀଶ ହରେ, ସବୁ ଧର୍ମ ପ୍ରବଚନରେ, ଜୟ ଜଗଦୀଶ ହରେ।'

ତିରୋଧାନର ଆଠ ଶତାବ୍ଦୀ ପରେ ଏହି କାଳଜୟୀ ଗୀତଟିର ରଚୟିତାଙ୍କର ଜନ୍ମସ୍ଥାନ ନିରୂପଣ ପାଇଁ ଦେଶରେ, ବିଭିନ୍ନ ପ୍ରାନ୍ତରରେ, ଅନେକ ଦାବୀଦାର। ସବୁ ମନ୍ଦିରରେ ତାଙ୍କ ଗୀତର ସ୍ୱର, ବହୁ ରାଜା ମହାରାଜାଙ୍କ ଆଦର ସେହି ସୁଲଳିତ ଆକର୍ଷଣୀୟ ଦୈବୀ ସାଧନାରୁ ସୃଷ୍ଟ ପଦ ଲାଳିତ୍ୟ। ବିଶ୍ୱର ଅନନ୍ତ ଅନୁଷ୍ଠାନ ଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ଗୀତିକାରଙ୍କର ତଥ୍ୟ ଗଚ୍ଛିତ ଥିବାବେଳେ, ବିହ୍ୱଳ ପ୍ରଶଂସକମାନେ ନିଜ ଆତ୍ମୀୟ ଭାବରେ ଜୟଦେବଙ୍କୁ ନିଜ ନିଜ ଅଞ୍ଚଳର ବୋଲି ସ୍ୱର ଉତ୍ତୋଳନ କରନ୍ତି। ରାଜସ୍ଥାନ, ଗୁଜୁରାଟ, ମଧ୍ୟଭାରତ ଓ ପଞ୍ଜାବ ପରି ସ୍ଥାନରେ ଏହି ସର୍ବଭାରତୀୟ ସହଜ ସଂସ୍କୃତ ଅପୂର୍ବ ଧାରାର ପଦ ଏତେ ନିଜର ବୋଲି ତାଳ ଦିଏ, ସୁଦୂର କଳିଙ୍ଗ ଉତ୍କଳର କେନ୍ଦୁ ଓ ବେଲଗଛ ଭରା ପୁରୁଷୋତ୍ତମ ପୁରୀ ନିକଟର ବୋଲି, ନିଶ୍ଚୟ ବହୁ ଲୋକଙ୍କର ଅବିଶ୍ୱାସନୀୟ ହୋଇଥିବ। ଏମିତି 'ଜୟ ଜଗଦୀଶ ହରେ' ଶ୍ରୋତା ଜଗତକୁ ବିସ୍ମୟ କରିଚି, ଜୟଦେବଙ୍କୁ ସମସ୍ତେ ନିଜର କରି ନେଇଛନ୍ତି, କେତେ ଯେ ତୀର୍ଥ ସ୍ଥାନରେ ତାଙ୍କର ତିରୋଧାନ ଘଟିଛି, କେତେ ଯେ ଅଲୌକିକ ଘଟଣା ତାଙ୍କ ସହିତ ଜଡ଼ିତ ତାହା ଗଣି ହେବ ନି। ଶ୍ରୀକୃଷ୍ଣ ଛଦ୍ମ ବେଶରେ କବି ଜୟଦେବଙ୍କର ଗୀତରଚନାର ଧର୍ମସଂକଟ ସମୟରେ ଆବିର୍ଭାବ ହୋଇଛନ୍ତି, ଗୃହ ମରାମତିରେ ସାହାଯ୍ୟ ହୋଇଛନ୍ତି, କେନ୍ଦୁବିଲ୍ୱ ବସ୍ତ୍ର ଚିତ୍ରହେବା ବେଳେ ବସ୍ତ୍ରକାରମାନଙ୍କ ପାଇଁ ଜୟଦେବଙ୍କ ସ୍ଥାନ ନେଇ ଶ୍ରୀଗୀତଗୋବିନ୍ଦ ଆବୃତ୍ତି କରିଛନ୍ତି, ଶ୍ରୀଗୀତଗୋବିନ୍ଦ ସ୍ୱର ମାଦକତାରେ ମନ୍ଦିରରୁ ବାହାରି ବାଇଗଣ ବାଡ଼ିରେ ପଶି ନିଜର ଅମୂଲ୍ୟ ବସ୍ତ୍ର ଚିରିଛନ୍ତି ତ କେବେ ଶ୍ରୀଗୀତଗୋବିନ୍ଦକୁ ଅନ୍ୟ ଗୀତ ଗୋବିନ୍ଦ ଅପେକ୍ଷା ସାଦରେ ଗ୍ରହଣ କରିଛନ୍ତି। ସେଇ କାରଣ ଗୁଡ଼ିକରୁ ସବୁର ମୂଳ ଜଗନ୍ନାଥଙ୍କ ଦ୍ୱାରା ଗୀତ ଗୋବିନ୍ଦର ଆଦର ଓ ଶ୍ରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ବଡ଼ଶିଙ୍ଗାରରେ ଏହାର ଗାୟନ।

କାହିଁକି ଜୟଦେବ ରାଧାଙ୍କୁ ପ୍ରାଧାନ୍ୟ ଦେଇ ମଧୁର ପ୍ରେମରେ ଭକ୍ତିଭାବ ଜାଗ୍ରତ କରି କେନ୍ଦୁବିଲ୍ୱ ଗ୍ରାମର ସବୁଜିମା ଓ ପ୍ରତିଟି ପୁଷ୍ପର ସୌନ୍ଦର୍ଯ୍ୟ ରଚିଲେ, ଏଥିପାଇଁ ସ୍ଥିର ଚିନ୍ତନ ଆବଶ୍ୟକ। ସିଏ ଇତିହାସରେ ଏମିତି ସମୟରେ ଆବିର୍ଭାବ ହୋଇଛନ୍ତି, ତାଙ୍କ ବିଷୟରେ ସବିଶେଷ ତଥ୍ୟ ମିଳିବା କଷ୍ଟକର। ଯାହା କିଛି ଶ୍ରୀ ମନ୍ଦିର କାର୍ଯ୍ୟାବଳୀ ଓ ସାଧୁସନ୍ଥ ମାନଙ୍କର ଜୟଜୟ ଗାନରୁ ଜଣାଯାଏ, ତାହାରି ଉପରେ ଅନୁମାନ ସୀମିତ। ଶ୍ରୀ ଗୀତ ଗୋବିନ୍ଦର ରଚନା କାଳ ସମ୍ବନ୍ଧରେ ଯେତେ ବାଦ ବିସମ୍ବାଦ ହେଲେ ବି ଏହା ଅନୁମାନତଃ ୧୧୫୫ ଖ୍ରୀଷ୍ଟାବ୍ଦର ବୋଲି ଧରାଯାଇ ପାରେ। କାରଣ ଚୋଳଗଙ୍ଗ ଦେବଙ୍କ ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ ଦେବ (୧୧୪୭-୧୧୫୭) ଙ୍କ ବିଷୟରେ କଥିତ ଅଛି, ସିଏ ଗୀତଗୋବିନ୍ଦ ନ ଶୁଣିଲେ ଅନ୍ନଜଳ ସ୍ପର୍ଶ କରୁ ନଥିଲେ। ପୁଣି ସମସାମୟିକ ଉଦୟନାଚାର୍ଯ୍ୟଙ୍କ ଭାବଭାବିନୀ ଶ୍ରୀଗୀତଗୋବିନ୍ଦର ପ୍ରଥମ ଟୀକା ରଚନା ଏହି ସମୟର ହୋଇଥିବାରୁ୧୧୫୦-୫୫ କାଳକୁ ଶ୍ରୀଗୀତଗୋବିନ୍ଦର ରଚନାକାଳ ବୋଲି କଳନା କରାଯାଏ।

ବୁଝାପଡ଼ୁନି ଓଡ଼ିଶାର ଜଗନ୍ନାଥ କ୍ଷେତ୍ର ଓ ସନ୍ନିକଟ ଅଞ୍ଚଳର ଅଧିବାସୀ ଜୟଦେବ ଏପରି ସୁମଧୁର ଚିନ୍ତାଧାରା କିପରି ପାଇଲେ। ସମସାମୟିକ ପରିବେଶ ଅନୁଧ୍ୟାନ କଲେ, ଏଇଟା ନିଶ୍ଚିତ ଦୈବଜନିତ ଓ ସୃଜନାତ୍ମକ ବୋଲି ଜଣାଯାଏ। ତଥାପି ରାଧାଙ୍କୁ କୃଷ୍ଣଙ୍କ ସହିତ ମିଶାଇ ବୈଷ୍ଣବ ଧର୍ମରେ ଏମିତି ମଧୁର ରସ ରଚନା କରିବାର ସାହାସ କେଉଁଠାରୁ ପାଇଲେ? ଦର୍ଶନ ଓ ଧର୍ମରେ ଶୃଙ୍ଗାର ରସ କାହାରିକୁ ସୁସଙ୍ଗତ ବୋଧ ହୋଇପାରେନି। ଭକ୍ତିଭାବ ସହିତ ଶୃଙ୍ଗାର ରସର

କେହି କଳ୍ପନା କରିବାକୁ ସମର୍ଥ ହୋଇ ପାରିବେ ନାହିଁ।

ଭକ୍ତିଯୁଗର ପ୍ରାରମ୍ଭରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ରାମାନୁଜ ଓ ନିମ୍ବାର୍କଚାର୍ଯ୍ୟ ପର୍ଯ୍ୟନ୍ତ ସମସ୍ତେ ପୁରୁଷୋତ୍ତମ କ୍ଷେତ୍ରରେ ନିଜ ନିଜର ମଠ ସ୍ଥାପାନ କରି ସାରିଛନ୍ତି। ଆଦିଶଙ୍କର ମୂଳତଃ ଶୈବ ହେଲେ ବି ପୁରୀରେ ନିଜର ବୈଷ୍ଣବ ଧର୍ମର ପରାକାଷ୍ଠା ଦେଖାଇଛନ୍ତି। ରାମାନୁଜ ନିଜ ଭକ୍ତିଭାବକୁ ଈଶ୍ୱରୀୟ ପ୍ରଧାନ ଭକ୍ତି ମତେ ଗମ୍ଭୀର ଭାବରେ ପ୍ରକଟ କରିବାର ପନ୍ଥା ଦେଖାଇଛନ୍ତି। ଅବଶ୍ୟ ଏହି ପ୍ରକାରର ସମ୍ମାନଜନକ ଭକ୍ତି ଈଶ୍ୱର ଓ ଭକ୍ତ ମଧ୍ୟରେ କିଛି ଦୂରତ୍ୱ ରକ୍ଷା କରେ। ମାତ୍ର ନିମ୍ବାର୍କ ଏହାକୁ ମାଧୁର୍ଯ୍ୟ ପ୍ରଧାନ ଭକ୍ତି ଭାବରେ ପ୍ରତିଷ୍ଠିତ କରି, ଅନ୍ତରଙ୍ଗ ପ୍ରେମ ସମ୍ମେଳନର ବନ୍ଧନ ଭାବରେ ନେଇଛନ୍ତି। ରାଧାକୃଷ୍ଣ ଭକ୍ତି ପରି ସୁଦୃଢ଼ ବୈଷ୍ଣବ ଭକ୍ତିର ପଥ ଉନ୍ମୋଚନ କରିଛନ୍ତି। ରାଧା ଚରିତ୍ରର ପୁନର୍ବିନ୍ୟାସ କରିଛନ୍ତି। ଏହା ଶାରୀରିକ ସମ୍ପର୍କ ଅବତାରଣା କରେନି, ମାନସିକ ଭାବରେ ପ୍ରଭୁଭକ୍ତିର ଚରମ ନିଦର୍ଶନ ଭାବରେ ଉପସ୍ଥାପନା କରିଛନ୍ତି। ଏହା ଆଧାତ୍ମିକ ଭକ୍ତିର ଚରମ ନିଦର୍ଶନ ବୋଲି ଅନେକଙ୍କର ମତ।

ରାଧା, ରାଧିକା, ରାଧାରାଣୀ, ରାଧେ କୌଣସି ନାମରେ ସିଏ ବୈଷ୍ଣବଉପାସ୍ୟ ଶ୍ରୀକୃଷ୍ଣଙ୍କ ସହ ନିତ୍ୟବାସ କରନ୍ତି। ସେ ଶକ୍ତିର ଉତ୍ସ। ବୈଷ୍ଣବ ସମ୍ପ୍ରଦାୟ ତାଙ୍କୁ ପ୍ରଧାନ ଦେବୀ ଭାବରେ ଆଖ୍ୟାଦିଅନ୍ତି। ବୈଷ୍ଣବ ଧର୍ମରେ ରାଧାକୃଷ୍ଣ ହି ଜଗତର ଅନ୍ତିମ ସତ୍ୟ। ଷୋଳ ସହସ୍ର ଗୋପୀମାନଙ୍କ ମଧ୍ୟରୁ ରାଧା ହିଁ ଗୁରୁତ୍ୱ ବହନ କରନ୍ତି ରାସକ୍ରୀଡାରେ। ତାଙ୍କର ସ୍ଥାନ ଶ୍ରୀକୃଷ୍ଣଙ୍କ ସ୍ଥାନରୁ ବି ଉଚ୍ଚରେ।

ରାଧା ଧାରଣା ଭାରତୀୟ ବୈଷ୍ଣବ ଧର୍ମରେ କେଉଁଠୁ ଜନ୍ମ ନେଲା, ସ୍ଥିରିକୃତ କରିବା ସହଜସାଧ୍ୟ ନୁହେଁ। ହୁଏତ ନିମ୍ବାର୍କାଚାର୍ଯ୍ୟ ଓ ଜୟଦେବ ଉଭୟ ପାଖାପାଖି ସମୟର ହୋଇଥାଇ ପାରନ୍ତି, କିନ୍ତୁ ବୈଷ୍ଣବକ୍ଷେତ୍ର ଭାବରେ ପୁରୁଷୋତ୍ତମ କ୍ଷେତ୍ର ଭାରତର ଅଦ୍ୱିତୀୟ ତୀର୍ଥ। ସକଳ ବୈଷ୍ଣବ ଭାବର ସ୍ରୋତ ନିଶ୍ଚିତ ଭାବେ ପୁରୁଷୋତ୍ତମ ଦେଇ ମହୋଦଧିକୁ ପ୍ରବାହିତ ହୋଇଥିବା ସମ୍ଭବ। ସେଇ ଭାବନାକୁ ସୁଲଳିତ, କାନ୍ତ କୋମଳ ମନହର ତାନରେ ଶୁଣାଇବାରେ ଦୁନିଆଁରେ ଜଣେ ଜଗନ୍ନାଥଙ୍କ ଭକ୍ତ ହିଁ ସମଥ। ଏମିତି ସ୍ୱର, ତାଳ ଓ ଲୟରେ ଉପସ୍ଥାପନ କରିଛନ୍ତି, ଅର୍ଥ ନ ବୁଝିଲେ ମଧ୍ୟ ବିଦେଶାଗତ ଶ୍ରୋତାମାନେ ବି ଏହାର ତାନରେ ଚମତ୍କୃତ ହୋଇ ଯାଆନ୍ତି।

ମଧୁର ରସ ଭାରତୀୟ ଧର୍ମ ପରମ୍ପରାରେ ଓ ଭାରତୀୟ ଦର୍ଶନର ବିବର୍ତ୍ତନରେ ବିଚିତ୍ର ଭାବ ବହନ କରେ। ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରଣୟର ପରିତୃପ୍ତିରେ ଏପରି ଅନାହତ ପ୍ରାକୃତ ପ୍ରଶାନ୍ତି ନିହିତ, ବହୁ ରହସ୍ୟବାଦୀ ତାତ୍ତ୍ୱିକ ଶୃଙ୍ଗାରକୁ ଈଶ୍ୱର ଶକ୍ତି ସହିତ ମିଳନୋପଲବ୍ଧି ପାଇଁ ଏକ ସାଧନା ଭାବରେ ନିଅନ୍ତି। ଏହା ଅବତାରଣା କରାଯାଇଛି ମହାଯାନର ପ୍ରଜ୍ଞା ଓ ଉପାୟ ମିଳନରେ ନିର୍ବାଣ ଭାବରେ, ବଜ୍ରଯାନରେ ମଣି ଓ ପଦ୍ମର ମିଳନରେ ମହାସୁଖ ରୂପରେ, ସହଜଯାନରେ ଆଳୀ ଓ କାଳୀ, କାପାଳିକ ଓ ଚଣ୍ଡାଳୀ ବା ଶବର ଓ ଶବରୀର ମିଳନରେ ନୈରାତ୍ମ୍ୟ ଭାବରେ, ନାଥଧର୍ମର ଚନ୍ଦ୍ର ଓ ସୂର୍ଯ୍ୟଙ୍କ ମିଳନରେ ସିଦ୍ଧି ରୂପରେ, ଶୈବଧର୍ମରେ ଶିବ ଓ ପାର୍ବତୀଙ୍କ ମିଳନରେ କୈବଲ୍ୟ ଭାବରେ ଓ ବୈଷ୍ଣବ ଧର୍ମରେ ରାଧା ଓ କୃଷ୍ଣଙ୍କ ମିଳନରେ କରୁଣାଲାଭ ଭାବରେ। ବୈଷ୍ଣବ ଧର୍ମରେ ଶ୍ରୀକୃଷ୍ଣ ପ୍ରଥମରୁ ଯେପରି ଗୋପୀଜନ ବଲ୍ଲଭ ଥିଲେ, ତାତ୍ତ୍ୱିକ ମର୍ଯ୍ୟାଦା ପ୍ରଧାନ ଭାବଧାରାରୁ ରାଧାକୃଷ୍ଣଲୀଳା ବୈଷ୍ଣବୀୟ ଆଦର୍ଶରେ ପରିଣତ ହେଲା। ମାତ୍ର ଏହି ଭାବଧାରାର ସଫଳ ପରିବ୍ୟାପ୍ତି ହୋଇ ପାରିଲା କବି ଶ୍ରେଷ୍ଠ ଜୟଦେବଙ୍କର ଜଗନ୍ନାଥ ସ୍ୱୀକୃତ ଦୈବୀ ରଚନା ବଳରେ। ଏହି ଦୃଷ୍ଟିରେ ଶ୍ରୀ ନିମ୍ବାର୍କାଚାର୍ଯ୍ୟଙ୍କ ତତ୍ତ୍ୱରେ ଶ୍ରୀକୃଷ୍ଣ ହେଉଛନ୍ତି ପରମାତ୍ମା ଓ ଶ୍ରୀରାଧା ଜୀବାତ୍ମା। ଏହି ଦର୍ଶନର ବୈଷ୍ଣବମାନେ କପାଳରେ କେଶମୂଳରୁ ଭ୍ରୂମୂଳ ପର୍ଯ୍ୟନ୍ତ ଦୁଇଟି ସମାନ୍ତରାଳ ଗୋପୀଚନ୍ଦନ ରେଖା ଧାରଣ କରନ୍ତି। ଜୟଦେବଙ୍କ ପରି ମାଧବାଚାର୍ଯ୍ୟ ବି ଏହି ସମ୍ପ୍ରଦାୟର।

ଅସୁମାରି ଈଶ୍ୱରୀୟ ଶକ୍ତି ପ୍ରଦାନ କରିଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ଜୟଦେବଙ୍କୁ। ଭାଷା, ନୃତ୍ୟ, ତାଳ, ଲଳିତ ଓ ଶୃଙ୍ଗାର ଧାରା ପ୍ରଦାନ କରିବାରେ ପ୍ରଭୁ କୌଣସି କାର୍ପଣ୍ୟ କରିନାହାନ୍ତି। ସମୟକ୍ରମେ କେନ୍ଦୁବିଲ୍ୱରୁ କୁର୍ମପାଟକରେ ସଂସ୍କୃତ, ନାଚ, ଗୀତ ସବୁ ଶିକ୍ଷା ନେଇ ପ୍ରବୀଣ ପ୍ରଶିକ୍ଷକ ଭାବରେ ସେଠାରେ କାର୍ଯ୍ୟକରିଛନ୍ତି। ତାଙ୍କର ରଚନା ଗୀତ ରଚନା, ପଦଲାଳିତ୍ୟ, ଭାବବିନୋଦକ ହେବା ସହିତ ବାଦ୍ୟ ତାଳ ଓ ଓଡିଶୀ ମେଳକ ହୋଇଥିଲ , ଶ୍ରୀମନ୍ଦିରରେ ପୂର୍ବରୁ ଅନୁସୃତ ମନ୍ତ୍ର ଓ ଶ୍ଳୋକର ସ୍ଥାନ ଅବିଳମ୍ବେ ନେଇ ପାରିଥିଲା। ଗୀତର ପ୍ରକାଶନ ଠାରୁ ପୁରୀର ଗଙ୍ଗରାଜ ବା ଗଜପତି, ଯେ କେହି ହୁଅନ୍ତୁ  ନା କାହିଁକି, ସମସ୍ତେ ଏହାକୁ ଶ୍ରୀ ମନ୍ଦିର ପାଇଁ ଶ୍ରୀଜୀଉଙ୍କ ସେବା ନିମନ୍ତେ ଏହାର ଗାୟନ ବ୍ୟବସ୍ଥା କରିଦେଲେ। ପରିଶେଷରେ ଗଜପତି ପ୍ରତାପରୁଦ୍ର ଦେବଙ୍କର ୧୫୦୦ ମସିହା କାଳରେ ‘ଶ୍ରୀମନ୍ଦିରରେ ଶ୍ରୀଗୀତଗୋବିନ୍ଦ ଇତର ଗାୟନ ଜଗନ୍ନାଥ ଦ୍ରୋହୀ’ ହେବାର ଚେତାବନୀ ଦେଇଛନ୍ତି। ବହୁ ବର୍ଷ ଅନ୍ତରରେ ଏକବିଂଶ ଶତାବ୍ଦୀରେ ଆମର ମନପ୍ରାଣରେ ଶ୍ରୀଗୀତଗୋବିନ୍ଦ ଯେପରି ତୃପ୍ତି ପ୍ରଦାନ କରେ, ଧାରଣା ଦିଏ ଏହି ଲାଳିତ୍ୟ କିପରି ସୃଷ୍ଟି ହୋଇ ପାରିଲା ? ଗୀତର ବାରମ୍ବାର ପଠନ ଓ ନାଟ୍ୟ ଭାବରେ ଜୟଦେବଙ୍କ ପତ୍ନୀ ପଦ୍ମାବତୀଙ୍କ ଶ୍ରୀମନ୍ଦିରରେ ଅଭ୍ୟାସ ଓ ତାଙ୍କର ଅଭିନୟର ପ୍ରତିପାଦରେ ନାଟ୍ୟଗୁରୁଙ୍କ ପଦମାର୍ଜନା ଶ୍ରୀଗୀତଗୋବିନ୍ଦକୁ ଲଳିତରୁ ଲଳିତତମ ପର୍ଯ୍ୟାୟରେ ପହଞ୍ଚାଇ ପାରିଛି। ଜୟଦେବ ନୃତ୍ୟରତା ପଦ୍ମାବତୀଙ୍କର ପ୍ରତି ପାଦକୁ ଅଧିକ ଭକ୍ତିପ୍ଲୁତ କରିବାପାଇଁ ଶ୍ରୀଗୀତଗୋବିନ୍ଦକୁ ଏପରି ମଧୁର ଓ ରସାଳ କରିଥିବା ମନେହୁଏ।

ଜୟଦେବ ଅନେକ ଦିନ ଧରି ପୁରୁଷୋତ୍ତମ କ୍ଷେତ୍ରର ନିବାସୀ ଥିଲେ। ଦଶାବତାର ମଠରେ ଅବସ୍ଥାନ କରୁଥିଲେ। ଜଗନ୍ନାଥଙ୍କୁ ନିତି ଦର୍ଶନ କରୁଥିଲେ ଏବଂ ତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ପତ୍ନୀ ପଦ୍ମାବତୀ ଜଗନ୍ନାଥଙ୍କ ପାଖରେ ନୃତ୍ୟରତା ଥିବାବେଳେ ଜୟଦେବ

ସୁମଧୁର ସ୍ୱରରେ ନିଜର ସୁଲଳିତ ଶ୍ରୀଗୀତଗୋବିନ୍ଦ ଗାନ କରୁଥିଲେ। ଏହା ମନ୍ଦିର ପରିସରର ମର୍ଯ୍ୟାଦା ଓ ମହତ୍ତ୍ୱ ଅନେକ ଗୁଣରେ ବର୍ଦ୍ଧନ କରିଥିଲା। ଏମିତି କି ରାଜ୍ୟ ବାହାରର ଦର୍ଶକମାନେ ନିଜ ଆଞ୍ଚଳିକ ମନ୍ଦିର ପାଇଁ ଶ୍ରୀ ଗୀତଗୋବିନ୍ଦଟିଏ ନ ଧରିଲେ ପୁରୀ ଛାଡୁ ନ ଥିଲେ। ରାଜକୀୟ ସ୍ତରରେ ବି ଏହି ପୁସ୍ତକଟିର ମର୍ଯ୍ୟାଦା ଏତେ ବଢ଼ିଯାଇଥିଲା, ଶ୍ରୀଗୀତଗୋବିନ୍ଦ ସହିତ ଏହାର ପଟ୍ଟଚିତ୍ର ଓ କେନ୍ଦୁବିଲ୍ୱ ଶ୍ରୀଗୀତଗୋବିନ୍ଦ ମୁଦ୍ରିତ ଖଣ୍ଡୁଆ ବସ୍ତ୍ର ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ପାଇଁ ସୂତ୍ର ହୋଇପାରିଥିଲା। ଜୟଦେବ ଜୀବଦ୍ଦଶା ମଧ୍ୟରେ କେତେଥର ରାଜ୍ୟ ବାହାରକୁ ଯାଇଥିବେ, କେତେ ରାଜକୀୟ ନିମନ୍ତ୍ରଣ ରକ୍ଷା କରିଥିବେ, କିନ୍ତୁ ଥରେ ପଦ୍ମାବତୀଙ୍କ ସହିତ ଯାଇଥିଲେ ବୃନ୍ଦାବନ। ପୁରୁଷୋତ୍ତମ କ୍ଷେତ୍ରରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା।

ପ୍ରଭୁ ଜଗନ୍ନାଥଙ୍କ ଆତ୍ମତୃପ୍ତିର ଗୀତ ଶ୍ରୀଗୀତଗୋବିନ୍ଦ ଏମିତି ପଦାବଳୀର ସମାହାର ତାହା ଯେ କୌଣସି ଲୋକକୁ ସ୍ୱଷ୍ଟ ପ୍ରତୀୟମାନ ହେବ। ଏହାର ଶବ୍ଦ ଲାଳିତ୍ୟ ଯେ କୌଣସି ଶ୍ରୋତାକୁ ଆକର୍ଷଣ କରିବାର ଚୁମ୍ବକୀୟ ଶକ୍ତି ରହିଛି। ତାହା ପୁଣି ନୃତ୍ୟର ଏମିତି ତାଳ ତୋଳେ, ଓଡ଼ିଶୀ ନାଚର ଏମିତି ତ୍ରିଭଙ୍ଗୀ ଟାଣେ ସବୁ ଜୟଦେବଙ୍କର ଦୈବୀ ସାରସ୍ୱତ ଶକ୍ତିର ପରିଚୟ ଦିଏ। କାଳ କାଳ ଧରି ଏହା ହୋଇ ପାରିଛି ଉତ୍କଳୀୟମାନଙ୍କର ଇତିହାସରେ ସନ୍ତକ। ଶ୍ରୀଗୀତଗୋବିନ୍ଦର ବର୍ଣ୍ଣନା ସଂଗୀତ ଓ ସଂଳାପର ମଧୁର ସମାବେଶ। କବି ମଧୁର ରସରେ ବିମଳ ଭକ୍ତିଭାବନାର ଫଲ୍‌ଗୁଧାରାର ସ୍ରୋତ ସୃଷ୍ଟି କରିଛନ୍ତି। ପୁସ୍ତକଟିର ଦଶାବତାର ମୁଖବନ୍ଧ ତାଙ୍କର ସର୍ଜନଶୀଳତା ସମ୍ପର୍କରେ ଆଲୋକପାତ କରେ।

ବୈଷ୍ଣବ ଧର୍ମର ବିବର୍ତ୍ତନରେ ସକଳ ମର୍ଯ୍ୟାଦା ସେଇ ମର୍ଯ୍ୟାଦା ପୁରୁଷ ଶ୍ରୀକୃଷ୍ଣ, ବାସୁଦେବ, କେଶବ, ଶୀହରି, ମାଧବ, ମୁରାରୀ, ଜଗଦୀଶ, ମଧୁସୂଦନ, ବନମାଳୀ, ଗୋବିନ୍ଦଙ୍କୁ ସମର୍ପିତ। ସିଏ ପରମ ସୁନ୍ଦର, ତାଙ୍କର ଅଧର ମଧୁର, ବଦନ ମଧୁର, ହସ ମଧୁର, ଗମନ ମଧୁର, ବସନ ମଧୁର, ରୂପ ମଧୁର, ବେଣୁ ମଧୁର, ହରଣ ମଧୁର, ରମଣ ମଧୁର। ସବୁ ହିଁ ମଧୁର। ଶ୍ରୀଗୀତଗୋବିନ୍ଦରେ ମହାକବି ଜୟଦେବ ଶ୍ରୀକୃଷ୍ଣଙ୍କ ରୂପମାଧୁରୀକୁ ଏମିତି ଜୀବନ୍ତ ଓ ଆକର୍ଷଣୀୟ କରିଛନ୍ତି, ଏହା ତାଙ୍କର ଅଲୌକିକ ବିଷ୍ଣୁଭକ୍ତି ଓ ଦିବ୍ୟକବିତ୍ୱ ପ୍ରତିପାଦନ କରୁଛି। ଏହି ଲଳିତ ରୂପ ଲାବଣ୍ୟ ଯେ ଶ୍ରୀରାଧାଙ୍କୁ ଅତ୍ୟନ୍ତ ବ୍ୟାକୁଳୀତ କରିବ, ଏବଂ ସେ କୃଷ୍ଣପ୍ରାପ୍ତି ନିମନ୍ତେ ତାଙ୍କ ରୂପକୁ ବରଣ କରିବେ, ଏଥିରେ କୌଣସି ସନ୍ଦେହ ନାହିଁ।

ଶ୍ରୀଗୀତଗୋବିନ୍ଦ ବର୍ଣ୍ଣନାରେ ଶ୍ରୀରାଧା ଅପରୂପମୟୀ, ସୁଷମାର ଗନ୍ତାଘର। ସେଇ ଅନିନ୍ଦ୍ୟ ସୁନ୍ଦରୀ ବଶୀଭୂତ କରିଛନ୍ତି ପୁରୁଷଶ୍ରେଷ୍ଠ ଶ୍ରୀକୃଷ୍ଣଙ୍କୁ। ସେଇ ଭାବ ଶ୍ରୀକୃଷ୍ଣଙ୍କର ନିସୃତ ହୋଇଛି ଜୟଦେବଙ୍କ ଲେଖନୀରୁ, ଶ୍ରୀକୃଷ୍ଣ କହୁଛନ୍ତି, ଜଗତକୁ ଜିଣି ପାରୁଥିବା କାମଦେବଙ୍କର ଯେତେ ଅସ୍ତ୍ରଶସ୍ତ୍ର ରହିଛି, ସେ ସବୁ ସମ୍ଭବତଃ କାମଦେବ ଶ୍ରୀରାଧାଙ୍କଠାରେ ବିନ୍ୟାସ କରିଛନ୍ତି। ଶ୍ରୀରାଧାଙ୍କ ଭ୍ରୂଲତା ହେଉଛି ଅଜୟଧନୁ, କଟାକ୍ଷ ଧନୁର୍ବାଣ ଓ କର୍ଣ୍ଣଲତିକା ହେଉଛି ଧନୁର ଗୁଣ।

ଜୟଦେବ ଜଣେ ରସିକ ଓ ବୁଦ୍ଧିମାନ କବି। ଶୁଣାଯାଏ ଜୟଦେବ ନିଜେ ବେଶ୍ ସୁନ୍ଦର ଶରୀରର। ପତ୍ନୀ ପଦ୍ମାବତୀଙ୍କୁ ରାଧାସମ ଦେଖନ୍ତି, ନିଜକୁ ବହୁବାର ପଦ୍ମାବତୀରମଣ ବୋଲି ସୂଚାଇଛନ୍ତି। ଶ୍ରୀକୃଷ୍ଣଙ୍କ ଭାଷାରେ ପଦ୍ୟରଚନା କରାଯାଇଥିବା "ପ୍ରିୟ ଚାରୁଶୀଳେ, ମୁ□ମୟି ମାନମନିଦାନମ୍" ପଦଟି ଅନେକଥର ନିଜ ଦାମ୍ପତ୍ୟ ଜୀବନରେ ପ୍ରୟୋଗ କରି ନିଜ ଜୀବନର ପରିଚୟ ଦେଇଛନ୍ତି।

ଶ୍ରୀଗୀତଗୋବିନ୍ଦ ସଂସ୍କୃତ କାବ୍ୟଜଗତରେ କମନୀୟ ସାରସ୍ୱତ କୀର୍ତ୍ତି। ସଂସ୍କୃତ ସାହିତ୍ୟର ଧ୍ରୁବତାରା। ତାଙ୍କ କବିତ୍ୱର ପ୍ରାଣ ଶ୍ରୀକୃଷ୍ଣ ଏବଂ ପ୍ରାଣକେନ୍ଦ୍ର ଶ୍ରୀରାଧା। ସେମାନଙ୍କ ବନ୍ଦନାର ମାଧୁର୍ଯ୍ୟରସ ବିଶ୍ୱ ରଚନାବଳୀକୁ ପ୍ରାଣବନ୍ତ ଓ ରସମୟ କରିପାରିଛି। ଏହାର ପଠନରେ ଦୈବୀଭାବନା ପ୍ରବାହରେ ପାଠକ ବିହ୍ୱଳିତ ହୋଇଥାଏ। କାବ୍ୟଟିର ମର୍ମେ ମର୍ମେ ଭକ୍ତିଭାବ ଜାଗ୍ରତ ହୋଇଥାଏ।

ଶ୍ରୀଗୀତଗୋବିନ୍ଦ ପାଠକଲେ ମାନସପଟ୍ଟରେ ଶୁଦ୍ଧ ପ୍ରେମର ତରଙ୍ଗିଣୀଟିଏ ବହିଯାଏ। ସ୍ୱର୍ଗୀୟ ଓ ଶାଶ୍ୱତ ସେ ପ୍ରେମର ଧାରା। ପରମ ପ୍ରେମମୟ ଶ୍ରୀକୃଷ୍ଣ ଓ ଭାବମୟୀ ଶ୍ରୀରାଧାଙ୍କ ଦିବ୍ୟ ପ୍ରେମ ଏବଂ ପ୍ରେମର ସମସ୍ତ ଉପାଦାନ ଯଥା- ମାନ, ଅଭିମାନ, ବିରହ, ରୁଷା, ଆଉରୁଷା, ମାନଭଞ୍ଜନ, ଅଶ୍ରୁମୁ□ନ ପାଠକର ମନକୁ ଅସ୍ଥିର କରି ପକାଏ। ଶ୍ରୀରାଧା ଚିରନ୍ତିନୀ ନାୟିକା। ସେ ଚିର ବିରହିଣୀ। ଶ୍ରୀକୃଷ୍ଣଙ୍କ ବିନା ତାଙ୍କୁ ଚିନ୍ତା କରାଯାଇ ନ ପାରେ। କାୟ, ମନ ଓ ହୃଦୟକୁ ସାମଗ୍ରିକ ଭାବରେ ଶ୍ରୀକୃଷ୍ଣଙ୍କ ପାଖରେ ସମର୍ପି ଦେଇଛନ୍ତି। ଏପରି ଜଣେ ପ୍ରୀତି ବିନୋଦିନୀ ଏବଂ କାନ୍ତ ସାନ୍ନିଧ ପାଇଁ ବ୍ୟାକୁଳିତ ଚରିତ୍ର ଗଠନ କରିଛନ୍ତି ଭାବପ୍ରିୟ ଜୟଦେବ। ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧାଙ୍କ ଜୀବନ ନିରାନନ୍ଦ ହୋଇପଡ଼ିଛି। ଅଶୋକ କଳିକା, ପୁଷ୍କରିଣୀର ସୁଶୀତଳ ଜଳ, ଶୀତଳ ସୁବାସିତ ପବନ ଶ୍ରୀକୃଷ୍ଣ ବିହୁନେ ଅସାର ବୋଧ ହୋଇଛି। ବିରହ ବେଦନା ଓ ମାନସିକ ଜ୍ୱାଳା ଉପସ୍ଥାପନା କରିବାରେ କୌଣସି କବି ତାଙ୍କର ସମକକ୍ଷ ହେବେ, ଏହା ସମ୍ଭବ ମନେ ହୁଏ ନାହିଁ।

ଜୟଦେବଙ୍କ ସୃଷ୍ଟି ଓଡ଼ିଶାରେ ଅନେକଙ୍କ ପାଇଁ ପ୍ରେରଣା ହୋଇଛି ସଂସ୍କୃତ ରଚନାପାଇଁ। ଅନେକ ଅନୁକରଣ ରଚନାର ସୂତ୍ର ହୋଇଛି ଶ୍ରୀଗୀତଗୋବିନ୍ଦ।

ଜୟଦେବ ପରମ ବୈଷ୍ଣବ ହିସାବରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ପ୍ରାଧାନ୍ୟ ଯେପରି ବୃଦ୍ଧିକରିଛନ୍ତି, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ରୂପ ଭାବରେ ଦର୍ଶାଇ ବୈଷ୍ଣବଧର୍ମର ପ୍ରାଣକେନ୍ଦ୍ର ଓଡ଼ିଶାରେ ପ୍ରତିଷ୍ଠା କରିଛନ୍ତି। ସମଗ୍ର ଭାରତ ବର୍ଷକୁ ତଥା ଅଧୁନା ସୂଚନା ପ୍ରବାହିତ ବିଶ୍ୱ ପରିବାରକୁ ଜଗନ୍ନାଥମୟ କରିପାରିଛନ୍ତି। ଏମିତି ବ୍ୟକ୍ତିତ୍ୱ ଅଦ୍ୱିତୀୟ। ସମୟ ସ୍ରୋତରେ ପାଠକ ମାନଙ୍କର ମନ ଅସୀମ ଆନନ୍ଦରେ ଭରିଯାଏ,

କେନ୍ଦୁବିଲ୍ୱର ସବୁଜ ପରିବେଶ କିପରି ଏହି ସାରସ୍ୱତ କବିଙ୍କର ମନପ୍ରାଣରେ ସଦା ସଂଜୀବିତ ଥିଲା, ନିତ୍ୟ ଜଗନ୍ନାଥ ଦର୍ଶନ କିପରି ତାଙ୍କ ଭାବନାରେ ପ୍ରତି ସକାଳେ ସଦ୍ୟ ପ୍ରସ୍ଫୁଟିତ କଳିକା ପରି ଶ୍ରୀଗୀତଗୋବିନ୍ଦର ପଦ ରଚନାକୁ ଅନୁରଞ୍ଜିତ କରୁଥିଲା, ସର୍ବୋପରି ତଦାନୀନ୍ତନ ଓଡିଶା ରାଷ୍ଟ୍ରରେ ସଂସ୍କୃତ ଓ ନୃତ୍ୟବିଦ୍ୟାର ଅତ୍ୟୁଚ୍ଚ ଅନୁଷ୍ଠାନ ମାନ ଗଢି ଉଠିଥିଲା ଯାହା କଳାକ୍ଷେତ୍ରରେ ଋଦ୍ଧିମନ୍ତ କରିଥିଲା ଉତ୍କଳକୁ। ଶ୍ରୀଗୀତଗୋବିନ୍ଦ ପଠନରେ ପାଠକଙ୍କ ମନ ତାଙ୍କ ପଦଲାଳିତ୍ୟରେ ନୃତ୍ୟରତା ଶ୍ରୀରାଧାଙ୍କ ଓଡିଶୀ ତ୍ରିଭଙ୍ଗୀ ଦର୍ଶନରେ ବିମୋହିତ ହୋଇଯାଏ।

ଶ୍ରୀଜୟଦେବଭଣିତବିଭବଦ୍ୱିଗୁଣୀକୃତଭୂଷଣଭାରମ
ପ୍ରଣମତ ହୃଦି ବିନିଧାୟ ହରିଂ ସୁଚିରଂ ସକୃତୋଦୟସାରମ୍।

୫୯୯, ସତ୍ୟନଗର, ଭୁବନେଶ୍ୱର,
ମୋ - ୭୩୮୧୨୪୫୭୬୩



# ମହାପ୍ରଭୁ ଖାଣ୍ଟି ଓଡ଼ିଆ

**ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର। ସବୁରି ନାଥ ସିଏ। କେବଳ ମଣିଷ ନୁହେଁ, ଅଥଚ ମଣିଷ ଭାବେ ମହାପ୍ରଭୁ କେବଳ ନିଜର। ନିଜର ଭାବିବାରେ ଆପତ୍ତି ନାହିଁ। ସେ ଭାବନା ଶୁଦ୍ଧ ଓ ନିବିଡ ହେବା ଦରକାର। କେଉଁ ଅଜ୍ଞାତ ସମୟରୁ ଯନ୍ତ୍ରଣାକାତର ମଣିଷ ଯନ୍ତ୍ରଣାରୁ ମୁକ୍ତି ପାଇଁ ନାଁ ଅଜଣା ସେ ମହାଶକ୍ତିକୁ ଈଶ୍ୱର ନାମରେ ନାମିତ କରିଥିଲା। ସେଇ ଈଶ୍ୱର ବା ଭଗବାନ ନାମକ ମହାଶକ୍ତିର ରହସ୍ୟ ଉଦ୍‌ଘାଟନ ପାଇଁ ସେଇକାଳରୁ ଅଦ୍ୟାବଧି ଗବେଷଣାର ଅନ୍ତନାହିଁ। ପୃଥିବୀରେ ରହିଥିବା ପ୍ରତ୍ୟେକ ଧର୍ମର ମୂଳତତ୍ତ୍ୱ ଏକ। କିଏ କହେ ଈଶ୍ୱରଙ୍କ ଅସ୍ତିତ୍ୱ ସୂଚାଇଦେବାପାଇଁ ଶତାଧିକ ପୟଗମ୍ବର ଜନ୍ମ ନେଇଥିଲେ ତ ଆଉ କିଏ ଅବତାରବାଦ ଉପରେ ବିଶ୍ୱାସ ରଖେ। ତେବେଏହା ସତ୍ୟ ଯେ, ଯିଏ ଏତେ ବିଶାଳ ଜଗତର ସ୍ରଷ୍ଟା, ଏତେ ସୁନ୍ଦର ସୃଷ୍ଟିର ନିଖୁଣ କଳାକାର, ଏତେ ନିର୍ଭୁଲ ପ୍ରବହମାନତାର ପରିପ୍ରକାଶ - ସିଏ ନଶ୍ଚେ ସର୍ବଶ୍ରେଷ୍ଠ ଓ ସୁନ୍ଦର ହୋଇଥିବେ। ଏଇଭଳି ଈଶ୍ୱରଙ୍କର ସୌନ୍ଦର୍ଯ୍ୟ ପରିକଳ୍ପନାରେ ବିମୋହିତ ମାନବ ସଭ୍ୟତାରେ ଶ୍ରୀଜଗନ୍ନାଥଙ୍କ ରୂପବିନ୍ୟାସ- ଏପରି କାହିଁକି କିପରି କେବେଠାରୁ ହେଲା ତାହା ଅନ୍ୟ ଏକ ବିତର୍କର ବିଷୟ। ଆମ ପୁରାଣ, ଶାସ୍ତ୍ର, 'ଚକାନୟନ' ସମ୍ପର୍କରେ ଅନେକ କିଛି କହିଛନ୍ତି। ଭକ୍ତର ଦୃଷ୍ଟି ପରିଧି ଭିତରେ ସିଏ ପଦ୍ମଲୋଚନ। କମଳ ନୟନ ସିଏ। ପଲକହୀନ ଯୋଡେ ଆଖି ହୁଏତ ସବୁ କିଛି ଦେଖୁଥାଇପାରେ। ମାତ୍ର ତା'ର ଆକର୍ଷଣ ଶକ୍ତି ପ୍ରବଳ କରାଇବା ଲକ୍ଷ୍ୟରେ ପଲକହୀନ ଓ ବଡବଡ କରାଯାଇ ନାହିଁ ତ? ଦୈନିକ କାର୍ଯ୍ୟନିର୍ଘ□ରେ ପଲକହୀନଭାବେ ସିଏ ରାତ୍ରରେ ନିଦ୍ରାଯାଆନ୍ତି। ଦେବଦାସୀ ନୃତ୍ୟ ଦେଖନ୍ତି। ଶୋଇ ଉଠିବାପରେ ମଣିଷଟିଏ ପରି ସ୍ନାନକରନ୍ତି, ଶୌଚ ହୁଅନ୍ତି। ଦୁଃଖୀର ଦୁଃଖ ଶୁଣନ୍ତି। ପ୍ରତିବିଧାନ କରନ୍ତି। ଏ ସବୁ ବଡ ବିଚିତ୍ର ବ୍ୟବସ୍ଥା। କବିସୂର୍ଯ୍ୟ ବଳଦେବ ଶ୍ରୀଜଗନ୍ନାଥଙ୍କ ଆଖିପାଖରେ କାନ ନଥିବା ଦେଖି ତାଙ୍କୁ ସର୍ପ ସଦୃଶ ଚକ୍ଷୁଶ୍ରବା ବୋଲି କହିଛନ୍ତି -

କାନ ନ ଥାଇ ଆଖି
ଭୁଜଂଗ ଠାରେ ଦେଖି
ନୟନଶ୍ରବା ବୋଲି ତାକୁ
କହ କମଳାନନ, କାହିଁକି ତୁମକାନ
ସର୍ପ ବୋଇଲେ ଚଳିବାକୁ।

କେହି କେହି ଦେଖିଛନ୍ତି ସାପର ଆଖିଭଳି ମହାପ୍ରଭୁଙ୍କ ଆଖିକୁ। ଆଉ କେହି କେହି ସୂର୍ଯ୍ୟଚନ୍ଦ୍ର ରୂପେ ଦେଖିବାରେ ଭକ୍ତର ମହତ୍ତର ଭକ୍ତି ଏବଂ ନିବିଡ ବିଭୁବୋଧ ରହିଥାଇପାରେ। ମାତ୍ର ହରିହର କାନୁନ୍‌ଗୋଙ୍କ ଭଳି ଜଣେ ଗବେଷକଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥଙ୍କ ଆଖି ସାପ ଆଖିଭଳି ଦେଖାଯିବା ନିଶ୍ଚୟ ଏକ ବିଡମ୍ବନା। କାରଣ ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ, "ସର୍ପ କ୍ରୂର, ଖଳ କ୍ରୂର, ସର୍ପାତ୍ କ୍ରୂରତର ଖଳ"। ସର୍ପଭଳି ଶ୍ରୀଜଗନ୍ନାଥ ତ କ୍ରୂର ନୁହନ୍ତି। ମାତ୍ର ଗବେଷକଙ୍କ ଦୃଷ୍ଟି କ୍ରୂରତାର ସୂଚନା ପାଇବା ତାଙ୍କ ବିପନ୍ନ ମାନସିକ ସ୍ଥିତିର ଅଙ୍କନ ବୋଧହୁଏ।

ତେବେ ସେ ଯାହା ହେଉନା କାହିଁକି ଓଡିଆ ଘରର ଦିଅଁ ମହାପ୍ରଭୁ ଜଣେ ଖାଣ୍ଟି ଓଡିଆ ମଣିଷ। ସେ ଆମ ଦୁଃଖସୁଖ, ହସକାନ୍ଦ, ଭଲମନ୍ଦ, ଉତ୍ସବ ଅନୁଷ୍ଠାନ ସବୁରେ ଅଗ୍ରଗଣ୍ୟ। ତାଙ୍କୁ ଛାଡି ଓଡିଆ ନିଜର ପ୍ରାଣପ୍ରବାହର କଳ୍ପନା ବି କରି ପାରେ ନା। ଶ୍ରୀଜଗନ୍ନାଥ ସକାଳୁ ଉଠି ସ୍ନାନ ଓ ନିତ୍ୟକର୍ମ ସାରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ତାଙ୍କ ସ୍ତ୍ରୀ (ମହାଲକ୍ଷ୍ମୀ) ତାଙ୍କପାଇଁ ପାକ ପ୍ରସ୍ତୁତ କରନ୍ତି। ସକାଳବେଳା ଜଳଖିଆ, ତା ପରେ ଅନ୍ନଭୋଗ, ଅନ୍ନଭୋଗ ପରେ ଦ୍ୱିପ୍ରହରେ ପିଠାମିଠା। ସନ୍ଧ୍ୟାରେ ଦହିପଖାଳ ଏବଂ ରାତିଧୂପ (ବଡଶିଙ୍ଗାର)ରେ ମିଠା ପଖାଳ ସଂଯୋଗ କରାଯାଇଛି ମହାପ୍ରଭୁଙ୍କ ପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ମନୁଷ୍ୟଭଳି ସମୟ ଅନୁସାରେ ଅନ୍ନବ୍ୟଞ୍ଜନ ଗ୍ରହଣ କରୁଛନ୍ତି। ଏପରିକି ପୌଷମାସରେ ପ୍ରଭୁଙ୍କର ସ୍ତ୍ରୀ ବାପଘରକୁ ଚାଲିଯାଇଥିବାରୁ ମହାପ୍ରଭୁଙ୍କ ମାତା ସକାଳୁ ତାଙ୍କ ବଢାଭାତ (ପହିଲି ଭୋଗ) ଖୁଆଇଦିଅନ୍ତି। ପୁଣି ମକର ସଂକ୍ରାନ୍ତିଦିନ ମହାଲକ୍ଷ୍ମୀ ବାପଘରୁ ଫେରିଆସିଲେ ତାଙ୍କର ପାରିବାରିକ ଜୀବନପ୍ରଥା ସିଦ୍ଧ ଭାବରେ ଗଢିଚାଲେ। ସକାଳ ବଢ଼ା ଖେଚୁଡି ବନ୍ଦ ହୋଇଯାଏ।

ରାତ୍ରରେ ମହାପ୍ରଭୁ ଓ ଠାକୁରାଣୀ ଏକତ୍ର ଶୟନ କରନ୍ତି। ଅର୍ଥାତ୍ ଶୟନ ଠାକୁର ଲକ୍ଷ୍ମୀନାରାୟଣ ମୂର୍ତ୍ତି ଶୟନ କଲେ ମନ୍ଦିରରେ ପହୁଡ ହୁଏ। ଲକ୍ଷ୍ମୀନାରାୟଣ ମୂର୍ତ୍ତି ଭଣ୍ଡାରଘରୁ ଆସି ଗମ୍ଭୀରାକୁ ଯାଇ ଜୟବିଜୟ ଦ୍ୱାର ଦେଶରେ ପଇଡ ମଣୋହି କରନ୍ତି। ତା ପରେ ହୁଏ କର୍ପୂର ଆଳତି।

କର୍ପୂର ଆଳତି ପରେ ଖଟଶେଯ ଲାଗିହୋଇ ଭଣ୍ଡାରଘରକୁ ଗଲେ ମନ୍ଦିର ପହୁଡ ହୁଏ। ଓଡିଆଘରର ଚଳଣି ପରି ଗୁରୁବାର ଏକାଦଶୀ ପଡିଲେ ମହାପ୍ରଭୁ ଏବଂ ମହାଲକ୍ଷ୍ମୀଙ୍କର ଏକାନ୍ତ ଶୟନ ହୁଏନାହିଁ।

ମହାପ୍ରଭୁଙ୍କ ଦିନଚର୍ଯ୍ୟା, ପର୍ବପର୍ବାଣି, ସ୍ମାର୍ତବିଧାନ ଅନୁସାରେ ଚାଲେ। କେବଳ ସ୍ମାର୍ତବିଧାନ ନୁହେଁ, ଅନେକତ୍ର ବୈଷ୍ଣବବିଧାନ ମଧ୍ୟ ପ୍ରତିପାଳନ କରାଯାଇଥାଏ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧଦେବା ଗୃହସ୍ଥ ମାନଙ୍କର ଏକ ଗୁରୁଦାୟିତ୍ୱ। ଶ୍ରାଦ୍ଧତର୍ପଣ ଏକ ସ୍ମାର୍ତ୍ତପଦ୍ଧତି। ଶ୍ରଦ୍ଧାରୁ ଶ୍ରାଦ୍ଧର ଆୟୋଜନ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସାମ୍ବତ୍ସରିକ ଶ୍ରାଦ୍ଧ, ପ୍ରତ୍ୟହ ତର୍ପଣ ଓ ବୈଶ୍ୱଦେବ ଗୃହସ୍ଥର ନିତ୍ୟକର୍ମ ଭାବରେ ଗୃହୀତ। ଏହା ବ୍ୟତୀତ ଦୀପାବଳୀରେ ଦୀପଦାନ ମଧ୍ୟ ଶ୍ରାଦ୍ଧର ଅଙ୍ଗଭାବରେ ପରିଗଣିତ। ଠିକ୍ ସେହିପରି ଗୃହସ୍ଥଭାବେ ମହାପ୍ରଭୁ ମାର୍ଗଶୀର କୃଷ୍ଣ ତ୍ରୟୋଦଶୀ ଦିନ ଋଷି କାଶ୍ୟପ ଏବଂ ମାତା ଅଦିତିଙ୍କୁ, ଚତୁର୍ଦ୍ଦଶୀରେ ପିତା ଦଶରଥ ଓ ମାତା କୌଶଲ୍ୟାଙ୍କୁ, ଅମାବାସ୍ୟାରେ ପିତା ବସୁଦେବ ମାତା ଦେବକୀ ଓ ପିତା ନନ୍ଦ ମାତା ଯଶୋଦାଙ୍କୁ ଶ୍ରାଦ୍ଧ ଦିଅନ୍ତି। ସବୁଠାରୁ ବଡ କଥା ହେଲା ଭକ୍ତମାନଙ୍କ ପାଇଁ ମଧ୍ୟ ପ୍ରଭୁ ଶ୍ରାଦ୍ଧ ଦେଇଥାଆନ୍ତି। ରାଜା ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କୁ ବର ମାଗିଥିଲେ ତାଙ୍କ କୁଳରେ କେହି ନ ରହିବାପାଇଁ। ଏଣୁ ସେଇ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ପ୍ରଭୁ ଶ୍ରାଦ୍ଧ ଦିଅନ୍ତି। ଏହା ସହିତ ବିଭିନ୍ନ ବେଶ ହେବାରେ ମହାପ୍ରଭୁଙ୍କ ଶୁଦ୍ଧ ଓଡିଆ ରୂପ ପରିପ୍ରକାଶିତ। ବିଭିନ୍ନ ପର୍ବପର୍ବାଣି, ଯାତ୍ରା ଉତ୍ସବ ଆଦିରେ ପ୍ରଭୁଙ୍କର ସ୍ୱତନ୍ତ୍ର ବେଶ ହୋଇଥାଏ। ସପ୍ତାହର ସାତଦିନ ମହାପ୍ରଭୁ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧନ୍ତି। ଶୀତଦିନେ ଘୋଡାଇ ହୋଇଥାଆନ୍ତି। ଶ୍ରାଦ୍ଧଦିନ ଏକ ନିର୍ଦ୍ଦିଷ୍ଟ ବେଶ ଧାରଣ କରନ୍ତି, ଯାହାକୁ ଶ୍ରାଦ୍ଧବେଶ କୁହାଯାଏ। ଏହା ବତୀତ ମହାପ୍ରଭୁଙ୍କ ଖାଦ୍ୟପେୟ ଇତ୍ୟାଦି ମଧ୍ୟ ପୂର୍ଣ୍ଣତଃ ଓଡିଆ ଘରର ଖାଦ୍ୟପେୟ।



ଧର୍ମଶାସ୍ତ୍ର ମାନଙ୍କରେ ମୃତାହକର୍ମର ମଧ୍ୟ ବିଧାନ ରହିଛି। ସେ ବ୍ୟବସ୍ଥାର ଅନ୍ୟନାମ ପ୍ରେତକର୍ମ। ମନୁଷ୍ୟର ଜନ୍ମ ସମୟରେ ଯେପରି ଜାତକର୍ମ ପାଳନ ବିଧି ରହିଛି, ଠିକ୍ ସେହିପରି ମୃତାହରେ ଅନ୍ତ୍ୟେଷ୍ଟିକ୍ରିୟା ପାଳନବିଧି ମଧ୍ୟ ପ୍ରତିପାଳିତ ହୋଇଥାଏ। ସଂସାରରେ ଜନ୍ମହେଲେ ମୃତ୍ୟୁ ସୁନିଶ୍ଚିତ। ଏହି କଠୋର ସତ୍ୟକୁ ସାମ୍ନାକରିବାପାଇଁ ମହାପ୍ରଭୁ ନବକଳେବର ମାଧ୍ୟମରେ ଚେତାଇ ଦେଇଥାଆନ୍ତି। ଶ୍ରୀମନ୍ଦିରରେ ପାଳିତ ସମସ୍ତ ବିଧିବିଧାନ ତିଥିବାର, ନକ୍ଷତ୍ର ଓ କର୍ମକାଳ ନିରୂପଣ କରାଯାଇ ସମ୍ପାଦିତ ହୋଇଥାଏ। ତଦନୁସାରେ ସ୍ମୃତିଶାସ୍ତ୍ରର ବ୍ୟବସ୍ଥା ଅନୁଯାୟୀ ପଞ୍ଜିକା ମଧ୍ୟ ଶ୍ରୀକ୍ଷେତ୍ର ପୁରୀର ସୂର୍ଯ୍ୟୋଦୟ ଏବଂ ଷ୍ଟାଣ୍ଡାର୍ଡ ଟାଇମ୍‌କୁ ଓଡିଶାର ଷ୍ଟାଣ୍ଡାର୍ଡ ଟାଇମ୍ ଭାବରେ ଗ୍ରହଣ କରି ନେଇଛନ୍ତି। ଏଣୁ ତ ମୁକ୍ତକଣ୍ଠରେ କୁହାଯାଇପାରେ ମହାପ୍ରଭୁ ଜଣେ ଖାଣ୍ଟି ଓଡିଆ। ଆଦର୍ଶ ଓଡିଆ ଚରିତ୍ର ଧାରଣ କରିଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ କେତେ ଶତାବ୍ଦୀ ଧରି ଅବିରତ ଭାବରେ ଚାଲିଛି, ଅତୀତକୁ ଆମର ଆଖି ପାଉନାହିଁ। ମନେହୁଏ ରାତାରାତ ପ୍ରଭୁ ପ୍ରତିଷ୍ଠା ଦିନରୁ ସବୁ ଚଳଣି ଗ୍ରହଣ କରିନେଇ ନାହାନ୍ତି। ରାଜ୍ୟର ବିଭବର ପରାକାଷ୍ଠାରେ ଇତିହାସରେ ନିଜକୁ ସଜାଇ ନେଇଛନ୍ତି। ରୂପ, ଭେକ, ଗୀତ, ନାଚ, ରଙ୍ଗ, ଫୁଲ ଯାହା ସୁନ୍ଦର, ଯାହା ପ୍ରାକୃତିକ, ଭକ୍ତ ଆଣି ଖଞ୍ଜି ଦେଇ ଗଲା ପ୍ରଭୁଙ୍କଠାରେ। ଏଇ ଜାତିର ଐତିହ୍ୟ ଧରିରଖିଛନ୍ତି ସ୍ମୃତିର ସନ୍ତକ ଭାବରେ। ସବୁର ପଛରେ କେବଳ ରାଜ୍ୟର ରାଜଶକ୍ତି ନାହିଁ, ପ୍ରତିଟି ଓଡିଆର ମାନସିକତା ଓ କର୍ତ୍ତବ୍ୟବୋଧର କୃତିତ୍ୱ ମିଶି ରହିଛି ଶ୍ରୀ ଜଗନ୍ନାଥଙ୍କ ରୂପରେ, ବିଧିରେ, ରଥରେ, ମହାପ୍ରସାଦରେ।

ଓଡିଶାରାଷ୍ଟ୍ର ଯାହାର ଘର, ଯାହାର ପାଦ ଧୁଏ ମହୋଦଧି। ବିସ୍ତୀର୍ଣ୍ଣ ବନାଞ୍ଚଳ ଯାହାର ସମ୍ପଦ, ସେହି ଉର୍ବର ରାଜ୍ୟରୁ ଉତ୍ପନ୍ନ ଧାନ ଚାଉଳ ପନିପରିବା ନେଇ ଓଡିଆ ପ୍ରକୃତିର ପରିବେଶରେ ଜୀବନଧାରଣ କରେ। ଏଥିପାଇଁ ମହାପ୍ରଭୁଙ୍କର ଏପରି ଏକ ସର୍ବଗ୍ରହଣ ଯୋଗ୍ୟ ଖାଦ୍ୟ, ବସ୍ତ୍ର, ରୀତିନୀତି, ପ୍ରଥା ସବୁର ବିଧିସଂହିତା ଗଢି ଉଠିଛି, ସେ ଜଣେ ଆଦର୍ଶ ଓଡିଆ ଭାବରେ ବିଦ୍ୟମାନ। ପୁରୁଷ ପୁରୁଷ ଧରି ଆମକୁ ଅନୁପ୍ରାଣିତ କରୁଛନ୍ତି, ଆମର ମାନସିକତା ଗଢୁଛନ୍ତି, ସାହାସ ଖଞ୍ଜୁଛନ୍ତି, ସୃଜନୀଶକ୍ତି ଭରୁଛନ୍ତି ଓ ଉତ୍ସାହିତ କରି କର୍ମକ୍ଷେତ୍ରରେ ସକାରାତ୍ମକ ମନୋଭାବର ସହିତ ଉତ୍ପାଦନ କରି ଭକ୍ତିର ନିଦର୍ଶନ ଦେବାପାଇଁ ପ୍ରବର୍ତ୍ତନା ଦେଉଛନ୍ତି ପ୍ରଭୁ ଜଗନ୍ନାଥ।

ଏଚ୍.ଆଇ ଜି - ୨୧୮, ବରମୁଣ୍ଡା, ଭୁବନେଶ୍ୱର
ମୋ - ୯୪୩୭୦୭୭୭୬୭

# ବନ୍ଦ କବାଟ ସେପାଖେ

**ମନଜ୍ୟୋସ୍ନା ସାମଲ**

ବନ୍ଦ କବାଟ ସେପାଖେ କେହି ନ ଥିବେ
କିଛି ବି ନ ଥିବା ଖାଲି ତୁମେ ଥିବ ଆଉ ମୁଁ ଥିବି,
ମୋ କଳ୍ପନାର ସଲଜ୍ଜ ଆଶାର ଫୁଆରାରେ
ତୁମକୁ ମୁଁ ଧୋଇଧାଇ ଦେବି।
ଯୁଗ ଯୁଗରୁ ତୁମ ଦେହରେ ଲଦି ହୋଇଥିବା
ପ୍ରସ୍ତ ପ୍ରସ୍ତ ବେଦନାର ଚନ୍ଦନକୁ
ମୋ ଲୁହରେ ଭିଜାଇବି
କୋରି କୋରି ସବୁ ଛଡାଇବି।।

ତେଲଚିକିଟା ଅଂଧାରୀ ଗମ୍ଭୀରାରେ
ବସିବସି ସତେ ତୁମେ କାଠ ପାଲଟିଛ,
ନା କିଛି କହୁଛ ନା କିଛି କରୁଛ
ଯେତେ ଦାମ୍ଭିକତା ଥେଣ୍ଟପଣ
ଟଣା ଓଟରାରେ ଦିନ ଦିନ ଉପାସ ରହୁଛ,
ମୂକପରି କେଉଁ ସଂକଳ୍ପରେ ତୁମେ
ଚକା ଚକା ଆଖିରେ ଚାହୁଁଛ,
କାହା ଅଭିଶାପେ ସତେ
ପରାଜିତର ପରାଜୟ ନିଜେ ପାଲଟୁଛ।।

ମୋ ଠାରୁ ଅଧିକା ଆଉ କିଏ ଅଛି
ତୁମ ଅସହାୟତା ବୁଝିବ,
ତୁମପରି ମୁଁ ବି ତ ଶ୍ୱାସରୁଦ୍ଧ
ସହି ସହି ଆପଣାଙ୍କ ଉପଦ୍ରବ
ସମ୍ପର୍କର ଯେତେ ପରାଭବ,
ଅମାନିଆଁ ସନ୍ତାନର ଘରବୁଡାପଣ
ସ୍ୱାର୍ଥରେ ମାତାଲ ହୋଇ ପୂର୍ବ ପର
କୁଳ ବଂଶ ଧର୍ମକର୍ମ ପାସୋରିବା ମନ,
ସ୍ୱେଚ୍ଛାଚାରିତାକୁ ଆଉ କେତେଦିନ ନିରବେ ସହିବ
ଦାରୁଭୂତ ମୁରାରିର ନାମ ଧରିଥିବ।।

ଆଉ, ଖୁବ୍ ହୋଇଗଲା ତୁମ
ଈଶ୍ୱର ଈଶ୍ୱର ଭାବ, ନାଁ କୁ ଖାଲି
ବଡ ଠାକୁର ବଡ ଦେଉଳ ସବୁ ବଡ ବଡ,
ମନଗଢା ପୃଥିବୀରେ ଛଳନାରେ
ପ୍ରେମ ଆଉ ଭକ୍ତି ଅଭାବରେ
କେତେ ଆଉ କରୁଥିବ ନିରବରେ ଆର୍ତ୍ତନାଦ
ଶୋକ ଜର୍ଜରିତ, ବ୍ୟର୍ଥତାରେ ହୋଇ ଜଡସଡ,
କେତେଦିନ ସହୁଥିବ ଅନ୍ତର୍ଦାହ
ଧରି ଅଧା ଅଧା ହାତ ଗୋଡ।।

ଆସ, ବନ୍ଦ କବାଟ ସେପାଖେ
ତୁମକୁ ମୁଁ ତୁମପରି ବେଶ କରିଦିଏ,
ଅନ୍ତଃକରଣରେ ଭରିଦିଏ ପ୍ରେମିକ ପ୍ରେମିକଭାବ
କଳା, କାଠ, ଚକା ଚକା ଆଖିରୁ ନିସ୍ତାର,
ଚନ୍ଦନଛଡା ଦେହରେ ବୋଳିଦିଏ ନୀଳରଙ୍ଗ
ହାତରେ ମୋହନବଂଶୀ
ପାଦରେ ତ୍ରିଭଙ୍ଗି ଠାଣି
କୁଞ୍ଚକରି ପିନ୍ଧାଏ ମୁଁ ପାଟ ପୀତାମ୍ବର।।

ହାତଧରି ନେଇଯାଏ ପୁଣି ସେଇ
ବୃନ୍ଦାବନ, କଦମ୍ବ ଓ ଯମୁନାକୂଳକୁ,
ତୋଫା ଜହ୍ନ ଆଲୁଅରେ
ଯୁଈ, ଜାଇ, ମାଳତୀ ଲତାରେ
କୁଞ୍ଜ ତୋଳି ସଞ୍ଜ ଜାଳି
ଅଛି କିଏ ତୁମ ଅପେକ୍ଷାରେ,
ଅଧା ଦେଖା ଅଧା ଲୁଚା ଭଲ ପାଇବାରେ।।

'ମନୋମୟ', ଏଲ୍-୧୧୦, ବରମୁଣ୍ଡା ହାଉସିଂ କଲୋନି,
ଭୁବନେଶ୍ୱର-୭୫୧ ୦୦୩
ମୋ - ୯୭୭୮୫୭୫୯୦୪

# ନୀଳାଚଳେ ବିଜେ କରି

**ଗୌରାଙ୍ଗ ଚରଣ ଲେଙ୍କା**

କେତେ ବର୍ଷ ହୋଇଗଲାଣି। ଅଡପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କରିବାକୁ ଯାଇଥିଲୁ। ମୋ ପରିବାରର ସମସ୍ତେ ସାଥିରେ ଥିଲେ। ଅନ୍ନଭୋଗ ନ ଆଣି ଖଜାଭୋଗ ଆଣିବାକୁ ମନସ୍ଥ କରି ଅନ୍ନଭୋଗ ଆଡକୁ ଦୃଷ୍ଟି ନ ଦେଇ ଏକଲୟରେ ବାହାରିବା ଦ୍ୱାର ପାଖରେ ଥିବା ଶୁଖୁଲି ଭୋଗ ଦୋକାନ ପର୍ଯ୍ୟନ୍ତ ଆସୁଛୁ। ଏହି ସମୟରେ କେତେ ଅନ୍ନଭୋଗ ଦୋକାନୀଙ୍କ ଦଣ୍ଡିଆ ଆମକୁ ଅନ୍ନଭୋଗ କିଣିବା ପାଇଁ ଅନୁରୋଧ କରୁଥାଆନ୍ତି। ଆଠ ଦଶଜଣ ଦେଖିଲେ ଆମେ କେଉଁଠୁ କିଣିଲୁ ନାହିଁ କିମ୍ବା ଆମର କିଣିବାର କିଛି ଆନ୍ତରିକତା ନାହିଁ। ସ୍ପଷ୍ଟ ଶୁଣି ପାରିଲୁ ସେମାନଙ୍କର ଆମ ପଛରେ ଆମକୁ ଦେଉଥିବା କିଛି ମନ୍ତବ୍ୟ।

ପୁରୀର ଅନ୍ନ ବ୍ୟବସାୟ ବହୁ ପ୍ରାଚୀନ। ଏମିତି ଜଗନ୍ନାଥଙ୍କୁ ଦର୍ଶନ କରାଇ ଯାତ୍ରୀ ମାନଙ୍କର ଯାବତୀୟ ଯତ୍ନ ଯେପରି ନିଅନ୍ତି, ଭୋଗ ବ୍ୟବସାୟରେ ବି ସେମିତି। ପୁରୀର କେତୋଟି ଶବ୍ଦ ଶୁଣିଲେ ମନରେ ଆଦୌ ଗ୍ଲାନି ଆସେନି। ପଣ୍ଡା ମାନଙ୍କ ପାଟିରୁ ସ୍ୱତଃ ବାହାରି ପଡେ। ଅବଶ୍ୟ ମୋ ପରିବାରର ମହିଳା ମାନେ ଥିବାରୁ, ସେମାନେ ଭଦ୍ର ମନ୍ତବ୍ୟ ଦେଇଥିଲେ - "ଏଗୁଡାକ ଭୁବନେଶ୍ୱରିଆ। ଆମ ପୁରୀ ମନ୍ତ୍ର ଏମାନଙ୍କ ଉପରେ କାଟୁ କରିବ ନି।"

ତଥାପି ପଛକୁ ଫେରି ଜଣକୁ ପଚାରିଲି, ବାବୁ, କାହିଁକି ଆମକୁ ଭୁବନେଶ୍ୱରିଆ ବୋଲି କହୁଛ, କଅଣ ଦେଖିଲ, କିପରି ଜାଣିଲ ? ସେ ତ କିଛି କହିଲେ ନାହିଁ। ତଥାପି ମନକୁ ମୋର ଆସିଲା, ବୋଧେ ଅନ୍ନ ମହାପ୍ରସାଦ ନ କିଣିବାରୁ ସେମାନେ ଏମିତି ଆମକୁ ସ୍ଥାନିତ କରିଛନ୍ତି। ଭୁବନେଶ୍ୱରରେ ତ ପ୍ରସାଦ ମିଳେ, ସମୟ ଓ ଆବଶ୍ୟକ ଅନୁସାରେ ଅନନ୍ତ ବାସୁଦେବ ମନ୍ଦିରରେ। ତେଣୁ ଏମିତି ଆମକୁ ଟାହିଟାପରା କରି ମନ୍ତବ୍ୟ ଦେଇଥାଇ ପାରନ୍ତି।

ଏହି ଜଗନ୍ନାଥଙ୍କ ମନ୍ଦିର ଅନଙ୍ଗଭୀମଦେବ ତୋଳିଥିଲେ। ଶୁଣାଯାଏ, ପୁରୀରେ ସେତେବେଳର ପୁରାତନ ଜଗନ୍ନାଥ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯାଇଥିଲା। ମାତ୍ର ସମଗ୍ର ଦେଶରେ ଧର୍ମଦୃଷ୍ଟିରେ ଥିଲା ଏକ ନମ୍ବର। ତିନିଶହ ବର୍ଷ ଆଗରୁ ଆଦି ଶଙ୍କରାଚାର୍ଯ୍ୟ ବୈଷ୍ଣବ କ୍ଷେତ୍ରର ବିସ୍ତୃତି ଗାୟନ କରି ସାରିଥିଲେ। ବେଦର ପୂର୍ବରୁ କେଉଁ ରୂପରେ ଥିଲେ, ବୁଦ୍ଧଙ୍କ ଦନ୍ତପୁର ଓ ଜୈନ ତୀର୍ଥଙ୍କର ବୃଷଭନାଥ ଯେମିତି ବଡଠାକୁରଙ୍କୁ ରୂପାୟିତ କରନ୍ତୁ ନା କାହିଁକି, ଦ୍ୱାଦଶ ଶତାବ୍ଦୀ ଓଡିଶାରେ ଅନନ୍ତ, ବାସୁଦେବ ଓ ସୁଭଦ୍ରାଙ୍କ ପୂଜା ପ୍ରଚଳିତ ଥିଲା। ଏମିତି କି ବିଗତ ହଜାର ବର୍ଷ ଆଗରୁ ଖାରବେଳଙ୍କ ସମୟରୁ ଅନନ୍ତ ପୂଜା ପ୍ରଚଳିତ ଥିଲା। ସେଇ ଅନନ୍ତ, ଆମର ବଳଭଦ୍ର। ବାସୁଦେବ ପୂଜା କ୍ରମେ କ୍ରମେ ନୂତନ ରୂପ ନେଇ ଏହି ତ୍ରିମୂର୍ତ୍ତି ଭାବରେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଲା, କିନ୍ତୁ ଅନନ୍ତଙ୍କର ଚାରୋଟି, ବଳଭଦ୍ରଙ୍କର ଚାରୋଟି ଓ ସୁଭଦ୍ରାଙ୍କର ଦୁଇଟି ହାତ ଥିଲା।

ସେଇ ଅନଙ୍ଗଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ବିଭାହୋଇଥିଲେ ହୟକାୟ ବଂଶର ରାଜକୁମାର ପରମାର୍ଦ୍ଦୀ ଦେବଙ୍କୁ। ପରମାର୍ଦ୍ଦୀ ଲାଙ୍ଗୁଡା ନରସିଂହଙ୍କ ସେନାପତି ଭାବରେ ବଙ୍ଗଳାର ନବାବଙ୍କୁ ଶୋଚନୀୟ ଭାବରେ ପରାସ୍ତ କରି ଓଡିଶାପାଇଁ ଯଶ ଆଣିଥିବା ସମୟରେ ଯୁଦ୍ଧକ୍ଷେତ୍ରରେ ପ୍ରାଣ ହରାଇଥିଲେ। ସେଇ ସ୍ମୃତିରେ ବିନ୍ଦୁସାଗର କୂଳରେ ଚନ୍ଦ୍ରିକା ଦେବୀ ବସି ଗଢାଇଥିଲେ ଅନନ୍ତ ବାସୁଦେବ ମନ୍ଦିର, ଭୁବନେଶ୍ୱର ଶୈବକ୍ଷେତ୍ରରେ ବୈଷ୍ଣବ ମନ୍ଦିର। ସେବେଠାରୁ ଭୁବନେଶ୍ୱର ପୁରୀ ଭିତରେ ରହିଆସିଛି କିଛି ମଧୁର ଆଳାପ। ପଣ୍ଡା ପଡିଆରି ମନ୍ଦିରଟାକୁ ଏମିତ ନିରସ ଓ ବିରସ କରି ରଖନ୍ତି ନାହିଁ। କେତେ ଟାହି ଟାପରା, ନିଜଭାଷା, ନିଜ ଭେକ ପୋଷାକର ଚାତୁରୀ ପ୍ରଦର୍ଶନ କରିବା ଯୁଗଯୁଗ ଧରି ଚାଲିଛି। ସେଥିପାଇଁ ପୁରୀ ପଣ୍ଡା ଟାହି ଟାପରା କରିବା ସାଧାରଣ। କେତେବେଳେ, ଭୁବନେଶ୍ୱର ନିବାସୀ ଭକ୍ତ ଜଣେ କିଛି ଭୋଗ ନ ନେଇ ଶ୍ରୀଜଗନ୍ନାଥଙ୍କୁ ଖାଲି ଦୀପଟିଏ ଦେବାକୁ ଗଲେ, ଜଣେ ଭୋଗବିକା ଦଣ୍ଡିଆ ଦେଖିଲା ତା କଥାରେ ଭକ୍ତଟି ଭୋଗ କିଣୁନାହିଁ ତ ସିଏ ଏମିତି ଅଶ୍ରାବ୍ୟ ମନ୍ତବ୍ୟଟିଏ ବି ଦେଇପାରେ - "କଅଣ ଠାକୁର ମୁହଁରେ ନିଆଁ ଦେବାକୁ ଯାଉଛ ?" କିଏ ନ ଚିଡିବ କହିଲେ? ଏଗୁଡିକ କାଳ୍ପନିକ କଥା ନୁହଁ, ଅଙ୍ଗେ ନିଭାଇଥିବା ଘଟଣା।

ରକ୍ତବାହୁ ଆକ୍ରମଣରେ ଦେଢଶହ ବର୍ଷରୁ ଉର୍ଦ୍ଧ୍ୱ ସୋନପୁର ଅଞ୍ଚଳରେ ମାଟିରେ ପୋତି ଲୁଚାଇ ରଖିବା ପରେ ଇତିହାସ କହେ, ଯଯାତି କେଶରୀ ସୋନପୁର ଡିଆଁବରା ଗ୍ରାମରୁ ଉଦ୍ଧାର କରି

ପୁରୁଷୋତ୍ତମଙ୍କୁ  ପୁରୀରେ ପୁନଃସ୍ଥାପନ କଲେ। ତାହାର ତିନିଶ ବରଷ ପରେ ଅନଙ୍ଗଭୀମଦେବ ବଡଦେଉଳ ତୋଳି ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ତାଙ୍କୁ ଗଣଦେବତା ଭାବରେ ରୂପ ଦେଲେ। ଆପେ ଆପେ ଜଗନ୍ନାଥ ଧର୍ମର ଉଦ୍ଭବ ହେଲା, ଦେଉଳର ନିଜସ୍ୱ ନୀତି ଓ ଛତିଶନିଯୋଗ କାମ କରିବା ଆରମ୍ଭ କରିଦେଲେ। ଏଗୁଡିକର ନିଜତ୍ୱ ରହିଛି, ସମୟକ୍ରମେ ଏହାର ବିବର୍ତ୍ତନ ଓ ସମ୍ପ୍ରସାରଣ ଘଟୁଛି। ଦିନକୁ ଦିନ ଦର୍ଶନ, ସଂସ୍କୃତି, ଭାଷା, ଭକ୍ତି ଆଦିର ପ୍ରଭାବ ପଡୁଛି ନିଶ୍ଚୟ। ଏହି ତୀର୍ଥଟି ଏକାଙ୍ଗ ଚକ୍ରବର୍ତ୍ତୀ ଭାବରେ ସମୟସ୍ରୋତରେ ଦେଶର ଏକ ସ୍ପନ୍ଦନଶୀଳ ତୀର୍ଥ ଭାବରେ ବିଦ୍ୟମାନ ହୋଇ ରହିଛି। ମହାଦ୍ରୁମଟିଏ ଯେମିତି ବର୍ଷକୁ ବର୍ଷ ତାହାର କାଠର ମଞ୍ଜ ଗୋଲାକାରରେ ପରିବର୍ଦ୍ଧିତ ହୁଏ, ଏହି ଧର୍ମକ୍ଷେତ୍ରଟି ଲୋକପ୍ରିୟତା ପାଇଁ କେତେକାଳରୁ ଗଢିଉଠିଛି। ଏବେ ଆମେ ଦେଶର ସୁଦୂର କୌଣସି ଗ୍ରାମାଞ୍ଚଳରେ ପହଞ୍ଚି ପୁରୀରୁ ଆସିଛୁ ବୋଲି କହିଲେ, ତତ୍‌କ୍ଷଣାତ ଅନେକ ଅନୁରୋଧ ଆସିବେ ସେମାନଙ୍କ ପାଇଁ ପୁରୀରେ କେମିତି ରହିବା ଓ ଦର୍ଶନର ଟିକିଏ ସୁବନ୍ଦୋବସ୍ତ କରାଯାଇ ପାରିବ।

କିପରି ଏହି ଶଙ୍ଖକ୍ଷେତ୍ର ଦେଶରେ ଏମିତି ଲୋକପ୍ରିୟ ହୋଇପାରିଲା ?

ଏଇଟା ଆଉ ଗୋଟିଏ ବିସ୍ମୟ। ପୁରୀର ରାଜାମାନେ ଗଙ୍ଗବଂଶୀୟ ହୁଅନ୍ତୁ ବା ସୂର୍ଯ୍ୟବଂଶୀ ଗଜପତି ହୁଅନ୍ତୁ ବା ପର ଯୁଗର କେହି ରାଜା ହୁଅନ୍ତୁ, ସମସ୍ତେ ସବୁବେଳେ ପ୍ରାଧାନ୍ୟ ଦେଇଛନ୍ତି ଶ୍ରୀଜଗନ୍ନାଥଙ୍କୁ। ଶ୍ରୀଜଗନ୍ନାଥ ଗଣଦେବତା ଭାବରେ ମାନସିକ ପ୍ରତିଷ୍ଠା ଲାଭକରିବା ପରେ ଭକ୍ତମାନେ ପୁରୁଷୋତ୍ତମ ପୁରୀରେ ଘେରିରହିଲେ। କବି, ଭାବୁକ, ଦାର୍ଶନିକ ମାନେ ନିଜନିଜର ସମସ୍ତ ଚିନ୍ତନ, ଦର୍ଶନ ବିନିଯୋଗ କରି ଶ୍ରୀଜଗନ୍ନାଥଙ୍କର ପ୍ରଶସ୍ତି ଗାନ କଲେ। ଅନର୍ଘ ରାଘବମ୍, ଶ୍ରୀଗୀତଗୋବିନ୍ଦ ପରି ସଂସ୍କୃତ ରଚନା ଓ ଦେଉଳତୋଳା ପରି ଓଡିଆ ରଚନାକୁ ଦେଶର ଘରେ ଘରେ ଶୁଣାଇଲେ ପୁରୀର ପଣ୍ଡା ପଢିଆରି। ଆମେ ତ ଶୁଣୁ ଚାଖି ଖୁଣ୍ଟିଆ କିପରି ନିଜେ ଉତ୍ତର ପ୍ରଦେଶ ଓ ମଧ୍ୟ ଭାରତରେ ଶ୍ରୀଜଗନ୍ନାଥଧାମର ପ୍ରସାର କାର୍ଯ୍ୟ ନିର୍ବାହ କରୁଥିଲେ। ଖାଲି ସିଏ ନୁହଁନ୍ତି, ପୁରୀର ଅନେକ ଲୋକ ଏମିତି ଓଡିଶାର ସେଇ ଯୁଗରେ ପର୍ଯ୍ୟଟନ ବିକାଶ କରୁଥିଲେ।

ଏମିତି ସଂସ୍କୃତ ଓ ଓଡିଆ ସାହିତ୍ୟର ବେଶ୍ ଉନ୍ନତି ସାଧିତ ହୋଇଛି ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟରେ। କପିଳେନ୍ଦ୍ର ଦେବଙ୍କ ଅମଳରୁ ଶୂଦ୍ରମୁନି ନିଜର ମହାଭାରତ ଓଡିଶାବାସୀଙ୍କ ସମ୍ମୁଖରେ ରଖି ସାରିଛନ୍ତି। ମହାଭାରତକୁ ସିଏ ଓଡିଶାପାଇଁ ଉପଯୋଗୀ କରିଛନ୍ତି ନିଜର ବନପର୍ବ ଓ ମୁଷଳୀପର୍ବ ସ୍ୱାତନ୍ତ୍ର୍ୟବଳରେ। ସିଏ ପଞ୍ଚୁପାଣ୍ଡବଙ୍କୁ ଓଡିଶାରେ ପୁରାଇଛନ୍ତି। ପ୍ରତାପରୁଦ୍ରଦେବଙ୍କ ବେଳକୁ ପଞ୍ଚସଖା ଲେଖି ସାରିଛନ୍ତି ନିଜ ନିଜର ଭାଗବତ ବା ସେଇପରି ପ୍ରସିଦ୍ଧ ଧର୍ମଗ୍ରନ୍ଥ। ପ୍ରତିଷ୍ଠା କରିପାରିଛନ୍ତି ଓଡିଶାର ବୈଷ୍ଣବୀୟ ଭାବଧାରା। ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ।  ଓଡିଶା ବୈଷ୍ଣବମାନଙ୍କର ପରମ ଲକ୍ଷ୍ୟ ହେଉଛି ମୁକ୍ତି ବା ମୋକ୍ଷ। ରାୟ ରାମାନନ୍ଦ ଯେଉଁ ଜଗନ୍ନାଥ ବଲ୍ଲଭ ନାଟକମ୍ ଲେଖିଛନ୍ତି, ସେଥିରେ ଧର୍ମଭକ୍ତି ନେଇ ଆବିର୍ଭୂତା ଶ୍ରୀରାଧା।

ଜଗନ୍ନାଥ ତତ୍ତ୍ୱ ଉପରେ ଯେଉଁ ବୌଦ୍ଧ, ଜୈନ ବା ଶାକ୍ତ ପ୍ରଭାବ ପଡିଲା, ତାହା ସବୁ ଢଳି ପଡିଲା ଧର୍ମଉପରେ। ଜଗନ୍ନାଥ ତତ୍ତ୍ୱ ସବୁଗୁଡିକୁ ଆଦରିନେଇଛନ୍ତି। ଏହା ପରେ ନଦୀୟା ନବଦ୍ୱୀପରୁ ଶ୍ରୀଚୈତନ୍ୟ ଆସି ଯେଉଁ ଗୌଡୀୟ ବୈଷ୍ଣବ ଭାବଧାରା ପୁରୁଷୋତ୍ତମ ପୁରୀକୁ ଆଣିଲେ, ତାହା ପ୍ରଚଣ୍ଡ ପ୍ରଭାବ ସୃଷ୍ଟିକଲା। ଏହାର ମୁଖ୍ୟ ଅଭିନୟ ରହିଲା ଗୋପର କୃଷ୍ଣ ଓ ରାଧା। ଗୌଡୀୟ ମାନେ ଓଡିଶା ବୈଷ୍ଣବମାନଙ୍କ ପରି ମୁକ୍ତିକୁ ଏତେ ଗୁରୁତ୍ୱ ଦିଅନ୍ତି ନି। ସେମାନଙ୍କ ମତରେ ମୁକ୍ତିକୁ ଗୋପାଙ୍ଗନାଙ୍କର ପାଦଅଙ୍ଗୁଳିର ଝୁଣ୍ଟିଆ ପରି। ଧାର୍ମିକ ମତରେ ଓଡିଶା ଓ ଗୌଡୀୟ ବୈଷ୍ଣବ ମାନଙ୍କ ଭିତରେ ଯେତେ ବିଭେଦ ଥିଲେ ବି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଉପସ୍ଥିତି ପୁରୀ ପାଇଁ ପାଲଟି ଯାଇଛି ଗୋଟିଏ ବୈଷ୍ଣବ ମହାକର୍ଷଣ କ୍ଷେତ୍ର। ପୁରୁଷୋତ୍ତମ ପୁରୀରେ ଶ୍ରୀଜଗନ୍ନାଥଙ୍କ ସହ ସଂକୀର୍ତ୍ତନରତ ମହାପ୍ରଭୁଙ୍କୁ ଦେଖିବାକୁ ସୁଅ ଛୁଟିଛି ସାଧୁସନ୍ଥ ମାନଙ୍କର ଦେଶର ପ୍ରତିଟି କୋଣ ଅନୁକୋଣରୁ।

ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ଖ୍ୟାତି ସାରା ଭାରତରେ ବ୍ୟାପିବାରେ ଲାଗିଛି ଦ୍ୱାଦଶ ଶତାବ୍ଦୀରୁ। ନାରଦ ପୁରାଣ, ବ୍ରହ୍ମପୁରାଣ ଓ ସ୍କନ୍ଦପୁରାଣ ସବୁ ଇନ୍ଦ୍ରଦ୍ୟୁମ୍ନଙ୍କ ସତ୍ୟଯୁଗର ପୁରୁଷୋତ୍ତମଙ୍କ ମନ୍ଦିର ଗଢିବା ବ୍ୟାପକ କରିଛି ହିନ୍ଦୁଧର୍ମର ମୂଳଶାସ୍ତ୍ର ସହିତ। ଓଡିଆରେ ଦେଉଳତୋଳା ରଚିତ ହୋଇଛି ବଳରାମଦାସ, ଦାମ ଦାସ, ନୀଳାମ୍ବର ଦାସ ଓ କୃଷ୍ଣଦାସ କର୍ତ୍ତୃକ। ଏହି ଶାସ୍ତ୍ରଗୁଡିକ ସାରା ଭାରତବର୍ଷରେ ଲୋକପ୍ରିୟ କରିଛି ବଡଦେଉଳ ଓ ବଡଠାକୁରଙ୍କର।

ଲୋକମାନଙ୍କ ଉପରେ ଅନଙ୍ଗଭୀମଦେବଙ୍କର ଓଡିଶାକୁ ଜଗନ୍ନାଥଙ୍କୁ ସମର୍ପଣ କରିଦେଇ ନିଜେ ତାଙ୍କର ସେବକ ହେବାର ମନୋବୃତ୍ତିର ବେଶ୍ ପ୍ରଭାବ ପଡିଛି। ସମସ୍ତେ ଭାବନ୍ତି, ପ୍ରତି ରାଜ୍ୟର ରାଜା ମରଣଶୀଳ, କିନ୍ତୁ ଶ୍ରୀଜଗନ୍ନାଥଙ୍କ ଦେଶର ରାଜା ସ୍ୱୟଂ ଶ୍ରୀଜଗନ୍ନାଥ ଅମର। ସେ ଶାଶ୍ୱତ। ତାଙ୍କର ମୁଖଶ୍ରୀ ଦର୍ଶନକଲେ ଜୀବନରେ ମୁକ୍ତି ମିଳେ। ଗଜପତି ରାଜାମାନେ ଉତ୍ତର ଓ ଦକ୍ଷିଣ ଦିଗରେ ରାଜ୍ୟଜୟ କରି ଅଜସ୍ର ଧନରତ୍ନ ବୋହି ଆଣୁଥିଲେ। ପ୍ରଚାର ହେଉଥିଲା, ଏଇଟା ଶ୍ରୀଜଗନ୍ନାଥଙ୍କର ବିଜୟ। ପରାସ୍ତ ଦଳର କିଛି ମନଦୁଃଖ କରିବାର ଅବକାଶ ନାହିଁ। ପରାଜିତର ମନ ଆନନ୍ଦ ଯେ, ତାର ଧନସମ୍ପତ୍ତି କେହି ନେଇଯାଉ ନାହିଁ, ଯାଉଛି ପୁଣ୍ୟାର୍ଥେ ଶ୍ରୀମନ୍ଦିରକୁ।

ବାହାରର ଜଗନ୍ନାଥଙ୍କ ଭାବର ପ୍ରସାର ଯେତିକି ଦୂରକୁ ଯାଇପାରିଛି, ଓଡିଶା ରାଷ୍ଟ୍ର ଓ ନିକଟ ପରିପାର୍ଶ୍ୱରେ ଶ୍ରୀଜଗନ୍ନାଥ ବହୁ ଗୁଣରେ ପ୍ରତିବିମ୍ବିତ ହୋଇ ଉଠିଛନ୍ତି। ସବୁ ଆଡେ ଜଗନ୍ନାଥ ମନ୍ଦିର। ସାମନ୍ତରାଜା ମାନେ ଗୁରୁଦାୟିତ୍ୱ ନେଇଛନ୍ତି ନିଜ ନିଜ ରାଜ୍ୟରେ ଶ୍ରୀଜଗନ୍ନାଥଙ୍କର  ମନ୍ଦିର ଓ ପୂଜାବିଧି ଆଦରି ନେବାରେ। କେନ୍ଦ୍ରାପଡାର ବଳଭଦ୍ରଜୀଉଙ୍କ ମନ୍ଦିର। କଟକ, ଆଠଗଡ, ବାଲେଶ୍ୱର, ମେଦିନୀପୁର,

ବାରିପଦା, ରଣପୁର, କେନ୍ଦୁଝର, ପୁରୀର ବାଲିପାଟଣା ନିକଟସ୍ଥ ତୁରିନ୍ତରା ସହିତ ଗଙ୍ଗାରୁ ଗୋଦାବରୀ ଓଡିଶାରାଷ୍ଟ୍ରରେ ବିଚ୍ଛିନ୍ନ ଭାବରେ ରହିଥିଲା ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓ ସେଥିପାଇଁ ଖଞ୍ଜାହୋଇଥିଲା ବ୍ରାହ୍ମଣ ଶାସନ। ସେଗୁଡିକ ମଧ୍ୟରୁ ଅନେକଙ୍କର ଥିଲା ଶ୍ରୀଜଗନ୍ନାଥ ମନ୍ଦିର ସହିତ ଗୁଣ୍ଡିଚା ମନ୍ଦିର ଓ ରଥଯାତ୍ରାବିଧି। ମୂଳ ମନ୍ଦିର ପରି ଖଞ୍ଜା ହୋଇଥିଲା ବାର ମାସରେ ତେରପର୍ବ ଓ ପ୍ରସାଦ ବିଧି।

ଓଡିଶାର ପ୍ରବଳ ଧର୍ମପ୍ରବାହ ମଧ୍ୟ ପଡୋଶୀ ଅଞ୍ଚଳରେ ବି ଗଢି ତୋଳିଥିଲା ଜଗନ୍ନାଥ ସଂସ୍କୃତି ସମ୍ପନ୍ନ ମନ୍ଦିରରାଜି। ଏମିତି ଶ୍ରୀଜଗନ୍ନାଥ ମନ୍ଦିର ଗଢିଥିଲେ ବଙ୍ଗଳାରା ବାଙ୍କୁରାର ବିଜୟୀରାଜା ଜଗନ୍ନାଥ ଦେଓ। ସେମିତି ରାଞ୍ଚି ନିକଟରେ ଛୋଟନାଗପୁର ଅଞ୍ଚଳରେ ଥିଲେ ଜଗନ୍ନାଥ ମନ୍ଦିର। ମଧ୍ୟଭାରତ ବା ମଧ୍ୟ ପ୍ରଦେଶର ରାୟପୁର ନିକଟସ୍ଥ ରାଜୀମ୍ ଠାରେ ପୁରୁଣା ଜଗନ୍ନାଥ ମନ୍ଦିରଟିଏ ଥିଲା, ଏହାକୁ ମୋଗଲ ଶାସନରେ ଆଉରଙ୍ଗଜେବଙ୍କ ଅମଳରେ ଯାହା ଦୁର୍ଦ୍ଦଶା ଭୋଗିବାକୁ ପଡିଛି, ନ କହିଲେ ଭଲ।

ଏମିତି ଅତୀତରେ ମୂଳ ଗଙ୍ଗାରୁ ଗୋଦାବରୀ ବିଶାଳ ଓଡିଶାରେ ଜଗନ୍ନାଥଙ୍କର ଉପସ୍ଥିତି ରହିଥିଲା, ଲୋକମାନଙ୍କର ଭକ୍ତି ରହିଥିଲା। ପୁରୁଷୋତ୍ତମ ପୁରୀ ସମସ୍ତଙ୍କର ଲକ୍ଷ୍ୟସ୍ଥଳ ଥିଲା, ଜୀବନର ଦୁର୍ବାର ଲାଳସା ଥରେ ସେଇ ଚକାନୟନ ଦର୍ଶନ କରିବାପାଇଁ। ସେ ସମୟରେ ଗମନାଗମନର କୌଣସି ମାଧ୍ୟମ ନ ଥିବା ବେଳେ ମଧ୍ୟ ଲକ୍ଷ ଲକ୍ଷ ଲୋକ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପଦବ୍ରଜରେ ଆସୁଥିଲେ। ଓଡିଶା କାହିଁକି ସାରା ଭାରତର ସବୁ ସ୍ଥାନକୁ ସାଧାରଣ ଲୋକର ଗମନାଗମନର ମାଧ୍ୟମ ହିଁ ଥିଲା ପଦବ୍ରଜ। ଠିକ୍ ୧୯୦୧ ମସିହାରୁ ଯେବେ ପୁରୀକୁ ରେଳ ସେବା ଆରମ୍ଭ ହେଲା, ପୁରୀ ଆସିବା ସହଜ ହେଲା, ପୁରୀର କୋଳାହଳ ବହୁଗୁଣରେ ବୃଦ୍ଧିପାଇଲା।



ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟର ପ୍ରସାରକୁ ତ୍ୱରାନ୍ୱିତ କରିଛି ବିଶ୍ୱରେ ଇସ୍‌କନ୍ ବା ଆନ୍ତର୍ଜାତୀୟ କୃଷ୍ଣ ସଚେତନତା ପ୍ରସାର ସମାଜର ବ୍ୟାପକତାରେ। ୧୯୬୬ ମସିହାରେ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପଦଙ୍କ ଦ୍ୱାରା ପ୍ରତିଷ୍ଠିତ ଇସ୍‌କନ୍ ବ୍ରହ୍ମ ମାଧ୍ୱ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ପ୍ରତ୍ୟକ୍ଷ ଉତ୍ତରାଧିକାରୀ ଭାବରେ ବିଦିତ। ଏହାର ମୂଳ ବିଶ୍ୱାସ ଭାଗବତ୍ ଗୀତା ଓ ଶ୍ରୀମଦ୍ ଭାଗବତମ୍ ଉପରେ ଆଧାରିତ। ୧୫୦୦ ମସିହାରୁ ଭାରତରେ ଓ ୧୯୦୦ ମସିହାରୁ ଆମେରିକାରେ ତଥା ୧୯୩୦ ମସିହାରୁ ବିଲାତରେ ଏହାର ଭକ୍ତମାନେ ଶ୍ରୀକୃଷ୍ଣଙ୍କୁ ଚରିତାର୍ଥ କରୁଛନ୍ତି। ଇସ୍‌କନ୍ ଭକ୍ତିଯୋଗର ପସାର କରୁଛି। ନିକଟ ଅତୀତରେ ଏହା ପୂର୍ବ ଇଉରୋପ ଓ ସୋଭିଏଟ୍‌କୁ ପ୍ରସାରିତ ହୋଇଛି। ଇସ୍‌କନ୍ ପୂର୍ବରୁ ଶ୍ରୀଜଗନ୍ନାଥ ଓ ତାଙ୍କର ରଥଯାତ୍ରା ବିଶ୍ୱର ପଶ୍ଚିମ ଭୂଖଣ୍ଡରେ ଅଜ୍ଞାତ ଥିଲା। ପ୍ରଭୁପଦ ଶ୍ରୀକୃଷ୍ଣଙ୍କ ରୂପ ଭାବେ ବାଛି ଦୁନିଆଟା ଯାକର ଇସ୍‌କନ୍ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କଲେ। ଶ୍ରୀଚୈତନ୍ୟ ଅଠରବର୍ଷ କାଳ ପୁରୀ ରଥଯାତ୍ରାରେ ଭାଗନେଇଥିବାରୁ ସବୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରାର ବିଧି ରଖିଲେ।

ଅଧୁନା ଓଡିଶାର ଦେବୋତ୍ତର ବିଭାଗ ହିସାବ ଅନୁସାରେ ଆମ ପ୍ରଦେଶରେ ଶ୍ରୀମନ୍ଦିର ବ୍ୟତୀତ ୮୫୮ଟି ଜଗନ୍ନାଥ ମନ୍ଦିର ରହିଛି। ଓଡିଶା ବାହାରେ ଦେଶରେ ୪୬, ଆମେରିକାର ୧୫ଟିକୁ ମିଶାଇ ଭାରତ ବାହାରେ ୩୪ଟି ଜଗନ୍ନାଥ ମନ୍ଦିର ରହିଛି। ଅଷ୍ଟ୍ରେଲିଆ, ଜର୍ମାନୀ, ବ୍ରାଜିଲ ସବୁଠାରେ ଜଗନ୍ନାଥ ମନ୍ଦିର ଶୋଭାପାଉଛି। ବେଦ ପୂର୍ବରୁ ଆଧ୍ୟାତ୍ମିକ ଜଗତର ଶ୍ରୀଜଗନ୍ନାଥ ନିଜର ମାନବ ମନ୍ତ୍ରର ଗାରିମା ବିସ୍ତାର କରିଚାଲିଛନ୍ତି। ସାରା ବିଶ୍ୱଟା ରଥଯାତ୍ରାରେ ଏକାକାର ଓ ଅମୃତମୟ ହୋଇପଡେ। ମଣିଷ ଲାଭକରେ ଦେବତ୍ୱ।

ଆଜିର ଯୁଗରେ ଯେତେବେଳେ ଗମନାଗମନ ସରଳ ହୋଇଛି, ଦୃଶ୍ୟ ସମ୍ପ୍ରସାରଣ ମାଧ୍ୟମ ବହୁ ସହଜ ହୋଇଛି, ଲୋକ ମାନଙ୍କର ଶ୍ରୀଜଗନ୍ନାଥଙ୍କୁ ଦେଖିବାର ଦୁର୍ବାର ଲାଳସା ନିଶ୍ଚିତ ଅଧିକ ହୋଇଛି। ନିଜର କାମନା ଚରିତାର୍ଥ କରିବାପାଇଁ ପୁରୁଷୋତ୍ତମ କ୍ଷେତ୍ରରେ କୋଳାହଳ ବଢିଚାଲିଛି, ମାତ୍ର ଯାହା ବୋଧହୁଏ, ଆଜିର ଶ୍ରୀଜଗନ୍ନାଥ ଦର୍ଶନ ଅଧିକ ସହଜ, କଳ୍ପିତ, ଉପଭୋଗ୍ୟ। ଭକ୍ତ ଯେଉଁଠି ଥାଆନ୍ତୁ ନା କାହିଁକି, ବିଶ୍ୱର ଯେଉଁ ସ୍ଥାନରେ ଜଗନ୍ନାଥଙ୍କୁ ବା ରଥଯାତ୍ରା ଅବଲୋକନ କରୁଥାଆନ୍ତୁ ନା, ସେମାନେ ଜଗନ୍ନାଥ ଦର୍ଶନରେ ମନରେ ଲହରାଉଥିବେ –

"ଦୀନବନ୍ଧୁ ଦଇତାରି
ଦୁଃଖ ନ ଗଲା ମୋହରି
ହେଲ କି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେ କରି ।।"

ଦେଉଳି ସାହି, ତୁଳସୀପୁର, କଟକ
ମୋ – ୯୪୩୭୧୭୨୭୩୪

# କାଳିଆ କାଳିଆ ତ୍ରିପଣ୍ଡକାଳିଆ ପିନ୍ଧିଛି ଝୀନପତନି

ଡ. ସଚ୍ଚିଦାନନ୍ଦ ପ୍ରଧାନ

ମହାପ୍ରଭୁ ଜଗନ୍ନାଥ ରସସିନ୍ଧୁ ଓ ରସିକରାଜା। ସେ ବେଶ ଓ ବାସପ୍ରିୟ। ତାଙ୍କର ଦ୍ୱାଦଶଲୀଳା ଓ ସତେଇଶ ଉପଲୀଳା ପୁଣି ଏକଶହ ଆଠ ପର୍ବପର୍ବାଣିର ପାଳନ ତାଙ୍କ ଲୀଳା ବିକାଶର ଅନ୍ୟତମ ପରିଚୟ।ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ସେ ବିଭିନ୍ନ ବେଶରେ ସଜ୍ଜିତ ହୁଅନ୍ତି।

ବେଶ ଶବ୍ଦଟି ସଂସ୍କୃତ, ଏହାର ଅର୍ଥ ପୋଷାକ ବା ଆଚ୍ଛାଦନ। ପ୍ରତ୍ୟହ ମଙ୍ଗଳା ଆଳତୀରୁ ଆରମ୍ଭକରି ରାତ୍ରପାହୁଡ ପର୍ଯ୍ୟନ୍ତ ରତ୍ନବେଦୀରେ ଉପବିଷ୍ଟ ଦେବତାମାନେ ଲୁଗା, ରେଶମବସ୍ତ୍ର, ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର, ଫୁଲ, ବିଭିନ୍ନ ପତ୍ର, ତୁଳସୀ ପରି ଅନେକ ଗୁଳ୍ମ, ଚନ୍ଦନ, କର୍ପୁର ଆଦି ସାଧାରଣ ଦିନ ବା ବିଶିଷ୍ଟ ପର୍ବ ଦିନ ମାନଙ୍କରେ ବ୍ୟବହାର କରାଯାଏ।

ଠାକୁର ମାନଙ୍କୁ ମଣିଷ ହିସାବରେ ବେଶ କରାଯାଏ। ସାଧାରଣ ଦିନରେ ଆଠଥର ଯାଏ ଶ୍ରୀ ଜିଉମାନଙ୍କର ବେଶ କରାଯାଇଥାଏ। ମନ୍ଦିରର କେତେକ ପୂଜାରୀ ବେଶ ଦାୟିତ୍ୱରେ ଥାଆନ୍ତି। ପୁଷ୍ପାଳକ, ଖୁଣ୍ଟିଆ, ଚିଙ୍ଗେଡା ମହାପାତ୍ର ଏମାନଙ୍କ ମଧ୍ୟରେ ଅଛନ୍ତି। ଦୈନିକ ବେଶ ହେବାପାଇଁ ଠାକୁରମାନେ ବସ୍ତ୍ରଶିଙ୍ଗାର, ପୁଷ୍ପଶିଙ୍ଗାର ଓ ଅଳଙ୍କାରଶିଙ୍ଗାର ଏଇ ତିନି ପଦ୍ଧତିରେ ସଜ ହୁଅନ୍ତି।

ବାର ଅନୁସାରେ ପିନ୍ଧାବାସରେ ରଙ୍ଗ ଯେପରି ଭିନ୍ନ, ସମୟ ଅନୁସାରେ ବେଶ ସେପରି ଭିନ୍ନ। ଶାନ୍ତି, ମୈତ୍ରୀ ଓ ପ୍ରୀତିର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଠାକୁର ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କର ହୋଇଥିବା ବର୍ଷକର ଉତ୍ସବ, ଯାନିଯାତ୍ରା ଅବସରରେ ଶ୍ରୀଜିଉମାନେ ପୃଥକ୍ ବେଶରେ ସଜ୍ଜିତ ହୋଇଥାଆନ୍ତି। ବିଶିଷ୍ଟ ଦିନ ମାନଙ୍କରେ ତାଙ୍କର ନୀତିକୁ ନେଇ ମଧ୍ୟ ବେଶର ପରିବର୍ତ୍ତନ କରାଯାଏ। ଦିନବାର ରଙ୍ଗ ଅନୁଯାୟୀ ପାଟବସ୍ତ୍ର, ଅଳଙ୍କାର, ପୁଷ୍ପହାର, ତୁଳସୀ, ଜୟଗାର ମାଳ, ଝୋବା, ରାହୁରେଖା, ଚିତ୍ତା ଇତ୍ୟାଦିକୁ ନେଇ ବ୍ରହ୍ମାଣ୍ଡଠାକୁର ରାଜାଧିରାଜ ଶ୍ରୀଜଗନ୍ନାଥ ରମଣୀୟ ବେଶ ହୋଇଥାଆନ୍ତି। ରବିବାର ନାଲିରଙ୍ଗର ବସ୍ତ୍ର, ସୋମବାର ଧଳାରଙ୍ଗର ପାଟବସ୍ତ୍ର, ମଙ୍ଗଳବାର ବାରପାଟିଆ ପାଞ୍ଚରଙ୍ଗର, ବୁଧବାର ନୀଳରଙ୍ଗର ବସ୍ତ୍ର, ଗୁରୁବାର ହଳଦୀ ରଙ୍ଗର ବସ୍ତ୍ର, ଶୁକ୍ରବାର ଦିନ ଧଳା ଓ ଶନିବାର କଳାରଙ୍ଗର ପାଟବସ୍ତ୍ର ଶ୍ରୀଜଗନ୍ନାଥଙ୍କର ପରିଧାନ। ସେହିପରି ପ୍ରତିମାସରେ ବିଶେଷ ବେଶ ଗୁଡ଼ିକ ସମ୍ପାଦିତ ହୁଏ।

ଜ୍ୟେଷ୍ଠମାସରେ ପୂର୍ଣ୍ଣମାଦିନ (ଦେବସ୍ନାନ ପୂର୍ଣ୍ଣମା) ଶ୍ରୀଜିଉମାନଙ୍କର ଗଜାନନ ବା ହାତୀବେଶ ହୋଇଥାଏ। ଆଷାଢମାସରେ ନବଯୌବନ ବେଶ ଓ ଆଷାଢ ଶୁକ୍ଳ ଏକାଦଶୀ ବା ହରିଶୟନ ଏକାଦଶୀରେ ସୁନାବେଶ ହୋଇଥାଏ। ଶ୍ରାବଣମାସ ଚିତାଲାଗି ଅମାବାସ୍ୟରେ ଚିତାଲାଗି ବେଶ ସୁନାପାତିଆକୁ ରାହୁରେଖା ଲାଗି ହୋଇଥାନ୍ତି। ଭାଦ୍ରବମାସରେ ବିଭିନ୍ନ ତିଥିରେ ଚାରିପ୍ରକାର ବେଶରେ ଶ୍ରୀଜିଉମାନଙ୍କୁ ସଜ୍ଜିତ କରାଯାଏ। ଭାଦ୍ର କୃଷ୍ଣଦଶମୀରେ ବଣଭୋଜିବେଶ, କୃଷ୍ଣ ଏକାଦଶୀରେ କାଳୀୟଦଳନ ବେଶ, କୃଷ୍ଣ ଦ୍ୱାଦଶୀରେ ପ୍ରଲମ୍ବାସୁର ବଧ ବେଶ ଏବଂ କୃଷ୍ଣ ତ୍ରୟୋଦଶୀରେ ରାମବଳରାମ ବେଶ ଅନୁଷ୍ଠିତ ହୁଏ। ଆଶ୍ୱିନମାସରେ ଦୁଇଟି ବେଶ ହୁଏ - ଶୁକ୍ଳଦଶମୀରେ ରାଜବେଶ ଏବଂ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶ ସମ୍ପନ୍ନ ହୋଇଥାଏ। କାର୍ତ୍ତିକ ମାସରେ ମୋଟ ଆଠ ପ୍ରକାର ବେଶରେ ଶ୍ରୀଜିଉମାନେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ରାଧାଦାମୋଦର ବେଶ ତ ଶୁକ୍ଳଦଶମୀ ପର୍ଯ୍ୟନ୍ତ ବଳବତ୍ତର ଥାଏ। ଦୀପାବଳୀ ଅମାବାସ୍ୟାଠାରୁ କାର୍ତ୍ତିକ ପୂର୍ଣ୍ଣମା ପର୍ଯ୍ୟନ୍ତ ପ୍ରତି ସୋମବାରରେ ଶ୍ରୀଜିଉ ହରିହର ବେଶ ହୋଇଥାନ୍ତି। ଶୁକ୍ଳ ଏକାଦଶୀଦିନ ଲକ୍ଷ୍ମୀନାରାୟଣବେଶ, ଶୁକ୍ଳ ଦ୍ୱାଦଶୀଦିନ ତ୍ରିବିକ୍ରମବେଶ, ଶୁକ୍ଳ ତ୍ରୟୋଦଶୀରେ ବାଙ୍କଚୂଡ଼ ବେଶ, ଶୁକ୍ଳ ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହବେଶ, କାର୍ତ୍ତିକ ପୂର୍ଣ୍ଣମାରେ ରାଜାରାଜେଶ୍ୱର ବେଶ ଏବଂ ପଞ୍ଚୁକ ଛଅଦିନ ପଡିଲେ ନାଗାର୍ଜ୍ଜୁନ ବେଶରେ ଜିଉମାନେ ଭକ୍ତମାନଙ୍କୁ ରତ୍ନସିଂହାସନରେ ଦର୍ଶନ ଦେଇଥାଆନ୍ତି। ପୌଷମାସରେ ପୌଷପୂର୍ଣ୍ଣିମା ଅବସରରେ ପୁଷ୍ୟାଭିଷେକ ପାଇଁ ରାଜବେଶ (ସୁନାବେଶ) ଅନୁଷ୍ଠିତ ହୁଏ। ଫାଲଗୁନମାସ ଶୁକ୍ଳ ଦଶମୀରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଚାଚାରୀ ବେଶ ଓ ଫାଲଗୁନ ପୂର୍ଣ୍ଣିମା ବା ଦୋଳପୂର୍ଣ୍ଣିମାଦିନ ଠାକୁରମାନେ ସୁନାବେଶରେ ଶୋଭା ପାଉଥାଆନ୍ତି। ଚୈତ୍ରମାସରେ ରଘୁନାଥବେଶ ସମ୍ପାଦିତ ହୁଏ।

ଏତଦ୍‌ବ୍ୟତୀତ ଅକ୍ଷୟତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ଦୁଇ ଚନ୍ଦନଯାତ୍ରା (ବାହାର ଓ ଭିତର) ମଧ୍ୟରେ ୨୦ ପ୍ରକାର ବେଶରେ ଶ୍ରୀଜିଉମାନେ ଦର୍ଶନ ଦିଅନ୍ତି। ସେ ବେଶ ଗୁଡ଼ିକ ହେଉଛି - ନଟବରବେଶ, ହରିଜନ୍ମବେଶ, ଖଟଦୋଳିବେଶ, ରାଜାଧିରାଜବେଶ,

ବସ୍ତ୍ରାଚାରଣବେଶ, ବସ୍ତ୍ରାହରଣବେଶ, ଗୋମତୀକୃଷ୍ଣବେଶ, ଅଘାସୁରବେଶ, ଚକ୍ରନାରାୟଣବେଶ, ନାବକେଳୀବେଶ, ରାସମଣ୍ଡଳୀବେଶ, ନୃସିଂହବେଶ, କନ୍ଦର୍ପରଥବେଶ, ଗଜଭୂଜ ଗୌରାଙ୍ଗବେଶ, ଗିରିପୂଜାବେଶ, ଗିରିଟେକାବେଶ। ଉନବିଂଶଦିନ କିଛି ସ୍ୱତନ୍ତ୍ର ବେଶ ହୁଏନି, ପୁଣି ପରଦିନ ଗଜଉଦ୍ଧାରଣବେଶ ଓ ଶେଷଦିନ କୁଞ୍ଜୀଦୋଳୀବେଶ।

ଚନ୍ଦନ ବେଶ ବ୍ୟତୀତ ଅବକାଶ ଓ ବଡଶିଙ୍ଗାରବେଶ ସବୁଦିନର ପ୍ରଭୁଙ୍କର ବେଶ। ଅବକାଶ ବେଶ କହିଲେ ଠାକୁରମାନଙ୍କର ଦନ୍ତମଞ୍ଜନ ଓ ସ୍ନାନବିଧିକୁ ବୁଝାଏ, ଏହା ଦୈନିକ ପ୍ରାତଃ ୬ଟାରୁ ଅଧଘଣ୍ଟାଏ ମଧ୍ୟରେ ସମ୍ପନ୍ନ ହୁଏ। ଏହି ଅବକାଶ ବେଶର ଐତିହାସିକ ତାତ୍ପର୍ଯ୍ୟ ରହିଛି। ଯଯାତି କେଶରୀ ତାଙ୍କ ଶାସନ ସମୟରୁ ଏହା ପ୍ରବର୍ତ୍ତନ କରିଥିଲେ। ନିତ୍ୟବେଶ ମଧ୍ୟରେ ବଡଶିଙ୍ଗାର ବେଶ ଅତି ରମଣୀୟ ଓ ଆକର୍ଷଣୀୟ ବେଶ। ଏହା ପ୍ରତ୍ୟହ ରାତି ସାଢେଦଶଟା ବେଳକୁ ସମ୍ପନ୍ନ ହୋଇଥାଏ। ଏହିବେଶରେ ବିବିଧ ପୁଷ୍ପରେ ଠାକୁରଙ୍କୁ ପୁଷ୍ପବେଶରେ ସଜାଇ ଦିଆଯାଏ। ଶ୍ରୀଜିଉମାନେ ଗୀତଗୋବିନ୍ଦ ଶ୍ଳୋକ ମୁଦ୍ରିତ କେନ୍ଦୁବିଲ୍ୱ ଖଣ୍ଡୁଆ ପରିଧାନ କରନ୍ତି।

ଶ୍ରୀମନ୍ଦିରର ବେଶସଜା ସବୁଗୁଡିକର ଗୋଟି ଗୋଟି କରି ଦେଶ ଓ ଜାତିର ଇତିହାସ, ଭକ୍ତିର ଅସରନ୍ତି କାହାଣୀ, ଅଧ୍ୟାତ୍ମବାଦର ଜ୍ୱଳନ୍ତ ଉଦାହରଣ ନେଇ ବିଦ୍ୟମାନ। ଏହା ମଧ୍ୟ ମନ୍ଦିର ନିକଟରେ ଶ୍ରୀଜିଉମାନଙ୍କର ସେବାପାଇଁ ରହିଥିବା ମଠଗୁଡିକର ତାତ୍ପର୍ଯ୍ୟ ଦର୍ଶାଇଥାଏ। ଉତ୍କଳରେ ଧର୍ମପ୍ରାଣତା ଓ ପ୍ରାଚୁର୍ଯ୍ୟର ପ୍ରମାଣ ଜଗନ୍ନାଥଙ୍କ ବେଶ ଓ ବଡଦେଉଳର ରୋଷାଇଶାଳ। ରାଜ୍ୟର ଚାକଚକ୍ୟ ଓ ଶ୍ରୀମନ୍ଦିର ବିଧି ଯେତିକି ଧର୍ମସମ୍ମତ ଥିଲା, ତାହା ସମାନୁପାତରେ ପର୍ଯ୍ୟଟନର ବିକାଶ କରିପାରିଥିଲା। ପୁରୁଷୋତ୍ତମ ପୁରୀ କେତେ ସହସ୍ରାବ୍ଦୀ ଧରି ଲୋକ ସମାଗମର କେନ୍ଦ୍ର ହୋଇଥିଲା ଅନୁମାନ କରିବା କଷ୍ଟକର।

ଭାରତବର୍ଷର ସର୍ବଶ୍ରେଷ୍ଠ ବିଷ୍ଣୁ ମନ୍ଦିର ଭାବରେ ଏବଂ ଶ୍ରୀଜଗନ୍ନାଥଙ୍କୁ ଜୀବନ୍ତ ଦେବତା ଭାବରେ ଆରାଧନା କରିବାରେ ଓଡିଶାର ରାଜକୀୟ, ଅର୍ଥନୈତିକ, ସାଂସ୍କୃତିକ ପୃଷ୍ଠଭୂମି ଯେତିକି ସକ୍ରିୟ ଆଉ ସମର୍ପିତ, ତାହାର ଫଳ ସ୍ୱରୂପ ଓଡିଶାର ଗଜପତିଙ୍କର ସମ୍ମାନ ସେତିକି ସୁଦୂରବିସ୍ତୃତ, ଓଡିଆ ଜାତିର ଐତିହ୍ୟ ସେତିକି ଉଜ୍ଜ୍ୱଳ ହୋଇରହିଛି।

ନିଜର ସବୁଜ ପ୍ରାକୃତିକ ପରିବେଶ ମଧ୍ୟରେ ଲୀଳାମୟ ଶ୍ରୀଜଗନ୍ନାଥଙ୍କର ବେଶଭୂଷାର ସୂକ୍ଷ୍ମତମ ଯତ୍ନ ସେମାନଙ୍କର ଆଧ୍ୟାତ୍ମିତାର ନିଦର୍ଶନ।

ଅଧ୍ୟକ୍ଷ,
ବିଶ୍ୱନାହାକାଣୀ ଜୁନିୟର ମହାବିଦ୍ୟାଳୟ, ଟାଙ୍ଗୀ, କଟକ
ମୋ - ୯୪୩୭୨୭୪୯୩୮



# ଦାରୁବ୍ରହ୍ମ ରୂପେ ଅଟଳ ଅଚଳ

ଇଂ ନଳିନୀ ରଞ୍ଜନ ମହାନ୍ତି

"ହେ ପ୍ରଭୁ ଜଗନ୍ନାଥ, ତୁମେ ସର୍ବମୟ ନିରାକାର ନିରଞ୍ଜନ, ତୁମଠାରେ ସବୁବେଳେ କାହିଁକି ଏତେ ବ୍ୟତିକ୍ରମ ? ସବୁଠାରୁ ବଡ, ବଡଠାକୁର ତୁମେ। ବସିଛ ରତ୍ନବେଦୀରେ। ବ୍ରହ୍ମ ଧାରଣ କରିଛି ଶରୀରରେ। ପ୍ରକଟ ହୋଇଛ ବେଦ ବେଦାନ୍ତ ଉପନିଷଦ ମତରେ ପୂର୍ଣ୍ଣ ପୁରୁଷୋତ୍ତମ ସ୍ୱରୂପ ନେଇ। ତୁମେ କାହିଁକି ଦାରୁ ରୂପ ନେଇଛ ?

ତୁମକୁ ପ୍ରଥମେ ମୋର ଆରାଧ୍ୟ ଭାବରେ ଗ୍ରହଣ କରି ପ୍ରଣିପାତ ହେବାବେଳେ ମୁଁ ଯାହା ଅନୁଭବ କରି ନ ଥିଲି, ଆଜି ଜଗତ ଯାକର ଦେବାଦେବୀ ଦର୍ଶନ କଲା ପରେ ମୋ ମନରେ ଏହି ପ୍ରଶ୍ନଟି ଅସମାହିତ ହୋଇ ରହିଯାଉଛି। ଯେତେ ବୁଝାଇଲେ ବି ମନ ବୁଝୁନି ତୁମର ଏହି ଦାରୁବ୍ରହ୍ମ ରୁପର ଗୂଢରହସ୍ୟ। ଦୁନିଆରେ ବହୁ ଦେବାଦେବୀ ପଥର କି ଧାତୁରେ ଗଢା। ସୁନାର ବି ପ୍ରତିମା ଅଛନ୍ତି। ତୁମେ କାହିଁକି କାଠ ଶରୀର ଧାରଣ କରିଛ ? ନିଜେ ରତ୍ନଭଣ୍ଡାରର ସର୍ବମୟ କର୍ତ୍ତା ହୋଇଛ। ବର୍ଷସାରା ଜାମାଯୋଡ ହୋଇ ସେଇ କାଠ ପିତୁଳାର ଶରୀରରେ ସୁନା ଅଳଙ୍କାର ନାହିହୋଇ ଦେଖାଇ ହେଉଛ। ତୁମର ରହସ୍ୟ କାହାକୁ ବୁଝା ପଡୁନି। ସୁବର୍ଣ୍ଣ ଶରୀର ଧାରଣ କରିଥିଲେ କଅଣ ବା ଅସୁବିଧା ହୋଇଥାଆନ୍ତା ?

ହେ ଦାରୁବ୍ରହ୍ମ, ତୁମେ ପରା ବେଦ ଠାରୁ ବୟସ୍କ। ତୁମେ ବି ସିନ୍ଧୁ ସଭ୍ୟତାଠାରୁ ପୁରାତନ ହେବା କିଛି ଅସମ୍ଭବ ନୁହେଁ। ସେକାଳେ ବି ବୃକ୍ଷ ଥିଲେ ଦେବତା, ସମାଜର ଧର୍ମପ୍ରବାହରେ ଅଶେଷ ସମ୍ମାନର ଅଧିକାରୀ। ସେତେବେଳେ ତୁମେ ସେଇ ମହାଭାରତ ପୂର୍ବର ଆଦିମ କଳିଙ୍ଗା□ଳର ଆଦିମ ଅଧିବାସୀମାନଙ୍କର ଗହଣରେ ଯେ ନ ଥିଲ, ଏଇଟା କିଏ ଅକାଟ୍ୟରେ ପ୍ରମାଣ ଦେଇ ପାରିବ ?

ପ୍ରଭୁ ତୁମର ଜୈନ ମାନଙ୍କର ଉତ୍ପତ୍ତି ସହିତ ସମ୍ବନ୍ଧ ଥାଇ ପାରେ କି ନା ତୁମେ ହିଁ ଜାଣ. ସେମାନେ ତ କଳ୍ପବୃକ୍ଷର ପରମ ଭକ୍ତ। ପଲ୍ଲବଭାର କଳ୍ପବୃକ୍ଷ ସେମାନଙ୍କର ସମ୍ଭାର। ବୃକ୍ଷଚୈତ୍ୟ ସେମାନଙ୍କର ଚାରୋଟି ପ୍ରତୀକ ମଧ୍ୟରେ ଅନ୍ୟତମ। କୁମାରୀଗିରିର ରାଣୀହଂସପୁର ଗୁମ୍ଫାରେ ଖୋଦିତ ଲଟେଇଥିବା କଳ୍ପଲତା ତୁମ ଉପସ୍ଥିତିର ଆନନ୍ଦାବେଗରୁ ସୃଷ୍ଟ ନା ? ତିନିଶ ବରଷର କଳିଙ୍ଗଜିନା ନାମର କଳିଙ୍ଗର ଜାତୀୟ ସନ୍ତକକୁ ଛିନ୍ନ କରିଥିବା ନନ୍ଦରାଜାଙ୍କ କବ୍ଜାର ମୁକୁଳାଇ ଆଣିଥିବା କଳିଙ୍ଗ ଚକ୍ରବର୍ତ୍ତୀ ଯେଉଁ ଖୁସିର ଲହରି ଖେଳାଇଛନ୍ତି କଳିଙ୍ଗର ରାଜରାସ୍ତାରେ ସେଇ କଳିଙ୍ଗଜିନା ତୁମ ବ୍ୟତିରେକ ଆଉ କେହି ହୋଇ ନ ପାରେ। ପୁରାତନ କଳିଙ୍ଗରେ ହେଉ ଅବା ଓଡିଶାରାଷ୍ଟ୍ରରେ ହେଉ ତୁମର ସ୍ପନ୍ଦନ ସମସ୍ତଙ୍କ ପ୍ରାଣରେ ପ୍ରବାହିତ।

ହେ କେଶବ ! ଧୃତ ବୁଦ୍ଧଶରୀର ତୁମର ବୃକ୍ଷପ୍ରିୟ ନ ହେବ ବା କିପରି ? ଶାଳବଣରେ ତୁମର ଜନ୍ମ, ସେମିତି କୁଶୀନଗରର ଦୁଇଟି ଶାଳବୃକ୍ଷମଧ୍ୟରେ ତୁମର ତିରୋଧାନ। ବୁଦ୍ଧ ତାଙ୍କର ଧର୍ମପ୍ରଚାର କରନ୍ତି ଆମ୍ରକାନନ ଅନ୍ତରାଳରେ, ବୋଧି ହିଁ ବୁଦ୍ଧଙ୍କ ପ୍ରତୀକ। ଆଷାଢ ମାସରେ ରଥଯାତ୍ରା କରି ଜାତିଧର୍ମ ନିର୍ବିଶେଷରେ ଜଗତ ଉଦ୍ଧାର ତୁମର ସେହି ବୌଦ୍ଧ ପରମ୍ପରା ନୁହେଁକି ? ସେଥିପାଇଁ ବୌଦ୍ଧମାନଙ୍କର ତୁମେ ଆରାଧ୍ୟ ହୋଇଛ। ଓଡିଶାର ଶେଷ ବୁଦ୍ଧଅର୍ହତ ମଜ୍ଜିଯାଇଛନ୍ତି ତୁମ ଲୀଳାରେ।

ବୃକ୍ଷକୁ ବାଦ୍ ଦେଇ ବେଦ ଉପନିଷଦ ତଥା କୌଣସି ଦୈବୀ ରଚନା କଳ୍ପନା କରାଯାଇ ନ ପାରେ। ଗୀତାର ନିମ୍ନ ଶ୍ଳୋକଟିର ବର୍ଣ୍ଣନା ରହିଛି -

ଊର୍ଦ୍ଧ୍ୱମୂଳମ୍ ଅଧଃ ଶାଖମ୍ ଅଶ୍ୱତ୍ଥଂ ପ୍ରାହୁର ଅବ୍ୟୟମ୍
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ ତଂ ବେଦ ସ ବେଦବିତ୍।
୧୫/୧।

ଏଠାରେ ଶ୍ରୀଭଗବାନ ସଂସାରର ଏକ କାଳ୍ପନିକ ଅଶ୍ୱତ୍ଥ ବୃକ୍ଷ ବିଷୟରେ ବର୍ଣ୍ଣନା କରିଛନ୍ତି, ଯାହାର ମୂଳ ଊର୍ଦ୍ଧ୍ୱରେ ଏବଂ ଶାଖା ନିମ୍ନରେ। ଏହାର ସ୍ରଷ୍ଟା ସ୍ୱୟଂ ପରମେଶ୍ୱର,ଏହାର ପତ୍ରଗୁଡିକ ବେଦର ଶ୍ଳୋକ ଗୁଡିକର ଆଧାର। ଏମିତି ବୃକ୍ଷ ସହିତ ଧାର୍ମିକ ଓ ଆଧ୍ୟାତ୍ମିକ ଚେତନା ଜଡିତ। ସେମିତି ବେଦରେ ଅଶ୍ୱତ୍ଥ ବୃକ୍ଷର ତାତ୍ପର୍ଯ୍ୟ ଦର୍ଶାଯାଇଛି। ଅଥର୍ବ ବେଦରେ ଅଶ୍ୱତ୍ଥ ଗଛରେ ଦେବାଦେବୀ ଆଶ୍ରିତ ହୁଅନ୍ତି ବୋଲି ମନେକରାଯାଏ ଏବଂ ସ୍ୱର୍ଗାଲୋକରେ ଅଶ୍ୱତ୍ଥ ବୃକ୍ଷରାଜି ବିରାଜମାନ।

ଅଶ୍ୱତ୍ଥ ବୃକ୍ଷପରି ବଟବୃକ୍ଷର ବି ମହାତ୍ମ୍ୟ ରହିଛି। କଳ୍ପବଟ ଓ ଶ୍ରୀମନ୍ଦିରର କଳ୍ପବୃକ୍ଷର ଯଥେଷ୍ଟ ବର୍ଣ୍ଣନା ରହିଛି। ପୁରାଣରେ ମହାପ୍ରଳୟ ସମୟରେ କେବଳ ନ୍ୟାଗ୍ରୋଧା ବୃକ୍ଷଟିଏ ସଜୀବିତ ଥିବାର ବର୍ଣ୍ଣନା ରହିଛି।

ସବୁଠାରୁ ଆଦିମତମ ପର୍ବରେ ତୁମେ ଥିଲ ଶବର ପୂଜିତ ନୀଳମାଧବ। ତୁମର ଶରୀର ଜ୍ୟୋତିସ୍ଫୁରିତ ପ୍ରସ୍ତରଖଣ୍ଡ (ଶାଳଗ୍ରାମ) ବା ଧାତୁବିଶେଷ ଥିଲା। ଏହା ପୁଣି ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଅନେକ ସନ୍ଥ ନିଜ ମତ ଉପସ୍ଥାପନ କରନ୍ତି ତୁମର ନାଭି ଗଠନ କରିଛି ଏଇ ଆଦିମତମ ମାଧବ ଶାଳଗ୍ରାମ ଜ୍ୟୋତିବିଗ୍ରହ ନେଇ। ପୁଣି ପୌରାଣିକ ଧାରାରେ ଶ୍ରୀକୃଷ୍ଣଙ୍କ ଶରୀରର ଅର୍ଦ୍ଧଦଗ୍ଧୀଭୂତ ଅଂଶ ପଶ୍ଚିମ ସାଗରରୁ ପୂର୍ବସାଗରରେ ଆସି ପହଞ୍ଚିଥିଲା ଦାରୁ ଭାବରେ, ଏହା କି ତୁମର ସେଇ ବ୍ରହ୍ମ ପଦାର୍ଥ? ଦାର୍ଶନିକ ବିଚାରଧାରାରେ ପରମବ୍ରହ୍ମଂ ପରମେଶ୍ୱରଙ୍କର ଅବିନଶ୍ୱର ଆତ୍ମା ବା ବ୍ରହ୍ମସ୍ୱରୂପ ଅଟନ୍ତି ତୁମର ଅକ୍ଷୟ ସତ୍ତା।

ହେ ପୁରୁଷୋତ୍ତମ! ତୁମେ ତ ପୁରୁଷୋତ୍ତମ ଭାବରେ ପ୍ରଥମରେ ପ୍ରସ୍ତର ବିଗ୍ରହଥିଲ। ବଡ ଠାକୁର ଭାବରେ ତୁମର ବିଶାଳ ବିଗ୍ରହକୁ ଅନେକଥର ମନ୍ଦିର ମଧ୍ୟରୁ ଅପସାରଣ କରିବାକୁ ପଡିଛି। ଯେତିକି ସମୁଦ୍ର ଦାଉରୁ ନୁହେଁ, କେତେ ଥର ତାହା କଳିବା ସହଜ ନୁହେଁ। ଇତିହାସରେ ଲିପିବଦ୍ଧ ବା ମାଦଳାରେ ବର୍ଣ୍ଣିତ ଘଟଣାରୁ ବି ଅଧିକଥର ଯବନ ଭୟରେ ତୁମକୁ ସ୍ଥାନାନ୍ତର କରିବାକୁ ପଡିଛି। ଏହି ସ୍ଥାନାନ୍ତର ଦ୍ୱାରା ତୁମର ଶରୀର ଯେତିକି ଧ୍ୱସ୍ତବିଧ୍ୱସ୍ତ ହୋଇଛି, ତୁମକୁ ଦାରୁରୂପରେ ପ୍ରତିଷ୍ଠା କରିବାକୁ ତୁମେ ହିଁ ପ୍ରରୋଚନା ଦେଇଛ।

ହେ ପୁରୁଷୋତ୍ତମ, ତୁମେ ଅଷ୍ଟମ ଶତାବ୍ଦୀରେ ରକ୍ତବାହୁର ପ୍ରଚଣ୍ଡ ଆକ୍ରମଣ ସାମନା କରିବାର ଭୟରେ ତୁମକୁ ତୁମର ସେବକମାନେ ସୁଦୂର ବଲାଙ୍ଗୀର ସୋନପୁର ନେବାର ଜାଣିଛ। ଯବନ ହେଉ କି ମୁରୁଣ୍ଡ ହେଉ, ଖେଦିଯାଇଛି ରକ୍ତବାହୁ ତୁମକୁ କଳିଙ୍ଗର ଜଙ୍ଗଲ, ଜଳ, ସ୍ଥଳ, ପର୍ବତ ସବୁ ଦିଗରେ। ଏମିତି କି ତୁମକୁ ସେଠାରେ କାଳେ ତାର ଦୂତମାନେ ଦେଖିନେବେ, ତୁମକୁ ପାତାଳୀ କରି ବରଗଛ ଲଗାଇଦିଆଯାଇଛି ତା ଉପରେ। ତୁମେ ପାତାଳୀ ହୋଇଛ ୧୪୪ ବର୍ଷ। କଳିଙ୍ଗ ଯେତେବେଳେ ସୁସମୟର ସାମନା କରିଛି, ଯଯାତି କେଶରୀ ଯେବେ ଶାସନଦଣ୍ଡ ଧାରଣ କରନ୍ତି, ଜଗନ୍ନାଥ ସେବକମାନେ ଚେତାଇଦିଅନ୍ତି ତୁମକୁ ପୁନଃ ସ୍ଥାପନ କରିବାକୁ। ଦିଅଁବର ତଳ ଖନନ କରି ଯଯାତି ବ୍ରହ୍ମସତ୍ତା ଆଣି ପୁରୋହିତ ଭଟ୍ଟମିଶ୍ରଙ୍କ ପରାମର୍ଶରେ ବନଯାଗକରି ନିମ୍ବବୃକ୍ଷ ଶଗଡିରେ ଆଣି ନବକଳେବର କରାନ୍ତି।

ପୁନରାବୃତ୍ତି ଘଟେ ତ୍ରୟୋଦଶ ଶତାବ୍ଦୀରେ। ଦିଲ୍ଲୀର ଗିୟାସୁଦ୍ଦିନର ଜଗନ୍ନାଥ ମନ୍ଦିର ଆକ୍ରମଣ। ଓଡିଶାର ଗଙ୍ଗବଂଶୀରାଜା ଦ୍ୱିତୀୟ ଭାନୁଦେବ ହଟାଇଛନ୍ତି ଯବନଙ୍କୁ। ଧର୍ମଗୁରୁଙ୍କ ପ୍ରସ୍ତାବକ୍ରମେ ମହେନ୍ଦ୍ର ପର୍ବତରୁ ଶଙ୍ଖ, ଚକ୍ର, ଗଦା ଚିହ୍ନ ଥିବା ନିମ୍ବଦାରୁ ବିଗ୍ରହ ନିମନ୍ତେ ସମୁଦ୍ରପଥରେ ଆଣି ନବକଳେବର ସମ୍ପାଦନ କରିଥିଲେ।

ଆହୁରି ବିଭତ୍ସ କାଣ୍ଡ ଭିଆଇଛି କଳାପାହାଡ। ସିଏ ଏମିତି ପିତୁଳା ବିଧ୍ୱଂସୀ, ତୁମ କାଠ ପିତୁଳାରେ ଅଗ୍ନି ସଂଯୋଗ କରିଛି, ତାର ନିଜ ଶରୀର ବିଦୀର୍ଣ୍ଣ ହୋଇଛି, ବିସର ମହାନ୍ତି ତୁମର ବ୍ରହ୍ମ ଉଦ୍ଧାର କରି କୁଜଙ୍ଗ ଖଣ୍ଡାୟତ ଓଳିଆରେ ସାଇତି ରଖନ୍ତି। ପୁନରାୟ ଓଡିଶାରେ ଧର୍ମ ପ୍ରତିଷ୍ଠା ହୁଏ ଗଜପତି ରାମଚନ୍ଦ୍ର ଦେବଙ୍କ ମାଧ୍ୟମରେ। ତୁମର ନବକଳେବର ସମାହିତ ହୁଏ। କାଳ ବଦଳିଛି, ତୁମକୁ ଭବିଷ୍ୟତରେ ଯେ ଆକ୍ରମଣଜନିତ ସ୍ଥାନାନ୍ତର କରିବାର ଭୟ ସମୂଳେ ଦୂର ହୋଇଛି ଆମକୁ ଏହା ସଦ୍ୟ ପ୍ରତୀୟମାନ ହୁଏ। ତୁମେ ଜାଣ ସତ କି ମିଛ।

ହେ ପୁରୁଷୋତ୍ତମ! ତୁମେ ଦାରୁବ୍ରହ୍ମ। ତୁମେ ଦାରୁ ପୁଣି ତୁମେ ବି ବ୍ରହ୍ମ। ତୁମେ ଦାରୁପରି କ୍ଷୟଶୀଳ, ନଶ୍ୱର ପୁଣି ବ୍ରହ୍ମଂ ହିସାବରେ ତୁମେ ଅକ୍ଷୟ ଓ ଅବିନଶ୍ୱର। ତୁମେ ଦାରୁବ୍ରହ୍ମ ସାଜିଛ ମଣିଷକୁ ଚେତାଇ ଦେବାକୁ ଯେ, ମଣିଷ ଶରୀର ନଶ୍ୱର ମାତ୍ର ଆତ୍ମା ବ୍ରହ୍ମଂ ହିସାବରେ ଅମର ପଦାର୍ଥ। ଗୀତା ତୁମର ଭାଷା। ସୁମଧୁର ଭାଷାରେ ଯେତେ ବିଷୟରେ ଅର୍ଜୁନ ଛଳରେ ସମଗ୍ର ପ୍ରାଣୀଜଗତକୁ ଉପାଖ୍ୟାନ ଦେଲେ ହେଁ ମଣିଷର ମନକୁ ତୁମେ ଠିକ୍ ଚିହ୍ନିଛ। ନିଜର କିଏ ଜଣକୁ ଶ୍ମଶାନରେ ଦାହ କରି ଘରକୁ ଫେରିଲେ କଦାପି ମନରେ ପଶେ ନି ନିଜେ ମରଣଶୀଳ ବୋଲି। ତୁମ ଗୀତାର ବାଂସାସି ଜୀର୍ଣ୍ଣାନୀ.... ପଦଟିକୁ ତୁମେ ବଡଠାକୁର ଭାବରେ ଉଦାହରଣ କରିଛ ନବକଳେବରର ଦୃଶ୍ୟ ରଚାଇ। ସାଧାରଣ ଆୟୁ ଭିତରେ ଜଣେ ଲୋକ ୪/୫ ଥର ଏହି ଅପୂର୍ବ ସମାରୋହ ଅବଲୋକନ କରି ନିଜ ମନପ୍ରାଣ ତୁମ ପୃଥ୍ୱୀବଳୟର ମରଣଶୀଳତା ବିଷୟରେ ଜ୍ଞାନ ପାଇ ମୃତ୍ୟୁକୁ ଜନ୍ମପରି ଗୋଟିଏ ପ୍ରାକୃତିକ ବିପଦ ନୁହେଁ, ଉତ୍ସବ ଭାବରେ ମନରେ ଗ୍ରହଣ କରିପାରିବ। ଧନ୍ୟ ଏ ଜଗନ୍ନାଥ ଲୀଳା।

ଦେହିନୋସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା,

ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି।

ନବକଳେବରରେ ତୁମର ପୁରାତନ ଜୀର୍ଣ୍ଣ ଶରୀରକୁ କୋଇଲି ବୈକୁଣ୍ଠରେ ସମାଧିଦିଆଯାଏ। ଅପାର୍ଥିବ ଓ ଅଦୃଶ୍ୟ ବ୍ରହ୍ମ ପଦାର୍ଥକୁ ସ୍ୱତନ୍ତ୍ର ରାତିରେ ଜୀର୍ଣ୍ଣ ବିଗ୍ରହରୁ ବାହାରକରି ନୂତନ ବିଗ୍ରହ ମଧ୍ୟରେ ସ୍ଥାପନ କରାଯାଏ। ଏହା ସମ୍ପାଦିତ ହୁଏ ବର୍ଷିୟାନ ଦଇତାପତି ବା ଶୁଦ୍ଧ ଶବରଙ୍କ ଦ୍ୱାରା। ବ୍ରହ୍ମ ଅବସ୍ଥାପନ କାଳରେ ଆଖିରେ ତାଙ୍କର ଅନ୍ଧପୁତୁଳି, ହାତ ମୋଟା ବସ୍ତ୍ରର ଆସ୍ତରଣ। ସ୍ପର୍ଶ ବା ଦର୍ଶନ ଜନିତ କୌଣସି ଜ୍ଞାନ ମିଳିବାର ଅବକାଶ ରହିବ ନାହିଁ।

ଏତେ ଦୀର୍ଘ ପୁରାଣ, ଦର୍ଶନ, ଲୋକକଥା, ଇତିହାସ ତୁମର ନିଜ ଅଭିଜ୍ଞତା ଧାରଣ କରି ତୁମେ ଦାରୁ ହୋଇଯାଇଅଛ। ତୁମେ ପ୍ରଥମେ ଯେଉଁ ବ୍ରହ୍ମ ପଦାର୍ଥ ଧାରଣ କରିଥିଲ, ତାହା ହିଁ ଧାରଣ କରିଛ। ତୁମ ଦାରୁଶରୀର ଅମର ନୁହେଁ, ତୁମ ବ୍ରହ୍ମଶରୀର ଅମର। ତୁମେ ଆମ ମନରେ ଶରୀର ଓ ଆତ୍ମାର ଯୋଗ ଓ ବିଯୁକ୍ତ ତତ୍ତ୍ୱର ଅବବୋଧ ଦେଉଛ। ସୁନ୍ଦର ଶରୀର ଧାରଣ କରି ଆମ ମନରେ ଯେତିକି ଗର୍ବ ଆସୁଛି, ତାହା ତୁମେ ସୂଚାଇ ଦେଉଛ। ପୁଣି ଆମର କ୍ଷଣଭଙ୍ଗୁର ଶରୀର ମଧ୍ୟର ଅନ୍ତର୍ନିହିତ ଅବିନଶ୍ୱର ଆତ୍ମା ବିଷୟରେ ସଚେତନ କରୁଛ।

ଧନ୍ୟ ତୁମେ ବଡଠାକୁର, ଧନ୍ୟ ତୁମର ଲୀଳା।

୬୦୨, ଯମୁନା ବ୍ଲକ, ଖେଲ୍ ଗାଁଓ, ବାଙ୍ଗାଲୁରୁ, କର୍ଣ୍ଣାଟକ
ମୋ -୦୯୮୪୫୦୩୮୬୩୧

# ସେ ତ ଭକତ ଡୋରିରେ ବନ୍ଧା

ଡ. ଉର୍ମିମାଳା ଆଚାର୍ଯ୍ୟ

ନବକଳେବର ସମୟର କାଳଚକ୍ରରେ ନିଶ୍ଚିତଭାବେ ଏକ ଅଭୂତପୂର୍ବ ରହସ୍ୟମୟ ଘଟଣା । କାରଣ ହିନ୍ଦୁଧର୍ମରେ ଯେତେ ଦେବଦେବୀ ଅଛନ୍ତି ଏବଂ ଦେଶର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି, ସେମାନଙ୍କର କାହାରି ଏପରି ନବକଳେବର ପ୍ରଥା ସମ୍ପାଦିତ ହୁଏ ନାହିଁ । ଏହା କେବଳ ଜଗନ୍ନାଥଙ୍କର ମାନବୀୟ ଲୀଳା । ଆତ୍ମାର ମିଳନ ହୋଇଥାଏ ପରମାତ୍ମାରେ । ଜଗନ୍ନାଥଙ୍କର ଏହି ଘଟ ପରିବର୍ତ୍ତନ ପ୍ରତି ବାର ବର୍ଷରେ । ଏହି ପରମ୍ପରା ଅବାହମାନ ଯୁଗରୁ ପ୍ରଚଳିତ । ଭକ୍ତ ମାନସରେ ଜନ୍ମ ମୃତ୍ୟୁର ରହସ୍ୟଚକ୍ର ଜଗାଇଦେବାକୁ ଏହି ମାନବୀୟ ଲୀଳା ପ୍ରକଟ ହୋଇଥିବା ଅନୁମେୟ ।

ନବକଳେବର ପୂର୍ବରୁ ପ୍ରଭୁଙ୍କର ସାର୍ବଜନୀନ ଶେଷଦର୍ଶନର ସୁଯୋଗ ହେଉଛି ସ୍ନାନପୂର୍ଣ୍ଣମୀ । ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବାକୁ ପ୍ରଭୁଙ୍କର ଏପରି ସ୍ନାନଉତ୍ସବ । ଯେପରି ମୃତ୍ୟୁଶଯ୍ୟାରେ ପଡିଥିବା ବ୍ୟକ୍ତିଙ୍କୁ ସେମାନଙ୍କର ସମ୍ପର୍କୀୟମାନେ ଆସି ଶେଷଦେଖା କରନ୍ତି, ସେହିପରି ମନରେ ଏକ ବାସନା ଜାଗିଲା, ମୁଁ ଟିକିଏ ଯାଇ ପ୍ରଭୁ ଜଗନ୍ନାଥଙ୍କର ଦର୍ଶନ କରନ୍ତି କି । ପୁରୁଣା ଘଟ ତ ପରିବର୍ତ୍ତନ ହେବ । ତା ପୂର୍ବରୁ ଦାରୁ ଠାବ, ପୂଜା ଅର୍ଚ୍ଚନା ତଥା ଘଟଣା ଦୁର୍ଘଟଣାର ବର୍ଣ୍ଣନା ଦୂରଦର୍ଶନରେ ଦେଖି ତଥା ସମାଚାର ଶୁଣି ମନରେ ଉଚ୍ଚାଟ ଜାଗି ଉଠିସାରିଥିଲା । ତେବେ ସ୍ନାନପୂର୍ଣ୍ଣମୀ ଦିନ ଦର୍ଶନ କରିବା ନିଶ୍ଚୟ ଏକ କଷ୍ଟସାଧ୍ୟ ବ୍ୟାପାର । ତେଣୁ ପ୍ରଭୁଙ୍କୁ ତା ପୂର୍ବରୁ ଯାଇ ରତ୍ନବେଦୀରେ ଶେଷଦର୍ଶନ କରିବାର ଇଚ୍ଛାକୁ ମୁଁ ଆଉ ସମ୍ବରଣ କରିପାରି ନ ଥିଲି ।

ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଅତ୍ୟଧିକ ଭିଡର ଆଶଙ୍କା କରି ଦୁଇଦିନ ଆଗରୁ ମୋଟର ସାଇକେଲରେ ପୁରୀରେ ପହଞ୍ଚିଲୁ । ସନ୍ଧ୍ୟାବେଳେ ସେଠାରେ ବନ୍ଧୁଘରେ ପହଞ୍ଚି ରାତିରେ ବିଶ୍ରାମ କଲୁ । ଇଚ୍ଛା ଥାଏ ତା ପରଦିନ ସ୍ନାନପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ ଦର୍ଶନ କରି ମନସ୍କାମନା ପୂର୍ଣ୍ଣ ହେବ । ଆମର ସମ୍ପର୍କୀୟ ବନ୍ଧୁ କହିଲେ ଆଜି ବହୁତ ଭିଡ ହେବ, ଜଗନ୍ନାଥଙ୍କ ଦର୍ଶନ ପାଇବା କଷ୍ଟକର ହେବ । ସ୍ଥାନୀୟ ଅଧିବାସୀ ହୋଇ ଥିବାରୁ ସିଏ ଜଗନ୍ନାଥଙ୍କ ପୂଜାବିଧି ସହିତ ଅବଗତ । ତାଙ୍କ କଥା ଶୁଣି ଆମକୁ ଉଦାସ ହେବାର ଦେଖି ସେ କହିଲେ ଭାଗ୍ୟରେ ଯାହା ଥିବାର ହେବ, ତେବେ ଗହଳି ଏଡାଇବା ପାଇଁ ସେ ଆମକୁ ସିଂହଦ୍ୱାର ଦେଇ ନ ଯାଇ ଦକ୍ଷିଣଦ୍ୱାର ବାଟେ ପ୍ରବେଶ କରିବାକୁ ଉପଦେଶ ଦେଲେ ।

ବଡଦାଣ୍ଡରେ ପହଞ୍ଚି ଆମେ ଯେଉଁ ଜନସମାଗମର ଦୃଶ୍ୟ ଦେଖିଲୁ, ଆମର ଜଗନ୍ନାଥଙ୍କୁ ଦର୍ଶନ କରିବାର ଆଶା ପାଣିଫୋଟକା ପରି ମିଳେଇଗଲା । ନରେନ୍ଦ୍ର କୋଣରୁ ଲମ୍ବାଧାଡି ସିଂହଦ୍ୱାର ପର୍ଯ୍ୟନ୍ତ । ସେଇ ଧାଡିରେ ପଶିଲେ, କେତେବେଳେ ଦର୍ଶନ ମିଳିବ କୁହାଯାଇ ନ ପାରେ । ମନେପଡିଲା ସମ୍ପର୍କୀୟଙ୍କର ଉପଦେଶ । କାଳବିଳମ୍ବ ନ କରି ଆମେ ଦକ୍ଷିଣଦ୍ୱାର ଅଭିମୁଖେ ଯାତ୍ରାକଲୁ, ଦେଖିଲୁ ସେଠାରେ ଶକ୍ତ ପ୍ରହରୀ । ପୋଲିସ୍ ମୁତୟନ ହୋଇ କାହାକୁ ଭିତରକୁ ଛାଡୁ ନାହାନ୍ତି । କରିବୁ ଏବେ କଅଣ ? ଉପାୟ କଅଣ ? ମୁଁ ମନେ ମନେ କହିଲି, ପ୍ରଭୁ, ଆମେ କଅଣ ତେବେ ଫେରିଯିବୁ ? ତୁମେ ଦର୍ଶନ ଦେବନାହିଁ ? ଏହି ବିଗ୍ରହର ଶେଷଦର୍ଶନ କରିବାର ଇଚ୍ଛା କଅଣ ଏମିତି ରହିଯିବ ? ଅଜଣାରେ ହାତ ଦୁଇଟି ଲମ୍ବିଗଲା ଉପରକୁ । ହାତ ଟେକିଦେଇ ସମର୍ପିତ କରିଦେଲି ନିଜକୁ । ହେ ଭାବଗ୍ରାହୀ, ମୋର ଭାବ ଜାଣିପାରୁଛ, ତେବେ ଏତେ କପଟ କାହିଁକି ? ତୁମ ଦର୍ଶନାର୍ଥୀ ଏହି ଭକ୍ତର ମନବାଞ୍ଛା କଅଣ ତୁମ ଇଚ୍ଛାମୟ କରୁଣାରୁ ତିଳେ ପାଇ ପୂର୍ଣ୍ଣ ହେବ ନି ?

କିଛି ସମୟ ନିରାଶ ହୋଇ ଠିଆ ହେବାପରେ ଦେଖିଲୁ ଦୁଇଜଣ ପୂଜାପଣ୍ଡା ପାଟବସ୍ତ୍ର ପରିଧାନ କରି ଭିତରକୁ ପ୍ରବେଶ କରିବାକୁ ଉଦ୍ୟତ । ପୋଲିସ୍‌ର ଅନ୍ୟମନସ୍କତା ଲକ୍ଷ୍ୟକରି ମୁଁ ଏହି ସୁଯୋଗକୁ ହାତଛଡା କରିବାକୁ ଦେଲିନି । ସେମାନଙ୍କ ପଛେପଛେ ଭିତରକୁ ପଶିଗଲି । ହଠାତ୍ ପୋଲିସ୍ ସତର୍କ ହୋଇଗଲେ । ମୁଁ ଭିତରେ, ମୋ ସ୍ୱାମୀ ବାହାରେ । ପୋଲିସ୍ ପାଖରେ ଯେତେ ନେହୁରା ନିଉଛାଳି ହେଲେ ବି କିଛି ଲାଭ ହେଲାନି । ସେମାନେ ମୋ ସ୍ୱାମୀଙ୍କୁ ଭିତରକୁ ଛାଡିବାକୁ ନାରାଜ । ପଇସାର ପ୍ରଲୋଭନ କିଛି ଫଳପ୍ରଦ ହେଲାନି । ସେମାନେ ନଛୋଡବନ୍ଧା ।

ମୋ ଆଖି ଲୁହ ଛଳଛଳ ହୋଇଗଲା, ହତପ୍ରଭ ହୋଇ ଠିଆ ହୋଇ ଭାବୁଛି, କଅଣ କରିବି ? ଏହି ସମୟରେ ଜଣେ ଉପରିସ୍ଥ ପୋଲିସ୍ ଅଧିକାରୀ ଆସି ପହଞ୍ଚିଲେ । ମୁଁ ନିରୁପାୟ ହୋଇ ତାଙ୍କପାଖରେ ହାତଯୋଡି କହିଲି, ଦେଖନ୍ତୁ, ଆମେ ବହୁ ଦୂରରୁ ଦର୍ଶନର ଲାଳସା ନେଇ ଆସିଛୁ ।

ଆପଣ ଦୟାକଲେ ମୋ ସ୍ୱାମୀ ଭିତରକୁ ଆସି ପାରିବେ। ଆମେ ବଡଠାକୁରଙ୍କୁ ଦର୍ଶନ କରିବୁ। ହଠାତ୍ ତାଙ୍କର ହୃଦୟ ବିଗଳିତ ହେଲା, ତାଙ୍କ ଇସାରାରେ ଜଗୁଆଳ ପୋଲିସ୍ ମାନେ ମୋ ସ୍ୱାମୀଙ୍କୁ ଭିତରକୁ ପଶିବାକୁ ଅନୁମତି ଦେଲେ। ଦୁଇହାତ ଯୋଡି ମୁ ମହାପ୍ରଭୁଙ୍କୁ ପ୍ରଣତି ଜଣାଇଲି।

ମନ୍ଦିର ଭିତରେ ତ ପଶିଗଲୁ, ଦେଖିଲୁ ମନ୍ଦିର ଭିତର ଲୋକାରଣ୍ୟ। ମନ୍ଦିର ଭିତରକୁ ଆମେ ମୁକ୍ତିମଣ୍ଡପ ତଥା କଞ୍ଚବଟ ସମ୍ମୁଖଦ୍ୱାର ଦେଇ ପ୍ରବେଶ କରିବାକୁ ଚେଷ୍ଟାକଲୁ, ମାତ୍ର ତାହା ମଧ୍ୟ ସ୍ୱତନ୍ତ୍ର ପହରାଦ୍ୱାରା ନିୟନ୍ତ୍ରିତ ହୋଇଥିଲା। ପୁଣି ଆମେ ଅନିଶ୍ଚିତତାର ଦ୍ୱାରରେ ପହଞ୍ଚିଗଲୁ। ବାଧ୍ୟ ହୋଇ ମନ୍ଦିର ପରିକ୍ରମା କରି ଯେତେବେଳେ ଉତ୍ତରଦ୍ୱାର ପାଖରେ ଦେଖିଲୁ ନରେନ୍ଦ୍ରପାଖରୁ ଲମ୍ବିଥିବା ଲମ୍ବା ଧାଡି ଏହିବାଟେ ମନ୍ଦିର ଭିତରକୁ ପ୍ରବେଶ କରୁଛି। ଚେଷ୍ଟାକଲୁ ସେଠାରେ କେମିତି ଟିକେ ଧାଡିରେ ଆଶ୍ରା ପାଇଗଲେ ଭିତରକୁ ପଶିଯିବୁ। କେହି ଟିକିଏ ହଟିଲେନି କି ଆମକୁ ପଶିବାକୁ ସୁଯୋଗ ଦେଲେ ନି। ସେହି ରାସ୍ତାରେ ପଶିବାକୁ ହେଲେ ଆମକୁ ପୁଣି ନରେନ୍ଦ୍ର କୋଣ ପର୍ଯ୍ୟନ୍ତ ଯିବାକୁ ପଡିବ।

ଏହି ଉତ୍ତର ପ୍ରବେଶଦ୍ୱାରର ଟିକିଏ ଆଗକୁ ଗୋଟିଏ ଛୋଟିଆ ଦ୍ୱାର ଅଛି, ଯେଉଁଠି ପଶିଲେ ବି ଭିତରକୁ ଯାଇହେବ। ମାତ୍ର ସେ ଦ୍ୱାରଟି ବି ସ୍ୱତନ୍ତ୍ର ସୁରକ୍ଷା କର୍ମଚାରୀ ମାନଙ୍କଦ୍ୱାରା ନିୟନ୍ତ୍ରିତ। ହତୋତ୍ସାହିତ ହୋଇ ଆମେ ଦୁହେଁ ସେଠାରେ ଠିଆହେଲୁ। କଅଣ ଇଚ୍ଛା ଅଛି ପ୍ରଭୁଙ୍କର ! ସତରେ କଅଣ ଭିତରକୁ ଯାଇ ଶ୍ରୀମୁଖ ଦର୍ଶନ ପାଇବୁ ? ମନରେ ଆମର ବିଷାଦର କାଳିମା ଘାରି ରହିଥିଲା। ଓଡିଶା ବାହାରର ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପ୍ରବେଶପତ୍ର ଧରି ସେହି ଦ୍ୱାରଦେଇ ଭିତରକୁ ଯାଉଥିଲେ। ବହୁତ ସମୟ ସେହିଠାରେ ଠିଆ ହୋଇ ରହିଲୁ। ନୀଳଚକ୍ରରେ ବନ୍ଧାହୋଇଥିବା ବାନା ଫରଫର ହୋଇ ଉଡୁଥାଏ, ସତେ କି ହାତ ଠାରି ପାଖକୁ ଡାକୁଛି। ଛାତିରୁ ଦଲକାଏ ଦୀର୍ଘଶ୍ୱାସ ବାହାରି ଆସିଲା। ମନ ମାନୁନି। ଏତେ ପାଖରେ ପହଞ୍ଚି କଅଣ କାଳିଆକୁ କଅଣ ଦେଖି ନ ପାରି ଲେଉଟି ଯିବି ?

ପରିସ୍ଥିତି ଯାହା ଥାଏ, ଦର୍ଶନ କରିବାର ସମ୍ଭାବନା ନିଶ୍ଚିତ ଭାବରେ ଅସମ୍ଭବ ହିଁ ଥାଏ। କିନ୍ତୁ ଏହି ଅସମ୍ଭବତାକୁ ଅତିକ୍ରମ କରି ମନର ଶକ୍ତି ତାର ଦୁର୍ବାର ଲାଳସା ରଖିଥାଏ ଭଗବତ ଦର୍ଶନର। ଏମିତି ଅବସାଦଗ୍ରସ୍ତ ମନରେ ଆମେ ଦୁହେଁ ଠିଆହୋଇ ଦେଖୁଥାଉଁ। ଏତିକି ବେଳେ ଦେଖିଲୁ ଗୋଟିଏ ଅଭୀପ୍ସୁ ଅଣଓଡିଆ ପରିବାର କିଛି କାଗଜପତ୍ର ହାତରେ ଧରି ଏହି ଦ୍ୱାର ଆଡକୁ ଆସୁଥାନ୍ତି। କିଛି ସମୟପରେ ସେମାନେ ବାରିକେଡ୍ ପାଖରେ ପୋଲିସ୍ ଅଧିକାରୀଙ୍କୁ କଅଣ କହିଲେ। ହିନ୍ଦିରେ ବହୁସମୟ ଧରି କିଛି ଯୁକ୍ତିତର୍କ ଚାଲିଥାଏ, ଏହି ବାକ୍ ଯୁଦ୍ଧରେ ଆମେ ଦୁହେଁ ବି ସାମିଲ୍ ହୋଇଗଲୁ।

ହିନ୍ଦୀଭାଷୀ ଲୋକଙ୍କ ସହିତ ହିନ୍ଦୀରେ କଥାବାର୍ତ୍ତାହୋଇ ମୁଁ ସେମାନଙ୍କର ଉଦ୍ଦେଶ୍ୟ ଜାଣିଗଲି। ବୃତ୍ତିଗତ ମୋର ଶୁଦ୍ଧ ହିନ୍ଦୀଭାଷା ସେମାନଙ୍କୁ ମୋତେ ଦୂରତଃ ହିନ୍ଦୀଭାଷୀ ଅଞ୍ଚଳର ବୋଲି ଧାରଣା ଦେଲା। ସେ ଯାହାହେଉ, କିଛି ସମୟ ବ୍ୟବଧାନରେ ପୋଲିସ୍ ଇନ୍ସପେକ୍ଟର୍ ସେମାନଙ୍କୁ ସେହି ସ୍ୱତନ୍ତ୍ର ଦ୍ୱାରରେ ପଶିବାକୁ ଅନୁମତି ଦେଲେ, ପୋଲିସ୍‌ର ବାଧା ସତ୍ତ୍ୱେ ଆମେ ଦୁହେଁ ପଶିବାର ସୁଯୋଗ ପାଇଲୁ। ମନେହୁଏ, ଆମ ବାହୁରେ ଆସିଲା ଅମାପ ଶକ୍ତି, ମନରେ ଉତ୍ସାହର ମହୋଦଧି ସର୍ବୋପରି ଜଗନ୍ନାଥ ଦର୍ଶନର ଅଦମ୍ୟ ଲାଳସା।

ଯାହାହେଉ ଶ୍ରୀମନ୍ଦିରରେ ପ୍ରବେଶ ଉପରାନ୍ତେ ଗରୁଡଖମ୍ବ ପାଖରେ ମନର ଭକ୍ତି ନୈବେଦ୍ୟ ସମର୍ପଣ କରି ଚନ୍ଦନ ଅର୍ଗଳି ପାଖରେ ପହଞ୍ଚିଲୁ, ଚକା ଚକା ଆଖି ଦୁଇଟି ଢଳ ଢଳ ହେଉଥିଲା। ନୀତିରେ ବିଳମ୍ବ ହେତୁ ପ୍ରଭୁଙ୍କ ବେଶ ହୋଇ ନ ଥିଲା। ସେ ଦୃଶ୍ୟ ଥିଲା ନିଆରା। ମାତ୍ର ଶ୍ରୀଅଙ୍ଗ ଶ୍ରୀହୀନ ନଥିଲା। କାନ୍ଧରେ ଓ ଶରୀରରେ ଗାମୁଛା। ତେବେ ବିଷର୍ଣ୍ଣ ଦେଖାଯାଉଥିଲେ ମହାପ୍ରଭୁ। ବିଦାୟ ଓ ବିଳୟ ମୁଦ୍ରାରେ ତିନି ଠାକୁର। ମୋ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ। ସତରେ କଅଣ ଏହା ମୋର ଶେଷ ଦର୍ଶନ ? ଆଖିକୁ ଜାଲୁଜାଲୁଆ ଦେଖାଯାଉଥାଏ ପ୍ରଭୁଙ୍କ ଶ୍ରୀମୁଖ। ନିଜର ଆଖି ପୋଛିଦେଇ ପୁନର୍ବାର ଚାହିଁଲି। ପ୍ରଭୁଙ୍କ ଅଧରରେ ତାଙ୍କର ଚିରାଚରିତ ସ୍ମିତହାସ୍ୟ ଉଭେଇଯାଇ ଥିବାର ପ୍ରତ୍ୟୟ ହେଲା ମୋତେ। ପୁନଶ୍ଚ ଲୋତକାପ୍ଳୁତ ନୟନଯୁଗଳ ମୋର ମନର ଗଭୀର ଦୁଃଖ ଅଭିବ୍ୟକ୍ତ କରିବାରେ ଲାଗିଥାଏ। ସେହି ଦୃଷ୍ଟିରେ ମୋତେ ଦକ୍ଷିଣଦ୍ୱାରର ସହାୟକ ପୋଲିସ୍ ଅଧିକାରୀଙ୍କର ବଦନ ଦେଖାଗଲା। ଆଖିରେ ଲୁହର ଉତ୍ତାଳ ତରଙ୍ଗଟିଏ ଆସିଗଲା। ପ୍ରଭୁ କଅଣ ମୋ ପାଇଁ ସତରେ ପୋଲିସ୍ ବେଶ ଧାରଣ କରିଥିଲେ ? ଜ୍ଞାନ ଓ ବିବେକ ମୋତେ ସଚେତନ କରିଦେଲେ। ପୁନର୍ବାର ଦେଖେ ତ ହିନ୍ଦିଭାଷୀ ଭଦ୍ରବ୍ୟକ୍ତିଙ୍କ ବଦନ। ମୋର ହୃଦୟ ପ୍ରଭୁଙ୍କ କରୁଣାରେ ଉଚ୍ଛୁଳି ପଡିଲା। ସ୍ୱୟଂ ଜଗନ୍ନାଥ ଆମର ସହାୟକ ହୋଇଛନ୍ତି ଜନସମୁଦ୍ରରେ ମନ୍ଦିର ଭିତରକୁ ପଶି ଦର୍ଶନ ପାଇବାରେ !

ଜ୍ଞାନର ଚକ୍ଷୁ ଖୋଲିଗଲା, ସ୍ୱପ୍ନ ପରାହତ ହେଲା। ଦିବ୍ୟ ଚେତନା ଆସିଲା। ସତରେ ପ୍ରଭୁ ଜଗନ୍ନାଥ, ତୁମର ଲୀଳା ବିଚିତ୍ର, ତୁମେ ଅଗମ୍ୟ, ଅନିତ୍ୟ, ଅବିନାଶ। ତେବେ ଏ ଲୀଳା କାହିଁକି ରଚନା କରିଛ ? ଏ ନବ କଳେବର କଅଣ ପାଇଁ ? ତୁମେ କାଳଜୟୀ, ତୁମେ ମହାକାଳ। କାହାର ବା ଶକ୍ତି ଅଛି ତୁମର କଳେବର ପରିବର୍ତ୍ତନ କରିବାକୁ ? ଏହା ନିଶ୍ଚୟ ତୁମରି ପରିକଳ୍ପନା। ମନୁଷ୍ୟଙ୍କ ହୃଦୟରେ ଜନ୍ମ-ମୃତ୍ୟୁର ବୀଜ ବପନ କରିବାକୁ ତୁମର ଏହି ଅଭିନୟ। ଏହି ନବକଳେବର ପରିକଳ୍ପନାରେ ମନ ତୃପ୍ତ ହେଲା, ହୃଦୟ ଶାନ୍ତ ହେଲା। ଆମେ ଘରକୁ ଫେରିଲୁ। କେଜାଣି କାହିଁକି ଆଖିରୁ ଅଶ୍ରୁ ଅବିରାମ ବୋହିଚାଲିଲା। ଏହା ବୋଧହୁଏ ଅନ୍ତିମ ମିଳନର ଚରମ କ୍ଷଣ ଥିଲା। ତଥାପି ଆମେ ପୂର୍ଣ୍ଣ ଆତ୍ମତୃପ୍ତିରେ ଫେରି ଆସିଲୁ। ଦର୍ଶନ ଲାଭ କରିପାରିଥିବାର ସେଇ ଅପୂର୍ବ ଅନୁଭୂତିରେ ମୁଁ ଜଡସଡ ହୋଇ ଯାଇଥିଲି।

*ଅମୃତାୟନ,*
*୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭,*
*ମୋ - ୯୪୩୭୩୦୦୪୨୩*

# ଶରଣ ତୋ ପାଦ ଗତେ

ଇନ୍ଦ୍ରମଣି ଜେନା

ଆମେରିକାରୁ ପ୍ରଫେସର ମହାପାତ୍ରଙ୍କ ଘରୁ ଫୋନ୍ ଆସିଛି। ଭୁବନେଶ୍ୱରରୁ ତାଙ୍କର ପୁତୁରା ଦି ଦିନରେ ଆମେରିକା ଫେରିବେ। ତାଙ୍କ ହାତରେ ଗୋଟିଏ ଜଗନ୍ନାଥ ଜଣାଣ ବହି, ଗୋଟିଏ ଶ୍ରୀଜଗନ୍ନାଥଙ୍କ ଫଟୋ, ପୁଡାଟିଏ ନିର୍ମାଲ୍ୟ ପଠାଇବାକୁ। ବଡ ବ୍ୟସ୍ତରେ ଥିଲେ, ବେଶୀ କଥା କହିଲେ ନାହିଁ ଶ୍ରୀମତୀ ମହାପାତ୍ର। କଅଣ ପାଇଁ ଏ ସବୁ ଅକସ୍ମାତ୍ ଲୋଡା ପଡୁଛି ମନଟା ପାପ ଛୁଇଁଲା। ଜାଣିବାର ଅବକାଶ ନାହିଁ। ଆମେରିକାର କୋଉ ସହରର କେଉଁ ବସାରେ ବିପତ୍ତି ପଡିଛି ଭାବି ମନଟା ଛନକା ପଶିଲା। ଏ ସବୁ ଦିବ୍ୟ ପଦାର୍ଥ ଯୋଗାଡ କରି ପ୍ରଫେସର ମହାପାତ୍ରଙ୍କ ପୁତୁରାଙ୍କୁ ଦେବା ବାଟରେ ଗୋଟିଏ ଅନୁରାଧା ପୋଡୁଆଲଙ୍କ ସିଡି ଟିଏ ପଠାଇଲୁ।

ଭାବିଥିଲୁ ତାଙ୍କ ପୁତୁରାଙ୍କ ଠାରୁ ବୁଝିବି ଘଟଣା କଅଣ ? କିନ୍ତୁ ସେ ସୁଯୋଗ ବି ମିଳିଲା ନି। ସିଏ ଥିବା ବନ୍ଧୁଘରେ ନ ଥିଲେ। ଜିନିଷ ଗୁଡିକ ସେମାନଙ୍କ ଜିମା ଦେଇ ଘରକୁ ଫେରିଲୁ। ମନଟା ବଡ ବ୍ୟସ୍ତ ଥାଏ, ପ୍ରଫେସର ମନୀନ୍ଦ୍ର ମହାପାତ୍ର କେତେ ପରୋପକାରୀ, ଓଡିଆବତ୍ସଳ ଓ ଲୋକ ପ୍ରଶାସନ ଶିକ୍ଷା କ୍ଷେତ୍ରରେ ଆମେରିକାରେ କାହିଁକି ବିଶ୍ୱରେ ଜଣେ ଖ୍ୟାତନାମା ପ୍ରଫେସର। ଭଦ୍ରକରେ ଜନ୍ମ ତାଙ୍କର, ଶିକ୍ଷା ଓଡିଶାରେ, ପରେ ସେ ଆମେରିକାକୁ ଯାଇ ସେଠାରେ ଗବେଷଣା କରି ଲୋକ ପ୍ରଶାସନ ବିଭାଗର ମୁଖ୍ୟ ହୋଇ ପାରିଥିଲେ। ଜୀବନରେ ଯେତେଥର ନିଜ ଜନ୍ମମାଟି ଓଡିଶାକୁ ଆସିଛନ୍ତି, ନିଜ ସ୍ତ୍ରୀଙ୍କ ନାମରେ ଖୋଲାଯାଇଥିବା ଉର୍ମିଳା ଫଣ୍ଡରୁ ପ୍ରଚୁର ପାଣ୍ଠି ଦେଇ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗୋଟିଏ ଗୋଟିଏ କାର୍ଯ୍ୟକ୍ରମ ଖୋଲିଥିଲେ। ବହୁତ ଯତ୍ନର ସହିତ ଓଡିଶାର ଅଧ୍ୟାପକ ମାନଙ୍କର ଆମେରିକାର ଶିକ୍ଷାଗତ ପରିଭ୍ରମଣ ବା କନଫରେନ୍ସ ଯୋଗଦାନ ପାଇଁ ସହାୟକ ଥିଲେ। ଏହି ସଂକ୍ରାନ୍ତରେ ମୋର ସ୍ତ୍ରୀ ବିଜୟିନୀ ମହାନ୍ତିଙ୍କୁ ଓଡିଶାର ମହିଳା ପ୍ରଶାସକ ମାନଙ୍କ ସମ୍ବନ୍ଧରେ ଗୋଟିଏ ପ୍ରୋଜେକ୍ଟ ଦେଇଥିଲେ, ଏହାର ଉପସ୍ଥାପନ କରାଯାଇଥିଲା ସ୍କଟଲାଣ୍ଡର ଆବରଡିନ୍‌ଠାରେ। ସେଥିନେଇ ପ୍ରଫେସର ମନୀନ୍ଦ୍ର ମହାପାତ୍ରଙ୍କ ସହିତ ଆମର ଜଣାଶୁଣା ଥିଲା। ଏ କଥା ୨୦୦୪ ମସିହାର।

ପରେ ଶୁଣିବାକୁ ପାଇଲି ତାଙ୍କ ପାଖରେ ଥିବା ଜଣେ ଡାକ୍ତରାଣୀଙ୍କ ଠାରୁ, ପ୍ରଫେସର ମହାପାତ୍ର ତାଙ୍କ ଜୀବନର ଅନ୍ତିମ କାଳରେ କିଛି ଦିନ ଶଯ୍ୟାଶାୟୀ ହୋଇ ମୃତ୍ୟୁକୁ ଅପେକ୍ଷା କରିଥିଲେ। ସେହି ସମୟରେ ଜଗନ୍ନାଥଙ୍କ ଭଜନ ଶୁଣିବାକୁ ଏମିତି ଉତ୍କଣ୍ଠା ସୃଷ୍ଟି ହେଲା, ସେଥିପାଇଁ ଓଡିଶାରୁ ଏ ସବୁ ପଦାର୍ଥ ମଗାଯାଇଥିଲା। ସିଏ ଭଜନ ଜଣାଣ ଶୁଣି ଆତ୍ମହରା ହୋଇ ପଡୁଥିଲେ। ସୁଦୂର ଆମେରିକାରେ ନିଜର ଅନ୍ତିମ ସମୟ ତାଙ୍କୁ ବହୁତ ମାନସିକ କଷ୍ଟ ଦେଉଥିଲା ଯାହା ଜଗନ୍ନାଥଙ୍କ ନାମ ଜପରେ ଦୂର ହୋଇଥିଲା। ବହୁ ଆଗ୍ରହରେ ଭଜନ ଶୁଣୁଥିଲେ, କିନ୍ତୁ ଅନୁରାଧା ପୋଡୁଓ୍ୱାଲ୍ ସିଡି ଟି ସେଠାରେ ଦେଖିବା ସମ୍ଭବପର ହୋଇ ପାରିଲା ନି। ଭାରତରୁ ଏହି ପ୍ରଣାଳୀର ରେକର୍ଡିଂ ଦେଖିବା ଆମେରିକାରେ ପୁରୁଣା ହେବାର କେତେ ପୁରୁଷ ହେବଣି। ଯାହା ହେଉ, କୌଣସି ପ୍ରକ୍ରିୟାରେ ସେ ଜଗନ୍ନାଥଙ୍କ ଭଜନ ଦେଖି ଆତ୍ମ ସନ୍ତୋଷ ଲାଭ କଲେ। ଏଇଟା ଓଡିଆ ପ୍ରାଣର ଉଦାହରଣ, ଓଡିଆ ଜାତିର ମର୍ମ, ଓଡିଆର ଶେଷ ଇଚ୍ଛା। ଜଗନ୍ନାଥଙ୍କ ପାଦ ତଳେ ଓଡିଆ ଜୀବନର ଶରଣ !

ଆମ ଓଡିଆ ଘରେ ଘରେ ତ ଏଇଟା ନିତି ଦିନିଆଁ କଥା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜଗନ୍ନାଥଙ୍କୁ ନ ଜଣାଇଲେ ଆମର ଦୁଃଖ ସରିବ ନି। ଏମିତି ସବୁ ଘରେ ଅନ୍ତିମ ସମୟରେ ଭାଗବତ ପଢାଠାରୁ ଆରମ୍ଭକରି ନିର୍ମାଲ୍ୟ ପାଣି ପାଟିରେ ଦେବା ଆମ ଓଡିଆ ଘରର ପ୍ରଥା ହୋଇଯାଇଛି। ଏମିତି ଆମ ଘରେ ବି ଗୋଟିଏ ଅବିଶ୍ୱାସନୀୟ ଘଟଣା ଘଟିଛି ଯାହା ମୋ ବାପାଙ୍କ ଅନ୍ତିମ ତିନି ଚାରିଦିନ ବେଳକୁ ଆମେ ଦେଖିବାକୁ ପାଇଲୁ।

୨୦୧୪ ଜାନୁଆରୀ ମାସରେ ବାପାଙ୍କ ଦେହ ଅସୁସ୍ଥ ହେଲା, ବୟସ ତାଙ୍କର ୧୦୦ ବର୍ଷ ପୂରିବାକୁ ମାସ ଚାରିଟା ବାକିଥିବ। ତିନିମାସ ଆଗରୁ ନଭେମ୍ବର ମାସରେ ଖଟରୁ ଉଠୁ ଉଠୁ ଆପଣାଛାଏଁ ତାଙ୍କର ଜାନୁହାଡ ଅଣ୍ଟା ପାଖରୁ ଭାଙ୍ଗିଗଲା। ଏହି ବୟସରେ କିଛି ଅସ୍ତ୍ରୋପଚାର ଚିକିତ୍ସା ସମ୍ଭବ ହେଲାନି, ଦି ମାସରେ ଶଯ୍ୟା ଆଦରି ସିଏ ଗୁରୁତର ହୋଇଗଲେ। କଥାବାର୍ତ୍ତା ଠିକ୍ କରନ୍ତି, ଲୋକ ଚିହ୍ନନ୍ତି, କିନ୍ତୁ ବହୁତ ସମୟରେ ଛାଟିପିଟି ହୁଅନ୍ତି। ଦିନେ ସକାଳୁ ପୁଅ, ଝିଅ, ନାତି, ନାତୁଣୀ ସମସ୍ତଙ୍କୁ ଖାଲି ନମସ୍କାର କଲେ। ଆମେ ସେତେବେଳେ ଏଇଟା ମତିଭ୍ରମ

ବୋଲି ଯାହା ଭାବିଥିଲୁ, ଦି ଦିନ ପରେ ଏହାର ଅର୍ଥ ବୁଝିଲୁ। ଆମଠାରୁ ଚିର ବିଦାୟ ମାଗୁଥିଲେ।

ତିନି ଦିନ ଆଗରୁ ତାଙ୍କୁ ବୋଉର ଫଟୋ ଦେଖାଇଥିଲୁ, ଚିହ୍ନିପାରିଲେ ନାହିଁ। ବୋଉ ଦେହ ତ୍ୟାଗ କରିବାର ୩୩ ବର୍ଷ ହେଲେ ବି ବାପା ବୋଉକୁ ହଠାତ୍ ଚିହ୍ନି ନ ପାରିବା ଆମ ପାଇଁ ବିସ୍ମୟ। କାରଣ ଅନ୍ୟ କେହି ଜାଣି ନ ଥିଲେ ବି ବାପା ବୋଉ ଚାଲିଯିବା ଦିନ ମୋତେ କହିଲେ, "ତୁ ବୋଉକୁ ବଞ୍ଚାଇ ପାରିଲୁ ନାହିଁ ?" ପିତ୍ତକୋଷ ବେମାରୀର ଅପରେସନ୍‌ର ଦଶମାସ ପରେ ରକ୍ତବାନ୍ତି ହୋଇ ବୋଉ ଚାଲିଗଲା, ଆମ ଭେଷଜ ବିଜ୍ଞାନରେ ବଞ୍ଚାଇବାର ସାଧ୍ୟତା ନାହିଁ। ଏଇଟା ମୁଁ ମୋ ବିଦ୍ୟା ତରଫରୁ ସଫେଇ ଦେଲେ ହେଁ ବାପାଙ୍କ ସବୁ ବୁଝିବାପରେ ଏମିତି କହିବାରୁ ମୋ ମନରେ ଦାରୁଣ ଦୁଃଖ ଆସିଲା। ବୋଉକୁ ମୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଲି ନାହିଁ। ଏଇଟା ମୋ ଜୀବନରେ ଗୋଟିଏ ମାନଦଣ୍ଡ ହୋଇ ରହିଛି, ଜଣେ ମୁମୂର୍ଷୁ ରୋଗୀକୁ ଶେଷ ସମୟରେ ହତୋତ୍ସାହିତ ନ କରିବା ପାଇଁ, ଖର୍ଚ୍ଚାନ୍ତ ବି ନ କରାଇବା ପାଇଁ।

ବୋଉ ଚାଲିଯିବାର ବହୁ ବର୍ଷ ପର୍ଯ୍ୟନ୍ତ କିନ୍ତୁ ବାପା ମୋତେ ପଚାରନ୍ତି, ତୁ କାଲି ବୋଉକୁ ସ୍ୱପ୍ନରେ ଦେଖିଲୁ ? ମୁଁ ଆଶ୍ଚର୍ଯ୍ୟ ହୁଏ, ସିଏ ଏତେ ଦମ୍ଭରେ କିପରି ପଚାରୁଛନ୍ତି। ବୋଉ କଅଣ ତାଙ୍କୁ ସ୍ୱପ୍ନରେ କହି ଦେଇଛି କି ପୁଅକୁ ଦେଖି ଆସିଲି। କଅଣ ବା ଏ ବିଷୟରେ କହିବି, ବେଳେ ବେଳେ ହଁ କରିଦିଏ। ଭାରି ଖୁସି ହୋଇଯାଆନ୍ତି। ବାପା ବୋଉଙ୍କ ବିଷୟରେ କିଛି କହିବା ମୋ ପକ୍ଷେ ଅସାର ହେବ, କିନ୍ତୁ ଦୁଇଜଣ ଏକା ପ୍ରାଣରେ ବଞ୍ଚିଥିଲେ। ବୋଉର କୌଣସି ଫଟୋଟିଏ ନ ଥିଲା, ଗୋଟିଏ ମିଳିତ ଫଟୋରୁ ବାଛି ବୋଉ ଚାଲିଯିବାର କେତେବର୍ଷ ପରେ ଯେବେ ବଡ ଫଟୋ ଟିଏ ମିଳିଲା, ବାପାଙ୍କ ଆନନ୍ଦ ଦେଖେ କିଏ ? ବୋଉ ଶ୍ରାଦ୍ଧ ପର୍ବରେ ଆମେ ଦେଖିଛୁ ବାପା ସେ ଫଟୋରେ ଧୂଳି ଟିକିଏ ଲାଗିବାକୁ ଦିଅନ୍ତି ନାହିଁ।

କେତେଥର ମୋତେ ବି କହନ୍ତି, ବୋଉ ତୋର ଅଛି ବା। ଯିବ କୁଆଡେ ? ସବୁଦିନ ମୋ ସହିତ କଥାଭାଷା ହେଉଛି। ସିଏ ଅଛି। ସେଇ ବୋଉ ଫଟୋ ଆଉ ବାପା ଚିହ୍ନିଲେ ନାହିଁ। ସମସ୍ତଙ୍କୁ ଚିହ୍ନୁଛନ୍ତି, ନମସ୍କାର କରୁଛନ୍ତି, ଖାଇବା ନ ଖାଇବା କଥା ପଚାରି ବୁଝୁଛନ୍ତି। ପରଦିନ ଉପରବେଳା କହିଲେ, ମୋତେ ଉପରକୁ ନିଅ। ତାଙ୍କୁ ଉପର ମହଲା ଠାକୁର ଘରକୁ ନିଆଗଲା। ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ଦେଖାଗଲା। ନମସ୍କାର କଲେ। ଜଗନ୍ନାଥ ବୋଲି କହିଲେ। କିନ୍ତୁ ବୋଉର ଫଟୋ ଆଉ ଚିହ୍ନିଲେ ନାହିଁ।

ଏଇଟା ମୋ ପାଇଁ ବିସ୍ମୟର କାରଣ ହୋଇଛି। ବାପା ବୋଉକୁ ଭୁଲିଗଲେ, କିନ୍ତୁ ଅନ୍ତିମ ସମୟର କିଛି ଘଡି ପୂର୍ବରୁ ଜଗନ୍ନାଥଙ୍କୁ ଠିକ୍ ଭାବେ ଚିହ୍ନିପାରୁଛନ୍ତି, ତାଙ୍କ ପାଖକୁ ଟାଣି ହୋଇ ଯାଉଛନ୍ତି। ସେ ଗାଁରେ ରହିଲେ ବି ଚତୁର୍ମାସ୍ୟାରେ ପଙ୍କପାଣିର ଗାଁ ଦାଣ୍ଡରେ ରାତି ଅଧ ଯାଏ ଭାଗବତ, ରାମାୟଣ ମହାଭାରତ ଶୁଣନ୍ତି। ବର୍ଷକରେ ବର୍ଷା କେତେ ମାସ ଯାହା ପୁରାଣ ପାଠ ହୁଏ, ଥରଟିଏ ବି ଅନୁପସ୍ଥିତ ରହିବେ ନାହିଁ। କାଳେ ମହାଭାରତର କୌଣସି ପର୍ବ ପଢା ସରିଯିବ। ଖାଇବା ବେଳେ ଠାକୁରଙ୍କୁ ଅର୍ପଣ ନ କଲେ ଅନ୍ନ ଜଳ ସ୍ପର୍ଶ କରିବେନି। ଗାଁ ଲୋକ ତାଙ୍କୁ ନିର୍ମାୟା ମଣିଷ କହନ୍ତି।

ପ୍ରଫେସର ମନୀନ୍ଦ୍ର ମହାପାତ୍ର ହୁଅନ୍ତୁ କି ମୋ ବାପା ହୁଅନ୍ତୁ, ଶେଷ ଇଚ୍ଛା ସମସ୍ତଙ୍କର ସମାନ। ଏଇଟା ଓଡିଆ ପ୍ରାଣର ଅନ୍ତିମ ଇଚ୍ଛା। ସେଇ ପଦାରବିନ୍ଦରେ ଆଶ୍ରା ନେବାକୁ ବ୍ୟାକୁଳ ମନ। "ଶରଣ ତୋ ପାଦ ଗତେ।"

ପ୍ରଫେସର ମନୀନ୍ଦ୍ର ମହାପାତ୍ର, ସୁଦୂର ଆମେରିକାରୁ ଶ୍ରୀକ୍ଷେତ୍ରବିହାରୀ ଜଗନ୍ନାଥଙ୍କର ସାନିଧ୍ୟ ଆଶା କରି ଜୀବନର ଅନ୍ତିମ ସମୟରେ ସେଇ ଚକାଡୋଳାକୁ ଅନେଇ ସ୍ୱର୍ଗାରୋହଣ କରିଛନ୍ତି। ସତରେ ହିନ୍ଦୁମାନେ ସାରା ଭାରତରେ ଆଧାତ୍ମିକ ମୁକ୍ତିର ଦେବତା ପ୍ରଭୁ ଜଗନ୍ନାଥଙ୍କୁ ଦେଖନ୍ତି। ବିଦେଶରେ ଯେଉଁ ରାଷ୍ଟ୍ରରେ ଥିଲେ ବି ସାଥିରେ ଜଗନ୍ନାଥ ରହିଥିବେ, ଓଡିଆ ସମାଜ ଜଗନ୍ନାଥଙ୍କ ମନ୍ଦିରଟିଏ ତୋଳି ସାରିଥିବ ଅଥବା ଓଡିଆ ସଂସ୍କୃତିର ପରିଚୟ ବଜାୟ ରଖିବାକୁ ମନ୍ଦିର ତୋଳା ମାନସିକ ଥିବ।

ଭକ୍ତିଯୁଗର ପ୍ରାରମ୍ଭରୁ ଜୀବନଟା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବାର ପ୍ରଥା ଏମିତି ବଳବତ୍ତର ହୋଇଛି, କବି, ଲେଖକମାନେ ନିଜ ଭଜନ ଜଣାଣ ମାଧ୍ୟମରେ କିପରି ଜଗନ୍ନାଥଙ୍କ ଦର୍ଶନରେ ମୁକ୍ତି ମିଳୁ ତଥା 'ଶ୍ରୀକ୍ଷେତ୍ରରେ ଜୀବନ ଯାଉ' ବୋଲି ବର୍ଣ୍ଣନା କରନ୍ତି। ଏହି ଆନ୍ତରିକତା ବାସ୍ତବରେ ଅନେକ କ୍ଷେତ୍ରରେ ବିଦେଶୀ ଶାସକ ମାନଙ୍କର ଭୁଲ୍ ବୁଝାମଣାର ଉପାଦାନ ହୋଇଛି। ସେମାନେ ଭଲ ଭାବରେ ଜାଣନ୍ତି ହିନ୍ଦୁ ବହୁଳ ଭାରତବର୍ଷରେ ଧର୍ମକ୍ଷେତ୍ର ବୋଇଲେ ପୁରୀ ଓ ହିନ୍ଦୁଧର୍ମର ପ୍ରଧାନ ମନ୍ଦିର ହେଉଛି ଶ୍ରୀମନ୍ଦିର। ଲୋକମାନେ ଏଠାରେ ଜୀବନ ଦେବାକୁ ଯେମିତି ଧାଇଁ ଆସନ୍ତି। ବରଂ କଥାଟା ଓଲଟା। ଯେଉଁ ବୟସ୍କ ଲୋକ କୌଣସି କାରଣରୁ ଏଠାରେ ପ୍ରାଣତ୍ୟାଗ କରନ୍ତି, ସେମାନେ ଭାଗ୍ୟବାନ ବୋଲି ଆତ୍ମୀୟ ମାନଙ୍କୁ ସମ୍ବେଦନା ଦିଆଯାଏ। କେହି ଏଠାରେ ପ୍ରାଣ ବିସର୍ଜନ କରିବାକୁ ଆସି ନ ଥା'ନ୍ତି। ଏହି ଭଳି ଧାରଣା ବିଦେଶୀ ଇଂରେଜ ମାନଙ୍କର ରହିଛି, ଏଥିପାଇଁ ସେମାନଙ୍କର ଅନେକ ଟୀକା, ଟିପ୍ପଣୀ ଓ ସମାଲୋଚନା ଦେଖିବାକୁ ମିଳେ।

ଓଡିଶା ମରହଟ୍ଟା ଶାସନ କାଳରେ ଓଡିଶା ରାଜ୍ୟର ସୁବିଧା ଅସୁବିଧା ମଧ୍ୟରୁ ଜଗନ୍ନାଥଙ୍କର ବିସ୍ତୃତି ମରହଟ୍ଟାର ଦାୟିତ୍ୱ ଥିଲା। ମରହଟ୍ଟା ଶାସନ ଜଗନ୍ନାଥଙ୍କର ପ୍ରଚାର ପ୍ରସାର କରି ହିନ୍ଦୁଧର୍ମପାଇଁ ଓ ପର୍ଯ୍ୟଟନ ଶିଳ୍ପର ବିକାଶ ଚାହୁଁଥିଲେ। ସେମାନଙ୍କର ଅର୍ଥନୈତିକ ଅଭିସନ୍ଧି ଥିଲା ପର୍ଯ୍ୟଟନ ଟିକସ ଉପରେ।

ଇଂରେଜ ମାନେ ଓଡିଶା ଶାସନ କରିବା ପୂର୍ବରୁ ଦୁଇଜଣ ଇଂରେଜ ଜଗନ୍ନାଥ ଓ ରଥଯାତ୍ରା ଦେଖିବାର ସୁଯୋଗ ପାଇଥିଲେ। ପ୍ରଥମ ବ୍ୟକ୍ତି

ହେଉଛନ୍ତି ଉଇଲିୟମ୍ ବ୍ରୁଟନ୍, ତାଙ୍କୁ ଶ୍ରୀଜଗନ୍ନାଥ ସାତ ଫଣା ବିଶିଷ୍ଟ ସାପପରି ଦେଖାଗଲେ ଓ ସେ ଜଗନ୍ନାଥଙ୍କୁ ସବୁ ଦୁଷ୍କାମିର ସୂତ୍ରଧର ବୋଲି ତାଙ୍କ ଭ୍ରମଣ କାହାଣୀରେ ବ୍ୟକ୍ତ କଲେ। ସେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସକଳ ପିତୁଳାପୂଜାର ଦର୍ପଣ ଭାବରେ ବର୍ଣ୍ଣନା କରିଗଲେ। ଏଇଟା ୧୬୩୩ ମସିହାର କଥା। ତାଙ୍କ ଅନୁସାରେ ଶ୍ରୀଗନ୍ନାଥ ଅସୁରକାୟ ଦେବତା ଭାବରେ ଇଉରୋପବାସୀ ଜାଣିବାକୁ ପାଇଲେ। ଏଇଟା ଶ୍ରୀଜଗନ୍ନାଥଙ୍କ ବିଷୟକୁ ଅଧିକ ରହସ୍ୟାବୃତ କଲା। ବ୍ରୁଟନଙ୍କ ୩୪ ବର୍ଷ ପରେ ବର୍ଣ୍ଣିୟର୍ ନାମକ ଆଉଜଣେ ଇଂରେଜ ରଥଯାତ୍ରା ଦେଖିବାର ସୁଯୋଗ ପାଇଥଲେ, କିନ୍ତୁ ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଇ ନ ଥିଲେ। ଇଂରେଜ ଶାସନାଧୀନ ଓଡିଶାର ଧଉଳି, ଖଣ୍ଡଗିରି ଉଦୟଗିରିର ହାତୀଗୁମ୍ଫା ଆଦିର ଶିଳାଲିପି ପାଠକରି ବହୁ ତଥ୍ୟ ଲୋକଲୋଚନକୁ ଆଣିଥିବା ପ୍ରମୁଖ ପ୍ରତ୍ନତତ୍ତ୍ୱବିତ୍ ଆଲେକଜାଣ୍ଡର କନିଙ୍ଗହାମ୍ ଜଗନ୍ନାଥ ମନ୍ଦିରକୁ ପଶିବାକୁ ଅନୁମତି ପାଇ ନ ଥିଲେ, ତଥାପି ସବୁ ଅନୁଧ୍ୟାନ କରି ଏହି ତଥ୍ୟ ଦେଇଥିଲେ, ଜଗନ୍ନାଥ ମନ୍ଦିର ଓଡିଶାର ପ୍ରାଚୀନ ବୌଦ୍ଧକୀର୍ତ୍ତି ଓ ଜଗନ୍ନାଥ ବୁଦ୍ଧଙ୍କର ଅବଶେଷ ଖଚିତ ରୂପ ବିଶେଷ।

ମାତ୍ର ଇଂରେଜ ଶାସନ ସମୟରେ ଶାସକ ତଥା ବିଦେଶୀମାନେ ଧର୍ମଗତ କାରଣରୁ ବର୍ଣ୍ଣଗତ କାରଣ ପରି ଅନେକ କୁତ୍ସିତ ମନ୍ତବ୍ୟ ଦେବାକୁ ପଛାଇ ନ ଥିଲେ। ବିସ୍ମୟର ଏହି ମନ୍ଦିର, ଠାକୁର ଓ ଜନସମାଗମ ସେମାନଙ୍କୁ ଯେମିତି କିଛି କହିବାକୁ ବାଧ୍ୟ କରିଦିଏ। ସାଧାରଣ ଇଂରେଜ ଶ୍ରୀଜଗନ୍ନାଥଙ୍କୁ ଜଡ ପ୍ରତିମା ଓ ବିଭ୍ରାନ୍ତିକର ବୋଲି କହି ତାସଲ୍ୟାତ୍ମକ ଜଗରନଟ୍ ବୋଲି ଆଖ୍ୟାୟିତ କରିଥିଲେ। ବହୁ ଭାରତୀୟ ଗିର୍ଜାର ଟିପ୍ପଣୀରେ ଶ୍ରୀଜଗନ୍ନାଥଙ୍କୁ ଅଦ୍ଭୁତ ଦେବତା ଭାବରେ ବ୍ୟକ୍ତ କରାଯାଇଛି। ୧୮୧୮ ମସିହାରେ ପୁରୀର କଲେକ୍ଟର ଷ୍ଟର୍ଲିଂ ଭାରତୀୟଙ୍କର ଶ୍ରୀଜଗନ୍ନାଥ ଦର୍ଶନର ଏକାଗ୍ରତା ଭକ୍ତିକୁ ଅତୀବ ଧର୍ମାନ୍ଧତା ବା ଧର୍ମୋନ୍ମାଦତା ବୋଲି ଆଖ୍ୟାୟିତ କରିଥିଲେ। କେତେକ ଓଡିଆ ମାନଙ୍କୁ ଅନ୍ଧବିଶ୍ୱାସୀ ଓ ଭୟଙ୍କର ଧର୍ମବିଶ୍ୱାସୀ ବୋଲି ନାମିତ କରିଥିଲେ। ଏତିକିରେ କଥା ସରିନି, ଶ୍ରୀଗୁଣ୍ଡିଚାଯାତ୍ରାର କଳେବର ଦେଖି କଦର୍ଥ ବାଢନ୍ତି, ଅସଂଖ୍ୟ ଭକ୍ତ ନିଜକୁ ରଥଚକତଳେ ପ୍ରାଣ ବଳି ଦେଇ ସ୍ୱର୍ଗକୁ ଯିବା ଭ୍ରମ ମନରେ ନେଇ ଆସନ୍ତି। ପୁଣି ଅପବାଦ ଶୁଣାନ୍ତି, ମୃତ୍ୟୁକୁ ଆହ୍ୱାନ ଦେଇ ଆସିଥିବା ଭକ୍ତ ମାନେ ତାଙ୍କ ଠାକୁରଙ୍କୁ ଭଲ ଲାଗେ। କିଏ କିଏ ବି ମନ୍ତବ୍ୟ ଦିଅନ୍ତି, ଜଗନ୍ନାଥ ମୂର୍ତ୍ତି ଏମିତି ବିଚିତ୍ର, ସ୍ୱର୍ଗ ମର୍ତ୍ତ୍ୟ କି ପାତାଳରେ ଦେଖିବାକୁ ମିଳିବ ନାହିଁ।

ପାଠକଙ୍କୁ ଶ୍ରୀଜଗନ୍ନାଥଙ୍କ ଉପରେ ଏମିତି ସମାଲୋଚନା କିପରି ଲାଗିବ, ଲେଖକଙ୍କୁ ଜଣାନାହିଁ। ଭାରତୀୟ ଉପନିବେଶରେ ଉତ୍ପୀଡକ ଇଂରେଜ ମାନଙ୍କର ପରିଭାଷା ବୁଝିବାକୁ ବେଶି ଡେରି ଲାଗିନି। ସେମାନଙ୍କର ଧର୍ମାନ୍ତରୀକରଣ ପ୍ରକ୍ରିୟା ଓଡିଶାପରି ଶୁଦ୍ଧ ହିନ୍ଦୁ ରାଜ୍ୟରେ ସମ୍ଭବ ହେଲାନାହିଁ। ଏଇଟା ହୋଇପାରିଥିଲେ, ସେମାନେ ନିଶ୍ଚୟ ବିପରୀତ ଭାଷ୍ୟ ଦେବା ଲେଖକଙ୍କୁ ପ୍ରତ୍ୟୟ ହୁଏ।

ଏବେ ବି ଧର୍ମ, ସଂସ୍କୃତି ଓ ଦର୍ଶନ କ୍ଷେତ୍ରରେ ପୂର୍ବ - ପଶ୍ଚିମ ଫାଙ୍କ ବେଶ୍ ବଡ ଦେଖାଯାଏ। ଗୋଟିଏ ବିଶ୍ୱଧର୍ମର ପ୍ରତଷ୍ଠାତା ବୁଦ୍ଧ ଓ ତାଙ୍କର ଭସ୍ମ, ଦନ୍ତ, ସୂତ୍ରର ପୂଜାକୁ ପଶ୍ଚିମ ଜଗତ କିପରି ଅର୍ଥ କରେ। ବୁଦ୍ଧଙ୍କର ଶରୀରାଂଶ ଓ ପୂଜାବିଧି ସେମାନଙ୍କ ଦୃଷ୍ଟିରେ ଅନେକ ବିରୋଧାଭାଷର ସମ୍ମୁଖୀନ ହୁଏ। କୁଆଡେ ବୌଦ୍ଧସ୍ତୂପ ଦର୍ଶନରେ ପୂର୍ବକଳ୍ପିତ ବୁଦ୍ଧଙ୍କ ସହିତ ଏକ ଆଧିଭୌତିକ ସମ୍ପର୍କ ଭକ୍ତ ମନରେ ବଳବତ୍ତର ରହେ। ବୁଦ୍ଧଙ୍କ ଅବଶେଷଧାରୀ ତୀର୍ଥ ଗୁଡିକ ଜୀବନ୍ତ, ଅମାପ ସମ୍ପତ୍ତିର ମାଲିକ, ବହୁ ରହସ୍ୟର ଜନ୍ମଦାତା ଯାହା କି ଅସଂଖ୍ୟ ଭକ୍ତ ଆକର୍ଷଣ କରିଥାଏ ତଥା ଜୀବନ୍ତ ବୁଦ୍ଧଙ୍କ ପରି କାମ କରେ। ଆଉ କିଏ ନିଜର ଗଭୀର ମନସ୍ତାତ୍ତ୍ୱିକ ଦୃଷ୍ଟିରୁ କହନ୍ତି ବୁଦ୍ଧଙ୍କ ଶାରୀରିକ ଅନୁପସ୍ଥିତିରେ ତାଙ୍କୁ ନିର୍ବାଣ ଅବସ୍ଥାରେ ଦେଖିବା ମନରେ ଦୁଇ ବିପରୀତ ଦ୍ୱନ୍ଦ୍ୱମୂଳକ ମାନସିକ ସ୍ଥିତି ଉତ୍ପନ୍ନ କରିପାରେ। ଅନ୍ୟ କେହି ଏହାକୁ କଳ୍ପନାର ଇନ୍ଦ୍ରଜାଲ ବା ଶୁଦ୍ଧ ଅନୁପସ୍ଥିତି ବୋଲି ଦର୍ଶାଇ ଥାଆନ୍ତି।

ଆହୁରି ସନାତନଧର୍ମର ଅଭ୍ୟନ୍ତରକୁ ଯାଇ କେତେକ ଯୁକ୍ତି ଉପସ୍ଥାପନ କରନ୍ତି, ଭାରତ ପରି ବିଶୁଦ୍ଧ ସଭ୍ୟତାରେ ବୁଦ୍ଧଙ୍କର ଶରୀରାବଶେଷର ପ୍ରଚାର ଓ ପ୍ରସାର ବହୁ ପ୍ରତିରୋଧର ସମ୍ମୁଖୀନ ହୋଇଥିବା ସମ୍ଭବ। ଭାରତୀୟ ମାନଙ୍କ ପକ୍ଷରେଏମିତି ଅବଶେଷ ପୂଜନର କାରଣ କିଛି ନାହିଁ, କାରଣ ଶବ ସବୁବେଳେ ଅଶୁଦ୍ଧ, ଅସ୍ୱାସ୍ଥ୍ୟକର ଓ ବିପଜ୍ଜନକ ବସ୍ତୁ ଭାବରେ ଜଣା, ଏହାକୁ ମଣିଷର ଚଳାଚଳ ପରିବେଶରୁ ଦୂରେଇ ରଖିବା ଆବଶ୍ୟକ ମନେହୁଏ। ଅନେକ ପାଶ୍ଚାତ୍ୟ ଦାର୍ଶନିକ ଓ ଭାବୁକ ମତ ଦିଅନ୍ତି, ଶରୀରାବଶେଷର ପୂଜା ବ୍ରାହ୍ମଣଧର୍ମରୁ ଉଦ୍ଭବ ହିନ୍ଦୁଧର୍ମର ବିଧି ନୁହେଁ। ହିନ୍ଦୁମାନେ ଭସ୍ମ, ଅସ୍ଥି, ଦାନ୍ତ ବା କେଶ ସଂରକ୍ଷଣ କରି ପୂଜା କରିବାର ବିରୁଦ୍ଧ। ଜଣେ ଜୀବନରେ ଯେତେ କୃତିତ୍ୱ ଅର୍ଜନ କଲେ ବି ତାଙ୍କର ଚଷମା, ପୋଷାକ, କଠଉ ବା ଚଉକି ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସଂରକ୍ଷିତ ନ ହୋଇଥିଲେ, ଏଗୁଡିକର ବିଶୁଦ୍ଧତା ରହେନାହିଁ। ଏମିତି କି ଏହି ପଦାର୍ଥ ଗୁଡିକ ମୃତକଙ୍କର ଆତ୍ମୀୟ ମାନଙ୍କ ମନରେ ଅସୂୟା ଜାତ କରିବା ସ୍ୱାଭାବିକ।

ଏ ଗୁଡିକ ପାଠ କଲେ ବିଜ୍ଞାନର କ୍ଷୁଦ୍ରତମ ବିକାର ମଧ୍ୟରେ ପାଶ୍ଚାତ୍ୟ ଭାବନାର ଗତି ଆମକୁ ଚକିତ କରିଦିଏ। ଏହା ଫ୍ରାନ୍ସର ଲୁଭର ମିଉଜିୟମ୍‌ର ଶୁଷ୍କ ମମି ଦେହରୁ ପ୍ରେତାତ୍ମା ବାହାର କରିବାର ଅଭିଭାଷଣ ପରି ଲାଗିବା ସ୍ୱାଭାବିକ। ଭାରତ ପରି ଅତି ପୁରାତନ ସଭ୍ୟତାର ଭକ୍ତିଭାବର ସରଳ ମନସ୍ତାତ୍ତ୍ୱିକତାକୁ କଦର୍ଥ ରୂପେ ଦେଖିବା ବା ଭକ୍ତିମୟ ପରିବେଶର ଅନ୍ତରାଳରେ ଅଶୁଦ୍ଧ ମାନସିକତାର ପରିପ୍ରକାଶ ଆମକୁ ଯେତିକି ଅପ୍ରକୃତ ଲାଗେ, ପାଶ୍ଚାତ୍ୟର ପିତୃମାତୃ ଭକ୍ତି ବା ଭଗବତଭକ୍ତି ପରି ଅଗଭୀର ନିରର୍ଥକ ମନେହୁଏ। ଏଥିରେ ଧର୍ମାନ୍ଧତା ବା ଧର୍ମୋନ୍ମାଦନାର ପ୍ରଶ୍ନ ନାହିଁ।

ସେ ଯାହା ହେଉ, ବିଦେଶୀମାନେ ଭାରତୀୟ ପୁରାତନ ସଭ୍ୟତାର ଭକ୍ତିର ପରମ୍ପରା ବିଷୟରେ ଅନଭିଜ୍ଞ, ସେମାନଙ୍କର ଜୀବନ ଦର୍ଶନ ଆମମାନଙ୍କ ଜୀବନଶୈଳୀଠାରୁ ଢେର୍ ତଫାତ୍। ତଥାପି ବି ସେମାନେ

ମୃତ୍ୟୁକାଳୀନ ଧର୍ମ ପରିଚର୍ଯ୍ୟାରେ ସେମାନଙ୍କର ଇପ୍ସିତ ଦେବଙ୍କ ଆଶୀର୍ବାଦ ନେଇ ନିଜ ପ୍ରଣାଳୀରେ ଶୁଦ୍ଧକ୍ରିୟା ହୋଇଥାଆନ୍ତି। ଧର୍ମ ଓ ଦର୍ଶନ କ୍ଷେତ୍ରରେ ବହୁ ପ୍ରାଚ୍ୟ ପାଶ୍ଚାତ୍ୟ ପ୍ରଭେଦ ଥିବା ବେଳେ, ଶ୍ରୀଜଗନ୍ନାଥଙ୍କୁ ସମାଲୋଚନା ବିଷୟ ପଢିଲେ ମନରେ ଘୃଣା ଆସେ ନି ବରଂ ସେମାନଙ୍କର 'ଅପୃଷ୍ଟେ ବହୁଭାଷତେ' ମର୍ମଟି ପ୍ରଜୁଯ୍ୟ ମନେହୁଏ। ଆମ ଆଚାର ବ୍ୟବହାର ସେମାନଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟଜନକ ମନେ ହୋଇଥିବ, ପରକାଳର ଜଗନ୍ନାଥ ଦର୍ଶନର ବ୍ୟାପକ ପ୍ରକାଶନ ଓ ଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ନିଶ୍ଚିତ ଭାବରେ ଭାରତୀୟ ମାନଙ୍କର ଧାର୍ମିକତା, ଦାର୍ଶନିକତା ଓ ସାମାଜିକତାର ପରିଚୟ ପାଇଥିବେ। ଶତାବ୍ଦୀ ଅନ୍ତରରେ ଇସ୍‌କନ୍ ଓ ତାର ବିଶ୍ୱବ୍ୟାପୀ ପ୍ରସାର ଶ୍ରୀଜଗନ୍ନାଥଙ୍କୁ ଜଗତର ନାଥ ଭାବରେ ସ୍ଥାପିତ କରିବାରେ ବିଶିଷ୍ଟ ଭୂମିକା ନେଇଛି।

ଶ୍ରୀଜଗନ୍ନାଥ ଆମର ଚିରସ୍ମରଣୀୟ ଭାବରେ ଦୈନନ୍ଦିନ ଜୀବନ, ସାମାଜିକ ଜୀବନ, ଆଧ୍ୟାତ୍ମିକ ଜୀବନ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରନ୍ତି। ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ବାରମାସର ତେରପର୍ବ ଆମର ନିଜ ନିଜ ଘରେ ଚଳିବାର ବିଧି ହୋଇଯାଇଛି। କେବେ କେହି ଦେଶ ବାହାରକୁ ଯାଇଥିବା ଓଡିଆ କିଛି କୃତିତ୍ୱ ହାସଲ କଲେ, ନିଶ୍ଚୟ ପୁରୀ ପୁରୁଷୋତ୍ତମଙ୍କ ପାଖରେ ବାନାଟିଏ ବାନ୍ଧିଦିଏ ନିଜର କୃତଜ୍ଞତା ଜଣାଇ। ବିଦେଶୀରୁ କେତେ ବର୍ଷରେ ଘରକୁ ଫେରିଲେ, ଜଗନ୍ନାଥ ଦର୍ଶନ ମୁଖ୍ୟ କାମନା ହୋଇଥାଏ। ଘରର ମୁରବି ପରି ସେଇ କଳା ଠାକୁର ସମସ୍ତଙ୍କୁ ଯେମିତି ଚାହିଁ ବସିଛନ୍ତି। ସତରେ ଓଡିଆ ପ୍ରାଣର ସମର୍ପଣ – ସ୍ୱଜନ ଶ୍ରୀଜଗନ୍ନାଥ, "ଶରଣ ତୋ ପାଦ ଗତେ।"

ସମାରୋହ,
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ମୋ - ୯୪୩୮୦୦୭୫୦୯



# ସେ କିଏ ?

ତପନ କୁମାର ମହାପାତ୍ର

ପବିତ୍ର ଜାଗର ଅମାବାସ୍ୟା। ସକାଳୁ ସକାଳୁ ଆରମ୍ଭ ହୋଇଗଲା ଆମ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମତାନ୍ତର।

ସେ କହିଲେ, "ମହାଦେବଙ୍କ ପାଖରେ ଭୋଗ କରିଦେବ।"

ମୁଁ କହିଲି - "ନାଁ"

"ମାନେ ?" ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ।

ମୁଁ କହିଲି, "ମାନେ କଅଣ ? ମୁଁ କରିବି ନି ତ"

"ହେ ଭଗବାନ, ତୁମ ତୁଣ୍ଡ ଲେଉଟୁଛି କେମିତି ? ଏତେ ବଡ ଦିନରେ ତୁମେ ଭୋଗ କରିବାକୁ ମନା କରୁଛ ? ପାପ ! ପାପ !"

ସେ ଯେମିତି କହିଲେ, ମୁଁ ସେମିତି କହିଲି, "ହଁ ହେଉ, ପାପ ହେଉ।"

ସେ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲେ, ଯେମିତି ତାଙ୍କ ସାମନାରେ ଚାଣ୍ଡାଳଟିଏ ମୁଁ। ଧର୍ମ କର୍ମ କିଛି ନାହିଁ ମୋର।

ସତ କହୁଛି ଏ ସଂକ୍ରାନ୍ତି ଆସିଲେ ମୋ ପାଇଁ ସଂଙ୍କଟ ଆସେ।

ନଡିଆ, କଦଳୀ, ଧୂପ, ଫଳ କିଣି ଆଣିବି। ମନ୍ଦିର ଯିବି। ଗହଳି ଭିତରେ ଲମ୍ବାଧାଡିରେ ଠିଆହୋଇ ଭୋଗ କରିବି। ଘରକୁ ଆଣିବି ଅଥଚ ଖାଇବେନି କିଏ। ନା ଦିଅଁ ନା ମଣିଷ।

ଯା'ଙ୍କ ଆଡକୁ ଅନେଇଲେ ସେ ମୁହଁ କୁଞ୍ଚିଦେବେ। କହିବେ, ତୁମେ ଯାଚୁଛ କଅଣ, ରଖୁନ। ସେ ବେଲପତ୍ର ଟିକେ ନେବେ କି କଦଳୀଟାଏ ନେବେ। ଗୋଟାକଯାକ ନଡିଆ ସେମିତି ରଖିଦେଇଥିବେ। ବାଧ୍ୟକଲେ କହିବେ, ତୁମେ କଅଣ ଜାଣିନ ? ନଡିଆ ଖାଇଲେ ଦିନସାରା ମୁଁ ଦାନ୍ତ ଖୋଲୁଥିବି।

ପିଲାମାନେ ସେମିତି।

ନଡିଆ ପାତ କଲେ କି କୋରେଇଲେ ବି ଖାଇବେ ନି। ଭୋଗବୋଲି କହି ବାଧ୍ୟକଲେ ଏ ନିଜେ ହୁଅନ୍ତୁ କି ପିଲାମାନେ ଟିକିଏ ଟିପରେ ନେଇ ପାଣି ପି' ପକାଇବେ। ଢୋକିଦେବେ।

ଆରେ ତଣ୍ଟିରେ ଲାଗିବ। ନଡିଆ କଅଣ ଏମିତି ଖାଉଛ ? ଚୋବାଅ। ଏଇଟା ଅଖାଦ୍ୟ ନା' କ'ଣ ? ମୁଁ ବୁଝାଇବି। ବୁଝାଇବି ସ୍ୱାସ୍ଥ୍ୟ ପକ୍ଷେ ନଡିଆର ଉପକାରିତା। ଇଂରେଜମାନେ ଏଥିରେ ଜଳ ସହିତ ଖାଦ୍ୟ ଦେଖି ଯେମିତି ଚମତ୍କୃତ ହୋଇଥିଲେ। ଏ ସବୁ କିଛି ବି ପ୍ରଭାବିତ କରେନା ସେମାନଙ୍କୁ।

ମୋତେ ବି କେଉଁ ବେଳ ଥାଏ ?

ବେଳ ନ ଥିଲେ ଅଧା କାନ୍ଥରେ ପିଟା ଯାଇଥିବା ଗୋଟେ କଣ୍ଟା ଦେହରେ କାହାର ହାତ ନ ବାଜିବା ପରି ଭୋଗକୁ ଟଙ୍ଗାଇ ଦିଏ ସେଇଠି ?

ମହାଦେବଙ୍କ ଭୋଗ ଫ୍ରିଜ୍‌ରେ ରହିବ ନାହିଁ। କାଳେ ପିଆଜ, ରସୁଣ, ଉଷୁନା ରହିଯାଇଥିବ। ତାଙ୍କର ବାରଣ।

ସେ ଭୋଗ ସେମିତି ଥିବ। ଯେତେବେଳେ ମୋତେ ସମୟ ହେବ ମୁଁ କୋରେଇବି। ଥରେ ଦି ଥର କରି ଅରୁଆ ଛତୁଆ କି ଚୁଡା ସହିତ ମିଶାଇ ଖାଇବି। ନିଜେ ସାରିବି।

ମନେ ନ ପଡିଲେ ନାଇଁ।

ମନେ ପଡିଲା ବେଳକୁ କାନ୍ଥରେ ଲମ୍ବା ଧାଡିର ପୁମ୍ପୁଡି କି ଡଗରା ଜନ୍ଦା ଆତଯାତ ହେଉଥିବେ। ନଡିଆ କଳା ପଡିଯାଇଥିବ, କଦଳୀ ପଚି ବିକୃତ ଦେଖାଯାଉଥିବ। ଖାଇବି କେମିତି ?

ସେ କହିବେ, ନିଅ ପାଣିରେ ଫୋପାଡ। ତାକୁ ନେଇ ପାଣିରେ ଫୋପାଡିବି।

ପଇସା ଖର୍ଚ୍ଚ କରି ଭୋଗ କିଣିବି, ସମୟ ବାହାର କରି ମନ୍ଦିର ଯିବି। ତାକୁ ନେଇ ପାଣିରେ ଫୋପାଡିବି ? ଯାହାକୁ ଭୋଗ କରିପାରିବ ନାହିଁ ତାହା ଭୋଗ କିପରି ହେଲା। ?

ସେଥିକୁ ଯଦି ସେ ମାରା ହୋଇଥିବେ, ଆଉ ମହାଦେବ ଭୋଗ ଆସିଗଲା ଏମିତି କୁଞ୍ଚ ଜାକି କୁଞ୍ଚିହେବେ ଯେମିତି ଭୋଗରେ ତାଙ୍କର ଛାଇ ପଡିଲେ ବି ଅପରାଧ।

ଯାକୁ ନେଇ ଯେତେ ବୁଝାଅ ବୁଝି ନାହାନ୍ତି କେହି। ତେଣୁ ରୋକ୍ ଠୋକ୍ ମୁଁ ମନା କରିଦେଲି ଆଜି।

ମନେ ମନେ ଭାବିଲି ମୋ କାଳିଆ ସାଆନ୍ତେ ଠିକ୍‌। ମୋ ଲକ୍ଷ୍ମୀ ଠାକୁରାଣୀ ଠିକ୍‌। ଲକ୍ଷ୍ମୀ ସାଆନ୍ତାଣୀ କେମିତି ବୁଝାଇଦେଲେ ଚଣ୍ଡାଳ ହସ୍ତୁ ବ୍ରାହ୍ମଣ ଛଡାଇ ଖାଇବ। ଖାଇସାରି ସେଇ ହାତ ମୁଣ୍ଡରେ ପୋଛିବ।

ଧନ୍ୟ ମୋ କାଳିଆ ସାଆନ୍ତ,

ଧନ୍ୟ ମୋ ଲକ୍ଷ୍ମୀ ସାଆନ୍ତାଣୀ

"ମୁଁ ଭୋଗ କରିବି ନାହିଁ।"

"କି କଥା ତମେ କହୁଛ ? ଭୋଗ ମୁଁ ଖାଉନି ବୋଲି କଅଣ ଭୋଗ ପ୍ରତି ମୋର ସମ୍ମାନ ନାହିଁ ? ଯେମିତି ହେଲେ ଭୋଗ କରିବ।"

ମୁଁ କଥା ନ ବଢାଇ ହଁ ଟାଏ ମାରିଦେଲି। କିନ୍ତୁ ନିଷ୍ପତ୍ତି ନେଇଥିଲି ଭୋଗ କରିବି ନାହିଁ। ଘିଅ ପକା ଅରୁଆ ଅନ୍ନ ଡାଲମା ଖାଇ ମୁଁ ମଝିଘରେ ଶୋଇ ପଡିଲି।

ଭିତରେ ପିଲା ଦୁହିଙ୍କୁ ନେଇ ସେ।

ଛୁଟିଦିନ ଦ୍ୱିପହରେ ଏତେ ନିଦ କୁଆଡୁ ଆସେ କେଜାଣି ?

ଗାଢ ନିଦରେ ମୁଁ।

ହଠାତ୍‌ !

କିଏ ମୋ ମୁଣ୍ଡ ପାଖରେ ଠିଆ ହୋଇଗଲେ। କହିଲେ, "ଶୋଇଛୁ, ଶୁଅ ।"

ମୁଁ ତାଙ୍କ ଆଡକୁ ଚାହିଁଛି।

ଏକ ଦୀର୍ଘକାୟ ପୁରୁଷ। ଛିଡା ହୋଇଛନ୍ତି ମୋ ମୁଣ୍ଡପାଖରେ। ତାଙ୍କ ମୁହଁକୁ ମୋ ଆଖି ପାଉନାହିଁ।

ସେ ମୋ କପାଳ ସାଉଁଳିବାକୁ ହାତ ବଢାଉଛନ୍ତି। ଗାଢ ନିଦରେ ଶୋଇଥିବା ପିଲାକୁ ମା କି ବାପା ଥରେ ଥରେ ଯେମିତି ଆହୁରି ନିଦ ଦେବାକୁ ହାତ ସାଉଁଳି ନିଅନ୍ତି ସେମିତି।

ମୋ ନିଦ ଭାଙ୍ଗିଗଲା।

କିଏ ?

ଚାଉଁକିନା ହୋଇ ମୁଁ ଉଠି ବସିଲି।

ମୋତେ ଲାଗିଲା ମୋ ପିଲା ଦୁହିଙ୍କ ପିଠି ଥାପୁଡାଇ ସାଙ୍ଗରେ ନେଇ କିଏ ଘର ଭିତରୁ ବାହାରି ଚାଲିଯାଇଛନ୍ତି।

କିଏ ? କିଏ ?

ମୋ ଛାତି ଦାଉଁ ଦାଉଁ ହେଉଥାଏ।

ପ୍ରଶ୍ନ କରୁଥାଏ, ଉତ୍ତର ପାଉ ନ ଥାଏ।

ମୋ ଆଖିରେ ନିଦ ନାହିଁ, ଶରୀରରେ ନିସ୍ତେଜତା ନାହିଁ। ତେବେ ବି ମୋତେ ଲାଗିଲା ଏ ଘରୁ ମୋ ପିଲାଙ୍କ ସହିତ ସେ ବାହାରି ଯାଉଛନ୍ତି।

ନା, କେହି ନାହାନ୍ତି।

ନାଁ, କେହି ନାହାନ୍ତି।

ନିଘୋଡ ନିଦରେ ମା କୁ ଜାକି ଶୋଇପଡିଛନ୍ତି ପିଲା ଦିଟା। ମା ବି।

ମୁଁ ସେଇଠି ଛିଡା ହୋଇ ଦେଖିପାରୁଛି ଭିତର ଘରର ଦୃଶ୍ୟ।

ତେବେ ଗଲା କିଏ ?

ପିଲା ଦିଟାଙ୍କୁ ନେଲା କିଏ ?

ମନ ବୁଝିଲାନି, ମୁଁ ଦାଣ୍ଡ ଗ୍ରୀଲ୍‌ ଯାଏଁ ଗଲି। ଚାବି ପଡିଛି। ସେ ଚାବି ଯେଉଁଠି ରଖିଥିଲି ସେଇଠି ଅଛି।

ତେବେ ?

କି ବିଚିତ୍ର ସ୍ୱପ୍ନ ! ଚେତନ ଅବଚେତନ ସ୍ତରରେ ଏମିତି କେଉଁ ଘଟଣା ବସା ବାନ୍ଧିଛି ଯେ ମୋ ପିଲାଙ୍କୁ ନେଇ କିଏ ଘରୁ ବାହାରି ଯିବାର ସ୍ୱପ୍ନ ଦେଖିଲି ?

ଖଟ ଉପରେ ବସି ଚାରିଆଡକୁ ଚାହିଁ ଏ କଥା ଭାବୁଛି; ମୋ ମୁହଁ ବାପାଙ୍କ ଫଟୋ ଉପରେ ସ୍ଥିର ହୋଇଗଲା।

ବାପା, ତମେ କି ?

ହେଲେ ତମେ କେମିତି ଆସିବ ? ଫଟୋରୁ ବାହାରି ତମେ ଆଉ ମଣିଷ ହୋଇ ପାରିବ କି ବାପା ? ତିରିଶ ବରଷ ହେଲାଣି ତୁମେ ଫଟୋ ହୋଇ ରହିଛ। କେବେ ଆସି ନ। ଆଜି ଆସିବ କେମିତି ?

ଛାଡ।

ସ୍ୱପ୍ନ। ସ୍ୱପ୍ନ।

ଗୁରୁତ୍ୱ ଦେବା ଅନୁଚିତ୍‌।

ମୁଁ ପୁଣି ଶୋଇ ପଡିଲି।

କିନ୍ତୁ ଏ କ'ଣ ?

ମୋତେ ଲାଗୁଛି ମୋ ମୁହଁକୁ ଚାହିଁ କିଏ ବସିଛି। କିଏ ?

ନା ସ୍ୱପ୍ନ।

ନା ସତ।

ସ୍ୱପ୍ନ ଓ ସତ ଭାବନା ଭାବନାରେ ମୁଁ ଆଖି ଖୋଲିଦେଲି।

ମୋ ମୁହଁ ଉପରେ ମୁହଁ ଝୁଙ୍କାଇ ବସିଛନ୍ତି।

ମୁଁ ଚମକି ପଡି ପଚାରିଲି; 'ତମେ ?'

ବିସ୍ମିତ ହୋଇ ପଚାରିଲେ ସେ; "ତମେ ଏବେ ସେ ଘରକୁ ଯାଇଥିଲ ଟି ?"

"ମୁଁ ? ମୁଁ କାହିଁକି ଯିବି ? ମୁଁ ତ ଶୋଇଛି।"

ସେ ସତ ଭାବିଲେ ନାହିଁ; ସେମିତି ପଚାରିଲେ, "ତମେ କଅଣ

ଭାବୁଛ ମୁଁ ଏ ଦିପହରଟାରେ ଏମିତି ଶୋଇଛି ଯେ କିଛି ଜାଣି ପାରିବି ନି ? ମୋ ମୁହଁକୁ ଚାହିଁ କେଡେ ବେଗି ଚାଲିଆସିଲ ?"

"ଖାଲି ଚାହିଁଲି ନା କିଛି ପଚାରିଲି ?"

ମୋ ସ୍ୱପ୍ନକୁ ମେଳେଇବାକୁ ମୁଁ ପଚାରିଲି।

"ନା' ନା' ଖାଲି ପଚାରିବ କ'ଣ ? ଖାଲି ଚାହିଁ ଦେଇ ତ ଚାଲି ଆସିଲ।"

ମୁଁ ଦେଖୁଛି ଘର ଭିତରୁ କିଏ ପିଲା ଦୁହିଁଙ୍କୁ ନେଇ ପଳାଇଲା। ସେ ଦେଖୁଛନ୍ତି, ତାଙ୍କ ମୁହଁକୁ କିଏ ଚାହିଁ ଚାଲି ଆସିଛି ଏ ଘରକୁ।

ସେ ମୋତେ ସନ୍ଦେହ କରୁଛନ୍ତି, ମୁଁ ଆଉ କାହାକୁ। କିନ୍ତୁ ଯାହା ହେଲେ ବି ଏ ସ୍ୱପ୍ନ। ସ୍ୱପ୍ନକୁ ସାଧାରଣ ସ୍ୱପ୍ନଟିଏ ଭାବି ଆଉ କିଛି କହିଲି ନାହିଁ। ସେ ବି।

ରାତିରେ ସେ ଘରୁ ବାହାରି ଆସିବାବେଳେ ଆଉଥରେ ମନେ ପକାଇଦେଲେ, "ତମେ ଯେମିତି ହେଲେ ଭୋଗ କରିବ।"

ମୁଁ କିନ୍ତୁ ଭୋଗ କରିବି ନାହିଁ ସ୍ଥିରକରି ତାଙ୍କୁ ହଁ ଟାଏ ମାରି ଚାଲି ଆସିଲି।

ରାତି ସାଢେ ନଅଟା।

ମୁଁ ଭୋଗ କରିନାହିଁ।

ନୟାଗଡ ଶେଷରେ ଖଣ୍ଡପଡା ଆଡକୁ ବଳରାମ ପାହାଡ ଉପରେ ରାମ ମନ୍ଦିର। ପାଖରେ ବିରାଟ ବନ୍ଧ। ବର୍ଷାଦିନେ ଖୁବ୍ ପାଣି। ଖରାଦିନେ ବେଶି ନ ହେଲେ ବି ଥାଏ। ଜହ୍ନ ପଡିଥାଏ। ପାହାଡ ପାଣି ଚକ୍ ମାରୁଥାଏ। ମୁଁ ବସିଥାଏ କେବେ କେବେ। ମନ୍ଦିରକୁ ପଛ କରି। ନିଜକୁ ନିରୋଳା କରି।

ଛୋଟ ମନ୍ଦିର। ଲୋକ ବେଶି ନାହାନ୍ତି। ଜଣେ ଦି ଜଣ ଯା ଆସ କରୁ ଥାଆନ୍ତି। ଅମାବାସ୍ୟାର ଅନ୍ଧାରରେ ଦୂର ପାହାଡ ବଡ ରହସ୍ୟମୟ ଲାଗୁଥାଏ।

ମନୁଭାଇ ଫୋନ୍ କଲେ।

ମନୁଭାଇଙ୍କର ଦକ୍ଷିଣକାଳୀ ମନ୍ଦିର ପାଖରେ ଦୀପ ଫୁଲର ଦୋକାନ। କବି, ଅଭିନେତା, ଭଲ ପାଠକ ଭାବେ ତାଙ୍କର ପରିଚିତ ଓ ସମସ୍ତଙ୍କର ପ୍ରିୟ ସେ।

ସେଇଠି ଆମର ଖଟି। ଚାରିବର୍ଷ ଧରି ନାଟକ କରୁଥିବା ଆମ ସିରିୟସ ଜୋନ୍ ସାଂସ୍କୃତିକ ଶାଖାର ଆଦିକ୍ଷେତ୍ର ତାଙ୍କ ଦୋକାନ। ଦୋକାନ ବନ୍ଦ ପରେ ସାହିତ୍ୟ ଆଲୋଚନା।

ମୁଁ ନ ପହଞ୍ଚିଲେ ସେ ଫୋନ୍ କରିବେ। ପଚାରିବେ, "କୁଆଡେ ଗଲେ ?" "ହଁ ଯାଉଛ" କହି ମୁଁ ପହଞ୍ଚି ଯାଏ।

ମୁଁ ଫୋନ ଉଠାଇଲି। କହିଲି, "ନମସ୍କାର ଭାଇ ! ପହଞ୍ଚୁଛି।"

ସେ ସଙ୍ଗେ ସଙ୍ଗେ କହିଲେ, "ହଁ ଆସ। ତୁମ ଭୋଗ ଥୁଆ ହୋଇଛି।"

"ଭୋଗ ! କୋଉ ଭୋଗ !" ଆଶ୍ଚର୍ଯ୍ୟରେ ପଚାରିଲି ମୁଁ।

"ପିଲାମାନେ ଆସିଥିଲେ, ଭୋଗ ଛାଡିଦେଇ ଯାଇଛନ୍ତି।"

"ପିଲାମାନେ ? ସେମାନେ କେତେବେଳେ ଆସିଲେ ? କାହା ସାଙ୍ଗରେ ଆସିଲେ ? ମୁଁ ନ ଥିଲେ ମୋ ପିଲା ତ ଘରୁ ବାହାରିବେ ନାହିଁ।"

ମୁଁ ଏକା ରାହା କେ କହିଗଲି, ସେ "ହଉ ଆସ" କହି ଫୋନଟି ରଖିଦେଲେ।

ପହଞ୍ଚିଲି ତ ସିଏ ବଢାଇଦେଲେ ଜରି ପୁଡିଆଟେ।

ଏ କଅଣ ? ନଡିଆ, କଦଳୀ, କମଳା, ଅଙ୍ଗୁର, ସେଓ। ପୂରାପୂରି ଜରିଟାଏ ! କାହାର ଏ ଭୋଗ ? କିଏ ଦେଇଛି ? ମୋ ପିଲା କାହିଁକି ଆସିବେ ? କେମିତି ଆସିବେ ?

ମୋ କଥା ବିଶ୍ୱାସ କରୁ ନ ଥା'ନ୍ତି ମନୁଭାଇ। ସେ ସେମିତି ଜୋର ଦେଇ କହି ଚାଲୁଥାନ୍ତି। ଆରେ ଏତେ କଥା ମୁଁ ଜାଣି ନି। ଏ ତମ ଭୋଗ। ଭାଇନା ଉପରବେଳାରୁ ଦେଇ ଯାଇଛନ୍ତି। ମୋତେ କହିଛନ୍ତି ତୁମର ଝିଅ ଦି ଜଣ ଏ ଭୋଗ ନେଇ ଆସିଥିଲେ। ମନ୍ଦିର ଗହଳି ଥିବାରୁ ତାଙ୍କ ହାତକୁ ବଢାଇ ଦେଇ ଚାଲିଗଲେ। ସେ ଭୋଗକରି ପିଲାଙ୍କୁ ନ ପାଇବାରୁ ମୋତେ ଦେଇଗଲେ। ବାରମ୍ବାର ବି କହିଲେ ମୋତେ ଦେଇ ଦେବାକୁ।

ଭାଇନା ମୋତେ କେମିତି ଚିହ୍ନିଲେ ? ମୋ ଛୁଆଙ୍କୁ କେମିତି ଚିହ୍ନିଲେ ?

ନା ନା ସେ କଅଣ ଆପଣଙ୍କ ନାଁ ଜାଣିଛନ୍ତି ? କେବଳ କହିଲେ ଏଠି ଯେଉଁ ବାବୁ ପଞ୍ଜାବୀ ପିନ୍ଧି ବସନ୍ତି, ତାଙ୍କ ଝିଅ ଦି ଜଣ ଆସିଥିଲେ। ଆପଣ ତ ସବୁବେଳେ ପଞ୍ଜାବି ପିନ୍ଧନ୍ତି। ସେ ସିନା ନା ଜାଣି ନ ଥିବେ। କିନ୍ତୁ ଆପଣଙ୍କୁ କି ପିଲାଙ୍କୁ କଅଣ ଜାଣି ନାହାନ୍ତି ?

ମନୁଭାଇଙ୍କୁ ଅବିଶ୍ୱାସ କରାଯାଇ ପାରେ ନା।

ଅବିଶ୍ୱାସ ଏ ଭୋଗକୁ ନେଇ। ଘଟଣାକୁ ନେଇ। ସ୍ୱପ୍ନକୁ ନେଇ।

ଯାହାକୁ ମୁଁ ସାଧାରଣ ଭାବେ ମୁଁ ବିଶ୍ୱାସ କରିପାରି ନ ଥାଏ। ଏମିତି କ'ଣ ଗୋଟେ ଘଟଣା ଘଟିପାରେ ?

ସ୍ୱପ୍ନ ଓ ସମସ୍ତ ବର୍ଣ୍ଣନା ଶୁଣି ମନୁଭାଇ ହାଁ କରି ଚାହିଁଥିଲେ। କେତେ ସମୟ ପରେ କହିଲେ, ସେ ନିଜେ ଆସିଥିଲେ। ଭୋଗକରି ଚାଲିଗଲେ।

"ମୁଁ ସେଇ କଥା ପଚାରୁଛି, ମନୁଭାଇ। ସେ କିଏ ? କିଏ ସେ ?"

ମୋ ବାପା ?

କାଳିଆ ସାଆନ୍ତ ?

ନା ମହାଦେବ ?

ମନୁଭାଇ ଖିଅ ପାଇଲେ ନାହିଁ। ମୁଁ ନିଜେ ଭୋଗ ପାଇ ଆଉ କିଛି ଭୋଗ ବାଣ୍ଟି ବଳକା ଭୋଗକୁ ରାତି ଏଗାର ବେଳକୁ ଘରକୁ ଆଣିଲି।

ସ୍ତ୍ରୀଙ୍କ ହାତକୁ ବଢାଇଦେଲି।

ସେ ଖୁସି ଖୁସି ହୋଇ କହି ପକାଇଲେ, "ତୁମେ ଭୋଗ କଲ ଟି ?"

"ନା"

ସେ ଭୋଗ ପାଇଲେ। କହିଲେ "ନା ତ ଏ ଭୋଗ କଲା କିଏ ?"

"ସେ ନିଜେ ଆସିଥିଲେ।"

"ନିଜେ ମାନେ ?"

କଥାଟିକୁ ହାଲୁକା ଭାବେ ନେଇ ସେ ଯେମିତି ପ୍ରଶ୍ନ କରିଥିଲେ, ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପରେ ଗମ୍ଭୀର ହୋଇଗଲେ। ପଚାରିଲେ, "ସତରେ ସିଏ କିଏ ?"

ମୁଁ ତ ସେଇକଥା ପଚାରୁଛି। ଏ ପଚାଶ ଛୁଇଁଥିବା ବୟସରେ ସ୍ୱପ୍ନ ଆଉ ତା'ର ବାସ୍ତବତାକୁ ଭାବି ମୁଁ ଯେତିକି ଆଶ୍ଚର୍ଯ୍ୟ ଓ ବିସ୍ମିତ ହୋଇଛି, ତା'ର ଖିଅ ପାଉନାହିଁ। ମନୁଭାଇଙ୍କୁ ପଚାରୁଛି, ତମକୁ ପଚାରୁଛି, "ସେ କିଏ ?" ସେ କିଏ।

ରଥଗଡା ସାହି, ପୁରୁଣା ସହର, ନୟାଗଡ, ପିନ୍-
୭୫୨୦୭୦
ମୋ - ୯୪୩୮୦୧୨୨୮୬



# ଥରେ ଶୁଣ ଡାକ ମୋର ପ୍ରଭୁ ଜଗନ୍ନାଥ

**ହଂସନାଥ ମୁଦୁଲି**

ଥରେ ଶୁଣ ଡାକ ମୋର ପ୍ରଭୁ ଜଗନ୍ନାଥ
ଶରଣ ଗଲି ପାଦରେ ଟେକି ମୋର ହାତ ।          (୦)

ବଡଦାଣ୍ଡେ ଦେଖିଛି ମୁଁ ତୁମ ଲୀଳା କେତେ
ଉଦ୍ଧାରିଛ କେତେ ଭକ୍ତ ଡାକିଛନ୍ତି ଯେତେ
ନିରାଶ ନୁହେଁ ମୁଁ ଯେଣୁ ତୁମେ ତାତ ମାତ ।          (୧)

ବାଇଶ ପାହାଚେ ଦେଖେ ଭକ୍ତଙ୍କର ଭିଡ
ସବୁଠି ଦେଖିଛି ତୁମ ଆଶିଷର ଝଡ
କି ପାଇଁ ନୋହିବ ତୁମେ ମୋ' ଠାରେ ପ୍ରୀତ !(୨)

ମନ୍ଦିର ବେଢାରେ ଦିଶେ ଭକ୍ତ ହାତ ଟେକା
ବନିଯାଅ ତୁମେ ପରା ସଭିଙ୍କର ସଖା
ଧାଡିରେ ରହିଛି, ଦିନେ ସ୍ୱପ୍ନ ହେବ ସତ ।(୩)



ଗରୁଡ ସ୍ତମ୍ଭ ପାଖରେ ଭକ୍ତଙ୍କ ଗୁହାରୀ
ରତ୍ନ ସିଂହାସନେ ରହି ଶୁଣ ତ ମୁରାରି
ମୁଁ ରହି ଅଳପ ଦୂରେ ଦେଇଛି ମୋ ଚି□ ।          (୪)

ଗର୍ଭଗୃହେ ପଶିଗଲେ, ଉକ୍ତ ଆନମନା
ତୁମ ଆଶିଷରୁ ସେଠି କିଛି ନାହିଁ ମନା
ମୋ ପାଳି ପଡିବ କେବେ ମନ ହନ୍ତସନ୍ତ ।          (୫)

ତୁମଠୁ ବିଦାୟନେଲେ ଆନନ୍ଦ ବଜାରେ
କୈବଲ୍ୟ କଣିକା ପାଏ ଭକ୍ତ ଆନନ୍ଦରେ
ପଛରେ ପଡିଛି ମୁହିଁ କେବେ ହେବ ଭେଟ !(୬)

ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
ମୋ : ୯୭୭୭୯୬୮୭୧୯

# ଏମିତି ସାମନ୍ତ ତ୍ରିଭୁବନେ ନାହିଁ ନାଶନେ ଆରତ ଆରତ

ମନୋରମା ବିଶ୍ୱାଳ ମହାପାତ୍ର

କଲିକତାରୁ କାଠମାଣ୍ଡୁ । ବୈଶାଖର ଏକ ଉତ୍ତପ୍ତ ଅପରାହ୍ନ । ଏୟାର ଇଣ୍ଡିଆ ପ୍ଲେନରେ ମୋର କାଠମାଣ୍ଡୁ ଯାତ୍ରା । କାଠମାଣ୍ଡୁର ଲୋକ ସାହିତ୍ୟ ଏକାଡ଼େମୀର ବାର୍ଷିକ ଅଧିବେଶନ । ପ୍ରାୟ ଛଅମାସ ଆଗରୁ ସେମାନଙ୍କର ଚିଠି ଏବଂ ଇମେଲ୍ । ଡକ୍ଟର ତୁଲସୀ ଦିୱାସାଙ୍କ ବ୍ୟକ୍ତିଗତ ଟେଲିଫୋନ୍ । ପ୍ରାୟ ପାଞ୍ଚବର୍ଷ ତଳେ ମୁଁ କାଠମାଣ୍ଡୁ ଯାଇଥିଲି, ଏହିପରି ଗୋଟିଏ ଲୋକ ସାହିତ୍ୟ ଅଧିବେଶନରେ ଯୋଗ ଦେବା ପାଇଁ । ହିମାଳୟର ଦୁର୍ବାର ଆକର୍ଷଣ । ପାର୍ବତୀୟ ଶୋଭା ଉପଭୋଗ ଏବଂ ମୋର କେତେ ଜଣ କବି ବନ୍ଧୁଙ୍କୁ ଭେଟିବା ଇଚ୍ଛା ଏଥର କାଠମାଣ୍ଡୁ ଯାତ୍ରାର ଅନ୍ୟତମ କାରଣ ଥିଲା । ଚାରିପାଖରେ ପର୍ବତ ଆଉ ପର୍ବତ । ପାଇନ୍ ଏବଂ ଓକ୍ ଗଛ ସବୁ ଏହି ଜାଙ୍ଗଲିକ ସୁଷମାକୁ ଅଧିକ ବଢ଼ାଇ ଦେଉଥିବାର ସ୍ମୃତି ମନରେ ଥାଏ ।

କାଠମାଣ୍ଡୁ ଯିବାର କିଛି ଦିନ ଆଗରୁ ଆମ ବାସସ୍ଥାନ ଆଚାର୍ଯ୍ୟ ବିହାରର କେତେଜଣ କର୍ମକର୍ତ୍ତା ଆସି ମୋତେ ଜଣାଇଲେ ଯେ ଏଥର ନବକଳେବର ଆଗରୁ ଆଚାର୍ଯ୍ୟବିହାର ମନ୍ଦିରରେ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ତ୍ରିମୂର୍ତ୍ତୀ ପ୍ରତିଷ୍ଠା କରାଯିବ । ସପ୍ତାହବ୍ୟାପୀ ପୂଜାର୍ଚ୍ଚନା ହେବ । ଆମେ ସମସ୍ତ ଆଚାର୍ଯ୍ୟବିହାର ବାସିନ୍ଦାଙ୍କୁ ଏ ସଂପର୍କରେ ଅବଗତ କରାଇବାକୁ ଚାହୁଁଛୁ ଯେ, ଯିଏ ସ୍ୱଇଚ୍ଛାରେ ଯାହା ଦେବ, ତାକୁ ଆମେ ଗ୍ରହଣ କରିବୁ । ଶ୍ରୀଜଗନ୍ନାଥଙ୍କୁ ରୂପା ମୁକୁଟ ଦେବା ଲାଗି ମୁଁ ଆଗରୁ ଭାବିଥାଏ । ସବୁ ତ ସେହି ଜଗନ୍ନାଥଙ୍କ କୃପା - ମୁଁ ନିମିତ୍ତ ମାତ୍ର ।

କାଠମାଣ୍ଡୁ ଯିବା ପୂର୍ବରୁ ରୂପା ମୁକୁଟର ବଇନା ଦେବି ଏବଂ ଶ୍ରୀଜଗନ୍ନାଥଙ୍କ ଅଭିଷେକ ସମୟରେ ତାହା ଲାଗି କରାଯିବ । ମୁକୁଟ ଅର୍ଡର ଦେଲି । ଶୀଘ୍ର କରାଯିବା ପାଇଁ ସମସ୍ତ ପ୍ରତିଶ୍ରୁତି ସହ ଫେରି ଆସିଲି ।ନିର୍ଦ୍ଦିଷ୍ଟ ଦିନ ମୁକୁଟ ଆସି ପାରିଲା ନାହିଁ । ମନ ଭୀଷଣ ଦୁଃଖ ହେଲା- ମଣିଷ ହାତରେ କିଛି ନାହିଁ । ମନ ଦୁଃଖରେ କାଠମାଣ୍ଡୁ ଯିବା ପାଇଁ ଭୁବନେଶ୍ୱରରୁ ଇଣ୍ଡିଗୋ ବିମାନରେ କଲିକତା ଗଲି । କଲିକତାରୁ ତା ପରଦିନ କାଠମାଣ୍ଡୁ ଯିବା ସ୍ଥିର ହୋଇଛି ଏୟାର୍ ଇଣ୍ଡିଆରେ । ମୁକୁଟ ତିଆରି ହୋଇ ଆସି ପାରିଲାନି । ମନ ଆଦୌ ଭଲ ଲାଗୁନ ଥାଏ । ମୁଁ କେବେ କିଛି ଶ୍ରୀ ଜଗନ୍ନାଥଙ୍କୁ ଦେଇନାହିଁ । କେବେ ମଧ କିଛି ମାଗିନାହିଁ । ଶ୍ରୀଜଗନ୍ନାଥଙ୍କ ପାଖକୁ ଗଲେ କାହିଁକି କେଜାଣି ଆଖି ଲୁହରେ ଭରିଯାଏ । ଜାଣେନି କାହିଁକି ଏପରି ହୁଏ । ବାଷ୍ପାକୁଳ ମନ ନେଇ ଫେରିଆସେ । ଜଗନ୍ନାଥଙ୍କ ମହିମା ମୁଁ ବା କେମିତି ବୁଝିବି । ଜଗନ୍ନାଥଙ୍କ ସଂପର୍କରେ କବିତା ଯାହା ସବୁ ଲେଖିଛି, ବେଳେବେଳେ ମୋତେ ଲାଗେ, ତାହା ମୁଁ ସଂପୂର୍ଣ୍ଣ କରିପାରି ନାହିଁ । ସବୁ ଯେମିତି ଅସଂପୂର୍ଣ୍ଣ । ରୂପା ମୁକୁଟ ଆସି ପାରି ନଥିବାର ଦୁଃଖର ଭାରକୁ ବହନ କରି ମୁଁ କାଠମାଣ୍ଡୁ ଯିବାକୁ ବାହାରିଛି । ସେ ତ ଇଚ୍ଛାମୟ । ତାଙ୍କରି ଇଚ୍ଛାରେ ପୃଥିବୀ ଆତଯାତ ହେଉଛି । ଭୁବନେଶ୍ୱରରୁ ଇଣ୍ଡିଗୋରେ କଲିକତା ଏବଂ ତା ପରେ ଏୟାର ଇଣ୍ଡିଆରେ କାଠମାଣ୍ଡୁ ଯିବାକୁ ସ୍ଥିର ହୋଇଛି । ମେ ମାସର ପ୍ରଚଣ୍ଡ ଗରମ । କଲିକତା ବିମାନ ବନ୍ଦରରୁ ଦିନ ତିନିଟାରେ ଏୟାର ଇଣ୍ଡିଆ ଛାଡ଼ିବା କଥା । ସିକ୍ୟୁରଟି ଚେକ୍ ପରେ ବିମାନ ଭିତରକୁ ଯିବାକୁ ନିର୍ଦ୍ଦେଶ ହେଲା । ବିମାନ ଭିତରେ ସବୁ ସିଟ୍ ଫୁଲ୍ । ଖରାଛୁଟି କଟାଇବା ପାଇଁ ଅନେକ ଲୋକ କାଠମାଣ୍ଡୁ ଯାଉଛନ୍ତି । ଆଉ କେହି କେହି ବ୍ୟକ୍ତିଗତ କାମରେ ଯାଉଛନ୍ତି । କଲିକତାରୁ କାଠମାଣ୍ଡୁର ଦୂରତ୍ୱ ବେଶୀ ନୁହେଁ । ଦେଢ଼ ଘଣ୍ଟାର ବିମାନ ଯାତ୍ରା । ବିମାନ ଭିତରେ ଯାତ୍ରୀମାନଙ୍କର ଉତ୍‌କଣ୍ଠା । ବିମାନ ଛାଡ଼ିବାରେ ବିଳମ୍ବ କାହିଁକି ହେଉଛି ? ବିଳମ୍ବର କାରଣ ମଧ ଜାଣିବା ଅସମ୍ଭବ ।

ପ୍ରାୟ ଏକ ଘଣ୍ଟା ବିଳମ୍ବରେ କଲକତାର ଆନ୍ତର୍ଜାତୀୟ ବିମାନ ବନ୍ଦରରୁ କାଠମାଣ୍ଡୁ ଯାତ୍ରା ପାଇଁ ଉଡ଼ାଜାହାଜଟି ଛାଡ଼ିଲା । ସାଢ଼େ ଚାରି ବଦଳରେ ସାଢ଼େ ପାଞ୍ଚରେ କାଠମାଣ୍ଡୁର ତ୍ରିଭୁବନ ବିମାନବନ୍ଦରରେ ପହଞ୍ଚିବ । ମନରେ ଅନେକ ଉଦ୍‌ବେଗ । ଏଥର ବିମାନଯାତ୍ରା ସମୟରେ ଭଲ ସମୟ ଦେଖି ଘରୁ ବାହାରି ଥିଲି । ଏକାଏକା ବିଦେଶ ଯାଉଛି ଯେତେବେଳେ ଉଦ୍‌ବେଗ ତ ସ୍ୱାଭାବିକ । ଯେତେଥର ବିଦେଶ ଯାଇଛି, ପ୍ରତିଥର ମୋତେ ଏକୁଟିଆ ଯିବାକୁ ପଡ଼ିଥାଏ । ଉଡ଼ାଜାହାଜ ଭିତରେ ଅସମ୍ଭବ ନୀରବତା । କାଠମାଣ୍ଡୁର ତ୍ରିଭୁବନ ବିମାନ ବନ୍ଦରରେ ଆଉ କିଛି ସମୟ ପରେ ଉଡ଼ାଜାହାଜ ଅବତରଣ କରିବ । କିନ୍ତୁ ଅବତରଣ କରିବା ଅସମ୍ଭବ ହୋଇ ପଡ଼ିଛି । ପ୍ରାୟ ପଇଁଚାଳିଶ ମିନିଟ୍ ଧରି ବିମାନ ବନ୍ଦର ଉପରେ ଚକ୍କର କାଟିବାରେ ଲାଗିଲା । ହେଲେ ଅବତରଣ କରିବା ଅସମ୍ଭବ ହୋଇ ପଡୁଛି । ବିମାନ ଭିତରେ ଥିବା ସମସ୍ତ ଯାତ୍ରୀ ଭୟଭୀତ

ହୋଇ ପଡିଲେ। କିଛି ଗୋଟାଏ ଅଘଟଣ ଘଟିବାକୁ ଯାଉଛି। ସମଗ୍ର ବିମାନ ବନ୍ଦରଟିରେ ଘମାଘୋଟ ଅନ୍ଧକାର। ମୂଷଳ ଧାରାରେ ବର୍ଷା ଲାଗି ରହିଛି। ଦୂରଦୃଷ୍ଟି ସଂପନ୍ନ ବିମାନଚାଳକ ଘୋଷଣା କଲେ ପ୍ରତିକୂଳ ପାଗ ହେତୁ ବିମାନଟିକୁ ଅବତରଣ କରିପାରୁ ନାହିଁ। ଆମେ ପୁଣି କଲିକତା ଫେରିଯିବୁ। ମନ ଭିତରେ ଭୀଷଣ ଉଦ୍‌ବେଗ। ରାତି କ୍ରମଶଃ ଘନେଇ ଆସୁଛି। କଲିକତାରୁ ପ୍ରଫେସର ସୋମେନ୍ ସେନ୍ ମଧ୍ୟ ସେଇ ପ୍ଲେନ୍‌ରେ ଲୋକ ସାହିତ୍ୟ ସେମିନାରରେ ଯୋଗ ଦେବାକୁ ଯାଉଥିଲେ। ବିମାନ ବନ୍ଦରରେ ତାଙ୍କ ସହିତ ଦେଖା ହୋଇଥିଲା। ବିମାନ ଭିତରେ ମୃତବତ୍ ନୀରବତା। ସମସ୍ତ ଯାତ୍ରୀ ନୀରବ। ପ୍ରକୃତି ପାଖରେ ମଣିଷ କେତେ ଅସହାୟ ସତରେ। ବିମାନ ଫେରି ଆସିଲା କଲିକତା।


ଯାତ୍ରୀମାନଙ୍କ ଭିତରେ ଅହେତୁକ କୋଳାହଳ। ଯେଉଁମାନେ କଲିକତା ବାହାରୁ ଆସିଛନ୍ତି; ସେମାନଙ୍କୁ ଏୟାର ଇଣ୍ଡିଆ ହୋଟେଲ୍‌ରେ ରଖିବ ଏବଂ ତା ପରଦିନ ପୁଣି କାଠମାଣ୍ଡୁ ଅଭିମୁଖେ ଯାତ୍ରା କରିବ। ସେହି ମୁହୂର୍ତ୍ତରେ ମୁଁ କଣ କରିବି ସ୍ଥିର କରିପାରିଲିନି। ବିମାନ ତ ଫେରିଆସିଲା। ଆଉ ଥରେ କାହିଁକି ଯିବି। ମୁଁ ମୋ ଟିକେଟ୍ କ୍ୟାନସେଲ୍ କରି ଭୁବନେଶ୍ୱର ଫେରିବାକୁ ମନସ୍ଥ କଲି। କିନ୍ତୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମସ୍ତ ବିମାନ କଲିକତାରୁ ଚାଲିଯାଇଥିଲା। ରାତି ସେତେବେଳେ ଆଠଟା ବାଜି ସାରିଥିଲା। ମୋ ମନ ଭିତରେ ଭୀଷଣ ଉଦ୍‌ବେଗ। ଶେଷ ଚେଷ୍ଟା କରି ଦେଖିଲି କେବଳ ଆନ୍ତର୍ଜାତୀୟ ବିମାନଟିଏ ଯାହା ରହିଛି ଦିଲ୍ଲୀ ଯିବା ପାଇଁ। ଆଉ ଦଶ ମିନିଟ୍ ଭିତରେ ସେ କାଉଣ୍ଟର ମଧ୍ୟ ବନ୍ଦ ହୋଇଯିବ। କାଉଣ୍ଟର ଯାଇ ବୁଝିଲି ଟିକେଟର ମୂଲ୍ୟ ପନ୍ଦର ହଜାର ଟଙ୍କା- ଭୀଷଣ ଅସହାୟ ଲାଗିଲା। ମୋ ଟ୍ରାଭଲ୍ ଏଜେନ୍‌ସିକୁ ଫୋନ୍ କରି କହିଲି ସଂଗେ ସଂଗେ ଦିଲ୍ଲୀ ଟିକେଟ୍ ଗୋଟାଏ କରି ମୋବାଇଲ୍‌କୁ ମ୍ୟାସେଜ୍ କରି ଦେବାକୁ। ମୋର ଅସହାୟତା ଏବଂ ଉଦ୍‌ବେଗ ସଂପର୍କରେ କାହାକୁ ବା କହିଥାଆନ୍ତି। ସମସ୍ତେ ସେଠାରେ ଅଚିହ୍ନା। ଏଠାରେ କେବଳ ସେହି ପରଂବ୍ରହ୍ମ ଜଗନ୍ନାଥଙ୍କ ସାହାଯ୍ୟ ବିନା ମଣିଷ ହାତରେ ଆଉ କଣ ଥାଇପାରେ। ଟିକେଟ ହୋଇଗଲା। ମୁଁ ରାତି ସାଢ଼େ ନଅରେ ଦିଲ୍ଲୀ ଆସିବା ପାଇଁ ବିମାନ ଭିତରକୁ ପଶିଲି। କଲିକତାରୁ ଦିଲ୍ଲୀ ଦେଢ଼ ଘଣ୍ଟା ସମୟ ଲାଗିଲା। ଦିଲ୍ଲୀରେ ଝିଅ ଥାଏ। ତାକୁ ଆଗରୁ ଫୋନ୍ କରିଥିଲି ବିମାନ ବନ୍ଦରକୁ ଗାଡ଼ି ପଠାଇବା ପାଇଁ। ଝିଅ ଘରେ ପହଂଚିଲା ବେଳକୁ ରାତି ସାଢ଼େ ବାରଟା। କାରଣ ବିମାନ ବନ୍ଦରରୁ ତା ଘର ବେଶ୍ ଦୂର। ମାନସିକ ଅସ୍ଥିରତା ଭିତରେ କିଛି ଖାଇବାକୁ ଇଚ୍ଛା ହେଲାନି। ସକାଳେ ଝିଅର ଡ଼ାକରେ ନିଦ ଭାଙ୍ଗିଗଲା। ଟେଲିଭିଜନରେ ଏକ ଭୟଙ୍କର ଖବର। କାଠମାଣ୍ଡୁରେ ପ୍ରଚଣ୍ଡ ଭୂମିକମ୍ପର ତାଣ୍ଡବ ଲୀଳା। ସେଠାରେ ଘରଦ୍ୱାର ନିଶ୍ଚିହ୍ନ ଓ ହଜାର ହଜାର ଲୋକଙ୍କର ମୃତ୍ୟୁ। ବଡ଼ ବଡ଼ କୋଠାଘର ଏବଂ ହେଟେଲ୍ ମାଟିରେ ମିଶି ଯାଇଛି। ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଏଭଳି ଭୟଙ୍କର ଭୂମିକମ୍ପ କାଠମାଣ୍ଡୁରେ ପ୍ରାୟ ତିନିଶ ବର୍ଷ ଭିତରେ ହୋଇ ନଥିଲା। ଏଭଳି କରୁଣ ଏବଂ ଦୁଃଖଦ ଘଟଣାରେ ସମଗ୍ର ପୃଥିବୀ ସ୍ତବ୍ଧ ହୋଇଯାଇଛି।

ଟେଲିଭିଜନର ପରଦାକୁ ଅନାଇ ଆଖି ସଜଳ ହୋଇଉଠିଲା। ପ୍ରକୃତରେ ଜଗନ୍ନାଥ ହିଁ ମୋତେ ଆଜି ତାଙ୍କର ଘଣ୍ଟ ଘୋଡାଇ ରଖିଲେ। ନଚେତ ମୁଁ କିଏ। ମୁଁ ତ ସାମାନ୍ୟ ଜଳ ବିନ୍ଦୁଟିଏ। ଉଡ଼ାଜାହାଜ ଫେରିଆସି ନ ଥିଲେ ମୋର ଅସ୍ତିତ୍ୱ ଆଜି ନ ଥାନ୍ତା। ମୁଁ ମଧ୍ୟ ସେହି ଭୂମିକମ୍ପ ଭିତରେ ନିଃଶେଷ ହୋଇଯାଇଥାଆନ୍ତି। ପ୍ରଭୁ ତମେ ହିଁ ଉଡ଼ାଜାହାଜ ଫେରାଇ ଆଣିଲ। ମୋତେ ଉଦ୍ଧାର କଲ !

ମନରେ ମୋର ଦୋହରାଇ ହେଉଛି ଦୀନକୃଷ୍ଣ ଦାସଙ୍କ ଜଣାଣ,

"ଏମନ୍ତ ସାମନ୍ତ ତ୍ରିଭୁବନେ ନାହିଁ,
ନାଶନେ ଆରତ ଆରତ...."

ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟବିହାର, ଭୁବନେଶ୍ୱର
ଫୋନ୍ : ୯୪୩୭୦୧୧୦୦୩



# ଉତ୍କଳର ନେତା ନିଜେ ନାରାୟଣ

**ଡ. ଉଦ୍ଧବ ଚରଣ ନାୟକ**

ଓଡିଶାର ଦ୍ୱିତୀୟ ଖାରବେଳ ମହାପରାକ୍ରମୀ କପିଳେନ୍ଦ୍ର ଦେବ (୧୪୩୪-୧୪୬୬) ଥିଲେ ଗଙ୍ଗାଠାରୁ ପାନ୍ନାର ପର୍ଯ୍ୟନ୍ତ ସୁବିଶାଳ ଉତ୍କଳ ସମ୍ରାଜ୍ୟର ପ୍ରତିଷ୍ଠାତା। ସେ ସୂର୍ଯ୍ୟବଂଶୀ କ୍ଷତ୍ରିୟ। ସୂର୍ଯ୍ୟବଂଶର ପ୍ରତିଷ୍ଠାତା। ତାଙ୍କର ରାଜଧାନୀ ଥିଲା ଅଭିନବ ବାରାଣସୀ କଟକ। ତାଙ୍କ ଶାସନକାଳର ଶେଷ ସମୟର ଏକ ଘଟଣା –

ସେଦିନ ବସିଛି ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କର ଦରବାର। ଉପସ୍ଥିତ ଅଛନ୍ତି ପାତ୍ର ମନ୍ତ୍ରୀଗଣ, ରାଜପରିଷଦବର୍ଗ, ମନ୍ତ୍ରୀ, ମହାମନ୍ତ୍ରୀ ଆଦି ରାଜନ୍ୟବର୍ଗ। ହେଲେ ମହାମନ୍ତ୍ରୀ କାଶୀନାଥ ସନ୍ଧିବିଗ୍ରହ ମହାପାତ୍ର ଅତ୍ୟନ୍ତ ବିଷଣ୍ଣ ବଦନରେ ମୌନ ହୋଇ ବସିଛନ୍ତି। ତାଙ୍କ ମୌନତାକୁ ଭଙ୍ଗକରି ମହାରାଜ କପିଳେନ୍ଦ୍ର ଦେବ ପଚାରିଲେ, "ମାନନୀୟ ମହାମନ୍ତ୍ରୀ! ବିଷାଦର କାରଣ?" "ବଡ ଗମ୍ଭୀର" ବୋଲି ଗମ୍ଭୀର ସ୍ୱରରେ ଉତ୍ତର ଦେଲେ ମହାମନ୍ତ୍ରୀ। "ଗମ୍ଭୀର!!!" ଦୃଢ ସ୍ୱରରେ ପଚାରିଲେ କପିଳେନ୍ଦ୍ର ଦେବ। "ହଁ ମଣିମା! ଅବସ୍ଥା ବଡ ଗମ୍ଭୀର।" ଶୁଣନ୍ତୁ ବୋଲି କହି ବର୍ଣ୍ଣନା କଲେ ମହାମନ୍ତ୍ରୀ –

"ଗତବର୍ଷ ଭାଦ୍ରବମାସ ଗଣେଶ ଚତୁର୍ଥୀ ପରଠାରୁ ବର୍ଷା ବନ୍ଦହୋଇ ଏବେ ଶ୍ରାବଣ ସରି ଭାଦ୍ରବ ପ୍ରବେଶ କରିବାକୁ ବସିଲାଣି, ବୁନ୍ଦେମାତ୍ର ଜଳ ବର୍ଷା ନାହିଁ। ବିଲବାଡି ପଡିଆ। ହା ହା କରୁଛି ଜମିବାଡି! ଖାଲି ସେତିକି ନୁହେଁ, ନଈନାଳ, କୁଅପୋଖରୀ ଚାରିଆଡ ଶୁଖିଲା। ଜଳର ଘୋର ଅଭାବ। କେଉଁଠି ହେଲେ ପାଣି ଟୋପେ ନାହିଁ। ଯଦି ଏପରି ବର୍ଷାଭାବ ଘଟେ, ଲୋକେ ଖାଇବାକୁ ପାଇବା ତ ଦୂରର କଥା, ପାଣି ମୁନ୍ଦିଏ ନ ପାଇ ପୋକମାଛି ପରି ମରିଯିବେ। ବେପାର ବଣିଜ ପୂରାପୂରି ଠପ୍। ସମଗ୍ର ଓଡିଶାରେ ଏପରି ଦଶା। ଗଙ୍ଗାଠାରୁ ଗୋଦାବରୀ ଯାଏ ଏପରି ଭୟାନକ ପରିସ୍ଥିତି ମଣିମା! ଆପଣ ଏ ଦେଶର ରାଜା, ରାଷ୍ଟ୍ରାଧିପତି। ପ୍ରଜାପାଳକ। ଆପଣ ନ ବୁଝିଲେ ଆଉ ବୁଝିବ କିଏ? "

ଗଜପତି ମହାରାଜା ଦୃଢକଣ୍ଠରେ ପଚାରିଲେ, ଦେବରାଜ ଏପରି ଅବିଚାର କରିବାର କାରଣ କ'ଣ ହୋଇପାରେ? ଏ ରାଷ୍ଟ୍ରର ରାଜା ମୁଁ ନୁହେଁ। ଜଗତର ନାଥ ସ୍ୱୟଂ ଜଗନ୍ନାଥ ହେଉଛନ୍ତି ଏହି ରାଷ୍ଟ୍ରର ମାଲିକ – ଶାସକ। ମୁଁ କେବଳ ତାଙ୍କର ରାଉତ, ସେବକ ମାତ୍ର। ମହାପ୍ରଭୁ ଜଗତରନାଥ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ଯେଉଁ ରାଷ୍ଟ୍ରରେ ବିରାଜମାନ କରିଛନ୍ତି – ସେଠାରେ ପୁଣି ଇନ୍ଦ୍ରଙ୍କର ଉପରି ଅବିଚାର! ଏ ସବୁ କଥା ଆମେ ମହାପ୍ରଭୁଙ୍କୁ ଜଣାଇଦେବା ଉଚିତ। ଏଥି ସହିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତରଫରୁ ଆମଆଡୁ ଦେବରାଜ ଇନ୍ଦ୍ରଙ୍କୁ ଏ ସମ୍ପର୍କରେ ପତ୍ର ଲେଖି ଜଣାଇଦେବା ନିହାତି ଦରକାର। ଯଦି ଇନ୍ଦ୍ର ଆମପତ୍ର ପ୍ରତି କର୍ଣ୍ଣପାତ ନକରନ୍ତି, ତେବେ ମହାପ୍ରଭୁଙ୍କୁ ପ୍ରାର୍ଥନାକରି ତାଙ୍କୁ ଇନ୍ଦ୍ରପଦରୁ ହଟାଇ ଅନ୍ୟ ଦେବତାଙ୍କୁ ଇନ୍ଦ୍ରପଦରେ ଅଧିଷ୍ଠିତ କରିବାକୁ ପଡିବ। ଏବେ ବି ସମୟ ଅଛି, ବର୍ଷାହେଲେ ଲୋକେ ଶାନ୍ତିରେ ନିଃଶ୍ୱାସମାରି ଆଶ୍ୱସ୍ତିଲାଭ କରିବେ।

ଦରବାରରେ ଉପସ୍ଥିତ ରାଜନ୍ୟବର୍ଗ, ବିଦ୍ୱାନ ମଣ୍ଡଳୀ ଓ ଅନ୍ୟାନ୍ୟ ରାଜକର୍ମଚାରୀମାନେ ଗଜପତି ମହାରାଜାଙ୍କ ମୁହଁରୁ ଏମିତି କଥା ଶୁଣି ବିସ୍ମିତ ହୋଇଗଲେ। ଏ କ'ଣ କହୁଛନ୍ତି ଓଡିଶାର ଗଜପତି ମହାରାଜା କପିଳେନ୍ଦ୍ରଦେବ। ତାଙ୍କର କ'ଣ ମତିଭ୍ରମ ହେଲାଣି ବୋଲି ନିଜ ନିଜ ଭିତରେ କୁହାକୁହି ହେଲେ। ଦରବାର ନିସ୍ତବ୍ଧ, ନୀରବ। ମହାମନ୍ତ୍ରୀ କାଶୀନାଥ ସନ୍ଧିବିଗ୍ରହ ମହାପାତ୍ର ମନେମନେ ଭାବିଲେ – ସମ୍ରାଟଙ୍କ ଆଦେଶରେ ଦେବରାଜ ଇନ୍ଦ୍ରଙ୍କୁ ପତ୍ର ଲେଖିଲେ କ'ଣ ସେ ବର୍ଷା କରିଦେବେ? ଯଦି ତାଙ୍କ ନିକଟକୁ ପତ୍ର ଲେଖାହେବ – ତେବେ ତାହା କେମିତ ତାଙ୍କ ପାଖରେ ଯାଇ ପହଞ୍ଚିବ? ଏମିତି ଅନେକ କଥା ଭାବିଭାବି ମହାମନ୍ତ୍ରୀ ଭାବନା ରାଜ୍ୟରେ ବୁଡିଗଲେ।

ମହାମନ୍ତ୍ରୀଙ୍କ ଭାବନାରେ ପୂର୍ଣ୍ଣଛେଦ ଟାଣି କପିଳେନ୍ଦ୍ରଦେବ ଆଦେଶ କଲେ, "ମହାମନ୍ତ୍ରୀ! କାଳ ବିଳମ୍ବ ନ କରି ଏହିକ୍ଷଣି ଦେବରାଜ ଇନ୍ଦ୍ରଙ୍କୁ ପତ୍ର ଲେଖନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତରଫରୁ ମୁଁ ସେହିପତ୍ରରେ ଦସ୍ତଖତ କରିବି। କାରଣ ମୁଁ ମହାପ୍ରଭୁଙ୍କ ରାଉତ। ପ୍ରଭୁ ନିଜେ ହେଉଛନ୍ତି ଗଙ୍ଗାରୁ ଗୋଦାବରୀ ଯାଏ ପ୍ରଶସ୍ତ ହୋଇଥିବା ସମଗ୍ର ଭୂଖଣ୍ଡର ମାଲିକ। ଆଜି ମୋର ପ୍ରଭୁ ଜଗନ୍ନାଥ ମହାପ୍ରଭୁଙ୍କର ଶାସିତ ରାଜ୍ୟରେ ଜଳବର୍ଷା ନ ହୋଇ ଅପାଳକ ପଡିଛି। ଏକଥା ମୁଁ ବରଦାସ୍ତ କରିପାରିବି ନାହିଁ। ଏଇକ୍ଷଣି ଦେବରାଜ ଇନ୍ଦ୍ରଙ୍କୁ ପତ୍ର ଲେଖିବାକୁ ହେବ ହିଁ ହେବ।"

ମହାମନ୍ତ୍ରୀ କହିଲେ, "ମଣିମା ! କେଉଁ ଭାଷାରେ ଇନ୍ଦ୍ରଙ୍କୁ ପତ୍ର ଲେଖାଯିବ ?" କପିଳେନ୍ଦ୍ରଦେବ କହିଲେ, "ଦେବତା ମାନଙ୍କର ଭାଷା ସଂସ୍କୃତ । ଲିପି ହେଉଛି ଦେବନାଗରୀ । ଆମ ଜଗନ୍ନାଥ ଦେଶର ଓଡିଆଭାଷାରେ ଦେବନାଗରୀ ଲିପିରେ ଚିଠିଟି ଲେଖାଯାଉ । ଶୁଣ, ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଭାଷାଭାଷୀ ଭକ୍ତମାନେ କ'ଣ ସଂସ୍କୃତ ଭାଷାରେ ଦେବତାମାନଙ୍କୁ ସେମାନଙ୍କ ଦୁଃଖ ଜଣାଇ ପ୍ରାର୍ଥନା କରନ୍ତି ? ନା, ସମସ୍ତେ ନିଜ ନିଜ ମାତୃଭାଷାରେ ଦେବତାମାନଙ୍କୁ ଦୁଃଖ ଜଣାନ୍ତି । ଏଣୁ ଆମ ଓଡିଆ ଭାଷାରେ ପତ୍ରଟି ଲେଖାଯାଉ । ସେ ନିଶ୍ଚୟ ବୁଝିପାରିବେ । ଆମ ଦୁଃଖ ଶୁଣିବେ ।" ପୁଣି ମହାମନ୍ତ୍ରୀଙ୍କ ମନରେ ଦ୍ୱନ୍ଦ୍ୱ – ପତ୍ର ସିନା ଲେଖାଯିବ, କେଲେ ତାହା ଦେବରାଜ ଇନ୍ଦ୍ରଙ୍କ ପାଖରେ ପହଞ୍ଚିବ କେମିତି ? ଏ ସମ୍ପର୍କରେ କୌଣସି ସିଦ୍ଧାନ୍ତରେ ଉପନୀତ ହେବାପୂର୍ବରୁ ଗଜପତିଙ୍କ ଆଦେଶରେ ପ୍ରଥମେ ଚିଠି ଲେଖିବସିଲେ । ହାତରେ ଲେଖନୀ ଓ ତାଳପତ୍ର । ସେ ଲେଖିଲେ –

"ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣତଳେ କୋଟି କୋଟି ଶରଣଃ

ବୀର ଶ୍ରୀ ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଅଭିରାଏ ଭୂତଭୈରବ ଦୁଃଶହ ଦୁଃଶାସନ ଅନିକରଣେ ରାଉତରାଏ ଅତୁଳବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ବୀରାଧିବୀରବର ପ୍ରତାପୀ ଶ୍ରୀଶ୍ରୀଶ୍ରୀ ମହାରାଜ କପିଳେନ୍ଦ୍ରଦେବ ଯେକି ତ୍ରିଭୁବନର ଈଶ୍ୱର ଶ୍ରୀଶ୍ରୀଶ୍ରୀଜଗନ୍ନାଥ ଦେଶର ରକ୍ଷାପାଇଁ ନିୟୋଜିତ । ସେ ସ୍ୱର୍ଗର ଦେବତାଶ୍ରେଷ୍ଠ ଇନ୍ଦ୍ରଙ୍କୁ ଯଥାସମ୍ମାନ ପ୍ରଦାନକରି ଶ୍ରୀଶ୍ରୀଶ୍ରୀଜଗନ୍ନାଥ ରାଜ୍ୟର ମଙ୍ଗଳ ବିଧାନ ପାଇଁ ଏହି ପତ୍ର ଲେଖୁଛନ୍ତି ।

ଲେଖିବାର କାରଣ ଏହିକି, ହେ ଦେବଶ୍ରେଷ୍ଠ ଇନ୍ଦ୍ର ! ଆପଣଙ୍କ ସଦୟ ଅବଗତି ନିମନ୍ତେ ଜଣାଉଅଛି କି, ଏକବର୍ଷ ହେବ ଜମ୍ବୁଦ୍ୱୀପ ଭାରତଖଣ୍ଡ ଓଡରାଷ୍ଟ୍ରମଣ୍ଡଳ ଯାହାକି ଗଙ୍ଗାଠାରୁ ଦକ୍ଷିଣସାଗର ଯାଏ ବ୍ୟାପ୍ତ ସେହି ରାଜ୍ୟରେ ବର୍ଷା ନାହିଁ । ତୁରନ୍ତ ବର୍ଷା ନ ହେଲେ ଏ ଜଗନ୍ନାଥ ରାଜ୍ୟରେ ଅକାଳ ପଡିଯିବ । ପ୍ରଜାମାନେ ଦେଶାନ୍ତରୀ ହୋଇଯିବେ । ତେଣୁ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ତରଫରୁ ଆମ୍ଭେ ଜଣାଉଛୁ କି ଶୀଘ୍ର ଜଳବୃଷ୍ଟି ନିମନ୍ତେ ମେଘମାନଙ୍କୁ ଆଦେଶ ପ୍ରଦାନ କରନ୍ତୁ । ଆମ୍ଭେ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଉତ ମାତ୍ର । କେବଳ ରାଜ୍ୟର ମଙ୍ଗଳ ନିମନ୍ତେ ଓ ଲୋକଙ୍କର କଲ୍ୟାଣ ପାଇଁ ଏହି ପତ୍ର ଲେଖିଲୁ । ଦୋଷାଦୋଷ କ୍ଷମା କରିବେ......"

ମହାମନ୍ତ୍ରୀ ପତ୍ରଟି ଲେଖି ଗଜପତି କପିଳେନ୍ଦ୍ର ଦେବଙ୍କଠାରୁ ଦସ୍ତଖତ କରାଇ ଆଣିଲେ । ପତ୍ରଟି ଦସ୍ତଖତ କରି ଗଜପତି ନଅର ଭିତରକୁ ଚାଲିଗଲେ । ଏବେ ପତ୍ରଟି ଇନ୍ଦ୍ରଙ୍କ ପାଖକୁ କେମିତି ଯିବ ? ଏ ଦାୟିତ୍ୱ ମହାମନ୍ତ୍ରୀଙ୍କର । ଅନନ୍ୟୋପାୟ ହୋଇ ମହାମନ୍ତ୍ରୀ ଏବେ ପ୍ରାର୍ଥନା କଲେ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ – "ହେ ଜଗତର ସାଇଁ, ଜଗନ୍ନାଥ କାଳିଆ ସାଆନ୍ତ ! ତୁ ହିଁ ଏକା ମୋର ସାହା ଭରସା । ମୁଁ ବ୍ରାହ୍ମଣପିଲା । ମୋ ନାଁ ଥିଲା କାଶିଆ । ମୋର ବାଲ୍ୟବନ୍ଧୁ କପିଳା । ଚଷାଘରର ପିଲା । ଏବେ ତୋରି ଦୟାରୁ ସେ ଏବେ ହୋଇଛି ଗଜପତି ମହାରାଜା ମହାପ୍ରତାପୀ କପିଳେନ୍ଦ୍ର ଦେବ । ସେ ମୋତେ କାଶିଆରୁ କରିଦେଇଛି କାଶୀନାଥ ସନ୍ଧିବିଗ୍ରହ ମହାପାତ୍ର । ବାଲ୍ୟକାଳର ଶପଥ ଅନୁଯାୟୀ ସେ ମୋତେ ମହାମନ୍ତ୍ରୀ ଆସନରେ ବସାଇଛି । ଏବେ ମହାବିପଦରେ ମହାମନ୍ତ୍ରୀ । ଗଜପତି କପିଳେନ୍ଦ୍ରଦେବ ମୋର ପିଲାଦିନର ସାଙ୍ଗ କପିଳା ହେଲେ ବି ସେ ମୋତେ ଆଦୌ କ୍ଷମା ଦେବନାହିଁ ଯଦି ମୁଁ ଦେବରାଜ ଇନ୍ଦ୍ରଙ୍କ ପାଖକୁ ପତ୍ରଟି ପଠାଇ ନପାରିଲି । ତା ପ୍ରତାପରୁ ମୋତେ ରକ୍ଷାକର ହେ ମହାମେରୁ ଜଗନ୍ନାଥ ଗୋସେଇଁ !"

ହଠାତ୍ ମହାମନ୍ତ୍ରୀଙ୍କ ମୁଣ୍ଡକୁ ଗୋଟିଏ ବୁଦ୍ଧି ଢୁକିଗଲା । ତାକୁ କେମିତି କିଏ କହୁଛି, "ଆହେ ମହାମନ୍ତ୍ରୀ ! ଏଇଥିପାଇଁ ଏତେ ବ୍ୟସ୍ତ ? ଚିଠି ନେବା ଆଣିବା ହେଲା ଡଗରର କାମ ।" ଆଜିକାଲି ଅଫିସ୍ କଚେରି, ଅଦାଲତରେ ଡାକ ପିଅନ ପଦବୀ ପରି ସେତେବେଳେ ସମ୍ବାଦ ପରିବହନ କରୁଥିଲେ ଡଗର । ମହାମନ୍ତ୍ରୀ ବହୁ ଖୁସି ହୋଇଗଲେ । ଚିନ୍ତାରାଜ୍ୟରୁ ଫେରିଆସିଲେ । ଟିକିଏ ମୁରୁକି ହସାଦେଇ ମନକୁ ମନ ସାନ୍ତ୍ୱନା ଦେଲେ । ଯାହା ହେଉ, ମୁଣ୍ଡରୁ ଚିନ୍ତା ଗଲା । 'ମାର ମାର ଭଣ୍ଡାରିଆକୁ ମାର' ନ୍ୟାୟରେ କଟୁଆଳକୁ ଆଦେଶ ଦେଲେ, "ଶୀଘ୍ର ଯାଇ ଡଗରକୁ କୁହ ମୋତେ ଏଇ ମୁହୂର୍ତ୍ତକ ମଧ୍ୟରେ ଆସି ଦେଖାଦେବ ।" ଡଗର ତତକ୍ଷଣାତ୍ ଆସି ହାଜର ହୋଇଗଲା ମହାମନ୍ତ୍ରୀଙ୍କ ସମ୍ମୁଖରେ । ମହାମନ୍ତ୍ରୀ କଡା ହୁକୁମ୍ ଦେଇ କହିଲେ, "ଦେଖ ଡଗର ! ଏଇ ପତ୍ରଟିକୁ ନେଇ ସ୍ୱର୍ଗର ଦେବରାଜ ଇନ୍ଦ୍ରଙ୍କୁ ଦେଇ ତହିଁର ଉତ୍ତର ତୁରନ୍ତ ନେଇ ଫେରିବ । ଏହା ହେଉଛି ବୀରାଧିବୀରବର ଗଜପତି କପିଳେନ୍ଦ୍ର ଦେବଙ୍କ ଆଦେଶ । ତୁମେ ତ ଜାଣ ତାଙ୍କ ହୁକୁମ୍ ଅମାନ୍ୟ କଲେ ମାଛି ବି ନବଖଣ୍ଡ ହୋଇଯାଏ । ଆଉ ତୁମେ ତ ହେଲ ଛାର ଡଗର । ଗଜପତିଙ୍କର ଆଦେଶ ପାଳନ ନ କଲେ କାନ୍ଧ ଉପରେ ମୁଣ୍ଡ ରହିବ ନାହିଁ । ଏମିତି କି ତୁମର ବଂଶ ନିପାତ ହୋଇଯାଇ ପାରେ । ଯମରାଜଙ୍କୁ ଠକିଦେଇ ହେବ, କିନ୍ତୁ ମହାପ୍ରତାପୀ ଗଜପତି କପିଳେନ୍ଦ୍ରଙ୍କୁ ନୁହେଁ । ଯାଅ, କାଳ ବିଳମ୍ବ ନ କରି ଶୀଘ୍ର ଯାଅ । କାର୍ଯ୍ୟ ସମ୍ପାଦନ କରି ଯେମିତି ଶୀଘ୍ର ଫେରିଆସିବ ସେଥିପ୍ରତି ଦୃଷ୍ଟିଦେବ । ଆମ ରାଜ୍ୟରେ ବର୍ଷେହେଲା ଇନ୍ଦ୍ର ବର୍ଷା କରୁ ନ ଥିବାରୁ ତାଙ୍କ ପାଖକୁ ଗଜପତି ମହାରାଜା ଲେଖିଛନ୍ତି । ପୁଣି କହି ଦେଉଛି, ତୁମେ କାର୍ଯ୍ୟରେ ଟିକିଏ ହେଲେ ହେଳା କରିବନାହିଁ ।"

ବିଚରା ଡଗର ଫସିଗଲା ବଡ ବିପତ୍ତିରେ । କାହିଁ ସ୍ୱର୍ଗପୁରର ଇନ୍ଦ୍ରଭୁବନ ଆଉ କାହିଁ ବିଚରା ଏ ଛୋଟ ରାଜକର୍ମଚାରୀ ଡଗର !!! ଥର ଥର ହାତରେ ସେ ପତ୍ରଟିକୁ ମହାମନ୍ତ୍ରୀଙ୍କ ହାତରୁ ଗ୍ରହଣକଲା । ମନଦୁଃଖରେ ରାଜଦରବାର ଛାଡିଲା । ଯିବ କେଉଁଆଡେ, ସ୍ୱର୍ଗକୁ ବାଟ କାହିଁ ? ଏହି ମହାବିପତ୍ତିରୁ ସେ ତ୍ରାହି ପାଇବ କେମିତି ? ଆଖିରୁ ତାର ବୋହି ପଡୁଥାଏ ଥପଥପ ହୋଇ ଲୁହର ଧାର । ସେ ନିଜେ ମରିଗଲେ କିଛି ପରବାୟ ନାହିଁ, ହେଲେ ସେ ଏଇ କାମ କରିବାରେ ଅସଫଳ ହେଲେ ତାର ବଂଶ ନିବଂଶ ହୋଇଯିବ ! ଠକ୍ ଠକ୍ କରି ମହାମନ୍ତ୍ରୀଙ୍କର ଏଇ କଥା କେଇପଦ ତା ଛାତିକି ଆଘାତ ଦେଉଥାଏ ।

ତଥାପି ସେ ଚାଲିଛି । ରାଜଧାନୀ ବାରଣସୀ କଟକ ତ୍ୟାଗକରି ସେ ବଣବିଲ ନଈନାଳ ଅତିକ୍ରମକରି ଚାଲିଛି । ଆଉ ପ୍ରାର୍ଥନା କରୁଛି ମହାପ୍ରଭୁ ଜଗନ୍ନାଥଙ୍କୁ, "ହେ ମହାବାହୁ ! ତୁ କାଳେ କାଳେ ତ ଅସହାୟର ସହାୟକ ସାଜିଛୁ । ଭକ୍ତମାନଙ୍କୁ ମହା ମହା ବିପତ୍ତିରୁ ରକ୍ଷାକରିଛୁ । ଦ୍ରୌପଦୀର ଲଜ୍ଜା ନିବାରଣ କରିଛୁ - ମୋ ପାଇଁ କ'ଣ ତୋ ମନରେ ଟିକିଏ ଦୟା ନାହିଁ ? ହେ ଦୟାର ସାଗର ! ମୁଁ ହେଲି ତୋ ରାଜ୍ୟର ସବୁଠାରୁ କ୍ଷୁଦ୍ର ରାଜକର୍ମଚାରୀ । ତୁ ମୋର ଗୁହାରି ନଶୁଣିଲେ ତୋତେ ନିନ୍ଦା ହେବ । ତୋର କୀରତି ଚନ୍ଦ୍ରମାରେ କଳଙ୍କ ଲାଗିଯିବ ।" ଡଗର ପ୍ରାର୍ଥନା କରୁଥାଏ ଆର୍ତ୍ତକଣ୍ଠରେ - ଆଉ ଅଭିମାନଭରା ସ୍ୱରରେ ମନଖୋଲି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ତାର ବେଦନା ଜଣାଇ ବାଟ ଚାଲୁଥାଏ । ହଠାତ୍ ତା ଆଗରେ ଦେଖାଦେଲେ ଜଣେ ବାଟୋଇ ବ୍ରାହ୍ମଣ ଗୋସେଇଁ । ଦେଖିବାକୁ କଳା କିଟିକିଟି । କାନ୍ଧରେ ଗଣ୍ଠିଲି । ହାତରେ ବଙ୍କୁଲିବାଡି । ବୟସ୍କ, ଆଖିରୁ ଲେଞ୍ଜେରା ବୋହିପଡୁଛି । ସେ ଦେଖିଲେ ରାଜାର ଡଗର କାନ୍ଦି କାନ୍ଦି ବାଟ ଚାଲୁଛି । କଅଁଳ ସ୍ୱରରେ କହିଲେ, "କିରେ ଡଗର ଭାଇ ! ତୁ କାନ୍ଦି କାନ୍ଦି କୁଆଡେ ଧପଡିଛୁ ? ତୋର କ'ଣ ହୋଇଛି ? ତୁ ପରା ମହାପ୍ରତାପୀ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କର ଡଗର ! ତାଙ୍କର ଖାସ୍ ଲୋକ ! ତୋ ଆଖିରେ ପୁଣି ଲୁହ ! ଅନ୍ୟମାନଙ୍କ କଥା ତେବେ ଆଉ କ'ଣ କହିବା ?"

ଭକ୍ତି ସହକାରେ ଡଗର ଗୋସେଇଁଙ୍କୁ ମୁଣ୍ଡିଆଟିଏ ମାରିଲା । କାନ୍ଦିକାନ୍ଦି ସବୁକଥା ଏକା ରାହାରେ ବଖାଣି ଗଲା । ଗୋସେଇଁ ସବୁକଥା ଶୁଣି ହସିହସି କହିଲେ, "ଆରେ ପାଗଳା ! ଇନ୍ଦ୍ରଙ୍କୁ ଚିଠିଦେବାପାଇଁ ତୁ ସ୍ୱର୍ଗକୁ ଯିବୁ କାହିଁକି ? ଆରେ ଇନ୍ଦ୍ରପରା ନିତି ଆମ ମର୍ତ୍ତ୍ୟପୁରକୁ ଆସୁଛନ୍ତି । କିଛି ସମୟ ରହି ପୁଣି ଫେରିଯାଉଛନ୍ତି । ସେତିକିବେଳେ ଓର ଉଣ୍ଡି ତାଙ୍କ ହାତକୁ ରାଜା ଦେଇଥିବା ପତ୍ରଟା ବଢେଇଦେବୁ । ଆଉ ସିଏ ନିଶ୍ଚୟ ତୋ ଚିଠିର ଉତ୍ତର ଦେଇଦେବେ । ତୋର ମୁଣ୍ଡକାଟ ହେବନାହିଁକି ତୋ ବଂଶ ନିପାତ ହେବାର ପ୍ରଶ୍ନ ବି ଉଠୁନାହିଁ ।" ଗୋସେଇଁଙ୍କ କଥାଶୁଣି ଡଗର ଖାଲି ବଲବଲ କରି ତାଙ୍କ ମୁହଁକୁ ଚାହିଁ ରହିଲା । ଗୋସେଇଁ ଠଉରେଇ ନେଲେ ଯେ, ଦୁଃଖରେ ମ୍ରିୟମାଣ ହୋଇପଡିଥିବା 'ଡଗର ବାପୁଡା' ତାଙ୍କ କଥାର ମର୍ମ ବୁଝିପାରୁ ନାହିଁ । ଡଗର ପୁଣି ବାଇଆଙ୍କ ପରି ପଚାରିଲା, "ହେ ଗୋସେଇଁ ମହାପ୍ରୁ ! ଇନ୍ଦ୍ରରାଜା କେତେବେଳେ କୋଉଠିକି ଆସୁଛନ୍ତି ମୋତେ ଟିକିଏ ଭଲକରି ବୁଝେଇକରି କୁହନା ! ଆଉ ତାଙ୍କସହ ମୋର ସାକ୍ଷାତ କେମିତି ହେବ, ଆଉ ମୋଠାରୁ କେମିତି ଚିଠି ନେଇ ତାର ଉତ୍ତର ଦେବେ । ତାପରେ ମୋର ମୁଣ୍ଡ ରହିଯିବ, ମୋ ବଂଶ ରକ୍ଷା ପାଇଯିବ - ଟିକିଏ ଭଲକରି ବୁଝାଇକରି କୁହନ୍ତୁ ନା ।"

ଗୋସେଇଁ କହିଲେ, "ଆରେ ପାଗଳ ! ପ୍ରଭୁ ଜଗନ୍ନାଥ ହେଉଛନ୍ତି ଜଗତର ନାଥ, ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା । ତାଙ୍କର ଦର୍ଶନପାଇଁ ସ୍ୱର୍ଗରୁ ତେତିଶକୋଟି ଦେବତା ପ୍ରତ୍ୟେକଦିନ ପାହାନ୍ତା ପହରରେ ଶ୍ରୀମନ୍ଦିରକୁ ଆସନ୍ତି । ଅନ୍ୟ କେହି ଠାକୁରଙ୍କୁ ଦର୍ଶନ କରିବା ପୂର୍ବରୁ ସେମାନେ ଜଗତର ନାଥ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନକରି ସ୍ୱର୍ଗକୁ ଫେରିଯାଆନ୍ତି । ତୁ ଯେବେ ସେହି ସମୟରେ ଇନ୍ଦ୍ରଙ୍କୁ ତୋର ପତ୍ରଖଣ୍ଡିକ ଦେଇପାରିବୁ, ସେ ତାର ଉତ୍ତର ସଙ୍ଗେସଙ୍ଗେ ସେଇଠି ତୋତେ ଦେଇଦେବେ ।"

ଡଗର କହିଲା, "ହଁ ଯେ ଗୋସେଇଁ ମହାପୁରୁ, ସେତେବେଳକୁ ତ ପହଡ ଫିଟି ନ ଥିବ ମୁଁ ଶ୍ରୀମନ୍ଦିର ଭିତରକୁ ଯିବି କେମିତି ?"

ଗୋସେଇଁ କହିଲେ, "ଆରେ ! ତୁ କି କଥା କହୁଛୁ ? ତୁ ପରା ମହାପ୍ରତାପୀ କପିଳେନ୍ଦ୍ର ଦେବଙ୍କର ଡଗର । ତୋତେ ପୁଣି ମନ୍ଦିର ଭିତରକୁ କିଏ ଛାଡିବ ନାହିଁ ? ଏଡେ ବହପ ପଣ୍ଡାମାନଙ୍କର ! ଆରେ ଶୁଣ ! ସବୁ ସତକଥା ସେମାନଙ୍କ ଆଗରେ କହିଦେବୁ । ଆଉ ଯଦି ସେମାନେ ତୋତେ ନ ଛାଡନ୍ତି, ତ ସେଇକଥା ଯାଇ ତୋ ଗଜପତିଙ୍କୁ କହିଦେବୁ ବୋଲି କହିବୁ । ବେହିପୁଏ ଯିବେ କୁଆଡେ ଗୋଟି ଗୋଟି କରି ହଣା ହେବେ ନାହିଁ !"

ଗୋସେଇଁଙ୍କ କଥା ଡଗର ମନକୁ ବେଶ୍ ପାଇଲା । ସେ ହେଣ୍ଡିଟାଏ ମାରିଦେଲା । ତା କାନ୍ଦ କୁଆଡେ ଉଭେଇଗଲା । ସେ ତ ଗୋସେଇଁଙ୍କ ସହ କଥାବାର୍ତ୍ତା ହୋଇ ଆସୁଥିଲା । ହେଲେ ଗୋସେଇଁ କୁଆଡେ ଉଭାନ୍ ହୋଇଗଲେ । ଇଏ ତ ବଡ ଆଶ୍ଚର୍ଯ୍ୟ କଥା । ଟିକିଏ ଠିଆହୋଇ ଡଗର କ୍ଷଣମାତ୍ର ଭାବିଲା । କଥାଟା ସିଏ ଠିକ୍‌ରେ ବୁଝିଗଲା । ଗୋସେଇଁ ଆଉ କେହି ନୁହନ୍ତି, ସେ ଯାହାକୁ ଦୁଃଖଭରା କଣ୍ଠରେ ପ୍ରାର୍ଥନା କରୁଥିଲା ସେ ହେଉଛନ୍ତି ସେଇ ଭକ୍ତର ଦୁଃଖହାରୀ ଦୀନବନ୍ଧୁ ଦଇତାରି, ଜଗତର ନାଥ ନୀଳାଦ୍ରୀବିହାରୀ ଶ୍ରୀଶ୍ରୀଶ୍ରୀଜଗନ୍ନାଥ । ଭକ୍ତ ସଙ୍କଟରେ ପଡିଲେ ସେ ରକ୍ଷା କରନ୍ତି । ତା ପାଟିରୁ ସ୍ୱତଃ ବାହାରି ପଡିଲା - 'ଜୟ ଜଗନ୍ନାଥ !'

ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କର ପତ୍ର ଖଣ୍ଡିକ ହାତରେ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରାକଲା । ମନରେ ଅସୁମାରି ବଳ । ଯାଇ ପହଞ୍ଚିଲା ଶ୍ରୀକ୍ଷେତ୍ରରେ । ତାର ଆଉ "ଡର କାହାକୁ ନା ଭୟ କାହାକୁ, ଠାକୁରେ ଅଛନ୍ତି ଚଉବାହାକୁ ।" ସେ ଗୋଟିଏ କଥା ଖାଲି ବେଦର ଗାର ପରି ମନରେ ରଖିଲା । ଇନ୍ଦ୍ରଙ୍କୁ ପତ୍ର ଦେବାରେ ଯିଏ ବାଧା ସୃଷ୍ଟି କରିବ, ତା ବିରୁଦ୍ଧରେ ଗଜପତିଙ୍କ ପାଖରେ ଅଭିଯୋଗ କରିବ ।

ପ୍ରଥମେ ଡଗର ଭେଟିଲା ଦେଉଳକରଣଙ୍କୁ । ସାଷ୍ଟାଙ୍ଗ ପ୍ରଣିପାତ ଜଣାଇଲା । ଆଉ ଗଜପତିଙ୍କର ପତ୍ରଟି ଦେଖାଇଲା । ସବୁକଥା ଗୋଟି ଗୋଟି କରି କହିଲା ।

ଦେଉଳକରଣ କହିଲେ, "ହଁ ରେ ବାବୁ, ଆମେ ସମସ୍ତେ ଜାଣୁ ଯେ, ପ୍ରତିଦିନ ପାହାନ୍ତାରେ ସ୍ୱର୍ଗର ଦେବତାମାନେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସନ୍ତି । ହେଲେ ତୁମଠାରୁ ଇନ୍ଦ୍ର ଗଜପତିଙ୍କ ପତ୍ରଟି ନେଇ ତାର ଉତ୍ତର ଦେବେ କି ନାହିଁ । ସେକଥା ମୁଁ ତ କହିପାରିବି ନାହିଁ । ବଡଶିଙ୍ଗାର ବେଶପରେ ଦିଅଁମାନଙ୍କୁ ଶୁଆଇଦେଇ ମୁଦୁଲି କବାଟ ବନ୍ଦକରି ଚାଲିଯାଆନ୍ତି । ତା ଭିତରକୁ ତ କେହି ଯିବାର ପ୍ରଥା ନାହିଁ । ହଁ, ଏତିକି ଆମେ କରିପାରୁ, ଗଜପତି ମହାରାଜା ଦେଇଥିବା ଚିଠିଟିକୁ

ରତ୍ନସିଂହାସନ ତଳେ ରଖି ଦେଇପାରୁ। ଆଉ ତାହା ଦେବରାଜ ଇନ୍ଦ୍ରଙ୍କ ଦୃଷ୍ଟିକୁ ଆସିଲେ ସେ ତାକୁ ପଢି ଉତ୍ତର ଦେଇପାରନ୍ତି।"

"ନାଇଁ ନାଇଁ ସେକଥା ହେଇ ପାରିବ ନି। ଗଜପତି ରାଜାଙ୍କ ଆଦେଶ ପତ୍ରଟିକୁ ମୁଁ ନିଜେ ଇନ୍ଦ୍ରଙ୍କ ହାତରେ ଦେଇ ତାଙ୍କଠାରୁ ଉତ୍ତର ଆଣିବି। ରତ୍ନସିଂହାସନ ତଳେ ପତ୍ରଟିକୁ ରଖିଦେଲେ ଚଳିବନାହିଁ" ବୋଲି ଡଗର ଦେଉଳକରଣ ଆଗରେ ପ୍ରକାଶକଲା। ଆଉ କହିଲା, "ଯଦି ଆପଣ ମୋତେ ଏ କାମରେ ସହଯୋଗ ନ କରନ୍ତି, ମୁଁ ଯାଇ ଗଜପତିଙ୍କୁ ଜଣାଇଦେବି।" ଡଗର କଥା ଆଉ ଗଜପତିଙ୍କ ନାଁ ଶୁଣୁ ଶୁଣୁ ଦେଉଳକରଣଙ୍କ ପିଳେହିପାଣି। ସେ ଡଗରକୁ ସାନ୍ତ୍ୱନା ଦେଇ କହିଲେ, "ତୁମେ ବ୍ୟସ୍ତ ହୁଅନାହିଁ। ପରିଚ୍ଛା ହେଉଛନ୍ତି ମନ୍ଦିର ପରିଚାଳନା ମୁଖ୍ୟ। ତୁମେ ତାଙ୍କୁ ଯାଇ ପଚାର କଣ କରିବାକୁ ହେବ। ମୁଁ ବି ତାଙ୍କୁ ସବୁକଥା ବୁଝେଇ କହିଦେବି।"

ଡଗର ଯାଇ ପହଞ୍ଚିଲା ପରିଚ୍ଛାଙ୍କ ପାଖରେ। ସବୁକଥା କହିଲା। ହେଲେ ସେଇକଥା ପରିଚ୍ଛା କହିଲେ, "ବଡଶିଙ୍ଗାର ବେଶପରେ ମନ୍ଦିର ଭିତରେ ତ କେହି ରହିବାର ନିୟମ ନାହିଁ। ତୁମେ ଇନ୍ଦ୍ରଙ୍କୁ ପତ୍ର ଦେବାପାଇଁ ବାହାରେ ଅପେକ୍ଷା କରିପାର।" ଡଗର କହିଲା, "ମୁଁ ବାହାରେ ଅପେକ୍ଷାକଲେ ଇନ୍ଦ୍ରଙ୍କୁ ପତ୍ର ଦେବି କେମିତି, କେଉଁ ଦେବତା କେଉଁ ବାଟ ଦେଇ ଯାଉଥିବେ, ମୁଁ ଜାଣିବି କେମିତି? ଏଣୁ ଯଦି ମୁଁ ରତ୍ନସିଂହାସନ ପାଖରେ ଚିଠିଟି ଧରି ଠିଆ ହୋଇ ରହିବି - ଇନ୍ଦ୍ର ମୋଠାରୁ ପତ୍ରଟି ନେଇ ନିଶ୍ଚୟ ଉତ୍ତର ଲେଖିଦେବେ। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଯଦି ଆପଣ ଦେଉଳ ପରିଚାଳନାର ମୁଖ୍ୟ ହୋଇ ମୋତେ ସହଯୋଗ କରି ପାରିବେ ନାହିଁ - ତେବେ ମୁଁ ଯାଉଛି ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କୁ ସବୁକଥା କହିଦେବି।" ଡଗରର ଏମିତିକା କଥା ଶୁଣି ପରିଚ୍ଛାଙ୍କର ହାଲକ ଶୁଖିଗଲା। 'ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା।' ଠାକୁରେ ଅଶାନ୍ତି ହେଲେ ବିପଦ, ଗଜପତି ମହାରାଜା ଅଶାନ୍ତି ହେଲେ ମହାବିପଦ। ଦୀର୍ଘ ନିଶ୍ୱାସଟିଏ ଛାଡିଲେ। କ'ଣ କରିବାକୁ ହେବ ବୋଲି ସେ ବଡ ଦ୍ୱନ୍ଦ୍ୱରେ ପଡିଗଲେ।

କହିଲେ, ଡଗରା, "ଠିକ୍ ଅଛି। କ'ଣ କରିବାକୁ ହେବ ସନ୍ଧ୍ୟା ଆଳତି ପରେ ଦେଖିବା। ନହେଲେ, ଏଥିପାଇଁ ଶ୍ରୀଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଆଜ୍ଞା ନେବା।" ପରିଚ୍ଛାଙ୍କଠାରୁ ଆଶ୍ୱାସନା ପାଇ ଡଗର ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାରେ ଲାଗିଲା। ଠାକୁରଙ୍କର ସନ୍ଧ୍ୟା ଆଳତି ଆରମ୍ଭ ହେଲା। ଡଗର ସେହି ଆଳତି ସମୟରେ ପ୍ରାର୍ଥନା କରୁଛି, ଆଖିରୁ ତାର ବୋହିଯାଉଛି ଧାରଧାର ଲୁହ। ବିପଦରୁ ରକ୍ଷାକରିବା ପାଇଁ ସେ ଏକଲୟରେ ମନଧ୍ୟାନ ଦେଇ ପ୍ରାର୍ଥନା କରିବାରେ ରତ। ତା ଆଖି ଦିଓଟି ମିଶି ଯାଇଛି ପ୍ରଭୁ ଜଗନ୍ନାଥଙ୍କ ଚକାଚକା ଦୁଇ ଆଖିରେ। ହଠାତ୍ ମହାପ୍ରଭୁଙ୍କ ମଥାରୁ ଖସିପଡୁଛି ଫୁଲଟିଏ। ଡଗରର ମନର ଆନନ୍ଦ କହିଲେ ନ ସରେ। ସେ ଆନନ୍ଦରେ ଅଧୀର ହୋଇପଡିଲା। ଅନୁଭବ କଲା ମହାପ୍ରଭୁ ତା ଗୁହାରି ଶୁଣିଛନ୍ତି।

ସନ୍ଧ୍ୟା ଆଳତି ପରେ ଡଗର ଯାଇ ପହଞ୍ଚିଲା ପରିଚ୍ଛାଙ୍କ ପାଖରେ। ପରିଚ୍ଛାଏ କହିଲେ, ତୁମେ ଯେତେବେଳେ ଜଗନ୍ନାଥ ମହାପ୍ରଭୁଙ୍କ ଦେଶର ପ୍ରଜାମାନଙ୍କର ମଙ୍ଗଳ ନିମନ୍ତେ ଗଜପତିଙ୍କ ପତ୍ର ବହନ କରି ଆସିଛ, ଆମେ ତୁମକୁ ଗମ୍ଭୀରା ଭିତରେ ନିଶ୍ଚୟ ରଖିବୁ। ମହାପ୍ରଭୁ ମଧ୍ୟ ଏଥିପାଇଁ ସମ୍ମତି ପ୍ରଦାନ କରିସାରିଲେଣି। ସନ୍ଧ୍ୟା ଆଳତିପରେ ସଂଜଧୂପ ଅନୁଷ୍ଠିତ ହେଲା। ସଂଜଧୂପ ପରେ ଠାକୁରମାନଙ୍କର ବଡଶିଙ୍ଗାର ବେଶ ହେଲା। ବିଧି ଅନୁସାରେ ମହାପ୍ରଭୁ ପରିଧାନ କଲେ ଗୀତ ଗୋବିନ୍ଦ ଖଣ୍ଡୁଆ। ଶ୍ରୀଗୀତଗୋବିନ୍ଦ ଗାୟନ ହେଲା। ଭିତର ଗାଏଣୀର ସୁଲଳିତ ମୂର୍ଚ୍ଛନାରେ ଶ୍ରୀମନ୍ଦିରରେ ହିଲ୍ଲୋଳ ସୃଷ୍ଟି ହେଲା। ଏହି ସମୟରେ ଡଗର ନିର୍ଭୟରେ ଚାଲିଗଲା ରତ୍ନସିଂହାସନ ପାଖକୁ। ହଠାତ୍ ଦୀପ ଲିଭିଗଲା। ତାପରେ ସବୁ ଶୂନ୍‌ଶାନ୍। ମୁଦୁଲି କବାଟ ତାଲାମୁଦ କରି ଚାଲିଗଲେ। ସକାଳୁ ପରୀକ୍ଷା କରିସାରିବା ପରେ ଯାଇ ମୁଦ ଖୋଲିବ।

ଗମ୍ଭୀରା ଭିତରଟା କିଟି କିଟି ଅନ୍ଧାର। ଡଗର ରତ୍ନସିଂହାସନ ପାଖରେ ବସିଛି। ଧରିଛି ଖଣ୍ଡିଏ ବାଉଁଶ କଣି। ତା'ର ଅଗଟା ଦୁଇଫାଳ କରି ଚିରି ଦେଇ ସେଇଠି ଖୋସି ଦେଇଛି ଗଜପତି କପିଳେନ୍ଦ୍ର ଦେବଙ୍କ ପତ୍ରଟିକୁ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି କହୁଛି - ହେ ଜଗତେଶ୍ୱର, ସତେ କ'ଣ ଦେବରାଜ ଇନ୍ଦ୍ର ପତ୍ରଟି ନେଇ ଉତ୍ତର ଲେଖିଦେବେ? ଯଦି ଏହା ସମ୍ଭବ ହେବ, ତେବେ ପ୍ରମାଣିତ ହୋଇଯିବ ଯେ, ଜଗନ୍ନାଥ ହେଉଛନ୍ତି ଜଗତର କର୍ତ୍ତା, ସ୍ରଷ୍ଟା ଓ ବିଶ୍ୱର ଆରାଧ୍ୟ ଠାକୁର। ସେ ଶୁଣିବାକୁ ପାଉଛି ଠାକୁରମାନଙ୍କର ଘୁଙ୍ଗୁଡି ଆଉ କଡ ଲେଉଟାଇବାର ଶବ୍ଦ। ତା ଭିତରେ ସେ ମନର କଥା କହି ଠାକୁରଙ୍କୁ ପ୍ରାର୍ଥନା କରିବାରେ ଲାଗିଛି। ସେ କହୁଛି, ହେ ଜଗନ୍ନାଥେ! ତୁ ହିଁ ମୋର ସାହା ଭରସା। ଯଦି ଜଗନ୍ନାଥଦେଶର ଲୋକେ ଅନାହାର ଦୁର୍ଭିକ୍ଷରେ ପଡି ମରିବେ, ତେବେ ଏ ନିନ୍ଦା କାହାକୁ ହେବ? "ତୋ ରାଷ୍ଟ୍ରକୁ ତୁହି ରକ୍ଷାକର। ମୁଁ ଛାର ମଣିଷ ମାତର!!"

କିଛି ସମୟ ପରେ ଶୁଣାଗଲା ବୀଣାର ଝଙ୍କାର। କିଛି ବ୍ୟକ୍ତି କଥାଭାଷା ହୋଇ ଆସୁଥିବାର ଫିସ୍‌ଫିସ୍ ଆବାଜ୍। ଶଙ୍ଖ, ଗିନି, ବୀଣାର ଶବ୍ଦ ସବୁ ଆସ୍ତେଆସ୍ତେ ନିକଟତର ହେବାକୁ ଲାଗିଲା। ରତ୍ନ ସିଂହାସନ ଆଡକୁ ଯେମିତି ଗହଳି ମାଡି ଆସୁଛି ବୋଲି ଡଗର ଜାଣିପାରିଲା। ହଠାତ୍ ସେ ଧରିଥିବା ବାଉଁଶ କଣି ଅଗରୁ ଯେମିତି କିଏ ପତ୍ରଟାକୁ ଟାଣିନେଲା। ସେ ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ବାଉଁଶକଣି ଅଗରେ ହାତ ମାରିଲା। ହେଲେ ଚିଠିଟି ନାହିଁ। ପୁଣି ସେ ବାଉଁଶକଣିଟି ଟେକିଧରି ବସିଲା। ସେ ଜାଣିଲା ପତ୍ରଟି ଦେବରାଜ ଇନ୍ଦ୍ର ନେଇଯାଇଛନ୍ତି। ଦେବତାମାନେ ଫେରିଯିବାର ସିଏ ଯେମିତି ଅନୁଭବ କଲା। ସେ ବାଉଁଶକଣିର ହଲଚଲରୁ ଜାଣିପାରିଲା କିଏ ତା ଅଗରେ କିଛି ଗୋଟାଏ ଗୁଞ୍ଜି ଦେଉଛି ଆଉ ତାକୁ ଠେଲି ଦେଉଛି।

ତାକୁ କିଏ ପୁଣି ଅଭୟବାଣୀ ଶୁଣାଇ କହୁଛି - "ଡଗର! ଭୟ କରନା! ତୋ କାମ ହୋଇଯାଇଛି। ତୋ ରାଜାର ପତ୍ରର ଉତ୍ତର ତୋତେ

ମିଳିଯାଇଛି । ତାକୁ ତୁ ନେଇ ତୋର ମହାପ୍ରତାପୀ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କୁ ଦେବୁ ।" ତାପରେ ମନ୍ଦିର ଶୂନ୍‌ଶାନ୍ । ଯେଉଁ ଗହଳି ଜମିଥିଲା ତାହା ଯେମିତି କୁଆଡେ ଅପସରିଗଲା ।

ସକାଳ ହେଲା । ମନ୍ଦିର ଦ୍ୱାର ନିୟମ ଅନୁସାରେ ଖୋଲାହେଲା । ଡଗର ତାର ବାଉଁଶକଣି ଖଣ୍ଡିକ ସହ ପତ୍ରଟିକୁ ନେଇ ବାହାରକୁ ବାହାରି ଆସିଲା । ସେବକମାନେ ଦେଖିଲେ ଡଗର ହାତରେ ସେ ନେଇଥିବା ବାଉଁଶ କଣି ବ୍ୟତୀତ ଆଉ କିଛି ନାହିଁ । ଡଗର ବାହାରକୁ ଆସିଲା । ସେ ଦେଖିଲା ସେ ଆଣିଥିବା ପତ୍ରଟି ଏହା ନୁହେଁ । ସେ ଆଣିଥିଲା ତାଳପତ୍ରରେ ନାଲି ଅକ୍ଷରରେ ଲେଖାଥିବା ପତ୍ର । ହେଲେ ଏହି ପତ୍ରଟି ଲେଖାହୋଇଛି ସେହିପରି ତାଳପତ୍ରରେ ନୀଳବର୍ଣ୍ଣର ଅକ୍ଷରରେ । ପତ୍ରଟି ପୂରା ମୁଦା ହୋଇଛି । ଉପରେ ଠିକଣା ଲେଖା ହୋଇଛି - ଗଜପତି ରାଜା ବୀର କପିଳେନ୍ଦ୍ରଦେବ, ଶ୍ରୀଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରାଉତ ଏହି ପତ୍ରଟି ପ୍ରାପ୍ତ ହେବେ । ପ୍ରେରକ - ଦେବରାଜ ଇନ୍ଦ୍ର । ଡଗର ମନଖୁସି କହିଲେ ନ ସରେ । ସେ ଏ ଖବର ଛାମୁକରଣ ଓ ପରିଛାଙ୍କୁ ଜଣାଇଦେଲା । ଛାମୁକରଣ ଡଗରର ପ୍ରତ୍ୟାବର୍ତ୍ତନ ପାଇଁ ଯୋଗାଡ କରିଦେଲେ ଗୋଟାଏ ତଟୁ ଘୋଡା ।

ଘୋଡାରେ ବସି ଆନନ୍ଦ ମନରେ ଡଗର ଯାଇ ପହଞ୍ଚିଲା ରାଜଧାନୀ ଅଭିନବ ବାରଣାସୀ କଟକ ନଗରୀରେ । ସିଂହଦ୍ୱାରରେ ଉପଗତ ହୋଇ ମହାମନ୍ତ୍ରୀଙ୍କୁ କଟୁଆଳ ହାତରେ ଖବର ଦେଲା - "ମୁଁ ଇନ୍ଦ୍ରଙ୍କୁ ପତ୍ରଟି ଦେଇ ତାର ଉତ୍ତର ଆଣି ଆସିଛି ।"

ବସିଛି ଦରବାର । ଗଜପତି ମହାରାଜା କପିଳେନ୍ଦ୍ର ଦେବ ଉପସ୍ଥିତ ଅଛନ୍ତି । ଏହି ସମୟରେ ଦ୍ୱାରପାଳ ଖବର ଦେଲା, "ମଣିମା ! ଡଗର ଇନ୍ଦ୍ରଙ୍କ ଠାରୁ ପତ୍ର ନେଇ ଫେରି ଆସିଛି ।" ସଙ୍ଗେସଙ୍ଗେ ମହାମନ୍ତ୍ରୀ ସିଂହଦ୍ୱାରକୁ ଯାଇ ଡଗରକୁ ଦରବାରକୁ ପାଛୋଟି ଆଣିଲେ । ଡଗର ଚିଠିଟି ଦେଲା ମହାମନ୍ତ୍ରୀଙ୍କ ହସ୍ତରେ । ମହାମନ୍ତ୍ରୀ କାଶୀନାଥ ସନ୍ଧିବିଗ୍ରହ ମହାପାତ୍ର ଚିଠିଟି ଗଜପତି କପିଳେନ୍ଦ୍ର ଦେବଙ୍କୁ ବଢାଇଦେଇ କହିଲେ, "ମଣିମା ! ଏ ପତ୍ର ଆପଣଙ୍କ ପାଖକୁ ଆସିଛି ।"

ଗଜପତି କପିଳେନ୍ଦ୍ର ଦେବ ପତ୍ରଟିକୁ ମହାମନ୍ତ୍ରୀଙ୍କ ହାତକୁ ପୁଣି ବଢାଇଦେଇ କହିଲେ, "ବନ୍ଧୁ ମହାମନ୍ତ୍ରୀ ଅବିଳମ୍ବେ ପତ୍ରଟି ଖୋଲି ପାଠ କର ଦେବରାଜ ଇନ୍ଦ୍ର କଅଣ ଲେଖି ପଠାଇଛନ୍ତି ।"

ମହାମନ୍ତ୍ରୀ ଖୋଲିଲେ ସେହି ପତ୍ରଟିକୁ । ସେଥିରେ ଓଡିଆ ଭାଷା ଆଉ ଓଡିଆ ଅକ୍ଷରରେ ଲେଖା ହୋଇଥିଲା -

"ମହାପ୍ରଭୁ ଶ୍ରୀଶ୍ରୀଶ୍ରୀଜଗନ୍ନାଥଙ୍କ ଚରଣ ସେବକ ରାଉତ ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର ରାଉତରାଏ ଶ୍ରୀକପିଳେନ୍ଦ୍ର ଦେବ ଜାଣିବେ- ମୋ ଅଧୀନରେ ଥିବା ମେଘମାନେ ଜଗନ୍ନାଥ ମହାପ୍ରଭୁଙ୍କ ରାଜ୍ୟରେ ଜଳବର୍ଷା କରିନାହାନ୍ତି ଜାଣି ଅତ୍ୟନ୍ତ ମର୍ମାହତ ହେଲି । ଖୁବ୍ ଶୀଘ୍ର ଦିନକ ପରେ ମେଘବର୍ଷା ହେବ, ଏ ପ୍ରତିଶ୍ରୁତି ମୁଁ ଦେଉଛି ।

ଇତି

ଆପଣଙ୍କର ସ୍ନେହଭାଜନ ଦେବରାଜ ଇନ୍ଦ୍ର ।"

ଏତିକିବେଳେ ଜଣେ ପାଇକ ଆସି କହିଲା, "ମଣିମା ! ସାରା ଆକାଶରେ ମେଘ ଘୋଟି ଆସିଲାଣି ।" କପିଳେନ୍ଦ୍ର ଦେବ ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ଜଣେ ଆସି କହିଲା, "ମଣିମା ! ବାହାରେ ମୂଷଳଧାରାରେ ବର୍ଷା ଆରମ୍ଭ ହୋଇଗଲାଣି ।" ସମସ୍ତଙ୍କ ମଥା ଆପେ ଆପେ ନଇଁଗଲା ସେଇ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ । ଏକସ୍ୱରରେ ସମସ୍ତେ କହି ଉଠିଲେ - "ଜୟ ଜଗନ୍ନାଥ....ଜୟ ଜଗନ୍ନାଥ ।"

ସେଇଥିପାଇଁ ଉତ୍କଳମଣି ପରା ଲେଖିଛନ୍ତି -

x x x

ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ
ଉତ୍କଳର ରାଜା ନିଜେ ନାରାୟଣ ।

ଇତିହାସ ଶୁଣିଅଛ ଜନଶ୍ରୁତି
କାଞ୍ଚିଯୁଦ୍ଧ କାଳେ ଉତ୍କଳ ବିଭୂତି,
ଶୁଣିଛ ତ ପ୍ରଭୁ ନୀଳାଦ୍ରି ନାୟକ
ବିଜେ ଧରି ହାତେ କୃପାଣ ଶାୟକ
ଉତ୍କଳ ପ୍ରଧାନ ସେନାପତି ପଣେ
ହୋଇଥିଲେ ବିଜେ ସମର ପ୍ରାଙ୍ଗଣେ !

ପ୍ରକୃତରେ ଉତ୍କଳର ନେତା ନିଜେ ସ୍ୱୟଂ ନାରାୟଣ ବା ଶ୍ରୀଶ୍ରୀଶ୍ରୀଜଗନ୍ନାଥ ।

ସାଇ ଦିଗବଳୟ,
ଇ-୧୯୨, ହାଉସିଂବୋର୍ଡ କଲୋନି, ବରମୁଣ୍ଡା, ଭୁବନେଶ୍ୱର-୩
ମୋ - ୯୪୩୮୨୯୯୧୭୪

# ରତ୍ନସିଂହାସନ ମହୁଡମଣି

**ଡ. ସୂର୍ଯ୍ୟ ନାରାୟଣ ମିଶ୍ର**

ଶ୍ରୀ ଜଗନ୍ନାଥ ହିନ୍ଦୁ ଜଗତର ଆରାଧ୍ୟ ଦେବତା। ଓଡିଆ ଜାତିର ଗର୍ବ ଓ ଗୌରବ। ସିଏ ପୁଣି କଳା ସଂସ୍କୃତିର ବିକାଶ ପଥରେ ଆମ ଓଡିଶାବାସୀଙ୍କର ମୂଳ ପ୍ରୋତ୍ସାହକ, ଆମ ପରମ୍ପରାର ପ୍ରତୀକ। ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଆବାହମାନ କାଳରୁ ଓଡିଆପଣର ସ୍ପନ୍ଦନସ୍ଥଳୀ ହୋଇ ଆସିଛି। ବିଶ୍ୱରେ ଯେତିକି ଧର୍ମ ଅନୁପ୍ରାଣିତ ଅଞ୍ଚଳ ରହିଛି, ଓଡିଶାର ତା ମଧ୍ୟରେ ପ୍ରମୁଖ ସ୍ଥାନ ଏଥିରେ କେହି ଦ୍ୱିମତ ହେବେ ନି। ଏହି ଧର୍ମଦେଶ କେବଳ ଧର୍ମର ସୀମା ମଧ୍ୟରେ ଆବଦ୍ଧ ହୋଇ ନି, ଧର୍ମ ଜୀବନ, ଦର୍ଶନ, ସମାଜ, ରାଜ୍ୟ ଓ ରାଜନୀତି, ଅର୍ଥନୀତି ସବୁ ଦିଗରେ ପ୍ରଯୁକ୍ତ। ଇତିହାସର ଫର୍ଦ ଫର୍ଦ ବର୍ଣ୍ଣନା ସବୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି। ବିଦେଶୀ ଆକ୍ରମଣକାରୀ ଶ୍ରୀଜଗନ୍ନାଥଙ୍କର ସମ୍ପତ୍ତି ଉପରେ ଯେତିକି ଆକର୍ଷିତ, ତାଙ୍କ ଭକ୍ତମାନଙ୍କ ଧର୍ମାନୁରକ୍ତି ପ୍ରତି ସେତିକି ଭୟଭୀତ। ଶ୍ରୀଜଗନ୍ନାଥ ରାଜଶକ୍ତିରେ ପ୍ରତିଷ୍ଠିତ, ପୂଜିତ। ଦୁନିଆଁର ଧର୍ମ ଓ ରାଜନୀତି ବହୁ ବିବର୍ତ୍ତିତ। କିନ୍ତୁ ଶ୍ରୀଜଗନ୍ନାଥ ଓ ତାଙ୍କର ସନାତନ ଧର୍ମ ସେଥିରେ କିୟନ୍ମାତ୍ର ପ୍ରଭାବିତ ହୋଇନି।

ଯଯାତି କେଶରୀଙ୍କ ଶାସନକାଳରୁ ସୋନପୁରର ଡିଆଁବରା ଗ୍ରାମରୁ ଜଗନ୍ନାଥଙ୍କର ମୂର୍ତ୍ତି ପୁରସ୍ତମ କ୍ଷେତ୍ରରେ ପ୍ରତିଷ୍ଠା କରିବାବେଳେ, ଓଡିଶାରେ ଯେଉଁ ଅପୂର୍ବ ଆହ୍ଲାଦ ସୃଷ୍ଟି ହୋଇଥିଲା, ପରବର୍ତ୍ତୀ କାଳରେ ବଡଦେଉଳ ଗଢି ଓଡିଶାର ରାଜା ନିଜକୁ ଶ୍ରୀଜଗନ୍ନାଥଙ୍କର ସେବକ ବୋଲି ଘୋଷଣା କରିଥିଲେ, ସେତେବେଳେ ଏହି ଭକ୍ତିର ନିଷ୍ଠାରେ ଓଡିଶାବାସୀ କୃତ୍ୟକୃତ୍ୟ ହେଲେ। ଏହାର ଏତେ ସୁଦୂରପ୍ରସାରୀ ପ୍ରଭାବ ଜାତ ହେଲା, ପରୋକ୍ଷ ଭାବରେ ଏହା ଉତ୍କଳର ଆଧାତ୍ମିକ, ସାଂସ୍କୃତିକ, ରାଜନୈତିକ, ସାମରିକ ଓ କୂଟନୈତିକ ଦିଗ ଗୁଡିକ ନିଖୁଣ ରୂପେ ନିରୂପିତ ହେଲା। ପୁଣି ତାହା କେତେ ଶତାବ୍ଦୀ ଭବିଷ୍ୟତ ପର୍ଯ୍ୟନ୍ତ। ସବୁରୁ ଉଦ୍ଭବ ହେଲା ଜଗନ୍ନାଥ ଧର୍ମ, ଯାହାର ଦର୍ଶନ ଓଡିଶାର ଜନସାଧାରଣଙ୍କର ଦାର୍ଶନିକ ଚିନ୍ତାଧାରାରେ ପରିଣତ ହେଲା।

ହିନ୍ଦୁ ଧର୍ମର ପ୍ରମୁଖ ଧର୍ମକ୍ଷେତ୍ର ପୁରୀରେ ବୈଦିକ ମତେ ପୁରୁଷୋତ୍ତମ ପ୍ରତିଷ୍ଠିତ ହେଲେ, ଏଥିପାଇଁ ଯଯାତି କିମ୍ବା ତାଙ୍କ ପୂର୍ବର ଜନ୍ମେଜୟ ମହାଭାବଗୁପ୍ତ ଶାସନକାଳରେ ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ପୁରୀ ଭାରତର ଚତୁର୍ଦ୍ଧାମ ମଧ୍ୟରେ ପରିଗଣିତ ହେଉଛି। ଜଗନ୍ନାଥ ଜଗତର ନାଥ ଓ ପ୍ରତି ମଣିଷର ଦେବତା। ମାତ୍ର ସେ ସଦାସର୍ବଦା ଓଡିଶାର ରାଜାଙ୍କ ରାଜକୀୟ ଶକ୍ତିରେ ପୂଜିତ, ଓଡିଶାର ଗଜପତିମାନେ ବି ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟରେ ଚଳନ୍ତି ପ୍ରତିମା ଭାବରେ ହିନ୍ଦୁ ମାନଙ୍କ ଦ୍ୱାରା ସମ୍ମାନିତ। ଏହି ପରମ୍ପରାର ବ୍ୟତିକ୍ରମ ହୋଇ ନାହିଁ। ଯଦି ବା କେବେ ବିଦେଶୀ ଶାସନରେ କିଛି ଦିନ ପାଇଁ ଘଟିଥାଏ, ତାର ପୁନଃ ପରିବ[illegible]ନ ଅବଶ୍ୟାମ୍ଭାବୀ ହୋଇପଡିଛି।

ପୁରୁଷୋତ୍ତମ ଏବଂ ଶ୍ରୀଜଗନ୍ନାଥ ଭାବରେ ପୂଜା ପାଇବା ପୂର୍ବରୁ ପୁରୀର ଇତିହାସ ଅତି ପ୍ରାଚୀନ। ଦୂରଦୃଷ୍ଟିରେ ଦେଖିଲେ, ଏହା ବେଦ, ପୁରାଣ ଓ ବୁଦ୍ଧଙ୍କ ସମୟରେ ବି ଏହା ଏକ ପ୍ରତିଷ୍ଠିତ ତୀର୍ଥସ୍ଥଳ ଥିଲା। କୋଣାର୍କ ପରି ଏଠାରେ ଏକ ସାମୁଦ୍ରିକ ବନ୍ଦର ଥିଲା ଓ ଏ ଦୁଇ ପୋତାଶ୍ରୟ କଳିଙ୍ଗାଧିବାସୀଙ୍କ ସମୁଦ୍ରଯାତ୍ରାପାଇଁ ଶୁଭମନାସିବାକୁ ଓ ସ୍ୱାଗତ କରିବାକୁ ସମୁଦ୍ରକୂଳରେ ଗଢିଉଠିଥିବା ମନେ କରାଯାଇପାରେ। ସେହି ନୌବାଣିଜ୍ୟ ସମୃଦ୍ଧକାଳରେ ଓଡିଶାର ଶିଳାଶିଳ୍ପର ସମୃଦ୍ଧ ଅନୁମେୟ। ଏ ବିଷୟରେ କୁହାଯାଇ ପାରେ ଯେ, ବହୁ ଶତାବ୍ଦୀ ପରେ ଯେବେ କଳିଙ୍ଗୋଦ୍ର (କଳିଙ୍ଗ ସାଗର ବା ପରେ ନାମିତ ବଙ୍ଗୋପସାଗର)ରେ ପର୍ତ୍ତୁଗୀଜ୍ ବା କେହି ଇଉରୋପୀୟ ଜାହାଜ ପୁରୀ ଓ କୋଣାର୍କକୁ ଦେଖି ଧଳା ପାଗୋଡା (ଶ୍ରୀମନ୍ଦିର) ଓ କଳା ପାଗୋଡା (କୋଣାର୍କ ମନ୍ଦିର) ଯେମିତି ଠଉରାଇ ଥାଆନ୍ତି, ସେମିତି ବହୁ ପୂର୍ବରୁ ଦେଶ ଫେରନ୍ତା ଉତ୍କଳୀୟ ସାଧବ କେଉଁ ଦିଗରେ ଫେରିବେ ବୋଲି ନିର୍ଣ୍ଣୟ ନେବା ପାଇଁ ଉଚ୍ଚରୁ ଅତ୍ୟୁଚ୍ଚ ସମୁଦ୍ରକୂଳ ମନ୍ଦିରର ପରିକଳ୍ପନା କରାଯାଇଥିବା ସମ୍ଭବ ମନେହୁଏ।

ଅନେକ ମଧ୍ୟ ବୁଦ୍ଧଙ୍କର ଦନ୍ତପୁରର କିମ୍ବଦନ୍ତି ଦିଅନ୍ତି ପୁରୀର ଐତିହାସିକ ଭିତ୍ତିଭୂମି ନେଇ। ବୁଦ୍ଧଦେବଙ୍କର ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ଚକ୍ଷୁଦନ୍ତ ଉପରେ ଦାବିଦାର ଥିଲେ ଚାରିଜଣ। ଇନ୍ଦ୍ର, କଳିଙ୍ଗ, ଗାନ୍ଧାର ଓ ନାଗାଗ୍ରାମ। ବୁଦ୍ଧଙ୍କ ସମୟରେ କଳିଙ୍ଗ ପରାକ୍ରମଶାଳୀ ଓ ଧର୍ମର କ୍ଷେତ୍ର ଭାବରେ ସୁପ୍ରତିଷ୍ଠିତ ଥିଲା, ଏହି ଧାରଣା ଉତ୍କଳୀୟ ପାଠକ ମାନଙ୍କ ମନରେ ଗର୍ବ ଆଣିବା ସ୍ୱାଭାବିକ। ନ ହେଲେ ଏମିତି ଭଗବାନ ବୁଦ୍ଧଙ୍କର

ଦକ୍ଷିଣ ଉପର ଚକ୍ଷୁଦନ୍ତ (Right upper canine tooth) କଳିଙ୍ଗର ଦାବି କିପରି ବଳବତ୍ତର ହୋଇଥାଆନ୍ତା ?

ବୁଦ୍ଧଙ୍କର ଏହି ଦନ୍ତ ବଣ୍ଟନ ପ୍ରକ୍ରିୟା ବୁଦ୍ଧଙ୍କ ମତାମତ କ୍ରମେ ହୋଇଥିଲା ବୋଲି ବୌଦ୍ଧ ଧର୍ମଗ୍ରନ୍ଥରେ ଉଲ୍ଲିଖିତ। ଜଣେ ଶିଷ୍ୟ ତାଙ୍କୁ ମଜାରେ କହିଥିଲେ, ଆପଣଙ୍କ ଦନ୍ତ କଳିଙ୍ଗ ଗଲେ, ସେଠାରେ ବେଶୀଦିନ ରହିପାରିବ ନାହିଁ। କାରଣ କଳିଙ୍ଗାଧିବାସୀଙ୍କ ଦ୍ୱିତୀୟ ବାସ ତାମ୍ରପର୍ଣ୍ଣୀ ବା ଶ୍ରୀଲଙ୍କାରେ। ବୁଦ୍ଧ ହସି ହସି କହିଥିଲେ, କଳିଙ୍ଗରେ ମୁଁ ଦୁଇ ସହସ୍ରବର୍ଷ ରହିପାରିବାର ଆଶା କରୁଛି, ମାତ୍ର ତାମ୍ରପର୍ଣ୍ଣୀକୁ ଯଦି ପାରି ହୋଇଯିବି, ମୋର ଖ୍ୟାତି ପାଞ୍ଚ ହଜାର ବର୍ଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିବ। କିନ୍ତୁ ସତକୁ ସତ ବୁଦ୍ଧଙ୍କ ଦନ୍ତ କଳିଙ୍ଗରେ ଅନ୍ୟୁନ ସାତଶହ ବର୍ଷ ରହିବା ପରେ ନିରାପା କାରଣରୁ କଳିଙ୍ଗ ସମ୍ରାଟ ଗୁହଶିବ ନିଜ କନ୍ୟା ହେମମାଳା କର୍ତ୍ତୃକ ଶ୍ରୀଲଙ୍କା ପଠାଇ ଦେଇଥିଲେ। ଏଥିରୁ ଜଣାଯାଏ, କଳିଙ୍ଗ ବୁଦ୍ଧଙ୍କୁ ଗଭୀର ଭାବେ ଆକର୍ଷିତ କରିଥିଲା ଏବଂ କଳିଙ୍ଗ ସମାନୁପାତରେ ତାଙ୍କୁ ରାଜକୀୟ ଭକ୍ତିର ଅର୍ଘ୍ୟରେ ପୂଜାକରି ବିଶ୍ୱର ପ୍ରଧାନ ବୌଦ୍ଧ କ୍ଷେତ୍ରରେ ପରିଣତ ହୋଇଥିଲା। ସେଥିପାଇଁ ବୁଦ୍ଧଙ୍କୁ ଶୂଦ୍ରମୁନୀଙ୍କଠାରୁ ଆରମ୍ଭକରି ଅନେକ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ସହିତ ସଂଯୁକ୍ତ କରିଅଛନ୍ତି।

ଏହା ବ୍ୟତୀତ ଶବରୀ ନାରାୟଣ ଓ ନୀଳମାଧବ ଭାବେ ପ୍ରାଚୀନ କଳିଙ୍ଗର ଆଦିମ ଅଧିବାସୀ ମାନଙ୍କ ଦ୍ୱାରା ପୂଜିତ ହେବାର ପୁରାଣ ମତ ଦେଖିବାକୁ ମିଳେ।

ସମଗ୍ର ଦେଶରେ ବୈଷ୍ଣବ ଭକ୍ତି ଯୁଗର ଅଭ୍ୟୁଦୟ ସମୟରୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଭାବରେ ରତ୍ନସିଂହାସନରେ ବିଦ୍ୟମାନ। ମଧ୍ୟଯୁଗୀୟ ପଞ୍ଚସଖା କବିମାନେ ଶ୍ରୀଜଗନ୍ନାଥଙ୍କୁ ନେଇ ଏକ ଧର୍ମଧାରା ସୃଷ୍ଟିକଲେ। ସେମାନଙ୍କ ପରିକଳ୍ପନାରେ ସମଗ୍ରବିଶ୍ୱ ଜଗନ୍ନାଥମୟ ହୋଇ ପଡିଲା, ଶ୍ରୀଜଗନ୍ନାଥ ମଣିଷର ଶରୀରରେ ପରିପୂର୍ଣ୍ଣ ହୋଇ ରହିଥିବାର ମାନସିକ ଚକ୍ଷୁ ଉନ୍ମୀଳିତ ହେଲା। ଏହା 'ପିଣ୍ଡ-ବ୍ରହ୍ମାଣ୍ଡ' ତତ୍ତ୍ୱର ଅନୁସିଦ୍ଧାନ୍ତ ହେଲା ଶରୀର ମଧ୍ୟରେ ପରମାତ୍ମାଙ୍କ ଉପଲବ୍ଧିର ଅନୁଭୂତି। ବୌଦ୍ଧିକ ଓ ଦାର୍ଶନିକ ପରମ୍ପରାରେ ସର୍ବଧର୍ମ ସମନ୍ୱୟରୁ ପରିପୁଷ୍ଟ ଜଗନ୍ନାଥ ଦର୍ଶନ ବା ଜଗନ୍ନାଥ ଧର୍ମ କେବଳ ଓଡିଶାରେ ସୀମିତ ହୋଇ ରହି ନି। ଏହା ଓଡିଆ ମାନଙ୍କର ପରିଚୟ ପାଲିଟିଗଲା।

ଏଥିପାଇଁ ଓଡିଶାର କବିମାନେ ଶ୍ରୀଜଗନ୍ନାଥଙ୍କର ଅନନ୍ୟତା ପ୍ରକଟ କରିଛନ୍ତି। ଜଣାଣ ମାଧ୍ୟମରେ ପୃଷ୍ଠପୋଷକ-ଅନୁଗ୍ରହୀତା ଭଳି ବ୍ୟକ୍ତିଗତ ସମ୍ବନ୍ଧ ଅନାବୃତ୍ତ କରିଛନ୍ତି। ଏହିଭଳି ଯେଉଁ ଧର୍ମ ପରମ୍ପରାର ଉଦ୍ଭବ ହେଲା, ତାହା ଜଗନ୍ନାଥ ଧର୍ମ ଭାବରେ ଖ୍ୟାତ। ଓଡିଶାର ହିନ୍ଦୁ ରାଜତନ୍ତ୍ର ଏଭଳି ଜଗନ୍ନାଥକୈନ୍ଦ୍ରିକ ଧାର୍ମିକ ପରିଚିତି ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସୋମବଂଶୀ ଉତ୍କଳୀୟ ରାଜତନ୍ତ୍ର ଓତପ୍ରୋତଃ ଭାବରେ ଶ୍ରୀଜଗନ୍ନାଥଙ୍କ ସହିତ ଅନୁବନ୍ଧିତ ହୋଇଗଲା, ରାଜା ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭିନ୍ନ ସମ୍ପର୍କ ଗଢି ଉଠିଲା। ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବଙ୍କ ଶାସନ କାଳରେ ଗଜପତି 'ଚଳନ୍ତି ବିଷ୍ଣୁ' ବା 'ଠାକୁର ରାଜା' ଭାବରେ ବିବେଚିତ ହେଲେ। ଗଜପତି ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଭାବରେ ଧର୍ମଧାରାରେ ମଧ୍ୟ ବିଶିଷ୍ଟ ଦାୟିତ୍ୱ ବହନ କଲେ। ଧର୍ମ ମାଧ୍ୟମରେ ନିଜ ପ୍ରଜା ମାନଙ୍କର ସହଯୋଗ ଓ ଶୁଭକାମନା ଓଡିଶା ରାଷ୍ଟ୍ର ଶାସନ ଓ ପରିଚାଳନାରେ ଦୃଢତାର ସୂତ୍ରଧର ହୋଇପାରିଲା।

ଶ୍ରୀଜଗନ୍ନାଥ ଏକାଧାରାରେ ଜୈନ, ବୁଦ୍ଧ, ଶାକ୍ତ, ବୈଷ୍ଣବ ଧର୍ମୀମାନଙ୍କର ନିଜର ବୋଲି ଅଳି ଶୁଣିବାକୁ ମିଳେ। ଯୋଗମାର୍ଗୀଗଣ ତାଙ୍କୁ 'ସର୍ବାଙ୍ଗ ପୁରୁଷ' ବା 'ଅମାନବ ପୁରୁଷ' ବୋଲି ନାମାଙ୍କିତ କରନ୍ତି। ଅଣାକାର ମାନଙ୍କର ଶୂନ୍ୟବାଦରେ ସେ 'ନିରଞ୍ଜନ', 'ଶୂନ୍ୟ' ଓ 'ଜ୍ୟୋତି'। ଶ୍ରୀମଦ୍‌ଭଗବଦ୍‌ଗୀତାରେ ସେ 'ଉତ୍ତମ ପୁରୁଷ' ବା 'ଅକ୍ଷର ପୁରୁଷ' ଭାବରେ ନାମିତ। ଆଦି ଶଙ୍କରାଚାର୍ଯ୍ୟଙ୍କପରି ଅନେକ ତାଙ୍କୁ 'ବ୍ରହ୍ମ' ବୋଲି ମନେ କରନ୍ତି। ମୂଳତଃ ସେ ଋକ୍‌ବେଦ ଓ ଉପନିଷଦ ରଚିତ 'ପୂର୍ଣ୍ଣ ପୁରୁଷୋତ୍ତମ' ଧାରଣାର ଦର୍ଶନୀୟ ରୂପାନ୍ତର ଅଟନ୍ତି, ଯାହାକୁ ପ୍ରତ୍ୟେକ ଧର୍ମ ପରିକ୍ରମା କରିଥାଏ। ଭକ୍ତମାନେ ତାଙ୍କୁ କେତେମତେ ଦେଖନ୍ତି ତା'ର କଳନା ନାହିଁ। ଶ୍ରୀଜଗନ୍ନାଥଙ୍କୁ ବଳଭଦ୍ର, ସୁଭଦ୍ରାଙ୍କ ସହିତ ପୁରାଣ, ତନ୍ତ୍ର, ରାମାୟଣ ଓ ସାଧୁସନ୍ଥ ମାନଙ୍କ ମତରେ ବିଭିନ୍ନ ପୌରାଣିକ ଚରିତ୍ର ଭାବରେ ଉପାଖ୍ୟାନ କରାଯାଏ।

ଶ୍ରୀଜଗନ୍ନାଥ ଚେତନା ଓଡିଶାର ସାହିତ୍ୟ, ସଂସ୍କୃତି, କଳା ଭାସ୍କର୍ଯ୍ୟ, ସାମାଜିକ ଚଳଣି, ଖାଦ୍ୟ ପରମ୍ପରା ଓ ଜୀବନ ସହିତ ସମ୍ପୃକ୍ତ ସମସ୍ତ ଉପାଦାନ ଗୁଡିକୁ ପରିପୁଷ୍ଟ କରିଛି। ଶ୍ରୀଜଗନ୍ନାଥ ଆଦ୍ୟରୁ ହିଁ ଓଡିଆ ସାହିତ୍ୟର ଆବାହକ ହୋଇଛନ୍ତି। ମହାକବି ଜୟଦେବ, ଶୂଦ୍ରମୁନି ସାରଳା ଦାସଙ୍କ ଲେଖନୀର ସର୍ବାଗ୍ରେ ବସନ୍ତି ପ୍ରଭୁ ଜଗନ୍ନାଥ। ପଞ୍ଚସଖା କବି ମାନେ - ଜଗନ୍ନାଥ ଦାସ, ବଳରାମ ଦାସ, ଅନନ୍ତ ଦାସ, ଅଚ୍ୟୁତ ଦାସ ଏବଂ ଯଶୋବନ୍ତ ଦାସ ଜଗନ୍ନାଥ ତତ୍ତ୍ୱ ଓ ଉତ୍କଳୀୟ ବୈଷ୍ଣବ ଭକ୍ତିର ବିପ୍ଳବ ଘଟାଇଛନ୍ତି। ବିପ୍ଳବୀକବି ଭୀମ ଭୋଇଙ୍କ ମନରେ ଜଗନ୍ନାଥ ଉଦ୍ରେକ କରିଛନ୍ତି ନିରାକାର ଶ୍ରୀନାମବ୍ରହ୍ମ ଆଧ୍ୟାତ୍ମିକତା। ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରି ଅନେକ ବରେଣ୍ୟ ଓଡିଆ ପୁଅମାନେ ଶ୍ରୀଜଗନ୍ନାଥଙ୍କ ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରିଛନ୍ତି।

ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ଓଡିଶା ଆଗମନ ଓ ଜୀବନର ଶେଷ ଅଠର ବର୍ଷ ରହଣି ତାଙ୍କର ମୂଳ ଗୌଡୀୟ ବୈଷ୍ଣବ ଧର୍ମ ଜଗନ୍ନାଥ ଦର୍ଶନରେରେ ଝାସ ଦେଇଛି ସତ, ମାତ୍ର ଏହାର ଅନେକ ପ୍ରଭାବ ବଳବତ୍ତର ରହିଛି। ଶ୍ରୀଚୈତନ୍ୟଙ୍କ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣଙ୍କର ରୂପ ବୋଲି ପରିଚୟ ଓ ରାଧାକୃଷ୍ଣ ପ୍ରେମଭକ୍ତି ଆଧାରରେ କେବଳ ଶ୍ରୀକ୍ଷେତ୍ର କାହିଁକି, ସମଗ୍ର ହିନ୍ଦୁ ସମାଜକୁ ରାଧାମୟ କରିଦେଲେ। ଉତ୍କଳୀୟ ସାମାଜିକ ଜୀବନଧାରାରେ ଅକାଟ୍ୟ ପ୍ରଭାବ ପାଞ୍ଚ ଶତାବ୍ଦୀ ଧରି ଓଡିଶାର ପଲ୍ଲୀଜୀବନକୁ ଚିରଦିନ ପାଇଁ ବଶ କରିପାରିଛି। ଉତ୍କଳୀୟ ଗ୍ରାମ

ମାନଙ୍କରେ ସଂକୀର୍ତ୍ତନ, ବୈଷ୍ଣବ ଗୁରୁଙ୍କ ଠାରୁ ନାମ ଗ୍ରହଣ କେବେ ଯେ ଲିଭିଯିବ, ସେମିତି ଚିନ୍ତା ଆଶଙ୍କା କେବେ କରାଯାଇ ନ ପାରେ।

ଶ୍ରୀଜଗନ୍ନାଥଙ୍କର ସମଗ୍ର ଭାରତର ଘରେ ଘରେ ପରିଚିତ କରାଇଛନ୍ତି ଅନେକ ଧର୍ମଗ୍ରନ୍ଥ। ଅନେକ ପୁସ୍ତକ ରଚିତ, ଓଡ଼ିଆ ଆଉ ସଂସ୍କୃତରେ। ଏଗୁଡ଼ିକ ଶ୍ରୀଜଗନ୍ନାଥଙ୍କର ଉତ୍ପତ୍ତି ଓ ମାହାତ୍ମ୍ୟ ବଳିଷ୍ଠ ରୂପରେ ଚିତ୍ରିତ କରି ଶ୍ରୀଜଗନ୍ନାଥଙ୍କୁ ପରମ ଆରାଧ୍ୟ ଦେବ ଭାବରେ ପ୍ରମାଣିତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ପୂଜକ ମାନେ ସମଗ୍ର ଦେଶର କୋଣ କୋଣକୁ ବ୍ୟାପି ଠାକୁରଙ୍କର ଖ୍ୟାତି ବଢ଼ାଇଛନ୍ତି। ଶ୍ରୀଜଗନ୍ନାଥଙ୍କୁ ଦର୍ଶନରେ ଜୀବନରେ ମୁକ୍ତିଲାଭ ଓ ରଥରେ ଦେବ ଦର୍ଶନର ଫଳ ବର୍ଣ୍ଣନା କରି ଧାର୍ମିକ ଆକର୍ଷଣର ମାତ୍ରା ବୃଦ୍ଧି କରିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ନେଇ ରଚନା କରାଯାଇଛି ଅସଂଖ୍ୟ କିମ୍ବଦନ୍ତୀ ଓ ଗଳ୍ପସବୁ। ଏ ସବୁର ସହାୟକ ପୁରୀର ସେବାରତ ମଠ ସବୁ। ସବୁ ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କର ବାର ମାସର ତେର ପର୍ବ, ରଥଯାତ୍ରା ଓ ବାର ବର୍ଷରେ ନବ କଳେବର ତାଙ୍କୁ ମାନବ ରୂପ ଗୁଣର ଚେତନା ଭାବରେ ମନକୁ ଶାନ୍ତି ପ୍ରଦାନ କରୁଛି।

ସାଧାରଣ ଲୋକମାନଙ୍କର ଶ୍ରୀଜଗନ୍ନାଥଙ୍କୁ ନିଜର ନିବେଦନ ପ୍ରକାଶର ମାଧ୍ୟମ ହେଉଛି ଭକ୍ତିପ୍ଲୁତ ଭଜନ ବା ଜଣାଣ। ଏହି ଭଜନ କେବଳ ଭକ୍ତର ଗୁହାରି ଶୁଣି ଦୁଃଖ ଦୂରକରିବାର ଅନୁଗ୍ରହ ଲାଭ କରିବା ଉପରେ ସୀମିତ ନୁହେଁ। ଏଥିରେ ଭକ୍ତର ଦାବି ଓ ବିଶ୍ୱାସର ସ୍ୱର ପ୍ରତିଫଳିତ। ଓଡ଼ିଶାର ପ୍ରାଚୀନ ଭକ୍ତକବିମାନେ ଜଗନ୍ନାଥ ଚେତନାକୁ ଏପରି ସରଳ, ବୋଧଗମ୍ୟ, ଜୀବନ୍ତ ଓ ପ୍ରତ୍ୟକ୍ଷ କରିପାରିଛନ୍ତି, ତାହା ଓଡ଼ିଆ ପ୍ରାଣରେ ଚିରଦିନ ପାଇଁ ନିଦର୍ଶନ ଭାବରେ ଲିପିବଦ୍ଧ ହୋଇ ରହିବାର ସାମର୍ଥ୍ୟ ରହିଛି। ଓଡ଼ିଆ ମାନଙ୍କର ପ୍ରତିଟି କୃତିତ୍ୱ ପଛରେ ଶ୍ରୀଜଗନ୍ନାଥହିଁ ପ୍ରୋତ୍ସାହକ, ସବୁ ବିଫଳତା ହିଁ ତାଙ୍କ କୃପାଲାଭ କରିବାରେ ବଞ୍ଚିତ ହେବା ବୋଲି ମନେକରାଯାଏ। ବହୁ ବଳଷ୍ଠ ରଚନା ତାଙ୍କର ଉତ୍ପତ୍ତି ଓ ମହାତ୍ମ୍ୟ ସମ୍ପର୍କରେ।

ଓଡ଼ିଆ ଜୀବନ ବହୁଳ ଭାବରେ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ନିୟନ୍ତ୍ରିତ। ବିବାହ ନିମନ୍ତ୍ରଣ ପତ୍ରର ପ୍ରଥମ କିତା ଶ୍ରୀ ଜଗନ୍ନାଥଙ୍କୁ। ଯଦି କୌଣସି କାମରେ ଅଭାବ ଥାଏ, ଯଥା ବିବାହ ଜାତକ ମେଳକ ପାଇଁ ଜାତକ ନ ଥାଏ, ସର୍ବ ମଙ୍ଗଳ ଜଗନ୍ନାଥ ବୋଲି ବିବେଚନା କରାଯାଇ ଶୁଭକାର୍ଯ୍ୟ ଆରମ୍ଭ କରାଯାଏ।

ସକାଳୁ ସନ୍ଧ୍ୟାଯାଏ, ଦିନରୁ ମାସଯାଏ, ମାସରୁ ବର୍ଷଯାଏ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ। ଓଡ଼ିଶାର ସକଳ କର୍ମର କର୍ଣ୍ଣଧାର ସେହି ରତ୍ନ ସିଂହାସନ ମହୁତମଣି।

ପ୍ରାକ୍ତନ ପ୍ରଫେସର, ରାଜନୀତି ବିଜ୍ଞାନ,
ଉତ୍କଳ ବିଶ୍ୱବିଦ୍ୟାଳୟ, ପଟିଆ,
ମୋ: ୯୩୩୭୧୨୫୬୨୯



# ଦେଖୁ ଦେଖୁ ଭାସି ଗଲି

**ଇନ୍ଦ୍ରମଣି ଜେନା**

ମହାପ୍ରଭୁ ଶ୍ରୀଚୈତନ୍ୟ ଶ୍ରୀମନ୍ଦିରରେ ଉଭାନ ହୋଇଯିବାର ଛଅ ବର୍ଷ ହେଲାଣି। ୧୫୪୦ ମସିହା।

ଓଡିଶା ରାଷ୍ଟ୍ରର ଜଣେ ସାମରିକ ଅଧିକାରୀ ଓ ଗଜପତିଙ୍କର ନିକଟସ୍ଥ କର୍ମଚାରୀ ଭେଟ ହୋଇଯାଇଛନ୍ତି ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ପାଖରେ। ଦୁଇଜଣ ଜଣାଶୁଣା ହେଲେ ବି ବହୁ ବର୍ଷ ବ୍ୟବଧାନରେ କଥାବାର୍ତ୍ତା ହେବାର ସୁଯୋଗ ପାଇଛନ୍ତି। ଦେବ ଦର୍ଶନ ସରିଗଲାଣି। ମନ୍ଦିର ପରିସରକୁ ଗଲେ, ଦେଶଟା ଦର୍ପଣରେ ଦେଖିଲା ପରିଲାଗେ ସାମରିକ ଅଧିକାରୀ ସନ୍ଧିବିଗ୍ରହଙ୍କୁ। ସନ୍ଧିବିଗ୍ରହ ଅଛନ୍ତି ଅର୍ଜୁନ ପଦାତିକରାୟ। ଯୁଦ୍ଧ ବେଳେ ବିଗ୍ରହ ଓ ଶାନ୍ତିବେଳେ ସନ୍ଧିସୂତ୍ର ତାଙ୍କ କାର୍ଯ୍ୟକଳାପ। ତାଙ୍କର ଅଭିଜ୍ଞତା ଜୀବନ ଯାକର। ସିଏ ଥରେ ଶ୍ରୀମନ୍ଦିରରେ ପଶିଗଲେ, ଠଉରେଇ ନେବେ ରାଜ୍ୟର ସାମରିକ ଶକ୍ତି। କାହିଁକି କେଜାଣି ଗୋଟାଏ ଅହେତୁକ ଶଙ୍କା ତାଙ୍କ ମନକୁ ଆସିଯାଏ।

ମନ୍ଦିରର ପ୍ରଶାସନ ଓ ଭକ୍ତ ସମାବେଶ ସନ୍ଧିବିଗ୍ରହଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ମନରେ। ଠାକୁରମାନେ କଅଣ ଶାନ୍ତିରେ ନାହାନ୍ତି ? ଦେଶ କଅଣ ଗୋଟିଏ ଦୁର୍ଦ୍ଦିନ ଆଡକୁ ଗତି କରୁଛି ? ସାମରିକ କ୍ଷେତ୍ରରେ ଯାହା ତାଙ୍କୁ ଅନୁଭବ ହେଉଥିଲା, ରାଷ୍ଟ୍ର ଦୁର୍ବଳ ହୋଇ ପଡିଛି ବୋଲି ସତରେ ଏହି ମନ୍ଦିର ଭିତରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଚାହିଁଲେ, ମନ ଦବି ଯାଉଛି ତାଙ୍କର।

ଯୋଗକୁ ଦେଖା ମିଳିଗଲା ମୁରାରି ବୈରୀଗଞ୍ଜନଙ୍କ ସହିତ। ସିଏ ସବୁ ଜାଣିଥାଇ ପାରନ୍ତି। ଶ୍ରୀମନ୍ଦିରର ଶୋଭା କିପରି ମଳିନ ହେବାକୁ ଲାଗିଲାଣି। ମୁରାରି ଆଗରୁ ଜଣାଶୁଣା ଅର୍ଜୁନଙ୍କ ସହିତ। କାହାର ବା ମୁରାରି ବୈରୀଗଞ୍ଜନଙ୍କ ସହିତ ଚିହ୍ନା ନ ହେବ ? ସିଏ ପୁରୁଣା ମୁଖ୍ୟ ଗଜପତିଙ୍କ ଶ୍ରୀନବରରେ। ପଦବୀ ମଣ୍ଡନ କରିଛନ୍ତି ଗଜପତିଙ୍କର ଅନ୍ତରଙ୍ଗ ମହାପାତ୍ର। ଦୀର୍ଘକାଳ ଗଜପତିଙ୍କ ସହିତ ରହି ସବୁ ଦିଗର ଓଡିଶାକୁ ଜାଣିବାରେ ଯେତିକି ଅଭିଜ୍ଞତା ରହିଛି, ତା ଠାରୁ ଅଧିକ ଅଛି ଗଜପତି ପ୍ରତାପରୁଦ୍ରଙ୍କ ବ୍ୟକ୍ତିତ୍ୱ ବିଷୟରେ ପରିଚିତି।

ଅନୁସନ୍ଧିତ୍ସୁ ମନ ସନ୍ଧିବିଗ୍ରହଙ୍କର ପଚାରିବେ ପଚାରିବେ ହେଉଛନ୍ତି ଗଜପତି ପ୍ରତାପରୁଦ୍ରଙ୍କର ସ୍ୱାସ୍ଥ୍ୟ ବିଷୟରେ। କେମିତି ସିଏ ସମ୍ମୁଖୀନ ହୋଇଛନ୍ତି ମହାପ୍ରଭୁଙ୍କର ତିରୋଧାନରେ ? ଆଜିର ସୁପ୍ତପ୍ରାୟ ଓଡିଶା ରାଷ୍ଟ୍ରର ଭବିଷ୍ୟତ ନିଶ୍ଚିତ ଦେଖା ଯାଉନି ତାଙ୍କୁ।

ଅନ୍ତରଙ୍ଗ ମହାପାତ୍ରଙ୍କୁ ମୁହଁ ଖୋଲି ପଚାରି ଦେଇଛନ୍ତି, ମହାପ୍ରଭୁ ଶ୍ରୀଚିତନ୍ୟଙ୍କ ପୁରୀରେ ଆବିର୍ଭାବ ହେବା ପରେ ଗଜପତି ଅନ୍ତତଃ ଦଶବର୍ଷ ରାଜଗାଦୀ ଭୋଗ କରିସାରିଲେଣି। ସିଏ କିପରି ମହାପ୍ରଭୁଙ୍କ ପ୍ରତି ଉଦ୍‌ବୁଦ୍ଧ ହୋଇପଡିଲେ ?

ବହୁ ପୁରାତନ କଥା ମନେ ପକାଇ ଅନ୍ତରଙ୍ଗ ମହାପାତ୍ର କହିବାକୁ ଆରମ୍ଭ କଲେ।

ଗଜପତିଙ୍କର ମାନସିକ ପ୍ରସ୍ତୁତି କେବେଠାରୁ ପୂର୍ଣ୍ଣ ହୋଇ ଗଲାଣି। ସିଏ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଓଡିଶା ଆଗମନକୁ ଯେପରି ଦେଖିଥିଲେ, ସଂକୀର୍ତ୍ତନ ପ୍ରଥମଥର ଆରମ୍ଭ ହେବାବେଳେ ରଥଟଣା ଓ ରଥଯାତ୍ରାର ନୀତି ଯେତିକି ବିଳମ୍ବିତ ହୋଇଗଲା, ତା ପାଇଁ ଯେତିକି କ୍ଷୋଭ ଭରି ଥିଲେ ମନରେ ସେ ସବୁ କିଛି ଦିନ ପରେ କୁଆଡେ ଲିଭିଗଲା।

ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ ଗୋଡୀୟ ବୈଷ୍ଣବମାନେ ଯାହା ମନେ କରୁଛନ୍ତି ସ୍ୱୟଂ ବିଷ୍ଣୁ ବୋଲି, ରାଧାକୃଷ୍ଣଙ୍କର ଅବତାର ବୋଲି ଗଜପତି ଜାଣି ଗଲେଣି ଏଇଟା ନିରାଟ ସତ୍ୟ। ଏଇ ମନଲୋଭା ସଂକୀର୍ତ୍ତନ ଯହିଁରେ ଦର୍ଶକ ନିଜକୁ ପୂର୍ଣ୍ଣଭାବରେ ହଜାଇଦେଇ ଭକ୍ତିରେ ମଜ୍ଜି ଯାଆନ୍ତି। ସଂକୀର୍ତ୍ତନର ତାଳେତାଳେ ପାଦ ଓ ଶରୀରର ଦୈବୀ ସଞ୍ଚାଳନ ବିମୁଗ୍ଧ କରୁଛି ଦର୍ଶକ ମାନଙ୍କୁ। ଏହି ସରଳ ଶବ୍ଦଚାତୁରୀ ଶ୍ରୀଜଗନ୍ନାଥଙ୍କ ପାଦତଳେ ନୂତନ ସମର୍ପଣର ସୂତ୍ର ପ୍ରତିଷ୍ଠା କରୁଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରିବାରେ ଅଦ୍ୱିତୀୟ ମହାପ୍ରଭୁ ଶ୍ରୀଚୈତନ୍ୟ।

ନଦିଆ ନବଦ୍ୱୀପରେ ବୈଷ୍ଣବ ଚେତନାର ସୂତ୍ରଧର ନିତାଇ ଗଉର ଶ୍ରୀଚୈତନ୍ୟ। ନିଜର ଅସମ୍ଭବ ଆଧ୍ୟାତ୍ମିକତାର ପ୍ରମାଣ ତାଙ୍କର ସିଦ୍ଧ ବେଦାନ୍ତ ଜନିତ ଅଚିନ୍ତ୍ୟ ଭେଦାଭେଦ ଦର୍ଶନ ଓ ବ୍ରହ୍ମଜ୍ଞାନ। ସେଥିପାଇଁ ଶ୍ରୀଚୈତନ୍ୟ ଆଦିଶଙ୍କରଙ୍କର ଅଦ୍ୱୈତାବାଦକୁ ସମର୍ଥନ

କରିବାକୁ ରାଜି ନ ଥିଲେ। ସେ ବ୍ରହ୍ମକୁ ମୂଳସୂତ୍ର ଆଧାରରେ ଗ୍ରହଣ କରିନେଇଥିଲେ। ଭାରତର ଅନେକ ଅଂଶ ବିଜାତୀୟ ଶାସନାଧୀନ ଥିଲେ ହେଁ ହିନ୍ଦୁ କ୍ଷେତ୍ରଗୁଡିକରୁ ବୈଷ୍ଣବ ମାନଙ୍କର ଉଚ୍ଚଧ୍ୱନି ଦେଶକୁ ମୁଖରିତ କରିଥିଲା।

ଶ୍ରୀଚୈତନ୍ୟଙ୍କର ନିଷ୍ପତ୍ତି ପୁରଷ୍ତମରେ ଶ୍ରୀଜଗନ୍ନାଥଧାମରେ ଅବସ୍ଥାନ କରି ଭଗବାନଙ୍କ ଲୀଳା ପ୍ରସାର କରିବା ନିଶ୍ଚିତ ଅନେକ ଐତିହାସିକ ଓ ଆଧ୍ୟାତ୍ମିକ ବିପ୍ଳବ କରିବାକୁ ଯାଉଛି, ଏଇଟା ତାଙ୍କର ନଦିଆ ନବଦ୍ୱୀପରୁ ପୁରଷ୍ତମ ପର୍ଯ୍ୟନ୍ତ ସୁଲଳିତ ସଂକୀର୍ତ୍ତନରୁ ସଂକେତ ମିଳୁଥିଲା। ଏମିତି କି ବଙ୍ଗଳାର ନବାବଙ୍କର ଦୁଇଜଣ ପଦସ୍ଥ ମନ୍ତ୍ରୀ ପଦତ୍ୟାଗ କରି ଶ୍ରୀଚୈତନ୍ୟଙ୍କର ପଶ୍ଚାଦ୍‌ଗାମୀ ହୋଇଥିଲେ। ଜଣେ ପରମ ବୈଷ୍ଣବ ଭାବରେ ଶ୍ରୀଚୈତନ୍ୟଙ୍କର ଭୂଷଣ ଥିଲା ଦାରିଦ୍ର୍ୟ, ରାଧାକୃଷ୍ଣଙ୍କର ନାମ ସଂକୀର୍ତ୍ତନ। ତାଙ୍କର ପ୍ରସାରିତ ବୈଷ୍ଣବ ଭକ୍ତି ଥିଲା ମାଧୁର୍ଯ୍ୟ ମାର୍ଗ ବା ପ୍ରେମଭକ୍ତି। ବିଷ୍ଣୁଙ୍କର ନିତ୍ୟସ୍ଥଳ ହେଉଛି ଶ୍ରୀକ୍ଷେତ୍ର ଆଉ ବୃନ୍ଦାବନ।

ବୈଷ୍ଣବମାନଙ୍କର ଜୀବନର ଲକ୍ଷ୍ୟ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କର ସେବା। ସେଇ ସେବା ପୁଣି ତରୁଣୀ ଗୋପୀ ବେଶରେ ରାଧାଙ୍କୁ ସାହାଯ୍ୟ କରିବା ମନୋଭାବରେ। ରାଧାଙ୍କର ପ୍ରେମମୟ ଜୀବନରେ ପାଥେୟ ହୋଇ ଆଧ୍ୟାତ୍ମିକ ମତରେ ମଧୁର ଭକ୍ତିଭାବ ପ୍ରକଟ କରିବା। ଗୌଡୀୟ ବୈଷ୍ଣବ ମାନେ ଆହୁରି କିଛିଦୂର ଏହି ମଧୁର ସମ୍ପର୍କକୁ ବ୍ୟାପକ କରିଛନ୍ତି। ରାଧାଙ୍କର ମୁଖ୍ୟ ସହାୟିକା ରୂପମଞ୍ଜରୀ। ତାଙ୍କର ଅନେକ ମଞ୍ଜରୀ ହାତ ପାଆନ୍ତାରେ ସାହାଯ୍ୟ କରିବାକୁ ଅଛନ୍ତି। ସେହି ମଞ୍ଜରୀ ଭାବରେ ରାଧାକୃଷ୍ଣଙ୍କର ମାନସିକ ସହାୟିକା ରୂପ ଓ ମନ ଧାରଣକରି ବୃନ୍ଦାବନରେ କିଛି ସମୟ ବିତାଇବା ଗୌଡୀୟ ବୈଷ୍ଣବ ମାନଙ୍କର ଶାନ୍ତିଦାୟକ ଚିନ୍ତାଧାରା। ଏହି ଧାରଣା ଶ୍ରୀଚୈତନ୍ୟଙ୍କର ନିଜସ୍ୱ ନ ହେଲେ ବି ସେ ଏହାର ପାଳନ ଓ ପ୍ରସାର କରିଛନ୍ତି।

ସଂକୀର୍ତ୍ତନର ମୃଦୁ ତାଳରେ କମନୀୟ ପଦଚାଳନାରେ ଶ୍ରୀଚୈତନ୍ୟ ଯେତେବେଳେ ପୁରଷ୍ତମରେ ପ୍ରବେଶ କରନ୍ତି, ମନ୍ଦିରରେ ଶ୍ରୀମୁଖ ଦର୍ଶକ କରନ୍ତି, ସେ ଭାବ ବିହ୍ୱଳ ହୋଇ ମୋହ ଯାଆନ୍ତି। କିଛି ସମୟ ପର୍ଯ୍ୟନ୍ତ ଚେତନା ହରାନ୍ତି। ଏହି କଳା ଶ୍ରୀମୁଖ ଯେ ଶ୍ରୀକୃଷ୍ଣଙ୍କ ଆନ କେହି ନୁହେଁ, ସିଏ ସିଦ୍ଧ କରିନ୍ତି। ଜୀବନର ଅବଶିଷ୍ଟାଂଶ ଏହି ପୁରଷ୍ତମରେ କଟାଇଦେବାର ଅଭିପ୍ରାୟ ରଖନ୍ତି ଶ୍ରୀଚୈତନ୍ୟ।

ପୁରୀରେ କିଛି ଗୌଡୀୟ ବୈଷ୍ଣବ ଭକ୍ତମାନଙ୍କ ଗହଣରେ ବାସ କରନ୍ତି ଶ୍ରୀଚୈତନ୍ୟ, ପୁରୀରୁ ଭାରତର ଦକ୍ଷିଣ ଦିଗକୁ ତୀର୍ଥକରିବାକୁ ପଦବ୍ରଜରେ ଗମନ କରନ୍ତି। ରାଜମହେନ୍ଦ୍ରି ଦେଇ କନ୍ୟାକୁମାରୀ ଯିବାବାଟରେ ଧର୍ମାଲୋଚନାରେ କିଛି ସମୟ ବିତାନ୍ତି ଓଡିଶାରାଷ୍ଟ୍ରର ପ୍ରଶାସକ ପଟ୍ଟନାୟକ ରାୟ ରାମାନନ୍ଦଙ୍କ ସହିତ। ରାଧାପ୍ରେମ ବୈଷ୍ଣବ ସମ୍ବଳ ଦୃଢ ପ୍ରତିଷ୍ଠାଲାଭକରେ ତାଙ୍କର ଧର୍ମାଚରଣରେ। ରାୟ ରାମାନନ୍ଦଙ୍କୁ ଧାର୍ମିକ ଜୀବନଯାତ୍ରା ପାଇଁ ଉପଦେଶ ଦିଅନ୍ତି ସିଏ। ଦକ୍ଷିଣରୁ ଫେରି ଶ୍ରୀଚୈତନ୍ୟ ଯାତ୍ରାକରନ୍ତି ବୃନ୍ଦାବନକୁ।

ଶ୍ରୀଚୈତନ୍ୟଙ୍କ ଅବସ୍ଥାନ କାଳରେ ପୁରଷ୍ତମ ପୁରୀ ଦୃଢ ଭାବରେ ପ୍ରତିଷ୍ଠିତ ହୋଇପାରିଲା ଦେଶର ବୈଷ୍ଣବ ଭକ୍ତିର ସର୍ବବୃହତ୍ କ୍ଷେତ୍ର ଭାବରେ। ସଂକୀର୍ତ୍ତନମୟ ଶ୍ରୀକ୍ଷେତ୍ରକୁ ସମଗ୍ର ଦେଶର ଧର୍ମଶକ୍ତିର କେନ୍ଦ୍ରୀଭୂତ ହେବାକୁ ଲାଗିଲା, ଦେଶର ସମସାମୟିକ ଧର୍ମଗୁରୁ, ସିଦ୍ଧପୁରୁଷମାନେ ଶ୍ରୀଜଗନ୍ନାଥଙ୍କ ସହିତ ସାନ୍ନିଧ ଲାଭକଲେ ସଂକୀର୍ତ୍ତନରତ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କର। ଚଳଚଞ୍ଚଳ ସଂକୀର୍ତ୍ତନର ଶ୍ରୁତିମଧୁର ତାଳରେ ଗତିଶୀଳ ପଦଯୁଗଳ ପରି କେବଳ ଭାରତର କାହିଁକି ବିଶ୍ୱର କୋଳାହଳମୟୀ ଧର୍ମକ୍ଷେତ୍ରର ସ୍ୱରୂପ ନେଇଛି ଶ୍ରୀକ୍ଷେତ୍ର।

ଗଜପତି ପ୍ରତାପରୁଦ୍ର ଏବେ ସବୁମତେ ହୃଦବୋଧ କଲେଣି ମହାପ୍ରଭୁ ଶ୍ରୀଚୈତନ୍ୟ ମାନବ ନୁହଁନ୍ତି। ସିଏ ସ୍ୱୟଂ ଶ୍ରୀକୃଷ୍ଣଙ୍କର ନାମଜପା ରାଧାକୃଷ୍ଣ ରୂପ। ସିଏ ପ୍ରକୃତରେ ମହାପ୍ରଭୁ। ତାଙ୍କ ପାଖରେ ଜାତିଭେଦ ନାହିଁ। ଲୋଭହୀନ ଦରିଦ୍ରଭୂଷଣ ନିତାଇ ଗଉର। ସିଏ ଜୀବନ୍ତ ଅବତାର ଶ୍ରୀ ଜଗନ୍ନାଥଙ୍କର। ତାଙ୍କର ଶରଣ ପଶିବାର ସୁଚିନ୍ତା କାହାକୁ ବା ନ ଆସିବ ?

ପ୍ରତାପରୁଦ୍ରଙ୍କ ପରି ପ୍ରବଳ ପ୍ରତାପୀ ଗଜପତି ଯେ ଦ୍ୱନ୍ଦ୍ୱ ଅତିକ୍ରମ କରି ହାତ ଟେକି ଦେଲେଣି ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ପାଖରେ, ଏହି ଘମାଘୋଟ ଆଲୋଚନାରେ ବ୍ୟସ୍ତ ଅନ୍ତରଙ୍ଗ ମହାପାତ୍ର ଓ ସନ୍ଧି ବିଗ୍ରହ, ଉଭୟେ ଓଡିଶା ରାଷ୍ଟ୍ରର ଗଜପତିଙ୍କର ଦୁଇଟି ଅଧିକାରୀଙ୍କର ପଦ। ସେମାନଙ୍କର ଆଲୋଚନା ଧର୍ମକ୍ଷେତ୍ର ଓ ଯୁଦ୍ଧକ୍ଷେତ୍ର ବିଷୟରେ। ଘଡିସନ୍ଧିରେ ଉତ୍କଳ ରାଷ୍ଟ୍ରର ପ୍ରଶାସନ। ଦୀର୍ଘ ୪୩ବର୍ଷ ଶାସନ କାଳରୁ ଶେଷ ୬ ବର୍ଷ ବାତୁଳ ପ୍ରାୟ ଗଜପତି। ଶ୍ରୀମନ୍ଦିରରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅନ୍ତର୍ଦ୍ଧାନ ହେବାର ଛ ବର୍ଷ ପୂରିଗଲାଣି। ଗଜପତିଙ୍କ ମନରୁ ଦୁଃଖ ଲାଘବ ହୋଇନି। ଶାସନ ସ୍ଥାଣୁ ହୋଇପଡିଛି। ଲୋକମାନେ ଗଜପତିଙ୍କ ଦୟନୀୟ ଅବସ୍ଥାରେ ଅନାଇଁ ରହିଛନ୍ତି ଆସନ୍ତା କାଲିକୁ କଅଣ ଘଟୁଛି। ସୀମାରେ ଯବନଙ୍କ ଲୋଲୁପଦୃଷ୍ଟି।

ସନ୍ଧିବିଗ୍ରହ ବହୁତ ଭୀତତ୍ରସ୍ତ ହୋଇଛନ୍ତି, ଦେଶର ସାମରିକ ଶକ୍ତି ଦୁର୍ବଳ ହୋଇପଡିଛି। ବଙ୍ଗ ଦିଗରେ କୁମ୍ଭୀର ପରି ଆଁ କରି ରହିଛି ଆଫଗାନ ନବାବ। ସାମରିକତା ଓହ୍ଲାଇ ଗଲାଣି ପାଇକ ରକ୍ତରୁ। ନୂଆ ଯୁବକ ମାନେ ଆଗ୍ରହୀ ନୁହଁନ୍ତି ଯୁଦ୍ଧକ୍ଷେତ୍ର ପ୍ରତି।

ଗଲାଣି ସେ କାଳ, ଯେବେ ପ୍ରବଳ ପ୍ରତାପୀ ଗଜପତି ପ୍ରତାପରୁଦ୍ର ଦେବ, ଅସୀମ ଶକ୍ତିରେ ବଳୀୟାନ ଥିଲେ। ସିଏ ଉତ୍କଳରାଷ୍ଟ୍ରକୁ ପ୍ରାଣ ଦେଇଥିବା ସୂର୍ଯ୍ୟବଂଶୀ କପିଳେନ୍ଦ୍ରଙ୍କର ପୌତ୍ର।

ଅନ୍ତରଙ୍ଗ ମହାପାତ୍ର ମୁରାରି ବୈରୀଗଞ୍ଜନ ବଂଶାନୁକ୍ରମେ ଏହି ଅନ୍ତରଙ୍ଗ ମହାପାତ୍ର ପଦବୀର ଅଧିକାରୀ। ନିଜକୁ ଠିକ୍ ରେ ଖାପ ଖୁଆଇ ପାରିଛନ୍ତି ଗଜପତି ପ୍ରତାପରୁଦ୍ରଙ୍କ ସହିତ। ଦିନଟିଏ ନାହିଁ ବିନା ମୁରାରିରେ ଗଜପତି ସମୟ କଟାଇପାରିବେ। ରାଜାଙ୍କର ଅଜସ୍ର ପାତ୍ରମନ୍ତ୍ରୀଙ୍କ ମଧ୍ୟରୁ

କାହିଁକି କେଜାଣି ଏହି ପଦଟି ଗଜପତିଙ୍କର ଅତି ନିକଟତର। ଗଜପତିଙ୍କର ବି ମୁରାରି ପରିବାର ସହିତ ବେଶ୍ ପରିଚିତି ଥିଲା। ତାର କାରଣ ବଂଶାନୁକ୍ରମେ ପିତା ଓ ପିତାମହଙ୍କ ଅମଳରୁ ଏହି ବୈରୀଗଞ୍ଜନ ପରିବାର ନିଜକୁ ଗଜପତିଙ୍କ ସେବାରେ ମୂର୍ଚ୍ଛି ଦେଇଥିଲା। ରାଜ୍ୟଶାସନ ସିନା ପାତ୍ରମନ୍ତ୍ରୀଙ୍କ ସହିତ, କିନ୍ତୁ ନିଜର ବ୍ୟକ୍ତିଗତ ସମ୍ପର୍କ ଓ ଆବଶ୍ୟକତା ଏଇ ଅନ୍ତରଙ୍ଗ ପରିବାରର ସେବାରୁ ଗଜପତି ପାଇପାରନ୍ତି। ପାରିଧି ବିଜେ କଲେ କି ଯୁଦ୍ଧକୁ ଗଲେ, ଅନ୍ତରଙ୍ଗ ବି ସାଙ୍ଗ ଛାଡନ୍ତି ନାହିଁ। କପିଳେନ୍ଦ୍ରଙ୍କର ଅନ୍ତରଙ୍ଗ ମହାପାତ୍ର ଥିଲେ ମୁରାରିଙ୍କର ଜେଜେବାପା ଉଚ୍ଛବ ବୈରୀଗଞ୍ଜନ ଓ ତା ପର ପୁରୁଷକୁ କପିଳେନ୍ଦ୍ରଙ୍କ ପୁତ୍ର ପୁରୁଷୋତ୍ତମ ଦେବଙ୍କର ଅନ୍ତରଙ୍ଗ ଥିଲେ ମୁରାରିଙ୍କର ବାପା ଭ୍ରମର ବୈରୀଗଞ୍ଜନ। ଏ କଥା କହିବାର କାରଣ ହେଉଛି, ଯେବେ କପିଳେନ୍ଦ୍ରଦେବ ଓଡିଶା ରାଷ୍ଟ୍ରର ଦକ୍ଷିଣ ସୀମା ଜଗି ରହିଥିବାବେଳେ ତାଙ୍କର ତିରୋଧାନ ଘଟିଲା କପିଳାବ୍ଦ-୨୯ରେ (ଖ୍ରୀଷ୍ଟାବ୍ଦ-୧୪୬୬) ସେତେବେଳେ ସେଠାରେ ଉଚ୍ଛବ ତାଙ୍କର ବହୁ ଯତ୍ନ ନେଇଥିଲେ।

ଏବେ ତ ସମୟ କପିଳାବ୍ଦ -୧୦୩ (୧୫୪୦ ଖ୍ରୀଷ୍ଟାବ୍ଦ) ପ୍ରତାପରୁଦ୍ରଙ୍କର ଶାସନର ଅନ୍ତିମ ପର୍ଯ୍ୟାୟ।

ଯାହା ହେଲେ ବି ମୁରାରି ବହୁ ଶିକ୍ଷା ଲାଭ କରିଛନ୍ତି ସଂସ୍କୃତରେ, ଓଡିଶାରାଷ୍ଟ୍ରର ପୁରୁଷୋତ୍ତମରୁ ପଢିବା ପରେ କିଛିବର୍ଷ କାଶୀରୁ ବିଦ୍ୟାଲାଭ କରିଛନ୍ତି। ବହୁ ଶାସ୍ତ୍ର, ଦର୍ଶନ ଅଧ୍ୟୟନ କରିଛନ୍ତି। ଜଗନ୍ନାଥଙ୍କ ଐତିହ୍ୟ ଭଲଭାବରେ ଜାଣନ୍ତି। ସବୁବେଳେ ହସହସ ମୁହଁ ଓ ତାଙ୍କ କଥାରେ ପେଟ ପୂରିଯିବ। ଗଜପତି ପ୍ରତାପରୁଦ୍ରଙ୍କୁ ବୁଝିବାରେ ତାଙ୍କର ଯେତିକି ଦକ୍ଷତା ରହିଛି, ତା ଠାରୁ ଅବଶ୍ୟ କମ୍ ଦକ୍ଷତା ଥାଇପାରେ ତାଙ୍କୁ ବୁଝାଇବାରେ। ଦୀର୍ଘ ଚାଳିଶବର୍ଷ ଗଜପତି ପ୍ରତାପରୁଦ୍ରଙ୍କ ପାଖରେ ତାଙ୍କର ଦିହାତି ଗଲାଣି, ଏବେ ଶରୀର ଓ ମନରେ କ୍ଳାନ୍ତ ଅନୁଭବ କଲେଣି ମୁରାରି। ଗଜପତି ଏବେ ପୂରା ଅବୁଝା। ଆଜି ଗାଦିଛାଡି ଅନ୍ତରଙ୍ଗଙ୍କୁ ସାଥୀରେ ନେଇ ଗଜପତି ବୃନ୍ଦାବନ ପଥରେ ଯିବାକୁ ବାହାରିଲେଣି। ମୁରାରି ଜୀବନର ତିଳେତିଳେ କଟାଇଛନ୍ତି ପ୍ରତାପରୁଦ୍ରଙ୍କ ସହିତ। ତାଙ୍କର ସଦା ସ୍ମାରକ, ଚେତକ ଓ ବିବେକ ପରି ଦାୟିତ୍ୱ ତୁଲାଇଛନ୍ତି।.

ମନେ ପଡୁଛି ମୁରାରିଙ୍କର, ଚାଳିଶ ବର୍ଷ ଆଗରୁ ଯେଉଁଦିନ ଗଜପତିଙ୍କଠାରୁ ଅନ୍ତରଙ୍ଗ ମହାପାତ୍ର ହେବାର ପାଗ ପିନ୍ଧିଲେ। ସେ ଦେଖିଥିଲେ ପ୍ରତାପରୁଦ୍ରଙ୍କୁ ନିକଟରୁ। ଦେବ ପ୍ରତିମ ଶରୀର, ଗଜପତି ସିଂହାସନରେ ଉପବିଷ୍ଟ, ଜଗନ୍ନାଥଙ୍କର ତତ୍ତ୍ୱାବଧାରକ ତଥା ଚଳନ୍ତି ଜଗନ୍ନାଥ। କିନ୍ତୁ ପ୍ରତାପରୁଦ୍ରଙ୍କର ଏକମାତ୍ର ଲକ୍ଷ୍ୟ ଜଗନ୍ନାଥଙ୍କ ରାଜ୍ୟକୁ କେହି ଆଡଆଖିରେ ଚାହିଁ ପାରିବେ ନି। ପ୍ରତାପରୁଦ୍ର ନିଜ ନାମକୁ ଯଥାର୍ଥ କରିଛନ୍ତି। ବଳରେ ପ୍ରବଳ ପ୍ରତାପୀ, କ୍ରୋଧରେ ରୁଦ୍ରଙ୍କ ସହିତ ସମାନ। ଏହି ରାଗ ସୁଝାଇଛନ୍ତି ବଙ୍ଗଳାର ନବାବ ଉପରେ। ବାପା ଜେଜେବାପାଙ୍କ ପରି ଦକ୍ଷିଣ ସୀମା ଜଗିବା ଓଡିଶାରାଷ୍ଟ୍ରର ଗୋଟିଏ କର୍ତ୍ତବ୍ୟ ହୋଇଯାଇଥିଲା ତିନି ପୁରୁଷ ଧରି। ଜେଜେବାପା କପିଳେନ୍ଦ୍ର ଦେବ ଯେବେ ଦକ୍ଷିଣ ସୀମା ବଢାଇଲେ କୋଣ୍ଡାଭିଡୁ ପର୍ଯ୍ୟନ୍ତ ଓ ବାପା ପୁରୁଷୋତ୍ତମ କାଞ୍ଚି ବିଜୟ କରି ସୀମା ବଢାଇଲେ ସେତୁବନ୍ଧ ପର୍ଯ୍ୟନ୍ତ ସେତେବେଳଠାରୁ ଦକ୍ଷିଣ ସୀମା ଅଶାନ୍ତ ହୋଇ ପଡିଥିଲା ଓଡିଶାରାଷ୍ଟ୍ର ପାଇଁ। ଗଜଶକ୍ତି, ଅଶ୍ୱଶକ୍ତି ଓ ପଦାତିକ ମାନଙ୍କୁ ଦକ୍ଷିଣର ଉଦୟଗିରି, କୋଣ୍ଡାଭିଡୁ ଓ ରାଜମହେନ୍ଦ୍ରୀରେ ମୁତୟନ କରିବାରେ ଓ ବହୁବର୍ଷ ଧରି ସତର୍କରହିବା ଓଡିଶାରାଷ୍ଟ୍ର ପାଇଁ ଗୁରୁଦାୟିତ୍ୱ ହୋଇ ପଡିଥିଲା। ପୁଣି ଭୟର ପ୍ରଧାନ କାରଣ ଥିଲା କର୍ଣ୍ଣାଟକର ବିଜୟନଗରମ୍ ରାଜ୍ୟର ଅଭ୍ୟୁଦୟ ଓ ସାମରିକ ଶକ୍ତି ବୃଦ୍ଧି। ବଳରେ କେବେ ଓଡିଶାର ଗଜପତି ସେନା ସହ ତ ସମାନ ହେବାକୁ ସମ୍ଭବ ହେବନି, ନିଜର ଗୁପ୍ତଚର ଆୟୋଗ ଶକ୍ତିରେ କାରସାଦି ଚଳାଇଛନ୍ତି ରାଜା କୃଷ୍ଣଦେବ ରାୟ। ଓଡିଶାର ଗଜପତିଙ୍କର ଶୋଇବା ବସିବା ଠାରୁ ତାଙ୍କ ଶାସନାଧୀନ ଦୁର୍ଗ ଗୁଡିକରେ ସୈନ୍ୟ ବିନ୍ୟାସ ଓ ଦୁର୍ବଳତା ଗୋଟି ଗୋଟି କରି ଦେଖୁଛନ୍ତି। ଏ ସବୁ ପ୍ରତାପରୁଦ୍ର ଜାଣି ବି ନିମ୍ନ ଦୃଷ୍ଟିରେ ଦେଖୁଛନ୍ତି ଏମିତି ନକାରାତ୍ମକ ବିରୋଧାଚରଣରେ।

ଅନ୍ତରଙ୍ଗ ମହାପାତ୍ର ଟିକିଏ ବିରତି ନେବା ଭିତରେ ସନ୍ଧିବିଗ୍ରହଙ୍କ ମନକୁ ପଶିଛି ଗଜପତି କେମିତି ମହାପ୍ରଭୁଙ୍କ ପାଖରେ ସମ୍ପୂର୍ଣ୍ଣ ଦୀକ୍ଷା ନେବାକୁ ମନ କରିଥିଲେ। ସନ୍ଧିବିଗ୍ରହ ଚକିତ ହୋଇ ପଡିଛନ୍ତି ସ୍ୱୟଂ ଗଜପତିଙ୍କର ସନ୍ୟାସ ଅଭିସନ୍ଧିରେ। କଳିଙ୍ଗ, ଉତ୍କଳ ବା ଓଡିଶାର ରାଜା ସବୁବେଳେ ଧର୍ମାଧୀନ, କିନ୍ତୁ କେବେ ଦୀକ୍ଷିତ ହୋଇ ହୀନବଳ ହୋଇଯାଇ ନାହାନ୍ତି। ଚଣ୍ଡାଶୋକ ଏଇ ମାଟିରେ ଧର୍ମାଶୋକ ହୋଇଯାଇଛନ୍ତି, ଧର୍ମରେ ବିହାର କଲେ ବି ନିଜ ଅନୁଶାସନରେ ରାଜଶକ୍ତିକୁ ନ୍ୟୂନ କରିଦେଇ ନାହାନ୍ତି। ସେଥିରେ ବି କଳିଙ୍ଗର ନରହତ୍ୟାର ବିଭତ୍ସ ଚିତ୍ର ସହିତ ତାଙ୍କର ନିଜ ସାର୍ବଭୌମତାର ପରୋକ୍ଷ ଆଭାସ ଦେଇଛନ୍ତି ସମ୍ରାଟ ଅଶୋକବର୍ଦ୍ଧନ ମୌର୍ଯ୍ୟ। ନିଜକୁ ନିଜର ସାମରିକ ଶକ୍ତିରୁ ବିଚ୍ୟୁତ କରିନାହାନ୍ତି, କାହାରି ଆକ୍ରମଣ ଦେଖିନାହାନ୍ତି। ଧର୍ମ ଆଚରଣ କରି ବିଧର୍ମୀରୁ ଧାର୍ମିକ ହୋଇଛନ୍ତି। ରାଜଶକ୍ତିକୁ ତିଳେମାତ୍ର ଉତ୍ସର୍ଗ କରିନାହାନ୍ତି।

ବହୁଦିନର କୌତୂହଳ ସମ୍ବରଣ କରିପାରିଲେ ନି ସନ୍ଧିବିଗ୍ରହ। ଏଇ କଳିଙ୍ଗ କଅଣ ନ କରିଛି ପାରମ୍ପରିକ ଯୁଦ୍ଧ ଆଖଡାରେ? କେତେ ଶତାବ୍ଦୀ ଧରି ସମରକଳାର ଅଭିଜ୍ଞତା ଦୂରେଇ ରଖିଛି ଯବନ ଆକ୍ରମଣକୁ। ଅତୀତକୁ ବାଦ୍ ଦେଇ ନଗଦ ତିନିଶହ ବର୍ଷର ସାମରିକ ଉତ୍କର୍ଷତା। ଏଇ କଳିଙ୍ଗର ଗୁପ୍ତଚର ଜାଣି ପାରୁଥିଲେ କେଉଁ ପଡୋଶୀ ରାଜ୍ୟ ଲୋଲୁପ ଦୃଷ୍ଟି ପକାଉଛି ଶ୍ରୀଜଗନ୍ନାଥଙ୍କ ଭୂଖଣ୍ଡ ଉପରେ। ସାମରିକ ବାହିନୀ ଧୂରନ୍ଧର ଅଗ୍ରସର ହେବାରେ। ଆକ୍ରମଣ ହନ୍ତାକାରୀ ଦଳରୁ ଆରମ୍ଭ ହୋଇ ଆଗୁଆଣି ଥାଟ, ପ୍ରଧାନ ଦଳ ଓ ପଛୁଆଣି ଦଳ ଭାବରେ ମୂଳପୋଛ କରି ଶତ୍ରୁରାଜ୍ୟରୁ ବୋହି ଆଣନ୍ତି ଯୁଦ୍ଧବିଜେତା ଉପହାର ସବୁ, ଦେବାଦେବୀ ସବୁ ଓଡିଶାରାଷ୍ଟ୍ରକୁ। ଏଇ ପ୍ରତାପରୁଦ୍ରଙ୍କର ଗଜବଳ ଦେଖି ଆତ୍ମଗୋପନ କରୁଥିଲେ କାମାତ୍, ଅଙ୍ଗ ଓ ବିଦର୍ଭର ରାଜାମାନେ।

ଖାଲି ସାମରିକ ଶକ୍ତି ନୁହେଁ, ଓଡିଶାରାଷ୍ଟ୍ର ଶାସନ ବି ମଜବୁତ୍ ଦୀର୍ଘ ତିନିଶ ବର୍ଷର କେନ୍ଦ୍ରୀଭୂତ ଶାସନରେ। କୌଣସି ପରିବିଶା ବା ମୁଖ୍ୟ ପ୍ରଶାସକଙ୍କ ଦଣ୍ଡପାଟର କାଣିକଉଡିଟିଏ ରାଜସ୍ୱ କିଏ ଆତ୍ମସାତ କଲେ, ରକ୍ଷା ନାହିଁ। ଏମିତି ଦଣ୍ଡିତ କରିଛନ୍ତି ମେଦିନୀପୁରର ପରିବିଶା ଗୋପୀନାଥ ବଡଜେନାଙ୍କୁ। ଦଣ୍ଡନୀତିରେ ପ୍ରତାପରୁଦ୍ର କୋହଳ କାହିଁକି ହେବେ। ଖୋରଧାର ବୁଲା ଡଗରାର ଖବରରେ ରାଜକର୍ମଚାରୀ ମାଝିରାମ ପାତ୍ରଙ୍କୁ ବ୍ରାହ୍ମଣର ସ୍ତ୍ରୀକୁ ଅସଦାଚରଣ ଅଭିଯୋଗରେ ପ୍ରାଣଦଣ୍ଡ ନିଷ୍ପତ୍ତି ଶୁଣାଇଛନ୍ତି ଗଜପତି ପ୍ରତାପରୁଦ୍ରଦେବ !

ମାତ୍ର ସେ ଶାସନ ଆଉ ଓଡିଶା ରାଷ୍ଟ୍ରରେ ନାହିଁ।

ଦୁଇ ଯୁଗହେବ ଓଡିଶାରାଷ୍ଟ୍ରର ସାମରିକ ଶକ୍ତିରେ ଅଶେଷ ପରିବର୍ତ୍ତନ ସେ ଦେଖୁଛନ୍ତି, କଅଣ ଗଜପତିଙ୍କର ଅଦେଖାରେ ଏମିତି ଅବରୋହ ଚାଲିଛି ଓଡିଶାରେ ?

ପଚାରୁଛନ୍ତି ସନ୍ଧିବିଗ୍ରହ, କହି ପାରିବ କି ଅନ୍ତରଙ୍ଗ, ପ୍ରତାପରୁଦ୍ରଙ୍କ ପରି ପ୍ରତାପୀ ଗଜପତି କିପରି ତିନି ପୁରୁଷର ସମ୍ରାଜ୍ୟକୁ ଏମିତି ବୀର୍ଯ୍ୟହୀନ କରିବାକୁ ଦେଲେ ? ତୁମେ ଥାଉ ଥାଉ ଏପରି ବୁଦ୍ଧି ତାଙ୍କ ମୁଣ୍ଡରେ କିପରି ପଶିଲା ?

ଏମିତି ପ୍ରଶ୍ନ ଅନ୍ତରଙ୍ଗ ଆଶାକରି ନ ଥିଲେ। କିଛି ସମୟ ତାଙ୍କର ଦୀର୍ଘ ଚାଳିଶ ବର୍ଷର ଗଜପତିଙ୍କର ମନୋଭାବର କ୍ଷିପ୍ର ସମୀକ୍ଷା କରିବାରେ ଚାଲିଗଲା। ଏହି ସମୟରେ ଦିନେ ସେ ଗଜପତିଙ୍କ ମୁଖରୁ ପୁରସ୍ତମ ଓ ପୁରୁଷୋତ୍ତମଙ୍କ ବିଷୟରେ ବହୁତ କିଛି ଶୁଣିଥିବାର ମନେ ପଡିଲା। ଗଜପତି ଓଡିଶା ପ୍ରଶାସନରେ କିପରି ପୁରୁଷୋତ୍ତମଙ୍କୁ ଅନୁବନ୍ଧିତ କରିପାରିଥିଲେ, ସେହି ତାତ୍ପର୍ଯ୍ୟ ତାଙ୍କ ସ୍ମୃତିରୁ ସନ୍ଧିବିଗ୍ରହଙ୍କ ପାଇଁ କିଛି ଖୋରାକ ଯୋଗାଡ କରୁଥିଲା। ମନେ ଅଛି ଗଜପତି ପୁରୁଷୋତ୍ତମଙ୍କର ରାଜପୋଷାକ ଉ□ାରିବା ବେଳେ କିପରି ସେ ଭାବପ୍ରବଣ ହୋଇ କହିଚାଲିଥିଲେ - ଅନ୍ତରଙ୍ଗ ତୁମେ ଜାଣିଛ, ଏହି ଓଡିଶା ରାଷ୍ଟ୍ରର ନାମକରଣ କିଏ କରିଥିଲା ? ମୋର ପିତାମହ କପିଳେନ୍ଦ୍ର ଦେବ ହିଁ ଏହି ମାଟିର ଟେକ ରଖିବାକୁ ପାଇକମାନଙ୍କ ରକ୍ତରେ ଶିହରଣ ସୃଷ୍ଟି କରିବାକୁ ଓଡିଶାରାଷ୍ଟ୍ର ରାଜକୀୟ ନାମ ଘୋଷଣା କରିଥିଲେ। ତାଙ୍କ ପୂର୍ବର ଇତିହାସ ଥିଲା ଭିନ୍ନ। କଳିଙ୍ଗ, ଉତ୍କଳ, ଓଡ୍ର, ତ୍ରିକଳିଙ୍ଗ, ତୋଷାଳି, କୋଶଳ ଏମିତି ଅନେକ ନାମ ବହନ କରିଛି। ଏହି ଓଡିଶାରାଷ୍ଟ୍ରର ନାଁ ଭଗବତ ଦେଶ, ପୁରୁଷୋତ୍ତମ ଧାମର ନାମ ପୁରସ୍ତମ।

ଜେଜେବାପା କପିଳେନ୍ଦ୍ରଙ୍କ କହିବା ଅନୁଯାୟୀ ଅନଙ୍ଗଭୀମ ଦେବ ଜଣେ ନିଷ୍ଠାପର ବୈଷ୍ଣବ ଥିଲେ। ସେ ପଡୋଶୀ ରାଜ୍ୟମାନଙ୍କରୁ ବିପଦର ଚିହ୍ନ ଦେଖି କଳିଙ୍ଗକୁ ସମର୍ପି ଦେଇଥିଲେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ, ତାଙ୍କର ଛତ୍ରଛାୟା ତଳେ ନିଜକୁ ନିରାପଦ ମଣୁଥିଲେ। ପୁରୁଷୋତ୍ତମ ଜଗନ୍ନାଥ ସୃଷ୍ଟିର ନିୟନ୍ତା, ରାଜା ନିଜକୁ ସେହି ଦୈବୀଶକ୍ତିର ଦୈନନ୍ଦିନ ପ୍ରତିନିଧି ବା ରାଉତ ଭାବରେ କାମ ଚଳାଉଥିଲେ। ସେତେବେଳ ଠାରୁ ଓଡିଶା ଶାସନ ଧର୍ମଡୋରିରେ ବନ୍ଧା ହୋଇଗଲା ଚିରକାଳ ପାଇଁ। ଏହି ଘୋଷଣା ନିଶ୍ଚିତ ଭାବରେ ଭାରତୀୟ ହିନ୍ଦୁ ପରମ୍ପରାରେ ଓଡିଶାର ବିରୋଧି ଶକ୍ତିମାନଙ୍କୁ ଏହି ଧର୍ମରାଜ୍ୟର ଶାନ୍ତି ଓ ସୁରକ୍ଷା ପାଇଁ ଅନୁପ୍ରାଣିତ କଲା।

ବିଶ୍ୱନିୟନ୍ତାଙ୍କ ରାଜ୍ୟ ଅଜୟ ଓ ନିରାପଦ ରହିଲା, ଏଇଟା ପୁରୁଷାନୁକ୍ରମେ ଗଡିଚାଲିଲା।

ଶୁଣାଯାଏ, ଅନଙ୍ଗଭୀମ ଦେବ ଚେଦୀରାଜା ଶିଶୁପାଳଙ୍କୁ ଯୁଦ୍ଧରେ ପରାସ୍ତ କଲେ। ଅନଙ୍ଗଙ୍କର ସେନାପତି ବିଷ୍ଣୁ ଆଶାତୀତ ଭାବରେ ଶକ୍ତିଶାଳୀ ହୋଇ ଶିଶୁପାଳଙ୍କୁ ଶିକ୍ଷା ଦେଲେ। ହିନ୍ଦୁସମାଜ ବିଶ୍ୱାସ କଲା କି ଉତ୍କଳ ଶାସନ ଭଗବାନଙ୍କ ହାତରେ ନ୍ୟସ୍ତ, ଓଡିଆମାନେ ଭଗବାନଙ୍କ ଲୋକ, ପବିତ୍ର ଓ ଧନ୍ୟ। ଭଗବାନ ଏଇ ବିଷ୍ଣୁରୂପରେ ଆସି ଅସୀମ ବଳ ସହ ଯୁଦ୍ଧ କରି କଳିଙ୍ଗର ବୀରଦର୍ପ ପ୍ରତିପାଦନ କରିଥିଲେ।

ପିତାମହ କପିଳେନ୍ଦ୍ର ମଧ୍ୟ ଶ୍ରୀଜଗନ୍ନାଥ ସର୍ବୋଚ୍ଚ ଦେବତା ବୋଲି ମନେ କରୁଥିଲେ ଓ ନିଜକୁ ଦେଖୁଥିଲେ ତାଙ୍କର ସେବକ ଓ ପ୍ରତିନିଧି ଭାବରେ। ସେ ଭଗବାନଙ୍କ ସମ୍ମୁଖକୁ ଶାସନ ସମ୍ବନ୍ଧୀୟ ବିଷୟ ଆଣୁଥିଲେ। ଏମିତି କି ଦାନ ଓ ଦଣ୍ଡ ବିଷୟରେ ପ୍ରଭୁ ଜଗନ୍ନାଥଙ୍କର କୃପା ଭିକ୍ଷା କରୁଥିଲେ।  କପିଳେନ୍ଦ୍ରଙ୍କ ଘୋଷଣାନାମା ଥିଲା, ଓଡିଶାର ସବୁ ରାଜା, ସାମନ୍ତରାଜା ପ୍ରଭୁଙ୍କ ସର୍ବାଙ୍ଗ ଉନ୍ନତି କଳ୍ପେ କାର୍ଯ୍ୟ କରିବେ, କେହି ବିପରୀତ ହେଲେ ତାଙ୍କର ସମ୍ପତ୍ତି ବ୍ୟାଜ୍ୟାପ୍ତ ହେବ। ଏପରି ଘୋଷଣା ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ।

କପିଳେନ୍ଦ୍ର ଏତେ ଜଗନ୍ନାଥଭକ୍ତ, ନିଜ ଅନ୍ତେ କିଏ ରାଜ୍ୟ ଭୋଗ କରିବ ପ୍ରଭୁଙ୍କର ମତ ଲୋଡିଥିଲେ। ପ୍ରଭୁଙ୍କ ମତରେ ସାନପୁଅ ପୁରୁଷୋତ୍ତମଙ୍କୁ ଗାଦିରେ ବସାଇଲେ। ସେଇ ରାଗରେ ବଡପୁଅ ହାମଭୀରା ପୁରୁଷୋତ୍ତମଙ୍କ ଉପରକୁ ବର୍ଚ୍ଛା ନିକ୍ଷେପ କଲେ, ଜଗନ୍ନାଥଙ୍କ କୃପାରୁ ପୁରୁଷୋତ୍ତମଙ୍କର କିଛି ହାନି ଘଟିଲାନି, ଯୁବରାଜ ରକ୍ଷା ପାଇଲେ, ୧୮ ଜଣ ଯୁବରାଜ ରାଜ୍ୟ ଛାଡିଲେ। ପରେ ହାମଭୀରାଙ୍କର ସବୁ ଚକ୍ରାନ୍ତ ପଣ୍ଡ କରି ପୁରୁଷୋତ୍ତମ ଜଗନ୍ନାଥ ଓ ବଳଭଦ୍ରଙ୍କ ସାନ୍ନିଧ ଲାଭକରି କାଞ୍ଚି ବିଜୟ କରିଥିଲେ।

ଏମିତି ଅନେକ ତଥ୍ୟ ତାଙ୍କୁ ଜଗନ୍ନାଥଙ୍କ ଉପସ୍ଥିତିର ମନୋବଳ ଦେଉଥିଲା, ନିଜର ରାଜ୍ୟ ପରିଚାଳନାକୁ କୋହଳ ମନୋଭାବ ପୋଷଣ କଲେ, ନିଜେ ଅଟଳ ବିଶ୍ୱାସ ରଖିଲେ, ପ୍ରତି ମୁହୂର୍ତ୍ତରେ ଜଗନ୍ନାଥ ହିଁ ସବୁର ଯତ୍ନ ନେବେ।

ସନ୍ଧିବିଗ୍ରହଙ୍କ ମନରେ ଅପର୍ଯ୍ୟାପ୍ତ ପ୍ରଶ୍ନ। ଏ ସବୁ ତଥ୍ୟ ସହିତ ଅବଗତ ଗଜପତି ପ୍ରତାପରୁଦ୍ର କଅଣ ପୁରସ୍ତମ ଧର୍ମକ୍ଷେତ୍ରର ସୁରକ୍ଷା ଚାହାନ୍ତି ନାହିଁ? ଦେବତାଙ୍କ ସୁରକ୍ଷା ନୀତିଗତ ଭାବରେ ତାଙ୍କ ଉପରେ ନ୍ୟସ୍ତ। ପୁରୁଷୋତ୍ତମ କାଞ୍ଚିବିଜୟ କରି କାଞ୍ଚିରୁ କେତେ ଦେବଦେବୀ ଓଡିଶା ରାଷ୍ଟ୍ରକୁ ଘେନି ଆସିଲେ। ନିଜେ ବୈଷ୍ଣବ ହେବାର ଯେଉଁ ପନ୍ଥା ଖୋଜିଲେ, ତା ପାଇଁ କିଛି ବିକଳ୍ପ ଚିନ୍ତା ବି କରି ନାହାନ୍ତି। ଓଡିଶା ରାଷ୍ଟ୍ର, ଓଡିଶାବାସୀ,

ଓ ଓଡିଶାର ଅଧିଷ୍ଠାତା ପୁରୁଷୋତ୍ତମଙ୍କ ସୁରକ୍ଷାର ବାଟ କଅଣ ରଖିଛନ୍ତି ଗଜପତି ? ସନ୍ଧି ବିଗ୍ରହ ଏହି ଦିଗରେ ଚିନ୍ତାଶୀଳ। ଏହାର କିଛି ସମ୍ଭାବ୍ୟ ଉତ୍ତର ରହିଥାଇ ପାରେ ତାଙ୍କର ଅଗୋଚରରେ, ସେଥିପାଇଁ ସେ ଅନ୍ତରଙ୍ଗ ମହାପାତ୍ରଙ୍କୁ ପଚାରିଛନ୍ତି, ଗଜପତି କେଉଁ ପରିସ୍ଥିତିରେ ସନ୍ୟାସ ନେବାର ପରିକଳ୍ପନା କରିଛନ୍ତି ?

ଅନ୍ତରଙ୍ଗ ମହାପାତ୍ର ଗଜପତିଙ୍କର ମନୋଭାବର ପରିବ□ନ ବିଷୟରେ କିଛି କହିଛନ୍ତି।

ରାଜସିଂହାସନ ଲାଭ କରିବା ପରଠାରୁ ଗଜପତି ପ୍ରତାପରୁଦ୍ର ବେଶ ଚଳ ଚଞ୍ଚଳ ଥିଲେ। ପୂର୍ଣ୍ଣ ମାତ୍ରାରେ ଧର୍ମପ୍ରାଣ କିନ୍ତୁ ଓଡିଶାରାଷ୍ଟ୍ରର କୌଣସି ଅବମାନନା ସହିବା ଅସମ୍ଭବ। ସକାଳୁ ଉଠି ଧାର୍ମିକ ରୀତିରେ ନିଜର ନିତ୍ୟକର୍ମ କରନ୍ତି। ସକାଳେ ନିଜର ପାତ୍ରମନ୍ତ୍ରୀଙ୍କ ସହିତ କିଛି ଦୂର ଅଶ୍ୱାରୋହଣ କରି ରାଜ୍ୟର କୁଟନୈତିକ ଓ ସାମରିକ କୌଶଳ ସମ୍ପାଦନ କରନ୍ତି। ପୁଣି ପୁରାଣ ପାଠ ସହିତ ଶ୍ରୀମନ୍ଦିର ସେବାରେ କିଛି ସମୟ, ତା ପରେ ରାଜ ଦରବାର।

ପାରିବାରିକ ଜୀବନ ତାଙ୍କର ବେଶ୍ ଭଲ। ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଗଜପତି ପ୍ରତାପରୁଦ୍ରଙ୍କର ବିରାଟ ରାଜପରିବାର। ରାଜାଙ୍କର ଚାରି ରାଣୀ ହେଉଛନ୍ତି, ପଦ୍ମା, ପଦ୍ମାଳୟା, ଇଳା ଓ ମହିଳା। ଅନେକ ସନ୍ତାନ ସନ୍ତତି। ପୁତ୍ରମାନଙ୍କ ମଧ୍ୟରୁ ବୀରଭଦ୍ର ଓ କନ୍ୟାମାନଙ୍କ ମଧ୍ୟରୁ ଜଗନ୍ମୋହିନୀ ସେମାନଙ୍କର ଉତ୍ସର୍ଗୀକୃତ ଜୀବନ ସକାଶେ ଓଡିଶାରାଷ୍ଟ୍ର ଇତିହାସରେ ଅମର ହୋଇ ରହିବେ।

ଗଜପତି ଶତ୍ରୁକୁ ନିପାତ କରିବାକୁ ପ୍ରତିଜ୍ଞାବଦ୍ଧ। କାଞ୍ଚି ରାଜ୍ୟକୁ ପୁନର୍ବାର ଅଧିକାର ପାଇଁ ରାଜ୍ୟର ଦକ୍ଷିଣ ସୀମାରେ ଛକି ରହିଥିବା ବେଳେ ଚମକି ପଡିଲେ ଉତ୍ତର ଦିଗରୁ ବଙ୍ଗଳାର ହୁସେନ ସାହାର ଆସ୍ପର୍ଦ୍ଧାରେ। ରାଜଧାନୀ କଟକ ଓ ପୁରୁଷୋତ୍ତମ ଆକ୍ରମଣ। ତୁରନ୍ତ ରାଜଧାନୀକୁ ଫେରିଆସି ଉତ୍ତର ସୀମାରେ ହୁସେନ ସାହାର ମନ୍ଦାରନ ଦୁର୍ଗ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ପ୍ରାଣ ରକ୍ଷାକରି ହୁସେନ ଲୁଚି ପଳାଇଛି। କିନ୍ତୁ ଏ ସବୁ ଅଭିସନ୍ଧି ମୂଳରେ ଓଡିଶାର ପ୍ରଧାନମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧରର ହୁସେନ ସହ କିଛି ଗୁପ୍ତ ମନ୍ତ୍ରଣା ଥିବା ଭଳି ପ୍ରତ୍ୟୟ ହୋଇଛି ଗଜପତିଙ୍କର। ଏକେତ ଗଜପତିଙ୍କ ଅନୁପସ୍ଥିତିରେ ଆକ୍ରମଣ, ଗଜପତି ଆସିବାର କ୍ଷୀଣ ଆଶଙ୍କା ତଥା ଦୁର୍ଗରୁ ହୁସେନର ପଳାୟନକୁ କୌଶଳକ୍ରମେ ପରିଚାଳନା କରିପାରି ତା'ର ଜୀବନ ରକ୍ଷା କରିପାରିଛନ୍ତି ଗୋବିନ୍ଦ ବିଦ୍ୟାଧର।

ଅନ୍ତରଙ୍ଗ ମହାପାତ୍ର ମୁରାରୀ ବିଁରୀଗଞ୍ଜନଙ୍କର ଗଜପତି ପ୍ରତାପରୁଦ୍ରଙ୍କ ସାମରିକ ମନୋଭାବର ଗୋଟିଏ ଉଦାହରଣ ଦେଇ ସନ୍ତୁଷ୍ଟ କରିପାରି ନାହାନ୍ତି ସନ୍ଧିବିଗ୍ରହ ଅର୍ଜୁନ ପଦାତିକରାୟଙ୍କୁ।

ପଦାତିକରାୟ ନିଶ୍ଚିନ୍ତ ଯେ ଗଙ୍ଗାରୁ ସେତୁବନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା ଓଡିଶା ରାଷ୍ଟ୍ରର ଦାୟିତ୍ୱ ରହିଥିଲା ଗଜପତିଙ୍କ ହାତରେ। ସିଏ ଦକ୍ଷିଣ ସୀମାରେ କ୍ରମବର୍ଦ୍ଧିଷ୍ଣୁ ବିଜୟନଗରମ୍ ରାଜ୍ୟକୁ ପାସୋରି ପକାଇଲେ କିପରି ? ରାଜପୁତ୍ର ବୀରଭଦ୍ର କୁମାରଙ୍କୁ କୋଣ୍ଡାଭିଡୁ ଦୁର୍ଗର ଦାୟିତ୍ୱ ଦେଇ ସୈନ୍ୟ ସାମନ୍ତଙ୍କୁ ଜାଗ ତିଆର କରି ନ ରଖିବା ବିଜୟନଗରମ୍ ରାଜା କୃଷ୍ଣଦେବ ରାୟଙ୍କୁ ସହଜ ହୋଇଛି ଓଡିଶାର ବକ୍ଷଭେଦ କରିବାକୁ। ଅସଂଖ୍ୟ ବଡ ବଡ ଦୁର୍ଗ କରି ତାର ସୁପରିଚାଳନା ନ କରିବା ଓଡିଶାର ସୀମାପାଇଁ ବିପଦ ସୃଷ୍ଟି କରିଛି। ବିଶାଳ ସୈନ୍ୟବାହିନୀ ଶତ୍ରୁପକ୍ଷର ସାଧାରଣ ଅବରୋଧରେ ଖାଦ୍ୟାଭାବରେ ପରାସ୍ତ ହେବେ, ଏଇ ଦୃଢ ଧାରଣାରେ ଶତ୍ରୁ ପକ୍ଷ ମୁଷ୍ଟିମେୟ ସୈନିକ ନେଇ ବିଶାଳ ଓଡିଶାରାଷ୍ଟ୍ରକୁ ନିଜ ଗୁପ୍ତଚର ବଳରେ ମୁକାବିଲା କରିଛି।

ବିପଦକୁ ହିତାହିତ ଭାବରେ ନ ଟାଳି ପ୍ରତାପରୁଦ୍ର ଧର୍ମପଥରେ ମନୋନିବେଶ କରିବାର ଫଳ ହୋଇଛି ନିଜର ବଂଶ ଉପରେ ବିପଦ।

କୃଷ୍ଣଦେବ ରାୟ ଓଡିଶାର ରାଜପୁତ୍ର ବୀରଭଦ୍ରଙ୍କୁ ବନ୍ଦୀ କରି ବିଜୟନଗରମ୍ କାରାଗାରରେ ନିକ୍ଷେପ କରିଛି। ଏହାର ଉତ୍ତର କିଛି ଦେଇନାହାନ୍ତି ଗଜପତି। ନା ପ୍ରତିରୋଧ, ପ୍ରତି ଆକ୍ରମଣ ନା ସନ୍ଧି। ବୀରଭଦ୍ର ଆତ୍ମହତ୍ୟା କରିଛନ୍ତି ବିଜୟନଗରମ୍ ବନ୍ଦୀଶାଳାରେ। ବର୍ଷ ବର୍ଷ କରି ସାତ ବର୍ଷରେ ପାଞ୍ଚ ପର୍ଯ୍ୟାୟରେ ଓଡିଶାରାଷ୍ଟ୍ର ଜୟ କରି କୃଷ୍ଣଦେବ ରାୟ ନିଆଁ ଜାଳିଛନ୍ତି କଟକରେ। ମହାରାଜା ବିପଦ ଟାଳିଛନ୍ତି ନିଜର ସୁନ୍ଦରୀ କନ୍ୟା ଜଗନମୋହିନୀଙ୍କୁ ବିବାହ ଦେବାକୁ ପରମ ଶତ୍ରୁ କୃଷ୍ଣଦେବ ରାୟଙ୍କ ସହିତ। ଏହା ଦ୍ୱାରା ଦକ୍ଷିଣ ସୀମା ନିଶ୍ଚିତ ସୁଦୃଢ ରହିଛି, ବିଜୟନଗରମ୍ ସର୍ତ୍ତ ମୁତାବକ କ୍ରିଷ୍ଣାଧାର ଦକ୍ଷିଣରେ ସୀମିତ ହୋଇ ରହିଛି। ଏଣେ ଜଗନମୋହିନୀ ଭାଗ୍ୟରେ ଯାହା ଥାଉ ପଛେ। ବିଚାରୀ ଓଡିଶାର ହେଲେ ନାହିଁ କି ବିଜୟନଗରମ୍ର। ବିଜୟନଗରମ୍ ପ୍ରତାପରୁଦ୍ରଙ୍କୁ ଏମିତି କଲବଲ କରିବାର କାରଣ ଜଳଜଳ ହୋଇ ଦେଖାଯାଉଛି ସନ୍ଧିବିଗ୍ରହ ଅର୍ଜୁନ ପଦାତିକରାୟଙ୍କୁ।

ମହାପ୍ରଭୁ ଶ୍ରୀଚୈତନ୍ୟ ପୁରୀ ବିଜେ କଲାପରଠାରୁ କାହାକୁ ରାଜ୍ୟର ସୀମା ଦେଖାଯାଉନି। ସୀମାକୁ ଜଗିବାକୁ ବି କେହି ପଦାତିକ, ଗଜାରୋହୀ, ଅଶ୍ୱାରୋହୀ ମିଳୁ ନାହାନ୍ତି। ଯେତିକି ବୟୋବୃଦ୍ଧ ସାମରିକ ବାହିନୀ ପଡି ରହିଛନ୍ତି ସେତିକି। ବାକି ଗାଁ ଗଣ୍ଡାର ସବୁ ଭେଣ୍ଡିଆ ଗାଁ ଗାଁରେ ଖୋଲାଯାଇଥିବା ଭାଗବତ ଟୁଙ୍ଗୀରେ ହରେ କୃଷ୍ଣ ଜପ କରୁଛନ୍ତି, ନାମ ସଂକୀର୍ତ୍ତନରତ, ପଂକ୍ତିଭଜନରେ ବ୍ୟସ୍ତ। ଆଗରୁ ଗାଁ ଗାଁରେ ଥିବା ପାଇକ ଆଖଡାଘର ସବୁ ଏବେ ଭାଗବତ ଟୁଙ୍ଗୀକୁ ପରିବର୍ତ୍ତିତ ହୋଇଯାଇଛି। ଓଡିଶାର ସାମରିକ ବଳ ସଂଗ୍ରହକ୍ଷେତ୍ର କାଳ କାଳ ପାଇଁ ରହିଆସିଛି ସମତଳ ଓ ପାହାଡି ଅଞ୍ଚଳ ସୀମାରେ। ମୌଳା, ଭର୍ତ୍ତକ, ଶ୍ରେଣୀ, ମିତ୍ର ଓ ଆଟାଭି ସେନା ସଂଗ୍ରହର ଚିରାଚରିତ ପ୍ରଥା ଏବେ ଲୋପ ପାଇଗଲା। ଏବେ କେହି ନାହିଁ ସମର ଶିବିରରେ, ଜୀବନଟା କୋହଳ ହୋଇଯାଇଛି, ଭଜନ ଓ ଭୋଜନରେ।

ଗଜପତି କପିଳେନ୍ଦ୍ର ଏହି ଆଖଡାଘର ଓ ପାଇକମାନଙ୍କର ଅସ୍ତ୍ରଭଣ୍ଡାରର ପୁନର୍ଜାଗରଣ କରାଇଥିଲେ। ଓଡିଶାରାଷ୍ଟ୍ରର ଉନ୍ନତି ସିଏ

ଦେଖୁଥିଲେ ପାଇକ ମାନଙ୍କର ବାହୁବଳରେ। ଏହି ଆଖଡାଘର ପାଇକ ଆଖଡାର ସୂତ୍ର ପ୍ରଶିକ୍ଷଣର କ୍ଷେତ୍ର। ଯେବେ କେହି ଯବନ ଓଡିଶାରେ ପଶେ ବାହୁବଳ ଥିବା ଯୁବଗୋଷ୍ଠୀ ବାହାରି ଆସନ୍ତି ମୁକାବିଲା କରିବାକୁ। ଗଜପତି ପୁରୁଷୋତ୍ତମଙ୍କ ଅମଳରେ ବି ଏମିତି ଦଳ ଦଳ ନବ ସଂଗୃହୀତ ସୈନ୍ୟରାଶୀ ଯୋଗଦାନ କରୁଥିଲେ। ମାତ୍ର ଗୋଟିଏ ପୁରୁଷର ବ୍ୟବଧାନରେ ବର୍ଷବର୍ଷର ଏହି ସାମରିକ ମନୋଭାବ ଓ ସାମରିକ ଦକ୍ଷତାର ମୂଳୋତ୍ପାଟନ ହୋଇଗଲା ଧର୍ମଧାରାର ପ୍ରସାରରେ। ଏମିତି କର୍ମକାଙ୍ଗାଳ କରିଦେଲା ଏ ଗୁରୁନାମ, ଛତ୍ରଭଙ୍ଗ ବ୍ୟତୀତ ଯୁଦ୍ଧ କ୍ଷେତ୍ରରେ ଏହାର ଅନ୍ୟ କିଛି ମୂଲ୍ୟ ନାହିଁ। ବାହୁବଳ ଏମାନଙ୍କର ଝାଞ୍ଜ ଖୋଳ ମଧ୍ୟରେ ସୀମାବଦ୍ଧ। ବିଦେଶୀ ଆକ୍ରମଣ ହେଲେ ପରିସ୍ଥିତି କଅଣ ହେବ ଅନୁମାନ କରୁଛ ତ ମୁରାରି ?

ମୋତେ ଟିକିଏ ବୁଝାଇ କହ ଗଜପତି କିପରି ଆକୃଷ୍ଟ ହେଲେ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ପ୍ରତି। ରାଷ୍ଟ୍ରର ଆଦର୍ଶ ରାଜା। ଓଡିଶାର ସବୁ ସୋମବଂଶୀ, ଗଙ୍ଗବଂଶୀ, ସୂର୍ଯ୍ୟବଂଶୀ ରାଜାମାନେ ବୈଷ୍ଣବ, ସମସ୍ତେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ। ସେମାନଙ୍କର ଶାସନାଧୀନ ଓଡିଶାରେ ଆଧ୍ୟାତ୍ମିକ, ସାମରିକ, ଅର୍ଥନୈତିକ ଭାରସାମ୍ୟ ଯାହା ଥିଲା, ସେଥିରେ ବ୍ୟତିକ୍ରମ ଘଟିଥିବାର ଦୃଶ୍ୟ ଦେଖାଯାଉଛି। ଗାଁ ପରିମଳ ଧୋବା ତୁଠରୁ ପରି ମୂଳ ଅନୁଷ୍ଠାନ ଶ୍ରୀମନ୍ଦିରର ପ୍ରଶାସନିକ ବିଭ୍ରାଟ ପରିସ୍ଫୁଟ।

ଅନ୍ତରଙ୍ଗ ମହାପାତ୍ର ଘଟଣାଚକ୍ରରେ ଧୀରେ ଧୀରେ ମହରଗରୁ କାନ୍ତାରରେ ପଡିଯାଇଥିବା ଓଡିଶା ରାଷ୍ଟ୍ରର ସାମରିକ ଦିଗ ପ୍ରତି ଧ୍ୟାନ ରଖିପାରି ନ ଥିଲେ। ଗଜପତିଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ ସହ ଗଭୀର ଭାବରେ ଜଡିତ ହୋଇ ସିଏ ଏ ଦିଗକୁ ଚାହିଁବାର ଅବକାଶ ପାଇ ନ ଥିଲେ। ବେଳେ ବେଳେ ବି ଜୀବାଚାର୍ଯ୍ୟଙ୍କ ସହ ଗଜପତିଙ୍କର କିଛି ଲିଖନ କାର୍ଯ୍ୟଭାର ତାଙ୍କର ଦାୟିତ୍ୱ ଥିଲା। ସିଏ ଆଶ୍ଚର୍ଯ୍ୟ ହୋଇ ପଡିଥିଲେ ଓଡିଶାରାଷ୍ଟ୍ର କିଭଳି ବୀର୍ଯ୍ୟହୀନ ହୋଇ ରସାତଳଗାମୀ ହୋଇ ଖସି ପଡୁଛି। ପ୍ରତିକାରର ସମୟ ଗତ ହୋଇଯାଇଛି। ଦୂରଦୃଷ୍ଟିର ସମ୍ପୂର୍ଣ୍ଣ ଅଭାବ ଦେଖାଦେଇଛି। ରାଷ୍ଟ୍ରଶାସନ ଜଣେ ଜୀବନ୍ତ ମହାପ୍ରଭୁଙ୍କ ପଛରେ ସମର୍ପିତ ହୋଇଯାଇଛି। ଜନାଗମ ପୁରସ୍ତମ ଯେତିକି କୋଳାହଳମୟ ହୋଇଛି, ରାଷ୍ଟ୍ରର ଅଖଣ୍ଡତା ସେତିକି ବିପନ୍ନ ହୋଇ ପଡିଛି। ପ୍ରତିଷ୍ଠିତ ଶ୍ରୀଜଗନ୍ନାଥଙ୍କୁ ବଳିଗଲାପରି ବୋଧ ହୁଅନ୍ତି ମହାପ୍ରଭୁ ଶ୍ରୀଚୈତନ୍ୟ। ତାଙ୍କ ଦୀକ୍ଷା ନେବାକୁ ଅନୁରାଗୀ ଗଜପତି।

ମନେ ପଡୁଛି ଅନ୍ତରଙ୍ଗ ମହାପାତ୍ରଙ୍କର। ଦୀର୍ଘ ନଅ ବର୍ଷର ବିଜୟନଗରମ୍ ଅନୁପ୍ରବେଶ ସମୟ ଅବଧି ମଧ୍ୟରେ ଏଭଳି ଗୁରୁତ୍ୱ ଦେଇ ନି ଓଡିଶା ରାଷ୍ଟ୍ରର ପ୍ରଶାସନ ଓ ସାମରିକ ବାହିନୀ। ପ୍ରବଳ ପ୍ରତିରୋଧର ଆବଶ୍ୟକତା ଥିବାବେଳେ ରାଜ୍ୟଟି ମରୁଭୂମି ପରି ନିଶ୍ଚଳ ଓ ଶିଥିଳ ହୋଇ ପଡିଛି। ଦକ୍ଷିଣର ଗୋଟି ଗୋଟି ହୋଇ ଦୁର୍ଗ ପତନ ହେବାରେ ଲାଗିଛି, ଯଥେଷ୍ଟ ସମୟ ହାତରେ ଅଛି, ଗଜ ବାହିନୀର ପରାକ୍ରମ ରହିଛି, ଅଶ୍ୱବାହିନୀ ନ୍ୟୁନ ହୋଇନି କିନ୍ତୁ ଓଡିଶା ରାଷ୍ଟ୍ରର ଆଉ ପୂର୍ବ ସାମରିକ ମନୋଭାବ ନାହିଁ କି ସମର ଜିତିବା ଅଭିପ୍ରାୟ ନାହିଁ। ଏଇ ପୁରୀ କଟକରେ ଦୀର୍ଘ ଅଠର ବର୍ଷ ଧରି ଯେଉଁ ଶ୍ରୀଚୈତନ୍ୟଙ୍କ ଲୀଳା ଲାଗିଛି, କାହାକୁ ଶୁଣିବାକୁ ସମୟ ନାହିଁ ଉପାନ୍ତ ଓଡିଶାରେ କଅଣ ହୋଇଛି ବା ହେବାକୁ ଯାଉଛି।

ଓଡିଶାର ଗୁପ୍ତଚର ବାହିନୀ ଅଛି କି ନା ଜଣାପଡୁନି। କୌଣସି ଅଘଟଣର କିଛି ସୂରାକ ପାଉନି ପ୍ରଶାସନ ଅବା ପାଇଲେ ବି ନିରୁତ୍ତର ରହୁଛି। କିନ୍ତୁ ବିଜୟନଗରମ୍ ନିଜର ଗୁପ୍ତଚର ପଠାଇ ଓଡିଶା ରାଷ୍ଟ୍ରର ଟିକିନିକି ଖବର ରଖିଛି, ହାତୀ ଘୋଡା ଓ ପଦାତିକ ବାହିନୀର ବଳ ଅଟକଳ କରି ନେଇଛି। ଏଇଟା କିଛି ଗୁପ୍ତ ନାହିଁ କିନ୍ତୁ ସନ୍ଧିବିଗ୍ରହଙ୍କ ପରି ସାମରିକ କ୍ଷେତ୍ରର ଆବଶ୍ୟକତା ଓ ସମସ୍ୟା ବିଷୟରେ ପତ୍ୟକ୍ଷଦର୍ଶୀଙ୍କଠାରୁ ଶୁଣିବା ପରେ ତାଙ୍କ ମନରେ ହିଁ ଗତ ଚାରି ଦଶକରେ ଓଡିଶା କେତେ ହୀନବଳ ହୋଇଯାଇଛି ତାହାପାଇଁ ପଶ୍ଚାତାପ ଘାରି ପକାଉଛି।

ସତରେ ସେହି ବୀର ଓଡିଆ ପାଇକ ଅଛନ୍ତି, କିନ୍ତୁ ତାଙ୍କ ଆଖଡା ନାହିଁ। ଗଙ୍ଗାରୁ ଗୋଦାବରୀ ବ୍ୟାପୀ ଯେଉଁ ଶକ୍ତାୟମାନ ସାମରିକ ଶକ୍ତିର ସଂଗ୍ରହ କେନ୍ଦ୍ରଗୁଡିକ ଥିଲା, ସେଗୁଡିକ ବିପର୍ଯ୍ୟୟ ହୋଇଗଲା ଏଇ ଗୋଟିଏ ପୁରୁଷରେ। କେହି ଆଗ୍ରହୀ ନୁହନ୍ତି ଖଣ୍ଡା ତଲୱାର ଢାଲ ଧରି ସମର କରିବାକୁ। କେହି ନିଜ ଜୀବନ ସମର୍ପଣ କରି ଦେଶ ବଞ୍ଚାଇବାକୁ ନିଜ ମନର ଭାଷା କହୁନି। ଯୁଗ ଥିଲା ଯେତେ ମୁଣ୍ଡ ସମୁଦ୍ରରେ ଯାଉ ପଛକେ ଦେଶ କହୁଥିଲା କଳିଙ୍ଗାଃ ସାହସିକାଃ। ଓଡିଆ ଆତ୍ମ ଗର୍ବରେ ଆହୁରି ଦୂର ସମୁଦ୍ରଯାତ୍ରା ସମ୍ପନ୍ନ କରି ଦ୍ୱୀପ ମାନଙ୍କରେ ଉପନିବେଶ ଗଢି ମନ୍ଦିର ତୋଳିବାକୁ ଉତ୍ସାହ ପାଉଥିଲା।

ସେଇ କଳିଙ୍ଗ ମହାଭାରତ ଯୁଦ୍ଧରେ ଶ୍ରୁତାୟୁଶ ଭାବରେ ନିଜର ଗଜ ଅଶ୍ୱ ସହିତ ଭୀମଙ୍କ ସହିତ ଘମାଘୋଟ ସମର କରି କଳିଙ୍ଗ ଶକ୍ତିର ପରିଚୟ ଦେଇଥିଲେ ଦ୍ୱିତୀୟ ଦିନରେ। ବୀରପ୍ରସୁ କଳିଙ୍ଗ। ସମଗ୍ର ଭାରତ ଗୋଟିଏ ପଟରେ ରଖି ଅଶୋକ ବର୍ଦ୍ଧନ ମୌର୍ଯ୍ୟ ଓଡିଶା ମାଟିରେ ଯୁଦ୍ଧ ରଚନା କଲେ, ତାଙ୍କର ପାଟଳୀପୁତ୍ର ଗୁପ୍ତଚର ମାନେ କଅଣ କଳିଙ୍ଗର ବଳ କଳନା କରି ନ ଥିଲେ ? ବିଜ୍ଞ ଚାଣକ୍ୟ ରଚିତ ସମର ନୀତିରେ ଚାଳିତ ମୌର୍ଯ୍ୟ ବାହିନୀ କାହିଁକି ଅକଳନ ସଂଖ୍ୟାରେ ସୈନ୍ୟ ନିଜ ରାଷ୍ଟ୍ରର ଏକ ଦଶମାଂଶ ଆୟତନର କଳିଙ୍ଗ ରାଜଧାନୀ ତୋଷାଳିରେ ସମାବେଶ କରିଥିଲେ ?

କାରଣ ନିଶ୍ଚୟ ଗୋଟିଏ, ଯାହା ଚାଣକ୍ୟ ଏହାର ବହୁ ଆଗରୁ କହି ସାରିଛନ୍ତି, କଳିଙ୍ଗର କୃଷ୍ଣ ବଳବାନ ହାତୀର କେହି ସମ୍ମୁଖୀନ ହୋଇପାରିବେ ନି। ଜଣେ ସାହାସୀ ସୈନ୍ୟ ଜଣେ ଦେଶମାତୃକାର ଅନୁରକ୍ତ ପଦାତିକର ଶକ୍ତି ବହୁଗୁଣ ହୋଇପାରେ। ସେଥିପାଇଁ ଉତ୍କଳୀୟ ମାନଙ୍କର ସାହସିକତା ଏହି ସାମରିକ ଶକ୍ତି କଳିଙ୍ଗ ପାଖରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ବେଳରୁ ଆରମ୍ଭକରି ପ୍ରତାପରୁଦ୍ରଙ୍କ ପର୍ଯ୍ୟନ୍ତ ବଳବତ୍ତର ରହିପାରିଛି।

କେତେ ସହସ୍ରାବ୍ଦର ମନୋଭାବ ଆଜି ଚିରକାଳ ପାଇଁ ଅସ୍ତ ହେବାକୁ ବସିଲାଣି। ପାଇକମାନେ ମୁହଁ ଲୁଚେଇଲେଣି ସମର କ୍ଷେତ୍ରରୁ। ନୂତନ ଯୁଦ୍ଧ ଉପକରଣ କେହି ଖୋଜୁ ନାହାନ୍ତି, କାଟତି ନାହିଁ ଖଣ୍ଡା ତଲବାରୀର। ଯାହା ବି ପୁରୁଣା ଯୁଦ୍ଧ ସରଞ୍ଜାମ ରହିଥିଲା, ସେ ସବୁ ତ୍ରୁଟି ଯିବା ଉପରେ। କେହି ଏହାର ପ୍ରତିକାର ଖୋଜୁ ନାହାନ୍ତି। ରସାତଳକୁ ଗଲାଣି ଓଡିଆ ପାଇକର ରକ୍ତର ଉଷ୍ଣତା, କିଏ ଥାପଡଟାଏ ମାରିଲେ ମନରେ ଆସୁନି ପ୍ରତିହିଂସାର ବହ୍ନି। ସିଏ ବି ଜୁଡୁବୁଡୁ ରାଧାମୟ ପରିବେଶରେ। ଯୁଦ୍ଧ ମନୋଭାବ ଓଡିଆ ସମରକଳାରେ ତିଷ୍ଠି ରହିଛି ଯୁଗେଯୁଗେ। ଏହାକୁ ପରିହାର କରିବାକୁ ଇତିହାସ କୌଣସି ସୁଯୋଗ ଦେଇ ନ ଥିଲା। ଏବେ ଭକ୍ତିମାର୍ଗର ଉପସର୍ଗରେ କେବଳ ଓଡିଶାରେ ଝାଞ୍ଜ ଖୋଳ ଓ ଗିନିର ଅପୂର୍ବ ଲୀଳା ଯାହା କି ଗାଁ ଗାଁ ନୁହେଁ ଘର ଘରକୁ ଚେର ଲମ୍ବାଇଛି।

ଯାହା ପୁରୀର ରାଜାମାନେ ସାମନ୍ତରାଜା ମାନଙ୍କୁ ସେମାନଙ୍କ ରାଜ୍ୟର ମୁଖ୍ୟ ସ୍ଥାନରେ ଜଗନ୍ନାଥ ମନ୍ଦିର ଗଢି ରଥଯାତ୍ରା କରିବା ବିଧି ସୃଷ୍ଟି କରିଥିଲେ, ଏବେ ନିତାଇଙ୍କ ପୁରୀ ଅବସ୍ଥାନ କାଳରେ ଗାଁରେ ରାଧାକୃଷ୍ଣ ଓ ଭାଗବତପାଇ ଭାଗବତ ଟୁଙ୍ଗୀ, ବର୍ଷକରେ କେତେଥର ସଂକୀର୍ତ୍ତନ, ଅଷ୍ଟପ୍ରହରି ଲୋକ ମାନଙ୍କର ଜୀବନର ମୂଲ୍ୟବୋଧ ବଦଳାଇ ଦେଇଛି। କୋଉ ଗାଁରେ ପାଇକ ଆଖଡାଘର ହୋଇଗଲାଣି ଭାଗବତ ଟୁଙ୍ଗୀ। ନାହାନ୍ତି କେହି ଆଖଡା ଅଭ୍ୟାସ କରିବାକୁ, ମନ ବଦଳି ଗଲାଣି ସେମାନଙ୍କର। ଏବେ ବିପଦର ସହିତ ଜୀବନରେ ମାର ବା ମର ନୀତି ଛାଡି ଦେଲେଣି ସେମାନେ। ଏମିତି ଭକ୍ତିମାର୍ଗରେ ପଶି ଭଗବାନଙ୍କ ପାଖରେ ଆତ୍ମ ସମର୍ପଣ କରିବା ସର୍ବୋତ୍କୃଷ୍ଟ ପନ୍ଥା।

କେବଳ ପାଇକ ନୁହଁନ୍ତି, ସବୁ କର୍ମକୁଶଳୀ କଳାକାରମାନେ ବି ଏବେ କର୍ମବିମୁଖ ହୋଇ ପଡିଲେଣି। ଶୈଳଶିଳ୍ପ ଯେତିକିରେ ଥିଲା, ସେତିକି। କାମ ନାହିଁ କରିବାକୁ ବା କାମ ଥିଲେ, ମନ ନାହିଁ କରିବାକୁ। ବଣିଜ ତ ବନ୍ଦ ହୋଇପଡିଛି କେତେ ପୁରୁଷରୁ। ମହୋଦଧି ଆଉ ଗଜପତିଙ୍କ ଅଧୀନରେ ନାହିଁ। ଜଳଦସ୍ୟୁ ଓ ନୌବାଣିଜ୍ୟ କ୍ଷେତ୍ରରେ ଯବନମାନେ ପଶିବା ଦିନରୁ କଳିଙ୍ଗ ଓହରି ଆସିଲାଣି ସୁବର୍ଣ୍ଣଭୂମିରୁ। ସେଠିକାର ଓଡିଆମାନେ ଯାହା ଭାଗ୍ୟ ଆଦରି ଜାଭା, ସୁମାତ୍ରା, ବାଲିଦ୍ୱୀପ ମାନଙ୍କରେ ମାତୃଭୂମିଠାରୁ ବିଚ୍ଛିନ୍ନ ହୋଇ ଚଳୁଥିବେ। ସେ ସବୁ ତିନି ପୁରୁଷର ଇତିହାସ ହୋଇଗଲାଣି।

ଏ ସବୁ ପ୍ରସଙ୍ଗ ହୃଦ୍‌ବୋଧ ହେଲା ଅନ୍ତରଙ୍ଗ ମହାପାତ୍ରଙ୍କର। ସତେ ତ, ରାଷ୍ଟ୍ର ଆମର ବିପଜ୍ଜନକ ସାମରିକ ସ୍ଥିତିରେ ପହଞ୍ଚିଗଲାଣି। ନା ପଦାତିକ, ନା ଅଶ୍ୱାରୋହୀ ରାଉତ, ନା ଗଜାରୋହୀ ସାହାଣୀ, ସମସ୍ତଙ୍କ ପିଲାମାନର ପରାଙ୍ମୁଖ ସମର କରିବାକୁ। ଭକ୍ତି ସମାରୋହରେ ଯୋଗଦେଇ ଭିକ ମାଗିବାକୁ ପଡୁ ପଛେ, ସେଇଟା ଭଲ।

ଅନ୍ତରଙ୍ଗ ମହାପାତ୍ର ନିଜେ ସ୍ମରଣ କଲେ, କିଏ ଗଜପତି ପ୍ରତାପରୁଦ୍ରଙ୍କୁ ଉତ୍ସାହିତ କଲା ଶ୍ରୀଚୈତନ୍ୟଙ୍କୁ ବୈଷ୍ଣବ ହେବାକୁ ? ଯୁଗେ ଯୁଗେ ତ ପୁରୀର ରାଜା ବୈଷ୍ଣବ, ଶ୍ରୀଜଗନ୍ନାଥଙ୍କର ଚଳନ୍ତି ପ୍ରତିମା। ସେ ପୁଣି ଏମିତି ନୂଆ ଭିଆଣ ଆରମ୍ଭ କଲେ କିଁ ପାଇଁ ?

ଏଇ ପ୍ରସଙ୍ଗରେ ସଂସୟ ରହିଛି ସନ୍ଧିବିଗ୍ରହଙ୍କର।

ଅନ୍ତରଙ୍ଗ କହୁଛନ୍ତି ସନ୍ଧି ବିଗ୍ରହଙ୍କୁ, ଶ୍ରୀଚୈତନ୍ୟଙ୍କ ପୁରୀ ରହଣିର ଦାୟିତ୍ୱ ରାଜା ତାଙ୍କୁ ହିଁ ସମର୍ପଣ କରିଥିଲେ, ତେଣୁ ଅନ୍ତରଙ୍ଗ ଶ୍ରୀଚୈତନ୍ୟଙ୍କ ବିଷୟରେ ସମ୍ପୂର୍ଣ୍ଣ ବିଦିତ ଥିଲେ। ଶ୍ରୀଚୈତନ୍ୟଙ୍କୁ ତାଙ୍କ ସହିତ ଆସିଥିବା ସର୍ବଭୌମ ଭଟ୍ଟାଚାର୍ଯ୍ୟ ଓ ଅନ୍ୟାନ୍ୟ ବିଶିଷ୍ଟ ଭକ୍ତମାନେ ମହାପ୍ରଭୁ ବୋଲି ସମ୍ବୋଧନ କରୁଥିଲେ। ମହାପ୍ରଭୁ ବିଷ୍ଣୁଙ୍କର ଅବତାର ରାଧାକୃଷ୍ଣ ଜପା ଶ୍ରୀକୃଷ୍ଣ ବୋଲି ଧାରଣା ଦେଉଥିଲେ। ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ଦେଖାରେ ତାଙ୍କର ମୋହ ଯିବା ସମଗ୍ର ଓଡିଶାରାଷ୍ଟ୍ରରେ ଆଲୋଡନ ସୃଷ୍ଟି କରିପାରିଥିଲା। ସେ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ ବୋଲି ଚିହ୍ନିବାରେ ଚହଳ ପଡିଗଲା ପୁରୁଷୋତ୍ତମରେ। ରଥଯାତ୍ରାରେ ସଂକୀର୍ତ୍ତନ କରି ନିଜର ଅପୂର୍ବ ଶୈଳୀର ପଦଚାଳନା ଅଭିଭୂତ କରିପାରିଥିଲେ ଜନ ସମୁଦ୍ରକୁ। ନିଜର ବ୍ୟକ୍ତିତ୍ୱ ଗଢିପାରିଲେ ଏହି ଧର୍ମାନୁଷ୍ଠାନରେ।

ଏହି ପୁରୀରୁ ଯେବେ ଦକ୍ଷିଣ ଭାରତ ଗସ୍ତ କରିଥିଲେ ଶ୍ରୀଚୈତନ୍ୟ ମହାପ୍ରଭୁ, ସେ ନିମନ୍ତ୍ରଣ କରିଛନ୍ତି ରାୟ ରାମାନନ୍ଦଙ୍କୁ ରାଜକାର୍ଯ୍ୟ ତ୍ୟାଗ କରି ଧର୍ମାର୍ଥେ ଶେଷ ଜୀବନ ପୁରୀରେ କଟାଇବାକୁ। ରାୟ ରାମନନ୍ଦଙ୍କ ସନ୍ଦିହାନ ଥିଲେ ଆଗାମୀ କାଳରେ ଗଜପତି ତାଙ୍କୁ ଏ ପଦରୁ ଅବ୍ୟାହତି ଦେଇ ପାରିବା ଅସମ୍ଭବ ବୋଲି। କିନ୍ତୁ ମହାପ୍ରଭୁ ଚାହିଲେ, କଅଣ ନ ହେବ ଉତ୍କଳ ପ୍ରଶାସନରେ ?

ପ୍ରକାଶ ନ କଲେ ବି ଅନ୍ତରଙ୍ଗ ମନେମନେ ଅଶ୍ରୁ ଝରାଉଥିଲେ ରାୟ ରାମାନନ୍ଦ ଯଦି ନିଜ ପଦ ମର୍ଯ୍ୟାଦାରେ ରହିଥାଆନ୍ତେ, କୃଷ୍ଣଦେବ ରାୟ ଆକ୍ରମଣର କିଛି ବିକଳ୍ପ ହୋଇ ପାରିଥାଆନ୍ତା। ଓଡିଶା କେବଳ ନେତୃତ୍ୱହାନୀ ଓ ପରିଚାଳନା ଦୋଷରୁ ବୀରଭଦ୍ର ପରି ରାଜପୁତ୍ର ହରାଇଲା, ରାଜ୍ୟତ ରାଜା ଭାଗ୍ୟର କଥା। କିନ୍ତୁ ରାୟ ରାମାନନ୍ଦ ରାଜମହେନ୍ଦ୍ରୀରୁ ଅପସରି ନ ଥିଲେ, ନିଶ୍ଚୟ ଓଡିଶାର କିଛିଟା ଇତିହାସ ବଦଳି ଥାଆନ୍ତା। ଖାଲି ବୀରଭଦ୍ର ବିଷୟ ନୁହେଁ, ଏହି ବିଜୟନଗରମ୍ ଉପାଖ୍ୟାନ ଜଗନମୋହିନୀ ପରି ଓଡିଶା ଗଜପତିଙ୍କର ରାଜକନ୍ୟାର ଭାଗ୍ୟର ବିଡମ୍ବନା ହୋଇ ନ ଥାଆନ୍ତା।

ପୁଣି ସନ୍ଧି ବିଗ୍ରହଙ୍କୁ ଅନ୍ତରଙ୍ଗ କହିବା ଆରମ୍ଭ କଲେ, କିନ୍ତୁ ଦିନେ ହେଲେ ମହାପ୍ରଭୁ ଶ୍ରୀଚୈତନ୍ୟ ମହାରାଜାଙ୍କୁ ତାଙ୍କର ଶିଷ୍ୟ ହେବାର କଳ୍ପନା କରିନାହାନ୍ତି କି ଆଶା କରିନାହାନ୍ତି ଏତେ ବଡ ରାଷ୍ଟ୍ରର ଗଜପତି ତାଙ୍କର ଦୀକ୍ଷା ନିଅନ୍ତୁ। ମହାପ୍ରଭୁ ସବୁ ସାଂସାରିକ ମାୟାରୁ ଉର୍ଦ୍ଧ୍ୱରେ। ଶ୍ରୀଜଗନ୍ନାଥ କ୍ଷେତ୍ରରେ ନାମ ସଂକୀର୍ତ୍ତନ କରି ଜୀବନ ବିତାଇବାକୁ ଏଠାରେ ରହିଛନ୍ତି।

ଗଜପତି ପ୍ରତାପରୁଦ୍ର ଧାର୍ମିକ, ବୈଷ୍ଣବ ହୃଦୟର। ମହାପ୍ରଭୁଙ୍କର ପୁରୀ ଆଗମନ ଓ ପୁରୀର ଖ୍ୟାତିରେ ବିସ୍ମିତ ହୋଇଛନ୍ତି ଗଜପତି। ନିଜେ

ଅନୁଭବ କରିଛନ୍ତି, ସେ ସ୍ୱୟଂ ଭଗବାନଙ୍କର ଅବତାର। ପାର୍ଥିବ ମାୟାରୁ ନିଜକୁ ଅପସରି ନେଇଛନ୍ତି। ପରିସ୍ଥିତି ତାଙ୍କୁ ସେପରି କରିଛି। ନିଜେ ଗଜପତି ହୋଇ ଗଜପତି ସମ୍ମାନ ବହନ କରି ନିଜର ସମ୍ପର୍କୀୟ ହୋଇ ବିଜୟନଗରମ୍ ତାଙ୍କର ସର୍ବନାଶ କରିଛି ବୋଲି ମନେକରୁଛନ୍ତି। ତାଙ୍କ ମା ବିଜୟନଗରମ୍ ରାଜ୍ୟର ଖ୍ୟାତନାମା ଶାଲ୍ୱ ନରସିଂହଙ୍କର କନ୍ୟା ରୂପାମ୍ବିକା, ଓଡିଶାର ପୁରୁଷୋତ୍ତମ ଦେବଙ୍କର ପଦ୍ମାବତୀ ରାଣୀ। ବୀରଭଦ୍ର ପରି ନୟନ ପିତୁଳା ତାଙ୍କର ଦାରୁଣ କୃଷ୍ଣଦେବରାୟର କାରାଗାରରେ ଆତ୍ମହତ୍ୟା କରି ମନରେ ଦେଇଛି ଅଜସ୍ର ଯନ୍ତ୍ରଣା। ନିଜେ ଚାହୁଁଥିଲେ ବି ଓଡିଶାର ସାମରିକ ଶକ୍ତି ସବୁଠାରେ ବିଫଳ ହୋଇଛି କୃଷ୍ଣଦେବରାୟଙ୍କୁ ପ୍ରତିରୋଧ କରିବାରେ।

ଏଇ ଗଜପତି ବାହିନୀ! ଦୀର୍ଘ ଦିନର ଅଭିଜ୍ଞତାରେ ଶତ୍ରୁର ସମ୍ମୁଖୀନ ହୁଏ। ଗଜଶକ୍ତି ଆଧାରରେ ଏହି ରାଷ୍ଟ୍ରର ସାମରିକ ଶକ୍ତିର ବିନ୍ୟାସ ହେଲେ ହେଁ କେଉଁ ବିଭାଗରେ ଊଣା ନୁହେଁ ଓଡିଶା। ଅଶ୍ୱଶକ୍ତିରେ, ପଦାତିକ ବାହିନୀରେ, ଯୁଦ୍ଧ ପରିଚାଳନାରେ, ବ୍ୟୂହ ରଚନାରେ କୌଣସିଟିରେ ଓଡିଆ ପାଇକ ପଛକୁ ଘୁ୍ଞ୍ଚିବ ନାହିଁ। ଏମିତି ପରିସ୍ଥିତିରେ ଓଡିଶାର ସାମରିକ ଶକ୍ତି ପହଞ୍ଚିଛି, କେବଳ ଗଜଶକ୍ତିର ପଦଚାଳନାରେ ଶତ୍ରୁ ବଶୀଭୂତ ହୋଇଯାଉଥିଲା। ଓଡିଶାର ଦକ୍ଷିଣ ହିନ୍ଦୁ ସୀମା ଛାଡିଦେଲେ, ଅନ୍ୟ ଉତ୍ତର ଓ ପଶ୍ଚିମ ସୀମାରେ ସବୁ ଆଡେ ଯବନ ଶାସନ, କେହି କେବେ ଓଡିଶାକୁ ଆକ୍ରମଣ କରିବାକୁ ମନ କରିବେ, ଏ ଧାରଣା କାହାର ନ ଥିଲା।

କିନ୍ତୁ ଶ୍ରୀଜଗନ୍ନାଥ କାହିଁକି ଏପରି କଲେ? ନିଜେ ତ ଭାଇଙ୍କ ସହିତ କଳା ଓ ଧଳା ଘୋଡାରେ ଚଢି ଯାଇଥିଲେ କାଞ୍ଚି ଯୁଦ୍ଧକୁ। ପୁଣି କାଞ୍ଚି କିପରି ତାଙ୍କର ଆଶୀର୍ବାଦ ପାଇଲା ତାଙ୍କର ନିଜର ରାଷ୍ଟ୍ରକୁ ଜୟ କରିବାକୁ। କାହିଁକି ବିମୁଖ ହୋଇଲେ ପ୍ରଭୁ, ମଜ୍ଜି ରହିଲେ ପୁରୀର କୋଳାହଳମୟ ସଂକୀର୍ତ୍ତନ ପରିବେଶରେ! ଧନ୍ୟ ମହାପ୍ରଭୁ ଶ୍ରୀଚୈତନ୍ୟ। କଅଣ ବିସ୍ମୟ ଆଣିଛନ୍ତି ଏହି ଜଗନ୍ନାଥ ଦେଶକୁ!

ଏତିକି ବେଳେ ସନ୍ଧିବିଗ୍ରହ କଥା ମଝିରେ ତାଙ୍କର ବିସ୍ମୟକର ପ୍ରଶ୍ନଟିଏ ପଚାରିଛନ୍ତି।

ଓଡିଶାର ପାତ୍ର ମନ୍ତ୍ରୀ ଯେଉଁମାନେ ଗଜପତିଙ୍କ ପରିପାର୍ଶ୍ୱରେ ତାଙ୍କ ଉପଦେଷ୍ଟା ବା କାନକୁହା ଭାବରେ ଅଛନ୍ତି, ସେମାନେ କଅଣ ପୁରୀର କୋଳାହଳମୟ ପରିବେଶରେ ଓଡିଶାରାଜ୍ୟର ସୀମା ଓ ଜନସାଧାରଣଙ୍କୁ ଦେଖିପାରୁ ନ ଥିଲେ? ରାଜା ବି ନିଜର ସୈନ୍ୟବାହିନୀର ବିନ୍ୟାସ ନ କରି ବିଜୟନଗରମ୍‌ର ଶୀତଳ ଅନୁପ୍ରବେଶକୁ ବରଦାସ୍ତ କରିଚାଲିଥିଲେ? ସନ୍ଧି ବିଗ୍ରହ ହିସାବରେ ସିଏ କେବଳ ଯୁଦ୍ଧ ଓ ସୈନ୍ୟଙ୍କ ସମସ୍ୟା ସହିତ ଜଡିତ ହୋଇ ସମୟ ପାଇ ନାହାନ୍ତି ଗଜପତିଙ୍କ ପରିପାର୍ଶ୍ୱରେ ଯାହା କିଛି ଘଟି ଚାଲିଛି।

ତା ସହିତ ବ୍ୟବଧାନ ରଖି ପ୍ରଧାନମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଟିକିଏ ସୁଯୋଗ ଦେଇନାହାନ୍ତି ଗଜପତିଙ୍କୁ ଦେଖା କରିବାକୁ କି ରାଜପ୍ରାସାଦକୁ ଯିବାକୁ। ଏମିତି ଓଡିଶାର ସାମରିକ କ୍ଷେତ୍ରରେ ଯୁଦ୍ଧ ପ୍ରସ୍ତୁତି ସ୍ଥଳରେ ଛତ୍ରଭଙ୍ଗ ଯୋଗ ଆସି ପହଞ୍ଚିଗଲାଣି। କିପରି ତିଷ୍ଠିବ ଏ ରାଷ୍ଟ୍ର ତାହା ପ୍ରଧାନ ଚିନ୍ତା ହୋଇଛି।

ସେଥିପାଇଁ ସେ ପଚାରୁଛନ୍ତି ଅନ୍ତରଙ୍ଗଙ୍କ କଥା ମଝିରେ, କଅଣ ଗଜପତିଙ୍କର ଷୋଳଜଣ ପାତ୍ରମନ୍ତ୍ରୀଗଣ ତାଙ୍କୁ କିଛି ପରାମର୍ଶ ଦେଇନାହାନ୍ତି ଏହି ଘଡିସନ୍ଧିରେ?

ଅନ୍ତରଙ୍ଗ ଉତ୍ତର ବାଢିଛନ୍ତି, କେତେଥର ସେମାନେ ଏକଜୁଟ ହୋଇ ସାହସ ବାନ୍ଧି ଗଜପତିଙ୍କୁ ସମସ୍ତ ସତର୍କବାଣୀ ଶୁଣାଇଛନ୍ତି। କହିଛନ୍ତି ଆଜି ବିଜୟନଗରମ୍ ଆସିଲା, ହିନ୍ଦୁରାଜା ବୋଲି ଜଗନ୍ନାଥଙ୍କର କିଛି ଅନିଷ୍ଟ କଲା ନି। ଯଦି ଏହି ଆକ୍ରମଣ କୌଣସି ଯବନ କରିଥାଆନ୍ତେ, ଯଦି ବଙ୍ଗ ନବାବ କି ଗୋଲକୋଣ୍ଡା ନବାବ କରିଥାଆନ୍ତା, ତେବେ ଶ୍ରୀଜଗନ୍ନାଥଙ୍କ ଅବସ୍ଥା ନିଶ୍ଚିତ ରକ୍ତବାହୁ ଆକ୍ରମଣକୁ ବଳିଯାଇଥାଆନ୍ତା। ଆମର ରାଜ୍ୟ କୌଣସି କାରଣରୁ ହୀନବଳ ହୋଇପଡୁଛି। ତାହାର ପ୍ରତିକାର ଜରୁରୀ। ମଣିମା, ସେ ଦିଗକୁ ଟିକିଏ ଦୃଷ୍ଟି ଦିଅନ୍ତୁ। କେତେ ବେଳେ ବା କିଏ କିଏ କହିଛନ୍ତି, ଦେଶଟା ଭକ୍ତି ଭଜନରେ ଭୋଳ। ଏହାର କିଛି ପ୍ରତିକାର କରି ସମର କ୍ଷେତ୍ରକୁ ଚାହାନ୍ତୁ ମଣିମା, ସମୟ ଯାଉଛି ଗଡି। ଓଡିଶା ରାଷ୍ଟ୍ରରେ ଦାୟ ହୁଅନ୍ତୁ ମଣିମା ଜଗନ୍ନାଥଙ୍କୁ ସୁରକ୍ଷା ସେଥିରେ ଅନ୍ତର୍ନିହିତ।

ଗଜପତି ନା ସମର ବିଭାଗ କାହାକୁ ହସ୍ତାନ୍ତର କରିବା ଉଚିତ୍ ମଣୁଛନ୍ତି ନା ସମରର କୌଣସି ଅଂଶକୁ ଦୃଷ୍ଟି ଦେଉଛନ୍ତି। ସାମରିକ ଶକ୍ତି ସଂକଟରେ ରାଷ୍ଟ୍ରଥିବା ବେଳେ ପାଇକ ଆଖଡା ପୁନର୍ଗଠନ କରିଥିଲେ ଜେଜେବାପା କପିଳେନ୍ଦ୍ର। ତିନି ପୁରୁଷ ଚାଲିଲା। ଆଜି ଯଦି ତାହା ଦୁର୍ବଳ ହୋଇ ପଡିଛି, ପ୍ରତାପରୁଦ୍ର କଅଣ ସମ୍ଭାଳି ପାରିବେ ନି?

ଓଡିଶାର ଗଜପତି। ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା। ଆଜି ଖଣ୍ଡା ଧରାଇଲେ, ସେମାନେ ଯୁଦ୍ଧ କରିବେ, ନୋଚେତ୍ କୁବୁଜି ଧରାଇଲେ ସେମାନେ ସଂକୀର୍ତ୍ତନ କରିବେ। କିନ୍ତୁ ଗଜପତି ଏତେ ଭିତରକୁ ପଶିବାକୁ ତାଙ୍କର ଧର୍ମାତୁର ମନ ମାନୁ ନି। ସିଏ ଜୀବନ୍ତ ବିଷ୍ଣୁଙ୍କର କିପରି ଦୀକ୍ଷାନେବେ ସେଇଟା ତାଙ୍କୁ ଘାରୁଛି। ମହାପ୍ରଭୁ ଶ୍ରୀଚୈତନ୍ୟ ଏ ବିଷୟରେ ନିରବ। ସେ ଦୀକ୍ଷା ଦେବାକୁ ଚାହାନ୍ତି ନି ଗଜପତି ପ୍ରତାପରୁଦ୍ରଙ୍କୁ। ଏଇ ବିଷୟରେ କଥାଟା ତିନି ବର୍ଷକୁ ଗଲାଣି, ମହାପ୍ରଭୁ ଅଟଳ।

ଉଚିତ୍ କଥା କହୁଛନ୍ତି ମହାପ୍ରଭୁ। ଗଜପତି ସମସ୍ତ ରାଜଶକ୍ତିର ଆଧାର। ରାଜାଙ୍କୁ ଦର୍ଶନ ଦେବା ଜଣେ ପରମ ବୈଷ୍ଣବଙ୍କର ଗୋଟିଏ ବିଷଧର ସର୍ପ ସାମନାକୁ ଆସିବା ସହ ସମାନ। ଜଣେ ସନ୍ୟାସୀ ଜଣେ ରାଜାଙ୍କୁ ଅନେଇବା ଯାହା ଜଣେ ତରୁଣୀକୁ ଅନେଇବା ତାହା। ଦାରିଦ୍ର୍ୟ ଯାହାର ଭୂଷଣ ସିଏ କି ଆସକ୍ତିରେ ଗଜପତି ପ୍ରତାପରୁଦ୍ରଙ୍କୁ ଦୀକ୍ଷା

ଦେବେ? ଗଜପତିଙ୍କୁ ଆଶ୍ରିତ କରିବାକୁ ବହୁଜନ ପ୍ରସ୍ତାବ ବାଢ଼ିଲେଣି, ନିତ୍ୟାନନ୍ଦ ପ୍ରଭୁ, ଅଦ୍ୱୈତ ଅଚାର୍ଯ୍ୟ, ସର୍ବଭୌମ ଭଟ୍ଟାଚାର୍ଯ୍ୟ। ଶେଷକୁ ରାୟ ରାମାନନ୍ଦ ପ୍ରାର୍ଥନା କରିଛନ୍ତି। କିନ୍ତୁ ମହାପ୍ରଭୁ ନିଜ କଥାରେ ଅଟଳ ରହିଛନ୍ତି। କାହାକୁ କାହାକୁ ବି ଶୁଣାଇଦେଇଛନ୍ତି, ମୋତେ ଗଜପତି ପ୍ରତାପରୁଦ୍ରଙ୍କୁ ଦୀକ୍ଷା ଦେବାକୁ ବାଧ୍ୟ କରାଗଲେ, ମୁଁ ପୁରସ୍ତମ ଛାଡ଼ିଦେଇ ଅଲାରନାଥଙ୍କ ପାଖରେ ଆଶ୍ରା ନେବି। ସେଥିପାଇଁ କେହି ଆଉ ସାହସ କରୁ ନାହାନ୍ତି ଏ ବିଷୟରେ ମହାପ୍ରଭୁଙ୍କୁ ଅଧିକ କିଛି କହିବାକୁ।

ଗଜପତି ବହୁତ ବ୍ୟସ୍ତ ବିକଳ। ମହାପ୍ରଭୁ ତାଙ୍କୁ ନିଜ କୃପାରୁ ବିରତ କରୁଛନ୍ତି। ନିଜର ଭାଗ୍ୟକୁ ହୀନ ମନେ କରୁଛନ୍ତି ଗଜପତି। ତାଙ୍କୁ ଶାନ୍ତ୍ୱନା ଦେଉଛନ୍ତି ରାୟ ରାମାନନ୍ଦ। କିଛି କରିବାର ଆଶା ଦେଉଛନ୍ତି ସିଏ। ସାମାନ୍ୟ ଦର୍ଶନ ପାଇବାରୁ ବଞ୍ଚିତ ଗଜପତି। ଦର୍ଶନ କରିବାର ଲାଳସା ବହୁତ ବଢ଼ିଯାଇଛି ତାଙ୍କର। ଧର୍ମକାର୍ଯ୍ୟରେ ସାରା ଜୀବନ କଟିଛି। ଏବେ ସିଏ ଶ୍ରୀଗଜନ୍ନାଥଙ୍କର ଦୟାରୁ ବଞ୍ଚିତ ହେବାପରି ବୋଧ କରୁଛନ୍ତି।

ଏତିକିବେଳେ ନିତ୍ୟାନନ୍ଦ ପ୍ରଭୁ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କର ବହିଃବାସଟିକୁ ରାଜାଙ୍କୁ ପୂଜାକରିବାପାଇଁ ଦେବାକୁ ଅନୁମତି ଭିକ୍ଷାକଲେ। ରାଜା ଏଇଟିକୁ ସ୍ୱୟଂ ମହାପ୍ରଭୁ ମନେକରି ପୂଜା କରି କିଛିଟା ସନ୍ତୋଷଲାଭ କଲେ।

ତା ପରେ ଆସିଲା ରାୟ ରାମାନନ୍ଦଙ୍କ ପ୍ରସ୍ତାବ। ମହାପ୍ରଭୁ ସିନା ଗଜପତିଙ୍କୁ ଦର୍ଶନ କି ଦୀକ୍ଷା ଦେବେ ନି, କିନ୍ତୁ ଜଣେ ବାଳୁତ ରାଜପୁତ୍ରଙ୍କୁ ଦୀକ୍ଷା ଦେବାରେ କି ଅନ୍ତରାୟ? ଅବଶ୍ୟ ମହାପ୍ରଭୁ ଏହି ପ୍ରସ୍ତାବରେ ରାଜି ହେଲେ, ଶେଷରେ ଜଣେ ରାଜପୁତ୍ର ଦୀକ୍ଷା ନେଲେ, ଏହି ରାଜପୁତ୍ର ମହାପ୍ରଭୁଙ୍କୁ ଶ୍ରୀକୃଷ୍ଣଙ୍କ ପରି ବୋଧ ହେଲେ। ସେଥିରେ ଗଜପତିଙ୍କର ଭକ୍ତିର ସୀମା ରହିଲା ନାହିଁ। ନିଜେ ଦୀକ୍ଷା ନେବାର ବ୍ୟାକୁଳ ମନୋଭାବ ମହାପ୍ରଭୁଙ୍କର ସବୁ ପ୍ରିୟଜନମାନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ବ୍ୟତିବ୍ୟସ୍ତ କରି ପକାଇଲା। ଶେଷକୁ ମହାପ୍ରଭୁଙ୍କର ନିକଟତମ ସର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ପାଖକୁ ସମସ୍ୟା ଯାଇଛି।

ସେ ବହୁଦିନ ପରେ ଗୋଟିଏ ପ୍ରସ୍ତାବ ଦେଇଛନ୍ତି। ମହାପ୍ରଭୁ ଯାହା କହିଛନ୍ତି, ସେଥିରେ ପରିବର୍ତ୍ତନ ସମ୍ଭବ ନୁହେଁ। ତେଣୁ ଗୋଟିଏ



ସୂତ୍ର ବାହାର କରିବା ଦରକାର। ସର୍ବଭୌମ ସବୁ ଦେଖି ପାରିଥିଲେ ନିଜ କଳ୍ପନାରେ। ଆଗାମୀ ରଥଯାତ୍ରାରେ ସବୁଥର ପରି ମହାପ୍ରଭୁ ନାଚି ନାଚି ବେଦମ୍ ହୋଇପଡ଼ିବେ। ସେ ନିକଟସ୍ଥ ବଗିଚାରେ କ୍ଷଣିକ ବିଶ୍ରାମ ନେବାକୁ ଯିବେ। ଏହି ସମୟରେ ତାଙ୍କର କ୍ଳାନ୍ତ ଶରୀର ବିଶ୍ରାମ ଲୋଡୁଥିବ, ରାଜା ସେହି ବଗିଚାରେ ଅପେକ୍ଷା କରି ରହିଥିବେ, ମହାପ୍ରଭୁଙ୍କ ହାତ ଦୁଇଟିକୁ ଧରି ତାଙ୍କୁ ବିଶ୍ରାମ ନେବାରେ ସାହାଯ୍ୟ କରିବେ। ଏଇଠୁ ପରିବର୍ତ୍ତନ ହେବ ମହାପ୍ରଭୁଙ୍କର ମନୋଭାବ।

ସତକୁ ସତ ସର୍ବଭୌମ ପରିକଳ୍ପନା ସଫଳ ହୋଇଛି। ଗଜପତି ମହାପ୍ରଭୁଙ୍କର ଦୀକ୍ଷା ନେଇଛନ୍ତି। ଶ୍ରୀଜଗନ୍ନାଥ ପ୍ରସନ୍ନ ହୋଇଛନ୍ତି ଗଜପତିଙ୍କ ଉପରେ।

ଓଡ଼ିଶାର ଭକ୍ତି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ପୁରପଲ୍ଲୀର ଜୀବନ ମୁଖରିତ ହୋଇଛି।

ସନ୍ଧିବିଗ୍ରହଙ୍କର ବୁକୁ ଫାଟି ପଡ଼ିଛି। ସେ ଏବେ ବୁଝୁଛନ୍ତି ନିଜ ସାମରିକ କ୍ଷେତ୍ରର ବିବର୍ତ୍ତନ। ନିଜେ ବୁଝିପାରି ନ ଥିଲେ ଗଜପତିଙ୍କ ପ୍ରୋତ୍ସାହନ କିପରି ଦିଗ ବଦଳାଇ ସାରିଲାଣି। ସିଏ ଜାଣି ପାରୁ ନ ଥିଲେ, ସାଧାରଣ ଲୋକ କିପରି ଧର୍ମଭାବାପନ୍ନ ହୋଇ ନିଜର ବିଗ୍ରହ (ବା ଅପକାର, ଯାହାର ଅର୍ଥ ଯୁଦ୍ଧ) ଦିଗକୁ ଆଖି ବୁଜି ସାରିଲେଣି। ସାମରିକ ଶକ୍ତି ଅପଚୟ କରି ରାଷ୍ଟ୍ର ନିଜର ମେରୁଦଣ୍ଡ ହରାଇ ବସିଛି।

ସତରେ ଗଜପତି କଅଣ ନ କଲେ? ଏଥର ଜଗନ୍ନାଥ ନିଜକୁ ରଖନ୍ତୁ, ତାଙ୍କୁ କେନ୍ଦ୍ରକରି ଯେଉଁ ଓଡ଼ିଶାରାଷ୍ଟ୍ର ଗଢ଼ି ଉଠିଛି, ସେଠାରେ ସାମରିକତା ଉଜାଣି ଉଠିବ। ଚାରିଆଡ଼େ ବିଧର୍ମୀ, ତାଙ୍କ ପିତୁଳା ଉପରେ ଯେତେ ନଜର ନାହିଁ, ପ୍ରବଳ ଲୋଭ ରନ୍ଭଣ୍ଡାର ଉପରେ।

ଦୀର୍ଘଶ୍ୱାସ ଛାଡ଼ି ସନ୍ଧିବିଗ୍ରହ ଅନ୍ତରଙ୍ଗଙ୍କୁ ପଚାରୁଥିଲେ, ଏବେ ଅନ୍ତରଙ୍ଗ କହିଲେ, ପାତ୍ର ମନ୍ତ୍ରୀମାନେ ଯେଉଁ କଥାଟି ଦିନେ ଓଡ଼ିଶାର ଗଜପତିଙ୍କୁ ପଚାରିଥିଲେ, ରାଜ୍ୟଭାର ହସ୍ତାନ୍ତର କରିବାର ଆବଶ୍ୟକତା ଦେଖାଦେଲାଣି। ସମର ଓ ରାଜ୍ୟ ଶାସନ ରସାତଳକୁ ଗଲାଣି। ସେମାନଙ୍କର ଚିନ୍ତା ଥିଲା ଦେଶପାଇଁ, ପରୋକ୍ଷରେ ସେଇ ଜଗନ୍ନାଥଙ୍କ ସୁରକ୍ଷା ପାଇଁ। ସେଥିପାଇଁ ସେମାନେ ପ୍ରକାଶ୍ୟରେ ନ କହିଲେ ବି, ଚାହୁଁଥିଲେ ପଚାରିବା ପାଇଁ - ଗଜପତି ଓଡ଼ିଶା ରାଷ୍ଟ୍ରରେ ଦାୟ ନା ଶ୍ରୀଜଗନ୍ନାଥରେ ଦାୟ?

ଅନ୍ତରଙ୍ଗ ପ୍ରଶ୍ନଟିର ଉତ୍ତର ନ ଦେଇ ଚୁପ୍ ରହିଥିଲେ। ବୁଡ଼ି ଯାଇଥିଲେ ଗଭୀର ଚିନ୍ତାରେ, "ଦେଖୁ ଦେଖୁ ଭାସିଗଲି କେ ଏଥୁ କରିବ ପାରି।"

ସମାରୋହ,
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯

# କେବଳ ତୁମେ

ଡ. ସୋମନାଥ ବିଶ୍ୱୋୟୀ

## ୧. *ଅପରାହ୍ଣର ମାୟାମୃଗ*

ସେଦିନ ସେଇ ଅଧା ବାଟୁଟାରେ ମେଘ ପରି ହଠାତ୍ ଘୋଟି ଆସିଲ। ଦମକାଏ ବରଷି ଗଲ। ଓଦା କରି ପକେଇଲ, ଠିଆ ଓଦା। ଠିଆ ନଂଗଳା କଲାପରି ହାଟ ମଝିଟାରେ ବେଜିତ୍ କଲାପରି ଲାଗିଲା। ଯେମିତି ବରଷି ଗଲନି ଯେ, କୋଉ ଜନମର ରାଣ ଶୁଝେଇଲା ପରି ବହେ ଶୋଧି ଦେଇଗଲ। ଅପମାନରେ ସାତପୁରୁଷ ମୋର ଉଝାଳି ପକେଇଲ। ଦଲକାଏ ଉଷୁମୁଳିଆ ପବନ ହାତରେ ବି ଧକାଏ, ବେକାଏ ମାଇଲ। ସହିଲି। ନ ସହି ଆଉ ଋରା କ'ଣ ଥିଲା ସେଦିନ!

ଏମିତି ତ କେତେ ସହି ଆସିଲିଣି। ଆଉରି ପୁଣି କେତେ ସହିବି କେଜାଣି? ତମେ ଜାଣିଥିବ!

ଖରାଦିନିଆ ମେଘଟା ବୋଲି ସିନା କଷ୍ଟ ହେଲାନି। ଶୀତଦିନ ହେଇଥିଲେ କେମିତି ଥରିଯାଇଥା'ନ୍ତି କହିଲ? ଗୋଟାଏ ଋଳିଘର ତଳେ ଆଶ୍ରୟ ଟିକିଏ ନେଇଗଲି।

ଆକାଶ ସଫା ହୋଇଗଲା କେତେ ସମୟ ପରେ। କୁଆଡ଼େ ଗଲା ସେ ମେଘ। ଫୁଲକୋବି ପରି ମେଞ୍ଚା ମେଞ୍ଚା ମେଘ ପଛିମ ଦିଗରେ ଜମାଟ ବାନ୍ଧି ଯାଇଥିଲା। ଅଳ୍ପ କଳା, ବେଶୀ ଧଳା। ପୁଣି ତମ୍ବାଳିଆ, ଲାଲମିଶା। ତା'ରି ତଳେ ଲୁଚିଥିଲେ ସୂର୍ଯ୍ୟ। କନକ କିରଣ ବିଂଚି ବିଂଚି ମୁହଁ ଟେକି ବାହାରି ଆସିଲେ।

ବର୍ଷାଧୁଆ ସୁନେଲୀ ଅପରାହ୍ଣଟିଏ। ମନକୁ ଚହଲେଇ ଦେଲାଭଳି। ତଥାପି ଜଂଜାଳ ଭିତରୁ ବାହାରିବା କଷ୍ଟ। ମନଟା ଥାଏ ବେପାର ଭିତରେ। ଲୁଗା କିଛି କିଣାହବ ବାହାଘର ପାଇଁ - ଆଜି ହିଁ କିଣାହେବ- ଏବେ। କାଲି ମଙ୍ଗନ। ପଅରଦିନ ବାହାଘର। କିଛି କିଣାକିଣି ହେଇନି।

ଦୋକାନଟାରେ ଭିଡ଼ ଲାଗିଥିଲା। ମନରେ ବି ଅସ୍ୱସ୍ତିର ଭିଡ଼। କ'ଣ କରାଯାଏ। ତା'ରି ଭିତରେ ଠେଲି ପଶି ମୂଲଋଲ କରି କିଣିବାକୁ ହବ। ଆଗ ଦେଖାଦେଖି ବଛାବଛି ବହେ ଋଲିଲା। ଦୋକାନଟି ଗୋଟେ ଛୋଟ ଗାଁର ସାହି ମୁଣ୍ଡରେ। ଭିତରେ ଭିତରେ ଖୁବ୍ ବଡ଼ ଦୋକାନଟିଏ। ଖୋର୍ଦ୍ଧା ସହର କିମ୍ବା କଟକ-ଭୁବନେଶ୍ୱର ସହରର ଦୋକାନପରି। ଏତେ ଛୋଟ ଗାଁଟିରେ ଏତେବଡ଼ ଦୋକାନ! ବେଶ୍ ତ! ସେଠି ପାଖରେ ଗୋଟେ ମନ୍ଦିର ଥିଲା- ରାମ ମନ୍ଦିର। ମନ୍ଦିର ତ ଏମିତି କେତେ କୋଉଠି ଅଛି। ଏଥିରେ ଆଶ୍ଚର୍ଯ୍ୟ କ'ଣ?

ବଛାବଛି ପରେ ମୂଲଋଲ ପର୍ବ। ମୁଁ ଟିକେ ବାହାରକୁ ଋଲି ଆସିଲି। ବର୍ଷାଧୂଆ ସେଇ ସୁନେଲୀ ଅପରାହ୍ଣଟି ତଥାପି ବାହାରେ ବିରାଜମାନ କରୁଥିଲା। ସତେ ଯେମିତି ଛିଗୁଲଉଚ଼ି ମତେ! ଏ ଜୀବନଟା ତ ଗୋଟେ ବେପାର-ଗୋଟେ ଜଂଜାଳ-ଗୋଟେ ମାୟା! ହେଲେ ମୋ ମାୟାକୁ ଟିକେ ଅନା। ମୋ ମାୟା ମତେ ଅଗୋଚ଼ର।

ଏ ସୁନେଲୀ ଅପରାହ୍ଣର କି ମାୟା! ଇଏ କ'ଣ ସେଇ ସୁନାର ମୃଗ? ଯାହା ପଛରେ ଶ୍ରୀରାମ ଧାଇଁ ଯାଇଥିଲେ? ଗୋଟେ ବର୍ଷାଭିଜା ସୁନେଲି ଅପରହ୍ଣ ପୁଣି କେମିତି ଗୋଟେ ସୁନାର ମୃଗ ପରି ମାୟା ସୃଷ୍ଟି କରିପାରେ?

ମତେ କାହିଁକି ଲାଗୁଥିଲା ରାମମନ୍ଦିର ଆଗରେ ଏଇ ସୁନେଲୀ ଅପରାହ୍ଣଟି ଯେମିତି ଗୋଟେ ମାୟାମୃଗ ପାଲଟିଯାଇଚ଼ି ଏବଂ ଏପାଖ ସେପାଖ ହେଇ ଡେଉଁଚ଼ି। ପ୍ରଭୁ ଶ୍ରୀରାମଙ୍କୁ ଆହ୍ୱାନ କରୁଚ଼ି ଆସ, ମତେ ଧର! ହେ ରଘୁବୀର। ହେମ ହରିଣୀ, ଧୀରେ ଧାମନ୍ତେ ସୁନ୍ଦର ଧରଣୀ।

ବାଃ କି ଚମତ୍କାର ଦୃଶ୍ୟ!

ଦଣ୍ଡେ ଛିଡ଼ା ହେଇଗଲି ସେଦିନ। ଦୋକାନ ଭିତରେ ହିସାବ ଋଲିଥିଲା ଲାଭ କ୍ଷତିର। ବାହାରେ ସୁନାହରିଣର ଖେଳ ଋଲିଥିଲା ମାୟାର।

ହଠାତ୍ କୋଉଠୁ ସୁରଟିଏ ଭାସିଆସିଲା କେଜାଣି! ସୁନ୍ଦର ରେଖି ରାଗର ଗୀତଟିଏ କିଏ ଗାଉଥିଲା।

ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର
ପୟରେ କ୍ଷାଳିତ କରି ବସନେ ପୋଛି
ବ୍ରହ୍ମାରେ ଧୌତ ଯେ ପଦ ନୋହିଛ ଶିବ ବିଷାଦ
ନ ପାଇ ଚରଣାମୃତ ପାନକୁ ଇଚ୍ଛି।

ବିଜ୍ଞାନୀ କୈବର୍ତ୍ତ ଧୋଇଲା,
ବିଶ୍ୱେ ପତିତପାବନ ନାମ ରହିଲା।

ବାଃ, ବାଃ କି ପଦ! ସତେ କଣ ନଲେଖିଲେ ଭଞ୍ଜେ!

ଶେଷକୁ ଲେଖିଲେ 'ବିଜ୍ଞାନୀ କଇବର୍ତ୍ତ ଧୋଇଲା, ବିଶ୍ୱେ ପତିତପାବନ ନାମ ରହିଲା'। କାହିଁକି କେଜାଣି ଖୁବ୍ ଅନ୍ୟମନସ୍କ କରିଦେଲା ସେ ପଦ, ସେ ସୁର। ମୋର ମୂଳଲକ୍ଷ୍ୟରେ ଆଉ ମନ ନଥିଲା। କିଣାକିଣିରେ ସ୍ପୃହା ନଥିଲା। ସୁନାହରିଣ ପରି ଅପରାହ୍ଣର ଏ ନୃତ୍ୟ ସାଂଗକୁ ଏ ଗୀତ ମତେ ଖୁବ୍ ବିବ୍ରତ କରିପକେଇଲା। ଧୈର୍ଯ୍ୟବନ୍ଧ ଭାଙ୍ଗି ଗଲା। ଭୁଶୁଡ଼ିପଡ଼ିଲା ମୋ ଭିତରର ଅସ୍ତିତ୍ୱ। ମୋ ଆପଣାପଣ।

ଜଣେ ବୃଦ୍ଧ ଲୋକ ଏ ଗୀତଟି ଗାଉଥିଲେ ହାରମୋନିୟମ୍‌ରେ ସୁର୍ ଦେଇ। ମନ୍ଦିର ବେଢ଼ା ଖୋଲା ଥିଲା। ଚାରି ମୂର୍ତ୍ତି – ରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ବିରାଜମାନ କରିଥିଲେ ସିଂହାସନ ଉପରେ। ବାହାରେ ସୁନାର ମିରିଗ ପରି ଅପରାହ୍ଣକୁ ଚାହିଁ ରହିଥିଲେ ଯେମିତି ଅପଲକ।

ବୃଦ୍ଧ ଜଣକ ଗାଇ ଚାଲିଥିଲେ ଅବିଶ୍ରାନ୍ତ। ବାହାରେ ସ୍ୱର୍ଣ୍ଣମୃଗଭଳି ନୃତ୍ୟରତ ଅପରାହ୍ଣ। କେତେବେଳେ ଟାଣି ହେଇଗଲି ସେଇ ସ୍ୱରସଂଗୀତର ପଛେ ପଛେ ଜାଣିନି। କ'ଣ ତମରି ପରି ମୁଁ ବି ମାୟାରେ ପଡ଼ିଗଲି? ତମେ ସତରେ କ'ଣ ମୃଗର ମାୟାରେ ପଡ଼ିଥିଲ? ନା ସୀତାଙ୍କ ମାୟାରେ? ତମେ ପୁଣି ମାୟାଧର ହେଇ ମାୟାରେ ପଡ଼ିପାର? କେମିତି?

ମୁଁ ତ ଛାର ନରଟାଏ। ରକ୍ତମାଂସର ଦେହ ମୋର ସବୁବେଳେ ଟବଟବ ଫୁଟୁଚି କାମନାର ନିଆଁରେ। ମାୟା କେମିତି ଛାଡ଼ିବ ମତେ। ପିଣ୍ଡର ପ୍ରାଣ ନଛାଡ଼ିବା ପର୍ଯ୍ୟନ୍ତ ମାୟା କ'ଣ କାହାକୁ ଛାଡ଼େ? ସ୍ୱୟଂ ବୁଦ୍ଧଦେବଙ୍କୁ କ'ଣ ମାୟା ଛାଡ଼ିଥିଲା? ସିଏତ ସତ୍ୟ ଆବିଷ୍କାରର ମାୟାରେ ପଡ଼ିଥିଲେ। ଯୁଧିଷ୍ଠିରଙ୍କୁ କ'ଣ ମାୟା ଛାଡ଼ିଥିଲା? ସିଏତ ଧର୍ମର ମାୟାରେ ପଡ଼ିଥିଲେ। କାହାକୁ ମାୟା ଛାଡ଼ିଛି କହ! ମାୟାରେ ତ ସଂସାର ଗଢ଼ା – ତମରି ମାୟାରେ। ମାୟାରେ ତ ସଭିଏଁ ମୋହିତ। ଜଗତ ଓ ଜୀବନ ମାୟାରେ ଆତଯାତ। ମାୟାର ଖେଳଘର ଏ ଦୁନିଆଁ, ମୁଁ କେମିତି ବାଦ୍ ଯିବ?

ହେଲେ ଦିନମାନ ଜଂଜାଳର ମାୟାରେ ଘାଣ୍ଟି ହେଲାବେଳେ, କେବେ କେବେ ତମ ଆଡ଼କୁ ଟାଣି ହେଇଯାଏ ପୁଣି କୋଉ ମାୟାରେ? କୋଉ ଆକର୍ଷଣରେ? ଆସକ୍ତିରେ? ବୁଝିପାରେନି। ନବୁଝିଲେ କାହିଁକି କେଜାଣି ଭାରି ଭଲଲାଗେ। ମାୟାକୁ ନବୁଝି ମାୟାରେ ଘାଣ୍ଟିହେଲେ ଭଲଲାଗେନି?

ମାୟାକୁ ବୁଝିବାର ସାମର୍ଥ୍ୟ ତ ମୋର ନାହିଁ, କାହିଁକି ଚେଷ୍ଟା କରିବି? ଜାଣିଜାଣି ତ ପଡ଼େନି। ମୁକ୍ତି କାହିଁକି ଲୋଡ଼ିବି? ତୁ ଯଦି ମାୟା ରଚୁ; ସେଇ ମାୟାରେ ପକାଉ; ମଜା ଉଠାଉ – ମୁଁ ତ ସେଠି ନିମିତ୍ତ ମାତ୍ର। ତୋର କ୍ରୀଡ଼ନକ। ମାୟାରେ ପଡ଼ି ଛଟପଟ ହେଉଥିବା ମୁଁ ବି ଗୋଟେ ସ୍ୱୟଂ 'ମାୟା'। ନୁହେଁ?

ଏ ଦେହ, ଏ ମନ, ଏ ଚେତନା- ସବୁ ମାୟା ନୁହେଁ?? ଖାଲି ଟାଣି ହୋଇଯିବା, ପଡ଼ିଯିବା, କଳବଳ ହେବା ପାଇଁ ମୋର ସୃଷ୍ଟି। ମୁଁ ସୃଷ୍ଟି, ମୁଁ ହିଁ ବିଲୟ। ତମରି ଦ୍ୱାରା, ତମରି ହାତରେ, ତମରି ଇଙ୍ଗିତରେ। ତ୍ରିଗୁଣ ରଜ୍ଜୁ ହସ୍ତେ ଧରି / ମୃଗୀ ନଚ଼ାଏ ନରହରି। ମୁଁ ତ ଏଠି ନିଜେ ଗୋଟେ ମାୟାମୃଗ। ତ୍ରିଗୁଣ ରଜ୍ଜୁରେ ବନ୍ଧା। ମୋର ମୁକ୍ତି କାହିଁ?

ସେଦିନ ସେଇ ଅପରାହ୍ଣରେ ପଦୁଟିଏ ଗୀତର ଆକର୍ଷଣରେ ମୁଁ ପଡ଼ିଗଲି। ନିମଗ୍ନ ଚିତ୍ତରେ ଗାଉଥାନ୍ତି- "ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର, ପୟରେ କ୍ଷାଳିତ କରି ବସନେ ପୋଛି..." ମୁଁ କେତେବେଳେ ଯାଇ ତାଂକ ଆଗରେ ବସିପଡ଼ିଲି। ଜାଣିନି। ମୋ ପଛେପଛେ ଅଚୁ କେତେବେଳେ ଯାଇ ବସିଚି। ଲକ୍ଷ୍ୟ ନାହିଁ।

ଯୋଉଠି କିଛି ଲକ୍ଷ୍ୟ ନଥାଏ, ଉଦ୍ଦେଶ୍ୟ ନଥାଏ, ଚେତନା ନଥାଏ, ଚିନ୍ତା ନଥାଏ, ଭାବନା ନଥାଏ, ସେ'ଠି କ'ଣ ତମେ ଥାଅ?

ବୃଦ୍ଧଜଣକ ଗୀତଟି ଶେଷକରି ଆମ ଦି'ଜଣଙ୍କୁ ଏକ ଲକ୍ଷ୍ୟରେ ଚାହିଁ ରହିଲେ କିଛି କ୍ଷଣ। ପଦୁଟିଏ କହିଲେ- 'ଇଏ କବି ସମ୍ରାଟଙ୍କ ପଦ'। ମୁଁ ମୁଣ୍ଡ ଟୁଙ୍ଗାରି 'ହୁଁ' କଲି। କୃତ୍ୟ କୃତ୍ୟ ଭାବରେ ଆମେ ଦି'ଜଣ ଚାହିଁଥାଉ। ଅର୍ଦ୍ଧ ନିମିଳିତ ନୟନରେ ସିଏ ବସିଥା'ନ୍ତି। କପାଳରେ ହରିତିଳକ ଚିତା। କାନ୍ଧରେ ଉପବୀତ। ପିନ୍ଧିଥା'ନ୍ତି ଖଣ୍ଡେ ଗେରୁଆ ଧୋତି। କାନ୍ଧରେ ପାଚିଲା ଗାମୁଛା ଖଣ୍ଡେ। ବୟସ ଅନ୍ଦାଜ ସତୁରୀ କିମ୍ବା ଅଳ୍ପ ଅଧିକ ହବ। ଦାନ୍ତ ସବୁ ଅକ୍ଷତ ଅଛି। ଉଚ୍ଚକଣ୍ଠରେ ତାଙ୍କର ସ୍ୱର ମେଘନାଦ ଭଳି ଶୁଭୁଥିଲା। ଗୁରୁଗୁରୁ ଗଭୀର ନାଦ। ତାଳ ଲୟ ମାନ – ସବୁକୁ ଏକାକାର କରି ଦେଉଥିଲା।

ସେଠି ଆଉ ସ୍ମୃତି କ'ଣ? ସବୁତ ବିସ୍ମୃତି! ଚେତନ, ଅଚେତନ ଅର୍ଦ୍ଧଚେତନ – ସବୁ ଏକାକାର। ସ୍ୱପ୍ନ-ଜାଗରଣ ସବୁ ଅର୍ଥହୀନ। ପୃଥିବୀ ଆକାଶ କିଛି ନାହିଁ। ଦିନରାତି ନାହିଁ। ପିଣ୍ଡ ନାହିଁ କି ବ୍ରହ୍ମାଣ୍ଡ ନାହିଁ।

ବୃଦ୍ଧ ଜଣକ ପଚାରିଲେ- ତମର କୋଉ ଗାଁ ବାପା?

– ଏଇ ପାଖ ଗାଁ। ସଂକ୍ଷେପରେ କହିଲି। ସିଏ ନୀରବ ରହିଲେ। ପୁଣି ସେଇ ଅର୍ଦ୍ଧନିମ୍ମିଳିତ ଅବସ୍ଥା।

କେତେ ସମୟ ପରେ ପୁଣି ପଦୁଟିଏ।

– କ'ଣ ଗାଇ ବଜେଇ ଆସେ?

– ଆଜ୍ଞା, ସେମିତି ଅଳ୍ପ ଅଳ୍ପ।

– ତେବେ ନିଅ ବଜାଅ, ଗାଅ। ମୁଁ ଶୁଣିବି।

ଅଚୁ ଗୀତଟିଏ ଆରମ୍ଭ କଲା ବନମାଳୀଙ୍କର।

"ମଣିମା ହେ, ଏତିକି ମାଗୁଣି ମୋର
ମରଣ କାଳରେ ଦରଶନ ଦିଅ
କଳାମୁଖ କଳାକର...।

ମୁଁ ଖୋଳ ବଜଉଥାଏ। ତାଳ ଉପରେ ଲକ୍ଷ୍ୟ ରଖିଥାଏ। ସିଏ

ହଠାତ୍ ଅଟକାଇ ଦେଲେ ହାତ ଦେଖେଇ।

- ଉହୁଁ, ଏ ଗୀତ ଏମିତି ଗାଆନ୍ତିନି। ଇଏ ବନମାଳୀଙ୍କର ପଦ। ଟିକେ ଦବେଇକରି ଗାଅ। ଶୁଣ ମୁଁ ପଦେ ଗାଉଚି।

ସେ ଆରମ୍ଭ କଲେ। ସିଏ ଗାଉଥିଲେ କମ୍ ନାଦ ସୃଷ୍ଟି କରୁଥିଲେ ବେଶୀ। ମୋର ମନେପଡ଼ିଗଲା-

"କି ନାଦରେ ପ୍ରାଣସଂଗିନୀ, ଶୁଭୁଚି କଦମ୍ବ ବନେ..."

ପ୍ରକୃତରେ ଗୀତର ଯଦି ନାଦ ସୃଷ୍ଟି ନହେଲା, ସ୍ୱର ଯଦି ଆର୍ଦ୍ର ନହେଲା, ଲୟ ଯଦି ଅନ୍ତର୍ମୁଖୀ ନହେଲୋ, ଭାବ ଯଦି ମଧୁର ଓ ଗଭୀର ନହେଲା, ସେ କି ସଂଗୀତ!

ଗୀତଟି ସରିଲା ପରେ ପୁଣି ସେଇ ନୀରବତା। ଏବେବି ମନେ ପଡ଼ିଯାଉଚି- ବର୍ଷାଭିଜା ସୁନେଲୀ ଅପରାହ୍ଣର ସେଇ ମନ୍ଦିର ବେଢ଼ା ଭିତରର ସେଇ ନୀରବତା। ସିଏ ନୀରବତା ନା ମହାମୁଖରତା! କୁଆଡୁ କୁଆଡୁ କୀଟପତଙ୍ଗ ବି ଟାଣି ହେଇ ଚାଲିଆସିବେ। ଛପନକୋଟି ଜୀବ ରୁଣ୍ଡ ହୋଇଯିବେ। ଗନ୍ଧର୍ବଲୋକରୁ ଓହ୍ଲେଇ ଆସିବେ ଗନ୍ଧର୍ବକୁଳ। ଇଏ କ'ଣ କମ୍ କଥା! ଯକ୍ଷ ରକ୍ଷ ଗନ୍ଧର୍ବ କିନ୍ନର କିଏ ଭଲା ଏଇ ନାଦକୁ ସ୍ୱରକୁ ଉପେକ୍ଷା କରିପାରିବ? ଟାଳି ପାରିବ? ବଡ଼ ଅଲଂଘ୍ୟ, ଅନତିକ୍ରମ୍ୟ ଏ ନାଦ!

ସିଏ ଆରମ୍ଭ କରିଦେଲେ ଭଜନ, ଜଣାଣ ଓ ସଂଗୀତ ଉପରେ ଏକ ସଂକ୍ଷିପ୍ତ ଆଲୋଚନା। ମଝିରେ ଆଉ ଦୁଇଟି ଗୀତ ମଧ୍ୟ। ଗୋଟିଏ ମନେପଡୁଚି-

ଅନୁସରିତ, ପ୍ରଭୋ କାଳଯାକ ଗଲା ସରିତ...
କ'ଣ ବିତରଣ କରିଥିଲେ ଊଣା ହୁଅନ୍ତା କରୁଣା ସରିତ?

ଆଖି ତ ଛଳଛଳ ହେଇଯାଇଥିଲା ପ୍ରତିଟି ଗୀତ ଗାଇଲାବେଳେ। ଆଙ୍ଗୁଠି ଥରି ଉଠୁଥିଲା ହାର୍‌ମୋନିୟମ୍‌ର ରିଡ୍ ଉପରେ। ଯେମିତି ସ୍ଥବିର ଅଚଳ ହେଇଯିବ। ଜଡ଼ ପାଲଟିଯିବ। ପାଷାଣ ପାଣି ହୋଇଯିବ, ନହେଲେ ପାଣି ପାଷାଣ।

କ'ଣ ଗୋଟେ କହୁ କହୁ ହଠାତ୍ କାନ୍ଦିପକେଇଲେ ଭୋ ଭୋ। ମନେପଡୁଚି ପ୍ରାଞ୍ଜଳ ଭାବରେ ସେ ମୁହଁଟି। କେଡ଼େ ନିଷ୍ପାପ କେଡ଼େ ସମର୍ପିତ ସତରେ। ଖାଲି କଣାଏ କରୁଣା ପାଇଁ ଯେମିତି ଆତୁର ହୋଇ ଲାଗିଚି। ବିକଳ ହେଇଲାଗିଚି।

- କ'ଣ ସେତେବେଳର କଥା କହିବି ପୁଅ। ଛାତି ଭିତରୁ କୋହ ଉଠିଯାଏ। ସମ୍ଭାଳି ହୁଏନି। କି ଅବସ୍ଥା! କାହିଁକି ଏମିତି ହୁଏ? କିଏ କରାଏ? ଏତେ କାନ୍ଦ, ଏତେ ଆତୁରତା କାହିଁକି କୋଉଠୁ ଆସେ? ମୁଁ ତ ନିଜକୁ ଜମା ସମ୍ଭାଳି ରଖିପାରେନି।

ପ୍ରକୃତରେ ସେଇ ଅଳ୍ପ ସମୟର କାନ୍ଦଣାରୁ ମୁଁ ଜାଣିପାରୁଥିଲି, କ'ଣ ହେଉଥିବ ତାଙ୍କର ଅବସ୍ଥା ଜଣାଣ ଗାଇଲାବେଳେ। ସିଏ ମୋହ ଯାଉନଥିବେ ତ!

- ମୋହ ଗଲେ କି ପ୍ରାଣ ଚାଲିଗଲେ ତ କେଡ଼େ କଥା ହୁଅନ୍ତା ପୁଅ! ସେ ଭାଗ୍ୟ କାହାକୁ ମିଳେ!

ମୁଁ ଭାବୁଥିଲି ସତରେ ସମର୍ପଣ ସାଂଗକୁ ଆତୁରତାର ଏଇ ନମୁନା ପୁଣି ଏ ଯୁଗରେ ସମ୍ଭବ! ମତେ ତ ଲାଗୁଥିଲା ଏମିତି ବିଭୋର ଅପରାହ୍ଣଟିଏ ମୋ ଜୀବନରେ ଦ୍ୱିତୀୟବାର କେବେ ଆଉ ସମ୍ଭବ ହିଁ ନୁହେଁ।

### *୨. ନିତାଇ ଗଉର*

ତମେ କେଡ଼େ ଦଗାଦିଆ ସତରେ!
ହାଡ଼େ ହାଡ଼େ ସେଇଦିନ ହିଁ ଏକଥା ବୁଝିଗଲି।

ଆସିଲ ଯେମିତି ଜାଣିପାରିଲିନି, ଚାଲିଗଲ ସେମିତି ଜାଣିପାରିଲିନି। ମୁଁ ତ ଜ୍ୱରରେ କୁହୁଳୁ ଥିଲି ରାତିସାରା। ତମର ଦେଖାଶୁଣା ଟିକିଏ ବି କରିପାରିଲିନି। ଖାଲି ଅସନା ଦାଣ୍ଡଘରଟାକୁ ଟିକେ ଝାଡୁ କରିଦେଇଥିଲି। ଅଳନ୍ଧୁ ଟିକେ ଝାଡ଼ି ଦେଇଥିଲି। ଅଳିଆ ଆବର୍ଜନା ଟିକେ ଗୋଟେ କଣକୁ ପାଖେଇ ଦେଇଥିଲି। ଛିଣ୍ଡା ମସିଣା ଖଣ୍ଡେ ଯାହା ପାରିଦେଇଥିଲି। ତମେ ତା'ରି ଉପରେ କେଡ଼େ ଖୁସିରେ, କେଡ଼େ ପରମ ଆନନ୍ଦରେ ବସିଗଲ, ପୁଣି ଶୋଇଗଲ।

ତମେ କ'ଣ ଏମିତି ସବୁବେଳେ ହସହସ? ସବୁବେଳେ ଆନନ୍ଦ ଅଧିର! ସେଇଥିପାଇଁ ଛନ୍ଦ ତମ ପାଦରେ ବଂଧା? ସୁର ଓ ରାଗ ତମ କଂଠରେ ଉଭା? ତମେ କୀର୍ତ୍ତନ ନାଥ? ନଦିଆ ବିହାରୀ? କେଜାଣି? ମୁଁ ତ ଏବେ ବି ଭାବିପାରୁନି, ବିଶ୍ୱାସ କରିପାରୁନି।

ତମ ପାଖରେ ଏତେ ସଂଶୟ କିଆଁ? ସତ ପାଖରେ କ'ଣ ସବୁବେଳେ ସଂଶୟ ରହିବା ସତ ର ନିୟତି? ନା ସତ ସବୁବେଳେ ସଂଶୟାଛନ୍ନ? ରହସ୍ୟମୟ? ଏ ଦୁନିଆ ଯଦି ସତ, ଏ ମଣିଷ ଯଦି ସତ- ତା'ହେଲେ ଏତେ ବିଚିତ୍ର, ଏତେ ସଂଶୟପୂର୍ଣ୍ଣ କାହିଁକି? ବେଳେବେଳେ କାହିଁକି ଲାଗୁଚି- ଏ ଦୁନିଆ ମିଛମାୟାର ଦୁନିଆ। ଗୋଟେ ସ୍ୱପ୍ନ, କୁହେଳି, ମରିଚିମୟ ମରୁଭୂମି। ସୁନ୍ଦର ଯେତିକି, ଅନ୍ଧାର ସେତିକି ଏଇ ଗହନ ବନ।

ତମେ ତେବେ ଏଇ ସ୍ୱପ୍ନ ଓ କୁହେଳିର ରୂପ? ନା ମିଛ ଓ ସତ ର ମିଶ୍ରିତ ସିମ୍ଫୋନି? ତମକୁ ସତ ଭାବିଲେ ସତ? ମିଛ ଭାବିଲେ ମିଛ? କେମିତି ମ?

ତମେ ସତରେ ଆସିଥିଲ କି ନଆସିଥିଲ ତମେ ଜାଣ। ମୁଁ କିନ୍ତୁ ତମେ ଗଲାପରେ ହିଁ ଜାଣିଲି ତମେ ଆସିଥିଲ ବୋଲି। ତମକୁ ଦେଖିନି ଆଖିରେ। କେବଳ ଗଲାପରେ ହିଁ ତମ ରୂପକୁ ମନେପକେଇଲି। ଭାବିହେଲି, କଳ୍ପିହେଲି। ତମେ ହାତ ଟେକି ନାଚୁଚ, ପାଦ ଛନ୍ଦି ଅପୂର୍ବଠାଣିରେ। ଆଃ! ଆଜାନୁଲମ୍ବିତ ସେ ବାହୁଦ୍ୱୟ। ପ୍ରଶସ୍ତ

କପାଳ। କୃଷ୍ଣାନନ୍ଦୀ ତିଳକ। କଟି ତଟେ ପାଟବସ୍ତ୍ର। କାନ୍ଧରେ କର୍ପୂରଧବଳ ଉପବୀତ। ଗୌରବର୍ଣ୍ଣର ବିଶାଳ ଶରୀର।

ହେ ଗୌରତନୁ! ସୁଦୂର ନଦିଆରୁ କାହିଁକି ଆସିଲ ମୋର ଭଂଗା କୁଡ଼ିଆକୁ? ମୁଁ କେଡ଼େ ହତଭାଗା ତମକୁ ଚିହ୍ନି ପାରିଲିନି। ତମେ ସାଙ୍ଗପାଙ୍ଗ ଘେନି ଆସିଥିଲ। ଯେମିତି ଆସିଥିଲ ସେମିତି ଚାଲିଗଲ। ତମେ ଚାଲିଗଲା ପରେ ହଠାତ୍ କିଏ ଜଣେ ଯେମିତି ମୋ କାନପାଖରେ ଗାଇଉଠିଲା-

ଏସୋ ହେ... କୀର୍ତ୍ତନ...ନାଥ...ଅ...ଅ...ଅ...
କରିହ କୀର୍ତ୍ତନ...ଅ...ଅ...ଅ...

ମୁଁ କିଛି ବି ବୁଝିପାରିଲିନି। କିଏ ସେ, କାହିଁକି ଏମିତି ସ୍ୱରରେ ଗାଉଚି। କାହାକୁ ଡାକୁଚି କୀର୍ତ୍ତନ କରିବା ପାଇଁ? କସ୍ତୁରୀ ମୃଗପରି ମୁଁ ଏଣେତେଣେ ଚାହିଁଲି। ଘରଟା ସାରା ବୁଲିଗଲି। ଭାଗବତପିଣ୍ଡି ଉପରୁ ଘେରେ ମାରି ଆସିଲି। ସାହିର ଏମୁଣ୍ଡରୁ ସେମୁଣ୍ଡ ହେଇଗଲି ଥରେ। କାଇଁ କେହି ନାହାଁନ୍ତି ତ! ବଡ଼ ଅସ୍ଥିର ହୋଇଉଠିଲା ପାଦ, କଂପି ଉଠିଲା କଂଠ; ଖୋଳଟାକୁ କୋଳକୁ ଟାଣି ଆଣିଲି। ଅସ୍ଥିର ଆଙ୍ଗୁଠିମାନ ଆଉ ଧୈର୍ଯ୍ୟଧରି ରହିପାରିଲେନି। ଘରଟା ସାରା ନାଦମୟ ହୋଇଉଠୁଥିଲା। ସାରାଟା ଶରୀର ମୋର ଗୌରମୟ ହୋଇଯାଉଥିଲା। କ୍ଳାନ୍ତ ହୋଇପଡ଼ି ଶୋଇପଡ଼ିଲି ଘଡ଼ିଏ। କି ଗୋଟେ ସ୍ୱପ୍ନ ଦେଖି ଚିହିଁକି ଉଠିଲି। ପିଲାଟିଏ ତା' ମାଆକୁ ପାଖରେ ନ ପାଇ କାନ୍ଦିଲା ପରି କାନ୍ଦି ଉଠିଲି। ଭୋ... ଭୋ...। ଇସ୍... କି ବିକଳ ସେ କାନ୍ଦ... କି ବୁକୁଫଟା ଚିତ୍କାର... ମହମହ ଧୂପ ଗନ୍ଧ... ଗହଗହ ନାଦ ଭିତରେ ସେ କାନ୍ଦ କୁଆଡ଼େ ମିଶିଯାଉଥିଲା। ମହାସ୍ରୋତରେ ମିଶିଲା ପରି। ମୁଁ କ୍ରମେ କ୍ରମେ ଅସ୍ତିତ୍ୱ ହରେଇ ବସୁଥିଲି।

ଯେତେ ଚେଷ୍ଟା କରୁଥିଲି ଗୋପନ ହୋଇ ରହୁ ସେ କାନ୍ଦ। ରହିଲା ନାହିଁ। ଫାଟିପଡ଼ିଲା ଘରଟା ସାରା। ଆକାଶର ସବୁ ତାରା ଯେମିତି ମାଟି ଉପରକୁ ଖସିପଡ଼ିଲେ ସେଇ କାନ୍ଦରେ। ଅଟୁ, ବୋଉ ଦିହେଁ ସେ କାନ୍ଦକୁ ଦେଖି ସ୍ତମ୍ଭୀଭୂତ ହୋଇଗଲେ। ଘରକୁ ଅତିଥି ଆସିଲେ ଯୋଉ ବୋଉକୁ ମୋର ଭଲଲାଗେନି, ସେଇ ବୋଉ ବୋକା ହେଇଗଲା ମୋ କାନ୍ଦଶୁଣି।

ମୁଁ କାନ୍ଦି କାନ୍ଦି କହୁଥିଲି- ସିଏ ଆସିଥିଲେ କୀର୍ତ୍ତନ କରି କରି ମୋ'ରି ଘରକୁ। ମତେ ଦେଖାକରି ଶ୍ରୀକ୍ଷେତ୍ର ଯିବେ ବୋଲି। ଆଉ ଦିନ କେତୁଟା ପରେ ଶ୍ରୀଗୁଣ୍ଡିଚା। ମୋ ଘରକୁ କାହିଁକି ଆସିଲେ? ମୋ'ରି ଘରେ ରହିବାକୁ କାହିଁକି ମନକଲେ? ଏଇ ଅବର୍ଜ୍ୟା ଦାଣ୍ଡଘରେ ଛିଣ୍ଡା ମସିଣାରେ ଗୀତ ବୋଲି ବୋଲି ଶୋଇ ପଡ଼ିଲେ। ମୁଁ ଜରରେ କଂପୁଥିଲି ମୋ କାନରେ କିନ୍ତୁ ତାଙ୍କ ଗୀତ ବାଜୁଥିଲା-

ଜାଗୋ... ଜାଗୋ... ଶଂଖଚକ୍ରଗଦାପଦ୍ମଧାରୀ...

ମୁଁ ଶୋଇ ଶୋଇ କଂପି କଂପି ସେଇ ଗୀତକୁ କାନ ଡେରିଥିଲି। ତତଲା ଦେହରେ ଖେଳି ଯାଉଥିଲା ଅପୂର୍ବ ଶୀହରଣ! ମୁଁ କାନ୍ଦି କାନ୍ଦି କହୁଥିଲି, ସିଏ କାହିଁକି ମୋ ଘରକୁ ଆସିଲେ? ଏତେ ବାଟରୁ, ଦୂର ମୁଲକରୁ? କ'ଣ ଖାଲି ମତେ ଦେଖାକରିବାକୁ? କାହିଁକି? ମୁଁ କିଏ ତାଙ୍କର?

ସେଦିନ ପୋଲିସ୍ ହାବୁଡ଼ରୁ ନଖିଆ ବୋଉ ମତେ କାହିଁକି ଉଦ୍ଧାର କଲା? ନଖିଆ ବୋଉ ତା' ଜୀବନରେ କାହାର ଉପକାର କରିଚି? କିନ୍ତୁ ତା' କଂଠରେ ସେଦିନ କିଏ ବସିଗଲା? କାହିଁକି ବସିଲା? ମୁଁ ତ ଜେଲ୍‌ରେ ପଶିଥିଲେ ଛ'ମାସ ରହିଥାନ୍ତି। ମତେ କିଏ ଉଦ୍ଧାର କଲା?

ବୋଉ ପଥର ପରି ବସି ଶୁଣୁଥିଲା। କାହାକୁ କ'ଣ ଟିକେ ଦେଇଦେଲେ ତା' ଦିହରେ ଯାଏନି। ଅତିଥି ଅଭ୍ୟାଗତ ସେ ବୁଝେନି। ଧର୍ମ କେବଳ ନିଜ ମନର ଖୁସି ପାଇଁ କରେ। ଦିଅଁ-ଦେବତା ଖାଲି ନିଜପାଇଁ କରେ। ନିଜ ମନର ଓରମାନ ମେଣ୍ଟେଇବାକୁ କରେ। ଗାଉଣା ବାଜଣା ଭଜନ କୀର୍ତ୍ତନ ତାକୁ ଭଲଲାଗେନି।

କିନ୍ତୁ କେବେକେବେ ସିଏ ତା'ଆଡୁ ଭାରି ଆଗ୍ରହ କରେ। ଖୋଳ, ଗିନି, ଝାଞ୍ଜ, ହାରମୋନିୟମ୍‌କୁ ଯତ୍ନକରେ। ସଂପତ୍ତି ବୋଲି ଭାବେ। ମୋ ବୋଉ ରାଗିଗଲାବେଳେ ହିଁ କାହାକୁ ନିଜର ଭାବି ପାରେନି। ସମସ୍ତେ ତା'ର ଶତ୍ରୁ। ଏପରିକି ସିଏ ନିଜେ ନିଜର ବି।

ମୁଁ ସେଇ ଗୀତକୁ ଖୋଜୁଥିଲି। ଜରୁଆ ଦେହରେ ଚା' ତିଆରି କରିଥିଲି ତମପାଇଁ, ତମ ସତୀର୍ଥମାନଙ୍କ ପାଇଁ। ତମେ ପରମ ଆଗ୍ରହରେ ପିଇଥିଲ। ମୁଁ ଜଣେ ଅଧ୍ୟାପକ ବୋଲି, ବଶେଷ କରି ଓଡ଼ିଆ ଅଧ୍ୟାପକ ବୋଲି ଜାଣିଲା ପରେ କେତେ ଖୁସି ଜଣା ପଡ଼ିଲ। ମୁଁ କୃତ୍ୟକୃତ୍ୟ ହେଇଗଲି।

ସେଦିନ ସଂଧ୍ୟାରେ ଭାଗବତ ପିଣ୍ଡିରେ ଯୋଉ ନାମ ସଂକୀର୍ତ୍ତନ ଚାଲିଲା, ମୁଁ ଭାବୁଥିଲି ତମେ ଆସିଲ ବୋଲି ସିନା! ଯେତେବେଳେ ପ୍ରଥମେ ସାହିର ସେ ମୁଣ୍ଡରୁ ଖୋଳ କରତାଳର ନାଦ ଶୁଭିଲା, ମୁଁ ଟାଣି ହେଇ ଚାଲିଗଲି ସେ ଆଡ଼କୁ। ସୂର୍ଯ୍ୟଦେବତା ମା' କୋଳକୁ ଫେରୁଥିଲେ। ପଶ୍ଚିମ ଦିଗ ଲାଲ୍ ଦିଶୁଥିଲା। ଗୋଧୂଳି ବେଳାର ଶୀତଳ ପବନ ଦିହରେ ଲାଗୁଥିଲା। ଆମ ବାଦ୍ୟକାର ଭିକାରୀ ଭାଇ ଦୁଆରେ ବସି ମୁଁ ସେ ନାମସଂକୀର୍ତ୍ତନକୁ ଉପଭୋଗ କଲି। ତମେ ତମ ସାଙ୍ଗପାଙ୍ଗ ନେଇ ସେ ମୁଣ୍ଡରୁ ଏ ମୁଣ୍ଡ ଯିବା ଭିତରେ ମଝିରେ ଆମରି ଦୁଆରେ ଅଟୁ (ମୋ ସାନଭାଇ)କୁ ଆମ ଘରେ ରାତିକ ରହଣି ପାଇଁ ଆଶ୍ରା ମାଗିଥିଲ।

ଏତେ ଘର ଡେଇଁ ଆସିଲ, ଆମରି ଘରେ କାହିଁକି ରାତିକ ପାଇଁ ଆଶ୍ରା ଲୋଡ଼ିଲ? ସେ ଅଧମ ଅଟୁ ତମକୁ ଚିହ୍ନିଥାନ୍ତା କେମିତି? ଚଣ୍ଡାଳଟା ମନା କରିଦେଲା। କିନ୍ତୁ ମତେ ଆସି କହିଲା। ସେତେବେଳକୁ ତମେ ସେପଟ ସାହିରେ।

ପୁଣି ତାକୁ ପଠେଇଲି ସାଇକେଲ୍ ଖଣ୍ଡେ ଦେଇ। ତମେ ଆସିଲ, ମୋ ମନ ବୁଝିଲା। 'ଅତିଥି ଦେବୋ ଭବଃ'ର ମହତ୍ତ୍ୱ ମୁଁ ସେଦିନ ଅନୁଭବ କଲି।

ସଂଧ୍ୟାର ନାମ ସଂକୀର୍ତ୍ତନ ମତେ ସଂପୂର୍ଣ୍ଣ ନିଃସ୍ୱ କରିଦେଲା ସେଦିନ। ଜୀବନରେ ଏମିତି ଗୋଟେ ଗୋଟେ ମୁହୂର୍ତ୍ତରେ ମୁଁ ନିଃସ୍ୱ ହେଇଯାଇଚ୍ଚି। ପୁଣି ସେ କ୍ଷଣ ଚାଲିଯାଇଚ୍ଚି। ସେ ନିଃସ୍ୱତା ଚାଲିଯାଇଚ୍ଚି। ଆଃ, କି ଯେ ସେ ନିଃସ୍ୱତାର ଅନୁଭବ! ତମେ ପ୍ରତାପରୁଦ୍ରଙ୍କୁ ଏଇ ନିଃସ୍ୱତା ଦେଇଦେଇଥିଲ ନା! ମୁଁ ତ ସେଇ କ୍ଷଣିକ ନିଃସ୍ୱତାରେ ଧନ୍ୟ ହୋଇଯାଇଥିଲି। ତମେ କ'ଣ ମୋତେ ଆଉଥରେ ସେ ନିଃସ୍ୱତା ଦେଇପାରିବ?

ମୁଁ ତ ତମକୁ ଚିହ୍ନିପାରିଲିନି ତଥାପି। ଆଜି ଯେବେ ତମସେଇ ସ୍ୱରକୁ ମନେପକାଇ ଗୀତ ପଦେ ଗାଇଦିଏ, ଖୋଳ ଟିକିଏ ବଜାଇ ବସେ, ଅଳ୍ପ ଅଳ୍ପ ଝାପ୍‌ସା ଝାପ୍‌ସା ମୁଁ ପୁଣି ସେଇ ନିଃସ୍ୱତାର ଅନୁଭବ ପାଏ। ଆଉ ଭାବେ- ତମେ ପ୍ରକୃତରେ ଆସିଥିଲ।

ତମେ ଆଜେବାଜେ ଦଳେ କୀର୍ତ୍ତନିଆ ବୋଲି ମୁଁ କଦାପି ଭାବିପାରୁନି। କେମିତି ଭାବିବି? ସେମିତି ହୋଇଥିଲେ ତମେ କାହିଁକି ମତେ ନିମନ୍ତ୍ରଣ କରିଥାନ୍ତ ନଦିଆ ଯିବାକୁ? ମୋର ଠିକ୍ ମନେ ଅଛି, ତମେ କହିଲ- ଆମେ ତ ତମ ପୁରକୁ ଆସିଲୁ, ତମେ ଆମ ପୁରକୁ କେବେ ଚାଲ। ନଦିଆ, ଶ୍ରୀଚୈତନ୍ୟେର ଜନ୍ମସ୍ଥାନ। ଆମେ ସେଇଠି ଥିବୁ। ତମ ଓଡ଼ିଶାର ଲୋକ ବି କେତେ ଅଛନ୍ତି। ତମେ ଅଧ୍ୟାପକ, ବହୁତ ଭଲ। ତମର କିଛି ଅସୁବିଧା ହବନି ଆମେ ଥାଉ ଥାଉ।

କାହିଁକି ଏମିତି କହିଲ? ସଂଧ୍ୟାରେ ପହଞ୍ଚିଲ, ଗୋଟିଏ ରାତି, ଗୋଟିଏ ମାହେନ୍ଦ୍ର ସକାଳ। ସଂକୀର୍ତ୍ତନ କରି, ମୁଠାଏ ଖାଇ ଚାଲିଯାଇଥାନ୍ତ। କାହିଁକି ମୋ ଦୁଃଖରେ ଭାଗୀ ହେଲ? କାହିଁକି ପଚାରିଲ ମୋ ଘରେ ଆଉ କିଏ ଅଛନ୍ତି କି ନାହିଁ। ମୁଁ ବାହାହେଇଚ୍ଚି କି ନାହିଁ, ମୋର ପିଲାପିଲି କେତେ, ମୋ ସ୍ତ୍ରୀ କାହିଁ। କାହିଁକି ପଚାରିଲ?

ସବୁ ଶୁଣିସାରି କାହିଁକି କହିଲ- ତମର କିଛି ହବନି! ତମେ ଧର୍ମବନ୍ତ! କେଶ୍ ଫେସ୍ ସବୁ କୁଆଡ଼େ ଉଡ଼ିଯିବ। ତମେ ନିର୍ଦ୍ଦୋଷ ସାବ୍ୟସ୍ତ ହବ। ଆଉ ଗୋଟେ ବାହା ହେଇ ସୁଖରେ ରହିବ। ଥରେ ଖାଲି ନଦିଆ ଚାଲ। ଶ୍ରୀ ଚୈତନ୍ୟର ଜନ୍ମସ୍ଥାନ।

କାହିଁକି ଏମିତି କହିଲ?

ତମ ସେଇ କଥା ଆଜି ବି ତୁହାଇ ତୁହାଇ ମନେ ପଡୁଚ୍ଚି। ଭାରି ଗୋଟେ ଟାଣ କରିଥିଲି ଦଶହରା ଛୁଟିରେ ଯିବି ବୋଲି ଯାଇପାରିଲିନି। ସତରେ କ'ଣ ଯାଇପାରିବିନି ଥରେ ହେଲେ ନଦିଆ?

ସେଦିନ ସକାଳକୁ ମେଞ୍ଚାଏ ଧୂପକାଠିର ଧୂପ ବାସ୍ନାରେ ତମେ ମହକାଇ ଦେଇଥିଲ। ମୁଁ ବାସି ଶେଯରୁ ସିଧା ଉଠି ଯାଇ ତମ ପାଖେ ବସି ତମ ଗୀତର ସୁର୍ ଧରି ତାଳ ପକେଇ ପାଳି ବୋଲି ଥିଲି। ବାହାର ଲୋକ ଆସି ଆମ ଦୁଆରେ ଜମି ଯାଇଥିଲେ। ତମ ସେଇ ସୁର ଆଜି ବି ଛାତି ଭିତରେ ଗୁଂଜନ ହେଇ ରହିଯାଇଚ୍ଚି।

ସେଇ ସକାଳେ ସାମାନ୍ୟ ଜଳଖିଆ କରି ତମେ ଚାଲିଗଲ। ଗଲାବେଳକୁ ପିନ୍ଧିବାକୁ ସାର୍ଟ ଖଣ୍ଡେ ମାଗିଲ। ମତେ କାହିଁକି ମାଗିଲ? କେମିତି ମାଗିପାରିଲ? ମୋର ଏତେ ଦୈନ୍ୟ ଅବସ୍ଥା କଥା ଜାଣି ମଧ୍ୟ କେମିତି ମାଗିଲ? ମୁଁ ମାତ୍ର ଶହେଟି ଟଙ୍କା ଦେଲି। ସେଇତକ ଖୁସିରେ ନେଇ ଆଶୀର୍ବାଦ କରି ଚାଲିଗଲ।

ମୁଁ ଭୁଲିପାରିନି ତମର ସେ ଆଶୀର୍ବାଦର ମୁଦ୍ରାକୁ। ଏକାବେଳକେ ମତେ ଘେରି ଯାଇଥିଲ ତମେ। ଅନ୍ୟମାନେ କିଏ ସବୁ ଥିଲେ? ନିତ୍ୟାନନ୍ଦ? ଗଦାଧର? କେଜାଣି? ସମସ୍ତଙ୍କର ଆଶିଷ ମୁଦ୍ରା ମୋ ମଥା ଉପରକୁ ଚାଲି ଆସିଥିଲା। ମୁଁ ସେତେବେଳେ ଏ ପୃଥିବୀର ସବୁଠୁ ନିଃସ୍ୱତମ ଜୀବଟିଏ ପାଲଟି ଯାଇଥିଲି। କେମିତି ଭୁଲିବି ସେଇ ନିଃସ୍ୱତମ ସକାଳଟିକୁ?

## ୩. ମହା ରହସ୍ୟମୟ

ପୂର୍ବଦିଗରେ ମେଘ ଖଣ୍ଡେ ଉଠେଇଚ୍ଚି।
ଶୁକ୍ଳପକ୍ଷ ରାତି ହେଲେ ବି ଆକାଶରେ ଜହ୍ନ ନାହିଁ।

ପାତଳ ଅନ୍ଧାର ଗୋଟେ ଚାଦରଟେ ପରି ଏ ପୃଥିବୀ ଉପରେ ପଡ଼ିଚ୍ଚି।

ବିଜୁଳୀ ଟିକେ ମଝିରେ ମଝିରେ ଚମକୁଚ୍ଚି।

ରାତି ବେଶୀ ହେଇନି।

ସଂଧ୍ୟା ଗଡ଼ିଯାଇଚ୍ଚି।

ଆଠଟା ଖଣ୍ଡେ ହବ। ପବନ ଟିକିଏ ଦଉଚ୍ଚି।

ଭଗତଘର ପିଣ୍ଡିରେ ନାମ ସଂକୀର୍ତ୍ତନ ଚାଲିଚ୍ଚି ତମର।

କେମିତି ଗୋଟେ ନିଶାସକ୍ତ ଲାଗୁଚ୍ଚି ମନଟା।

ରୁମ୍ ମୂଳ ଶିର୍‌ଶିରେଇ ଉଠୁଚ୍ଚି। ଆକାଶରେ ଗୋଟେ ଗୋଟେ କାଁ ଭାଁ ତାରା। ଖୋଳ କରତାଳର ନାଦରେ ସାହି ଗୋଟାଯାକ କଂପୁଚ୍ଚି। ମେଘମେଦୁର ଏଇ ବିଳମ୍ବିତ ସଂଧ୍ୟା ପ୍ରହରଟି କାହିଁକି ଏତେ ମାଦକିତ ହେଇ ଉଠୁଚ୍ଚି କେଜାଣି...!

କୁଆଡୁ ଗୋଟେ ମଲ୍ଲୀଫୁଲର ସୁଗନ୍ଧ ଲୁଟି ଦଲକାଏ ପବନ ହାବୁକା ମାରିଉଠିଲା। ଏବେ ଯୋଡ଼ା ଆଷାଢ଼ ଯାଇଚ୍ଚି। ତମର ନବକଳେବର ସରିଚ୍ଚି। ଗୁଣ୍ଡିଚା ଜାତ ସରିଚ୍ଚି। ସୁନାବେଶ ସରିଗଲା କାଲି ନୀଳାଦ୍ରି ବିଜେ ମଧ୍ୟ ସରିଯାଇଚ୍ଚି।

କାହିଁ କିଛି ରୋମାଂଚ୍ ନଥିଲା ସେତେବେଳେ ତମକୁ ଟିଭି ପରଦାରେ ଦେଖି! ବରଂ ରେଡ଼ିଓରେ ରାଜ୍ୟସ୍ତରୀୟ ପ୍ରସାରଣରେ 'ସାକ୍ଷୀଗୋପାଳ' ଗୀତିନାଟ୍ୟ ପୁଣି ଆଖିରୁ ଲୁହ ଦିଟୋପା ଖସିପଡ଼ିଲା। ସେତିକି! ଆଉ କେବେ ସେମିତି ମନେପଡ଼ିନି।

ତମେ ସବୁବେଳେ ମୋ'ର ମନେପଡ଼ନି, ମାନୁଚି। ଏପରିକି ପ୍ରେମିକା ଯେତିକି ମନେପଡ଼େ, ସେତିକି ବି ନୁହେଁ। ଖୁବ୍ କ୍ୱଚିତ୍ ତମେ ମନେପଡ଼। ଖୁବ୍ କମ୍ ସମୟ ପାଇଁ। ଘଣ୍ଟେଯାଏଁ ଖାଲି ଯାହା ଅଳ୍ପ ଅଳ୍ପ ନିଶାପରି ଘାରିହୁଏ। ମାଦକିତ ହୁଏ। ମନର ଆକାଶରେ ମେଘ ଘୋଟି ବିଜୁଳି ମାରୁଥାଏ। ମନ ଡଙ୍କେଇଯାଏ ତମ ଆଡ଼ିକି। ଆଉ କେହି ମନେପଡ଼ନ୍ତିନି ତମ ଛଡ଼ା। ଖାସ୍ ନିର୍ବୋଧ କରିଦିଅ ମତେ ସେତେବେଳେ।

ସତରେ ଅଳ୍ପକ୍ଷଣର ସେଇ ନିର୍ବୋଧତା କେଡ଼େ ଦୁର୍ଲ୍ଲଭ ! କେଡ଼େ ଅପୂର୍ବ ! କେଡ଼େ ଅପୂର୍ବ ! କେଡ଼େ ଦିବ୍ୟ ! ମହିମାମୟ ! ତମ ମୋ ଛଡ଼ା ଆଉ କାହାକୁ ବୁଝେଇ ହବ !

ତମେ କ'ଣ ମୋ ପରି ନିର୍ବୋଧ !

କାହିଁକି କେବେ ମତେ ଏମିତି ନିର୍ବୋଧ କରିପକାଅ ? ପୁଣି କିୟତ୍‌କ୍ଷଣ ! ମେଘ ବିଜୁଳିର ଏଇ ଅନନ୍ୟ ବେଳାରେ। କାହିଁ ସେଠି ତ୍ରିତାପ ! କାହିଁ ଭବବନ୍ଧ ! କାହିଁ ଜ୍ୱାଳା କି ଯାତନା ! ଖାଲି ତ ମଲ୍ଲୀ ଫୁଲର ଦମକା ଦମକା ପବନ। ଆଉ ଅସରନ୍ତି ନିର୍ବୋଧତା !

ତମେ ମନେପଡ଼।

ମୁଁ ତମକୁ ମନେ ପକାଏନି।

ଆପେ ଯେମିତି ମେଘ ଘୋଟିଲେ ବିଜୁଳି ଚାଲିଆସେ। ତା' ସାଥିରେ ସୁରଭିତ ପବନ। ଠିକ୍ ସେମିତି।

ଏ ମନ ସତରେ କେତେ ଅଲଗା ଦେହଠୁ ?

କେତେବେଳେ କାହାକୁ ଧରିରଖେ, ସିଏ ହିଁ ଜାଣେ। କାହାକୁ ଧରେ, କାହାକୁ ଧରି ଛାଡ଼ିଦିଏ, କାହାକୁ ପୁଣି ଜମା ଧରିବାକୁ ଇଚ୍ଛା କରେନି, କାହାକୁ ଯଦି ଧରେ ପୁଣି ଛାଡ଼ିବାର ନାଁ ଧରେନି।

ଏମିତି ଏ ମନ।

ଏଠି ତ ପ୍ରାୟ ସମୟ ନାମସଂକୀର୍ତ୍ତନ ହୁଏ।

ମୁଁ ବି ବସେ। ଗୀତ ଗାଏ। ହେଲେ ସବୁବେଳେ କାହିଁକି ତମଠିକି ମନ ଯାଏନି ?

ସବୁବେଳେ ତମେ ଭଲ ଲାଗନି ? କାହିଁକି ?

ସବୁବେଳେ କାହିଁକି ତମକୁ ଭାବିହୁଏନି ? ତମ ନାମ ସଂକୀର୍ତ୍ତନ ଚାଲିଥିଲାବେଳେ, ମନ ଚାଲିଯାଏ ପ୍ରେମିକା ପାଖକୁ। ନାରୀ ପାଖକୁ। କାହିଁକି ? ତମଠୁ କ'ଣ ଅଛି ଏ ସଂସାରରେ ବଡ଼ ? କୋଉ ମାୟା, କୋଉ ମୋହ ତମଠୁ ବଡ଼ ? ତମ ଉପରେ ?

ହେଲେ, ଦୁଃଖକୁ ସୁଖ ପ୍ରାୟ ମଣି
ସଂସାରେ ଭ୍ରମୁଥାଏ ପ୍ରାଣୀ।

କାହିଁକି ଦୁଃଖକୁ ସୁଖ ବୋଲି ଏ ମନ ଭାବେ ? ତମକୁ ଯଦି ଛୁଇଁ ହୁଅନ୍ତା, ଚାଖି ହୁଅନ୍ତା, ଦେଖି ହୁଅନ୍ତା, ଭୋଗି ହୁଅନ୍ତା- କାହିଁକି ତେବେ କୋଉ ନାରୀ ପଛରେ ଏ ମନ ପଡ଼ନ୍ତା ?

ସେ ନାରୀକୁ କିଏ ଗଢ଼ିଚି ?

ଏଡ଼େ ସୁନ୍ଦର କରି ଏ ସଂସାରକୁ କିଏ ଗଢ଼ିଚି ?

ଏତେ ମାୟା ମୋହ କିଏ ସୃଜିଚି ?

ଓଠ, ମୁହଁ, ସ୍ତନ, ଜଘନ, ଜାନୁ, ଯୋନି, ରୂପ, ଯୌବନ- ଏ ସବୁ କାହାର ମାୟା ସର୍ଜନା ? କାମନା ବାସନା କାହାର ଖେଳ ? ତମର ନା ? ଏ ମନ ବି କାହାର ଗଢ଼ା ? ତମର ନା ?

ତେବେ ମନ ଯଦି ତମଠି ନ ଲାଗିଲା, ଦୋଷ କାହାର ? ମୁଁ କ'ଣ ସତରେ ନିମିତ୍ତମାତ୍ର ନୁହେଁ ? ତମେ ଏ ମନକୁ ତା'ରି ପଛରେ ଦୌଡ଼େଇ ପୁଣି ବେଳେବେଳେ ତା'ରିଠୁ ନିବୃତ୍ତ କରି ଆଣ ତମରି ପାଖକୁ। ସେତେବେଳେ ଯାଇ ଏ ମନ ଥୟ ଧରେ। ବୁଝେ। ଦଁତୋପା କାନ୍ଦେ। ଭାବେ- କାହିଁକି ସେ କାଳନାଗୁଣୀ ପଛରେ ପଡ଼ିଲି। କାହିଁକି ଜଣାଶୁଣା ସରଣୀ ହୁଡ଼ିଲି ? କାହିଁକି ମଲା ସାପ ବେକରେ ବାନ୍ଧିଲି ? କାହିଁକି ନରକର କୀଟ ପରି ଏ ଭବମାୟାରେ ସଢ଼ିଲି।

ସେଇ ମୁହୂର୍ତ୍ତ... ସେଇତକ ବେଳ- ମୁଁ ତମ ପାଖକୁ ଚାଲିଆସେ କି ତମେ ମତେ ଟାଣି ଆଣ, ମୁଁ ଜାଣିପାରେନି। ସେତେବେଳେ ଲାଗେ ଯେମିତି ତମର ଦେହ ଅଛି, ଛୁଇଁ ହବ, ଦେଖିହବ, ଭୋଗିହବ, କୁଣ୍ଢେଇ ଧରିହବ।

ତମର ମନ ଅଛି- ଦୁଃଖ କହିହବ। କାନ୍ଦିହବ। ଅଳି ଅଝଟ କରିହବ। ଏମିତି କାହିଁକି ଲାଗେ ?

ଅଥଚ୍ ପୁଣି ଚାଲିଯାଏ ସେ ସମୟ। ପୁଣି ଭ୍ରମିହୁଏ ମନ। ୟା'ପଛରେ ତା'ପଛରେ ପଡ଼େ। ଆଉ ତମେ ମନେପଡ଼ନି। ଆଉ ତମେ ଟାଣନି। ନାମସଂକୀର୍ତ୍ତନ ତା' ବାଟରେ, ମୁଁ ମୋ ବାଟରେ। କାମନାର ନର୍କକୁଣ୍ଡରୁ ମୁଁ ଲୁହ, ରକ୍ତ, ପୂଜ, ନାଳ ସବୁ ଶୋଷୁଥାଏ। ପରମ ଆନନ୍ଦରେ ଦିନ ସରେ, ରାତି ସରେ, ଦେହ ସରେ, ମନ ସରେ, ଯୌବନ ସରେ, ଆୟୁଷ ସରେ, ସରାଗ, ସ୍ନେହ ସବୁ ସରେ।

ପୁଣି ହଠାତ୍ ଦିନେ ଦିନେ ସଂଜବେଳେ ଶୋଇ ଭଗବତ ଘର ପିଣ୍ଡିରେ ବସିଥାଏ ତ ପୂରୁବ ଦିଗରେ ଜହ୍ନ ଉଠେ। ଲାଗେ ଯେମିତି କାହିଁ କେତେ ଯୁଗରୁ ମୁଁ ଏମିତି ସେ'ଠି ବସି ବସି ଏଇ ଜହ୍ନକୁ ଅପେକ୍ଷା କରିଥିଲି। କଳାଧଳା ବଉଦ ଭିତରେ ଜହ୍ନ ଲୁଚ୍‌କାଳି ଖେଳେ। ଯେମିତି ମତେ କହୁଥାଏ- ତୁ ଗୋଟେ ବାଉଳା ! ନିର୍ବୋଧ ! ମୂଢ଼ ! ପାଷାଣ୍ଡ ! ଖାଲି ଭ୍ରମୁଚୁ। ରହସ୍ୟ କିଛି ନାହିଁ। ଅଥଚ୍ ମହାରହସ୍ୟମୟ ଲାଗୁଚି ସବୁ ତତେ। ଏଇ ମତେ ଦେଖ ମୁଁ କେମିତି ଖେଳୁଚି ଏତେ ବଡ଼ ଆକାଶରେ। କେତେ ନୀଳ ଏଇ ଆକାଶ ! କେତେ ସୁନ୍ଦର ! ସବୁତ ତାଙ୍କରି ଲୀଳା !

ସବୁ କ'ଣ ତମରି ଲୀଳା? କିଛି ରହସ୍ୟ ନାହିଁ ଅଥଚ୍ ସବୁ ରହସ୍ୟମୟ। ମହାରହସ୍ୟମୟ!

ସୁଲୁସୁଲୁ ପବନ କୁଆଡୁ ବୋହି ଆଣେ ଗଙ୍ଗଶିଉଳି ଫୁଲର ବାସ୍ନା। ଆଃ, କି ଶାନ୍ତ, କି ମଧୁର ଏଇ ସଂଧ୍ୟା! କି କାନ୍ତ କି କୋମଳ ଏଇ ସଂଧ୍ୟା! କି ପବିତ୍ର, କି ପୁଣ୍ୟମୟ ଏ ସଂଧ୍ୟା! ଖାଲି ତମରି କଥା ମନେପଡ଼େ।

ଆଖି ଜକେଇ ଆସେ। ଧାର ଧାର ଲୁହ ଖସିପଡ଼େ। ଆରମ୍ଭ ହୋଇଯାଏ ସଂକୀର୍ତ୍ତନ। ସଂଧ୍ୟା ମୁଖରିତ ହୁଏ ନାଦରେ। ନାଦମୟ ହୁଏ ପୃଥିବୀ-ଆକାଶ। ନାଦମୟ ପାତାଳ-ସ୍ୱର୍ଗ। ନାଦମୟ ହୁଏ ଦେବଲୋକ, ନାଗଲୋକ, ନରଲୋକ। ନାଦମୟ ହୁଏ ବିଶ୍ୱ ଚରାଚ଼ର। ନାଦମୟ ହୁଏ ଅନନ୍ତ-ମହାକାଶ। ନାଦମୟ ହୋଇଯାଏ ଇହକାଳ, ପରକାଳ।

ସେତେବେଳେ- ସେଇ କେଇ ଘଡ଼ି କି ତାର, କି ସଂସାର! କି ମାୟା, କି ମମତା! କି ଦେହ କି ଦହନ! କି ଜଗତ, କି ଜୀବନ! କି ଚିନ୍ତା, କି ଚେତନା! କି ମନ କି ପ୍ରାଣ! ସବୁତ ତମେମୟ- ସବୁ ତ ନାଦମୟ।

ଆଃ, କି ଅପୂର୍ବ ଏ ସଂଧ୍ୟା। କେଡ଼େ ଦୁର୍ଲ୍ଲଭ! ଏମିତି ଆକାଶ, ଏମିତି ମେଘ, ଏମିତି ଜହ୍ନତାରା, ଏମିତି ଗଙ୍ଗଶିଉଳିଫୁଲିଆ ପବନ କାହିଁକି ସବୁବେଳେ ନଥାଏ। ଯଦିବା ଥାଏ, କାହିଁକି ଏମିତି ରୂପ ଘେନେ ନାହିଁ? ନାଦମୟ ହୁଏ ନାହିଁ? ତମେମୟ ହୁଏ ନାହିଁ?

ମହାନିରବତା ଭିତରେ ଯେମିତି ଏ ନାଦ ହଠାତ୍ ଗୋଟିଏ ଉର୍ଦ୍ଧ୍ୱାୟିତ ଧୂପବାସ୍ନା ପରି ମହକାଇ ଦିଏ ଅନ୍ତର, ବାହାର। ଭୂମି ଓ ଭୂମା। ମୁଁ ତ ପାଶୋରି ଯାଇଥାଏ ନିଜକୁ। ଏ ଦୁନିଆକୁ। ମୋ ଆଖିରୁ ଲୁହ ବୋହୁଥାଏ କି ତରଳ ପ୍ରେମ ବୋହୁଥାଏ- ମୁଁ ବୁଝିପାରେନି।

ନାମସଂକୀର୍ତ୍ତନ ଋଳେ। ଘଣ୍ଟେ ଦିଘଣ୍ଟା। ସଂଧ୍ୟା ଉତ୍ତୀର୍ଣ୍ଣ ହୁଏ। ଦେହ-ମନ ଶୀତଳ ହୁଏ। ଥିର ହୁଏ। ରାତିରେ ଭଲ ନିଦ ହୁଏ। ସକାଳକୁ ଶେଯସାରା ଖାଲି ବାସୁଥାଏ ତମେ-ତମେ।

ମୁଁ ଯେତେ ଭ୍ରମିହେଲେ କ'ଣ ହେଲା; ତମରି ପାଖକୁ ଫେରେ। ନିଜକୁ ହଜାଇ ତମକୁ ପାଏ। ତମକୁ ପାଇ ନିଜକୁ ହଜାଇ ପକାଏ। ଏମିତି ଗୋଟେ ଗୋଟେ ସଂଧ୍ୟାରେ।

## *୪. ନାଦ ବ୍ରହ୍ମ*

ତମେ ଯେତେ ନ ଟାଣ, ତମ ସଂକୀର୍ତ୍ତନ ସେତେ ଟାଣେ। ଖୋଳ କରତାଳର ନାଦ ଶୁଣିଲା ମାତ୍ରେ, ମୁଁ କି ଆଉ ରହିପାରେ! ପୂରା ଫିଟିପଡ଼େ। କେରାଏ କେଶ ପରି, ନହେଲେ ମୁଠାଏ ପାରଦ ପରି ବିଂଚ଼ି ହୋଇଯାଏ। ପୂରା ନଂଗଳା, ମୁକୁଳା ହେଇଯାଏ।

ସେତେବେଳେ କି ଦେହରେ ଲୁଗାଥାଏ? ରହେ? ଲୁଗା ତ ଲୁଗା, ଦେହ ଥାଏ କି? ଦେହ ରହେ କି? ଦେହ ତ ଶୂନ୍ୟେଇ ଯାଏ, ଉଭେଇ ଯାଏ, ଦେହ ତ ଦପ୍ କିନି ଜଳିଯାଏ, ମୁଠାଏ ପାଉଁଶ ହେଇଯାଏ।

ଦେହ ତ ଘନଘୋର ମେଘ ଭିତରେ କୁଆଡ଼େ ମିଳେଇଯାଏ, ଲୀନ ହେଇଯାଏ, ଏକାକାର ହେଇଯାଏ। ଦେହ ତ ଖାଲି ଅରାଏ ଦହନ ହେଇ ନାଚୁଥାଏ, ନଚ଼ଉଥାଏ।

ଦେହ ତ ଆପେ, ମନକୁ ଖାଲି ନୃତ୍ୟ କରୁଥାଏ। କି ମୟୂର, କି ମନ, କି ମୋହନ, କି ସମ୍ମୋହନ! କି ସମ୍ଭୋଗ! କି ସଂହାର! ଖାଲି ଉଜୁଡ଼ି ଯାଉଥାଏ ଗୋଟାଏ ସଂସାର! ଗୋଟାଏ ବିଷୟ! ଗୋଟାଏ ବାସନା! ଗୋଟାଏ ମୋହମୟ ବନ୍ଧନ!

ଆଃ, ସେ ନାଦ ଶୁଭିଗଲା ମାତ୍ରେ କୋଉଠି ଥାଏ କେତେ ମୃତ୍ୟୁ ଏକାଠି ହେଇଯାଏ। ଦେହକୁ ଜାବୁଡ଼ି ଧରି ଦେହ ସାଥିରେ ନାଚ଼େ। ଜୀବନ ସାଥିରେ ନାଚ଼େ। ଛନ୍ଦ ମିଳେଇ, ପାଦ ମିଳେଇ, ତାଳ ପକେଇ, ଗୀତ ବୋଲି, ଝୁମି ଝୁମି। ଉନ୍ମାଦ ହେଇ, ଉର୍ଦ୍ଧ୍ୱବାହୁ ହେଇ, ଜୀବନ ସାଥିରେ ମୃତ୍ୟୁ, ଦେହ ସାଥିରେ ଦହନ, ପ୍ରାଣ ସାଥିରେ ଅପାନ, ଅମୃତ ସାଥିରେ ବିଷ, ବିଶ୍ୱାସ ସାଥିରେ ସନ୍ଦେହ, ସୁଖ ସାଥିରେ ଦୁଃଖ- ସବୁ ଏକାକାର, ସବୁ ଏକାତ୍ମ। ସବୁ ସ୍ୱପ୍ନମୟ-ସବୁ ବାସ୍ତବ।

ସେଇ ନାଦ ଶୁଭିଯିବା ମାତ୍ରେ ଏମିତି କାହିଁକି ହୁଏ? କିଏ କରେ? କେମିତି କରେ? ତମଠୁ ତମ ନାଦ, ତମ ସଂଗୀତ କାହିଁକି ଏତେ ଟାଣେ?

କି ନାଦ, କି ନାଦ ସିଏ ସତରେ!

ମିଛିମିଛିକା ଗୋଟେ ଜୀବନ ପାଖରୁ ଟାଣି ଆଣେ ସତସତିକା ଗୋଟେ ମୃତ୍ୟୁ ପାଖକୁ। ମିଛିମିଛିକା ଗୋଟେ ମୃତ୍ୟୁ ପାଖରୁ ପୁଣି ଟାଣି ଆଣେ ସତସତିକା ଗୋଟେ ଜୀବନ ପାଖକୁ। ମୃତ୍ୟୁକୁ ଜୀବନକୁ ଗଂଠେଇ ଦିଏ। ଜୀବନକୁ ମୃତ୍ୟୁକୁ ବାନ୍ଧିପକାଏ।

କି ନାଦ ସିଏ ସତରେ!

କାନରେ ପଡ଼ିବା ମାତ୍ରେ କୁଆଡ଼େ ଚୈତନ୍ୟମୟ ହେଇଯାଏ ମନ। ଦେହ ଭିତରୁ ବାହାରି ଆସେ ନାରୀଟିଏ, ରାଧାଟିଏ। ବୃନ୍ଦାଟିଏ, ଲଳିତାଟିଏ। ଖାଲି ବିରହରେ କାନ୍ଦିଉଠେ। କୁହୁରି ଯାଏ। କି ବେପଥୁ! କି ଉନ୍ମାଦ! କି ନିର୍ବେଦ!

ପଥର ପାଣି ହୁଏ, ପାଣି ପଥର।
ଦେହ ନଈ ହେଇଯାଏ, ନଈ ନିଥର।
ପାହାଡ଼ ତରଳିଯାଏ, ସମୁଦ୍ର ଉତ୍ତାଳ।

ସେଇ ନାଦରେ ଆକାଶ ନଇଁ ଆସେ ପୃଥିବୀ ଉପରକୁ। ପୃଥିବୀ ଆକାଶ ପାଖରେ ସଁପି ଦିଏ ନିଜକୁ।

କି ନାଦ ସେ !

କି ନାଦରେ ପ୍ରାଣସଂଗିନୀ, ଶୁଭୁଚି କଦମ୍ବ ବନେ ! ଇଏ କ'ଣ ସେଇ ନାଦ ! ଇଏତ ଖୋଳ କରତାଳର ନାଦ । ଇଏ ତ ସଂକୀର୍ତ୍ତନର ନାଦ । ଏ ନାଦର ପୁଣି ଏତେ ଆକର୍ଷଣ କେମିତି ? କାହିଁକି ?

ବେଳେବେଳେ ଭାବେ- ମୁଁ ଯଦି ଜନ୍ମ ହେଇନଥାନ୍ତି ! ଅଥଚ୍ ଏ ଜଗତ ଥାନ୍ତା ! କେତେ ଆକର୍ଷଣ ଥାନ୍ତା ! କେତେ ଶବ୍ଦ ଥାନ୍ତା ! କେତେ ନାଦ ଥାନ୍ତା ! ମୁଁ ଖାଲି ନଥାନ୍ତି । ମୁଁ ଜନ୍ମ ହେବା ଆଗରୁ ବି ଏ ଜଗତ ଥିଲା । ନାଦ ଥିଲା । ମୁଁ ମଲାପରେ ବି ଏ ଜଗତ ରହିବ ନାଦ ଥିବ ।

ନାଦମୟ କ'ଣ ଏ ଜଗତ ?

ନାଦମୟ ଏ ସୃଷ୍ଟି !

ନାଦମୟ ଏ ଭୂମି ଓ ଭୂମା !

ଏ ନାଦର କ'ଣ ଆଦିଅନ୍ତ ନାହିଁ ?

ସମଗ୍ର ଶରୀରକୁ, ମନକୁ, ଆତ୍ମାକୁ କାହିଁକି ଇଏ ଏମିତି ଅଥୟ କରିପକାଏ !

ସୃଷ୍ଟିର ଆଦ୍ୟରେ ଓଁକାର ଜନ୍ମିଲା ।

ଆକାଶ ନାଦମୟ ହେଲା ବୋଲି ଶାସ୍ତ୍ର କହେ, ଶାସ୍ତ୍ରକାରମାନେ କହନ୍ତି । ନାଦ ହିଁ ବ୍ରହ୍ମ । ବ୍ରହ୍ମ ହିଁ ନାଦ ।

ଏଇ ନାଦ କ'ଣ ?

କୌଣସି ଯାଗାରେ ଗଣ୍ଡଗୋଳଟିଏ ଘଟିଲେ ଆତଙ୍କ ଖେଳିଯାଏ, ଦେହରେ ମନରେ । ଡାକବାଜି ଯନ୍ତ୍ରର ଚିତ୍କାର ଶୁଣିଲେ କାନ ଅତଡ଼ା ପଡ଼ିଯାଏ । ଦେହ ଥରି ଉଠେ ଯନ୍ତ୍ରଣାରେ । ଆଜିକାଲି ଡିଜେ ସାଉଣ୍ଡ୍ ଲଗାଇ ଗଣେଶମୂର୍ତ୍ତି ଆଗରେ ପିଲାମାନେ ନାଚୁଥିବାର ଦେଖିଲେ ସମଗ୍ର ଶରୀର ଯନ୍ତ୍ରଣାକ୍ତ ହେଇଯାଏ । ଏସବୁ ଖାଲି ଶବ୍ଦ । ଶବ୍ଦ ପ୍ରଦୂଷଣ । ରକ୍ତ, ହାଡ଼, ମାଂସ ମେଦ ଧରିକି ଆକ୍ରାନ୍ତ ହେଇଉଠେ । ସ୍ନାୟୁ ସବୁ ଛିନ୍‌ଛତ୍ର ହୋଇଯାନ୍ତି । ମଣିଷ ଯେମିତି ପାଗଳ ହେଇଯିବ । ମରିଯିବ । ଓଃ, କି ଉତ୍ପୀଡ଼କ ସେ ଶବ୍ଦ । କି କଦର୍ଯ୍ୟ ! କି ଭୟଂକର ! ସେ'ଠି ନର୍କ ଆଉ ଯଂତ୍ରଣା ଥାଏ ।

କିନ୍ତୁ ଏଇ ନାଦ ?

ଯେତେ ଅଧିକ ହୁଏ, ସେତେ ସ୍ୱର୍ଗୀୟ ହୋଇଉଠେ । ଦେହ, ମନ, ଆତ୍ମା ସବୁ ନାଚି ଉଠେ ଗୋଟେ ଅପୂର୍ବ ପୁଲକରେ । ଆବାଳ ବୃଦ୍ଧବନୀତା ଟାଣି ହେଇ ଆସନ୍ତି ଯାର ଆକର୍ଷଣରେ ।

ଇଏ କ'ଣ ମିଛ ?

ସଂଧ୍ୟା ହେବା ମାତ୍ରେ ଭଗତଘର ପିଣ୍ଡାରେ ଖୋଳ କରତାଳର ଆବାଜ୍ ଶୁଣିଲାମାତ୍ରେ କାହିଁକି ଓଟାରି ହେଇ ଆସନ୍ତି ଏତେ ଛୋଟ ଛୁଆ । ତାଂକୁ କିଏ ଟାଣିଆଣେ ?

ସ୍ୱର, ତାଳ, ଲୟ- ସବୁ ମିଶି ଗୋଟେ ଅପୂର୍ବ ନାଦ ହିଁ ଟାଣିଆଣେ । ସେମାନେ ମୁଣ୍ଡ ଟୁଙ୍ଗାରି ତାଳି ମାରନ୍ତି । ପାଦ ପକେଇ ନୃତ୍ୟ କରନ୍ତି । ସେ ନାଦ ଯେତେ ଅଧିକ ହୁଏ, ସେମାନେ ସେତେ ନୃତ୍ୟ ପ୍ରବଳ ହୋଇ ଉଠନ୍ତି । ବିହ୍ୱଳ ହୋଇଉଠନ୍ତି ।

ଆଃ, କି ପୁଲକ !

ସେମାନେ ତ ଅଜ୍ଞାନ ଶିଶୁ । ତାଙ୍କର ବୋଧ କ'ଣ ଥାଏ ? ଚେତନା କ'ଣ ଥାଏ ? କାହିଁକି ସେମାନେ ଏତେ ଖୁସି ହୁଅନ୍ତି ? ପୁଲକିତ, ରୋମାଞ୍ଚିତ ହୁଅନ୍ତି ? ନୃତ୍ୟ କରନ୍ତି ?

ଇଏ କି ନାଦ ? କ'ଣ ଯାର ମହିମା ? ଇଏ କାହିଁକି ଟାଣିଆଣେ ସେମାନଙ୍କୁ ? କାହାକୁ ଟାଣି ଆଣେ ଦେହକୁ ନା ଆତ୍ମାକୁ ? ବିବାକ୍ ବିସ୍ମିତ ହୋଇଯାଏ ମୁଁ ସେତେବେଳେ ।

ମଉସା ମୋର ଚାଲିଗଲେଣି । ସିଏ କହୁଥିଲେ- ମଣିଷର ଜୀବନ ଛନ୍ଦମୟ, ତାଳମୟ, ନାଦମୟ । ଛନ୍ଦହୀନ ଜୀବନ ନାହିଁ । ମଣିଷର ପ୍ରତ୍ୟେକଟି କର୍ମ ଛନ୍ଦଯୁକ୍ତ । ଆହାର, ନିଦ୍ରା, ମୈଥୁନ ବି ଛନ୍ଦଯୁକ୍ତ । କାୟ, ମନ, ବାକ୍ୟ ବି ଛନ୍ଦଯୁକ୍ତ । ଶୟନ, ସ୍ୱପ୍ନ, ଜାଗରଣ ବି ଛନ୍ଦଯୁକ୍ତ । ଆମେ ଛନ୍ଦରେ ଖାଉ, ଛନ୍ଦରେ ଶୋଉ, ଛନ୍ଦରେ ଚାଲୁ, ଛନ୍ଦରେ ଖେଳୁ, ଛନ୍ଦରେ ବଂଚୁ । ମଣିଷର ଆତ୍ମା ଛନ୍ଦମୟ । ଏଇ ଆତ୍ମା ବୁଢ଼ା, ଟୋକା, ଛୁଆ ସମସ୍ତଙ୍କ ଭିତରେ ସମାନ ।

ଏଇ ଛନ୍ଦରୁ ତାଳ, ତାଳରୁ ଲୟ, ଲୟରୁ ସ୍ୱର ଆଉ ସ୍ୱରରୁ ନାଦ ସୃଷ୍ଟି ହୁଏ । ଏଇ ନାଦ ଆତ୍ମାର ମୂଳ ସଂପତ୍ତି । ଆତ୍ମା ନାଦକୁ ଖୋଜେ । ନାଦ ଆତ୍ମାକୁ ଟାଣେ । ଛୋଟ ଛୋଟ ଛୁଆଙ୍କ ଭିତରେ ଅପରିପକ୍ୱ ହୋଇ ଏମିତି ଚେତନାଟିଏ ରହିଯାଏ । ସିଏ ସ୍ୱତଃ ଟାଣି ହୋଇଯାଏ ନାଦ ଶୁଣିଲା ମାତ୍ରେ ।

ମଉସାଙ୍କର ସେଇ କଥା ମୋର ଆଜି ବି ମନେ ଅଛି । ଛନ୍ଦରୁ ତାଳ, ତାଳରୁ ଲୟ, ଲୟରୁ ସ୍ୱର, ଆଉ ସ୍ୱରରୁ ନାଦ । ମତେ ଲାଗେ ଯେମିତି ଏଇ ନାଦ ମତେ ସଦାସର୍ବଦା ଆବୋରିକି ରହିଛି । ଯାର ମୂର୍ତ୍ତ- ଅମୂର୍ତ୍ତ ଦୁଇଟି ରୂପ ଅଛି । ଖୋଳ କରତାଳ ଯେତେବେଳେ ବାଜୁନଥାଏ ସେତେବେଳେ ବି ନାଦ ଥାଏ, ଅମୂର୍ତ୍ତ ରୂପରେ । ଆଉ ଯେତେବେଳେ ବାଜିଉଠେ, ସିଏ ମୂର୍ତ୍ତ ହୋଇଯାଏ ।

ଶୂନ୍ୟରେ ସବୁବେଳେ ନାଦ ଅଛି । କେତେବେଳେ ମୂର୍ତ୍ତ ହୋଇଉଠେ, ସିଏ ଜାଣେ ।

ସେଦିନ ଗୋଟେ ଛୋଟ ଗାଁରେ ଛୋଟ ଅନୁଷ୍ଠାନଟିଏ ମତେ ସମ୍ବର୍ଦ୍ଧିତ କରିଥିଲା । ଖୁବ୍ ଭବ୍ୟ ଥିଲା ସେ ପରିବେଶଟି । ମୁଁ ଖୁବ୍ ପୁଲକିତ ଥିଲି ଦୀର୍ଘ ସମୟ ଧରି । ସମ୍ବର୍ଦ୍ଧନା ସରିଲା, ପେଟରେ ଭୋକ କ୍ରମେ ମରି ମରି ଆସୁଥିଲା । ହଠାତ୍ ଖୋଳ କରତାଳ ସହିତ ଛୋଟିଆ ଦଳଟିଏ ଆରମ୍ଭ କରିଦେଲେ ସଂକୀର୍ତ୍ତନ । ମୁଁ ଭୋକ, ଶୋକ, ଦୁଃଖ, ସନ୍ତାପ- ଯାହା ମୋ ପାଖରେ ଥିଲା, ସବୁ ଭୁଲିଗଲି । ବିସ୍ମିତ ହୋଇଗଲି

ଯେତେବେଳେ ସେଇ ଅନୁଷ୍ଠାନର କର୍ମକର୍ତ୍ତା ଜଣକ ଜଣେ ପଦସ୍ଥ ସରକାରୀ କର୍ମଚାରୀ ହୋଇ ମଧ୍ୟ ଉର୍ଦ୍ଧ୍ୱବାହୁ ହୋଇ ନୃତ୍ୟ କରୁଛନ୍ତି। ଫିନ୍ ଫିନ୍ ଧୋତି ସାଂଗକୁ ଧଳା ପଞ୍ଜାବୀଟିଏ ପିନ୍ଧିଥାନ୍ତି। ଝାଳରେ କାନ୍ଧର ଉପବୀତଟି ସ୍ପଷ୍ଟ ଦିଶୁଥାଏ। ଗୌରବର୍ଣ୍ଣର ଶରୀର। ଉଚ୍ଚ ମଣିଷ ଜଣେ। ବ୍ରାହ୍ମଣ। ମତେତ ଲାଗିଲା ସ୍ୱୟଂ ଗୌରାଙ୍ଗ ମହାପ୍ରଭୁ ଅବତରି ଆସିଛନ୍ତି। ମୋର ସମ୍ବର୍ଦ୍ଧନାରେ ସେ ଖୁସି ହୋଇ ନାଚୁଛନ୍ତି। କହୁଛନ୍ତି- ତୁ ସମ୍ବର୍ଦ୍ଧିତ ହେଲୁ! ଆଉ ରହିପାରିବି? ନାଚ଼ିବିନି? ଅଲବତ ନାଚ଼ିବି? ମୁଁ ପରା ନାଦରୂପ! ଅମୂର୍ତ୍ତ ହୋଇ ଶୂନ୍ୟରେ ଥାଏ, ହଠାତ୍ ମୂର୍ତ୍ତ ହୋଇଯାଏ। ମୁଁ ତୋରି ପାଖେ ପାଖେ ଥିଲି। ଖୁସିରେ ଟିକେ ମୂର୍ତ୍ତ ହୋଇଗଲି। ତୋ' ଖୁସି କ'ଣ ମୋ ଖୁସି ନୁହଁ?

ମୁଁ ନିର୍ବାକ୍ ହୋଇଯାଇଥିଲି ସେତେବେଳେ। ଉତ୍ତୀର୍ଣ୍ଣ ତାରୁଣ୍ୟର ପାହାଚ଼ରେ ଉପନୀତ ଏଇ ମଣିଷ ଜଣକ ତାଂକ ସ୍ୱର୍ଗତ ପିତାଙ୍କର ସ୍ମୃତିରକ୍ଷା କରିବାର ବାହାନାରେ କେମିତି ନାଦରୂପଙ୍କୁ ଅବତରେଇ ନେଇ ଆସିଛନ୍ତି ଏ ମର୍ତ୍ତ୍ୟକୁ। ଇଏ କ'ଣ ଅନ୍ୟ ଜଣେ ଭଗୀରଥ? ତାଂକ ପିତାଙ୍କର ଭାଗବତୀ ଆତ୍ମାକୁ ଏକ ସ୍ୱର୍ଗୀୟ ସିଂହାସନରେ ଅଧିରୂଢ଼ କରିବା ଲାଗି ଏତେ ଆୟୋଜନ କରିଛନ୍ତି?

ସିଏ ମତେ କିଂତୁ ଗୌରାଙ୍ଗଙ୍କ ପରି ହିଁ ଦିଶୁଥିଲେ। ନାଚୁଥିଲେ ଉର୍ଦ୍ଧ୍ୱବାହୁ ହୋଇ। ତାଂକ ସହ ପାଦ ମିଳେଇ ନାଚୁଥିଲେ ଆଉ କେତେଜଣ। ସମସ୍ତେ ମିଶିଯାଇଥିଲେ। ଏକାକାର ହୋଇଯାଇଥିଲେ। ଲାଗୁଥିଲା ନାଦବ୍ରହ୍ମ ରୂପ ପରିଗ୍ରହଣ କରିଛନ୍ତି। ନାଚୁଛନ୍ତି। ମତେ ଗୋଟିଏ ରୂପ ହିଁ ପରିଦୃଷ୍ଟ ହେଉଥିଲା ଏତେ ଲୋକଙ୍କ ଭିତରେ।

ଧନ୍ୟ ହେ ଗୌର ତନୁ!

ଧନ୍ୟ ହେ ନାଦ ବ୍ରହ୍ମ, ନାଦ ରୂପ,

ଧନ୍ୟ ଖୋଲ୍ କରତାଲ୍।

ମୁଁ ଆଚ୍ଛନ୍ନ ହେଇ ରହିଛି- ରହିଆସିଛି ସେବେଠୁ। ସବୁବେଳେ ଅନୁଭବିଛି, ସିଏ ଅମୂର୍ତ୍ତ ହେଇ ଅଛନ୍ତି। ମୋ' ପାଖରେ ଅହର୍ନିଶ। ଯେତେବେଳେ ଇଚ୍ଛା ହଉଚ଼ି ମୂର୍ତ୍ତ ହୋଇ ଉଠୁଛନ୍ତି। ମତେ ତୋଳି ଧରୁଛନ୍ତି ଶୂନ୍ୟେ ଶୂନ୍ୟେ ମହାଶୂନ୍ୟେ।

## ୫. ବୈଚ଼ିତ୍ର୍ୟ!

କେଡ଼େ ବିଚ଼ିତ୍ର ତମର ଏ ସୃଷ୍ଟି!

ଖାଲି ଅବାକ୍ ବିସ୍ମିତ ହେଇଯିବାଭଳି ଦୃଶ୍ୟସବୁ ଉଦ୍‌ଭାସି ଉଠୁଚ଼ି ଆଖି ଆଗରେ। ଘଟିଯାଉଚ଼ି କେତେ ଅଘଟଣ-ଘଟଣା।

ଜନ୍ମ-ମରଣ ତ ଲାଗିଚ଼ି।

ଏଥିରେ ବିସ୍ମିତ ହେବାର କିଛି ନାହିଁ।

ଜୀବନର କିଂତୁ ଯେଉଁ ବିପୁଳ ମହୋତ୍ସବ ଲାଗିଚ଼ି, ସେଥିରେ ଏତେ ରହସ୍ୟ କିଏ ଭରିଚ଼ି? ଜଗତ ତ ରହସ୍ୟମୟ, ଜୀବନ ପୁଣି ଏତେ ରହସ୍ୟମୟ?

ଏ ସବ୍ ତମରି ହିଁ କାର୍‌ନାମା। ଗୋଟେ ଫିସାଦ୍ ଭଳି ଯେମିତି ଲାଗୁଚ଼ି। ଅନ୍ତରାଳରେ କୋଉଠି ଲୁଚ଼ି ଯେମିତି କିଏ ଜଣେ କଣ୍ଢେଇ ନାଚ କରୁଚ଼ି। ନାଚୁନି, ଖାଲି ନଚ଼ଉଚ଼ି। ନଚ଼େଇ କେଡ଼େ ସୁଖ ପାଉଚ଼ି। ନାଚ଼ ଦେଖି ତାଳି ମାରୁଚ଼ି। କେଡ଼େ ବଗୁଲିଆଟାଏ? କେଡ଼େ ଫିସାଦିଆଟାଏ?

ସିଏ କିଏ?

ଏକା ତମେ। ତମ ଛଡ଼ା ଆଉ କିଏ?

ତମେ ବିଚିତ୍ର କି ନୁହଁ, କିଏ କହିବ, କେମିତି ଅବା କହିବ? ତମକୁ କ'ଣ କିଏ ଦେଖିଚ଼ି? ତମର କ'ଣ ଦେହ ଅଛି ନା ରୂପରେଖ ଅଛି?

କିଂତୁ ତମେ ପୂରିକରି ଅଛ ସବୁଠି। ସବୁରି ଭିତରେ ବାହାରେ। ଲୀଳା କରୁଚ଼। ତମେ ତ ଗୋଟେ ଓସ୍ତାଦ୍। ଗୋଟେ ଯାଦୁକର। କଳାକୁ ଧଳା, ଧଳାକୁ କଳା କରିଜାଣ। ତମଠୁ ଅଧିକ କିଏ ଜାଣେ? ପାହାଡ଼ରେ ପଦ୍ମ ଫୁଟେଇବା, ପଙ୍ଗୁକୁ ଗିରି ଲଂଘେଇବା, ପଥରକୁ ନାରୀ କରିବା, କୁବୁଜାକୁ ସୁନ୍ଦରୀ କରିବା ଏକା ତମେଇ ଜାଣ। ମୁଁ କ'ଣ ମିଛ କହୁଚ଼ି?

ତମଠେଇ ଅସମ୍ଭବ କ'ଣ?

ମୁଁ ତମ ନାଁରେ ଏତେ କଥା କହୁଚ଼ି କାହିଁକି ବୋଲି ଭାବୁଚ଼? କାହିଁକି କହୁଚ଼ି ବୋଲି ତମେ ଠିକ୍ ଜାଣ।

ଖାଲି ନଜାଣିବାର ବାହାନା।

ଆଚ୍ଛା କହିଲ, କେଡ଼େ ବକଟେ ସିଏ ପିଲା! କେତେ ବୟସ ଅବା ତାକୁ ହବ? ସାତ, ଆଠବର୍ଷ ହବ ନ ହବ। ତମେ ତାକୁ ଏମିତି କରି କାହିଁକି ସଂସାରକୁ ପଠେଇଲ? କାନକୁ ଶୁଭୁନି ଠିକ୍‌ରେ। କଥା ବି କହି ପାରୁନି ଠିକ୍‌ରେ। ଅତି ଚେଙ୍ଗମେଙ୍ଗିଆ ରୋଗୀଣାଟେ। ଦେହରେ ମାଉଁଷ ପଳେ ନାହିଁ। ଆଙ୍ଗୁଠିରେ ପେଲିଦେଲେ ଖଣ୍ଡେଦୂର ଛିଟିକି ପଡୁଚ଼ି। ଏମିତି ଶାରୀରିକ-ମାନସିକ ବିକଳାଙ୍ଗ କରି ତାକୁ କାହିଁକି ଜନ୍ମଦେଲ?

ଦଶମାସ, ଦଶଦିନ ମା' ଗର୍ଭରେ ରହିପାରିଲାନି ସିଏ। ସିଜରିଂ କରି ଡାକ୍ତର ତାକୁ ପେଟ ଭିତରୁ ବାହାର କଲେ। ସାରାଜୀବନ ଏମିତି ବିକଳାଙ୍ଗ ହେଇ ବଂଚ଼ିବାର ଦୁର୍ଭାଗ୍ୟ ନେଇ ସିଏ ରହିବ? ଏଇ କ'ଣ ଥିଲା ତମର ଉଦ୍ଦେଶ୍ୟ? କାହିଁକି?

କାନପାଖରେ ବଡ଼ପାଟିରେ କହିଲେ ଯାଇ ଶୁଭୁଚ଼ି। ଖନ ଖନ ହେଇ କଥା କହୁଚ଼ି। ତଥାପି ସିଏ କେତେ ଚଂଚ଼ଳ! କେତେ ଖୁସୀ! ଏମିତି ଜୀବନଟିଏ ତାକୁ କିଏ ଦେଇଚ଼ି, କାହିଁକି ଦେଇଚ଼ି- ସିଏ ଜାଣେନି। ହୁଏତ ଜୀବନରେ କେବେ ଭାବିବ କି ନାଇଁ କିଏ ଜାଣେ? କାହିଁକି ସିଏ ଏ ସଂସାରକୁ ଆସିଲା, କ'ଣ ତା'ର ଜୀବନର ଉଦ୍ଦେଶ୍ୟ- କିଏ ଜାଣେ? ସିଏ ବା କ'ଣ ବୁଝେ?

ସେଇ ପିଲାଟି...

ମାନେ ସେଇ ବିକଳାଂଗ ପିଲାଟି କେମିତି ଗୋଟେ ବିସ୍ମୟ ହେଇଯାଇଚ଼ି ମୋ ପାଇଁ! ଅପରିପକ୍ୱ ତା'ର ସେଇ ମନ ଓ ଦେହ ଭିତରେ କେତେ କ'ଣ ଘଟିଯାଉଚ଼ି; ଯାହାକୁ ସିଏ ବ୍ୟକ୍ତ କରିବାକୁ କେତେ ବ୍ୟାକୁଳ! ଯେମିତି ସବୁବେଳେ ଛାଟିପିଟି ହଉଚ଼ି କ'ଣ କହିପକେଇବ, କ'ଣ କ'ଣ ସବୁ କରିପକେଇବ! ସେଇ ବିକଳାଂଗ, ଖଣ୍ଡିତ, ଅପୂର୍ଣ୍ଣ ଦେହ ଓ ମନ ଭିତରୁ ସୁନ୍ଦର ସୁଗଠିତ ଫୁଲଟିଏ ପରି ଫୁଟି ବାହାରି ଆସିବ। ଆଉ କହିବ- ମୁଁ ବି ତମରି ପରି ଜଣେ। ତମଠୁ କେତେ ଗୁଣରେ ଅଧିକ ବି। ମତେ ଯାହା ଆସେ, ତମକୁ ଆସେ?

ସିଏ ଚ୍ୟାଲେଞ୍ଜ୍ କରୁଚ଼ି ଏ ଦୁନିଆ ବିଷୟରେ। ଆହ୍ୱାନ କରୁଚ଼ି ସଚରାଚ଼ର ଏ ଜଗତକୁ। ସିଏ ସାମାନ୍ୟତମ ହାରିଯିବାର ନାଁ ଗନ୍ଧ ସୁଦ୍ଧା ଧରୁନି। ତା'ର ସେଇ ସରୁ ସରୁ ଛୋଟ ଛୋଟ ହାତଗୋଡ଼ ଚ଼ଲୋଚ଼ିରେ ନଟ୍‌ଖଟିଆଙ୍କ ପରି କେତେ କ'ଣ କରିବସୁଛି। ଯେତେବେଳେ ଦେଖ, ଦାଣ୍ଡ ପିଣ୍ଡାରେ, ଦାଣ୍ଡଘରେ, ଘର ଭିତରେ, ଅଗଣାରେ, ବାରି ପିଣ୍ଡାରେ, ବାଡ଼ି ଖଳାରେ କ'ଣ ନାଇଁ କ'ଣ ଗୋଟେ କରୁଥିବ। ମା' ତା'ର ଗୋଡ଼େ ଗୋଡ଼େ ଛାଇପରି ତା' ପଛରେ ଲାଗିଚ଼ି। ଅଜା ଆଈ ଲାଗିଛନ୍ତି।

ଏମିତି ବିକଳାଙ୍ଗ ପିଲାଟି ପଛରେ ଏତେ ସ୍ନେହ, ଏତେ ମମତା ଗୋଡ଼େଇଚ଼ି। ଯେମିତି ତମ ପଛରେ ତମ ମା' ଯଶୋଦା ଗୋଡ଼େଇଥିଲେ। କେତେ ଦୁଷ୍ଟ ତମେ ନଥିଲ! ତମଠୁ କ'ଣ ଅଧିକ ଦୁଷ୍ଟ ଏ ଦୁନିଆରେ କୋଉ ପିଲା ହବ? ତମ ପଛରେ କେତେ ମମତା ଥିଲା...! ତମ ପାଇଁ କ୍ଷୀରଭରା, ଅମୃତଭରା ଛାତିଟିଏ ଥିଲା। ଯାହା କ୍ଷୀର ପିଉଥିଲ, ପିଉଥିଲ ମୁହଁରେ ହାତରେ କେତେ ଦଳାମକଚ଼ା କରିଲାଗୁଥିଲ ସେ ନରମ କୋମଳ ଛାତିକୁ, ସେ ମାତୃହୃଦୟକୁ!

ସେଥିରୁ କେତେ ଆନନ୍ଦ ମିଳୁଥିଲା ତମକୁ, ତମ ମା'କୁ! ସେଇଥିପାଇଁ କ'ଣ ସବୁ ପିଲାଙ୍କଠେଇ, ତା' ମା'ମାନଙ୍କଠେଇ ତମେ ଏଇ ଆନନ୍ଦକୁ, ସୁଖକୁ ଖଞ୍ଜିଦେଲ? କେଡ଼େ କଥା ନ କଲ! କି ଲୀଳା ଯେ ତମର, କିଏ ବୁଝିବ?

ତମେ ଶିଶୁ ଥିଲ!

ଶିଶୁ ହୋଇ ଅଛ!

ସବୁ ଶିଶୁଙ୍କ ଭିତରେ ତମେ, ତମ ଭିତରେ ଏ ଦୁନିଆର ସବୁ ଶିଶୁ ସେଇଥିପାଇଁ ସବୁ ଶିଶୁଙ୍କ ପଛରେ କ୍ଷୀରଭରା ଛାତି ଖଂଜି ଦେଇଚ଼। ମା' ଖଞ୍ଜି ଦେଇଚ଼।

ମୁଁ ଆଜି ଏଇ ପିଲାଟିକି ଦେଖି ତମରି କଥା ଭାବୁଚ଼ି। ତମେ ସିନା ସୁନ୍ଦର, ସୁକୁମାର ଥିଲ! ହେଲେ ଇଏ? ଯାକୁ କାହିଁକି ଏମିତି ଗଢ଼ିଲ? ଭଲ କଲନି କିଛି? କଲ?

ତା' ପାଟିରେ ଆଜି ତା'ରି ପରି ବିଶ୍ୱରୂପ। ସିଏ ଆଜି କାର୍ଯ୍ୟରେ ଜଣେ ବିଶ୍ୱକର୍ମା। କୁନି ବିଶ୍ୱକର୍ମା। ମୁଁ ତାକୁ ଦେଖିଚ଼ି। କେତେବାର ଦେଖିଚ଼ି। ନିରେଖିଚ଼ି। ନିଘା କରିଚ଼ି। ମତେ ତ ଖାଲି ରହସ୍ୟ ପରି ହିଁ ଲାଗିଚ଼ି।

ଆଃ, ଅପୂର୍ଣ୍ଣତା ଭିତରେ କେତେ ପୂର୍ଣ୍ଣତା!

କୁତ୍ସିତତା ଭିତରେ କେତେ ସୌନ୍ଦର୍ଯ୍ୟ

ସବୁଠି ଏମିତି ନାହିଁ।

ମୁଁ ତ ସବୁ ଶିଶୁଙ୍କୁ ଦେଖେ। କେତେ ସୁନ୍ଦର ସୁନ୍ଦର ଶିଶୁ। କେତେ ସୁକୁମାର, ସୁକୋମଳ ଶିଶୁ। ଯେମିତି ଏ ଦୁନିଆଟା ଶିଶୁମୟ। ଶିଶୁମାନେ ଯେମିତି ଶିଶୁ ନୁହେଁ, ରଂଗ ବେରଂଗର ଫୁଲ। ଏ ଦୁନିଆ ବଗିଚ଼ାର ସୌନ୍ଦର୍ଯ୍ୟ।

ହେଲେ ସବୁ ଶିଶୁଙ୍କ ଭିତରେ ମୁଁ କାହିଁକି ଏମିତି ବିସ୍ମୟ, ବିମୂଢ଼ ଭାବ ଦେଖି ପାରେନି। ସବୁ ସୁନ୍ଦର, ନିଷ୍ପାପ। ସ୍ନେହକାଙ୍ଗାଳ। କିଂତୁ ସେଇ ଭିତରୁ ବାହାରି ଆସନ୍ତି କାଳକ୍ରମେ ଜଣେ ଜଣେ ଇତର ମଣିଷ। ଖାଲି ବଂଚିବାର ଅଧିକାର ନେଇ ଏ ଦୁନିଆରେ ବଂଚ଼ନ୍ତି। ଆପଣାର ସ୍ୱାର୍ଥ ସୁବିଧା ଭିତରେ ଆବଦ୍ଧ ହେଇଯା'ନ୍ତି। ସେତେବେଳେ ତାକୁ ଦେଖିଲେ ଲାଗେ, ଇଏ ଦିନେ ସୁନ୍ଦର ଶିଶୁଟିଏ ଥିଲା। ଆଜି କୁଆଡ଼େ ଗଲା ତା'ର ସେ ଶିଶୁତ୍ୱ?

ଏଇ ପିଲାଟି ବି ଏମିତି ଦିନେ ହେଇପାରେ।

ତା'ର ଶିଶୁତ୍ୱ କୁଆଡ଼େ ଉଭାନ୍ ହେଇଯାଇପାରେ।

ମୁଁ ସେଥିନେଇ ବିବ୍ରତ ନୁହଁ।

ମୁଁ ଖାଲି ଅବାକ୍ ବିସ୍ମୟ ହେଇଯାଉଚ଼ି ତା'ଠାରେ ଗୋଟେ ଅବତରି ଆସୁଥିବା କଳା କାର୍‌ନାମାକୁ ଦେଖି। ତୁଳସୀ ଦୁଇପତ୍ରରୁ ବାସିଲା ପରି ଏ 'କଳା'। ଅବତରଣ କରେ ଗଂଗାଙ୍କ ପରି। ଶିବଂକ ଜଟା ଦେଇ ଗଂଗା ଯେମିତି ମର୍ତ୍ତ୍ୟକୁ ଓହ୍ଲେଇଥିଲେ, କଳା ସେମିତି ଏଇମିତି ଜଣେ ଜଣେ ଶିଶୁର ଦେହ ଓ ମନକୁ ଆଶ୍ରାକରି ଓହ୍ଲେଇ ପଡ଼େ।

କ'ଣ ସେଇ କଳା!

କ'ଣ ତା'ର ସ୍ୱରୂପ!

କ'ଣ ପ୍ରକାଶମାନ ରୂପ!

ଏ ପିଲା ପାଖରେ କି କଳା ଅବତରିଛ?

କଳା କାହିଁକି ଏତେ ଅବାକ୍-ବିସ୍ମୟ ସୃଷ୍ଟି କରେ?

କଳା କାହିଁକି ଏତେ ଅପାର୍ଥିବ-ଅଲୌକିକ?

କଳା କାହିଁକି ବ୍ରହ୍ମାନନ୍ଦ ସହୋଦର?

ଜନ୍ମରୁ ଯେମିତି ଏଇ କଳା ଚନ୍ଦ୍ରକଳା ପରି ଦିନ ଦିନ ହେଇ ଦେହମନକୁ ଆଶ୍ରାକରି ବଢ଼େ। ଲାଗେ, ପିଲାଟିଏ ବଢୁନି, ବରଂ କଳାର ଫୁଲଟିଏ କ୍ରମେ ଫୁଟିଆସୁଚ଼ି। କେତେ ସୁନ୍ଦର ପିଲା, ସୁସ୍ଥ ପିଲା ଏ ଦୁନିଆରେ ଅଛନ୍ତି, କାହିଁ କାହାଠି ତ ଏମିତି କଳା ଫୁଟି ଆସୁନି? ଦିନେ

ଘଣ୍ଟାଏ ସିଏ ମୋ ସାଥିରେ ଗପିଲା। ହାତ ହଲେଇ, ଗୋଡ଼ ହଲେଇ, ବିଭିନ୍ନ ମୁଖଭଙ୍ଗୀ କରି, ଆଖି ନଚେଇ କ'ଣ ସବୁ କହିଚାଲିଥାଏ। ଗୁଡ଼ିଏ ଅସ୍ପଷ୍ଟ, ଭଂଗାଭଂଗା ଶବ୍ଦ ତା' ପାଟିରୁ ବାହାରୁଥାଏ।

କ'ଣ ସବୁ ସିଏ କହୁଥାଏ, ଧରି ହେଉନଥାଏ। କିଂତୁ କେତେ କ'ଣ ଯେ କହିପକଉଚି, ଆଉରି କେତେ କ'ଣ ଯେ ସିଏ କହିବାକୁ ଚାହୁଁଚି, କେତେ କଥା ଯେ ତା' ଭିତରେ ଅଛି- ଖାଲି ଅନୁମାନ କରି ହେଉଥାଏ।

ଅଭିବ୍ୟକ୍ତି ଲାଭ କରିବାର କି ବୈକଲ୍ୟ ତା'ଠି!

ଟିକିଏ ଯଦି କଥା କହିପାରନ୍ତା!

ଟିକିଏ ଯଦି ଶୁଣିପାରନ୍ତା!

କେମିତି ହୁଅନ୍ତା!

ହାୟ! ସେତିକି ବିଡ଼ମ୍ୱନା!

ଏଥିପାଇଁ ଦାୟୀ କିଏ? ତମେ! ଏକା ତମେ!

ସିଏ ଖାଲି ବସିପଡୁଥାଏ। ଉଠିପଡୁଥାଏ। ତା'ର ମାଧ୍ୟମରେ କହି ଚାଲିଥାଏ ମନର କଥା। କେତେ ସୁନ୍ଦର ସିଏ ଠାରୁଥାଏ। ହେଲେ ମୁଁ କେଡ଼େ ଅସମର୍ଥ ତା'ର ସେ ଠାର ବୁଝିବାକୁ! ତା' ମାଆ ହୁଏତ କିଛି ବୁଝୁଥିବ। ହେଲେ ଅପତ୍ୟ ସ୍ନେହରେ ବଂଧା ମା'ଟି କ'ଣ ତା' ବ୍ୟକ୍ତିଗତ ଆବେଗ ଭିତରକୁ ଯାଇପାରିବ?

ସେଦିନ ବିସ୍ମୟ-ବିମୂଢ଼ ହେବାର ଗୋଟେ ଚରମ ଅନୁଭବ ମିଳିଲା ତା'ଠି। ମୁଁ ତ ପୁଲକିତ ଗୋଟେ ଆବେଗର ଆତିଶଯ୍ୟରେ ବିମୂଢ଼ ହୋଇଯାଇଥିଲି। କେତେ ଲୋକ ଜମା ହେଇଗଲେ ସେଦିନ। ସମସ୍ତେ ଉପଭୋଗ କଲେ ପିଲାଟିର କଳା କାର୍‌ନାମା।

ସେଇ ସଂଧ୍ୟା।

ସେଇ ମେଘୁଆ ଆକାଶ। ମଳିଛିଆ ଜହ୍ନ।

ଗୋଟେ ପର୍ଯ୍ୟାୟ କୀର୍ତ୍ତନ ସାରି ଆମେ କ୍ଳାନ୍ତ ହୋଇ ପଡ଼ିଚୁ। କୋଳର ଖୋଳଟିକୁ ତଳେ ରଖିଦେଇ ମୁଁ ଟିକେ ହାଲିଆ ମାରୁଚି। ଅନ୍ୟମନସ୍କ ହେଇ ପଡ଼ିଚି।

ହଠାତ୍ ଗୋଟେ ସଂକୀର୍ତ୍ତନ ତାଳରେ ଖୋଳଟା ବାଜି ଉଠିଲା। ଆମେ ମୋଟେ ପାଞ୍ଚଜଣ ଲୋକ ଥିଲୁ। ଇଏ କ'ଣ? ପିଲାଟା ଖୋଳଟାକୁ କୋଳକୁ ଟାଣି ନେଇ ବଜେଇ ଲାଗିଚି।

ହଠାତ୍ ଗୋଟେ ଛୋଟକାଟର ଚାଞ୍ଚଲ୍ୟ ଖେଳିଗଲା। ଆସରେ ଦେଖିବ, ଚିକୁ କେମିତି ଖୋଳ ବଜଉଚି। ମୁଁ କିଛି ଭାବିବା ପୂର୍ବରୁ ଝାଞ୍ଜ ହଳକ ଧରି ତା' ସାଥିରେ ତାଳ ଦେଲି।

କି ଠାଣି ତା'ର!

କେତେ ପ୍ରକାର ବାଗ!

ଭଙ୍ଗା ଭଙ୍ଗା ସ୍ୱରରେ ବୋଲ୍ ଡାକି ସିଏ ବଜଉଥିଲା। ଯେମିତି ଗୋଟାଏ ଓସ୍ତାଦ୍ ବାୟକ। ଏଡ଼େ ବକଟେ ପିଲା ପାଖରେ କି ଅପୂର୍ବ ବାଦ୍ୟକଳାର ନମୁନା! ଆଦ୍ୟ ପ୍ରସ୍ଫୁଟିତ ଏତେ ଚମକପ୍ରଦ!

ତା' ବାଦ୍ୟରୁ ସୃଷ୍ଟି ହେଉଥିବା ନାଦ ଓ ମୋର ଝାଞ୍ଜର ତାଳ ମିଶି ଗୋଟେ ଅପୂର୍ବ ନଦିଆ ଭାବମଣ୍ଡଳ ସୃଷ୍ଟି କରିଦେଲା! କେତେ ଲୋକ ଜମିଗଲେ।

ସଂଧ୍ୟାବେଳେ ଧୂପ ବାସ୍ନାରେ ମହକି ଗଲା।

କୋଉଠୁ ଶିଖିଲା ସେ ଏ କଳା?

ଶିଖିକରି କ'ଣ ଏମିତି ବଜେଇ ହୁଏ?

ତମେ କହ!

ଅପୂର୍ଣ୍ଣ କରି ବିକଳାଂଗ କରି ତ ଗଢ଼ିଲ। ଏମିତି କଳା କାହିଁକି ଦେଲ? କ'ଣ ମତେ ଖାଲି ବିସ୍ମୟ ବିମୂଢ଼ କରିବାକୁ?

ମତେ ତମେ କାହିଁକି ଏମିତି ବିସ୍ମୟ ବିମୂଢ଼ କର ଯେ!

ତମକୁ କ'ଣ ଖୁସୀ ମିଳେ? ଆନନ୍ଦ ମିଳେ?

ଏଇ କ'ଣ ତମର ବୈଚିତ୍ର୍ୟ, ଏଇ କ'ଣ ବୈଶିଷ୍ଟ୍ୟ?

## ୬. ଓସ୍ତାଦ୍

ସେଦିନ ହଠାତ୍ ବାହାରିଲୁ ଗାଁ ଠାରୁ ପାଖାପାଖି ପନ୍ଦର କିଲୋମିଟର ଦୂର ଆଉ ଗୋଟିଏ ଗାଁକୁ। ଗାଁଟିର ନାଁ କୁରାଡିଲୋ। ତମେ ତ ସବୁ ଜାଣିପାର, ତମକୁ ଆଉ ଅଧିକ କ'ଣ କହିବି? ସେଇ ଗାଁର କଳାମଚ୍‌ମଚ୍ ଲୋକଟି ଭାରି ଭଲ ଖୋଳ ବଜାଏ। ଆମ ସାହି ଅଷ୍ଟପ୍ରହରୀକୁ କେତେଥର ଆସିଚି।

ସେଇ ଲୋକଟି ସେଇ ବୋଲି ମୁଁ ଜାଣିନଥିଲି। ଯେତେବେଳେ ତାକୁ ଦେଖିଲି ଜାଣିପାରିଲି। ତା' ସାଥିରେ ଆଉ ଗୋଟିଏ ବାରିକ ଘରର ପୁଅ ବାଜା ବଜାଏ। ଏକା ସମାନରେ ଦିହେଁ ବଜାନ୍ତି। ନିରୋଳା ନଦିଆ ସଂକୀର୍ତ୍ତନର ଧାରାରେ। ସବୁ ଟିପ ସମାନ, ସବୁ ଘାତ ସମାନ ଅଦ୍ଭୂତ ଭାବରେ କେମିତି ଦି'ଜଣଙ୍କର ବାଦ୍ୟ ଏକାକାର ହେଇଯାଏ, ଭାବିବି ହେବ ନାହିଁ। ଦୂରରୁ କି ପାଖରୁ ଶୁଣ, କେବେବି କହିପାରିବନି ଦି'ଜଣ ବଜଉଛନ୍ତି ବୋଲି, ଦି'ଟା ଖୋଳ ବାଜୁଚି ବୋଲି।

ଦି'ଟା ଖୋଳ ବାଜୁଥାଏ ସତ, କିଂତୁ ଗୋଟାଏ ଖୋଳର ନାଦ ହିଁ ଶୁଭୁଥାଏ। ତମର ବିଜେସ୍ଥଳୀ ଖାଲି କମ୍ପୁଥାଏ। ଉଠୁଥାଏ, ପଡୁଥାଏ। ଆଃ, କି ନାଦ ସେ! କି ଘାତ! ସମଗ୍ର ଆତ୍ମସ□। କୁଆଡ଼େ କୁଆଡ଼େ ଲୁପ୍ତ ହୋଇଯାଏ, ବିଲୁପ୍ତ ହୋଇଯାଏ। ସ୍ୱର୍ଗ, କି ମର୍ତ୍ତ୍ୟ, କି ପାତାଳ

କେଉଁ ଲୋକ ବୋଲି ଜାଣିହୁଏନି। ଦେହ ନଥାଏ ସେଠି, ମନ ନଥାଏ, ହୃଦୟ ନଥାଏ। କିଛି ବୋଲି କିଛି ନଥାଏ। ଖାଲି ଥାଏ ଗୋଟାଏ ଉର୍ଦ୍ଧ୍ୱମୁଖୀ ଧ୍ୱନି। ମହାନିରବତାକୁ ମୁଖର କରି ନୃତ୍ୟାୟିତ ଛନ୍ଦରେ ଅନ୍ତରୀକ୍ଷକୁ ଉଠିଯାଇଥାଏ। ମର୍ତ୍ତ୍ୟରୁ ସ୍ୱର୍ଗକୁ ଯେମିତି ଗୋଟେ ସେତୁଟିଏ ବାନ୍ଧି ଦେଉଥାଏ।

ମୁଁ ସେତେବେଳେ ଲକ୍ଷ୍ୟ କରୁଥାଏ, କଳାମଚ୍‌ମଚ୍ ଲୋକଟିର ହାତକୁ, ପାଦକୁ। ମୁଖର ଭଙ୍ଗୀକୁ, ଭାବକୁ। ମଝିରେ ମଝିରେ ତା' ତୁଣ୍ଡରୁ ଉବୁରି ଆସୁଥିଲା ବାଦ୍ୟର 'ବୋଲ୍'କୁ। ଚୈତନ୍ୟ ଠାକୁରଙ୍କର ସେଇ ନୃତ୍ୟାୟିତ ଫଟୋ ମୁଁ ଦେଖିଚ଼ି। ମୋର ମନେପଡୁଥିଲା ଆମ ଅଷ୍ଟପ୍ରହରୀରେ 'ଗୁରୁ ଭୂମିକା'ରେ ଗୀତ ବୋଲୁଥିବା ବାବେନି ନାଗଙ୍କ କଂଠ ନିସୃତ ସେଇ ଗୀତ।

ଦକ୍ଷିଣେ ଶ୍ରୀ ନିତ୍ୟାନନ୍ଦ ବାମେ ଗଦାଧର
ସମ୍ମୁଖେତେ ନୃତ୍ୟାବେଶେ କୁବେର କୁମାର
ଗଦାଧରେର ବାମେ ଶ୍ରୀବାସ ଆର ନରହରି
ଦ୍ୱାଦଶ ଗୋପାଲ ଚୌଷଠି ମହନ୍ତ ସଂଗ କରି
ଚଉଦିଗେ ପାରିଷଦ ମଣ୍ଡଳି କରିଆଁ
ତା'ର ମଧ୍ୟେ ନାଚ଼େ ଗୋରା ହରିବୋଲ ବୋଲିଆଁ।

କଳାମଚ୍‌ମଚ୍ ସେଇ ଲୋକଟି ଏତେ ସାହାସିଆ ବୋଲି ମୁଁ ଭାବିପାରୁ ନଥିଲି ସେତେବେଳେ। ବଡ଼ ସୁନ୍ଦର ଦିଶୁଥିଲା ସିଏ। ଈଷତ୍ ଗେରୁଆ ରଂଗର ଯୋଡ଼ ପାଟ ପିନ୍ଧି ସେମାନେ ନାଚୁଥିଲେ। ଜଣେ ଗୀତ ବୋଲୁଥିଲା। ହାତରେ ତାଳିଦେଇ 'ତାଳ' ଦେଉଥିଲା। 'ତାଳ' ହଉଚ଼ି ଗୀତର ବାଟ। ଅନ୍ୟମାନେ ଝାଞ୍ଜ ବଜଉଥିଲେ। ଥଳୀ କମ୍ପୁଥିଲା ଅଗୁରୁ, ଚନ୍ଦନ, ଧୂପ, ଦୀପରେ ମହକୁଥିଲା, ଚମକୁଥିଲା ଚଉପାଶ।

ସେଇ ଲୋକଟି କଳ୍ପନାରେ କେମିତି ଗୋଟାଏ ଛାପ ହେଇ ରହିଯାଇଥିଲା। ମୁଁ ପ୍ରତିବର୍ଷ ଅଷ୍ଟପ୍ରହରୀକି ଟାକି ରହୁଥିଲି। ସିଏ ପୁଣି ଆସିବ। ଖୋଳ ବଜେଇବ। ନାଚ଼ିବ ବାଦ୍ୟର ତାଳେ ତାଳେ। ଅଥବା ବାଜା ବଜେଇବ ନୃତ୍ୟର ତାଳେ ତାଳେ। ଏବଂ ସିଏ ଆସୁଥିଲା। ମୁଁ ତାକୁ ଦେଖୁଥିଲି। କେମିତି ବଜଉଚ଼ି ବିସ୍ମୟ-ବିମୂଢ଼-ବିବାକ୍-ବିସ୍ମୃତ ହୋଇଯାଉଥିଲି। ଇଏ ଗୋଟାଏ ମଣିଷ ନା ଗନ୍ଧର୍ବ! - ଭାବୁଥିଲି।

ସେଦିନ- ମାନେ ଢେର୍ କିଛିଦିନ ପରେ- ଯେତେବେଳେ ଏଇ ନିକଟ ଅତୀତରେ ତାକୁ ଦେଖିଲି ଟିକେ ଆଶ୍ଚର୍ଯ୍ୟମିଶା ଖୁସିଟାଏ ହେଇଗଲି। ଆରେ! ତମେ! ତମେ ତ ଆମ ସାହି ଅଷ୍ଟପ୍ରହରୀକୁ ଯାଇ ଖୋଳ ବଜେଇଚ଼। ତମେଟି? ଟିକିଏ କେମିତି ଅବିଶ୍ୱାସ ପରି ଲାଗୁଥିଲା।

କଳା ଯେତେ ପରିଷ୍କାର ଭାବରେ ଫୁଲଟିଏ ପରି ଫୁଟିଯାଏ, କେମିତି ଯାଦୁ ପାଲଟିଯାଏ। ମଣିଷ ଭିତରେ ଏତେ 'କଳା' କିଏ ଦେଇଚ଼ି! ବାପ୍‌ରେ ବାପ୍! ପୂରା ଅବିଶ୍ୱାସନୀୟ! ଇଏ ମଣିଷ ନା? ସାଧାରଣ-ଖୁବ୍ ସାଧାରଣ! ରକ୍ତମାଂସର ଦେହ ଯାର! ତା' ଭିତରେ ଗୁହ, ମୂତ, ପୂଯ, ନାଳ ଭର୍ତ୍ତି। ତା' ଭିତରେ ପୁଣି କେତେ ହିଂସା, ବାଦ, କୂଟକପଟ, ରାଗ, ମୋହ, ମାୟା, ଛନ୍ଦ, ପରଶ୍ରୀକାତରତା। କେତେ କାମନା ବାସନା, ବିକାର, ବିକୃତି। ପା□ମନ, ପଚିଶ ପ୍ରକୃତି। କେତେ ଲୋଭ, ସ୍ୱାର୍ଥପରତା, ମିଛଖଚ଼- କ'ଣ ନାହିଁ ଏ ଦେହରେ! କ'ଣ ନାହିଁ ଏ ମନରେ!

ତା' ଭିତରେ ପୁଣି ଏତେ କଳା!! ବିବାକ୍ ସଂସାରକୁ ସେତେବେଳେ ସିଏ ପୂରା ପଛକୁ ଠେଲିଦିଏ। ଭାକ୍, ଶଳା- ସଂସାର! ବହୁତ ଘାଣ୍ଟିଲୁଣି। ଯା! ପଳା ଏବେ ମୋ'ଠୁ। ମତେ ଟିକେ ହଜିଯିବାକୁ ଦେ' ଏଇ ନାମ୍ ରସରେ, ନାମ୍ ପ୍ରେମରେ। ମତେ ଟିକେ ବୁଡ଼ିଯିବାକ ଦେ' ଏଇ ଭାବଜଳରେ, ଭକ୍ତିଜଳରେ।

ସତକୁସତ ସେୟା ହୁଏ ସେତେବେଳେ। ମୁଁ ଦେଖିଚ଼ି। ଅଂଗେ ନିଭେଇଚ଼ି। ଅନ୍ୟମାନଙ୍କୁ ଖୁବ୍ ମଜା ଲାଗେ। ମତେ କିଂତୁ ଖୁବ୍ ବିମୂଢ଼ ଲାଗେ, ବିସ୍ମିତ ଲାଗେ। ମୁଁ ମରିଯିବାକୁ ଋହେଁ ସେତେବେଳେ ସେଇକ୍ଷଣି ସେଇଠି। ଲୋଟିଯିବାକୁ ଋହେଁ ତଳେ ଧୂଳିରେ ସେଇଠି। ସେଇମାନଂକ ପାଦତଳେ। ସେମାନେ ମୋ' ଉପର ଦେଇ ଋଲିଯା'ନ୍ତେ। ମତେ ଦଳିମକଚ଼ି ଋଲିଯା'ନ୍ତେ ନୃତ୍ୟ କରି କରି, ନାମ କରି କରି, ନାଦ କରି କରି, ମୁଁ ମରିଯା'ନ୍ତି, ତରିଯା'ନ୍ତି। ଏମିତି ହିଁ ଖାଲି ଭାବେ।

ଇଏ କ'ଣ ସେଇ ଲୋକ!

ମାର୍ଗଶୀର ଶୀତୁଆ ଅପରାହ୍‌ଣରେ ମୁଁ ତାଂକୁ ଦେଖୁଥିଲି। କଂସାଏ ଭାତ ଖାଇସାରି ସିଏ ଉଠିଲେ। ଲୁଙ୍ଗିଟିଏ ପିନ୍ଧିଛନ୍ତି। ପୁରୁଣା ମସିହା ଗାମୁଛା ଖଣ୍ଡେ କାନ୍ଧରେ ପକେଇଛନ୍ତି। ସେତେବେଳେ ଯାଇ ଜାଣିଲି ତାଂକର ଗଉଡ଼ ଘର, ଯେତେବେଳେ କଥା ପ୍ରସଂଗରେ ସିଏ କହିଲା।

ହଠାତ୍ ତିନିଜଣ ଆମେ ଯେତେବେଳେ ମଟରସାଇକେଲ୍‌ରୁ ଓହ୍ଲେଇଲୁ ଏବଂ ଆମର ଅଭିପ୍ରାୟ କହିଲୁ ଯେ ତାଂକ ପାଖକୁ ଆମେ ଗୋଟାଏ ବିଶେଷ କାମରେ ଆସିଚୁ ବୋଲି ସିଏ ଦୁଆରେ ବସିବା ପାଇଁ ଯାଗା କରିଦେଲେ। କାମଟି ଆମର ବାଦ୍ୟସଂପର୍କୀୟ ଏବଂ ଅଷ୍ଟପ୍ରହର ସଂପର୍କୀୟ ବୋଲି ଜାଣିଲା ପରେ ଏବଂ ଆମେ ତାଙ୍କଠାରୁ ବାଦ୍ୟ ଓ ଗୀତ ଶିକ୍ଷା କରିବାକୁ ଆସିଚୁ ବୋଲି ଜାଣିଲା ପରେ, ସେଦିନର ତାଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମ ବାତିଲ୍ ହୋଇଗଲା।

ବିଲରେ ଧାନ ସବୁ କଟା ହେଇ ପଡ଼ିଚ଼ି। ଗହୀର ସାରା ଗୋରୁ ପଲ ପଲ। ନଆଣିଲେ ନ ଚ଼ଳେ। ମାଣବସା ଆଉ ଦିନ ପନ୍ଦରଟା ରହିଲା। ପାଇଟିଆ ମିଳୁନାହାନ୍ତି। ଏକୁଟିଆ ଲୋକ। ପୁଅଟା କୋଉଥିକି ନୁହଁ। ଘରେ ମାଇପିଟାଏ। ଗାଈ ବଳଦଙ୍କ କଥା ବୁଝେ। ଏ ବେଳରେ ମରିବାକୁ ତର କାହିଁ?

ଆପଣମାନେ ବଡ଼ ଅଖଞ୍ଜ ବେଳଟାରେ ଆସିଲେ। ଏମିତି କ'ଣ ଧାନ କଟାକଟି ସମୟରେ ଆସନ୍ତି। ମୁଁ ତ ଦ୍ୱିପ୍ରହରେ ସୁଦ୍ଧା ବିଲରେ ରହିଯାଏ, ଆଜି କେମିତି ଯୋଗକୁ ଋଲିଆସିଚ଼ି ଘରକୁ। ମତେ ତ ଲାଗୁଚ଼ି ଇଏ ତାଙ୍କରି ଇଚ୍ଛା!

ହଉ ଭଲ ହେଲା ! ମାର ଗୁଲି ସେ କାମକୁ । ଏ କାମ ପାଇଁ ସିଏ ପରା ଆପଣମାନଙ୍କୁ ଜୁଟେଇଚ଼ି । ସେ କାମ ଥାଉ, ଆଗେ ଏ କାମ ବୁଝ୍ । ସିଏ କହିସାରିଲାଣି ।

ମୁଁ ଅବିଶ୍ୱାସର ଦୃଷ୍ଟିରେ ତାଙ୍କୁ ଚାହିଁଲି ।

'ସିଏ କହିସାରିଲାଣି' ମାନେ ? କିଏ ? ତମେ ?

ତମେ ଇ ନିଷ୍ଚେ । ନହେଲେ ଆଉ କିଏ ?

ଆମେ ତିନିଜଣ ବି କେତେ କାମ ପକେଇଦେଇ ଯାଇଥିଲୁ । ଏ କାମ ବି କମ୍ ଜରୁରୀ ନଥିଲା । ସେଥିପାଇଁ ବାରମ୍ବାର ଫୋନ୍ । ହଜାରେ ମିଛ କହିବାକୁ ପଡୁଥିଲା । ଅବଶ୍ୟ କାମ ଯେତେ ସରୁଥିଲା, ଦି'ପଇସା ହେଉଥିଲା ।

ଆଜି ବି ସେଇ କାମ ପେଟ ପାଇଁ । ସେଦିନ ଥିଲା ସେଇ କାମ ପେଟପାଇଁ । ସେଇ ଲୋକଟି କ୍ଷେତକୁ ଯାଉଥିଲା ପେଟ ପାଇଁ । ତା'ର ଦିନୁଟିଏ କାମ ପଛେଇଗଲା । ଆମର ବି । ଆମ ପାଇଁ ପଛେଇଗଲା ଜୀବନର ଗୋଟିଏ ଦିନ । ଶଗଡ଼ ବଳଦ ସଜ କରିଥିବା ଲୋକ କ୍ଷେତକୁ ନଯାଇ ଅଟକି ଗଲା ଆମପାଇଁ । ଆମେ ସେମିତି ସବୁ କାମ ପଛକୁ ଠେଲି ଚାଲିଯାଇଥିଲୁ ।

ଗୋଟିଏ ଛୋଟିଆ କୀର୍ତ୍ତନିଆ ଦଳ ଆମେ ସେଇଠି ବନିଗଲୁ । ମୁଁ କେତୋଟି ଗୀତ ଗାଇଲି ସିଏ ବଜେଇଲେ । ଅତୁକୁ ଓ ମତେ ବାଦ୍ୟକଳା ସଂପର୍କରେ କହିଲେ । ହାତରେ ବଜେଇ, ତୁଣ୍ଡରେ ବୋଲ୍ ଡାକି ଶିଖେଇ ଦେଲେ । ପାଖାପାଖି ଦେଢ଼ଘଣ୍ଟାର ନାମସଂକୀର୍ତ୍ତନ ଚାଲିଲା । ଅପରାହ୍ଣ କ୍ରମଶଃ ଉଖୁରି ଆସୁଥିଲା । ଉଷୁମ୍ ଉଷୁମ୍ ଲାଗୁଥିଲା ତାଙ୍କ ଦୁଆର ପିଣ୍ଡା । କିଛି ଗୀତର ସ୍ୱର ଓ ତାଳ ତଥାପି ମନତଳେ ଗୁଂଜରି ଉଠୁଥିଲା । ଆମେ ତିନିହେଁ ମନେ ମନେ ଘୋଷି ହେଉଥିଲୁ । କିଛି ଲେଖିକି ଆଣିଲୁ । ବାଟସାରା ସୁନାର ଖରା ଓ ଶୀତୁଆ ପବନରେ ସାରା ଦେହ ଓ ମନ ଉଲୁସି ଉଠୁଥିଲା । ସେଇ କଳାମଚ୍‌ମଚ୍ ଲୋକଟା ବାରମ୍ବାର ଦୃଷ୍ଟିପଥକୁ ଚାଲିଆସୁଥିଲା । ସବୁ କାମ ପକେଇଦେଇ ସେଦିନ ସିଏ କାହିଁକି କୀର୍ତ୍ତନମୟ ହେଇଯାଇଥିଲା, ଭାବି ପାରୁନଥିଲୁ ଆମେ । ମୁଁ ନିର୍ବାକ୍ ବିସ୍ମିତ ହୋଇଯାଇଥିଲି । ସିଏ ତ ଥିଲେ ଗୌରାଙ୍ଗ, ଇଏ କିନ୍ତୁ କୃଷ୍ଣାଙ୍ଗ । ସିଏ ଥିଲେ ବଂଗବାସୀ, ଇଏ କଳିଂଗବାସୀ ।

କି ମନ୍ତ୍ର ଦେଇଗଲ ହେ ଗୌରକିଶୋର ! କି ନାଦ ସୃଜିଗଲ ଯେ, ଆକାଶ ଅବନୀ ସେଇ ସେବେଠୁ ନାଦମୟ ହେଇଚାଲିଚ଼ି । ଗ୍ରାମେ ଗ୍ରାମେ, ପୁରେ ପୁରେ, ନଗ୍ରେ ନଗ୍ରେ ଆଜି କେତେ ଗୌର, କେତେ ନିତ୍ୟାନନ୍ଦ, କେତେ ଗଦାଧର, ଶ୍ରୀବାସ... କେତେ... କେତେ... । କେତେ ଖୋଳ କରତାଳ... କେତେ ନାମଯଜ୍ଞ ଅଷ୍ଟପ୍ରହର... କେତେ ମହାମନ୍ତ୍ର... ଭଜନ କୀର୍ତ୍ତନ...

ସେଦିନ ସେଇ ଅପରାହ୍ଣଟି କେନ୍ଦ୍ରୀଭୂତ ହୋଇଯାଇଥିଲା ମୋ' ଭିତରେ । ଦୁଇ କଡ଼ର କ୍ଷେତରେ କ୍ଷେତରେ ପାଚିଲାଧାନ କଳେଇଗଦା, ନଡ଼ା ଗଦା, ଗୋରୁଗାଈ, ବଗ ବଗୁଲୀ, କୃଷକ ଭାଇ କେତେ କ'ଣ । ସୁନ୍ଦର ସଂସାର... ସୁନ୍ଦର ଜୀବନ । ପବନରେ ଛନ୍ଦ, ପ୍ରାଣରେ ଛନ୍ଦ, ହୃଦୟତନ୍ତ୍ରୀରେ ନାଦ, ନିନାଦ ।

ସେଇ କଳାମଚ୍‌ମଚ୍ ଲୋକଟି ସେଦିନ ଆମକୁ ପାଇ ହଠାତ୍ କେମିତି ତା'ର ଏତେଦିନର ପୁରୁଣା ସଂସାରକୁ ପିଠି କରିଦେଲା, ଗୋଡ଼ରେ ଆଡ଼େଇ ଦେଲା, ଆଉ ମଜ୍ଜିଗଲା ଆମ ସାଥିରେ ତମରି ଗୀତରେ ବାଦ୍ୟରେ- ମୁଁ ସେଇକଥା ଭାବିହେଉଥିଲି, ଆଉ ଭାବିହେଉଥିଲି । ମଣିଷ କେମିତି ହଠାତ୍ ଏମିତି ମାତି ଉଠେ ତମରି ସୁରରେ, ତମରି ଗୀତରେ- ସେଇ କଥାକୁ ଖାଲି ଗୁରେଇ ତୁରେଇ ହଉଥିଲି ମନରେ, ହୃଦୟରେ ।

## ୭. ପ୍ରେମାଶ୍ରୁ

ତମେ ତ ଜାଣିଚ଼ ଚିତାତିଳକ କରି ତୁଳସୀମାଳି ବେକରେ ପକେଇ ସନ୍ନ୍ୟାସୀ ପୋଷାକ ପିନ୍ଧି ମୁଁ କଦାପି ଅଭିନୟ କରିପାରିବିନି । ମୋର ସଂସାର ନାହିଁ କିଂତୁ ମୁଁ ସଂସାର ଭିତରେ ଅଛି । ସଂସାର ବି ମୋ' ଭିତରେ ଅଛି । ସେଥିପାଇଁ ଏତେ ଉଚ୍ଛନ୍ନ ମୁଁ । ଏତେ ଆବେଗ ଛଳଛଳ ।

ମୁଁ କବି କି କ'ଣ ଜାଣିନି । ତଥାପି ବେଳେବେଳେ କାହିଁକି ଏତେ କବିପ୍ରାଣ ହୋଇଉଠେ । ତମରି ପାଖରେ ଥାଇ ତମ କଥା ନଭାବି ଅନ୍ୟକଥା ଭାବେ । ତମକୁ ନଦେଖି ଅନ୍ୟକୁ ଦେଖେ । ତମର 'ସୋନାର ଅଂଗ' ଝଲମଲ ନକରି ବା କରିଲେ ମଧ ମୋ' ଦୃଷ୍ଟିରେ ଆଉ କାହାର 'ସୋନାର ଅଂଗ' କାହିଁକି ଝଲମଲ କରିଉଠେ ?

ସେଦିନ ଅଧିବାସର ସଂଜପ୍ରହରୁ ଯେ ପରଦିନ ନଗରକୀର୍ତ୍ତନ, ଦଧିହାଣ୍ଡି ଭଂଜନ, ଯମୁନାସ୍ନାନ ଶେଷ ପର୍ଯ୍ୟନ୍ତ ତମରି ପ୍ରେମ ଭିତରେ ଥାଇ ମଧ ମୁଁ ନଥିଲି । ତମେ ମତେ 'ବୈଷ୍ଣବଗୁରୁ' ରୂପରେ ଦେଖିବାକୁ ବି କ'ଣ ଡୋରି ଲଗେଇଦେଲ । ମୁଁ ବୈଷ୍ଣବ ସାଜି ତମର କୀର୍ତ୍ତନ କଲି । ଚିତା ତିଳକ କରି ସନ୍ନ୍ୟାସୀ ପୋଷାକ ପିନ୍ଧି ବେକରେ ତୁଳସୀମାଳି ପକେଇ ମୁଁ ସତରେ ବୈଷ୍ଣବଟିଏ ପରି ଦିଶୁଥିଲି କି ନାଇଁ ଜାଣିନି । ମତେ କେତେ କିଏ ଦେଖୁଥିଲେ । ମୁଁ ସୁଲଳିତ କଂଠରେ ଗାଇ ନପାରୁଥିଲେ ବି ଭାବଗଦ୍‌ଗଦ୍ ହୋଇ ଯେ ଗାଉଥିଲି, ଏକଥା ଜାଣିପାରୁଥିଲି ।

ତମେ ତ ସେଦିନ- ମାନେ ପୂରା ଦୁଇରାତି, ଦୁଇଦିନ ଭ୍ରମିତ କଲ । ମୋ ଭିତରେ ଟିକିଏ ଅହଂକାର ଆସିଯାଇଥିଲା । ହାତଟେକି କେତେ ନାଚିଲି, ହେଲେ କାହିଁକି କେଜାଣି ମୋର ସମର୍ପଣ ଆସୁନଥିଲା ତମ ପ୍ରତି । ମୁଁ କେବଳ ନିଜକୁ ଦେଖେଇ ହେବା ଲାଗି ନାଚୁଥିଲି ।

କିଏ ଜଣେ ବା କେତେଜଣ ମତେ ଦେଖୁଛନ୍ତି । ଏବଂ ଚିହ୍ନଟ କରୁଛନ୍ତି ଯେ 'ଏଇ ହେଉଛନ୍ତି ଯାଙ୍କର ଗୁରୁ, ବୈଷ୍ଣବ' । ମୁଁ ତ କବିଟିଏ, ପ୍ରେମିକଟିଏ । ଦରଦୀ ଅଧାପକ ଜଣେ । ମୁଁ କାହିଁକି ବୈଷ୍ଣବ ହେବି,

ଗୁରୁ ହେବି ? ତମେ ସିନା ସଂସାର ଛାଡ଼ି, ସର୍ବସ୍ୱ ତେଜି ବୈରାଗୀ ହେଲ। ମୁଁ କାହିଁକି ହେବି ? କେମିତି ହେବି ଅବା ?

ଖାଲି ତମେ ମତେ ଟାଣିନିଅ ବୋଲି ମୁଁ ଚାଲିଯାଏ। ଖାଲି ତମେ ମତେ ପ୍ରେମ କର ବୋଲି ମୁଁ ତମକୁ ପ୍ରେମ କରେ। ସ୍ୱର ତାଳ ହେଉ ନ ହେଉ ତମ ଗୀତ ପଦେ ଗାଏ। ସଂସାର ଅଧିକ ହେଇଗଲେ ଯେବେ ଆକ୍ଲାମାକ୍ଲା ହେଇଯାଏ ତମରି କଥା ମନେପଡ଼େ। ତମକୁ ଖୋଜେ। ତମ ପାଖକୁ ଯିବାକୁ ଲୋଡ଼େ।

ସେଦିନ ଭୁବନେଶ୍ୱର ବିଷ୍ଣୁନଗରର ସେଇ ବସ୍ତିଟି ଭିତରେ ସଂପୂର୍ଣ୍ଣ ଅଷ୍ଟପ୍ରହରୀଟିଏ ଆମରିଦଳ ଦ୍ୱାରା ଅନୁଷ୍ଠିତ ହେବା ସ୍ଥିର ହୋଇଯାଇଥିଲା। ମୁଁ ତ ବୁଝିସାରିଥିଲି ଯେ ଏହା ତୁମରି ହିଁ ଇଚ୍ଛା, ତୁମରି ଫନ୍ଦି। ତୁମେ ଫନ୍ଦି କରି ଫିକର କରି ମତେ ଟାଣି ନେଉଛ। ମୁଁ ଗୁରୁହେଲେ ବୈଷ୍ଣବ ହେଲେ ତମେ କ'ଣ ଖୁସି ହେବ ବୋଲି ଭାବି ଏମିତି କଲ ?

'ବିଷ୍ଣୁନଗର'ରେ ଅଷ୍ଟପ୍ରହରୀ, ମୁଁ ସେଠି ବୈଷ୍ଣବଗୁରୁ। ମୁଁ ଗାଉଥିଲି– ଏସୋହେ କୀର୍ତ୍ତନ ନାଥ କରି ହ କୀର୍ତ୍ତନ...। ମୋ ପଛରେ ପାଳି ବୋଲି ଖୋଳ କରତାଳ ବଜେଇ ଅନ୍ୟମାନେ ବୁଲୁଥିଲେ। ମତେ କାହିଁକି କେଜାଣି ପ୍ରତେ ହେଉଥିଲା ସତେ ଯେମିତି ମୁଁ ବିଷ୍ଣୁନଗରରେ ହିଁ ଅଛି। ତମରି ପୁରରେ। ତମରି ପାଖରେ। ତମର ସୋନାର ଅଂଗ ଝଲମଲ କରୁଥିଲା ମୋ'ରି ଆଖି ଆଗରେ। ହେଲେ ମୁଁ ଅଧମ ତମ ପ୍ରେମରେ ଓଦା ଜୁଡୁବୁଡୁ ହେଇପାରୁନଥିଲି।

ସେଥିପାଇଁ ମୁଁ ଦାୟୀ ନୁହଁ। ତମେ ଦାୟୀ। ତମେ ମାୟା ରଚିଲ। ଭ୍ରମିତ କଲ। ଓଦା ଜୁଡୁବୁଡୁ କଲ, ତମ ପ୍ରେମରେ ନୁହଁ, ତମ ଭକ୍ତର ପ୍ରେମରେ, ଦୁଃଖରେ। ମୁଁ ତମକୁ ନଦେଖି ତାକୁ ଦେଖୁଥିଲି ଅପଲକ ନୟନରେ। ମୁଁ ତମ କଥା ନଭାବି ତା' କଥା ଭାବୁଥିଲି ସାରାଦିନ ସାରାରାତି। ମୁଁ ତାକୁ ଝୁରିଲା ପରି ମନେ ହେଉଥିଲା। ମୁଁ ଭ୍ରମିଯାଉଥିଲି। ତମର କ'ଣ ଏଇଆ ଉଦ୍ଦେଶ୍ୟ ଥିଲା ?

ସିଏ ଥିଲା ୧୯/୨୦ ବର୍ଷର ତରୁଣୀଟିଏ। ଖୁବ୍ ସୁନ୍ଦର। ହେଲେ ଛୋଟିଟିଏ। ପ୍ରଥମେ ଦେଖୁ ଦେଖୁ ତା' ପ୍ରତି ମନଟା ଯେମିତି ଆକର୍ଷିତ ହୋଇଯାଇଥିଲା, ସେ ଆକର୍ଷଣ ଆଉରି ଖୁବ୍ ଘନୀଭୂତ ହୋଇଉଠିଲା ଗୋଟେ ଦରଦରେ– ଯେତେବେଳେ ସିଏ ଛୋଟୀ ବୋଲି ଜଣାପଡ଼ିଲା।

ତା'ପ୍ରତି ଅହେତୁକ ଆକର୍ଷଣର ଆଉ ଗୋଟେ କାରଣ କ'ଣ ଜାଣ ? ସିଏ ତମର ଭକ୍ତ। ତା' ପରିବାରଯାକ ସମସ୍ତେ ବୈଷ୍ଣବ ଦୀକ୍ଷା ଗ୍ରହଣ କରିଛନ୍ତି। ହେଲେ ମୁଁ ତ ଚିରାଚରିତ ଦୀକ୍ଷିତ ବୈଷ୍ଣବ ନୁହେଁ। ଗୌରାଙ୍ଗ ରାୟରାମାନନ୍ଦଙ୍କୁ ଗୁରୁ କଲାପରି ମୁଁ ତ କାହାକୁ ଗୁରୁ କରିନି ? ଖାଲି ଆମ ସାହି ଅଷ୍ଟପ୍ରହରୀରେ ପିଲାଟିଦିନୁ ଗୀତ ଗାଇ ଗାଇ ମୁଁ ତମ ପ୍ରେମରେ ପଡ଼ିଚି। ପରେ ତମ ସଂପର୍କରେ ଲିଖିତ ପୁସ୍ତକମାନ ପଢ଼ି ତମ ପ୍ରେମକୁ ଅନୁଭବିଚି। ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି, କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ବନମାଳୀ ଓ ଗୋପାଳକୃଷ୍ଣ ପଦାବଳୀ, ଭକ୍ତଚରଣଙ୍କ ମଥୁରା ମଙ୍ଗଳ ଏ ସବୁ ବାଦ୍ ଭାଗବତ, ମହାଭାରତ, ରାମାୟଣ, ହରିବଂଶ, ଦାର୍ଢ୍ୟତାଭକ୍ତି ଏମାନଙ୍କୁ ମଧ୍ୟ ପଢ଼ି ମୁଁ ତମକୁ ଅନୁଭବିଚି। ତମ ପ୍ରେମରେ ଖାଲି ପଡ଼ିନି। ତିନ୍ତି ବୁଡ଼ି ଯାଇଚି। ଦିନୁଦିନ ଆଚ୍ଛର ପରି ଜକେଇ ଜକେଇ ପାଗି ଯାଇଚି।

ତଥାପି ମୁଁ ବୈଷ୍ଣବ ନୁହେଁ। ବେକରେ ମୋର ତୁଳସୀମାଳି ନାହିଁ। କାନ୍ଧରେ ଉପବୀତ ନାହିଁ। ଗୈରିକ କିମ୍ବା ଶ୍ୱେତ ବସ୍ତ୍ର ମୁଁ ସବୁବେଳେ ପିନ୍ଧେ ନାହିଁ। କପାଳରେ ରାମାନନ୍ଦୀ କି କୃଷ୍ଣାନନ୍ଦୀ ତିଳକ କରେ ନାହିଁ। ସବୁବେଳେ ଅଭ୍ୟାସ କରି ସଂଜସକାଳେ ବୈଷ୍ଣବ ଭଜନ ଗାଏ ନାହିଁ। ତ ମୁଁ ବୈଷ୍ଣବ ହେଲି କେମିତି ?

ମୁଁ ତ ସାଧାରଣ ମଣିଷଟିଏ। ସାଦା ଅଧାପକ ଜଣେ। ସବୁବେଳେ ଭକ୍ତ ହେଇପାରେନି, କିଂତୁ ସବୁବେଳେ ପ୍ରାୟ ଗୋଟେ ପ୍ରେମିକ ହେଇଥାଏ। ତମକୁ ଦେଖୁଥିଲାବେଳେ ଯଦି ଗୋଟେ ସୁନ୍ଦରୀ ମୋ ସାମ୍ନାକୁ ଚାଲିଆସିଲା, ତ ମୁଁ ତମକୁ ଛାଡ଼ି ତାକୁ ଦେଖେ। ତମେ ସେତେବେଳେ ମୋ ପାଇଁ କାଠ ପଥର କି ଧାତବ ପିତୁଳା ପାଲଟିଯାଅ। ସିଏ ପାଲଟିଯାଏ ମୋହିନୀ।

ହେ ମୋହନ, ମୁଁ ନିଜକୁ ନାରୀଟିଏ ଭାବି, ଗୋପୀ କି ରାଧା ଭାବି ତମକୁ ପ୍ରେମ କରିପାରୁନି। ବରଂ ସୁଦାମ, ସୁବଳ କି ମଧୁମଙ୍ଗଳ, ନହେଲେ ପାର୍ଥ ବୋଲି ହିଁ ଭାବୁଚି। ତମପରି ମୁଁ ବି ପ୍ରେମ କରିବାକୁ ଲୋଡୁଚି ଏକାଧିକ ନାରୀ, ଗୋପୀ, ରାଧା।

ତେଣୁ ବୈଷ୍ଣବ ସାଜି ଅଷ୍ଟପ୍ରହରୀ କରିବା ସେଦିନ ଥିଲା ମୋ ପାଇଁ ଗୋଟେ ଅଭିନୟ। ମୁଁ ସର୍ବଦା ସଚେତନ ଥିଲି ଯେ ମୁଁ ବୈଷ୍ଣବ କି ଭକ୍ତ ନୁହଁ, ମୁଁ ଜଣେ ଅଧାପକ, କବି ଓ ପ୍ରେମିକ। ରସିକ ବି ହେଇପାରେ, ଲଂପଟ ଭ୍ରମର ବି ହେଇପାରେ। ତେଣୁ ଅସଲ ବୈଷ୍ଣବତ୍ୱ ମୋର ଆସିବ କୁଆଡୁ ?

ମାତ୍ର ଘିଅ ରଂଗର ଯୋଡ଼ ପିନ୍ଧି, ମଥାରେ ସରୁ ତିଳକ ମାଖି, ବେକରେ ମାଳିଟିଏ ପିନ୍ଧି ମୁଁ ଯେତେବେଳେ କୀର୍ତ୍ତନ ବୋଲିଲି ମୁଁ ଅନୁମାନ କରିପାରୁଥିଲି ଯେ ମୋ ଉପରେ ଅନେକ ଲୋକଙ୍କର ଦୃଷ୍ଟି ନିବଦ୍ଧ ହୋଇଯାଉଛି। ମୁଁ ଆଗେ ଆଗେ ନୃତ୍ୟାୟିତ ଛନ୍ଦରେ ବଙ୍ଗଳାଭାଷୀ ସଂଗୀତ ଗାଇ ଗାଇ ଚାଲିଛି। ମୋ ପଛରେ ସଂକୀର୍ତ୍ତନ ମଣ୍ଡଳୀ ଖୋଳ ଝାଞ୍ଜ ବଜେଇ ତାଳ ଲୟରେ ଚାଲିଛନ୍ତି। ମୋ ନିଜକୁ ଅପୂର୍ବ ଲାଗୁଥାଏ ମୁଁ ନିଜେ। ଅଭିନୟ ମୁଁ କରୁଥାଏ ସତ, କିଂତୁ କେମିତି କେଜାଣି ମତେ ଲାଗୁଥିଲା 'ଏମିତି ହିଁ ଥିଲେ ଗୌରାଙ୍ଗ। ଏମିତି ହିଁ ମୋ'ରି ପରି ନାଚୁଥିଲେ ଅବିକଳ'।

ମୁଁ ତେବେ ଏତେ ନିଖୁଣ ସୁନ୍ଦର ଓ ସତ ଅଭିନୟ କେମିତି କଲି ? କ'ଣ ପ୍ରେମାବେଗରେ ? କ'ଣ ସେ ପ୍ରେମାବେଗ ? କାହାପ୍ରତି ସେ ପ୍ରେମ ? ତମ ପ୍ରତି ? ଏତେ ଲୋକଗହଳି ଭିତରେ ମୁଁ ପ୍ରାୟ ଦେଖୁଥିଲି ନାରୀ। କୁଳବଧୂ, କିଶୋରୀ, ଭୂଆଷୁଣୀ। ଅଳ୍ପ ଦରବୁଢ଼ୀ। ପୁରୁଷ ଲୋକ ମାତ୍ର କେତୁଟା। ଖାଲି ହୁଳହୁଳି ଆଉ ହୁଳହୁଳି ହିଁ ପଡୁଥାଏ। ଯୁଆଡ଼େ ଦେଖୁଥାଏ ମତେ ଖାଲି କିଶୋରୀ କିଶୋରୀ ହିଁ ଦିଶୁଥାଏ। ଆଉ ତା'

ଭିତରେ ଯେତେଥର ତମ ଋରିପଟେ ଘୂରି ଆସୁଥାଏ, ସେତେଥର ସେଇ ଝିଅଟିର ଆଖିରେ ଆଖି ମିଶିଯାଉଥାଏ। ସିଏ ଦୁଇହାତ ଯୋଡ଼ି ସେମିତି ହିଁ ମତେ ଋହିଁ ରହିଥାଏ। ଭାବବିହ୍ୱଳ ତା'ର ଦୃଷ୍ଟି। ଦୁଇପଟକୁ ମଥାକୁ ଝୁଲେଇ ଝୁଲେଇ କ'ଣ ଯେମିତି ଗୁଣୁଗୁଣାଉଥାଏ। ବୋଧହୁଏ ମୋ'ରି ଗୀତକୁ ସିଏ ଅନୁଚ୍ଚସ୍ୱରରେ ପାଳିଆ ସାଥିରେ ସ୍ୱର ମେଳେଇ ପାଳି ବୋଲୁଥାଏ।

ସେଇ ଝିଅଟିର ତମପ୍ରତି ଭକ୍ତି ବା ପ୍ରେମ କେତେ ଅଛି ଓ କେମିତି ଅଛି ମୁଁ କାହୁଁ ବୁଝିବି ଭଲା? ମୁଁ ତ ଗୋଟେ ମିଛ ଭକ୍ତ, ମିଛ ବୈଷ୍ଣବ। ଖାଲି ଛଳନାରେ ତମକୁ ଡାକେ। ପ୍ରେମରେ ଆତୁର ହୁଏ ଯେତିକି, ଅସ୍ଥିର ହୁଏ ସେତିକି। ତମକୁ ଦେଖିଲେ ଯେତିକି ନୁହଁ, କୋଉ ଗୋଟେ ସୁନ୍ଦରୀକି ଦେଖିଦେଲେ ତତୋଧିକ। ତମର କ'ଣ ଦେହ ଅଛି? ତମେ ତ କାଠ କି ପଥରର ପିତୁଳା। ତମେ ତ ସୁନା କି ପିତଳର ମୂର୍ତ୍ତି। ତମେ ତ ଆଖି ଠାର ନାହିଁ। କାଚ୍‌ବାଟି ପରି ନିର୍ଜୀବ ତମର ଆଖି। ତମେ ତ ଚିର ମୂକ ମୌନ। ତମେ ତ ଜଡ଼, ଅଚେତନ। ତମଠି ପ୍ରାଣ କାହିଁ? ସ୍ପନ୍ଦନ କାହିଁ? କାହିଁ ଛନ୍ଦ? କାହିଁ ଚପଳତା? କାହିଁ ସୂକ୍ଷ୍ମ ସୁନ୍ଦର ରୂପ ମାଧୁରୀ? କାହିଁ ଲଳିତ କୋମଳ ସୁକୁମାର ଲାବଣ୍ୟ। ତମ ପାଦର ପାଉଁଜୀ ତ ସ୍ଥିର, ଅଚଂଚଳ। ନିକ୍ୱଣ କାହିଁ ସେଥିରେ? କାହିଁ ତମର ସେ ବାଂକ ଋହାଣୀ?

ହେଇ ଦେଖ! ତମର ସେଇ ପ୍ରିୟତମା ଭକ୍ତାଟିକୁ। ସିଏ ତମର ରାଧା ବି, ମୀରା ବି। କେତେବେଳେ ସିଏ ତମର ନାମସଂକୀର୍ତ୍ତନରେ ବିଭୋର ହେଇ ଆଖିରୁ ଦି'ଟୋପା ଲୁହ ଝରେଇ ଦେଇଚି, ମୁଁ ଦେଖିନି। ସିଏ ସୁନ୍ଦରୀଟିଏ ବୋଲି ଆମ ଦଳର ଟୋକା କେତୁଟା ତାକୁ ଅନବରତ ଲକ୍ଷ୍ୟ କରୁଥିଲେ। ସେଇମାନେ ଦେଖିକି କହିଲେ। ସୁନ୍ଦରୀ ନାରୀଟିଏ ସତରେ କାନ୍ଦୁ କି ମିଛରେ କାନ୍ଦୁ, କାନ୍ଦିଲେ ଖୁବ୍ ସୁନ୍ଦର ମାନେ। ଏକଥା ମୁଁ କବିଟିଏ ବୋଲି କହୁନି।

ସିଏ ତ ସତରେ କାନ୍ଦୁନଥିଲା କି ମିଛରେ କାନ୍ଦୁନଥିଲା, ବରଂ ପ୍ରେମରେ କାନ୍ଦୁଥିଲା, ଭାବରେ ଓ ଭକ୍ତିରେ କାନ୍ଦୁଥିଲା। ତାକୁ ପ୍ରେମାଶ୍ରୁ ଭାବାଶ୍ରୁ କି ଭକ୍ତ୍ୟାଶ୍ରୁ ବୋଲି କୁହାଯିବ। ସେ କାନ୍ଦ କ'ଣ କାନ୍ଦ? ସେ କ'ଣ ଭବଯାତନାର ଲୁହ?

ହଁ, ନହେବ କାହିଁକି? ତା' କାନ୍ଦିବାର ଏମିତି ହିଁ ମାନେ ହେଇପାରେ- "ପ୍ରଭୁ, କାହିଁକି ମତେ ଏତେ ସୁନ୍ଦରୀ କଲ, ଯଦି ଏମିତି ଛୋଟୀଟିଏ କରିବାର ଥିଲା?" କିଏ ସେ ତାକୁ ତମ ଛଡ଼ା ଏ ପ୍ରଶ୍ନର ଉତ୍ତର ଦେଇପାରିବ?

ମୁଁ କିଂତୁ ଦେଇପାରିଥାନ୍ତି। କହିଥା'ନ୍ତି- ତୁ ଖାଲି ଛୋଟୀ କି ଖାଲି ସୁନ୍ଦରୀ ହୋଇଥିଲେ କ'ଣ ଏମିତି ତାଂକ ପ୍ରେମରେ ଗଦଗଦ ହୋଇ କାନ୍ଦିପାରିଥା'ନ୍ତୁ? କେତେତ ସୁନ୍ଦରୀ ଅଛନ୍ତି, ତୋ' ଭଳିଆ କେତେ ଜଣ ତାଂକ ପ୍ରେମରେ ପଡ଼ନ୍ତି? କେତେ ବି ଛୋଟୀ ନାହାନ୍ତି ଏ ଦୁନିଆରେ! ସେମାନେ ବି କ'ଣ ସମସ୍ତେ ଏମିତି ତାଙ୍କ ସହ ପ୍ରେମସଂପର୍କ ରଖିପାରନ୍ତି? ସିଏ ତତେ ଅଧିକ ଭଲପାଆନ୍ତି ବୋଲି ଏମିତି ହିଁ କଲେ। ତୁ ତାଙ୍କୁ ଭଲପାଇ କାନ୍ଦିବୁ ବୋଲି ଏବଂ କାନ୍ଦି କାନ୍ଦି ଭଲପାଇବୁ ବୋଲି ହିଁ ସିଏ ଏମିତି କଲେ।

ସତରେ ତମେ କ'ଣ ଜାଣି ଜାଣି ଏଇଥିପାଇଁ ଏମିତି କରିନ? କୁବୁଜାକୁ ଏମିତି କରିନଥିଲ? ତା'ଠୁ କ'ଣ ଅଧିକ ସୁନ୍ଦର ସେତେବେଳେ ମଥୁରା ନଗ୍ରରେ କି ଗୋପରେ କିଏ ଥିଲେ? ଆଉ କ'ଣ ଅଧିକ କହିବି? କାନ୍ଦି କାନ୍ଦି ଭଲପାଇବାର ଏବଂ ଭଲପାଇ ପାଇ କାନ୍ଦିବାର ଦୃଷ୍ଟାନ୍ତ ତ ଗୋପର ଗୋପୀମାନେ, ସ୍ୱୟଂ ରାଧା। ତମେ ମଥୁରା ଗଲାପରଠୁ କେତେ ଯୁଗ, କେତେ ମନ୍ୱନ୍ତର ପାଇଁ ରାଧା ସେମିତି କାନ୍ଦୁଚି ଯମୁନା କୂଳରେ, କଦମ୍ବ ମୂଳରେ। କେତେ ରାଧା ଯା' ଭିତରେ ଗଲେଣି, କେତେ ଲୁହ ବି ଝରି ଝରି ଶୁଖିଗଲାଣି। ଯେତେ ଶୁଖିଲେ କ'ଣ ହେବ, ଲୁହ କ'ଣ ସରୁଚି?

ଏଇତ ଦେଖିଲ, ଛୋଟୀଟିର ଆଖିରୁ ପୁଣି କେମିତି ଖସିପଡ଼ିଲା ତମରି ପାଇଁ ସେ ଲୁହ। ଖାସ୍ ତମରି ପାଇଁ। ତମରି ପାଇଁ ନୁହେଁ? ତେଣୁ ରାଧାସତ୍ତାର କିୟଦଂଶ କି ରାଧାଚେତନାର କିୟଦଂଶ କହିଲେ ଏଇ ଛୋଟୀଟି ପାଇଁ କ'ଣ ଭୁଲ୍ ହେବ? ମୁଁ କବି ଭାବରେ କହୁଚି ମ! ସତ କି ମିଛ ତମେ କହ।

## ୮. ରୂପ ଲାବଣ୍ୟ

ସେଦିନ ଫଗୁଣ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଏଇ ଦିନ କେତୁଟା ଦଳୁ ଅଗିରା ପୂନେଇଁ ଯାଇଚି। ଶୀତର ପ୍ରକୋପ ନାହିଁ। ଦକ୍ଷିଣ ଆଡୁ ମନ୍ଦମନ୍ଦ ବସନ୍ତ ପବନ ବୋହିଲାଣି। ଗଛମାନଙ୍କରୁ ପକ୍ୱପତ୍ର ସବୁ ଝଡ଼ିପଡ଼ି ନୂତନ କିଶଳୟରେ ମଣ୍ଡି ହେଇଗଲାଣି। ଲାଲ୍ ଓ ତମ୍ବା ରଂଗ ଧାରଣ କରିଛନ୍ତି ଗଛ ସବୁ। ଫୁଲରେ ଭାରାକ୍ରାନ୍ତ ହୋଇଯାଇଚି ବନସ୍ପତି। ଏଇତ ତମରି ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରିବାର ଅତ୍ୟନ୍ତ ଉପଯୋଗୀ କାଳ।

ଅଷ୍ଟମୀ ତିଥିରେ କୃଷ୍ଣପାକ୍ଷିକ ଜହ୍ନ ବିଳମ୍ବିତ ରାତିରେ ଆକାଶକୁ ଉଠି ଆସିଛି। ଖଣ୍ଡିତ ତା'ର ରୂପ। ବିଭକ୍ତ ଓ ବିଚ୍ଛିନ୍ନ ତା'ର କାନ୍ତି। ଅପୂର୍ଣ୍ଣ ତା'ର ରୂପମାଧୁରୀ। ଅଧୁରା ତା'ର ଲାସ୍ୟ-ଲାବଣ୍ୟ। ସିଏ କେତେବେଳେ ଆକାଶକୁ ଉଠିଛି, କେହି ହୁଏତ ଦେଖି ନାହାନ୍ତି। ନିଶାଚ୍‌ର ଜୀବ କେତୁଟା, ସହରୀ ଓ ବଜାରୀ ମଣିଷ କେତୁଟା ହୁଏତ ଶୋଇ ନାହାନ୍ତି। ଦିନର ଉଷ୍ଣୁମ ପୃଥିବୀଟା ଆଉଟିକିଏ ଅଧିକ ଥଣ୍ଡା ପଡ଼ିଯାଇଚି। ଆକାଶ ଏକାବେଳକେ ଉଦାସୀ ଓ ନିର୍ଲିପ୍ତ, ଗୋଟେ ଯୋଗୀପରି।

ପଚିଶ କିଲୋମିଟର ଦୂରରୁ ତମର ସଂକୀର୍ତ୍ତନ ସାରି ଫେରୁଥିଲି। ସାଥିରେ ଥିଲା ଖୋଳ କରତାଳ, ଥିଲେ ସାଙ୍ଗପାଙ୍ଗ ଯେତେ। କାହାରି ଆଖିରେ ତନ୍ଦ୍ରା ସୁଦ୍ଧା ନଥିଲା। ଶରୀରର କ୍ଲାନ୍ତି କି ମନର ଅବସାଦ ବୋଲି କିଛି ନଥିଲା। ରାତି ସେତେବେଳକୁ ତିନିଟା ପାଖାପାଖି ହେଲାଣି।

ଆଖିପତାରେ ଅନିଦ୍ରାଜନିତ ଅବଶତା ତିଳେ ହେଲେ ନାହିଁ। କେବଳ ଗୋଟାଏ ଉଲ୍ଲାସ, ଗୋଟାଏ ପୁଲକଭାବ, ଗୋଟାଏ ରୋମାଂଚ୍ ହିଁ ଦେହ ଓ ମନରେ ସବାର ହେଇଯାଇଛି। ସମସ୍ତେ ପରସ୍ପର ହସଗମାତରେ ମାତିଛନ୍ତି। 'ଆମ ଦଳର କୀର୍ତ୍ତନ ସବୁଠୁ ଭଲ ହେଉଚ୍ଚି' ବୋଲି ଖୁବ୍ ଗର୍ବ ଅନୁଭବ କରୁଛନ୍ତି। ଆତ୍ମପ୍ରଶଂସାରେ ଉଲୁସି ଉଠୁଛନ୍ତି।

ସେମାନଙ୍କର ଏ ପ୍ରକାର ଭାବ ମତେ କିଛିଟା ଉଲୁସେଇ ଦଉଚ୍ଚି। ସେମାନେ କେତେ ଜାତିର ମଣିଷ। କେତେ ସ୍ୱଭାବର ମଣିଷ। କେତେ ସଂପର୍କର ମଣିଷ। ବୟସ ଭିନ୍ନ ଭିନ୍ନ। ବିବାହିତ, ଅବିବାହିତ ଗଜାଟୋକା, ବୁଢ଼ା, ଦରବୁଢ଼ା, ଅଳ୍ପ ଶିକ୍ଷିତ, ଶିକ୍ଷିତ, ଉଚ୍ଚଶିକ୍ଷିତ ପୁଣି ସଂପୂର୍ଣ୍ଣ ଅଶିକ୍ଷିତ ମୂର୍ଖ ବି ଅଛନ୍ତି। ଦିନ ଦୁଇଟାରୁ ଆସି ରାତି ତିନିଟା ବାରଘଣ୍ଟାରୁ ଉର୍ଦ୍ଧ୍ୱ ହେଇଗଲାଣି। ପିଲା ପରିବାର, କୁଟୁମ୍ବ, ସଂସାର, ଜଂଜାଳ, ଦେହ, ରୋଗ, ଦୁଃଖ, ଶୋକ- ସମସ୍ତଙ୍କର ଥିଲେ ବି ସମସ୍ତେ କେମିତି ସେଦିନ ସବୁ ଭୁଲିଯାଇଥିଲେ।

କେମିତି ଭୁଲିଗଲେ? କିଏ ଭୁଲେଇ ଦେଲା? କିଏ ଯେମିତି ସତରେ ଏମିତି ଭୁଲେଇ ଦେବାକୁ ବିଧିବଦ୍ଧ ଯୋଜନାଟିଏ ହିଁ କରିଥିଲା। କିଏ? ତମେ? ବିଷୟ ବାସନାର ଏଇ ମଣିଷକୁ ଏଇ କେଇଘଣ୍ଟା ପାଇଁ ସବୁ ଭୁଲେଇଦବା କ'ଣ ଏଡ଼େ ଛୋଟିଆ କଥା। କେତେ ସାତ୍ତ୍ୱିକ ହେଇଯାଏ ମଣିଷ ଏମିତି ଗୋଟେ ଗୋଟେ ସମୟରେ!

ମୁଁ ତ ପଚ୍ଚିଶ କିଲୋମିଟରର ଦୀର୍ଘ ରାସ୍ତାରେ କୃଷ୍ଣପକ୍ଷ ରାତିର ସେଇ ମହଳଣ ପଡ଼ିଆସୁଥିବା ଜହ୍ନକ, ଯୋଗୀପରି ଉଦାସ ଆକାଶକୁ, ମିଞ୍ଜିମିଞ୍ଜି ଦୀପ ପରି ତାରାମାନଙ୍କୁ, ପଥପ୍ରାନ୍ତର ବନସ୍ପତିକୁ, ଦୂର ଅଦୂରର କୃତ୍ରିମ ଆଲୋକ ରେଖାକୁ, ରାସ୍ତାର କଳାମିଚ୍‌ମିଚ୍ ସର୍ପିଳ ପ୍ରବାହକୁ କେବଳ ବିମୁଗ୍ଧ ବିଭୋର ହୋଇ ଦେଖିଲାଗୁଥିଲି।

ସେଦିନ ଯଦି ତମ ସଂକୀର୍ତ୍ତନରେ ଯାଇନଥାନ୍ତି, ଏମିତି ଗୋଟିଏ କୁହୁକୁନୀ-ରହସ୍ୟମୟୀ ଅପୂର୍ବ ମାଦକିତ ରାତିକୁ କ'ଣ ଜୀବନରେ ଆତ୍ମସ୍ଥ କରିବାର ସୁଯୋଗ ହରେଇ ନଥାନ୍ତି? ଏତେବଡ଼ ଲମ୍ବା ଜୀବନରେ କେତୋଟି ରାତି ଏମିତି ଆସେ, ଯାହାକୁ ଆତ୍ମସ୍ଥ କରି ଅନୁଭବ କରିବାର ସୁଯୋଗ ମିଳେ। ସମସ୍ତଙ୍କ ଜୀବନରେ ଏମିତି ରାତି ଆସିନଥାଏ। ଯଦିଓ ଆସିଥାଏ, ଆତ୍ମସ୍ଥ କରିବାର ସାମର୍ଥ୍ୟ ସମସ୍ତଙ୍କଠି ନଥାଏ।

ରାତି ଅଧରୁ ଉଠି ତମର କୀର୍ତ୍ତନ କରିବାକୁ କେହି ରହାନ୍ତି ନାହିଁ। ନିଦରୁ ଉଠିବ କିଏ? ସେ କୀର୍ତ୍ତନକୁ ଦେଖିବ ବା କିଏ? ତମେ ଜାଣିଚ୍ଚ, ବହୁ ଲୋକ ଏଠି ଅନ୍ୟକୁ ଦେଖେଇବାକୁ କୀର୍ତ୍ତନ କରନ୍ତି। କେତେଜର ନିଜପାଇଁ କରନ୍ତି? କିଛି ଲୋକ ଉଠନ୍ତି ବାଧରେ, କର୍ତ୍ତବ୍ୟ ଓ ଦାୟିତ୍ୱର ଦାୟରେ। କିଂତୁ ମୁଁ ? ମୁଁ ଶୋଇପଡ଼ିଥାଏ ବାଧରେ। ଶୋଇବାକୁ ଇଚ୍ଛା କାହାର? ଖାଲି ଦେହଟା ଅନିଦ୍ରାଜନିତ ଅବସନ୍ନତାରେ ମ୍ରିୟମାଣ ହୋଇପଡ଼ିବ ଏବଂ ପରଦିନ ସକାଳେ କଲେଜ୍‌ରେ ପରୀକ୍ଷା ଡ୍ୟୁଟି। ତୁଲେଇବାରେ ବାଧା ଉପୁଜିବ। ତେଣୁ ଘଣ୍ଟାଏ ହଉପଛେ ଶୋଇବାକୁ ହେବ।

ସେତିକି ହିଁ ଢେର୍। ବାକି ସାରାରାତି ସମଗ୍ର ଜୀବନର ଖୁବ୍ ଗୋଟାଏ ଦୁର୍ଲ୍ଲଭ ଭାବସଂପଦ। ଖୁବ୍ ଗୋଟାଏ ସ୍ମୃତିସଂପଦ। ଖୁବ୍ ଗୋଟାଏ ବଡ଼ ରହସ୍ୟମୟ ସ୍ୱପ୍ନ, ସ୍ୱପ୍ନମୟ ରହସ୍ୟ, କାଳ୍ପନିକ ବାସ୍ତବତା, ବାସ୍ତବିକ୍ କଳ୍ପନା। ସିଏତ ଇନ୍ଦ୍ରିୟ ଭିତରେ ଅତୀନ୍ଦ୍ରିୟ। ପାର୍ଥିବ ଭିତରେ ଅପାର୍ଥିବ। ତାକୁ କାଳରାତ୍ରି କିଏ କହିବ? ସିଏ ତ ମୋକ୍ଷରାତ୍ରି! ସିଏ ତ ଯୋଗରାତ୍ରୀ! ସିଏ ପ୍ରେମରାତ୍ରି! ସିଏ କ'ଣ ରାତ୍ରି? ସିଏ ତ ଦିନ ନୁହେଁ କି ରାତି ନୁହେଁ! ସିଏ ତ କାଳ ନୁହଁ କି ମହାକାଳ ନୁହଁ। ସିଏ ସଂପୂର୍ଣ୍ଣ ସମୟବିହୀନ ଗୋଟାଏ ସ୍ଥିର ଚୈତନ୍ୟମୟ ସ୍ଥିତି। ନିତ୍ୟରାହାସ କ୍ଷେତ୍ର। ଗୋଟେ ପ୍ରଜ୍ଞାଲୋକ। ଗୋଟେ ତରଙ୍ଗାୟିତ, ତରଳାୟିତ, ଧ୍ୱନ୍ୟାୟିତ, ନାଦମୟ ରସବିଳସର ଚିତ୍ତାଭାସ। ତାକୁ ବୁଝିବାକୁ ଶକ୍ୟ କାହାର? ତାକୁ ବର୍ଣ୍ଣିବାକୁ ଭାଷା କାହିଁ? ତାକୁ ଧରି ରଖିବାକୁ ଇନ୍ଦ୍ରିୟ କାହିଁ? ସେ'ଠି ଖାଲି ଛନ୍ଦ ଆଉ ଛନ୍ଦ। ତାଳ, ଲୟ, ସ୍ୱର, ନାଦ। ନୃତ୍ୟ ଆଉ ସମର୍ପଣ। ପ୍ରେମ ଆଉ ଭକ୍ତି। ଭାବ ଆଉ ରସ। ସବୁ ଏକାକାର। ଜୀବନ ପରମ - ଉଭୟ ସନ୍ନିବଦ୍ଧ, ଏକାତ୍ମ, ଏକୀଭୂତ। ଦେହ ନିର୍ଲିପ୍ତ, ନିର୍ବିକାର। ମନ ନିସ୍ପୃହ, ନିରାଧାର। ପ୍ରାଣ ଉନ୍ମୁକ୍ତ, ଉନ୍ମୁଖ। ଚେତନା ଆଲୋକିତ, ଆହ୍ଲାଦିତ। ବାହ୍ୟ ପ୍ରକୃତି ଉତ୍ସବମୁଖର, ମୋହମୟ।

ଏମିତି ଏକ ରାତି କ'ଣ ଏମିତି ସେମିତି ରାତି ହେଇପାରେ? ଠିକ୍ ରାସ୍ତାର ମଝିରେ ଆମର ଗାଡ଼ି ଆଗକୁ ଆଗକୁ ମାଡ଼ିଚାଲିଚ୍ଚି ରାସ୍ତା ମଝିରୁ ଠିକ୍ ଉପରକୁ ଆଠ ଦଶହାତ ହବକି ନହବ ଜହ୍ନଟା ତରଳ ଜ୍ୟୋସ୍ନା ଅଜାଡ଼ି ଦେଇ ନିର୍ଲିପ୍ତ ହସଟିଏ ହସିଦେଲା ଯେମିତି। ଇଏତ ଫଗୁଣମାସର ରାତି। ଆଉ ଦିନ କେତୁଟା ପରେ ବିମାନରେ ବସି ଦୁଆର ଦୁଆର ବୁଲି ଠାକୁର ଭୋଗ ଖାଇବେ। ଅମ୍ବଗଛରେ ଏବେ ବଉଳ ଭର୍ତ୍ତି। କିଛି କିଛି ଚଣାପରି ଆମ୍ବ କଷି ଧରିଲାଣି। ଏ ବାସ୍ତବିକ ରାତି! କେଡ଼େ ମନୋହର ନୁହେଁ ସତେ! କେଡ଼େ ଚୈତନ୍ୟମୟ ନୁହେଁ!

ଏମିତି ରାତିରୁ ଉଠି ଯେତେବେଳେ ସାଙ୍ଗପାଙ୍ଗ ଘେନି ତମର ନାମ ସଂକୀର୍ତ୍ତନ କରେ, କେମିତି ବୁଝେଇବି, କିଏବା ବୁଝିବ ସେଇ ଅପ୍ରାକୃତ ପ୍ରେମମୟ ଅବସ୍ଥାକୁ? ସେ'ଠି ଦେହ କେମିତି ତରଳେ, ମନ କେମିତି ଫୁଲଧରେ! ହାଡ଼ରୁ କେମିତି ବଂଶୀର ସ୍ୱର ଶୁଭେ। କେମିତି ଉଚ୍ଚାଟ ହୁଏ ପ୍ରାଣ! କିଏ ବୁଝିବ? କେମିତି ଅବା ମୁଁ ବୁଝେଇପାରିବି?

ସେଦିନ ଏମିତି ଆଉଗୋଟିଏ ଦିନ। ପାଖ ଗାଁରେ ସଂଜଟାରେ ପହ□ଥିଲୁ। ହରିହାଟରେ ଧୁମ୍‌ଧାମ୍ ମାତିଲୁ। ଘୋ ଘୋ ଗହଳି ଭିତରେ ତମକୁ କି ଅନୁଭବ ହୁଏ? ସେଦିନ ରାତିରେ କିଂତୁ ସେଇ ଅପୂର୍ବ ଭାବରସମୟ ଲଗ୍ନଟି ଆସିଗଲା। ଗାଁର ମୁଖ୍ୟ ଠାକୁର ରାଧାମାଧବଙ୍କ ମନ୍ଦିର ବେଢ଼ାରେ ଅଷ୍ଟପ୍ରହର ନାମଯଜ୍ଞ। ପା□ଟି ବିମାନ ସେ'ଠି ଏକତ୍ର ହୋଇଥିଲେ। ଗୋଟିଏ ବିମାନରେ ଅରୂଢ଼ ହୋଇଥିଲେ ଚନ୍ଦ୍ରଶେଖର। ବିମାନ ମଥାନରେ ତ୍ରିଶୂଳ। ଆଉ ଚାରୋଟି ବିମାନରେ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି। ଏଇ ଧାତବ ମୂର୍ତ୍ତି କେଡ଼େ ନିର୍ଜୀବ! ଅଥଚ୍ କେତେ ଜୀବନ୍ତ! ପ୍ରାଣମୟ! ଖାଲି ଦେଖି ଜାଣିଲେ ହେଲା! ଦେଖିବା ପାଇଁ ଆଉ ସେଇ ଲଗ୍ନଟି ଆସିଗଲେ ହେଲା! ସେଇ ଲଗ୍ନ କ'ଣ ସବୁବେଳେ ଆସେ?

ସେଇ ଦୃଷ୍ଟି କ'ଣ ସମସ୍ତଙ୍କ ଆଖିରେ ସମ୍ଭବେ ?

ସେଦିନ ରାତିରେ କିନ୍ତୁ ମୁଁ ଗୋଟି ଗୋଟି ସବୁ ବିମାନ ଦେଖିଚି଼। ରାତିସାରା ଖୋଲାଥିବା ମନ୍ଦିର ଭିତରେ ବି ତମକୁ ଦେଖିଚି଼। ତମେ ଖାଲି ମୁରୁମୁରୁ ହସୁଥିଲ। ତମେ ପିତଳର ସେଇ ଧାତୁ ପ୍ରତିମା ନଥିଲ। ଥିଲ ଜୀବନ୍ତ ପ୍ରତିମା। ତମେ ରୂପାନ୍ତରିତ ହୋଇଯାଉଥିଲ ଲୀଳାରେ, ମାଧୁର୍ଯ୍ୟରେ। ରୂପରେ ଲାବଣ୍ୟରେ। ଚେତନାରେ ଚମକରେ। ରୂପାନ୍ତରିତ ହୋଇଯାଉଥିଲ ଭାବରେ ରସରେ। ଗନ୍ଧରେ ସ୍ପର୍ଶରେ। ଶବ୍ଦରେ ନାଦରେ। ବ୍ରହ୍ମଲୋକରେ, ବିଷ୍ଣୁଲୋକରେ, ଶିବଲୋକରେ, ଦେବଲୋକରେ। ଅଗୁରୁ ଚନ୍ଦନ, ଧୂପଦୀପ, ନୈବେଦ୍ୟରେ ମହକୁଥିଲା ତୁମ କୀର୍ତ୍ତନ ସ୍ଥଳୀ। ବାସିତୁଳସୀ ଓ ବାସିଫୁଲର ମହକରେ ମହକି ଯାଉଥିଲା ପରିପାର୍ଶ୍ୱ। ଘଣ୍ଟ ଓ ଘଣ୍ଟିର ନାଦରେ ମନ୍ଦୀଭୂତ ହୋଇଉଠୁଥିଲା ସମଗ୍ର ସତ୍ତା। ଜୀବସତ୍ତା ଓ ପରମସତ୍ତା।

"କେମିତି ବର୍ଣ୍ଣିବି ସେକାଳ ମାଧୁରୀ ହରି
ଭାଷା କାହିଁ ଭାବ କାହିଁ ବା ମୋହରି।
ମୁଁ ତ ଦେଖୁ ଦେଖୁ ସେ ରୂପ ଯାଉଚି଼ ସରି
ମୁଁ ତ ଶୁଣୁ ଶୁଣୁ ସେ ନାଦ ପଡୁଛି ଉତୁରି।
କେମିତି ରଖିବି ଧରି ?
ଧରୁ ଧରୁ ତ ସରିଯାଉଚି଼ ସେ ଲୀଳା ମାଧୁରୀ।"

ଏମିତି କେତୋଟି ରାତି, କେତୋଟି ଘଣ୍ଟା- ଆହା ! ସମଗ୍ର ଜୀବନକୁ ଯେମିତି ଅର୍ଥମୟ କରିଦିଏ, ଭାବମୟ କରିଦିଏ। ନହେଲେ ଜୀବନ ଆଉ କ'ଣ ଯେ ! ଜୀବନର ବା ଆଉ ଅର୍ଥ କ'ଣ ? ସରିଯାଉ ଏ ଜୀବନ ବାକିତକ ଯାହା ଯେମିତି। ସରିଯାଉ ଏ ଯୌବନ। ସରିଯାଉ ସୁଖ ଭୋଗ। ସବୁ ସରିଯାଉ। ଖାଲି ଏମିତି ଗୋଟିଏ ଗୋଟିଏ ରାତି ଆସୁ। ତମେ ରୂପାନ୍ତରିତ ହେଇଯାଅ ଜଡ଼ରୁ ଚେତନରେ ଜୀବନରୁ ପରମରେ। ରୂପାନ୍ତରିତ ହେଇଯାଅ ନାଦରେ ବ୍ରହ୍ମରେ। ରୂପାନ୍ତରିତ କରିଦିଅ ମତେ ବୈରାଗ୍ୟର ବୈଭବରେ। ମଣ୍ଡିତ କରିଦିଅ ମତେ ତମ ଦିବ୍ୟ ପ୍ରେମର ଐଶ୍ୱର୍ଯ୍ୟରେ।

## ୯. *ଖାଲି ତମେ... !*

ସେଦିନ ଥିଲା ଜାଗର। ମହାଶିବରାତ୍ରି ମେଳା। ସାରାଭାରତ ବର୍ଷରେ ଇଏ ଗୋଟେ ମହାନପର୍ବ, ଗଣପର୍ବ। ଦେଶକେ ଫାଙ୍କ୍ ନଈକେ ବାଙ୍କ୍ ପରି ସବୁ ଯାଗାରେ ଏଇ ପରଂପରାଟି ସମାନ ଭାବରେ ପାଳିତ ହୁଏ ନାହିଁ। ସବୁଠି ଯାଗା ଘେନି ସ୍ୱତନ୍ତ୍ରତା, ଭିନ୍ନତା। ଲୋକ ଘେନି, ରୁଚି଼ ଘେନି ମଧ୍ୟ ଭିନ୍ନତା। ଏଇ ଭିନ୍ନତାର ସ୍ୱାଦ ମଧ୍ୟ ଭିନ୍ନ।

ଏମିତି ଏକ ପର୍ବରେ ଠାଏ ଠାଏ 'ହରିହର' ଭେଟ ହୁଏ। ଏଇ 'ହରିହର' ଭେଟ କଥା ମୁଁ ଆଗରୁ କେତେଥର ଶୁଣିଚି଼। କେବେ କୋଉଠି ଦେଖିନଥିଲି। ଖାଲି ଘରେ ବସି ବସି ଭାବିହେଲେ କି ଗୁଡ଼ାଏ ପଢ଼ି ପକେଇଲେ କ'ଣ ଜ୍ଞାନ ପାକଳ ହୁଏ ? ଯଦିବା ହୁଏ, ଅଭିଜ୍ଞତା କ'ଣ ଆସେ ? ଯେତେ ବୁଲିବ, ଶ୍ରଦ୍ଧାଶୀଳ ଦୃଷ୍ଟିଟିଏ ଘେନି ଦୁନିଆଁକୁ ଦେଖିବ, ସେତେ ସିନା ଜ୍ଞାନ ପାକଳ ହବ।

ମୁଁ କିଂତୁ ଜ୍ଞାନପାକଳ କରିବା ପାଇଁ କୁଆଡ଼େ ଯାଏନି। ଯାଏ ଖାଲି ମୁଗ୍ଧ ଭାବରେ ସବୁ ଦେଖିବାକୁ। ବୋକା ବୋକା ଋହାଣୀରେ ହନେଇବାକୁ।

ସତରେ ମୁଁ ଗୋଟେ ବୋକା। ଖାଲି ବୋକା ନୁହେଁ ବରଂ ନିର୍ଧୁମ୍ ବୋକା। ବୋକା ହେଇବି ମୁଁ ସବୁବେଳେ ନଥାଏ ମ। କ'ଣ ଗୋଟେ ଅଭୂତ ଅପୂର୍ବ ଦେଖି ପକେଇଲେ ବୋକା ହୋଇଯାଏ। ଅଭୂତ-ଅପୂର୍ବ କ'ଣ କିଛି ଏ ଦୁନିଆରେ ଅଛି କି ନାଇଁ ସେ କଥା ତମେ ଜାଣ।

ତମେ ତ ଫିକର କଳାପରି ଟାଣି ନିଅ ବିଭିନ୍ନ ଜାଗାକୁ। କ'ଣ ନା' ଆପଣଙ୍କୁ ଏବଂ ଆପଣଙ୍କ ସଂକୀର୍ତ୍ତନ ମଣ୍ଡଳୀକୁ ନିମନ୍ତ୍ରିତ ରହିଲା। ଅମୁକ ଦିନ ନିଶ୍ଚୟ ସାଂଗପାଙ୍ଗ ଘେନି ଆସିବେ। ଆମ ଅନୁଷ୍ଠାନକୁ ଏବଂ ଆମକୁ ଅନୁଗୃହୀତ କରିବେ।' ଏକଥା କଥା ସେମାନେ ଲେଖିଛନ୍ତି ବୋଲି ମୁଁ ଭାବେ କି ? ଭାବେ ତମେ ଲେଖିଚ଼। ତମର ଏ ବାକ୍‌ଋତୁରୀ।

ଆମେ ଯାଉ। ସେଦିନ ବି ଗଲୁ। ଦୁଇ ତିନୋଟି ବୁଢ଼ା ବସି ବଡ଼ ବାଧ୍ୟରେ ଏବଂ ଅନାଗ୍ରହରେ ତମର ନାମ କୀର୍ତ୍ତନ କରୁଥିଲେ। ମହାମନ୍ତ୍ର ଉଚ୍ଚାରଣ କଲାମାତ୍ରେ ଯୋଉଠି ଦିହରେ ଶିହରଣ ଖେଳିଯିବା କଥା, ସେ'ଠି ଏମାନେ ବୋପାରାଣ ଢ଼ିଙ୍କି ଗିଳିଲା ପରି ହଉଛନ୍ତି।

ଦେଖି ହେଲା ନାଇଁ ତାଂକର ସେ ଅବସ୍ଥା ଓ ବ୍ୟବସ୍ଥା। ତାଂକ ସାଂଗେ ଆମେ ଋରିଜଣ ମିଶିଗଲୁ। ସେମାନଂକର ଧିମେଇ ଆସୁଥିବା ବା ଘୁମେଇ ପଡୁଥିବା ଆଗ୍ରହ ଆଖିବାଟେ ପୁଣି ଜାଗିଉଠିଲା। ଖୋଳ ବଜଉଥିବା ବାୟକର ହାତ ଚଞ୍ଚଳ ହୋଇଗଲା। ବୁଢ଼ାମାନଂକର ଦୁର୍ବଳ ହାତରେ ଝାଞ୍ଜ ଯୋର୍‌ରେ ଶବ୍ଦ କରିବାକୁ ଲାଗିଲେ। ଆସ୍ତେ ଆସ୍ତେ ନାଦମୟ ହୋଇଗଲା ପରିବେଶ। ଖୁବ୍ ସଜୀବ, ସଚ଼ଳ ହେଇଗଲା। ପ୍ରାଣବାନ୍ ହେଇଗଲା।

ତା'ପରେ ଅଢ଼େଇଘଣ୍ଟା ଆମ ଦଳ ଠିଆହେଲୁ। କିଏ କେତେ କ୍ଳାନ୍ତ ହେଇପଡ଼ିଥିଲା, ମୋର ଜାଣିବାର ଯୁ' ସିନା ନଥିଲା, କିଂତୁ ସମସ୍ତଙ୍କ ଆଖିରେ ଆସିଲାବେଳଠୁ ଯେ ଗୋଟେ ଆଗ୍ରହ ଓ ଉତ୍ସାହ ଶେଷ ପର୍ଯ୍ୟନ୍ତ ବି ଲାଖି ରହିଥିଲା, ଯାହା ଜମାରୁ କ୍ଳାନ୍ତ ହେଉନଥିଲା, ମୁଁ ଲକ୍ଷ୍ୟ କରିଛି।

ଆମର ଗୋଟିଏ ଥାକରେ ଆମେ ଟିକେ ବିରତି ନେଲୁ ଅବଶ୍ୟ। ମାତ୍ର କାହିଁକି କେଜାଣି ତାଂକର ଜଣେ କର୍ମକକର୍ତ୍ତା ଆସି ପୁଣି ଆମକୁ ଅନୁରୋଧ କଲେ ତାଂକ ସାଥିରେ ଗାଁ ଭିତରକୁ ଯାଇ ରାଧାକୃଷ୍ଣ ମନ୍ଦିରରୁ ତମକୁ ଆଣି ଗାଁ ସାରା ବୁଲେଇ ତମର ବନ୍ଧୁଙ୍କ ସହିତ ଭେଟ କରେଇବାକୁ। ତା' ନାଁ 'ହରିହର ଭେଟ'।

ଏଇ 'ହରିହର ଭେଟ' କ'ଣ ଏ ବର୍ଷ ଆମରି ଦ୍ୱାରା କରେଇବ ? ମୁଁ ପଋରିଲି।

ସିଏ ଉତ୍ତର ଦେଲେ- ଆଜ୍ଞା, ଆମ ଗାଁ କିଏ, ଆପଣଙ୍କ ଗାଁ କିଏ ? ଗୋଟିଏ କହିଲେ ଚଳେ। ଡିଙ୍ଗରରେ ଏତେ ବଢ଼ିଆ ସଂକୀର୍ତ୍ତନ ମଣ୍ଡଳୀଟିଏ ଅଛି ବୋଲି ଆମେ ଜାଣିନଥିଲୁ ଆଜ୍ଞା। ସମସ୍ତେ ତ ଆପଣଙ୍କ ଉପରେ ହିଁ ଖୁସୀ।

ଏତିକି କଥାରେ ଆମ ଭିତରେ ଉତ୍ସକୂପ ପରି ବହୁଗୁଣିତ ହେଇଯାଉଥିଲା ଆଗ୍ରହ ଓ ଆନନ୍ଦର ଧାରା। 'ଚାଲ ଚାଲ' ପରେ ପିଇବା' କହି ଆମେ ଚାଲିଲୁ; ଯେମିତି ରାମଚନ୍ଦ୍ରଙ୍କ ପଛେ ପଛେ ବାନରଦଳ। କି ବଣ, କି ପାହାଡ଼, କି ନଈ, କି ସମୁଦ୍ର ସବୁ ଲଂଘିଯିବାକୁ ପ୍ରସ୍ତୁତ।

ସତରେ ଶିବଙ୍କ ମନ୍ଦିରଠୁ ତମ ମନ୍ଦିର କେତେ ଦୂର। ଚାଲି ଚାଲି ବାଟ ସରୁନଥିଲା କି ରାତିଅନ୍ଧାର ବାଟରେ ସେମିତି ଜଣା ପଡୁଥିଲା କେଜାଣି। ମୋର ଛାତ୍ରଛାତ୍ରୀମାନେ ବାଟସାରା ମତେ ଦେଖି ଠରାଠରି ହଉଥିଲେ। ମୁଁ ତମ ବିମାନର କେବେ ଆଗେ ଆଗେ ତ କେତେ ପଛେ ପଛେ ଚାଲୁଥିଲି। ମଝିରେ ମଝିରେ ତମକୁ ଟିକେ ଟିକେ ଚାହିଁ ଦଉଥିଲି।

ମନ୍ଦିର ଭିତରେ ଅଧଘଣ୍ଟେ କୀର୍ତ୍ତନ କରି ତମକୁ ବିମାନରେ ଉପବେଶନ କରେଇ ଆମେ ସାହିମାନ ବୁଲିଲୁ। ତମେ ବୁଲୁଥିଲ କ୍ଲାନ୍ତ ହେଉନଥିଲ। ଆମେ ଖାଲି ପାଦରେ ଅନ୍ଧାର ରାତିରେ ଖାଲଖମାରେ ପଡ଼ିଉଠି ଚାଲୁଥିଲୁ। ବଡ଼ ବଡ଼ ସାହିମାନ ଭିତରେ ଭିତରେ ଲମ୍ୱିଛି। ଗାଁଟା ଛୋଟା ଲାଗୁଥିଲେ ଆପାତତଃ ଛୋଟ ନୁହେଁ।

ତମେ ଆସୁଥିଲ ତମ ବଂଧୁଙ୍କ ଘରକୁ। ତାଂକର ସେଦିନ ଉତ୍ସବ। ତାଙ୍କ ଘରେ ପର୍ବ। ଆନନ୍ଦର ଲହରି। ତାଙ୍କ ବେଢ଼ାରେ ଅଷ୍ଟପ୍ରହରୀ। ସେ'ଠି ତମରି ନାମକୀର୍ତ୍ତନ, ତମରି ଗୁଣକୀର୍ତ୍ତନ। ବଂଧୁ ତମର ଏଡ଼େ ଗୁଣଗ୍ରାହୀ, ଭାବଗ୍ରାହୀ ! ତାଂକ ଘରେ ତମ ନାଁ ଧରିଲା ମାତ୍ରେ ସିଏ କେତେ ଖୁସୀ ହୋଇଯା'ନ୍ତି, ନଦେଖିଲା ଲୋକ ବୁଝିପାରିବନି।

ତାଂକ ଘରକୁ ସେଦିନ କେତେ କିଏ କୁଣିଆ ଆସିଥିବେ। ତା' ଭିତରେ ତମେ। ତମେ ଟିକେ ଡେରିରେ ଆସିଲ। ତମେ ତ ସବୁବେଳେ ମଠୁଆ। ତେବେ ବି ତମକୁ ସମସ୍ତେ ଉଣ୍ଡି ଥିଲେ। ତମେ କେତେବେଳେ ଆସିବ ସମସ୍ତେ ତମକୁ ସଂଖୋଳିବାକୁ ଠୂଳ ହେଇଥିଲେ। ତେତ୍ରିଶ କୋଟି ଦେବତା ସିଏ ନୁହଁ, ଆଉ କିଏ ?

ଘରର କର୍ତ୍ତା ସ୍ୱାମୀ ସ୍ତ୍ରୀ ଦି'ଜଣ ତାଂକର ଏତେବଡ଼ ଉତ୍ସବ ଭିତରେ ତମକୁ ପାଛୋଟି ନେବାକୁ ବାହାରି ଆସିଲେ। ତମେ ନ ଆସିଲେ ତାଂକର ସେ ଉତ୍ସବ ଯେମିତି ଅପୂର୍ଣ୍ଣ ରହିବ। ଅଧୁରା ରହିବ। ଅବାଗିଆ ହେଇଯିବ। ଅସୁଖ ପାଲଟିଯିବ।

ତେଣୁ ତମେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ଅତିଥି ତାଂକର। ସତେ ଯେମିତି ତମପାଇଁ ହିଁ ତାଙ୍କର ସେ ଉତ୍ସବ। ତମ ପାଇଁ ହିଁ ଏତେ ଆୟାଜନ। ତମେ ହିଁ ତାଂକର ପ୍ରୟୋଜନ। ଆହା, ଏମିତି ବନ୍ଧୁପ୍ରେମ କେଡ଼େ ବିରଳ ନୁହେଁ ସତରେ ! ଏମିତି ବଂଧୁ ଭାଗ୍ୟରେ ନଥିଲେ କ'ଣ ମିଳେ ?

ମୁଁ ତ ତମ ସାଥିରେ ଆସୁଥିଲି ଅନ୍ଧାର-ଆଲୁଅ ମଝିରେ। ଦୀପ ଧରି କୁଳବଧୂମାନେ, ଅଭିଆଡ଼ୀ ଝିଅମାନେ, ସୁନ୍ଦରୀ ଭୁଆସୁଣୀମାନେ ଜାଗର ଜାଳିବା ପାଇଁ ଯାଉଥିଲେ। ବାଟସାରା ଗହଳି। ସମସ୍ତଙ୍କ ହାତରେ ଦୀପ। ବାଣ ଫୁଟୁଥିଲା କାହିଁରେ କେତେ। ତମ ବିମାନକୁ କାନ୍ଧେଇ ଥିଲେ ଚାରିଜଣ ଯୁବକ। ଆଗରେ ତମରି ବିମାନକୁ ଧରି ଧରି ଆସୁଥିଲେ ତମ ପୂଜକ ମହାଶୟ। ଦଣ୍ଡେ ହେଲେ ବି ସିଏ ବିମାନକ ଛାଡୁ ନଥିଲେ।

ମଝିରେ କିଏ ଜଣେ ଡାକିବାରୁ ସିଏ କହିବାର ମୁଁ ଶୁଣିଚି- ମୋ' ରାଧାମାଧବଙ୍କୁ ଏ ଗହଳି ଭିତରେ ଛାଡ଼ି ମୁଁ କୁଆଡ଼େ ଯାଇପାରିବି, ଡାକୁଚ ଯେ ! ତାଙ୍କ ବନ୍ଧୁଙ୍କ ହେପାଜତରେ ଛାଡ଼ି ସାରିଲା ପରେ ଯାଇ ଯାହା କହିବ ଶୁଣିବି, ଯୁଆଡ଼େ କହିବ ଯିବି।

'ମୋ' ରାଧାମାଧବ' ବୋଲି କହିଲାବେଳେ ସେ ବୁଢ଼ା ବ୍ରାହ୍ମଣ ଜଣକ କେମିତି ତରଳି ଯାଉଥିଲେ ପୁଣି ଦୀପଟିଏ ପରି କେମିତି ତାଂକର ଦୃଷ୍ଟି ଜଳି ଉଠୁଥିଲା, ମୁଁ ଦେଖିଚି। ସିଏ ତମକୁ କେତେ ଭଲପାଏ ! ସବୁବେଳେ ତମରି ପାଖେ ପାଖେ ଥାଏ। ପାଖେ ପାଖେ ରହିବାକୁ ହିଁ ଲୋଡୁଥାଏ।

ମୁଁ ଖାଲି ଦେଖୁଥିଲି- ଆକାଶ ତଳେ ବିସ୍ତୀର୍ଣ୍ଣ ଗୋଟାଏ ପ୍ରାନ୍ତର। ଆକାଶଟା ତାରାଭର୍ତ୍ତି। ପୃଥିବୀଟା କଅଁଳ ସବୁଜ ଲତାପତ୍ରରେ ଶିହରିତ। ପଡ଼ିଆସାରା ଜନଗହଳି। ଖାଲି ହରିବୋଲ ଆଉ ହୁଳହୁଳି। ବାଜା ବାଣ ଭିତରେ ତମର ନାମସଂକୀର୍ତ୍ତନ ପଡ଼ିଆର ଅଧାରେ ତମେ ପହ□ଲାବେଳକୁ ସେପଟୁ ଆଉ ଏକ ବିମାନରେ ଝୁଲିଝୁଲି ମାଡ଼ି ଆସୁଥିଲେ ତମର ପ୍ରିୟତମ ବଂଧୁ ଓ ବାନ୍ଧବୀ, ତମକୁ ସଂଖୋଳି ନେବାପାଇଁ। କ୍ରମେ କ୍ରମେ ବିମାନ ଦୁଇଟି ନିକଟତର ହେଇଆସୁଥିଲା। ଯେତେ ଯେତେ ନିକଟତର ହେଇ ଆସୁଥିଲା, ସେତେ ସେତେ ହରିବୋଲ ହୁଳହୁଳିରେ ଗାଁଟା ସାରା ଉଛୁଳି ପଡୁଥିଲା। ଗାଁର ଆକାଶ ପବନରେ ଖାଲି ତମରି ନାମ, ତମରି ଗାନ।

ବିମାନ ଦୁଇଟି ପାଖାପାଖି କିଛି ସମୟ ରହି ଝୁଲିବାକୁ ଆରମ୍ଭ କଲେ। ତା'ପରେ ଦୋହଲିବାକୁ ଲାଗିଲେ। ତା'ପରେ ନାଚିବାକୁ। ଦୂରକୁ ଲାଗୁନଥିଲା ବିମାନ ଦୁଇଟିକୁ କିଏ ଜାଣି ଜାଣି ନଚଉଚି ବୋଲି। ଲାଗୁନଥିଲା ଯେ ଦୁଇଟି ବିମାନ ସେ'ଠି ନାଚୁଛନ୍ତି ବୋଲି।

ସେ'ଠି ପ୍ରକୃତରେ ବିମାନ କାହିଁ ? ସେ'ଠି ତ ତମେ ଚାରିଜଣ। ତମେ ଦି'ପ୍ରାଣୀ ଆଉ ସିଏ ଦି'ପ୍ରାଣୀ। ତମେ ବଂଧୁ ଓ ବଂଧୁପତ୍ନୀ। ନାନା ଫୁଲମାଳରେ ସଜ୍ଜିତ ହୋଇ ଅଗୁରୁ ଚନ୍ଦନ ଧୂପ ଦୀପର ଗନ୍ଧରେ ବିଭୋର ହୋଇ ତମେ ପରସ୍ପରକୁ ଖାଲି ଲୋଡ଼ି ଲାଗିଚ। ସିଏ ତମକୁ ଲୋଡ଼ିଲେ ତମେ ତାକୁ ସ୍ୱୀକାର କଲ। ନାଚିଲ, କୋଳାକୋଳି ହେଲ, ରସ କୌତୁକ ହେଲ ପୁଣି ଏକାଠି ସଲାସୁତୁରା ହେଇ ତାଂକରି ଘରକୁ ଗଲ। ତାଙ୍କରି ଉତ୍ସବ ତମକୁ ପାଇ ପୂରି ଉଠିଲା। ତମେ ସେ'ଠି ହାତ ଟେକି ନାଚିଲ, ସିଏ ବି ତମ ସାଥିରେ ନାଚିଲେ। ତମ ପତ୍ନୀ ଆଉ ତାଙ୍କ ପତ୍ନୀ ଦିହେଁ ଏକାଠି ବସି ହସୁଥିଲେ। ଆହା, କି ଅପୂର୍ବ ମିଳନ। କି ବନ୍ଧୁପ୍ରେମ ! କି

ଭେଟ କି ସମ୍ଭାଷଣ ! କି ସ୍ୱାଗତ କି ସମ୍ବର୍ଦ୍ଧନା ! କି ମିଳନ କି ଆଲିଙ୍ଗନ ! କି ଅଦ୍ଭୁତ କି ଅପୂର୍ବ ସେ ସଂଧ୍ୟା ! କି ଅପରୂପ ସେ ଆକାଶ ସେ ପୃଥିବୀ ! ଯୋଉଠି ତମେ, ଆଉ ତମେ... ଖାଲି ତମେ... !

## ୧୦. ସରି ଆସୁଥିଲା ରାତି...

ସେଦିନ ଖୁବ୍ ଯୋର୍‌ରେ ରାଗିଗଲି ଆମ ବାୟକ ଦିଜଣଙ୍କ ଉପରେ । ଆମ ଦଳରେ ଆମେ ଚାରିଜଣ ବାୟକ- ଦାଶାଇନା, ଭିକାଇ, ଅଚ୍ୟୁ, ମୁଁ । ଅବଶ୍ୟ ମୁଁ ଏମାନଂକ ପରି ଅଭିଜ୍ଞ ନୁହଁ । କିଂତୁ ତଥାପି ମୁଁ ଯେତିକି ଜାଣେ ମନ୍ଦ ନୁହଁ । ଆଂଗୁଠି ଯେତିକି ଗଡ଼ାଏ, ଗଡ଼ାଏ । ଅନ୍ୟ କିଏ ବଜେଇଲାବେଳେ, କେତେବେଳେ କୋଉ ବାଜାଟା ବାଜିବା କଥା ଜାଣିପାରେ ।

ସେଦିନ ଆମ ସାଥିରେ ଆରପଟ ସାହିର ଗୋବିନ୍ଦାଇନା ଯାଇଥିଲା । ସିଏ ଖାଲି ଆମ ଗାଁର ନୁହେଁ, ଆଖ ପାଖ ଦଶଖଣ୍ଡ ଗାଁର ଗୋଟେ ଡାକୁବାୟକ - ମାନେ ମୁଣ୍ଡି-ଶିରୋମଣି-ଥୋମଣି-ମଥାମଣି ଯାହା କହ । ତା' ବାଜାର ଗୋଟେ ଅଲଗା ଧାରା- ମାନେ ଧାରାହୀନଧାରା । ବେଧାରା-ଅଧାରା-ଅଲଗା ଧାରା- ସବୁ ତା'ର । ସିଏ କ'ଣ ବଜାଏ ନିଜେ ଜାଣେନି । କିଂତୁ ବଜାଏ । ଅନ୍ୟମାନଙ୍କୁ ଭଲଲାଗେ । ସିଏ ବାଜା ବଜେଇ ତତେଇ ପକାଏ, ମତେଇଦିଏ, ବସିଲା ଲୋକକୁ ଉଠେଇ ପକାଏ । ନିଜେ ନାଚେ-ନଚାଏ । ସବୁବେଳେ କହେ- ବାଜା ବଜାଇବ ଗୋଟେ କ'ଣ ? କାନ୍ଧରେ ପଡ଼ିଲେ ଆପେ ବାଜିବ ।

ସତକୁ ସତ ବାଜା ତା' କାନ୍ଧରେ ପଡ଼ିଲେ ଆପେ ବାଜେ । ସିଏ ଖାଲି କାଳିସୀ ଲାଗିଲା ପରି ହୁଏ । ବୋଲ୍ ଯେତିକି ଡାକେ ନଡାକେ, ବେଶୀ କୁହାଟ ମାରେ । ହେ ହେ, ହୁଁ ହୁଁ, ହାଁ ହାଁ ବେଶୀ ହୁଏ । ତା'ର ଏ ରକମ୍ ଆକ୍ସନ୍ ଦେଖି ସମସ୍ତ ଦେଖଣାହାରୀ ଉତ୍ସାହିତ ହୁଅନ୍ତି । ଅତିରିକ୍ତ ଭାବବିହ୍ୱଳ ହେଇଗଲେ ଖୋଳଟାକୁ ଉପରକୁ ଟେକି ଖାଲି ନାଚେ । କେତେ କି, ଅତିବେଶୀରେ ଅଧଘଣ୍ଟାଏ ବଜେଇ ଦେଲେ ସରିଲା ତା' କଥା । ଶୋଇବ ଯେ ଡାକୁଥା । ଏଇଥିରେ କ'ଣ ନା ମୁଁ ବାୟକ ।

ଅଷ୍ଟପ୍ରହର ତ ଥାକ ପରେ ଥାକ ଠିଆ ହେବାକୁ ପଡ଼ି ନା! ଗୋଟେ ଅଷ୍ଟପ୍ରହରୀ ଟୋଟାଲ୍ ଆମେ କରିଚୁ । ଦିନରାତି ଅହର୍ନିଶ ନାମ ଚାଲିବ । ଝାଂଜ ବାଜୁଥିବ, ଖୋଳ ବାଜୁଥିବ, ମହାମନ୍ତ୍ର ବୋଲା ଚାଲିଥିବ । ସେ'ଠି ବିଶ୍ରାମ ନାହିଁ କି ବିରାମ ନାହିଁ । ପ୍ରହର ପ୍ରହର କେମିତି ବିତିଯାଉଥିବ ଜଣା ପଡ଼ିବନି । ସତରେ ଏଇଥିପାଇଁ ବୋଧେ ଚତୁର୍ଥ ପ୍ରହରୀ, ଅଷ୍ଟପ୍ରହରୀ, ଷୋଳପ୍ରହରୀ, ଚବିଶ ପ୍ରହରୀ, ବତିଶ ପ୍ରହରୀ ଯୋଉଠି ଯୋଉଠି ହୁଏ, ଦିନରାତି ଦିନରାତି ଏମିତି ନାମ ହିଁ ଚାଲେ । ଅଖଣ୍ଡ ନାମଯଜ୍ଞ । ସେ'ଠି ବିରାମ କାହିଁ ? ବିଶ୍ରାମ କାହିଁ ? କାହିଁ କ୍ଳାନ୍ତି- ଅବସାଦ !

ସେଦିନ ବାୟକ ଦିଜଣଙ୍କ ଉପରେ- ମାନେ ଭିକାଇ ଆଉ ଗୋବିନ୍ଦାଇନା ଉପରେ ଖୁବ୍ ରାଗିଗଲି । ଖଣ୍ଡପଡ଼ିଆ ଆଉ ନୟାଗଡ଼ିଆଙ୍କ କୀର୍ତ୍ତନରେ ଚିଡ଼ିଥିଲି । ବାରଂବାର କହୁଚି, ନାଚ଼ ଉପରେ ଧ୍ୟାନ ଦିଅନି । ଆଧୁନିକ ସ୍ୱରରେ ମହାମନ୍ତ୍ର ବୋଲନି, ମନଇଚ୍ଛା ବେଘରିଆ ବାଜା ବଜାଅନି । ଖାଣ୍ଟି ନଦିଆ ସ୍ୱରରେ ବୋଲ, ନଦିଆ ଧାରାରେ ବଜାଅ । ଦେଖିବ ପାଦ ଆପେ ଉଠିବ, ଉଦ୍ଦଣ୍ଡ କୀର୍ତ୍ତନ ଜମିବ । ମାହୋଲ ପୂରା ଭାବମୟ-ରସମୟ ହେଇଯିବ । ହେଲେ ସେମାନେ ଶୁଣିଲେନି । ଦାଶାଇନାକୁ ବାଜା ଦେଲେନି । ଅଚ୍ୟୁକୁ ବି ଦେଲେନି । ମୋ'ର ଇଚ୍ଛା ହଉଥିଲା ଖୋଳଟା ତାଂକ କାନ୍ଧରୁ ଉତାରି ଆଣି ନିଜେ ବଜେଇ ପକେଇଥାନ୍ତି ।

ବୁଢ଼ାଟାଏ ଭାରି ବିଗିଡ଼ିଗଲା ଗୋବିନ୍ଦାଇନା ଉପରେ । କହିଲା- ତମ ବାଜାରେ କାଟେଣି ନାହିଁ, ତମେ କି ବାୟକ । ମୁଁ ଲକ୍ଷ୍ୟ କରିଚି- ଦାଶାଇନା ବୋଲ୍ ଡାକି ତାଙ୍କୁ ଉସ୍‌କଉ ଥାଏ ବଜେଇବା ପାଇଁ । ତଥାପି ତାଂକ ଆଂଗୁଠିରେ ଆସୁନଥାଏ ସେ ବାଜା । ଭିକାଇବି ସବୁବେଳେ ତ୍ରିନାଥ ମେଳାରେ ବସି ବସି ନଦିଆ ଧାରାର ବାଜାଗୁଡ଼ାକ ଭୁଲିଗଲାଣି । ଯୁଆଡୁ ସିଆଡୁ ଚାପୁଡ଼ା ଚାପୁଡ଼ା ପକେଇ ଛିଣ୍ଡେଇ ଦଉଚି ।

ସେଦିନ ସଂଧ୍ୟା ଥାକଟି ଥିଲା ଆମର । ଅଚ୍ୟୁର କଂଠଟି ସରୁ ଓ ଭାରି ମିଠା ବୋଲି ଗୋଟାଏ ସ୍ୱର ମୁଁ ତାକୁ ମନେପକେଇଦେଲି । 'ମୋ' ପ୍ରଭୁ ଜଗନ୍ନାଥ ସେ ଯେ କମଳା କାନ୍ତ...' । ଗୀତଟି ଶାନ୍ତିଲତା ବାରିକଙ୍କଠୁ ଶୁଣିଥିଲି । ଭାରି ଭାବବିହ୍ୱଳ ସ୍ୱରଟି ତା'ର । ସେଇ ସ୍ୱରରେ ମହାମନ୍ତ୍ର ବୋଲିଲେ ବଡ଼ ଚମତ୍କାର ଶୁଭେ । ଦି'ଘଣ୍ଟା କ'ଣ, ଏମିତି ରାତି ରାତି ହିଁ ବିତିଯିବ ସେଇ ଗୀତରେ । ବାଜା କିଂତୁ ବାଜିବ ନଦିଆ ଥାଟ୍‌ରେ । ନାଦ ସୃଷ୍ଟି ହଉଥିବ, ଘାତ ପଡୁଥିବ ଉଠୁଥିବ । ତାଳ ଖସୁନଥିବ । ଗୀତ ବେସୁରା ହଉନଥିବ । ଝାଂଜ ପଡୁଥିବ ସମାନ । ଝୁମି ଝୁମି ସଭିଏଁ ନାଚୁଥିବେ । ମଝିରେ ମଝିରେ 'ହରିବୋଲ' ଟିକେ ଟିକେ ପଡୁଥିବ । ଆଃ... ସିଏ ସିନା ସଂକୀର୍ତ୍ତନ । ସେଇଥିରେ ସିନା ଜୀବ ଉଦ୍ଧାରଣ...ତ୍ରାଣ...ପରିତ୍ରାଣ...

ସେଇ ବାଜା ବାଜିଲାନି ସେଦିନ । ନାଦ ହେଲାନି, ଘାତ ହେଲାନି, ତାଳ ଖାଲି ଥରକୁ ଥର ଭାଙ୍ଗିଲା । ସ୍ୱର ବି ଆପେ ବେସୁରା ହେଇଗଲା । ଏସବୁ ହେଲା ମନଇଚ୍ଛା ବାଜା ବଜେଇବାରୁ ସିନା !

ମୁଁ ତେଣୁ ରାଗିଗଲି । ମୁଁ କାହିଁକି ଯୋଡ଼ ପିନ୍ଧି, ବେକରେ ମାଳି ପକେଇ, ଝାଞ୍ଜ ଧରି ଗାଁ ଗାଁ ବୁଲି ଅଷ୍ଟପ୍ରହରୀ କରିବାକୁ ଯାଉଛି ? ଗାଁମାନଙ୍କରେ ମୋର ଛାତ୍ରଛାତ୍ରୀମାନେ ମତେ ଦେଖି ହସୁଛନ୍ତି । ମୁଁ ଇଚ୍ଛାକରି ନାଚି ଜାଣେନି । ସେମିତି ନାଚିଲେ ମତେ ଲାଜ ମାଡ଼ିବ । ଅତି ଅଲାଜୁକ ପରି ମନେ ହେବ । କିଂତୁ ମାଧୁର୍ଯ୍ୟମୟ ପରିବେଶଟି ଯଦି ଚାଲିଆସେ, କେମିତି କେଜାଣି ପାଦ ମୋର ଅଥୟ ପରି ନାଚିଉଠିବ, ମୁଁ ଜାଣିନଥିବି । ସେତେବେଳେ କିଏ ମତେ ଦେଖୁଥିବ କି, କ'ଣ ଭାବୁଥିବ କି ସେ କଥାକୁ ମୋର ନିଘା ନଥିବ । ସତରେ ଏମିତି ପରିସ୍ଥିତିରେ ହିଁ ନାଚିଥିବ ଉତ୍କଳର ଗଜପତି ପ୍ରତାପରୁଦ୍ର ଦେବ । ଇତିହାସ

ତାଂକୁ ଯେତେ 'କଳଂକିତ ରାଜା' କହିଲେ ବି ତାକୁ କିଏ ସେ କାହିଁକି ଏବଂ କେମିତି ଏମିତି ଉଦଣ୍ଡ ନୃତ୍ୟ କରେଇ ଦଉଥିଲା ? କାହିଁକି ସିଏ ଏତେ ଦୁର୍ବଳ ହେଇପଡ଼ିଲେ ଏମିତି ସଂକୀର୍ତ୍ତନରେ ?

ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ସେଇ ମହାଭାବମୟ ସାଂଗିତିକ ପରିବେଶରେ ଯିଏ ନ ପଡ଼ିଚି, ସିଏ ବୁଝିପାରିବନି । ଯାହାର ସେ କଳା ନଥିବ, ସିଏ ବି ସେ ପ୍ରେମରେ ପଡ଼ିପାରିବନି । ଯିଏ ସେଇ ପ୍ରେମରେ ନପଡ଼ି ପାରିବ, ସିଏ ହିଁ ସମାଲୋଚନା କରିବ । ଇତିହାସରେ କଳଂକିତ ନାୟକ କରିଦେବ ପ୍ରତାପ ରୁଦ୍ରଙ୍କୁ ।

ପ୍ରତାପରୁଦ୍ର କାହିଁକି ନାଚୁଥିଲେ ପଞ୍ଚସଖା ଜାଣିଥିଲେ ଶ୍ରୀଚୈତନ୍ୟ ଜାଣିଥିଲେ, ତାଂକ ସାଂଗପାଙ୍ଗ ଜାଣିଥିଲେ । ତତ୍କାଳୀନ ବୈଷ୍ଣବମାନେ ଜାଣିଥିଲେ । ଓଡ଼ିଶାର ଐତିହାସିକ କ'ଣ ବୁଝିବେ ତା'ର କାରଣ ।

ସେଦିନ ମୁଁ ରାଗିଥିଲି । କାରଣ ସଂଧ୍ୟାକାଳଟି ମାରା ଗଲା । ଭାବହୀନ, ଶକ୍ତିହୀନ ଲାଗିଲା ପରିପାର୍ଶ୍ୱ । ନାମ ଚାଲିଥିଲା, କିଂତୁ ସେ ନାମରେ ନଥିଲା ପ୍ରେମ । ତରଳୁ ନଥିଲା ଦେହ କି ହୃଦୟ । ମନ ଓ ପ୍ରାଣ ଉଲ୍ଲସିତ ହେଉନଥିଲା ।

ତେଣୁ ମୁଁ ରାଗି ଗଲି ।

ନାମକୁ ଯାହାଯେମିତି ଉଚ୍ଚାରଣ କରିଦେଲେ କ'ଣ ପାପ ଖଣ୍ଡନ ହୁଏ ? ମୁକ୍ତି ମିଳେ ? ସାଂସାରିକ ଦୁଃଖ ଦୂର ହୁଏ ? ଏସବୁ ପାଇଁ ଇଚ୍ଛା କରି ଯେଉଁମାନେ ନାମ କୀ□ନ କରନ୍ତି । ସେମାନେ ଜାଣି ଜାଣି ହିଁ ତାଂକଠାରେ ଦ୍ରୋହ କରନ୍ତି । ତାଙ୍କର ପାପ ଖଣ୍ଡନ ହେବା ପରିବ□ ବଢ଼େ । ସେମାନେ ବୈଷ୍ଣବ ହେଇ ପାରନ୍ତିନି । ବୈଷ୍ଣବ ହେବାର ଛଳନା ହିଁ କରନ୍ତି । ଜୀବନର କେତେ ଛଳନା ଭିତରୁ ଇଏ ବି ଗୋଟେ ଛଳନା ହେଇଯାଏ । ଶେଷ ଜୀବନରେ ଏମିତି ଛଳନା କାହିଁକି ପୁଣି ମଣିଷ କରେ ? ଟିକେବି ମନ କି ହୃଦୟ ତାଂକଠିକି ନ ନେଇ ଖାଲି ଖୁସୀ ପାଇଁ, ମଜା ପାଇଁ ହିଁ ନାମ କରୁଥାଏ । ଇଏ କୋଉଠି ଆଧୁନିକ ଯୁଗର ଅଷ୍ଟପ୍ରହରୀ !

ମୁଁ ତାଙ୍କୁ ବୁଝିପାରେନି ।

ସେମାନେ ବି ମତେ ବୁଝି ପାରନ୍ତିନି ।

ମୁଁ ଖାଲି ସେଇ ନାଦ ଖୋଜୁଥାଏ, ସେଇ ବାଦ୍ୟ, ସେଇ ତାଳ, ସେଇ ସ୍ୱର, ସେଇ ଲୟକୁ ଖୋଜୁଥାଏ । ଯୋଉଥିରେ କ'ଣ ରହିଥାଏ ଯାଦୁ, ଯାହା ପ୍ରତାପରୁଦ୍ର  ମହାରାଜାକୁ ନଚେଇ ପକାଏ । ଚୈତନ୍ୟକୁ ମାତାଲ୍ କରିଦିଏ । କ'ଣ ଥାଏ ସେଥିରେ ? ସମଗ୍ର ଭାରତ ଭୂଖଣ୍ଡର ମାନବ ପ୍ରାଣକୁ ଉଚ୍ଛନ୍ନ କରିଦିଏ ! ଉଦ୍‌ବେଳ କରିପକାଏ ! ଆତ୍ମାକୁ ଦେହ ଭିତରେ ଓ ଦେହକୁ ଆତ୍ମ ଭିତରେ ନିଶେଷ କରିପକାଏ ! ମଣିଷ ବିବାକ୍ ଭୁଲିଯାଏ ସିଏ କୋଉଠି ଅଛି, କ'ଣ କରୁଛି ବୋଲି !

କ'ଣ ଥାଏ ସେଇ ସଂକୀର୍ତ୍ତନରେ ? ସଂଗୀତରେ ? ଯାହା ଆଖିରୁ ଲୁହ ଖସେଇ ପକାଏ । ସେତେବେଳେ ସୁଖ ଟିକିଏ ମାଗିବାକୁ, ଐଶ୍ୱର୍ଯ୍ୟ ଟିକିଏ ମାଗିବାକୁ, ଯଶ ଟିକିଏ ମାଗିବାକୁ ମାନ କି ସମ୍ମାନ ଟିକିଏ ମାଗିବାକୁ, ପ୍ରତିଷ୍ଠା କି ପ୍ରତିପତ୍ତି ଟିକିଏ ମାଗିବାକୁ ବିବାକ ଭୁଲିଯାଏ ମଣିଷ । କିଛି ବି ସିଏ ମାଗିବାକୁ । ସେ'ଠି ସ୍ଥାନ, କାଳ, ପାତ୍ର– ସବୁ ଏକାକାର ହେଇଯାଏ । ଦିନସାରା ସେଦିନ ଗୋଟାଏ ଅଶ୍ୱସ୍ତିବୋଧ ମତେ କାବୁ କରି ବସିଥିଲା । ନାମ କୀର୍ତ୍ତନ ଚାଲିଥିଲା, କିଂତୁ ମତେ କାହିଁକି ଭଲ ଲାଗୁନଥିଲା । ଲାଗୁଥିଲା, ଇଏ ସେ ସଂକୀର୍ତ୍ତନ ନୁହଁ, ଇଏ ସଂକୀର୍ତ୍ତନ ହିଁ ନୁହଁ । ଏଥିରେ ମୁକ୍ତି ନାହିଁ କି ବନ୍ଧନ ନାହିଁ । ଅଛି ଖାଲି ମନୋରଂଜନ ।

ସିଏ ମୋର ଏଇ ବ୍ୟାକୁଳତାକୁ ବୁଝିଲେ କି କ'ଣ, ମୋ' ଭିତରେ ଅଭିମାନକୁ ଧରିପାରିଲେ ବୋଧେ– ଆଉ ସେଇଥିପାଇଁ ସଂଧ୍ୟାର ପ୍ରଥମ ପ୍ରହରଟି ଅତିକ୍ରମ କରିଲା ବେଳକୁ ଯେଉଁ ଦଳଟି ଆରମ୍ଭ କରିଦେଲେ ସଂକୀର୍ତ୍ତନ, ହଠାତ୍ କାହିଁକି କେଜାଣି ସ୍ୱତଃ ଟାଣି ହୋଇଗଲି ସେଠିକି । ଦିନସାରା ଯୋଉ ନାଦ ଖୋଜୁଥିଲି, ଯୋଉ ସ୍ୱର ଓ ତାଳ ଖୋଜୁଥିଲି, ପାଇଗଲି । ଦେହ ମୋର କ୍ରମେ କ୍ରମେ ନିର୍ବେଦ ପାଲଟି ଯାଉଥିଲା । କ୍ରମେ କ୍ରମେ ଶୀତଳ ହେଇ ବରଫ ପାଲଟି ଯାଉଥିଲା ରକ୍ତ । ଆଖି ଆଗରୁ ଅଦୃଶ୍ୟ ହେଇଯାଉଥିଲା ପାର୍ଥିବ ଜଗତ । କ୍ରମେ ମୁଁ ଲୀନ ହେଇଯାଉଥିଲି ମୋ ନିଜ ଭିତରେ । ମୁଁ ଆଉ ନଥିଲି ମୁଁ ହେଇ । ମୋର ଦେହ ନଥିଲା କି ମନ ନଥିଲା । ଖାଲି ଥିଲା ମୋ ଭିତରେ ଉର୍ଦ୍ଧ୍ୱମୁଖୀ ହୋଇ ନାଚୁଥିବା ଗୋଟେ ଆତ୍ମାପୁରୁଷ । ଗୋଟିଏ ପରେ ଗୋଟିଏ ସ୍ୱର ପରିବର୍ତ୍ତନ କରି ସେମାନେ ଗାଉଥା'ନ୍ତି । ରାତିର ନିସ୍ତବ୍ଧ ପ୍ରହର ଚେତି ଉଠୁଥାଏ । ଯେମିତି ନିଦ୍ରାହୀନ, ତନ୍ଦ୍ରାହୀନ ଏ ରାତ୍ରି । ଯେମିତି ସ୍ୱପ୍ନହୀନ, ମୋହହୀନ ଏ ରାତି । ଶୀତଳ ପବନ ମୁଖରି ଉଠୁଥିଲା । ଦିଗମାନେ ଲାଗି ଲାଗି ଆସୁଥିଲେ ପାଖକୁ ପାଖକୁ ।

ସେ'ଠି କିଛି ନଥିଲା । ଖାଲି ଥିଲା ତାଙ୍କରି ଫଟୋଟିଏ । ନାନା ସୁବାସିତ ପୁଷ୍ପରେ ସଜ୍ଜିତ ବିମାନଟିକରେ । ଧୂପଦୀପରେ ମହକୁଥିଲା ଚଉପାଶ । କେତେଜଣ କଳିହତ ମାନବ ଶୋଇଯାଇଥିଲେ ଅତ୍ରତତ୍ର ହୋଇ ପଡ଼ିରହିଛି କେତୋଟି ଶବ ।

ଆଖିରୁ ମୋର ବୋହି ଯାଉଥିଲା ଧାର୍ ଧାର୍ ଲୁହ । ମୁଁ ରାଜା ନୁହେଁ, କି କୋଉ ରାଜାର ପ୍ରଜା ବି ନୁହେଁ । ମୁଁ ଏକାନ୍ତ ଭାବରେ ସ୍ୱାଧୀନ ଏବଂ ମୁକ୍ତ ଗୋଟା ଜୀବାତ୍ମା । ଅଥଚ୍ ଭବବନ୍ଧନରେ ପଡ଼ି ସଢୁଚି । କିଏ ଯେମିତି ମୋ' ହାତପାଦରେ ଅଦୃଶ୍ୟ ଶୃଙ୍ଖଳ ବାନ୍ଧି ଦେଇଚି । ଏ ଦେହର କାରାଗାର ଭିତରେ ବନ୍ଦୀ ଏଇ ଆତ୍ମପକ୍ଷୀଟି ମୋର ମୁକ୍ତି ଚାହୁଁଚି ଏଠୁ, ଏଇ ମାଟିରୁ, ମାଟିର ଘଟରୁ । ତ୍ରିତାପର ଜ୍ୱାଳା ତା' ପାଇଁ ବଡ଼ ଅସହ୍ୟ ।

ସେଇ ଘଣ୍ଟେ କି ଦେଢ଼ଘଣ୍ଟା ତାଙ୍କସହ ହୋଇଗଲା ଯେଉଁ ଅଦୃଶ୍ୟ ଲୀଳା, ଆତ୍ମା ସହ ପରମାତ୍ମାର ଯୋଉ ମିଳନ– ସେଇତକ ତ ଏ ମିଛ ସଂସାରୀ ମଣିଷର ଜୀବନର ସାର୍ଥକତା ।

"ମତେ ନେଇଯା' ପ୍ରଭୁ ! ମୁଁ ଆଉ ସହିପାରୁନି ଏ ଭବଦୁଃଖ । ମତେ ଏ ଅଭିଶପ୍ତ ମାନବଜୀବନରୁ ମୁକ୍ତି ଦିଅ । ତମରି ନାଦ ଭିତରେ

ମୋର ପ୍ରାଣବାୟୁକୁ ମିଶେଇ ଦିଅ। ମୁଁ ଏଇଲାଗ୍ ମରିଯିବାକୁ ଋହେଁ। ଏ ଦେହର କାରାଗାର ଭାଂଗି ତମରି ପାଖକୁ ଋଲିଯିବାକୁ ଋହେଁ।" ଖାଲି ଏତିକି ହିଁ ମାଗୁଥିଲି। ଆଖିରୁ ବହିଯାଉଥିଲା ଧାର୍ ଧାର୍ ଅମାନିଆ ଲୁହ। ଆୟତ ବାହାରକୁ ଋଲିଯାଉଥିଲା ଅସ୍ତିତ୍ୱମୟ ପ୍ରାଣ, ଆବେଗମୟ ହୃଦୟ। ସରି ସରି ଯାଉଥିଲା ରାତି। ସରି ସରି ଯାଉଥିଲା କାମନା। ସରି ସରି ଯାଉଥିଲା ଆୟୁଷ।

## *୧୧. ଅପଦାର୍ଥ ...... !*

ତମେ କ'ଣ ସତରେ ଖୁବ୍ କଠୋର ଆଉ ନିର୍ମମ !

ତମକୁ ତ ଦୟାର ସାଗର ବୋଲି ବରୁଣାଳୟ ବୋଲି ସମସ୍ତେ କହନ୍ତି। ଶାସ୍ତ୍ରକାରମାନେ, କବିମାନେ ତ ତମକୁ ଏମିତି ବିଶେଷଣରେ ବିଶେଷିତ କରି ଯୁଗ ଯୁଗ ପାଇଁ ତମରି ଭାବରେ ଏ ମଣିଷ ଜାତିକୁ ନିମଜ୍ଜିତ କରି ରଖିଛନ୍ତି। ଏ ମଣିଷର ଅଖଣ୍ଡ ବିଶ୍ୱାସ ତମ ଉପରେ।

ବେଳେବେଳେ ଏମିତି ବିଶ୍ୱାସ ମଣିଷକୁ ଅନ୍ଧ କରିଦିଏ। ସିଏ ତମକୁ ଛାଡ଼ି ସଂପ୍ରଦାୟକୁ ଭଜେ। ସର୍ବସ୍ୱ ଜ୍ଞାନ କରେ। ବାହ୍ୟାଋରକୁ ବଡ଼ ମଣେ। ଚେତନାରେ କୋଳପ ପକେଇ ଦେଇ ସରଳତା ଓ ନିରୀହତା ପରିବର୍ତ୍ତେ ଅଜ୍ଞତାକୁ ହିଁ ଜାବୁଡ଼ି ଧରେ। ତମରି ନାଁରେ ନିଜସହ ନିଜେ ଖେଳେ, ଠକାମୀ, ଭଣ୍ଡାମିର ପ୍ରତାରଣାର ଖେଳ।

'କାଠ'ରେ ତମେ ଅଛ, କିଂତୁ ତମେ ଯେ 'କାଠ' ନୁହଁ ଏକଥା ସେ ବୁଝେ ନାହିଁ। ତମକୁ 'କାଠ' ବୋଲି ହିଁ ଜ୍ଞାନ କରେ। ପଥର ବୋଲି ବିଋର କରେ। କୁନ୍ତଳା ଲେଖିଥିଲେ-

କାଷ୍ଠ ପାଷାଣରେ କେ ଦେଖେ ମୂରତି
ଜନନୀ ଭାବରେ କେ କରୁଚ଼ି ନିତି
ପିତୃଭାବ କେହି ବହେ।

ଏବେ କହତ ! ଭକ୍ତର ଆଖି ନଥିଲେ, ଭାବର ଦୃଷ୍ଟି ନଥିଲେ, ପ୍ରେମର ପ୍ରବାହ ନଥିଲେ କାଷ୍ଠପାଷାଣରେ ତମକୁ ଜଣେ ଦେଖିବ କେମିତି !

ମଣିଷର ବିଶ୍ୱାସ ମଣିଷକୁ ଅନ୍ଧ ନକରି ଯଦି ଆଲୋକିତ କରନ୍ତା, ଯଦି ତା'ର ସମଗ୍ର ଆତ୍ମସ□ା ଉଜ୍ଜ୍ୱଳ ହୋଇ ଉଠନ୍ତା, ଯଦି ଦପ୍‌ଦପ୍ ତାରାମାନେ ଜଳି ଉଠନ୍ତେ ତା'ର ଚେତନାରେ, ଯଦି ସହସ୍ର ଦୀପାଳି ତେଜି ଉଠନ୍ତେ ତା'ର ଅନ୍ତର୍ଗତ ଅନ୍ଧାରଘରେ ସିଏ ତେବେ ତମକୁ କାଠ-ପଥର ବୋଲି ବିଋରନ୍ତା କାହିଁକି ? କାହିଁକି ଧର୍ମ ନାଁରେ ଗୋଟାଏ ପ୍ରଥାକୁ, ପରଂପରାକୁ, ବାହ୍ୟାଋରକୁ, ସଂପ୍ରଦାୟକୁ ବଡ଼ ଜ୍ଞାନ କରନ୍ତା ! କାହିଁକି ମନ୍ଦିର ଆଉ ମସ୍‌ଜିଦ୍ ଭିତରେ ଏତେ ଫରକ୍ ଦେଖନ୍ତା।

କିଂତୁ ମଣିଷ ତମକୁ ତା'ରି ସୀମିତ ଜ୍ଞାନଗରିମା ଭିତରେ ଧରି ରଖିବାକୁ ଚେଷ୍ଟା କରେ। ଘରଦ୍ୱାର ଜମିବାଡ଼ି ଟଂକା ସୁନା ପରି ତମକୁ ସଂପତ୍ତି ଜ୍ଞାନ କରେ, ତମ ଉପରେ ନିଜର ଅଧିକାର ଜାହିର୍ କରେ। ଅହଂର ବଶବର୍ତ୍ତୀ ହୁଏ। ତମକୁ ସଂପତ୍ତି ବୋଲି ଜ୍ଞାନ କଲାରୁ ଏ ଅହଂର ସିନା ସୃଷ୍ଟି ହୁଏ !

ତମେ ରାମ ହେଇପାର, କୃଷ୍ଣ ହେଇପାର, ତମେ ନୃସିଂହ ହେଇପାର, ଜଗନ୍ନାଥ ହେଇପାର। ତମେ ଅଭିରାମ ହେଇପାର, ଆତ୍ମାରାମ ହେଇପାର। ତମେ ବଳରାମ ହେଇପାର। ତମେ ବରାହ ହେଇପାର, ମୀନ ବି ହେଇପାର। ତମେ ବାମନ ହେଇପାର, ବୁଦ୍ଧ ବି ହେଇପାର। ତମେ ଯୀଶୁ ହେଇପାର, ଜୈନ ହେଇପାର। ତମେ ଆଲ୍ଲା ହେଇପାର, ଈଶ୍ୱର ହେଇପାର। ତମେ ଶିବ, ବିଷ୍ଣୁ, ଗଣପତି, ସୂର୍ଯ୍ୟ; ଏପରିକି ଦୁର୍ଗା, ସରସ୍ୱତୀ, ମଂଗଳା, ବିମଳା, ଶାରଳା ବି ହେଇପାର।

ତମେ ଭଗବାନ ରୂପରେ ରାମ ହେଲେ ଭକ୍ତ ରୂପରେ ହନୁମାନ ହେଇପାର। ତମେ ପିତା ରୂପରେ ଶିବ ହେଲେ ପୁତ୍ର ରୂପରେ ଗଜାନନ ହେଇପାର। ତମେ ସ୍ୱାମୀ ରୂପରେ ଶିବ କି ବିଷ୍ଣୁ ହେଲେ ସ୍ତ୍ରୀ ରୂପରେ ପାର୍ବତୀ କି ମହାଲକ୍ଷ୍ମୀ ହେଇପାର। ଏପରିକି ତମେ ପ୍ରେମିକ ରୂପରେ କୃଷ୍ଣଚନ୍ଦ୍ର ହେଲେ ପ୍ରେମିକା ରୂପରେ ରାଧାରାଣୀ ବି ହେଇପାର।

କିଂତୁ ତମେ ଯେ ରକ୍ତମାଂସର ମଣିଷ ନୁହଁ। ତମେ ଯେ ବସ୍ତୁ ପ୍ରତିମା ନୁହଁ। ତମେ ଯେ କାଠପଥର ନୁହଁ। ଏକଥା ମଣିଷ ବୁଝେନି। ତମେ ଏଇମାନଂକଠି ପ୍ରତିବିମ୍ବିତ ହେଉଥିବା ବିଶ୍ୱାସ ଟିକିଏ। ଏଇ ବିଶ୍ୱାସ ନିକଟରେ ଆତ୍ମାର ଝଲକ ଅଛି, ଚେତନାର ଚମକ ଅଛି। 'କାଷ୍ଠ ପାଷାଣ ତରୁତୃଣ / ସକଳ ଦେହେ ନାରାୟଣ'ର ଦର୍ଶନ ଅଛି। ପୁଣି ଅଛି 'ସକଳ ଦେହେ ନାରାୟଣ / ବସନ୍ତି ଅନାଦି କାରଣ' ର ତତ୍ତ୍ୱ ଅଛି।

କିଂତୁ ଏ ମଣିଷ ଏତେ କଥା ବୁଝେନି। ତା'ରି ଭିତରୁ କ'ଣ ଗୋଟେ ଭାବଟିଏ କାଠ ପଥରର ମୂର୍ତ୍ତି ବା ଅବତାରୀ ମଣିଷ ଦେହରେ ବାଜି ପ୍ରତିବିମ୍ବିତ ହେଇ ପୁଣି ତା'ରି ପାଖକୁ ଫେରି ଆସୁଚ଼ି। ସ୍ୱପ୍ନରେ ଦେଖୁଚ଼ି ତା' ଠାକୁର ତା' ସାଥିରେ କଥା ହଉଛନ୍ତି। ସାଧାରଣ ରକ୍ତମାଂସର ମଣିଷଟାର ସଂସ୍ପର୍ଶରେ ଆଜି ଭାବରାଜ୍ୟରେ ଏବଂ ବସ୍ତୁରାଜ୍ୟରେ କିଛି ପରିବର୍ତ୍ତନ ହେଇଗଲେ, ସେ ସାଧାରଣ ମଣିଷଟି ତା' ପାଇଁ ଅବତାର ପାଲଟି ଯାଉଛି। ଏଇମିତି ଥିଲେ ବୁଦ୍ଧ, ଜୈନ, ଚୈତନ୍ୟ। ଏମାନେ ଦେହଧାରୀ ମଣିଷ ହେଇ ମଧ ପାଲଟିଗଲେ ଈଶ୍ୱର। ମାନେ 'ତମେ'।

ତମେ ଯେ କେତେ ସୂକ୍ଷ୍ମ ଆଉ ଚେତନାର କୋଉ ଗଭୀରତା ଭିତରେ ଲୁଚ଼ିଥାଅ- ଏ ମଣିଷ କେମିତି ବୁଝିବ। ତମେ ଯେ କଥା କହିପାର, ଡାକିପାର, ଛାଇପରି ପଛେ ପଛେ ଆସିପାର, ହାତଧରି ବାଟ କଢ଼େଇ ଦେଇପାର। କେତେବେଳେ କାହା ଅନ୍ତରରେ ବସି ଆଉ କାହାକୁ ଉଦ୍ଧାର କରିପାର। ପୁଣି କାହାପ୍ରତି ନିର୍ଦ୍ଦୟ ହେଇ ତାକୁ ମଝି ନଈକି ପେଲିଦେଇ ପାର। କାହାକୁ ବଂଚେ଼ଇ ରଖି ମାରୁଥାଅ, ପୁଣି କାହାକୁ ମାରିଦେଇ ବଂଚେ଼ଇ ରଖୁଥାଅ।

ଏକଥା ସେଇ ସୂକ୍ଷ୍ମ ଚେତନାକୁ ନ ଗଲେ ଜଣେ କେମିତି ବୁଝିବ ?

ତମକୁ ପାଣି ପବନ ଆକାଶ ପୃଥିବୀରେ ଅନୁଭବିବା କ'ଣ ଏତେ ସହଜ !

ଆଚ୍ଛା କହିଲ; ତମେ ତ ଠାକୁର, ତମ ପଥରର ଦେଉଳ କ'ଣ ଠାକୁର ? ତେବେ ବଡ଼ଦାଣ୍ଡରେ ଓହ୍ଲଉ ଓହ୍ଲଉ ତମ ଦେଉଳ ଋହୁଁ ଋହୁଁ କାହିଁ ହାତ ଦି'ଟା ମଥା ଉପରକୁ ଉଠିଯାଏ ? ତମକୁ ନଦେଖୁ ନଦେଖୁ ତମ ଘରକୁ ଦେଖି ଆମେ କାହିଁକି ପ୍ରଣାମ କରିବସୁ ? ତମ ଘରକୁ ପଡ଼ିଥିବା ବାଟରୁ ଧୂଳି ଟିକିଏ ଆଣି କାହିଁକି ମଥାରେ ବୋଲି ଦେଉ ? ତମେ କ'ଣ ବାଟ ? ତମେ କ'ଣ ଧୂଳି ? ତମେ କ'ଣ ବାଇଶି ପାହାଚ୍ର ପଥର ? ତମେ କ'ଣ କଳ୍ପବଟର ଛାଇ ? ତମେ କ'ଣ ରଥର କାଠ ? ତା'ହେଲେ ଆମେ ଏସବୁକୁ କାହିଁକି ପ୍ରଣାମ କରୁ ? ସବୁଥିରେ କାହିଁକି ମଥା ଲଗଉ ? ଅରୁଆ ଋଉଳର ଭାତକୁ ତମର ଉଚ୍ଛିଷ୍ଟ ଭାବି (ତମେଭାବି) ପାଇଦଉ ? ସେଥିରେ କ'ଣ ତମେ ମଣିଷର 'ମୁକ୍ତି'କୁ 'ମୋକ୍ଷ'କୁ ଲୁଚେଇ ରଖିଚ ? ମୋକ୍ଷ କ'ଣ ମଣିଷର ଏକାନ୍ତ କାମ୍ୟ ? ତମଠୁ ବେଶୀ ? ମଣିଷ ତେବେ ତମକୁ ଏତେ ଡାକେ ଏଇ 'ମୋକ୍ଷ' ପାଇଁ ? ତମେ କ'ଣ ତେବେ ମୋକ୍ଷ ବିକୁଥିବା ଗୋଟାଏ ବେପାରୀ ? ଭାତରେ, ଡାଲିରେ, କନାରେ, ବାନାରେ, ଫୁଲରେ, ଧଣ୍ଡାରେ, ଭୋଗରେ ଏଇ ଲୁଚେଇ ବେପାର କର ? ଆଉ ଏଇଥିପାଇଁ ପାଗଳ ହୁଅନ୍ତି ସମସ୍ତେ ? ବାନାରୁ ଖଣ୍ଡେ ପାଇଗଲେ, ଅବଢ଼ା ମୁଠିଏ ଖାଇଦେଲେ ଆତ୍ମା ମୁକ୍ତି ପାଇଯାଏ ? ଏଇଥିପାଇଁ ଏତେ ପ୍ରତିଯୋଗିତା ? ପଇସା ଦେଲେ ତମ ପଣ୍ଡାଏ ମୁକ୍ତି ଦେଇ ଦିଅନ୍ତି ?

କେତେ ନିର୍ବୋଧ ଏ ମଣିଷ ? କେଡ଼େ ଠକ ତମର ପଣ୍ଡା ପୂଜକ ! କେଡ଼େ ମିଛ ପ୍ରହସନ ତମ ନାଁରେ !

କ'ଣ ମୁଁ ମିଛ କହୁଛି ? ତମେ କ'ଣ କନାରେ, ବାନାରେ, ହାତରେ ଅଛ ? ପଇସା ଦେଲେ ମିଳିଯାଅ ? ଯିଏ ପଇସା ଦେଇ ମୋକ୍ଷ କିଣେ, ସିଏ କିଣେ କେବଳ କନା ଆଉ ଅରୁଆ ଭାତ। ସିଏ କିଂତୁ ଭାବୁଥାଏ ତମକୁ ପାଇଚି ବୋଲି। ପରେ ଆସି ପୁଣି ମାତିଯାଏ ସଂସାରରେ। ପାପ ଅର୍ଜିତ ଧନ ଦେଇ ତମଠୁ ମୋକ୍ଷ ପାଇବାକୁ ଯାଏ। କୋଉଠିକି ଯାଏ ? ତମ ପାଖକୁ ? ଯୋଉ ଧୂଳି ସିଏ ମଥାରେ ବୋଳେ, ସିଏ ଖାଲି 'ଧୂଳି' ଯେ କୌଣସି ଦାଣ୍ଡର ଧୂଳି ପରି। ଯୋଉ ଅବଢ଼ା ସିଏ କିଣି ଖାଏ, ସିଏ ସାଧାରଣ ଅବଢ଼ା, ଘରର ଅରୁଆଭାତ ପରି। ସିଏ ଯୋଉଠିକି ଯାଏ, ସେଇଟା ତମର ମନ୍ଦିର ନୁହଁ କି ବୈକୁଣ୍ଠପୁର ନୁହଁ, ଗୋଟାଏ ହାଟ। ଯୋଉ ପଣ୍ଡା ପୂଜାରୀ ପଇସା ନେଇ ଧର୍ମ ବିକେ, ମୋକ୍ଷ ଦିଏ- ସିଏ ଗୋଟେ ଆତ୍ମପ୍ରତାରକ।

ଯୋଉଠି ତମେ ନଥାଅ- ମାନେ ଯୋଉଠି ଥାଏ ପଇସା ବଦଳରେ ମିଳୁଥିବା କନା, ବାନା, ଧୂଳି, ଭାତ, ସେ'ଠି କେହି ପଣ୍ଡା ନଥାନ୍ତି କି ପୂଜକ ନଥାନ୍ତି। ଆଉ ସେ'ଠି ଯୋଉ ହଜାର ହଜାର ମଣିଷ ପଇସା ଦେଇ ମୋକ୍ଷ କିଣୁଥାନ୍ତି ସେମାନେ ସବୁ ସଂସାର ନର୍କରେ ପଡ଼ି ଘାଣ୍ଟି ହେଉଥିବା ଗୁଡ଼ିଏ କୀଟ। ଖାଲି ଦେହ ଆଉ କାମନା, ମନ ଆଉ ବିକାରର ବଶବର୍ତ୍ତୀ। ଏଇମାନେ ହିଁ ତମକୁ କାଠ ପଥରର ମୂର୍ତ୍ତି ବୋଲି ଭାବନ୍ତି, ପାର୍ଥିବ ବସ୍ତୁ ବା ସଂପତ୍ତି ବୋଲି ଭାବନ୍ତି। ପଇସା ଦେଇ ତମକୁ କିଣିବାକୁ ଋହାନ୍ତି !

କେଡ଼େ ଅପଦାର୍ଥ ଏମାନେ !

ଓଡ଼ିଆ ବିଭାଗ,
ବେଗୁନିଆ ମହାବିଦ୍ୟାଳୟ, ବେଗୁନିଆ, ଖୋର୍ଦ୍ଧା
ଫୋନ୍- ୮୩୪୨୦୧୫୦୮୪



# ଏତିକି ମାଗୁଣି

**ସୁଶାନ୍ତ କୁମାର ଆଚାର୍ଯ୍ୟ**

କଳା ଶ୍ରୀମୁଖକୁ ଚକା ଚକା ଆଖି
ଦିଶୁଥାଇ ଦାଉଦାଉ
ତୋର ଆଗେ ମୋର ଦୁଃଖ ନ କହିଲେ
କହିବି କା ଆଗେ ଆଉ ?

ଶିରରେ ତୋହର ସୁନା ଚିତା ଶୋଭେ
ଗଳାରେ ତୁଳସୀ ମାଳ
ବାଇଶ ପାହାଚ ଡେଇଁଯିବା ପାଇଁ
ନାହିଁ ମୋ ଦେହରେ ବଳ ।

ପାଟ ପୀତାମ୍ବରୀ ପରିଧାନ କରୁ
ଷାଠିଏ ପଉଟି ଖାଇ
ଚିରାଲୁଗାଖଣ୍ଡେ ମିଳେନାହିଁ ମୋତେ
ଶୋଇଯାଏ ପାଣି ପିଇ ।

ବଡଦେଉଳର ବଡ ଠାକୁରତୁ
ବଡ ନେତ ବଡଦାଣ୍ଡ
ମୋରପାଇଁ ହାତେ ଜାଗା ମିଳେନାହିଁ
ଗୁଞ୍ଜିବାକୁ ଟିକେ ମୁଣ୍ଡ ।

ଯେତେ ଦୁଃଖ ଦେବୁ ମଥାପାତି ମୁହିଁ
ସହିବାକୁ ରାଜି ଅଛି
ଯେତେବେଳେ ତୋତେ ଚିନ୍ତିବି ମନରେ
ପାଖେ ମୋ ବସିବୁ ଆସି ।

ପତିତପାବନ ବାନା ଉଡୁଅଛି
ପତିତ ତାରିବା ପାଇଁ
ତୋର ଦରଶନ ଦେବୁରେ କାଳିଆ
ଏତିକି ମାଗୁଛି ମୁହିଁ ।

(ଝୁଲୁ), ଡୁମୁଡୁମା (କ), ଜାଗମରା, ଭୁବନେଶ୍ୱର-୩୦
ମୋ-୯୪୩୭୨୯୦୬୭୮

# ଭକ୍ତିର ସୁରେ ସୁରେ

ବିଦେଶୀ ଭଞ୍ଜ

"ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଳ୍ମଷାଃ,
ଛିନ୍ନ ଦ୍ୱୈଧା ଯତାତ୍ମନଃ ସର୍ବଭୂତହିତେ ରତାଃ"

(ଯେଉଁ ମାନଙ୍କର ସମସ୍ତ ପାପ କ୍ଷୟପ୍ରାପ୍ତ ହୋଇଥାଏ, ଜ୍ଞାନାର୍ଜନ ଦ୍ୱାରା ମନରୁ ଈଶ୍ୱରଙ୍କ ସମ୍ବନ୍ଧରେ ସଂଶୟ ଦୂରୀଭୂତ ହୋଇଥାଏ, ଚିତ୍ତ ସଂଯତ ହୋଇ ଭଗବାନଙ୍କ ଧ୍ୟାନରେ ନିବିଷ୍ଟ ଥାଏ, ଯେଉଁମାନେ ସମସ୍ତ ପ୍ରାଣୀଙ୍କ ମଙ୍ଗଳରେ ବ୍ୟାପୃତ ଥା'ନ୍ତି, ସେହି ବ୍ରହ୍ମବେ । ଋଷିମାନେ ପରଂବ୍ରହ୍ମଙ୍କଠାରେ ଲୀନ ହୋଇ ନିର୍ବାଣପ୍ରାପ୍ତ ହୁଅନ୍ତି ଅର୍ଥାତ୍ ମୋକ୍ଷଲାଭ କରନ୍ତି ।)

ଭାବମୟ ଜଗନ୍ନାଥ, ଭାବ ଆଉ ଭକ୍ତିର ମହାସାଗର । ଭାବନାରେ ଭାବନାରେ ଚିତ୍ରିତ ତାଙ୍କର ରୂପ ବ୍ରହ୍ମାଣ୍ଡର କେଉଁ ଶୂନ୍ୟତାରେ ଯାଇ ବିଲୀନ ହୋଇଯାଏ ତାହା ଏଇ ସାଧାରଣ ଜୀବଟିଏ ପାଇଁ ଜାଣିବା କେବଳ ଅସମ୍ଭବ ନୁହେଁ, ଅକଳ୍ପନୀୟ । କାରଣ,

"ଭାବରେ ଭାବରେ ଅଭାବୀ ହୋଇ ବି ତାଙ୍କୁ ହୁଏନାହିଁ ଭୁଲି,
ଆକାର ବିହୀନ ନିରାକାର ସେ ଯେ, କଳ୍ପନାର ରଙ୍ଗତୂଳୀ ।"

କୋଟି କୋଟି ପ୍ରାଣୀମାନଙ୍କର ନିଶ୍ୱାସର ଭାବଧାରାରେ ଯେଉଁ ନିରାକାର ବ୍ରହ୍ମରୂପୀ ଆକାରଟି ସତତ ପ୍ରବାହିତ ହେଉଥାଏ, ଯେଉଁ ଶଙ୍କାକୁଳ ହୃଦୟରେ ଅଭିନବ ରୂପଲେଖଟିଏ ପ୍ରତିମୁହୂର୍ତ୍ତରେ ଆତଯାତ ହୋଇ ମନ ଭିତରୁ ଶଙ୍କାକୁ ଦୂରେଇବାରେ ଲାଗିଥାଏ ସେଇ ଅମଳିନ ଜ୍ୟୋତିର୍ବିନ୍ଦୁଟିର ପ୍ରାଣକେନ୍ଦ୍ର ଆମର ହୃଦୟେଶ୍ୱର, ସବୁ ସୁଖଦୁଃଖର ଭାଗ୍ୟନିୟନ୍ତକ ସେଇ ଚକାଆଖି ନୁହନ୍ତି ତ ?

ମାନବା ଭକ୍ତି ମାପ୍ନୁତି, ଅର୍ଥାତ୍ ପ୍ରକୃତ ମାନବ ଭକ୍ତି ଆଚରଣ କରିଥାନ୍ତି । 'ଭକ୍ତି' ଏକ ଐଶ୍ୱରିକ ସମ୍ପଦ । ବିନୋବାଭାବ ଭକ୍ତିର ପ୍ରଥମ ଲକ୍ଷଣ ଯାହା କି ନିର୍ଲିପ୍ତ ଅବସ୍ଥା । ଗୀତାରେ କୁହାଯାଇଛି -

"ଯୋ ମ ହୃଷ୍ୟତିନ ଦ୍ୱେଷ୍ଟିନ ମୋରେ କାଠୟତି,
ଶୁଭାଶୁଭ ପରିତ୍ୟାଗୀ ଭକ୍ତିମାନ ଯଃ ସ ମେ ପ୍ରାୟ ।"

ଭକ୍ତି ଆଚରଣ ଯେଉଁମାନେ କରିଥାନ୍ତି ସେମାନଙ୍କୁ ଭକ୍ତ କୁହାଯାଏ । ଭକ୍ତ ସମ୍ପୂର୍ଣ୍ଣରୁପେ କାୟ, ମନ ଓ ବାକ୍ୟରେ ପ୍ରଭୁଙ୍କଠାରେ ସମର୍ପିତ । ତେଣୁ ତାର ନିଜର କିଛି ବାଞ୍ଛା ନ ଥିବା ହେତୁ ସେ ପ୍ରଭୁଙ୍କୁ ବା କଅଣ ମାଗିବ ? ଯାହାକିଛି କରୁଣାମୟଙ୍କ ଇଛାବୋଲି ମାନିନିଏ ।

ଭକ୍ତର ଭାବ ଅନୁଯାୟୀ ପ୍ରଭୁଙ୍କ କୃପାଲାଭ ହୁଏ ଓ ତଦନୁରୂପ ପ୍ରଭୁ ବାନ୍ଧିହୋଇଥାନ୍ତି । ଭକ୍ତ ପ୍ରଭୁଙ୍କର କିଛି କରେନାହିଁ । ପରୋକ୍ଷରେ ଭଗବାନଙ୍କର କେହି ସେବକ ନାହାନ୍ତି । ସେ ହିଁ ଜଗତ ଯାକର ସେବକ । ଭକ୍ତଜନ ମାନଙ୍କୁ ଉଦ୍ଧାର ନିମିତ୍ତ ପ୍ରଭୁ ସ୍ୱରୂପ ଗ୍ରହଣ କରିଥାନ୍ତି ଓ ଭକ୍ତର କଥାକୁ ସବୁ ସମୟ ପାଇଁ ମାନି ନେଇଥାନ୍ତି । ଭଗବାନ ସବୁ ସମୟରେ ତାଙ୍କ ଭକ୍ତର ମହାନତାକୁ ପ୍ରତିପାଦନ କରିଥାନ୍ତି, ଏହା ହେଉଛି ପ୍ରଭୁଙ୍କର ମହିମା ଓ ମହନୀୟତା । ପ୍ରଭୁ ଆଶ୍ରିତ ଭକ୍ତର ସାମାନ୍ୟ କଷ୍ଟ ତାଙ୍କପାଇଁ ଅତ୍ୟନ୍ତ ଅସହ୍ୟ ହୋଇପଡେ ।

ଜଡ ଓ ଚେତନ ଦୁଇ ଅଂଶରୁ ଜୀବ ସୃଷ୍ଟି ହୋଇଥାଏ, ତେଣୁ ମଣିଷ ଶରୀରରେ ମଧ୍ୟ ଏଇ ଦୁଇ ଅଂଶର ପ୍ରଭାବ କାର୍ଯ୍ୟକାରୀ ହୋଇଥାଏ । ଜଡ ଅଂଶରୁ ପାର୍ଥିବବସ୍ତୁର ଜ୍ଞାନ ଓ ଚେତନ ଅଂଶରୁ ଆଧ୍ୟାତ୍ମିକ ଜ୍ଞାନର ସ୍ଫୁରଣ ହୋଇଥାଏ ।

ସେ ଅସରନ୍ତି କରୁଣାର ସିନ୍ଧୁ, ଅବେଳରେ ମାଡିଆସୁଥିବା ଘନଘଟା କଳାମେଘର ତ୍ରାଣକର୍ତ୍ତା, ଅଚିନ୍ତନୀୟ ଦୁର୍ଲଭ ଭାବନାର କେନ୍ଦ୍ରବିନ୍ଦୁ । ଜଗତର ପ୍ରତି ଲୋମକୂପରେ ତାଙ୍କର ଅବସ୍ଥିତି, ପ୍ରତି ଜୀବର ଆତଯାତରେ ତାଙ୍କର ସମ୍ପୃକ୍ତି ଏଇ ଜନ୍ମର ମୁକ୍ତିକୁ ଆବାହନ କରିବା ପୂର୍ବକ ଆଲୋକିତ କରେ ।

ସିଏ ସୃଷ୍ଟି, ସ୍ଥିତି ଓ ବିଲୟର ଅଧିନାୟକ । ତାଙ୍କ ଜ୍ଞାତସାରରେ ସବୁ ସଙ୍ଗଠିତ ହେଉଥାଏ, ଏହା ସର୍ବବିଦିତ । ସେ ଆତ୍ମାର ପୂର୍ଣ୍ଣମୟ ରୂପ, ଲୌକିକତାର ନିରାଡମ୍ବର ଅଭିବ୍ୟକ୍ତି, ଭକ୍ତି ଓ ସମର୍ପଣଭାବର ଏକାନ୍ତ ପ୍ରୀତିମୟ ପୂଜାରୀ, ଯାହାଙ୍କୁ ଖୋଜି ଖୋଜି ହୁଏ ତ ପାଇ ହୁଏନା, କିନ୍ତୁ ଅଜାଣତରେ ଆମ ଆତ୍ମା ଭିତରେ ସେ ସମାହିତ ହୋଇ ଯାଇଥାଆନ୍ତି ।

ତେଣୁ ତାଙ୍କୁ କୁହାଯାଏ ଅଗତିର ଗତି, ଅକିଞ୍ଚନର ପ୍ରାଣଶକ୍ତି ଏବଂ ଅସମର୍ଥର ଉଦ୍ଧାରକର୍ତ୍ତା।

"ଜଗତର ନାଥ ବୋଲାଇଛ ତୁମେ ସବୁଠି ତୁମରି ଲୀଳା,
ପତିତପାବନ ନାମ ବହିଅଛ ଅଗତିର ଗତି ଦୁଃଖୀ ମୁକ୍ତିଭେଳା।"

ପ୍ରଭୁ ହେଉଛନ୍ତି କୃପାମୟ, କରୁଣାର ସାଗର। ଥରେ ସେଇ କୃପା ମିଳିଗଲେ ସବୁ ଦୁଃଖ ଲାଘବ ହୋଇଯାଏ। ଜୀବ ଆତ୍ମସୁଖ ଲାଭକରେ। କୃପା ହେଉଛି ଦୈବୀ ସମ୍ପଦ। ଏଇ ସଂସାରରେ ଏକମାତ୍ର ଦୁର୍ଲଭ ବସ୍ତୁ କେହି କାହାକୁ ସହଜରେ ପ୍ରଦାନ କରନ୍ତି ନାହିଁ।

ମନୁଷ୍ୟ କାମ, କ୍ରୋଧ, ଲୋଭ ଓ ମୋହ ଭଳି ଅନେକ ଆବରଣରେ ଆବୃତ। ଏହି ଆବରଣକୁ ତ୍ୟାଗ ନ କଲା ପର୍ଯ୍ୟନ୍ତ କୃପା ଆପରଣ ମିଳେନାହିଁ।

ଭଗବାନ ହେଇଛନ୍ତି ସର୍ବମୟ କର୍ତ୍ତା। ସେ ନିଜର ଭକ୍ତର ଟେକକୁ ସବୁବେଳେ ବଜାୟ ରଖିଥାନ୍ତି। ଭକ୍ତ ସେହିପରି ଅହଂତ୍ୱ ନାଶକରି ପ୍ରଭୁଙ୍କ ସେବାରେ ନିବୃତ୍ତ ହେବା ବାଞ୍ଛନୀୟ। ସେବା ହେଉଛି ଧର୍ମର ଏକ ଅଙ୍ଗ, ଯାହା ବିନା ଆଧାତ୍ମିକ ଉନ୍ନତି ହେବା ଅସମ୍ଭବ। ପ୍ରଭୁ ହେଉଛନ୍ତି ସର୍ବଶକ୍ତିମାନ, ତଥାପି ସେ ଶ୍ରୀବତ୍ସ ବ୍ରାହ୍ମଣଙ୍କର ପଦାଘାତକୁ ସହର୍ଷେ ଗ୍ରହଣ କରିନେଇ କହିଥିଲେ, "ମୋର ହୃଦୟ ବହୁତ କଠିନ, ତୁମର ପାଦ ଦୁଇଟି ଅତ୍ୟନ୍ତ କୋମଳ, ତେଣୁ ତୁମକୁ ବହୁତ ଯନ୍ତ୍ରଣା ହେଉଥିବ।" ପ୍ରଭୁ ଯାହା ଚାହିଥାନ୍ତେ, ତାହା ତତ୍କ୍ଷଣାତ୍ କରିଦେଇ ପାରିଥାନ୍ତେ, ମାତ୍ର ଶ୍ରୀବତ୍ସ ବ୍ରାହ୍ମଣଙ୍କର ପାଦ ଆଉଁସି ଦେଇଥିଲେ ଯାହାକି ଅହଂକାରଶୂନ୍ୟ ସେବାର ଏକ ପ୍ରତ୍ୟକ୍ଷ ନିଦର୍ଶନ।

ଏ ସଂସାର କ୍ଷଣଭଙ୍ଗୁର, ଏ ସମ୍ବନ୍ଧରେ ନୀତିଶ୍ଳୋକ ସାଗରରେ ବର୍ଣ୍ଣିତ -

"ପିତା କସ୍ୟ, ମାତା କସ୍ୟ, କସ୍ୟ ଭ୍ରାତା ସହୋଦର
କାୟୋ ପ୍ରାଣେ ନ ସମ୍ବନ୍ଧ, କା କସ୍ୟ ପରିବେଦନା।"

ପିତା, ମାତା, ଭ୍ରାତା, ବନ୍ଧୁ ସହୋଦରମାନେ ମାୟା ପ୍ରଭାବରେ ନିଜର ବୋଲି ଜଣାପଡିଲେ ମଧ୍ୟ ଶେଷଦିନ କେହି ସାଥିରେ ଯାଆନ୍ତି ନାହିଁ। ଏପରିକି କାୟା ଓ ପ୍ରାଣ ପବନର ନିବିଡ ସମ୍ପର୍କକୁ ନେଇ ଜୀବସତ୍ତା ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରାଣପବନ ବାହାରି ଗଲାବେଳେ କାୟାକୁ ସଙ୍ଗରେ ନିଏ ନାହିଁ।

ସେ ସର୍ବତ୍ର ଜଗତମୟ। ତାଙ୍କଠାରେ କରୁଥିବା ମନସ୍କାମନାକୁ ସେ ଖୁବ୍ ଚତୁରତାର ସହିତ ପୂରଣ କରନ୍ତି। ଇପ୍ସିତ ଅଭିଳାଷକୁ ପୂରଣ କରି ସେ ନିଜ ଭିତରେ ବିଲୀନ କରିଦିଅନ୍ତି। ଏଇଠି ଏକ ସତ୍ୟ ଘଟଣାର ଆଲୋକପାତ କରୁଛି। କିଛି ବର୍ଷ ତଳେ ପଶ୍ଚିମ-ବଙ୍ଗର ଜଣେ ନବ ବିବାହିତ ଯୁବକ ତାଙ୍କ ପତ୍ନୀଙ୍କ ସହିତ ପୁରୀ ଭ୍ରମଣରେ ଆସିଥିଲେ। ସେ ଜଗନ୍ନାଥଙ୍କୁ ପତ୍ନୀଙ୍କ ସହ ଦର୍ଶନ କଲାବେଳେ ଭକ୍ତି ଗଦ୍ ଗଦ୍ ଚିତ୍ତରେ କହି ପକେଇଥିଲେ, "ପ୍ରଭୁ, ତୁମେ କରୁଣାମୟ, ତୁମ କରୁଣା ଦାନ କରି ମତେ ମୁକ୍ତି ଦିଅ।" ଏ କଥା ସେଠାରେ ପୂଜା କରୁଥିବା ଜଣେ ପଣ୍ଡାଙ୍କ କାନରେ ପଡିଥିଲା। କାଳକ୍ରମେ ଏକବର୍ଷ ବ୍ୟତୀତ ହୋଇଗଲା। ପୁନର୍ବାର ସେଇ ଜଗନ୍ନାଥ ପୀଠରେ ଉକ୍ତ ଯୁବକଙ୍କ ବିଧବା ପତ୍ନୀଙ୍କ ସହ ଅକସ୍ମାତ ପୂର୍ବୋକ୍ତ ପଣ୍ଡାଙ୍କର ସାକ୍ଷାତ ହୋଇଗଲା ଏବଂ ତାଙ୍କୁ ଦେଖି ଉକ୍ତ ମହିଳା ଅଶ୍ରୁ ଗଦ୍‌ଗଦ୍ ହୋଇ ନିଜ ସ୍ୱାମୀଙ୍କର ଆକସ୍ମିକ ଦୁର୍ଘଟଣାରେ ଦେହାବସାନ ହେବା କଥା କହିଲେ ଅର୍ଥାତ୍ ଜଗନ୍ନାଥଙ୍କୁ ମୁକ୍ତି ମାଗିଥିବା ଉକ୍ତ ଯୁବକଙ୍କୁ ବର୍ଷକ ଭିତରେ ଏ ସଂସାରର କୋଳାହଳରୁ ମୁକ୍ତ କରିଦେଇ ସେ ନିଜ କୋଳକୁ ନେଇଗଲେ। ତେଣୁ ସେ ପରମ କାରୁଣିକ ଓ ଅନ୍ତର୍ଯ୍ୟାମୀ। ଅକ୍ଳେଶରେ ଅନ୍ତରର କଥା ହୃଦୟର ବ୍ୟଥା ଜାଣି ପାରନ୍ତି ଏବଂ ପ୍ରାଣୀର ଇଚ୍ଛାକୁ ପରିପୂରଣ ମଧ୍ୟ କରିଥାଆନ୍ତି। ଯେ ତାଙ୍କର ଅତିପ୍ରିୟ ଏବଂ ତାଙ୍କ ପ୍ରତି ପୂର୍ଣ୍ଣ ପ୍ରାଣରେ ସମର୍ପିତ, ତାକୁ ସେ ଶୀଘ୍ର ଖୋଜି ଖୋଜି ନିଜ ସତ୍ତାରେ ବିଲୀନ କରିଦିଅନ୍ତି।

ଏ ଭବସାଗରର ମାୟା ସ୍ରୋତରେ ଭାସିଯାଉଥିବା ମାନବ କିଛି ଥଳକୂଳ ପାଏନାହିଁ। ଯେଉଁମାନଙ୍କ ସହିତ ସମ୍ପର୍କ ଯୋଡିରଖେ ସେମାନେ ତାକୁ ସୁରକ୍ଷା ଦେଇପାରନ୍ତି ନାହିଁ। ତାଙ୍କର କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଭରସା।

ନିର୍ଗୁଣ ପରଂବହ୍ମଙ୍କର ସତ୍ତା ଅହଂ ସହ ଲୀଳାମୟୀ ତ୍ରିଗୁଣ ସ୍ୱରୂପିଣୀ ପ୍ରକୃତି ଅଂଶର ସମ-ମିଶ୍ରଣରୁ ସଂସାରର ଲୀଳା ସୃଷ୍ଟି। ଆମେ ଜାଣୁ ଗୁଣରହିତ ବସ୍ତୁସହିତ ଗୁଣଯୁକ୍ତ ବସ୍ତୁ ମିଶିଲେ ଯେପରି ଗୁଣର ପ୍ରଭାବ ଉଦ୍ଭବ ହୁଏ, ସେହିପରି ସଂସାର ଲୀଳା ନିମନ୍ତେ ସୃଷ୍ଟି ସମସ୍ତ ଜୀବ ଜଗତଠାରେ ତ୍ରିଗୁଣର ପ୍ରଭାବ ଅନୁଭୂତ ହୁଏ।

ମାନବ ଜୀବନର ଲକ୍ଷ୍ୟ ହେଲା ଆଧାତ୍ମିକ ଭାବର ଉନ୍ନତି ଓ ପରିଶେଷରେ ପରମ ପ୍ରାପ୍ତି। ଜୀବ ମୂଳରୁ ଭଗବତ ସ୍ତରରୁ ବିଚ୍ୟୁତ ହୋଇ ମାନବୀୟ ସ୍ତରକୁ ଆସିଅଛି। ଭଗବତ୍ ସ୍ତର କହିଲେ ସତ୍-ଚିତ୍-ଆନନ୍ଦର ସ୍ତର। ସତ୍-ଚିତ୍ ଓ ଆନନ୍ଦ ଅଂଶ ସହ ତ୍ରିଗୁଣ ଅଂଶର ସମ୍ମିଶ୍ରଣରେ ମାନବୀୟ ସ୍ତର ସୃଷ୍ଟି। ମାନବ ଶରୀର ପାଇଁ ସତ୍ କହିଲେ ପ୍ରଭୁଙ୍କ ଉପସ୍ଥିତି, ଚିତ୍ ହେଉଛି ମାନବର ଜ୍ଞାନ ଓ ଆନନ୍ଦ ହେଉଛି ଆହ୍ଲାଦିନୀ ଶକ୍ତି, ଯେଉଁ ଆନନ୍ଦ ପାଇଁ ଜୀବ ସର୍ବଦା ବ୍ୟାକୁଳିତ।


ସଂସାରଲୀଳା ପ୍ରଭୁଙ୍କର ମାୟାଶକ୍ତିର ଏକ ଉତ୍ସ। ପ୍ରଭୁଙ୍କ ଗୁଣକୀର୍ତ୍ତନ ପରେ ଭକ୍ତ ତାଙ୍କର ସ୍ମରଣ, ମନନ ତଥା ସ୍ୱରୂପ ଚିନ୍ତା କରିବା ସହ ସେଥିରେ ମଜ୍ଜି ଯେଉଁ ସମୟ ବିତାଏ ତାହା 'ସ୍ମରଣ ଭକ୍ତି', ଏହାଦ୍ୱାରା ମଧ୍ୟ ମାନବ ପରଂବ୍ରହ୍ମ ଭଗବାନଙ୍କ ସହ ଯୋଗଯୁକ୍ତ ହୋଇଥାଏ। ଅର୍ଚ୍ଚନ ବନ୍ଦନରେ ନିରନ୍ତର ଜଡିତ ରହି ଅହଙ୍କାରଶୂନ୍ୟ

ସ୍ୱ-ମମତାଭାବକୁ ଇଷ୍ଟଦେବଙ୍କ ପଦରେ ସମର୍ପଣ କରିବା ହିଁ 'ଆତ୍ମ ନିବେଦନ'। ଶେଷରେ ସେଇ ଅକଳ୍ପନୀୟ, ଅଚିନ୍ତନୀୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଉପସ୍ଥିତି ସବୁସମୟରେ, ସବୁସ୍ଥଳରେ ଶୁଭମୟ ହୋଇ ଏଇ ମାନବ ଜାତିର ରକ୍ଷା କରୁଥାଉ, ଏତିକି କାମନା।

କାରଣ, ଭାଗବତରେ ବର୍ଣ୍ଣିତ ହୋଇଛି -

ମନୁଷ୍ୟ ମୁଣ୍ଡେ ମୃତ୍ୟୁ ବସେ, ଆତ୍ମାକୁ ଅନୁକ୍ଷଣେ ଗ୍ରାସେ।
ଯାବତ୍ ମୃତ୍ୟୁ ଅଛି ହରେ, ସୁନ୍ଦର ଯୁବା କଳେବରେ।
ସାଧିବ ସକଳ ଶକତି, ଯେହ୍ନେ ଜଳିବ ବିଷ୍ଣୁଭକ୍ତି।
ଜୟ ଜଗନ୍ନାଥ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,
ସୃଜନିକା, ନିଳାଦ୍ରୀନଗର, ଡୁମୁଡୁମା (କ), ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୦୮୨୧୦୬



# ଶ୍ରୀ ଜଗନ୍ନାଥ: ଚେତନାଶୀଳତାର ପ୍ରତୀକ

ଡଃ ଫକୀର ମୋହନ ସାହୁ

ଉତ୍କଳୀୟ ପରମ୍ପରାର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଦୃଷ୍ଟିକୋଣରୁ ବର୍ଣ୍ଣନା କରାଯାଇଛି। ସିଦ୍ଧସାଧକମାନେ ତାଙ୍କୁ ବହୁ ଦୃଷ୍ଟିରୁ ଦେଖିଛନ୍ତି ଏବଂ ସାଧାରଣ ନରନାରୀ ତାଙ୍କ ମାହାତ୍ମ୍ୟର ବହୁ ଦିଗର ଅନୁଭବ ପାଇଛନ୍ତି। ତାଙ୍କର ବୈଚିତ୍ର୍ୟ ଓ ବିଶାଳତାର ପରିସୀମା ନାହିଁ। କୌଣସି କବି ବା ଲେଖକ ଏକ ସୀମିତ କଳେବର ମଧ୍ୟରେ ସେହି ଦିବ୍ୟ ସତ୍ତାର ପ୍ରକଟନ କରିପାରିବେ ନାହିଁ। ତଥାପି ତାଙ୍କର ବହିଃଲୀଳା ଓ ଅନ୍ତଃଲୀଳାର ଚିନ୍ତନ ହେଲେ ମନରେ ଯେଉଁ ଅପୂର୍ବ ଉଲ୍ଲାସ ସଞ୍ଚାରିତ ହୁଏ, ତାହାର ଅନୁଭବ ଏକ ସ୍ୱତନ୍ତ୍ର ଧରଣର ଅନୁଭୂତି।

ମନେହୁଏ, ଜଗନ୍ନାଥ ଏକ ପରିବ୍ୟାପ୍ତ ମନ ଓ ଚେତନା-ଶୀଳତାର ସ୍ୱର୍ଗୀୟ ପରିପ୍ରକାଶ। ସେ ଆମ ପାଇଁ ଏ ମାଟିରେ ବସି ରହିଛନ୍ତି। ମାଟିରୁ ବହୁ ଉର୍ଦ୍ଧ୍ୱରେ ସିଏ। ସେ ଗଣଦେବତା, ଅଥଚ ଗଣମାନଙ୍କର ବହୁ ଉର୍ଦ୍ଧ୍ୱରେ।

ପ୍ରଥମତଃ ଶ୍ରୀଜଗନ୍ନାଥ ମନୁଷ୍ୟର ପୂର୍ଣ୍ଣାଙ୍ଗ ଓ ପରିବ୍ୟାପ୍ତ ମନର (Total Mind) ଏକ ଚମତ୍କାର ଅଭିବ୍ୟକ୍ତ। ପରିବ୍ୟାପ୍ତ ମନ ସମ୍ପର୍କରେ ଆମ ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ। ଶୁକ୍ଳ ଯଜୁର୍ବେଦର ବାଜସ୍ନେୟୀ ସଂହିତାର ଚତୁସ୍ତ୍ରିଂଶ ଅଧ୍ୟାୟରେ ପ୍ରଥମ ଛଅ ଗୋଟି ଶ୍ଳୋକ ଶିବ ସଂକଳ୍ପ ସୂକ୍ତ ନାମରେ ପରିଚିତ। ସୂକ୍ତର ଅର୍ଥ ହେଉଛି ଉତ୍ତମ ରୂପେ ବ୍ୟକ୍ତ କରାଯାଇଥିବା କଥା। ଏହା ଦେବଦେବୀଙ୍କର ପ୍ରାର୍ଥନା ମଧ୍ୟ ହୋଇପାରେ। 'ଶିବ ସୂକ୍ତମ' ଶ୍ଳୋକର ପରିପୂର୍ଣ୍ଣ ମନର ଉପଲବ୍ଧି ଲାଗି ପ୍ରାର୍ଥନା କରାଯାଇଛି।

ଏହି ସୂକ୍ତକୁ ଆଧାର କରି ପରିପୂର୍ଣ୍ଣ ସ୍ୱୟଂସମ୍ପୂର୍ଣ୍ଣ ମନର ସ୍ୱରୂପ ଚିତ୍ରଣ କରାଯାଇ ପାରେ। ମନ ହେଉଛି ଭାବନାର ପ୍ରବାହ। ପ୍ରତିଟି ଭାବନା ଗୋଟିଏ ଗୋଟିଏ ଝଲକ୍ କିମ୍ବା ଜଳକଣା ସଦୃଶ। ଏହା କିୟତ୍ କାଳପାଇଁ ଆବିର୍ଭୁତ ହୁଏ, ପୁଣି ତିରୋହିତ ହୁଏ। କେବଳ ସମାଧି ଅବସ୍ଥାକୁ ବାଦ୍‌ଦେଲେ ଅନ୍ୟ ସମୟରେ ଏହା ପରିବର୍ତ୍ତିତ ହୋଇଚାଲିଥାଏ। ଗୋଟିଏ ଜଳବିନ୍ଦୁ ଶକ୍ତିହୀନ। କିନ୍ତୁ ଅସଂଖ୍ୟ ଜଳବିନ୍ଦୁ ଏକତ୍ରିତ ହୋଇ ଖରସ୍ରୋତା ନଦୀ ଅବା ସାମୁଦ୍ରିକ ଝଡର ରୂପ ନେଲା ପରି ଅଗଣିତ ଭାବନାର ସମାବେଶରେ ମନ ଶକ୍ତିଶାଳୀ ହୋଇଥାଏ।

ମନ ପଞ୍ଚଭୂତର ସୂକ୍ଷ୍ମ ଉପାଦାନକୁ ନେଇ ଗଠିତ ହୋଇଥାଏ। ଋଷି ଉଦ୍ଦାଳକ କୁହନ୍ତି ଯେ, ଆମେ ଖାଇବା ଖାଦ୍ୟର ସୂକ୍ଷ୍ମ ଅଂଶ (ହଜମ ପ୍ରକ୍ରିୟା ଶେଷ ହେବାପରେ) ହେଉଛି ମନ। ଆମେ କିଛିଦିନ ଖାଦ୍ୟ ଗ୍ରହଣ ନ କଲେ ଦୁର୍ବଳ ହୋଇଯିବା ଏବଂ ଆମେ ସ୍ମରଣ ସାମର୍ଥ୍ୟ ହରାଇ ବସିବୁ। ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀରରେ ଶକ୍ତି ଉତ୍ପନ୍ନ ହୁଏ ଓ ଆମେ ସକ୍ରିୟ ହୋଇଥାଉ। ସୁତରାଂ ଗୋଟିଏ ଦୃଷ୍ଟିରୁ ମନ ହେଉଛି ରୂପାନ୍ତରିତ ଖାଦ୍ୟ ଏବଂ ଭାବନା ଏହି ଜଡ ବସ୍ତୁର ସୂକ୍ଷ୍ମତର ରୂପ।

ମନର ଭିତ୍ତିଭୂମି ସମାନ ହେବା ସ୍ଥଳେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହୁଏ କିପରି ? ଜଣେ ପାପୀ ହେବା ବେଳେ ଅନ୍ୟ ଜଣେ କିପରି ପୁଣ୍ୟବାନ ହୋଇପାରନ୍ତି ? ପଞ୍ଚଭୂତର ବିଭିନ୍ନ ପ୍ରକାର ଯୋଗ ଓ ବିଭିନ୍ନ ପରିମାଣର ସଂଯୋଗ (Permutation and Combination) ବଳରେ ଭିନ୍ନତା ଉତ୍ପନ୍ନ ହୁଏ। ପୁଣି ଆମର ଆଧାତ୍ମିକ ତତ୍ତ୍ୱ ରଚିତ ସତ୍ତ୍ୱ, ରଜ ଓ ତମ ଗୁଣ ମଧ୍ୟରୁ ଜଣଙ୍କ କ୍ଷେତ୍ରରେ ଗୋଟିଏ ଗୁଣର ପ୍ରାଧାନ୍ୟ ଥିବା ସ୍ଥଳେ ଅନ୍ୟ ବ୍ୟକ୍ତିର ଅନ୍ୟଗୁଣର ଗୁରୁତ୍ୱ ରହିଥାଏ। ସୁତରାଂ ପ୍ରତିଟି ଭାବନା ଅନ୍ୟ ଭାବନାଠାରୁ ସ୍ୱତନ୍ତ୍ର, ପ୍ରକାରାନ୍ତରେ ପ୍ରତ୍ୟେକ ବ୍ୟକ୍ତିର ମନ ଅନ୍ୟ ଜଣଙ୍କଠାରୁ ଭିନ୍ନ।

ଅନ୍ୟ ପକ୍ଷରେ ପରିପୂର୍ଣ୍ଣ ମନର କିଛି ଅସମ୍ପୂର୍ଣ୍ଣତା ନାହିଁ। ଏହାର ପ୍ରଥମ ସ୍ୱରୂପ ହେଉଛି 'ଶୁଭ ସଂକଳ୍ପ'। ଏହା ସଦାସର୍ବଦା ସକାରାତ୍ମକ ଚିନ୍ତନରେ ପରିପୂର୍ଣ୍ଣ। ସ୍ୱପ୍ନ ଅବସ୍ଥାରେ ଏବଂ ଜାଗ୍ରତ ଅବସ୍ଥାରେ ଏହି ମନରେ ଶୁଭଙ୍କର ଭାବନା ରହିଥାଏ। ସେଥିପାଇଁ 'ଶୁଭ ସଂକଳ୍ପ' ସୂକ୍ତିର ପ୍ରଥମ ମନ୍ତ୍ରରେ ଏପରି ମନର ଅଧିକାରୀ ହେବାପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରାଯାଇଛି।

ଦ୍ୱିତୀୟ ମନ୍ତ୍ରରେ ଏକ ଚମତ୍କାର ଧାରଣାର ଆଭାସ ଦିଆଯାଇଛି। ଶୁଭ ଚିନ୍ତନର ଉତ୍ସ କ'ଣ ? କୁହାଯାଇଛି ଯେ, ନିଃସର୍ତ୍ତ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବାର ମନୋବୃତ୍ତି ହେଉଛି ପ୍ରକୃତ ସତ୍‌କର୍ମ। ଏହି ସତ୍‌କର୍ମ ହେଉଛି ଶୁଭଚିନ୍ତନର ଭିତ୍ତିଭୂମି। ବେଦ ବର୍ଣ୍ଣିତ ଯଜ୍ଞକର୍ମର ପ୍ରକୃତ ତାତ୍ପର୍ଯ୍ୟ ହେଉଛି ଜଗତର ମଙ୍ଗଳ ନିମିତ୍ତ ଅଭିପ୍ରେତ କ୍ରିୟାକର୍ମ। ଆମେ ଯେତିକି ପରିମାଣରେ ଖାଦ୍ୟ ଭକ୍ଷଣ କରୁଛୁ, ତାହାଠାରୁ ଅଧିକ ପରିମାଣର ଦ୍ରବ୍ୟ ଉତ୍ପାଦନ କରିବା ଏବଂ ଯେତିକି ଗ୍ରହଣ କରୁଛୁ, ତାହାଠାରୁ ଅଧିକ ଅର୍ପଣ

କରିବାର ମାନସିକତା ହେଉଛି ଯଜ୍ଞକର୍ମ।

ପରବର୍ତ୍ତୀ (ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ) ପର୍ଯ୍ୟାୟମାନଙ୍କରେ ପୂର୍ଣ୍ଣାଙ୍ଗ ମନର ସ୍ୱରୂପକୁ ଅଧିକ ସ୍ପଷ୍ଟ କରାଯାଇଛି। କୁହାଯାଇଛି ଯେ, ମନ ଅମାପ ଶକ୍ତିର ଅଧିକାରୀ। ଏହା ବହୁ ସମ୍ଭାବନାରେ ପରିପୂର୍ଣ୍ଣ। ବୁଦ୍ଧିର ସାହାଯ୍ୟରେ ମନ ବହୁ ଲକ୍ଷ୍ୟ ପୂରଣ କରିପାରେ। ଯଦିଓ ମନ ଏବଂ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଉପସ୍ଥିତ ଘଟଣା-କୈନ୍ଦ୍ରିକ ଭାବନା ନେଇ ସକ୍ରିୟ ଥାଏ, କିନ୍ତୁ ମନର କାର୍ଯ୍ୟକ୍ରମ ସମୟରେଖା ମଧ୍ୟରେ ସୀମିତ ନୁହେଁ। ଅତୀତର କଥା ସ୍ମରଣ କରିପାରେ, ବର୍ତ୍ତମାନର ଘଟଣା ବିଶ୍ଳେଷଣ କରିପାରେ ଏବଂ ଭବିଷ୍ୟତର କୌଣସି ରୂପରେଖ ପ୍ରସ୍ତୁତ କରିପାରେ। ଅନ୍ତଃକରଣ (ମନ; ବୁଦ୍ଧି; ଚିତ୍ତ ଓ ଅହଙ୍କାର) ପ୍ରକ୍ରିୟା ବଳରେ ଚିତ୍ତ ଉପାଦାନଟି ଅତୀତ ସହିତ ସଂଯୋଗ ରକ୍ଷାକରିବାରେ ସହାୟକ ହୋଇଥାଏ। ମନର ସ୍ୱରୂପର ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ନିୟନ୍ତ୍ରଣକାରୀ ଭୂମିକା। ଗୋଟିଏ ଚକ ଠିକ୍ ଗଡ଼ିବା ପାଇଁ ଏହାର ପହି ଦାୟୀ ନୁହେଁ। କେନ୍ଦ୍ରବିନ୍ଦୁରେ ଥିବା ମୂଳ ଅଂଶ (Hub)ଟି ଗୁରୁତ୍ୱପୂର୍ଣ୍ଣ। ଠିକ୍ ସେହିପରି ମନ ହେଉଛି ମୂଳ ଭିତ୍ତିଭୂମି; ଏହିଠାରୁ ହିଁ ସମସ୍ତ କାର୍ଯ୍ୟାରମ୍ଭ ହୁଏ। ମନର ସ୍ୱରୂପର ଆଉ ଗୋଟିଏ ବିଶିଷ୍ଟ ଦିଗ ହେଉଅଛି ମନ ବାହ୍ୟ ପରିବେଶ ଦ୍ୱାରା ପ୍ରତି ମୁହୂର୍ତ୍ତରେ ପ୍ରଭାବିତ ହେଉ ଥିଲେ ହେଁ ନିଜସ୍ୱ ଚେତନାଶୀଳ ଭିତ୍ତିଭୂମିରେ ଏହାର ବ୍ୟାପକ ପରିବ୍ୟାପ୍ତି ସଂଘଟିତ ହୋଇପାରେ।

'ଶୁଭ ସଂକଳ୍ପ'ର ଶେଷ ମନ୍ତ୍ରରେ ସୁଚିତ କରାଯାଇଛି ଯେ, ମନ ଅକଳ୍ପନୀୟ କୌଶଳର ଅଧିକାରୀ। ଶରୀର ଜରାଗ୍ରସ୍ତ ହୁଏ; କେଶ, ଦନ୍ତ ଓ ଅନ୍ୟସବୁ ଅଙ୍ଗ ପ୍ରତ୍ୟଙ୍ଗର କାର୍ଯ୍ୟକ୍ଷମତା ଦୁର୍ବଳ ହୋଇଯାଏ। ଶରୀରର ତତ୍ପରତା ହ୍ରାସ ପାଏ। ମାତ୍ର ମନର ସୃଜନଶୀଳତା ଅମାପ। ଏହାର ଗତି ଦ୍ରୁତତମ ଆଲୋକର ବେଗ ଠାରୁ ବି ଦ୍ରୁତତର। ସନ୍ଥ ତୁଳସୀଦାସ ମହାରାଜ ଅଶୀବର୍ଷରେ ରାମାୟଣ ରଚନା କରିଥିଲେ। ସନ୍ଥଜ୍ଞାନେଶ୍ୱରଙ୍କୁ ତଥାକଥିତ ପଣ୍ଡିତମାନେ ଥଟ୍ଟାକରି କହିଲେ - ତୁମକୁ ଲୋକ ଜ୍ଞାନୀ କହୁଛନ୍ତି। ପୁଣି ତୁମର ନାମ ହେଉଛି ଜ୍ଞାନର ମାଲିକ। ତମେ କୁଆଡେ ଅସାଧାରଣ ଗୁରୁ ? ତୁମେ କଅଣ ଷଣ୍ଢକୁ ବେଦାନ୍ତ ଶିକ୍ଷାଦେଇ ପାରିବ ? ଈଶ୍ୱରଙ୍କ ଆଶୀର୍ବାଦ ଏବଂ ମନର ବଳ ନେଇ ସନ୍ଥଜ୍ଞାନେଶ୍ୱର ଗୋଟିଏ ଷଣ୍ଢକୁ ଦିବ୍ୟସ୍ପର୍ଶ ପ୍ରଦାନକଲେ। ଷଣ୍ଢ ତତକ୍ଷଣାତ୍ ବେଦାନ୍ତର ଶ୍ଳୋକସବୁ ଆବୃତ୍ତି କରିବା ଆରମ୍ଭ କରିଦେଲା। ସୁତରାଂ ମନର ଶକ୍ତି ଓ ସମ୍ଭାବନା ଅପରିସୀମ।

ଶ୍ରୀଜଗନ୍ନାଥ ପରିପୂର୍ଣ୍ଣ ଓ ପରିବ୍ୟାପ୍ତ ମନର ପ୍ରତୀକ। ଯେଉଁମାନେ ମହାପ୍ରଭୁଙ୍କର ବିଗ୍ରହ ଦେଖିଛନ୍ତି, ସେମାନେ ଲକ୍ଷ୍ୟ କରିଥିବେ ଯେ, ତାଙ୍କର କାନ ନାହିଁ। ଆଖି ଅଛି ଅଥଚ ଆଖିର ପତା ନାହିଁ। ସେ ସଦାଜାଗ୍ରତ। ତାଙ୍କର ସ୍ଥିତି ଓ ପ୍ରକୃତି ଇନ୍ଦ୍ରିୟ-କୈନ୍ଦ୍ରୀକ ନୁହେଁ। ସେ ଇନ୍ଦ୍ରିୟର ବହୁ ଊର୍ଦ୍ଧ୍ୱରେ। ହାତଗୋଡ ପରି କାରକ ଅଙ୍ଗ ମଧ୍ୟ ନାହିଁ। ଏହାର ତାତ୍ପର୍ଯ୍ୟ ହେଉଛି ଭକ୍ତର ଅଭୀଷ୍ଟ ପୂରଣ ପାଇଁ ତାଙ୍କୁ ଯିବାକୁ ପଡି ନ ଥାଏ କି କର୍ମ କରିବାର ଅବକାଶ ନାହିଁ। ତାଙ୍କର ସଂକଳ୍ପ ମାତ୍ରେ ଭକ୍ତର ମନୋବାଞ୍ଛା ପୂରଣ ହୋଇଥାଏ।

ମହାପ୍ରଭୁ ଭକ୍ତମାନଙ୍କର ଅଭିଳାଷ କିପରି ପୂରଣ କରିଛନ୍ତି, ଆର୍ତ୍ତିରୁ ରକ୍ଷାକରିଛନ୍ତି ଏବଂ ଭକ୍ତକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ତାହା ଦାର୍ଢ୍ୟତା ଭକ୍ତି ଗ୍ରନ୍ଥରେ ପ୍ରାଞ୍ଜଳ ଭାବରେ ରୂପାୟିତ। ଭକ୍ତ ସାଲବେଗ, ରଘୁ ଅରକ୍ଷିତ, ଦାସିଆ ବାଉରି, ବନ୍ଧୁ ମହାନ୍ତି ଏବଂ ଅନ୍ୟ ସବୁ ଭକ୍ତମାନଙ୍କର ଜୀବନ ଚରିତରେ ଶ୍ରୀଜଗନ୍ନାଥଙ୍କର ମହିମା ପ୍ରକଟିତ ହୋଇଛି। କେବଳ ଅତୀତରେ ନୁହେଁ, ଏବେ ମଧ୍ୟ ଲକ୍ଷ ଲକ୍ଷ ଲୋକ ତାଙ୍କ କରୁଣାର ଅଧିକାରୀ ହୋଇ ଜୀବନରେ ସଫଳତା ପାଉଛନ୍ତି।

ଆମର ବ୍ୟକ୍ତିଗତ ମନରେ ସଙ୍କୋଚନ ଆଉ ସଂକୀର୍ଣ୍ଣତା ରହିଛି। ମାତ୍ର ପରିପୂର୍ଣ୍ଣ ମନର ସଙ୍କୋଚନ ନାହିଁ, ସଂକୀର୍ଣ୍ଣତା ନାହିଁ। ଜାତି, ଧର୍ମ, ଗୋଷ୍ଠୀ ଓ ସମ୍ପ୍ରଦାୟର ସୀମାରେଖା ସାଧାରଣ ମଣିଷକୁ କବଳିତ କରେ। କ୍ରିୟାକଳାପକୁ ପ୍ରଭାବିତ କରିଥାଏ। କିନ୍ତୁ ପରିବ୍ୟାପ୍ତ ମନ ଏ ସବୁ ସଂକୀର୍ଣ୍ଣତାରୁ ମୁକ୍ତ। ସେହି ଦିବ୍ୟଶିକ୍ଷାର ନିର୍ଘୋଷଣ ପାଇଁ ସମ୍ଭବତଃ ଶ୍ରୀମନ୍ଦିରରେ ମହାପ୍ରସାଦ ଗ୍ରହଣ ସମୟରେ ଜାତିଗତ ଭେଦଭାବକୁ ସ୍ୱୀକାର କରାଯାଏ ନାହିଁ। ବିଶ୍ୱ ଭାତୃତ୍ୱର ମନୋଭାବ ନେଇ ଲୋକେ ଦେବଦର୍ଶନ କରୁଛନ୍ତି, ପ୍ରସାଦ ଗ୍ରହଣ କରୁଛନ୍ତି ଏବଂ ନାମଜପ କରୁଛନ୍ତି।

ମାନସିକ ବ୍ୟାପ୍ତିର ସର୍ବଶ୍ରେଷ୍ଠ ପରିପ୍ରକାଶ ହେଉଛି ମହାପ୍ରଭୁଙ୍କର ଘୋଷଯାତ୍ରା ବା ରଥଯାତ୍ରା। ପ୍ରଭୁଙ୍କର ସହାନୁଭୂତିଶୀଳ ଏବଂ ସମ୍ବେଦନଶୀଳ ମନ କିପରି ଅପରିସୀମ, ତାହା ରଥଯାତ୍ରାର ବୈଶିଷ୍ଟ୍ୟରୁ ପରିସ୍ଫୁଟ ହୁଏ।

ଗ୍ରାମାଞ୍ଚଳର ଦୀନହୀନ ସାଧାରଣ ମଣିଷଠାରୁ ଆରମ୍ଭ କରି ଧନବାନ ଲୋକମାନଙ୍କ ପର୍ଯ୍ୟନ୍ତ, ଶିଶୁ ମାନଙ୍କଠାରୁ ଆରମ୍ଭକରି ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ, ଗୃହୀଠାରୁ ଆରମ୍ଭକରି ସନ୍ୟାସୀ ପର୍ଯ୍ୟନ୍ତ ତଥା ପାପୀଠାରୁ ଆରମ୍ଭକରି ପୁଣ୍ୟବାନ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ପ୍ରଭୁଙ୍କର ଦର୍ଶନରେ ସୌଭାଗ୍ୟପ୍ରାପ୍ତ ହୁଅନ୍ତି। ପ୍ରାଚୀର ଓ ମନ୍ଦିରର କାନ୍ଥ ଭିତରୁ ଠାକୁର ଓହ୍ଲାଇ ଆସନ୍ତି ଭକ୍ତମାନଙ୍କର ମେଳା ମଧ୍ୟକୁ।

ସୂକ୍ଷ୍ମଦୃଷ୍ଟିରୁ ବିଚାରକଲେ ଏହି ଘୋଷଯାତ୍ରା ଅପରିମେୟ ପରିପୂର୍ଣ୍ଣ ସମ୍ବେଦନଶୀଳ ମନର ଏକ ଦିବ୍ୟ ପରିପ୍ରକାଶ। ଏପରି ଏକ ସମାବେଶରେ ସମସ୍ତ ଜାଗତିକ ପାର୍ଥକ୍ୟର ଊର୍ଦ୍ଧ୍ୱକୁ ଗତି କରିବାର ଏକ ସୁନ୍ଦର ପ୍ରତୀକ। ଏକ ଊର୍ଦ୍ଧ୍ୱାୟିତ ଚେତନାର ଅଭିବ୍ୟକ୍ତି। ପ୍ରତିଟି ମନୁଷ୍ୟର ଶରୀର ମଧ୍ୟରେ ଗୋଟିଏ ବ୍ୟକ୍ତିଗତ ମନ ବନ୍ଦୀ ରହିଥିଲେ ମଧ୍ୟ ସେଇ ବନ୍ଧନକୁ ଭାଙ୍ଗି ସାମଗ୍ରିକ ମନ ଓ ବିଶ୍ୱଚେତନାରେ ସମନ୍ୱିତ ହେବାର ସମ୍ଭାବନା ରହିଛି, ରଥଯାତ୍ରାରେ ଏହି ମହାମନ୍ତ୍ର ପ୍ରତିଧ୍ୱନିତ। ଭକ୍ତମାନଙ୍କର ଜୟ ଜଗନ୍ନାଥ କୀର୍ତ୍ତନ ନୁହେଁ ଏହା ବିଶ୍ୱଚେତନାର ଜୟଧ୍ୱନୀ। ଏପରି ଦିବ୍ୟ ଅନୁଭବ ମନରେ ଅନୁଭବ ନୁହେଁ, ଏହା ଆତ୍ମାର ଚିରନ୍ତନ ଉପଲବ୍ଧି।

ରିସର୍ଚ୍ଚ ପ୍ରଫେସର, ଜାଭିୟର୍ସ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର, ୭୫୧୦୧୩

# ସିଏ ତୋ ସାଗର, ତୁ ତା'ର ଲହରୀ

ଡାକ୍ତର ଇନ୍ଦ୍ରମଣି ଜେନା

ଆମ ଗାଁର ଆଖଡା ଘରେ ତିନି ତିନି ଥର ନିଶାପ ହେଲାଣି। ଦିନ ଗଡି ଗଡି ଚାଲିଛି। ପାଞ୍ଚଥର ବସିଲେ ବି ସମାଧାନ ହେବ କି ନା ସେ ବିଷୟରେ ସମସ୍ତେ ସନ୍ଦିହାନ। ଏଇଟା ଚାଳିଶ ବର୍ଷ ତଳର ଜମି ବିକ୍ରି ଜନିତ ସମସ୍ୟା ଯାହା ଦେଶର କୋଉ ଅଦାଲତ ବି ସମାଧାନ କରିବାରେ ବିଫଳ ହୋଇସାରିଛନ୍ତି। କିନ୍ତୁ ଗାଁର ବିଷୟ ହୋଇଥିବାରୁ ପାଞ୍ଚଜଣ ମୁଖିଆ ତାକୁ ସମାଧାନ କରିପାରିବେ ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି। କଥାଟି ହେଉଛି ଏମିତି।

ତରୁ ପ୍ରଧାନ ତା ସ୍ୱାମୀ ରାହାସ ପ୍ରଧାନ ଦେହତ୍ୟାଗ କଲାବେଳକୁ ପିଲା ଦିଇଟାଙ୍କୁ ପାଞ୍ଚବର୍ଷ ଭିତରେ ହୋଇଥିବ। ବହୁ ଲୋକଙ୍କ ଉପଦେଶ ମାନି ତରୁ ନିଜର ଅବିବାହିତ ଦିଅର ସୁରେଶକୁ କାଚଖଡୁ ହୋଇ ଜୀବନ କଟାଉଥିଲେ। ଅଭାବରେ ପିଲାମାନଙ୍କୁ ପଢାଇବାପାଇଁ ରାହାସଙ୍କର ଗାଁ ମୁଣ୍ଡରେ ଥିବା କଣିକିଆ ଜାଗାଟିକୁ ଆମରି ଗାଁର ସଦେଇ ରାଉତରାଙ୍କୁ ବିକି ଦେଇଥିଲେ। ରେଜିଷ୍ଟ୍ରି କାଗଜପତ୍ରରେ ବିକ୍ରେତା ଥିଲେ ତରୁ ପ୍ରଧାନ ସ୍ୱାମୀ ସୁରେଶ ପ୍ରଧାନ। କୌଣସି ତହସିଲଦାର, ସେଟଲମେଣ୍ଟ ଅଧିକାରୀ ଦାଖଲଖାରଜ କରାଇପାରୁ ନ ଥିଲେ ସଦେଇଙ୍କ ନାଁରେ। ବହୁ ବର୍ଷର ମାଲି ମକଦ୍ଦମାରେ କିଛି ଫଳ ମିଳି ନି, ବରଂ ଗାଁ ଭିତରେ ଏଇ ଗାଁର ଦେବାନୀ ମକଦ୍ଦମାର ରଫା ହୋଇପାରିବାର କେବଳ ମାତ୍ର ଆଶା ଥିବାରୁ ସଦେଇ ରାଉତରା ଗାଁର ମୁଖ୍ୟ ପାଞ୍ଚଜଣଙ୍କୁ ନେହୁରା ହୋଇ ଆଖଡାଘରେ ବସାଇ ସମାଧାନର ବାଟ ଖୋଜୁଥିଲେ। ତାଙ୍କ ସହିତ ପଡୋଶୀ ପାଞ୍ଚଖଣ୍ଡ ଗାଁରେ ନ୍ୟାୟ କରିବାରେ ଖ୍ୟାତି ଅର୍ଜିଥିବା ସାଧୁ ସୁବୁଦ୍ଧିଙ୍କୁ ବି ମେଳ କରାଇଥିଲେ।

ଯୁଗ ବଦଳିବା ତାଳେ ତାଳେ ଲୋକମାନଙ୍କର ଅଭିସନ୍ଧି ବଦଳି ଗଲାଣି। ଜମି ଖଣ୍ଡେ ବିକିଦେଲେ ସେ ଦିନକ ପାଇଁ ବାଇୟା, ମୁସ୍ତରୀଠାରୁ ପଇସା ନେଇ ଯଥା ସମ୍ଭବ କିଛି ଖାଇ ଜୀବନ କାଳରେ ସେଇ ଜମି ପାଇଁ ମୁସ୍ତରୀର ସହାୟକ ହୁଅନ୍ତି। ନିଜ ସାତ ପୁରୁଷରେ କେହି ଦାବୀଦାର ହେବେ ନି ବୋଲି ପଣକରି ଲେଖି ସାକ୍ଷୀ ପ୍ରମାଣ ସହିତ ଟିପ ଚିହ୍ନ ଦେଇ କେତେ କୃତଜ୍ଞତା ଜଣାଇ ଥାଆନ୍ତି। ପୁଣି ଓଡିଶା ଓ ପୁରୀ ଜିଲାରେ ଏ ସବୁ ଏମିତି ବିଶ୍ୱାସର ସହ ହୁଏ, ଲୋକ ପାଞ୍ଚ ଦଶବର୍ଷ ଆଗରୁ ଜମିର ପଇସା ନେଇଯାଇଥିଲେ ବି ପରେ କଚେରୀ ଯାଇ ଜମି ରେଜିଷ୍ଟ୍ରି କରି ଦିଅନ୍ତି। ଏଇଟା ଗୋଟିଏ ଧାର୍ମିକ ବୁଝାମଣା, ବିଚ୍ୟୁତ କରିବା ଧର୍ମଦ୍ରୋହ ବୋଲି ଏଇ ଅଞ୍ଚଳରେ ଲୋକ କହନ୍ତି ଓ ଏମିତି ଜଣେ ଅଧେ ଧର୍ମଦ୍ରୋହୀ ଅଛନ୍ତି। ଲୋକମାନେ ତାଙ୍କୁ ହୀନ ଦୃଷ୍ଟିରେ ଦେଖନ୍ତି, ଜଗନ୍ନାଥ କିପରି ତାଙ୍କୁ କ୍ଷମା କରୁଛନ୍ତି ବୋଲି ମନରେ ଆଶ୍ଚର୍ଯ୍ୟ ହୁଅନ୍ତି।

ଏବେ ଆମ ଗାଁରେ ତରୁର କିଛି ଆପତ୍ତି ନାହିଁ ଜମିଟି ସଦେଇଙ୍କ ନାଁରେ ଦାଖଲ ଖାରଜ ହେବାକୁ, ସରକାର କରି ଦେଉ ନାହାନ୍ତି ସେଥିପାଇଁ ତାର ମନ ଦୁଃଖ। ସରକାରୀ ଅଧିକାରୀମାନଙ୍କ କହିବା କଥା ଜମି କିପରି ରେଜିଷ୍ଟ୍ରୀ ହେଲା, ଜମି ତ ରାହାସର, ଯଦି ତାଙ୍କ ଅନ୍ତେ ତାଙ୍କର ଭାର୍ଯ୍ୟା ବିକ୍ରୀ କରିଛନ୍ତି, ସିଏ ମୃତକ ମାଲିକଙ୍କ ସ୍ତ୍ରୀ ବୋଲି ପରିଚୟ ଲେଖିବା କଥା। ଯାହା ଚାଳିଶ ବର୍ଷ ତଳେ ହୋଇଗଲାଣି ତାହାର କିଛି ପ୍ରାୟଶ୍ଚିତ ନାହିଁ। ଜମି ସଦେଇଙ୍କ ନାମକୁ ଦାଖଲ ଖାରଜ ହୋଇପାରିବ ନି। ପୁଣି ରାହାସର ପିଲା ଦି ଜଣ ବଡ ହୋଇଗଲେଣି, ପାଟି ଖୋଲିଲେଣି। ସେଇ ଜମିର ଦର ଏବେ ଆକାଶଛୁଆଁ। ଏଠି ତ ଏବେ ଟିପ ମାରିଲେ ଲକ୍ଷ ଲକ୍ଷ। ଜମିବିକ୍ରୀ ଯେତେବେଳେ ଅସିଦ୍ଧ ହେବାକୁ ବସିଲାଣି, ସେମାନେ କାହିଁକି ମୌନ ରହିବେ?

ହେଲେ ବି ଗାଁ ସଭାରେ ସମାଧାନ କୋର୍ଟ କଚେରୀ ପରି ତିନିଥରରୁ ଚାରିଥରକୁ ଗଡିଲାଣି। ସମସ୍ତଙ୍କୁ ଏକଜୁଟ କରି ସଦେଇ ରାଉତରା ହାଲିଆ ହୋଇ ପଡିଲେଣି। ନିଜର ସେତିକି ସାହସ ନାହିଁ ଭଦ୍ରଲୋକମାନଙ୍କୁ କହିଦେବାକୁ, ଦୟାକରି ମୋବାଇଲ୍ ବନ୍ଦକରି ନିଶାପ କରନ୍ତୁ। ଏଇ ମୋବାଇଲ୍ ହି ନିଶାପ ଭାଣ୍ଡରା କରିବାକୁ ବସିଲାଣି। ପ୍ରଥମ ନିଶାପ ଦିନ ଦଶ ମିନିଟ୍ ଯାଇଛି କି ନା ସାଧୁ ସୁବୁଦ୍ଧିଙ୍କର ଘରୁ ଫୋନ୍ ଆସିଲା ଝିଅ ଟ୍ରେନ୍‌ରେ ଯାଉଥିବା ବେଳେ ମୋବାଇଲ୍ ତାର ନିରୁତ୍ତର ରହିଲା, ପରେ ସ୍ୱିଚ୍ ଅଫ୍। ଏଥିରେ କୋଉ ବାପା ନ୍ୟାୟ କରିବ। ଅବଶ୍ୟ ପରେ ଜଣା ପଡିଲା ଝିଅ ଠିକ୍‌ରେ ହାଇଦରାବାଦରେ ପହଞ୍ଚିଛି, ଫୋନ୍ କଲାବେଳେ ଶୋଇପଡିଥିଲା ଆଉ ପରେ ପରେ ଫୋନ୍‌ର ଚାର୍ଜ ସରିଯାଇଥିଲା।

ମାସେ ଖଣ୍ଡେ ଯିବାରେ ପୁଣି ଭଦ୍ରଲୋକମାନଙ୍କୁ ମେଳକ କରାଇ ପାରିଲେ ସଦେଇ। ବିଚରା କେତେ ନସର ପସର ହୋଇ କେତେ

ବାରଦୁଆର ଶୁଣ୍ଡିପିଣ୍ଡା ହୋଇ ଏମିତି ଥରକୁ ଥର ନିମନ୍ତ୍ରଣ କରିଚାଲିଥିବେ ? ଯାହାହେଉ, ଏଥରକ ଆଶାଥିଲା କିଛି ଗୋଟେ ଫଇସଲା ହୋଇଯିବ, କିନ୍ତୁ ପୁଣି ସେଇ କଥା ! ସରପଞ୍ଚଙ୍କ ଘରକୁ କେଉଁ ଓ୍ୱାର୍ଡରେ କୋଉ କାମରେ ଭିଜିଲାନ୍ସ ଚଢ଼ାଉ ହେବ ବୋଲି ଅସମର୍ଥିତ ଖବର ଆସି ପହଞ୍ଚିଛି । ଶୁଣୁଶୁଣୁ ସରପଞ୍ଚ ଡେଇଁ ଭାଗ୍ ।

ପ୍ରତିଥର କିଛି ଗୋଟାଏ ଘଟୁଛି, ଭଦ୍ରଲୋକମାନେ ଏକାଠି ବସି ପାରୁନାହାନ୍ତି । ଏ ଭିତରେ ତିନି ବର୍ଷ ଚାଲିଗଲାଣି । ରାଉତରା ଭଦ୍ରଲୋକମାନଙ୍କୁ ଏକାଠି କରିବାକୁ ନାକେଦମ ହୋଇପଡିଲେଣି । ସବୁଥର ସେଇ ମୋବାଇଲ୍ ଫୋନ୍ କାଳ ହେଉଛି ବୋଲି ସମସ୍ତେ ଜାଣି ଗଲେଣି । ନିଷ୍ପତ୍ତି ବି ନେଲେଣି ଆସନ୍ତାଥର କେହି ମୋବାଇଲ ଫୋନ୍ ଆଣିବେ ନାହିଁ । ହୋଇ ପାରୁନି ସେଇଟା । ମନ୍ଦିର ଭିତରକୁ ମନା ସତ୍ତ୍ୱେ ତ ଲୋକ ଲୁଚେଇ ସ୍ୱିଚ୍ ଅଫ୍ କରି ଘେନି ଯାଉଛନ୍ତି । ଏ ସଭା ତା ତୁଳନାରେ କଅଣ କି ?

ଏମିତି ଲାଗି ରହିଛି ଆମ ଗାଁ ନିଶାପ । ଯାହା ମୁଁ ଶୁଣିଛି ବାପା ଦାଦାଙ୍କଠାରୁ, ଏହି ପଞ୍ଚାୟତରେ ସଜ ନିଷ୍ପତ୍ତି ହୋଇଯାଏ, ଅତି ବେଶୀ ଡେରି ହେଲେ ମାମଲାଟିର ଦି ଥରରେ କଥା ଛିଡେ ଅବା ପଞ୍ଚାୟତ ଛାଡେ । କହିବା ବାହୁଲ୍ୟ, ଏହା ସବୁ ମୋବାଇଲ ଫୋନର କୃତି ।

ଛାଡନ୍ତୁ ଆମ ନିଶାପ କଥା, ଏ ମୋବାଇଲ୍ ଫୋନ୍ ବ୍ୟବସାୟ ପାଇଁ ଯାହା କରୁ ପଛକେ ଆମର ପ୍ରତିଷ୍ଠିତ ସାମାଜିକ ପଦ୍ଧତିଗୁଡିକୁ ବହୁ ଭାବରେ ପ୍ରଭାବିତ କରେ । ଖାଲି ସଭା ସମିତି କାହିଁକି, ଘରର ପାଞ୍ଚ କି ଛଅ ଜଣ ଖାଇବସିଲେ ସମସ୍ତେ ଭାତଥାଳୀ ଓ ଡାଲି ତରକାରିକୁ ନ ଚାହିଁ ଅନେଇ ବସିଥାଆନ୍ତି କଳାକାହ୍ନୁ ମୋବାଇଲଟିକୁ । ଏ ପରିସ୍ଥିତିରେ ତରକାରିର ସ୍ୱାଦ ଜାଣି ହୁଏ କି ନା ମନେ ରହିବା ସମ୍ଭବ ନୁହେଁ, କିନ୍ତୁ କେହି କିଛି ପ୍ରକାଶ କରିବା ଅବକାଶ ନାହିଁ କି କାହାର ଶୁଣିବାର ବି ଅବକାଶ ନାହିଁ । ଖାଇବାର ମଜାଟା ପୂରା ପାଣିଚିଆ ପଡିଗଲାଣି । ପରିବାରରେ ସବୁ ଚିନ୍ତାକୁ ଦୁଶ୍ଚିନ୍ତା କରିଦେଲାଣି ଏ ମୋବାଇଲ ଫୋନ୍ । ଜୀବନଯାତ୍ରାରେ ବହୁ ବିଭେଦ ସୃଷ୍ଟି କରୁଛି, ସନ୍ଦେହର ବୀଜ ବପନ କରୁଛି । ଦାମ୍ପତ୍ୟ ଜୀବନରେ ଯେତିକି ସମୟ ବଞ୍ଚାଇବାର ହିସାବ ଦେଉଛି, ସନ୍ଦେହ ଓ ଅବହେଳାର ସୂତ୍ର ଗଢି ତୋଳୁଛି । ପରିବାରର ବାପା ମାଆ ଭାଇ ଭଉଣୀ ତଥା ସମସ୍ତଙ୍କ ମଧ୍ୟରେ ଥିବା ଅନ୍ତରଙ୍ଗ ସମ୍ପର୍କର ଡୋରିକୁ ପୋପରା କରିଦେଇଛି । ବନ୍ଧୁତ୍ୱର ବନ୍ଧନ ଆଜି ଚିତ୍‌ପଟାଙ୍ଗ ହୋଇ ପଡିଛି । ପ୍ରଭୁ-ଭୃତ୍ୟ ସମ୍ପର୍କ ଆଜି ନରକରେ । ପରସ୍ପର ସମ୍ପର୍କର ସବୁ ସମାନୁପାତ ଛିଣ୍ଡାଇ ଦେଇଛି ମୋବାଇଲ୍ । ନିଜେ ମୋବାଇଲ୍ ଫୋନ୍ ରଖିଥିବା ବ୍ୟକ୍ତି, ନିଶ୍ଚୟ ଅନ୍ୟ ଜଣେ ମୋବାଇଲ୍ ଫୋନ୍ ଥିବା ବ୍ୟକ୍ତିଙ୍କୁ ସରଳ ଓ ନିଷ୍କପଟ ବୋଲି ମତ ଦେବାକୁ ଦ୍ୱିଧା ବୋଧ କରିବେ ।

ଏ ସବୁ ଦେଖି ଆଧୁନିକ ଜୀବନ କେତେ କର୍ମମୟ ଓ ସମୟଶୂନ୍ୟ ଭାବିଲେ ମନରେ ଶଙ୍କା ଆସେ । ଖୋଲାଫାଙ୍କିଆ ଭାବରେ କିଛି ସମୟ କଟାଇବା ତ ଦୂରର କଥା, କୌଣସି ଭାବନାରେ ମୁହଁ ଲାଖିଗଲେ ବଇରୀ ହୁଏ ହାତଘଣ୍ଟାଟି । ଓଃ, ଡେରି ହୋଇଗଲା ! ପଞ୍ଚେନ୍ଦ୍ରିୟ ନିଜ ଦିଗରେ କାମକରନ୍ତି । ମୂର୍ଖ କୁବିନ୍ଦ ତ ଦି ଗୁଣା ହୋଇ ଦି'ଟା ତନ୍ତରେ ଲୁଗାବୁଣିବାକୁ ବର ମାଗିଥିଲା ବୃକ୍ଷଦେବୀଙ୍କୁ । ଆଜିକା ମଣିଷ ପାଞ୍ଚଗୁଣା ହେବାକୁ ବରପାଇଛି । ଗୋଟିଏ କାନରେ ମୋବାଇଲ୍, ହାତରେ ଗାଡିର ଷ୍ଟିଅରିଂ, ଆଖି ସାମନାରେ କେତେବେଳେ ଟେଲିଭିଜନ୍ ତ ସାମନାରେ ପିମ୍ପୁଡିଧାରର ଆଗ ଗାଡି ଆଉ ରହିଗଲା ବାଲାନ୍ସ ଗୋଟିଏ କାନ, ଅବଶ୍ୟ କୌଣସି ହର୍ଣ୍ଣ ଶୁଣିପାରିବ, ହେଲେ ପାଞ୍ଚତାଳିଆ କୁବିନ୍ଦର ମନ କୋଉ ଆଡକୁ ଯିବ ? ବୋଲ କଲେ ହେଲା ।

ଆଜିର ଦୁନିଆ ଯୋଗସୂତ୍ରର ଦୁନିଆ । ସତକଥା, ଦୂରତ୍ୱ ଉଭେଇଯାଇଛି, କିନ୍ତୁ ଏହି ଦୂର ଜଗତକୁ ଦେଖି ମନ ମାରିବା ଛଡା ଆଉ ବେଶୀ କିଛି ଲାଭ ନାହିଁ । ଦୂରର ପୁଅ କି ବୋହୂର ଜ୍ୱର ହେଲେ, ଆମର ଏଠି ମୁଣ୍ଡବିନ୍ଧେ, ସେ ପଛେ ସେଠାରେ ଭଲ ହୋଇଯାଉ, ଏଠାରେ ଅସୁସ୍ଥତାର ଯେଉଁ ଖବରଟି ଦେଇଦେଲା ତାହା ଏତେ ସହଜରେ ଅପସରିବ ନାହିଁ । ଏମିତି ମଣିଷ ମନର ସନ୍ଦେହ ଓ ଭୟର ଗ୍ଲାନି ଲାଗି ରହୁଛି । କେତେ ଭୟଙ୍କର ଓ ବିଭତ୍ସ ଦୃଶ୍ୟ ଦେଖିବାକୁ ମିଳୁଛି, ମନେ ହୁଏ ଏଗୁଡିକ ନିର୍ମମ ବ୍ୟବହାରର ପ୍ରସାର ଘଟାଉଛି, ଦୂରଦର୍ଶନ ଷ୍ଟାଇଲ୍ ଅଜଣା ଭାବରେ ପ୍ରଚାରିତ ହେଉଛି, ମଣିଷ କ୍ରୂରରୁ କ୍ରୂରତର ଓ ଜଟିଳରୁ ଜଟିଳତର ହେବାରେ ଲାଗିଛି । ତୀବ୍ରଗତିର ସରବରାହ ଖାଲି ଗମନାଗମନ ଦ୍ରୁତତର କରି ଦେଇନି, ସାଙ୍ଗରେ ନେଇ ଆସିଛି ମୃତ୍ୟୁ ଓ ମହାମାରୀର ବିଭୀଷିକା । ଭୂତାଣୁ ନିଜର ରୂପ ବଦଳାଇ ଆତଙ୍କ ବିସ୍ତାର କରିଚାଲିଛନ୍ତି ।

ଆଜିର ଦୁନିଆରେ ସରଳତାକୁ ମୂର୍ଖତା ଭାବରେ ନିଆଯାଉଛି । ସତରେ ଏହି ଯୋଗସୂତ୍ରର ବୁଢିଆଣୀ ଜାଲ ଭିତରେ ରହି ଆମକୁ ଚଢା ଦାମ ଦେବାକୁ ପଡୁଛି । ଦୁଃଖର କଥା, ଏତେ ଗହଳି ଭିତରେ ଥାଇ ବି ଆମେ ନିର୍ଜନତାକୁ ମର୍ମେ ମର୍ମେ ଉପଲବ୍ଧି କରୁ, ଅସହାୟ ହୋଇ ବି ପ୍ରକାଶ କରିବାକୁ କୁଣ୍ଠାବୋଧ କରୁ । ଏମିତି ଲାଗେ, ମରୁଭୂମିର ଏକକ ପଥିକ ଭାବରେ ଆଗପଛର ଘମାଘୋଟ ଅସ୍ଥିରତା ଦେଇ ନିଜର ବଳହୀନ ପାଦ ଧୀର ଗତିରେ ଇତସ୍ତତଃ ବିଚରଣ କରୁଥିବାପରି । ସବୁଆଡୁ ଆହା ଚୁ ଚୁ ସେଇ କଷ୍ଟକୁ ଯେପରି ବଢେଇ ଦେଉଛି ।

ଦିନ ଥିଲା, ବାପା ମା ପିଲାମାନଙ୍କ ପାଖରେ ଶେଷ ଜୀବନ ବିତାଉଥିଲେ । ଆଜିକାଲି ସେଇ ପରିବାର ଆନ୍ତର୍ଜାତିକ ପରିବାରକୁ ଉନ୍ନୀତ ହୋଇଛି । ହାଏ ହାଲୋ ପରି ସୋଲା ଭାଷାର ଚାତୁରୀରେ ଖାଦ୍ୟ ପରଶିଲେ ରୁଚିବ ନାହିଁ । ସୁଦୂର ଆମେରିକାରୁ ପୁଅବୋହୂ ଦେହ ପା କଥା ବୁଝିଦେଲେ ଦୁଃଖ ଦୂର ହୋଇଯାଉଛି । ଘରେ ପଛେ କେହି ସାହା ନାହିଁ ଚାଲିବାପାଇଁ ସହାୟକ ବାଡିଟିକୁ କାନ୍ଥକଡରୁ ହାତରେ ଧରାଇବାକୁ । ସେଇ ପୁଅ ବୋହୂ ଯେ ମୁଖାଗ୍ନି ଦେବାକୁ ଆସି ପହଞ୍ଚିବାକୁ ତିନିଦିନ ଲଗାଇ ବାସିମଡା କରିଦେବେ, ସେଥିପାଇଁ ଦୁଶ୍ଚିନ୍ତା ନାହିଁ କାରଣ ଦେଖି ଦେଖି ଦେହସୁହା ହୋଇଗଲାଣି ।

ସତକଥା, ଆମ ପୂର୍ବପୁରୁଷମାନଙ୍କ ଅପେକ୍ଷା ଆମେ ବେଶ୍ ଅଧିକ ବୟସ ବଞ୍ଚୁ। ଅତ୍ୟଧିକ କାମ କରୁ। କାରଣ ଆମ ହାତରେ କରଣୀ ରହିଛି, କେତେ ଜଣଙ୍କର କାମ ଜଣେ କରିପାରେ। କିନ୍ତୁ ଆମେ ସ୍ୱାଧୀନ, କ୍ରୀତଦାସ ନୋହୁଁ। ଯଦି କିଏ ଉଦାହରଣ ଦିଅନ୍ତି, ଯନ୍ତ୍ରଯୁକ୍ତ ଓ କ୍ରୀତଦାସ ମଧ୍ୟରେ ଫରକ୍ ଅଛି, କ୍ରୀତଦାସମାନେ ସମ୍ପୂର୍ଣ୍ଣ ସଚେତନ ଯେ ସେମାନେ ସ୍ୱାଧୀନ ନୁହନ୍ତି। ଆଜିର ଯନ୍ତ୍ରଗ୍ରସ୍ତ ଜୀବନ ଦକ୍ଷତା ବଢାଇବା ଛଳରେ ମଣିଷର ମୁକ୍ତ ଓ ଚିନ୍ତାଶୀଳ ସମୟ ଉଚ୍ଛେଦ କରିଦିଏ। କେବେ ହେଲେ ଅଧିକ ଆୟୁର ଜୀବନ ଅଧିକ ସାଧନା ଦିଗରେ ଗତିକରିବାପରି ଦେଖାଯାଉନି। ଆମ ଇତିହାସ ପୃଷ୍ଠାର ଆଦିଶଙ୍କର ଓ ବିବେକାନନ୍ଦଙ୍କ ପରି ସାଧନାର କିୟଦଂଶ ବି ଚିନ୍ତା କରି ପାରିବାର ଧୃଷ୍ଟତା ମନକୁ ଆସେନି।

ମଣିଷର ମନଟା ପାଦ ପରି ଘଣ୍ଟାରେ ପାଞ୍ଚ କିଲୋମିଟର ଚାଲିବାକୁ ସକ୍ଷମ। ଅଥଚ ଆଜି ତାର ଦୈହିକ ଗତି କଳ୍ପନାତୀତ। ମାତ୍ର ତାର ମାନସିକ ଚିନ୍ତନ ଏତେ ବେଗରେ ଧାବିତ ହୋଇପାରେ ନାହିଁ। ଫଳ ସ୍ୱରୂପ ସବୁଜ ବନାନୀର କେବଳ ସବୁଜ ରଙ୍ଗ ଯାହା ଜଣାଯାଏ, ମାତ୍ର ବନାନୀ ପରିଦୃଷ୍ଟ ହୁଏନାହିଁ। ଇତିହାସ ଅଧ୍ୟୟନ କଲେ, ମନକୁ ଆସେ ସମୟ ସବୁର ସମାଧାନ କରିଚାଲିଛି ଆଉ ଧୀର ପାଣି ପଥର କାଟେ। କେହି କେହି ଆଜି ଜଣେ କବି କି ଲେଖକଙ୍କୁ ସମାଲୋଚନା କରି କହନ୍ତି, ଲେଖାର ପ୍ରସଙ୍ଗ ଆଜିକାର ହେବା ଦରକାର। କିନ୍ତୁ ଆଜିକାର ସଦା ଗଣତି ଦୁନିଆର ବର୍ତ୍ତମାନଟା କେବଳ ଖବରକାଗଜର। କବିତା କି ଗଳ୍ପ ପଢିଲେ, କ୍ରେଡିଟ୍ କାର୍ଡ ବଦଳରେ ଟଙ୍କା କି ସ୍ୱର୍ଣ୍ଣମୁଦ୍ରାର ବର୍ଣ୍ଣନା ଦେଖିଲେ ମନଟା ତୃପ୍ତ ହୋଇଯାଏ।

ଆଧୁନିକ ମଣିଷ ମୁଁ। ମନେକରେ ବିଶ୍ୱ ମୋର ପରିବାର। ମୁଁ ବିଶ୍ୱକୁ ବଞ୍ଚାଇବାକୁ ଅଭିଳାଷୀ, କିନ୍ତୁ ପରିପାର୍ଶ୍ୱ ବା ପରିବେଶ ଦାଉରୁ ନିଜକୁ ବଞ୍ଚାଇବାକୁ ସମର୍ଥ ନୁହେଁ। ଯନ୍ତ୍ରଯୁଗର କୃତ୍ରିମ ବଳୟ ମଧ୍ୟରେ ମୋର ବସତି। ସମାଜରେ ମୋର କଥିତ ଓ ଲିଖିତ ବାକ୍ୟବାଣ ଶସ୍ତା ହେଲେ ବି ଗଭୀର ଭାବରେ ମନକୁ ସ୍ପର୍ଶକରେ। ସଂସ୍କୃତି ଯାହା ମନକୁ ଆସିଲା ପାଗଳ ଭାବରେ ଗ୍ରହଣ କରେ, ପୁରୁଣାରୁ ନୂଆକୁ ଗ୍ରହଣ କରି ଅସ୍ୱସ୍ତି ବୋଧ କଲେ ବି ପଛକୁ ଫେରିବାର ଅବକାଶ ପାଏ ନି। ବୋଧହୁଏ, ମୋତେ ବହୁତ କହିବାର ଆଗ୍ରହ ରହିଛି, କିନ୍ତୁ ଧୈର୍ଯ୍ୟ ନାହିଁ କାହାକୁ ଶୁଣିବାକୁ। କ୍ରୋଧଟା ମନକୁ ଗ୍ରାସ କରି ବସିଛି।

ସବୁଠାରୁ ବଡ ଅନୁଭବ - ଭଗବାନଙ୍କୁ ମୋର ଡର ଉଭେଇଯାଇଛି।

ଯନ୍ତ୍ରର ଗଣତି ଯୁଗରେ ଆମର ଭଗବତ ପ୍ରେମ ସମ୍ବନ୍ଧରେ ଦି ପଦ ଆଲୋଚନା କରିବା ଦରକାର। ଜୀବନ ସତରେ କେତେ ଯେ ସମ୍ବାଦମୟ ହୋଇ ପଡିଛି। ସେଇ ସ୍ରୋତରୁ ଦିନଟିଏ ପାଇଁ କାର୍ଯ୍ୟବ୍ୟସ୍ତତା ନେଇ ବାହାରିଗଲେ କେତେ ବିବ୍ରତ ଲାଗୁଛି। ଆମର ଭାବନାଶକ୍ତି ରହିତ ହୋଇଗଲାଣି। ଆମେ ତର୍କସମ୍ବଳିତ ଦର୍ଶନ ଆଡକୁ ମନ ପୂରାଇବାକୁ ସମୟ ହିଁ ନାହିଁ। କିନ୍ତୁ ତଥ୍ୟଭିତ୍ତିକ ବିଜ୍ଞାନର ପରମାଣବିକ ସ୍ତରରେ ପ୍ରତିଟି ଖବର ରଖିବାରେ ସତର୍କ ରହିଛୁ। ଜୀବନର ବହୁବର୍ଷର ଅଭିଜ୍ଞତା ଭିତରେ ଯଦି ମୋ ମନକୁ ପ୍ରଶ୍ନ କରେ ସତରେ ଏ ସବୁ କଅଣ ମୋତେ ଜ୍ଞାନୀ କରିଛି ? ଏଗୁଡିକ କଅଣ ଆମର ବେଦ, ପୁରାଣ ଓ ସଂସ୍କୃତିଠାରୁ ଅଧିକ ଆନନ୍ଦଦାୟକ ? ମନର ସନ୍ତୋଷଦାୟକ ? ପରିପାର୍ଶ୍ୱ ଓ ପରିବେଶର ସମୃଦ୍ଧିକାରୀ ଧାରଣାରେ ପରିଚାଳିତ ?

ଆଜିର ମଣିଷ ଯେତେ ଚିତ୍କାର କରୁ ସିଏ ସ୍ୱାଧୀନ, ଗଣତାନ୍ତ୍ରିକ, ସାଂବିଧାନିକ, ସବୁଠି ସମାନ ଅଧିକାରୀ, କାହାକୁ ନିର୍ଭର କରେ ନି, କାହା ଜୀବନର ଅଂଶବିଶେଷ ନୁହେଁ, ଏଇଟା ତାର ଅନ୍ତରର ଭାଷା ନୁହେଁ। ସମାନ ଦାବୀ ବା ଅଧିକାର ଆସେ, ଯେଉଁଠି ଅସମାନତାର ଭାରସାମ୍ୟ ରହିଛି, ଗଣତନ୍ତ୍ର ସେଠାରେ ଉପାଖ୍ୟାନ ଯେଉଁଠି ସବୁ ସମାଧାନ ଅଗଣତାନ୍ତ୍ରିକ ପଦ୍ଧତିରେ, ସ୍ୱାଧୀନ ଚେତନା ଆସେ ଯେତେବେଳେ ପରାଧୀନତାର ଭୟ ରହିଥାଏ, ସମ୍ବିଧାନର ନାମ ଆସେ ଯେଉଁଠି ବେଶୀ ଅସମ୍ବିଧାନିକ ଧାରା ଆଦରି ନିଆଯାଏ। ସବୁ କରି ବି ବିଚ୍ୟୁତି, ବିଭ୍ରାଟ, ମଣିଷ ନିଜ ସ୍ୱଭାବରୁ ଉତ୍ତୁରିପାରିବ ନାହିଁ। ପ୍ରତିଟି ମଣିଷ ଆତ୍ମଚେତନା ନ ପାଇଲେ, ସାମାଜିକ ଜୀବନ ସମାନ ମତେ ସନ୍ତୁଳିତ ହେବା ଅସମ୍ଭବ।

କିଏ ଯଦି ମୋତେ ପ୍ରଶ୍ନ କରେ, ମୁଁ ଭଗବାନଙ୍କ ସ□ା ଅନୁଭବ କରେ କି ନା, ମୋତେ ଜଣାଯାଏ ଆମର ଜନଗହଳି ଓ ମନଗହଳି ଭିତରେ ଭଗବାନ ଚିପି ହୋଇ କେଉଁ କଣକୁ ପେଲି ହୋଇଗଲେଣି, ତାଙ୍କୁ ଠାବ କରିବା ସହଜ ନୁହେଁ। କିନ୍ତୁ ଭଗବାନ ଏମିତି ଅନୁଭବ, ସମୟ ନ ପଡିଲେ କେହି ତାଙ୍କୁ ବୁଝିପାରିବେ ନି, ଦେଖିପାରିବେ ନି। ଦୁନିଆଟାକୁ ସ୍ୱୟଂକ୍ରିୟ କରିଦେଇ ସିଏ ମଉନରେ ଚାହିଁ ରହିଛନ୍ତି, କିଏ ତାଙ୍କର ସତ୍ତା ଅନୁଭବ କରୁଛି। ନ କରିଲାବାଲାକୁ ଦଣ୍ଡ ଦେବା ତାଙ୍କର ନିୟମ ନୁହେଁ, ମାତ୍ର କେଜାଣି କାହିଁକି ସେଇ ନ ମାନିଲାବାଲା ମାନେ ତାଙ୍କ ସୃଷ୍ଟ ସ୍ୱୟଂକ୍ରିୟତା ବିରୁଦ୍ଧରେ ଯାଇ ହତାଶ ହୁଅନ୍ତି। ତାଙ୍କ ସ୍ୱୟଂକ୍ରିୟତାର ଅନୁଭବ ହିଁ ଭଗବତ ଧାରଣା।

ଏହା ସହିତ ଓଡିଶାବାସୀଙ୍କ ଜଗନ୍ନାଥଭକ୍ତି କେତେ ଶକ୍ତ ବା ଦୁର୍ବଳ ହୋଇଛି ସମୟସ୍ରୋତରେ ତାହାର ପର୍ଯ୍ୟାଲୋଚନା ନିଶ୍ଚୟ ଆବଶ୍ୟକ। ଗଣନା ବିଜ୍ଞାନ କେବେ ସୂଚାଉ ନାହିଁ କି ଜଗନ୍ନାଥଙ୍କୁ ଲୋକମାନଙ୍କର ଭକ୍ତି କମି ଯାଇଛି ବା କମିଯାଉଛି। ପୁରୁଷୋତ୍ତମ ପୁରୀର ବଡଦାଣ୍ଡରେ ଗହଳି ଏହାର ମାପକାଠି ନ ହେଲେ ବି ଲୋକ ମାନଙ୍କର ଭଗବାନ ଭକ୍ତି ନିଶ୍ଚିତ ବଢିଛି। ଆମେ ଜଗନ୍ନାଥଙ୍କୁ ଦେଖିଲେ ନିଜର ମାନସିକ ବ୍ୟକ୍ତ କରୁ। ମିଳିଲେ ସିଏ ଦିଅନ୍ତି ବୋଲି ମନରେ ଗର୍ବ ଆସେ। ନ ଦେଲେ ଅଭିମାନ ଆସେ। ତାଙ୍କର ନିର୍ନିମେଷ ଦୃଷ୍ଟି ମନରୁ ସବୁ ଗ୍ଲାନି ଧୋଇଦିଏ, ସିଏ ସବୁର କର୍ତ୍ତା, ପକ୍ଷୀଟିଏ ବଞ୍ଚାଇବାକୁ ମାନସରୋବରରେ ନିଭୃତ କୋଣରେ ଲୁଚାଇ ଗରୁଡ ଜଗନ୍ନାଥଙ୍କୁ ଯମଙ୍କ ବିରୁଦ୍ଧରେ ଅଭିଯୋଗ କରି ତାଙ୍କ ମୃଦୁହାସ ଦେଖିବା ପରି ଲାଗେ। ସତରେ ସିଏ ଯେପରି କହନ୍ତି ମୁଁ ତୁମଠାରେ ଯାହା ଜୀବନକାଳରେ ଘଟିବ ସବୁ ଲିପିବଦ୍ଧ କରିଦେଇଛି, ସମୟ କାଳକ୍ରମେ ଖୋଲି ଖୋଲି

ଚାଲିଛି, ବ୍ୟସ୍ତ ବିବ୍ରତ ହୁଅନାହିଁ। ଏହି ତତ୍ତ୍ୱ ଯିଏ ଉପଲବ୍ଧି କରିଛି ସିଏ ଜଗନ୍ନାଥଙ୍କୁ ବୁଝିଛି ବୋଲି ମୋର ଧାରଣା।

ଏହି ଭକ୍ତି ହେଉ ବା କିଛି ମାଗିବାର ମନୋବାଞ୍ଛା ନେଇ ଓଡିଶାବାସୀ ବେଦ ରଚିତ ହେବା ପୂର୍ବକାଳରୁ ଜଗନ୍ନାଥଙ୍କ ଆଶ୍ରିତ ହେବାର ଐତିହ୍ୟ ଶ୍ରବଣ କଲେ ମନର ଗଭୀରତମ ପ୍ରଦେଶରୁ ସନ୍ତୋଷର ଭାବ ଆସିଯାଏ। କାରଣ ଏହିକି ନିଜର ବହୁ ପୂର୍ବପୁରୁଷ ନିଶ୍ଚୟ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଆସି, କେତେ କଅଣ ମନାସି ଥିବେ। ମୋର ଦୃଢ ଧାରଣା ଆସୁଛି, ସେହି ଦୈବୀ ଶକ୍ତି ବଳରେ ମୁଁ ଆଜି ବଳୀୟାନ୍ ହୋଇ ଭୂପୃଷ୍ଠରେ ଅବତରଣ କରିଛି। ସେହି ଜଗନ୍ନାଥଙ୍କୁ ଦେଖିଲେ, ମୋର ପୂର୍ବପୁରୁଷଗଣ କିପରି ଜଣ ଜଣ ହୋଇ ଏଠାରେ କେତେ କେତେ ଧର୍ମରେ ତାଙ୍କୁ ସେହି ସମୟର ସ୍ରୋତରେ ଭାସି ଦେଖିଚାଲିଛନ୍ତି। ମୁଁ ଆଜି ତାଙ୍କୁ ବୈଷ୍ଣବ ଭାବରେ ଦେଖୁଛି, କିନ୍ତୁ ମୋର ଦୃଢ ମତ ସିଏ ସବୁର ଉପରେ। ସିଏ ସବୁ ଧର୍ମର କିନ୍ତୁ କେଉଁ ଧର୍ମର ନୁହଁନ୍ତି। ଧର୍ମର ଅଫିମ ନିଶାରେ କିଏ କେଉଁ ଧର୍ମରେ ଦେଖିଚାଲିଛନ୍ତି, ସିଏ କିନ୍ତୁ ସେଇ ପୂର୍ଣ୍ଣ ପୁରୁଷୋତ୍ତମ, ସେଇ ନିରଞ୍ଜନ, ଶୂନ୍ୟପୁରୁଷ। ପୁରୁଷୋତ୍ତମ ସିନା ତାଙ୍କର ବୈଦିକ ନାମ, ସିଏ କିନ୍ତୁ ପ୍ରାକ୍ ବୈଦିକ, ତାଙ୍କର ନାମ ଆମ ଆଦିମ ପ୍ରପିତାମହମାନେ କଅଣ ଦେଇଥିଲେ, ଆମକୁ ଜଣା ନାହିଁ। ତାଙ୍କୁ ଯେଉଁ ଭାବରେ ଦେଖି ନିଜ ଜୀବନ ସାର୍ଥକ କରିବାକୁ ସିଏ ତ ଆହ୍ୱାନ ଦିଅନ୍ତି। ଭକ୍ତ ତାଙ୍କୁ ଦର୍ଶନ କରେ ନି ସିଏ ଭକ୍ତକୁ ଦର୍ଶନ କରନ୍ତି, ଉଜାଣି ତା ମନଭିତରକୁ ପଶିଯାଆନ୍ତି। ତାକୁ ପ୍ରକୃତିସ୍ଥ କରନ୍ତି। ସେଇ ଚକାଡୋଳା ମନଭେଦୀ, ମର୍ମଭେଦୀ। ବାଟ ଦେଖାଇଦିଅନ୍ତ ମାନବିକତାର, ବଞ୍ଚିରହିବାର ପଥ ଓ ଆତ୍ମଚେତନା। ସେହି ସନାତନ ସଂକେତରେ ତାଙ୍କର ଗଠନ, ତାଙ୍କର ରୂପ। ବସ୍ତୁବାଦର ବହୁ ଉର୍ଦ୍ଧ୍ୱରେ, ଅଧ୍ୟାତ୍ମବାଦର ଶୀର୍ଷରେ ପୁଣି ଚେତନାର ସର୍ବାଗ୍ରେ।

ଯାହାହେଲେ ବି ମନେ ହୁଏ ସିଏ ହିଁ ସାଗର, ଆମେମାନେ ପ୍ରତ୍ୟେକ ତାଙ୍କର ଲହରୀ।

ସମାରୋହ
୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦
ମୋ : ୯୪୩୮୦୦୭୫୦୯



# ନମଙ୍କ ବାହାଘର ଭୋଗ

**ଆରିଆ ରାଉତରାୟ**

ଗୁରୁବାର। ଗଲା ଜୁନ୍ ମାସ ୧୬ ତାରିଖ।

ସକାଳୁ ନମଙ୍କ ଭୋଗ ଖାଇବାକୁ ଭାରି ଇଚ୍ଛା ହେଲା। ନମଙ୍କ ଭୋଗର ଡାଲି କଥା ମନେ ପଡିଲେ ପାଟିରୁ ଲାଳ ଗଡେ।

ଅଜାଙ୍କୁ କହିଲି।

ଅଜା କହିଲେ, ଆଜି ତ ଡ୍ରାଇଭର ଅଙ୍କଲ ନାହାନ୍ତି। କାହା ହାତରେ ଭୁବନେଶ୍ୱର ମନ୍ଦିରରୁ ପ୍ରସାଦ ମଗାଇଦେବା।

ମୁଁ କହିଲି, ମୋର ପୁରୀରୁ ନମଙ୍କ ଭୋଗ ଖାଇବାକୁ ଭାରି ଇଚ୍ଛା।

ଆମେ ପୂରା ଭୁଲିଗଲୁ ଭୋଗ ଆଣିବା କଥା। ମୁଁ କହିଦେଇ ବି ଭୁଲି ଯାଇଛି ନମଙ୍କ ଭୋଗ ଖାଇବା କଥା।

x x x x x

ରାତିରେ ଖାଇ ବସିବାକୁ ଯିବାବେଳକୁ ଦେଖିଲୁ, ଗୋଟିଏ ବଡ ତାଳପତ୍ର ପେଡିରେ ଆଠଟି ବଢାରେ ଅନ୍ନ, କାନିକା, ଖେଚୁଡି, ଡାଲି, ଡାଲମା, ବେସର, ମହୁର, ଖଟା ପୂର୍ଣ୍ଣ ହୋଇ ଆମପାଇଁ ଥୁଆ ହୋଇଛି। ଆମର ଅଜାଣତରେ ପୁରୀରୁ ଆଚାର୍ଯ୍ୟ ଅଜା ଆଣି ରଖିଛନ୍ତି। ସେ ତାଙ୍କ ପୁରୀ ଯାତ୍ରୀନିବାସ ଘରୁ ସେଇ ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଆସିଛନ୍ତି।

ସମସ୍ତେ ଆଗ ପେଟ ପୂରାଇ ମନଭରି ଖାଇଲୁ, ବଳକା ସାଇଭାଇରେ ବା□ଦେଲୁ।

ମୁଁ ଦି ଥର ଡାଲି ଖାଇଲି। ବଡ ସୁଆଦିଆ ଲାଗୁଥିଲା ସେ ଦିନ ଡାଲି।

ଅଜା ଫୋନ୍ କରି ଆଚାର୍ଯ୍ୟ ଅଜାଙ୍କୁ କଅଣ ପଚାରିଲେ।

ମୋତେ କହିଲେ, ଜାଣିଲୁ ମାମୁଲି, ଆଜି ଶ୍ରୀଜଗନ୍ନାଥଙ୍କର ରୁକ୍ମିଣୀ ବାହାଘର ପର୍ବଥିଲା।

ବରଯାତ୍ରୀ ଖାଇବା ପରି ସତରେ ସେଦିନ ଆମକୁ ଲାଗୁଥିଲା।

ଛାତ୍ରୀ, ଦ୍ୱିତୀୟ ଶ୍ରେଣୀ, ଡିଏଭି ପବ୍ଲିକ୍ ସ୍କୁଲ,
ପୋଖରୀପୁଟ, ଭୁବନେଶ୍ୱର
ସମାରୋହ, ୧୨୮, ଡୁମୁଡୁମା (କ)
ଖଣ୍ଡଗିରି, ଭୁବନେଶ୍ୱର-୩୦



# ନେଇ ଯା କାଳିଆ ମୋତେ ପାଖକୁ ତୋର

ନରେନ୍ଦ୍ର ପଣ୍ଡା

କାଳିଆରେ..........କାଳିଆରେ...... କାଳିଆ
ନେଇଯା କାଳିଆ ମୋତେ ପାଖକୁ ତୋର । ଘୋଷା ।

ଏ ମିଛ ସଂସାରେ ଆଉ ଜିଇଁବାକୁ ଇଚ୍ଛା ନାହିଁରେ ମୋର
ନେଇ ଯା କାଳିଆ ମୋତେ ପାଖକୁ ତୋର ।

କାଳିଆରେ.........
ଦୁନିଆଟା ଏବେ ମିଛ ଖାଲି ମିଛ ସବୁ କିଛି ପାପମୟ
ସେପାଇଁ କାଳିଆରେ ଜିଇଁବାକୁ ଆସେ ପ୍ରାଣରେ ଭୟ ।
କାଉ ଶାଗୁଣା ଆମ ଶବ ସିନା ଖାଆନ୍ତି ଖୁଣ୍ଟି
ମଣିଷ ହୋଇତ ନିତି କାଟୁଛନ୍ତି ଜିଅନ୍ତା ତଣ୍ଟି ।
ପୁଣ୍ୟ ତ ମିଳେନି ଏଠି,
ପାପ ରାକ୍ଷସର ଚାଲିଛି ଖେଳ
ନେଇ ଯା କାଳିଆ ମୋତେ ପାଖକୁ ତୋର ॥

କାଳିଆରେ ...
ପଶୁପକ୍ଷୀଙ୍କର ଜାତିଭେଦ ନାହିଁ ଏକତାରେ ଥାଏ ବଳ
ମଣିଷମନରେ ରାଗ ଅହଂକାର ହିଂସା ରକତର ଖେଳ ।
ଗୁପତରେ ଚୋରି, ନାରୀ ପୁଣି ଜୁଆଖେଳେ ସିଏ ମାତେ
ନ ଅଛି ଧରମ ବିଚାର କାହିଁ ତାର ଛୁପା ଅଧରମ ପଥେ ॥
ମିଛପାପ ବିଷ ପିଇ
କେମିତି ଜିଇବି କହ କଳାଠାକୁର ?
ନେଇ ଯା କାଳିଆ ମୋତେ ପାଖକୁ ତୋର ॥
କାଳିଆରେ ...

କଳାରାହାଙ୍ଗ, ମଞ୍ଚେଶ୍ୱର, ୭୫୧୦୨୧
ମୋ- ୯୦୪୦୧୦୫୦୫୩

# ସର୍ବନାମ

**ଡ. ଶାରଦା ରଥ**


କେଉଁ ନାମ ଧରି ଡାକିବି ତୁମକୁ ତୁମେ ହିଁ ସର୍ବନାମ,
ତୁମେ ଓଁକାର, ତୁମେ ଅକ୍ଷର, ତୁମେ କୃଷ୍ଣ ତୁମେ ରାମ।

ଧରି ଭିନ୍ନ ଭିନ୍ନ ନାମ ଓହ୍ଲାଇ ଆସିଛ ଏ ଧରାରେ,
ଦୁଷ୍ଟ ନିବାରି, ସନ୍ଥ ପାଳି, ଧର୍ମ ଥାପିଛ ଯୁଗେଯୁଗେ।

ତୁମେ ଅଟ ଯୀଶୁ, ତୁମେ ଅଟ ବୁଦ୍ଧ, ତୁମେ ହିଁ କୋରାନ୍,
ତୁମେ ହିଁ ଈଶ୍ୱର, ତୁମେ ଅଟ ଏକମାତ୍ର ଭଗବାନ।

ଜଣାନାହିଁ ଧାମ ତୁମର, ତୁମେ ବ୍ୟାପିଛ ସବୁଠାରେ,
ଖୋଜିବୁଲେ ମିଛେ ତୁମକୁ ମୁଁ ଚର୍ଚ୍ଚ, ଗିର୍ଜା, ମନ୍ଦିରରେ।

ଦେଖାଦିଅ ମୋତେ ଶୟନେ ସ୍ୱପନେ କି ବା ଜାଗରଣେ,
ଭଜୁଥାଏ ତୁମକୁ ମୁଁ ରଖି ଶିର ତୁମରି ଚରଣେ।



(୨)

# ଅନ୍ତରାତ୍ମା

ରେ ଆତ୍ମନ୍!
ତୁ ଅଟୁ ଅବ୍ୟୟ, ତୁ ଅଟୁ ଅବିନାଶୀ,
ତୁ ଅଟୁ ଅଚିନ୍ତ୍ୟ, ନିତ୍ୟ-ସୁନ୍ଦର,
ତୁ ଅଟୁ ଅପ୍ରମେୟ, ତୁ ଅଟୁ ଦେହୀ।
ତୋତେ ତ କେହି ପାରେନା ବାନ୍ଧି,
ତୁ ତ ବାନ୍ଧି ହୋଇ ରହୁନା,
ତୁ ତ ଅମର, ଅଜୟ,
ନାହିଁ ତୋର ଅନ୍ତ, ମଧ୍ୟ, ଆଦି।
ତୁ ତ ପର-ଅପର ଉର୍ଦ୍ଧ୍ୱରେ,
ତୁ ତ ଚର-ଅଚର ମଧ୍ୟରେ,
ତୁ ତ ଅଦୃଶ୍ୟ, କେହି ତୋତେ ଦେଖିପାରେନା,
କେବଳ ଅନୁଭବୀର ଅନୁଭବ ତୁ।
ତୁ ତ ଅଟୁ ଅକ୍ଷୟ, ଅମର,
ପାଣିରେ ବୁଡୁନା,
ପବନ ନିଏ ନି ତୋତେ ଉଡାଇ,
ନା ଅନଳ କରେ ତୋତେ ଦଗ୍ଧ,
ତୁ ଅଟୁ ନିର୍ମଳ, ନିରାକାର, ଜୀବର ଜୀବନ,
ଆତ୍ମ-ଜିଜ୍ଞାସାର ବସ୍ତୁ, ଆତ୍ମୋପଲବ୍ଧିର ଅନୁଭୂତି।
କେତେ ସହଜରେ ଭାଙ୍ଗିଦେଉ,
ସବୁ ଅନିତ୍ୟ-ଅଳୀକ ସମ୍ପର୍କ,
ନ ମାନି ବାଧା ବନ୍ଧ,
ଜୀବପକ୍ଷୀ, ଉଡିଯାଉ ତୁ
ମିଶିବାକୁ ପରଂବ୍ରହ୍ମରେ।

**ପ୍ରାକ୍ତନ ପ୍ରଫେସର,**
ରାଜନୀତି ବିଜ୍ଞାନ, ଉତ୍କଳ ବିଶ୍ୱବିଦ୍ୟାଳୟ,
୧୧୮, ସହିଦନଗର, ଭୁବନେଶ୍ୱର-୭୫୧୦୦୭
ମୋ-୯୪୩୭୨୧୧୫୯୪

# ହଟିଆ ଗୋସେଇଁ ହଟ କରନାହିଁ

**ଡ. ବିଜୟଲକ୍ଷ୍ମୀ ମହାନ୍ତି**

ସୁପ୍ରିୟା ପୁରୀ ବାଲିସାହିରେ ରହନ୍ତି। ଲେଡି ଡାକ୍ତର ସୁପ୍ରିୟା ଦାସ। କଟକରୁ ଡାକ୍ତରୀ ପାଠ ସାରିବାର ପାଞ୍ଚବର୍ଷ ବିତି ସାରିଲାଣି। କଟକରୁ ଆସି ପୁରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରିବାର କେତେବର୍ଷ ହୋଇଗଲାଣି। ପୁରୀକୁ ବଦଳି ହେବାରେ କିଛିଟା ଦୁଃଖ ନ ଥିଲା ସୁପ୍ରିୟାର। ତଥାପି କେହି ସରକାରୀ କର୍ମଚାରୀ ନିଜ ଇଚ୍ଛା ଅନୁସାରେ ବଦଳି ହୋଇ ନ ଥିଲେ କାହିଁକି କେଜାଣି ଦଣ୍ଡିତ ହେବାପରି ଲାଗେ। ହଠାତ୍ ଦିନେ ଦେଖିଲା ବେଳକୁ ପୁରୀ ବଦଳି। ପୁରୀ ବଦଳିକୁ ଅନେକ ସ୍ୱାଗତ କରନ୍ତି। ମାମୁଁଘର ଯେମିତି ଖୋଲାଫାଙ୍କିଆ, ମାମୁଁ ଘରର ପିଲାମାନେ ଯେମିତି ମିଶିବା ଆଗରୁ ବି ଅନ୍ତରଙ୍ଗ ସେମିତି ଓଡିଆମନ ପୁରୀକୁ ଆସିବା ସ୍ୱାଗତ କରେ। ମନରେ ଥାଏ ବଡଠାକୁର ଦର୍ଶନ ମନଭରି କରିବାର ଅବକାଶ ମିଳିବ। ପୁରୀ ପରି ବୈକୁଣ୍ଠ ମିଳିବ କେଉଁଠି ଆଉ ?

ସୁପ୍ରିୟା କିନ୍ତୁ ଏହି ବଦଳିକୁ ନିଜର ପରମ ସୌଭାଗ୍ୟ ବୋଲି ମନେକଲା, ବଡଠାକୁରଙ୍କର ଦୟା ବୋଲି ଧାରଣା କଲା। ଡାକ୍ତରାଣୀ ହେଲେ କଅଣ ବଡଠାକୁରଙ୍କୁ ଭକ୍ତି ନାହିଁ? ଜ୍ଞାନ କଅଣ ଭକ୍ତି ଓ ଆଧାତ୍ମିକତା ମନରୁ ମୂଳପୋଛ କରିଦିଏ ? ନା, ମନର ବିଭିନ୍ନ ଭାଗରେ ଏହି ଗୁଣ ଗୁଡିକ ଥାଆନ୍ତି। ସବୁ ଉପାଦାନ ଗୁଡିକ ନିଜ ନିଜର ସମନ୍ୱୟ ରଖିଥାନ୍ତି। ସୁପ୍ରିୟା ନିଜର ମନର କୋମଳତା ଭିତରେ କେବେ ଦାରୁଣ ଆଖିଦେଖା ଚିକିତ୍ସା ପାଠରେ ମନରୁ ଭକ୍ତିକୁ ଦୂରେଇ ଦେଇନି। କେବେ ବି ଏମିତି ଭକ୍ତିର ବିରୋଧାଭାବ ଶୁଣିଲେ ତାର ମନେ ପଡିଯାଏ ଘରେ ବାପା ମା କେତେ ମୁଣ୍ଡିଆ ମାରନ୍ତି ଠାକୁରଙ୍କୁ। ସେଇ ବଡଠାକୁରଙ୍କ ମୁହଁଟି ମନେପଡିଗଲେ, ସବୁ ଭକ୍ତି କୁଆଡୁ ଆସି ପୁଣି ମନଭରିଯାଏ। ମନରେ ସିଏ କେମିତି ଦୃଢ ଯେ ସେଇ ବଡଠାକୁର ସବୁ କରାନ୍ତି। ଏ ବଦଳି କଅଣ ସିଏ କରିଥିବେ ? ଏମିତି କରିବା ଯଦି ବି ସମ୍ଭବ ନୁହେଁ, ତଥାପି ସବୁ ତାଙ୍କର କରୁଣା।

ପୁରୀ ବ୍ୟତୀତ ଆଉ କୌଣସି ସ୍ଥାନକୁ ବଦଳି ହୋଇଥିଲେ ସୁପ୍ରିୟା ପକ୍ଷରେ ଗ୍ରହଣୀୟ ହୋଇ ପାରି ନ ଥାଆନ୍ତା। ଯାହା ହେଲେ ବି ବାପା ପୁରୀରେ ଛୋଟ ଘରଟିଏ କରିଛନ୍ତି। ବାପା ପୁରୁଷୋତ୍ତମ ଦାସ, ଜଣେ ଲାଇବ୍ରେରିଆନ୍। ପୋଷ୍ଟିଂ ତାଙ୍କର ଭୁବନେଶ୍ୱରର ସରକାରୀ କଲେଜ ମାନଙ୍କରେ। ନିଜେ ଜୀବନର ଶେଷକାଳ ପୁରୀରେ ରହିବାର ସ୍ୱପ୍ନ ରଖିଛନ୍ତି। ଚାକିରି ସରିବାକୁ ଅଳ୍ପ କେତେ ମାସ ଅଛି, ତା ଆଗରୁ ସୁପ୍ରିୟାର ପୁରୀ ବଦଳି ନିଶ୍ଚିତ ଆନନ୍ଦର କଥା। ସୁପ୍ରିୟା ଭାବେ ବାପା ମା ଏବେ ଦୁଇଭାଇଙ୍କର ସବୁକାମ ସାରିଦେଇଛନ୍ତି। ବଡଭାଇ ସୁଦର୍ଶନ ତ ତାଙ୍କ ଇଞ୍ଜିନିଅରିଙ୍ଗ୍ ପାଠ ସାରି ଅନୁଗୁଳ ନାଲକୋରେ କାମ କରନ୍ତି। ଭାଉଜ ବି ସେଠିକାର ଇଂଲିଶ ମିଡିୟମ ସ୍କୁଲରେ ପିଜିଟି ଅଛନ୍ତି। ପୁଅଝିଅ ଦୁଇଜଣ ସ୍କୁଲକୁ ଗଲେଣି। ଆଉ ସାନ ଭାଇ ନିର୍ମାଲ୍ୟ, ଗଲାବର୍ଷ ବାହାଘର ହେଲା। କ୍ଷୀର ଭାଉଜତ ଭାଇଙ୍କ ଅଫିସରେ ହିଁ କାମ କରନ୍ତି। ଉଭୟ ବାଙ୍ଗାଲୋରର ମାଇଣ୍ଡଟ୍ରି ହେଡ୍ ଅଫିସରେ ଅଛନ୍ତି। ଦୁଇଜଣ ଗୋଟିଏ ଇଞ୍ଜିନିୟରିଙ୍ଗ୍ କଲେଜରୁ ଉତ୍ତୀର୍ଣ୍ଣ ହୋଇ ପ୍ଲେସ୍‌ମେଣ୍ଟ ପାଇଛନ୍ତି ଗୋଟିଏ ଜାଗାରେ। ଯିଏ ହେଲେ ବି ଭାବିବ ଏଇଟା ଦଇବକୃତ। ସେମାନେ ବେଶ୍ ଆନନ୍ଦରେ ଅଛନ୍ତି।

ଏବେ ପୁରୀରେ କାମ କରିବା ଦିନଠାରୁ ମନକୁ ଦମ୍ଭ କରୁଛି ସୁପ୍ରିୟା। ଥରେ ଜଗନ୍ନାଥଙ୍କୁ ଦେଖି ଆସିଲେ ମନରେ ସବୁ ଦୁଶ୍ଚିନ୍ତା କୁଆଡେ ଅପସରିଯାଏ। ଦୁଃଖୀରୋଗୀଟିଏ ଦେଖିଲେ, ବହୁତ ମନକୁ ଆସେ ଯେମିତି ବଡଠାକୁର ତାକୁ ପଠାଇଛନ୍ତି ସୁପ୍ରିୟାର ଭକ୍ତିର ପରୀକ୍ଷା ନେବାକୁ। ମନଟାଣ କରି ସିଏ ଗରିବ ଗୁରୁବାଙ୍କୁ ଯଥୋଚିତ ସାହାଯ୍ୟକରେ। ସେଥିପାଇଁ ଡାକ୍ତରଖାନାରେ ତା ଆଉଟ୍‌ଡୋର୍‌ରେ ବେଶୀ ଦୁଃସ୍ଥ ଦିନ ମଜୁରିଆ ରୋଗୀ। କାମ ସେମାନଙ୍କର ସର୍ବସ୍ୱ ଆଉ ହାତ ଗୋଡ ସୁସ୍ଥ ରହିଲେ ହିଁ ପେଟ ଭରିବେ। ସେମାନେ ଦରିଦ୍ରନାରାୟଣ। ସେମାନେ ପ୍ରକୃତ ରୋଗୀ, ଧୈର୍ଯ୍ୟର ସହ ଅପେକ୍ଷା କରିବେ। ଏମାନଙ୍କପାଇଁ ସୁପ୍ରିୟାର ଦରଦ ରହିଛି। ପାଠ ଅନୁସାରେ ସବୁଠାରୁ ଦାମୀ ଔଷଧ ଲେଖି ବସିଗଲେ ଏମାନେ ଆରୋଗ୍ୟହେବା ଜନ୍ତୁ ନୁହଁନ୍ତି। ଏମାନଙ୍କ କିଣିବାର ଶକ୍ତି ଓ ଆନ୍ତରିକତା ବୁଝି ଜରୁରୀ ମନେକଲେ ମୁଖ୍ୟଚିକିତ୍ସକଙ୍କ ଅନୁକମ୍ପାରୁ କିଛିଟା କରାଯାଇ ପାରେ। ରୋଗୀକଲ୍ୟାଣ ସମିତି ତ ଅଛି ଏମାନଙ୍କପାଇଁ। ବାଟ ବତେଇ ଦେଲେ, ଏମାନେ ବି ଏଠିକାର ରାଜନୈତିକ ନେତାମାନଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ

ଆର୍ଥିକ ସହାୟତା ପାଇ ଦରକାର ହେଲେ ଅଧିକ ଖର୍ଚ୍ଚ ଭରଣା କରି ପାରିବେ। ସବୁ ଦିଗରୁ ସୁପ୍ରିୟା ଲୋକଙ୍କପାଇଁ ସହାଯ୍ୟ କରିବାର ମନୋବୃତ୍ତି ରଖିଛି। ଏଥିପାଇଁ ତା'ର ନାଁ ହୋଇ ଗଲାଣି ପୁରୀରେ।

ଏମିତି କାମରେ ବ୍ୟସ୍ତଥାଇ ସୁପ୍ରିୟା ଯେ ସବୁ ଭୁଲିଯାଇଛି ଜୀବନରେ, ସେଇଟା ସେ କେବେ ଭାବିନି। ସବୁଦିନ ନ ଗଲେ ବି ସପ୍ତାହରେ ଅତି କମରେ ତିନି ଚାରିଥର ଯାଉଥିବ ମନ୍ଦିର। ଘରଠାରୁ ଡାକେବାଟ। ଗାଧୋଇସାରି ଘର ମନ୍ଦିରରେ ପୂଜାସାରି କେତେବେଳେ ବଡଠାକୁରଙ୍କୁ ଦେଖିଆସେ। କାମରୁ ଫେରିବାପରେ ଉପରବେଳା ବି ଅନେକ ସମୟ ଜୁଟେ ବଡଠାକୁର କି ଲକ୍ଷ୍ମୀଠାକୁରାଣୀଙ୍କୁ ଦେଖିବାକୁ।

ନିତିଦିନ ଟିକିଏ ଫୁରୁସତ୍ ମିଳେ ସନ୍ଧ୍ୟାରେ ସମୁଦ୍ରର ବେଳାଭୂମିରେ ବସିବାକୁ। ଖାଲି ଡାକ୍ତରଖାନାର ଜରୁରୀ ଡ୍ୟୁଟି ନ ଥିଲେ ହେଲା। ବେଶି ଭଲଲାଗେ ଥଣ୍ଡା ପବନରେ ସନ୍ଧ୍ୟାଟା ସାରା ମହୋଦଧି କୂଳର ଜୁଆର ଗୁଡିକର କଳାକାର ରୂପ ଅବଲୋକନ କରିବାକୁ। କେଉଁ ଦୁଇଟି ଢେଉ ଏକାଧାରାର ନୁହଁନ୍ତି। କାହାର ବହୁ ଆଡମ୍ବରେ ଲଘୁକ୍ରିୟା ତ କାହାର ବିଶ୍ୱାସଘାତକ ଭାବେ ଆକ୍ରମଣ। ସେଦିନର ସେଇ ଅମାନିଆଁ ଲହଡିଟା କେବେ ଏତେ ଦୂର ଆସି ତାକୁ ଭିଜାଇଦେବ, ସୁପ୍ରିୟା ଚିନ୍ତା କରି ନ ଥିଲା। ନିଜକୁ ଦୋଷୀ ଲାଗୁଥିଲା ସୁପ୍ରିୟାକୁ, କାହିଁକି ଏଠି ବସି ସେଇ ସନ୍ଦୀପ କଥା ଏତେ ଚିନ୍ତା କରୁଛି। ସନ୍ଦୀପ ତ ଏଇ ଜୁଆରଟି ପରି ସବୁ କଥା ଅପ୍ରତ୍ୟାଶିତ ଭାବରେ କରେ। ତାକୁ ଏମିତି ବିଧୌତ କରିଦେଇ ଚମ୍ପଟ।

ମନରେ ଭାବୁଛି ସୁପ୍ରିୟା। ପୋଷ୍ଟ ଗ୍ରାଜୁଏଟ୍ ପଢାବେଳେ, ଦିନେ ସନ୍ଦୀପ ମୋତେ ଫିମେଲ୍ ଓ୍ୟାର୍ଡରୁ ମେଲ୍ ଓ୍ୟାର୍ଡକୁ ଛାଡି ଆସୁଥିଲେ। କଅଣ ମୋ ମନକୁ ଆସିଲା, କାହିଁକି ଆସିଲା ଜାଣିନି, ମୁଁ କହିଲି, "ସନ୍ଦୀପ ତୁମେ ସାତଦିନ ଚେନାଇ ପଳାଇଲେ, ମୁଁ କିପରି ଚଳିବି ?" ସତରେ ଏଇଟା ମୋ କହିବାର ଭଦ୍ରତା ଥିଲା, ମୁଁ ସେମିତି କୌଣସି ଅର୍ଥରେ କହି ନ ଥିଲି। ଦୁଇଜଣ ଏକା ପ୍ରକାରର କାମ, କହିବାରେ ପ୍ରାଧାନ୍ୟ ଦେବାରେ କାର୍ପଣ୍ୟ କାହିଁକି ? କିନ୍ତୁ କାହିଁକି କେଜାଣି ଏଇଟା ସନ୍ଦୀପକୁ ପାଗଳ କରିଦେଇଥିଲା। ହେଲା, ମୋତେ ଗୋଟିଏ କଲମ ଗିଫ୍ଟ ଦେଲା, ମୁଁ ଖୁସିରେ ଗ୍ରହଣ କଲି। ଘରୁ ବାପା ମା' ଙ୍କୁ ଡାକି ମୋତେ ଦେଖାଇଲା। ମୁଁ ବି ଗଲି। ମା ତାଙ୍କର କେତେ ଗେଲ୍ହା କରି ମୋତେ ଘରର ଲକ୍ଷ୍ମୀ କରି ନେବେ ବୋଲି କହିଲେ। ମୋ ବାପା ମା'ଙ୍କ କାନକୁ ବି ଏ କଥା ଗଲା। ବାପା ମା' ବି ରାଜି ହେଲେ ସେଠାରେ ବାହାଘର ପାଇଁ। ବାହାଘର ହୋଇଥିଲେ, ମୋର ବିଭାଘର ନିର୍ମାଲ୍ୟ ଭାଇଙ୍କ ଆଗରୁ ହୋଇଥାଆନ୍ତା।

କିନ୍ତୁ ସନ୍ଦୀପ, ତୁମେ ଇଏ କଅଣ କଲ. ? ମୁଁ ମୋ ନିଜ ଆଖିକୁ ଅବିଶ୍ୱାସ କରିବି କିପରି ? ସେଦିନ ମୋର ରୁମ୍ ମେଟ୍ ମୋହିନୀ ସହିତ ମୁଁ ଶାଢୀକିଣି ଫେରିବା ବାଟରେ ସିନେମାଘର ସାମନାରେ ଦେଖିଲି ତୁମେ ରିକ୍ସାବାଲାକୁ ପଇସା ଦେବାକୁ ମନିପର୍ଶ ବାହାର କରୁଛ। ପୁଣି ରିକ୍ସାରେ ବସିଛି ଆମ ମେଡିକାଲ କଲେଜର ସେଇ ଉପରେପଡି ବହକା ଚେହେରାର ପ୍ରଭାତୀ ଦିଦି। ଶଲ୍ୟବିଭାଗର ତଳ ଓଟିର ଦିଦି। ମୁଁ ଆଉ ସେ ଦିଗକୁ ଚାହିଁ ପାରିଲି ନାହିଁ। ମୋର ସେ ଦିଦିଟା ପ୍ରତି ମନରେ ବେଶ୍ ବାଜେ ଧାରଣା ରହିଛି। ସବୁ ଏଇ ସାଙ୍ଗ ମାନଙ୍କଠାରୁ ଶୁଣି ଶୁଣି। ନିଜ ରୂପର ଆବଶ୍ୟକରୁ ବେଶୀ ଯତ୍ନ ନିଏ ସେ ଆଉ ସମସ୍ତେ କହନ୍ତି ନିଜକୁ ମନେ କରେ ଜଣେ ବିଶ୍ୱ ସୁନ୍ଦରୀ। ସେଥିପାଇଁ ସନ୍ଦୀପ ଆଡକୁ ମୋ ଆଖି ଗଲାନାହିଁ ଅନେଇବାକୁ। ମୋହିନୀକୁ ବି ସେ କଥା କହିଲି ନାହିଁ। ମୋହିନୀ ଯାହା ମୋତେ ଦୁଇ ତିନି ଥର ପଚାରୁଥିଲା, କଅଣ ତୋର ହେଲା କି ? ଏତେ ଜଲଦି ତୋର ମୁହଁ ଶୁଖିଗଲା। ମାଇଗ୍ରେନ୍ ହେଡଏକ୍ ହେଉଛି କହି ମୁଁ ଚୁପ ରହିଥିଲି।

ତା ପରଠାରୁ ମୋର ସମସ୍ତ ସମ୍ପର୍କ ବିଚ୍ଛିନ୍ନ କରିଦେଲି ସନ୍ଦୀପ ପାଖରୁ। ମୁଁ କାହାର କାହିଁକି କ୍ଷତି କରିବି ? କାହିଁକି ବା କାହାର କଣ୍ଟା ହେବି ? ମୋ ନିଜ ଭାଗ୍ୟ ଆଦରି ରହିବା ସାର ହେବ। ବହୁଦିନ ଧରି ମୋର ଏମିତି ଉଦାସୀନତାରେ କାହାର କଅଣ ମନକୁ ଆସିଥିବ ଆସୁ। ସନ୍ଦୀପର ମାଙ୍କ ସହିତ ବି କୌଣସି ସମ୍ପର୍କ ରଖିଲିନି ବା ଆମ ଘରେ ମାକୁ ଏ ବିଷୟରେ ଊଁ କି ଚୁଁ କିଛି କହିଲି ନି। ସେ ପୁରୁଣା କଥା ଗୁଡାକ ଇତିହାସ ହୋଇଗଲା। କିନ୍ତୁ ମୁଁ କୌଣସିମତେ ସନ୍ଦୀପକୁ କ୍ଷାମା କରିପାରୁ ନ ଥାଏ।

ମାତ୍ର ମୋର ବଡଠାକୁରଙ୍କୁ ଟିକିଏ ଅଭିମାନ କରୁଥାଏ, ସିଏ କାହିଁକି ସନ୍ଦୀପ ପରି ଜଣେ ଚରିତ୍ରହୀନ ବ୍ୟକ୍ତି ସହିତ ମୋର ପରିଚୟ କରାଇ ମିଳାମିଶା କରିବାର ସୁଯୋଗ ଦେଲେ ? ମୋର ମନଟାକୁ ଏମିତି କାହିଁକି କଲେ ଯେ ମୁଁ ପ୍ରଥମରୁ ନରମି ଗଲି ? ସନ୍ଦୀପ ସହିତ ମୋର ଆଦୌ ଦେଖା ହୋଇ ନଥିଲେ ବା କଥା ହୋଇ ନଥିଲେ କଅଣ ମୁଁ ବଞ୍ଚିପାରି ନଥାନ୍ତି ବା ପଢି ପାରି ନଥାନ୍ତି ? ଏଇ କଥା ଭାବି ଭାବି ମୋର ପାଠ ପଢା ସରିବାର କେତେବର୍ଷ ବିତି ଗଲାଣି। କାହାଠୁ କାହାଠୁ ଶୁଣିଛି, ସନ୍ଦୀପ ଏବେ ମୟୁରଭଞ୍ଜର କୌଣସି ସଦର ମହକୁମା ଚିକିତ୍ସାଳୟରେ ସ୍ଥାନିତ, ଏବେ ସୁଦ୍ଧା ଅବିବାହିତ। କାରଣ ମୋତେ ଅସ୍ପଷ୍ଟ। ମୋର ଯାହା ଶଙ୍କା ଆଶଙ୍କା ରହିଛି, ମୋ ପାଖରେ କିଛି ଖବର ନାହିଁ ମିଳେଇବାକୁ। ମୋର ଭାଗ୍ୟ ଭଲ, ମୁଁ ନିଜକୁ କଡ କରି ନେଇପାରିଛି। ସମସ୍ତଙ୍କ ଅଜାଣତରେ। କେବଳ ବଡଠାକୁର ଜାଣନ୍ତି, ମୋର ଏମିତି ଗୋଟିଏ ଘାତଚନ୍ଦ୍ର ଥିଲା ବୋଲି। କାହାକୁ ମୁହଁ ଖୋଲି କହିନି କି ସହାନୁଭୂତି ଆଶା କରିନି। କିଏ ବି ଆହା ଚୁ ଚୁ କରିଥିଲେ ମରିଗଲାପରି ଲାଗି ଥାଆନ୍ତା।

ବାପା ଚାକିରୀରୁ ଅବସର ନେବା ପରେ ନିଜ ପୁରୀ ଘରେ ରହିବାକୁ ପସନ୍ଦ କଲେ। ଏବେ ଟିକିଏ ଘରେ ବାପା ମା ରହିବାରୁ ମୋର ବ୍ୟସ୍ତତା କମିଯାଇଛି। କିନ୍ତୁ ମା'ଙ୍କର ମନେ ଅଛି ଡାକ୍ତର ସନ୍ଦୀପ ଚଉଧୁରୀ କଥା। ସାନପୁଅ ପାଇଁ ବାହାଘରରେ ବ୍ୟସ୍ତ ରହିଯାଇଥିଲେ।

ସେ  କାମ ତ ବଢ଼ି ଯାଇଛି। ଏବେ କୋଡ଼ପୋଛା ଝିଅ ପାଇଁ ସମୟ ଆସିଗଲା। ପୁରୀଘରେ ରହିବା ପରଠାରୁ କେତେଥର ସନ୍ଦୀପ ବିଷୟ ପରାରିଲେଣି। ମୋ ନିରବତାରେ ସିଏ ବିସ୍ମିତ। କଅଣ ବା ମୁଁ କହିବି ବୋଉକୁ ? ଯାହା ଝିଅ ଜନମ ଦେଇଛନ୍ତି, ପୁଣି ଏମିତି ଅପୂର୍ବ କାହାଣୀ ! ଶୁଣିଲେ ମନଦୁଃଖ କରିବ।

ସେଦିନ ସମୁଦ୍ରକୂଳରେ ବସି ସେଇ କଥା ଚିନ୍ତା କରୁଛି, ମୋର ତୁହାକୁ ତୁହା ମନେ ପଡିଗଲା ସନ୍ଦୀପ ବୋଉଙ୍କ ଆଦର। ମୋତେ ଲକ୍ଷ୍ମୀ କରି ନେବେ ତାଙ୍କର କଳାକାହ୍ନୁ ପାଇଁ। କଳାକାହ୍ନୁଙ୍କର ତ ପ୍ରେମର ବାଡ ବତା ନାହିଁ। ନାଁ ନାଁ ନିଜର ଭାବନାରେ ଖରଡା ପକାଇଲା ସୁପ୍ରିୟା, ଗତିଶୀଳ ରଥଟି ପରି ଭାବନାର ଅନ୍ତ ହେଲା ଏଠାରେ। ଆଉ ଏ କଥା ଭାବିବ ନାହିଁ। କିନ୍ତୁ ଏତେ ଯଦି ତାର ସନ୍ଦୀପ ଚଉଧୁରୀ ବିଷୟରେ ଭାବିବାର ଅଛି, ସେ ଦିନ ତାକୁ ଖୋଲା ହାତରେ ଧରିଲାନାହିଁ କାହିଁକି ସେ ଫାଜିଲ୍ ଦିଦିଟା ପାଖରେ ? ଯଦି ସେ ସତ୍ ସାହସ ନାହିଁ ସନ୍ଦୀପକୁ ସାମନା କରିବାକୁ, ଫୋନ୍‌ରେ ବି ପଚାରି ପାରିଥାଆନ୍ତା। ସେ ସନ୍ଦେହଟା ସେମିତି ଅନ୍ଧ ଆଉ ମୂକ ସାଜି ରହିଗଲା।

ଆଜି ବିକଳ ମନରେ ଟିକିଏ ଆଶ୍ୱାସନା ପାଇବା ପାଇଁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଦେଖିଯିବାକୁ ମନେ ହେଲା। ବାଇଶ ପାହାଚ ଚଢ଼ିବା ବେଳକୁ ସୁପ୍ରିୟା ନିଜକୁ କେମିତି ହାଲୁକା ହାଲୁକା ଲାଗିଲା। ମନରେ ସିଏ ନିଜକୁ ଶ୍ରୀଜଗନ୍ନାଥଙ୍କ ଭଉଣୀ ବୋଲି ମନେକରେ। କାରଣ ତାର ନିଜର ଜାତକ ନାମ ସୁଭଦ୍ରା ହେଲେ ବି ବାପା ତାର ଲେଖାନାମଟି ରଖିଛନ୍ତି ସୁପ୍ରିୟା। ଜଗନ୍ନାଥଙ୍କୁ ଦେଖି ନିଜର ମନର ବୋଝ ହାଲୁକା କରି ବିମଳାଙ୍କୁ ଦେଖି କାଞ୍ଚି ଗଣେଶଙ୍କୁ ପାରି ହୋଇଛି କି ନା କିଏ ଜଣେ ଡାକୁଛି, "ମାଡାମ୍ ନମସ୍କାର।" ଓଢ଼ଣା ଭିତରେ ଯେଉଁ ମୁହଁଟି ଦେଖାଯାଉଛି ସେ ତ ସେଇ ପ୍ରଭାତୀ ଓଟି ସିଷ୍ଟର। ପାଖରେ ତାଙ୍କର ସ୍ୱାମୀ ଓ ଗୋଟିଏ ବର୍ଷକର ପିଲା। ଆଗପରି ଚେହେରା ନାହିଁ ଦିଦିର। ଶୁଖିଲା ପଡିଯାଇଛି ଆଉ ମୌନ ହୋଇଯାଇଛି। ସୁପ୍ରିୟା ଏମାନଙ୍କୁ ଦେଖି କଅଣ ବା କହିବ ଗୁମ୍ ହୋଇଗଲା। କ୍ଷଣଟିଏ ପରେ ପ୍ରଭାତୀର ଭଲମନ୍ଦ ପଚାରି ଦି'ପଦ କଥା ହୋଇଛି କି ନା, ସନ୍ଦୀପର ମା ଲକ୍ଷ୍ମୀଠାକୁରାଣୀଙ୍କୁ ଦର୍ଶନ ସାରି ଦୀପ ଦେଇ ଏଠାରେ ପହଞ୍ଚିଗଲେ। ଆଗ କୁଣ୍ଢାଇପକାଇଲେ ସୁପ୍ରିୟାକୁ। ମୋ ମାଆଟାକୁ ପାଇଛି କହି ମୁହଁକୁ ଆଉଁସି ପକାଇଲେ।

କହିଲେ, ଆଲୋ ମା, ଆସିଲୁ ଆସିଲୁ ଟିକିଏ ଗେଲ କରିଦିଏ। ସେଇ ବଡଠାକୁର ବଡଲୋକ। ତୋ ଦେଖା ଏଇଠି ପାଇବି ବୋଲି ମନାସିଥିଲି। ଶେଷକୁ ଏଇ ପ୍ରଭାତୀର ପୁଅର ଜାଆଁବାଳ ପଡିଲା ଲୋକନାଥଙ୍କ ପାଖରେ। ସେମାନେ ଆସୁଥିଲେ ତ ଆମେ ସେମାନଙ୍କ ସାଥିରେ ଚାଲି ଆସିଲୁ। ତୁ ଜାଣିଥିବୁ, ପ୍ରଭାତୀ ମୋର ସମ୍ପର୍କୀୟ ପୀୟୂଷୀଝିଅ ଭଉଣୀ। ମୋ ଠାରୁ ବୟସରେ ବହୁତ ସାନ। ତା ମା ମୋର ସବା ସାନ ପୀୟୂଷୀ। ପାଠ ତ ବେଶି ପଢ଼ିଲାନି, ତା ଭାଗ୍ୟ ଯେତିକି ବଡ। ଯାହା ହେଉ, ଛୋଟ ମୋଟ ଚାକିରି ଖଣ୍ଡେ କରି ଘରଟି ଚଳାଉଛି।

ସୁପ୍ରିୟା ଶ୍ରୀଜଗନ୍ନାଥଙ୍କ ଚକାଆଖିର ଠିକ୍ ବିପରୀତ ଦିଗରେ ଥିଲା। ତାର ଚିନ୍ତାଧାରା କେମିତି ଗୋଟିଏ ସେଣ୍ଟ୍ରିଫ୍ୟୁଜ୍ ଭିତରେ ପୂରାଦମ୍‌ରେ ଘୂରିବାପରି ମନେ ହେଲା। ସିଏ କଅଣ ଦେଖୁଛି, କଅଣ ଭାବିଛି, କଅଣ ଶୁଣୁଛି, କଅଣ ଦେଖୁଛି ସବୁ ତାର ଚିନ୍ତାଶକ୍ତିକୁ ଅଚଳ କରିପକାଇଲେ। କିଛି ଜାଣି ନ ପାରି ସନ୍ଦୀପର ମାଆଙ୍କୁ ଯାହା ନମସ୍କାର ହୋଇଥିଲା, ପୁଣିଥରେ ପାଦଛୁଇଁ ଜୁହାର ହେଲା। ମୁଣ୍ଡରୁ ଗୋଟାଏ ଚିନ୍ତାର ବୋଝ ଓହ୍ଲାଇଯିବା ପରି ପ୍ରତୀୟମାନ ହେଲା ସୁପ୍ରିୟାର।

ସନ୍ଦୀପର ମା ବି କହିଲେ, "ଚାଲ୍ ରେ ମା, ତୋତେ ଲକ୍ଷ୍ମୀଠାକୁରାଣୀଙ୍କୁ ଦର୍ଶନ କରାଇ ବଡଦେଉଳରେ ବଡଠାକୁରଙ୍କୁ ଦେଖାଇବି। ତୋତେ ନେଇ ସେଇଠାକୁ ଯିବି, ଯେଉଁଠି ସନ୍ଦୀପ ଆଉ ତା ବାପା ବସିଛନ୍ତି। ସେଇଟା ଏଇ ବାଲିସାହିର ପୁରୁଷୋତ୍ତମ ଦାସଙ୍କ ଘର। ଡାକ୍ତର ସୁପ୍ରିୟା ଦାସଙ୍କ ବାପଘର। କେମିତି କେଜାଣି କିଏ ଜଣେ ଚିହ୍ନା ସାଙ୍ଗ ସନ୍ଦୀପର ବତାଇଦେଲା ପୁରୀର ସବୁଠାରୁ ଲୋକପ୍ରିୟା ଡାକ୍ତର ସୁପ୍ରିୟା ଦାସଙ୍କ ଠିକଣା।"

ଚମକି ପଡିଲା ସୁପ୍ରିୟା। ବଡଠାକୁରଙ୍କୁ ଦର୍ଶନବେଳେ ନିଜେ କାହିଁକି ବହୁତ ଅନୁତାପ କରୁଥିଲା, ସିଏ ସଜ ମାଛରେ ପୋକ ପକାଇଛି। ସନ୍ଦୀପକୁ ବିନା କାରଣରେ ଭୁଲ୍ ବୁଝିଛି। ଏକତରଫା ନିଷ୍ପତ୍ତି ନେଇଛି, ଏ ବିଷୟ କାହାକୁ ନ ଜଣାଇ ସନ୍ଦୀପଠାରୁ ସବୁଦିନ ପାଇଁ ଦୂରେଇଦେବ। ସନ୍ଦୀପ ସେଇ ପୁରୁଣା ସନ୍ଦୀପ। ଅଥଚ ନିଜେ ନିଜକୁ ଅବିଶ୍ୱାସୀ ବୋଲି କହିବାକୁ ବାଧ୍ୟ ହେଉଛି। ହଟିଆ ଠାକୁର ଏମିତି ହଟ କାହିଁକି ଲଗାନ୍ତି, ତାଙ୍କୁ ହିଁ ଗୋଚର। ମୋର ଅବିଶ୍ୱାସ ଲିଭାଇବା ପାଇଁ ନାହି ନାଡ ସହିତ ତଥ୍ୟ ଉପସ୍ଥାପନ କରୁଛନ୍ତି ନିଜ ମନ୍ଦିର ଭିତରେ ମୋତେ ବିଶ୍ୱାସ ଦେବାକୁ। ପୁଣି ଗଢ଼ି ତୋଳୁଛନ୍ତି ତୁଟି ବାକୁ ବସିଥିବା ଏକ ଜନ୍ମ-ଜନ୍ମାନ୍ତର ସମ୍ପର୍କକୁ।

କିନ୍ତୁ ସତେକି ବଡଠାକୁର ନିର୍ନିମେଷ ନୟନରେ ସୁପ୍ରିୟାକୁ ଚାହିଁ ରହିଥିଲେ। ସ୍ମିତହାସ୍ୟ ବଦନରେ ବୋଧ ଦେଉଥିଲେ, "କରି କରାଉ ଥାଏ ମୁହିଁ.........।"

ଯୁଗ୍ମ ନିର୍ଦ୍ଦେଶିକା ଏବଂ ସହଯୋଗୀ ଅଧ୍ୟାପିକା,
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

# ରଖେ ହରି ମାରେ କିଏ ?

କଳା ଭୂଷଣ-ସୁଶୀଲ କୁମାର ପଟ୍ଟନାୟକ

"ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

ପ୍ରକୃତରେ ଜଗତର ନାଥ ଜଗନ୍ନାଥ ଯାହାକୁ ରଖନ୍ତି ତାକୁ ମାରିବା ପାଇଁ ଏ ଜଗତରେ କେହି ନାହିଁ । ଯମ ମଧ୍ୟ ନେବାକୁ ଆସିଲେ ଅନୁମତି ନେଇ ଆସିବ । ସେ ଯମ ହେଉଛି ଯ-ଯନ୍ତ୍ରଣା, ମ-ମଣିଷ । ଯନ୍ତ୍ରଣା ମଧ୍ୟ ମଣିଷକୁ ଛୁଇଁ ପାରିବ ନାହିଁ । ଏ ସମଗ୍ର ସୃଷ୍ଟିର ସ୍ରଷ୍ଟା ହେଉଛନ୍ତି ଜଣେ । ଆମର ଚେତନା ତାଙ୍କ ସହ ଯୁକ୍ତ ହୋଇ ପାରିଲେ ଆମ ଭିତରେ ରହିଥିବା ସତ୍ୟ, ନିଷ୍ଠା ଓ ଭକ୍ତି ଆଦି ସଦ୍‌ଗୁଣାବଳୀର ଉନ୍ମେଷ ଘଟିବ ଏବଂ ଆମର ଚେତନା ବିଶ୍ୱଚେତନାରେ ସମ୍ମିଳିତ ହେବ । ଅହଂ ଆବର୍ତ୍ତ ଭିତରୁ ଥରେ ବାହାରିଗଲେ ବିଶ୍ୱ ହୁଏ ନିଜର । ସମସ୍ତ ସଙ୍କୁଚିତ ଭାବନା ହେଉଛି ସ୍ୱାର୍ଥପରତା । କିନ୍ତୁ ଅନ୍ୟମାନଙ୍କ ମଧ୍ୟରେ ନିଜକୁ ଅନୁଭବ କରିବା ହେଉଛି ଆଧ୍ୟାତ୍ମିକତା । ସେହି ବିଶ୍ୱ ଦେବତାକୁ ଅନୁଭବ କରିବା ପାଇଁ ବିଶ୍ୱାସ ଏକ ମୁଖ୍ୟ ମାଧ୍ୟମ । ବିଶ୍ୱାସ ଭଗବତ୍ ଶକ୍ତିର ଜନନୀ ଅଟେ । ବିଶ୍ୱାସରେ ହିଁ ପ୍ରେମ ଓ ଭକ୍ତି ଭାବ ଜୀବନ୍ତ ହୁଏ । ତେଣୁ ଆମେ ବିଶ୍ୱାସ କରିବା, ବିଶ୍ୱାସ ଭାଜନ ହେବା ଏବଂ ବିଶ୍ୱାସର କଥାରେ ହିଁ ଦେବତ୍ୱକୁ ଅନୁଭବ କରିବା ।

"ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର"

ସେହି ବଡଠାକୁର ଶ୍ରୀକ୍ଷେତ୍ରବାସୀ, ନୀଳାଚଳନିବାସୀ, ମହୋଦଧି କୂଳରେ ବଡଦାଣ୍ଡରେ ବଡଦେଉଳ ମଧ୍ୟରେ ଛତିଶ ପଉଟି ଭୋଗ ଖାଇ ଶହଶହ ସେବାୟତଙ୍କର ସେବା ନେଇ ଆନନ୍ଦରେ ବସିପାରନେ। କି ଶୋଇପାରେନା, ତା'ର ଆନନ୍ଦ ଥାଏ, ଜଣେ ଭକ୍ତର ଦୁଃଖସୁଖରେ ସମଭାଗୀ ହେଲେ । ଖୁସି ହୁଏ ଗୋଟିଏ ଭକ୍ତର ଭାବ, ଭକ୍ତି, ପ୍ରେମ, ସମର୍ପଣ ଦେଖିଲେ । ତାର ଲୀଳା କରିବାରେ ସବୁବେଳେ ଆନନ୍ଦ ପାଏ । ସେ ଭକ୍ତର ଅଧୀନରେ ରହିବାକୁ ଭଲ ପାଏ, ଭକ୍ତ କଣ୍ଠରୁ ଦୁଃଖ, ଭଜନ, ଜଣାଣ ଶୁଣିବା ଏବଂ ସଙ୍ଗେସଙ୍ଗେ ତାକୁ ବିଚାର କରି ଫଳପ୍ରାପ୍ତିରେ ମଧ୍ୟ ଖୁସି ହୁଏ । ଅତୀତରେ ପ୍ରମାଣ ଦେଇ କିମ୍ବଦନ୍ତୀ ରଚିଛନ୍ତି । ସେ ବନ୍ଧୁ ମହାନ୍ତିଙ୍କୁ ସୁନା ଥାଳିରେ ମହାପ୍ରସାଦ ଦେବା, ଭକ୍ତ ଦାସିଆର ନଡିଆ ହାତ ବଢେଇ ନେବା, ରଘୁବର ଦାସ କ୍ୟାବିନ୍‌ରୁ ବିଡିଆପାନ ଖାଇ ପାଟବସ୍ତ୍ର ବନ୍ଧା ଦେବା ବା ପଦ୍ମା ମାଲୁଣୀର ଗୀତଗୋବିନ୍ଦ ଶୁଣି ବାଇଗଣ କିଆରୀରେ ନାକଚଣା ହଜାଇ ବାଇଗଣ କଣ୍ଟାରେ ପାଟବସ୍ତ୍ର ଚିରି ରତ୍ନସିଂହାସନରେ ବିଜେ ହେବା ଏସବୁ ତାରି ଇଚ୍ଛା, ତାରି ଲୀଳାଖେଳା । ସବୁବେଳେ ଭକ୍ତର ମନକୁ ବୁଝି ସମର୍ପଣ ଭାବକୁ ପରଖି ନିଆରା ଅନୁଭୂତି ଦେଇଥାଏ। ଦୁଃଖ ଦେଲେ ମଧ୍ୟ ସହିବାର ଶକ୍ତି ଦେଇଥାଏ, ସୁଖ ଦେଲେ ମଧ୍ୟ କୃତଜ୍ଞତା, ଦାନ, ଧର୍ମର ମାନସିକତା ଦେଇଥାଏ । ଏହାହିଁ ଭଗବତ୍ ଆଶୀର୍ବାଦ। ଏହା ଅନୁଭବ କରି କୃତଜ୍ଞତା ଜ୍ଞାପନ ଉଚିତ୍। ଏହି କୃତଜ୍ଞାତାରେ ମିଳେ ଶାନ୍ତି, ଅମୂଲ୍ୟ ଆନନ୍ଦ, ମନନ ଚିନ୍ତନରେ ମିଳେ ସୁଖଶାନ୍ତି ଏବଂ ଅନୁଭବରେ ମିଳେ ବିଭୁକୃପା । ପ୍ରତି ଘଟଣା ଘଟିବାରେ ଲାଭ ହୁଏ ଭକ୍ତର । ତେଣୁ କୁହାଯାଇଛି-

"ଭାବକୁ ନିକଟ ସେତ, ଅଭାବକୁ ଦୂର''

ସେହି ଭାବରେ ମୁଁ ତାଙ୍କୁ ଅନୁଭବ କରିଛି, ଗୀତ ଗାଇବା, ତବଲା ବଜାଇବା ସଂଯୋଜନା କରିବା, କବିତା ଲେଖିବା, ଗଛଟିଏ ପୋତିବା, ରକ୍ତ ଦାନ କରିବା, ଶବଟିଏ ନେଇ ସ୍ୱର୍ଗଦ୍ୱାର ଯିବା, ବା ମଞ୍ଚରେ ଅଭିନୟ କରିବା, ଅନ୍ୟଜଣଙ୍କ କାର୍ଯ୍ୟରେ ସମଭାଗୀ ହେବା ସମୟରେ। ପ୍ରତି କ୍ଷଣରେ ମୁଁ ଅନୁଭବ କରେ ସେହି ଅଦୃଶ୍ୟ ଶକ୍ତିର କିଛି ପ୍ରଭାବ କାମକରୁଛି, ଯାହାକୁ ଆମେ ଅନୁଭବ କରୁ "ବିଭୁ କୃପା"। ଯାହା ଭାଗ୍ୟରେ ଏତିକି ପ୍ରାପ୍ତି ହେଲା ଆଉ କିଛି ଆବଶ୍ୟକ ନାହିଁ ।

ସେହି ଭାବରେ ମୁଁ ତାଙ୍କୁ ଅନୁଭବ କରିଛି । ଏହି ଘଟଣାଟି ଘଟିବାର କିଛି ଦିନ ପରେ ମୁଁ ବିଜୟିନୀ ମାଡାମ୍‌ଙ୍କୁ କହିଥିଲି । ଏକଥା ଶୁଣିଲା ପରେ ସେ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଜଗନ୍ନାଥଙ୍କୁ କୃତଜ୍ଞତା ଦେଇଥିଲେ ଏବଂ କହିଥିଲେ ଆପଣ ଏ ଅନୁଭବଟି ଲେଖି ପେପର ବା ବହିରେ ପ୍ରକାଶକରି ଦିଅନ୍ତୁ । ସମସ୍ତେ ଜାଣନ୍ତୁ ଜଗନ୍ନାଥଙ୍କର କୃପା କିପରି ଆସେ ।

କିନ୍ତୁ ଦୁଃଖର କଥା ତାଙ୍କର ଏକଥାକୁ ମୁଁ କାର୍ଯ୍ୟରେ ପରିଣତ କରିପାରି ନଥିଲି । ଆଜି ପର୍ଯ୍ୟନ୍ତ ଲେଖି ନଥିଲି । ଆଜକୁ ୨୫ ବର୍ଷ ତଳର କଥା, ତାଙ୍କର ଆଜି ମଧ୍ୟ ନିର୍ଦ୍ଦେଶଭଳି ଲାଗୁଛି ମୋରି ସ୍ମରଣିକାରେ ଲେଖନ୍ତୁ, ମାଡାମ୍‌ଙ୍କ ପାଇଁ ମୁଁ ଆଜି ଲେଖୁଛି । ଏବଂ ମୋର ମନ କହୁଛି ସେ ନିଶ୍ଚିତ ଜାଣି ଖୁସି ହେବେ ତାଙ୍କର ନିର୍ଦ୍ଦେଶ ଡେରିରେ ହେଲେବି ମୁଁ ପାଳନ କରିଛି ଏବଂ ସେ ସୁଯୋଗ ମଧ୍ୟ ଦିଆଇଛନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କର ଅନୁପସ୍ଥିତି ଅନୁଭବ କରି ନଥିବାବେଳେ ଯେପରି ମୋର ପ୍ରତ୍ୟେକ

କାମରେ ବଡଭଉଣୀ ଭଳି ମାର୍ଗଦର୍ଶନ ଦେଉଥିଲେ ଆଜି ମଧ୍ୟ ପ୍ରତ୍ୟେକ ସୁବିଧା ଅସୁବିଧା ସମୟରେ ମନକୁ ତାଙ୍କରି ନାଁ ତାଙ୍କରି ରୂପ ଆଖି ଆଗରେ ନାଚି ଉଠେ ଏବଂ କିଛି ନା କିଛି ବାଟ ଫିଟିଯାଏ ଓ ସମସ୍ୟା ଆପେଆପେ ସମାଧାନ ହୋଇଯାଏ । ତେଣୁ ଏ ଅନୁଭବଟି ତାଙ୍କରି ଲାଗି, ତାଙ୍କରି ପାଇଁ, ତାଙ୍କରି ଉଦ୍ଦେଶ୍ୟରେ ।

୧୯୮୯ ମସିହା କଥା ସେତେବେଳେ ସଙ୍ଗୀତ ମହାବିଦ୍ୟାଳୟରୁ ପି.ଜି. ପାସ୍ କରିବାପରେ ସତ୍ୟନଗର ହଷ୍ଟେଲ ଛାଡି ସେହି ସତ୍ୟନଗର ଶ୍ମଶାନ ସାମ୍ନା ଗୋଟିଏ ଆଜ୍‌ବେଷ୍ଟସ୍ ଘର ଭଡାନେଇ ରହୁଥାଏ । ଆମ ଗାଁର ଝାଟୁଆଦାଦା ରଥ ଦେଖି ଆସି ରାତିରେ ମୋ ପାଖରେ ରହିଲେ । ସନ୍ଧ୍ୟାରେ ବୁଲାବୁଲି କରି ହୋଟେଲରେ ଖାଇ ଶୋଇଲୁ । ଶୋଇବା ମଧ୍ୟ ଟିକେ ଡେରି ହୋଇଛି ଗାଁ ବିଷୟରେ କଥା ହେଲୁ । ରାତି ଠିକ୍ ୩ଟାରୁ ୪ଟା ଭିତରେ ମୋତେ ଲାଗିଲା ମୋ ଛାତି ଉପରେ କିଛି ଚାଲୁଛି । ନିଦ ହୋଇଯାଇଛି, ଘର ଅନ୍ଧାର । ନିଦରେ ନିଦରେ ହାତଟିକୁ ସାର୍ଟ ଉପରେ ଘଷିଦେଇଛି । ଘଷି ଦେବା ପରେ ଆହୁରି ଜୋରରେ ଚାଲିବାର ମୋତେ ଅନୁଭବ ହେଲା, ସେତେବେଳକୁ ନିଦ ଆହୁରି ପତଳା ହେଲାଣି ମୁଁ ଆଉଥରେ ହାତ ମାରି ଦେଲି । ମୋତେ ଲାଗିଲା ସାର୍ଟତଳେ କିଛି ଅଛି ଏବଂ ତାହା ସାର୍ଟତଳେ ଛାତି ଉପରେ ଆହୁରି ଜୋରରେ ବୁଲିବାକୁ ଲାଗିଲା। ମୁଁ ସେତେବେଳକୁ ପୁରା ଜାଣିପାରୁଛି କଣ ଗୋଟେ ମୋ ପେଟ ଉପରେ ବୁଲୁଛି ସଙ୍ଗେ ସଙ୍ଗେ ସାର୍ଟ ଭିତରେ ହାତପୁରେଇ ଜନ୍ତୁଟିକି ହାତରେ ଧରି ଉପରବାଟେ କାଢିଆଣି ଫୋପାଡିଦେଲି । ଅନ୍ଧାର ହେଲେ ମଧ୍ୟ ମୁଁ ଜାଣିପାରିଲି ସାପଟିଏ ଧରିଛି । ମୋ ମୁଣ୍ଡ ଉପରେ ଶୋଇ ପଢିବା ପାଇଁ ଗୋଟିଏ ଇଲେକ୍ଟ୍ରିକ୍ ବଲ୍ ଲଗେଇଥାଏ ଏବଂ ବଲ୍ ଓ ତାର ସୁଇଚ୍ ଗୋଟିଏ ବୋର୍ଡରେ ଥାଏ। ସଙ୍ଗେସଙ୍ଗେ ସାପପରି ଜନ୍ତୁଟିକୁ ଫୋପାଡି ଦେଇ ସୁଇଚ୍‌ବୋର୍ଡରେ ହାତ ମାରିଲି, ଭାଗ୍ୟକୁ ସୁଇଚ୍‌ରେ ମଧ୍ୟ ହାତବାଜି ବଲ୍‌ଟି ତତ୍‌କ୍ଷଣାତ୍ ଜଳିଉଠିଲା । ମୁଁ ଉଠି ଦେଖିଲାବେଳକୁ ସାପଟି ଫଣା ଟେକି ଲାଇଟକୁ ଚାହିଁ କାନ୍ଥରେ ରହିଛି । ମୁଁ ଭୟ ପାଇ ଯାଇଥାଏ । ସାପସାପ କହି ପାଟି କରିବାରୁ ମୋ ପାଖରେ ଶୋଇଥିବା ଝଟୁଆଦାଦା ଉଠିଲେ। ମୁଣ୍ଡ ଉପରେ ମୁଁ ଗୋଟେ ବାଡି ରଖିଥାଏ। ହୁଏତ ସେହି ଜଗନ୍ନାଥଙ୍କର ଇଚ୍ଛା । ଏଥିପାଇଁ ଦୀର୍ଘ ଦିନ ହେଲା ସେ ବାଡିଟି ସେ ସ୍ଥାନରେ ଥିଲା । ସାପଟି ଅନ୍ୟ ଆଡେ ଯିବା ପୂର୍ବରୁ ସାପଟିର ପିଠିକୁ ବାଡିରେ ଚାପି ଧରିଲେ କହିଲେ ତୁ ଦେଖ ତୋତେ କାମୁଡିଛି କି ନାହିଁ । ମୁଁ ଭୟରେ ସାର୍ଟର ବଟମ ଖୋଲିବାକୁ ସମୟ ନନେଇ ଫାଡି ଚିରିଦେଲି । ବାଥ୍‌ରୁମ୍ ଯାଇ ଛାତି ଠାରୁ ପେଟ ପର୍ଯ୍ୟନ୍ତ ଧୋଇ ଦେଖିଲି ସାପଟି କାମୁଡି ନାହିଁ । ଏକଥା ଜାଣିବାପରେ ସେହିଠାରେ ସାପଟିକୁ ମାରିଦେଲେ। ପାଖରୁମ୍‌ରେ ରହୁଥିବା କିଛି ପିଲାଙ୍କୁ ଡାକିଲି ଏବଂ ମୋର ରୁମ୍‌ର ସମସ୍ତ ସ୍ଥାନଟିକୁ ସଫାକରି ଦେଖିଲେ ଆଉ କେଉଁଠି ସାପ ନାହିଁ । ସମସ୍ତେ ମୁସଲ୍‌ମାନ୍ ପିଲା ଥିଲେ ବି ମୋ ସହିତ ଜଗନ୍ନାଥଙ୍କୁ କୃତଜ୍ଞତା ଦେବା ସହିତ କହୁଥାନ୍ତି ଆପଣଙ୍କର ଆଗକୁ କିଛି ଭଲ କାମ କରିବାର ଅଛି, ସେଥିପାଇଁ ଜଗନ୍ନାଥ ରକ୍ଷା କରିଛନ୍ତି । ନଚେତ୍ ଶୋଇବା ସମୟରେ ସାର୍ଟ ଭିତରେ ବିଷାକ୍ତସାପ ପଶିଛି ତାକୁ ତିନିଥର ହାତରେ ଆଘାତ ଦେବାପରେ ମଧ୍ୟ ସେ କାମୁଡିନି। ଏଇଟା ଜଗନ୍ନାଥଙ୍କର ଆପଣଙ୍କ ପ୍ରତି ଆଶୀର୍ବାଦ ନୁହେଁ ତ କଅଣ ? ସାପଟି ଥିଲା ଚନ୍ଦନବୋଡା ଜାତୀୟ ବିଷଧର ସର୍ପ । କିଛି ଦିନପରେ ମୋର ବିବାହ ହୋଇଗଲା। ମୁଁ ଇଉନିଟ୍ ନାଇନ ଫ୍ଲାଟକୁ ପଳେଇ ଆସିଲି, କିନ୍ତୁ ଆସବା ପର୍ଯ୍ୟନ୍ତ ଘରକୁ ପଶିଲେ ମନରେ ଭୟ ଥାଏ । ମୁ ବିଶ୍ୱାସ କରେ ଜଗନ୍ନାଥ ନିଶ୍ଚିତ ଭାବେ ରକ୍ଷାକଲେ । ପ୍ରତ୍ୟେହ ଶୋଇବା ସମୟରେ ଜଗନ୍ନାଥଙ୍କୁ ପ୍ରାର୍ଥନା କରି ଶୁଏ, ହେ ଜଗନ୍ନାଥ, ବର୍ତ୍ତମାନ ମୁଁ ଶୋଇବାକୁ ଯାଉଛି ମୋର ଆଖି, କାନ, ହାତଗୋଡ ଥାଇ ନଥିବା ସହିତ ସମାନ, ମୋ ଶରୀର ଦାୟିତ୍ୱ ତୁମର, ଜଗତର ମଙ୍ଗଳ କର । ଉଠିଲା ପରେ ମଧ୍ୟ ସେହି ବିଛଣାରେ ପ୍ରଭୁଙ୍କୁ ପ୍ରଣାମ କରି କୃତଜ୍ଞତା ଜଣାଏ, ପ୍ରଭୁ ତୁମେ ମୋତେ ବ□ଇ ରଖିଛ । ଦିନଟି ଭଲରେ ଭଲରେ ଯାଉ ଜଗତର ମଙ୍ଗଳ ହେଉ । ନାମ ମନେମନେ ନେଇଥାଏ । ନାମ ନିଅନ୍ତୁ ନିଜକୁ ନିଜେ ରକ୍ଷା କରନ୍ତୁ । ଭଗବାନ୍ କହିଛନ୍ତି-

"ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେନଚ,
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦଃ" ।

ମୁଁ ସେଇଠି ଥାଏ, ଯେଉଁଠି ମୋ ଭକ୍ତମାନେ ମୋ ନାମ ଜପ କରୁଥାନ୍ତି ।

ମୁଁ ଏଠି ସମସ୍ତ ଭାଇ ଭଉଣୀମାନଙ୍କୁ ଅନୁରୋଧ କରିବି ଖାଇବା ସମୟରେ ଯାହା ଖାଉଥାନ୍ତୁ ନା କାହିଁକି, ଖାଇବା ପୂର୍ବରୁ ଖାଦ୍ୟକୁ ଜଗନ୍ନାଥଙ୍କୁ ସମର୍ପି ଦିଅନ୍ତୁ, ବିଷ ଥିଲେ ଅମୃତ ହୋଇଯିବ । ଯାହା ମୀରାବାଈ ପ୍ରମାଣ କରି ଦେଖାଇଛନ୍ତି । ଶୋଇବା ପୂର୍ବରୁ ନିଜକୁ ତାଙ୍କରି ପାଖରେ ସମର୍ପି ଦିଅନ୍ତୁ ଶୋଇବା ଅଚିନ୍ତା ହୋଇଯିବ, ଯିଏ ଶୁଣନ୍ତି ମୋତେ ପଚାରନ୍ତି କେମିତି ବଞ୍ଚିଲ । ମୁଁ କୁହେ-

"ରଖେ ହରି ମାରେ କିଏ, ମାରେ ହରି ରଖେ କିଏ"
ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଯିଏ,
ତା ପାଇଁ ଗଢିବ ମନ୍ଦିର କିଏ ?
ସହସ୍ର ସୂର୍ଯ୍ୟର ଆଲୋକ ଯାହାର,
ତାକୁ ଦେଖାଇବ ପ୍ରଦୀପ କିଏ ।
ସବୁ ଜୀବ ମଧ୍ୟ ବିତରଣ ଯାର,
ତାକୁ କିଏ ଦେଇ ପାରିବ ନାମ ?
ସଂପୂର୍ଣ୍ଣ ଜଗତ ଯାହାର ଉଦରେ,
କିଏ ଦେବ ତାକୁ ସ୍ୱାଦୁ ବ୍ୟଞ୍ଜନ ?

ସେ ହେଉଛନ୍ତି ସେହି ବଳିଆରଭୁଜ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ସେ କେବଳ ଆମଠାରୁ ଭାବପୂର୍ଣ୍ଣ ଭକ୍ତି ଓ ସମର୍ପଣ ଚାହାଁନ୍ତି ।

ତା'ପରେ ଅଜାଡି ଦିଅନ୍ତି କୃପାର ବାରିଧି, ନେଇ ପାରିଲେ ହେଲା, ନେବାର ମାଧ୍ୟମ - ବିଶ୍ୱାସ, ନିସର୍ତ୍ତ ସେବା ଓ ସମର୍ପଣ ।

ଜୟ ଜଗନ୍ନାଥ ! ଜୟ ମା' ଶାରଳା !

ମୁଖ୍ୟ, ସଙ୍ଗୀତ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା
ମୋ: ୯୪୩୭୪୯୬୭୪୮

# ପ୍ରତିବିମ୍ବ

**ବିଜୟଲକ୍ଷ୍ମୀ ଦାଶ**

ଭୁଲିବାକୁ ଚାହିଁଲେ ବି ଭୁଲି ପାରୁନି। ସେଦିନ ସକାଳୁ ସକାଳୁ ପତିତପାବନଙ୍କୁ ମୁଣ୍ଡିଆଟିଏ ମାରିବାପାଇଁ ଗଲାବେଳେ ବାଟରେ ଦୁଇଜଣ ବୃଦ୍ଧ ଦମ୍ପତିଙ୍କ ଉପରେ ମୋର ନଜର ପଡିଲା। ଦୁହେଁ ହାତଧରାଧରି ହୋଇ ଚାଲିଥାନ୍ତି। ବୃଦ୍ଧଜଣଙ୍କ ଫୁଲ୍‌ପ୍ୟାଣ୍ଟ ସାର୍ଟ ଓ ବୃଦ୍ଧାଜଣଙ୍କ କୁ□କରି ସମ୍ବଲପୁରୀ ଶାଢୀଟିଏ ପିନ୍ଧିଥାନ୍ତି। ବେଶ୍ ସୁନ୍ଦର ଯୋଡି। ବୟସବେଳେ ସତେ କେତେ ସୁନ୍ଦର ଦିଶୁ ନଥିବେ ଦୁହେଁ। ତାଙ୍କୁ ହିଁ ଚାହିଁ ରହିଥିଲି। ବେଶ୍ ସମ୍ଭ୍ରାନ୍ତବଂଶର ବୋଲି ଜଣାପଡୁଥିଲେ। ବୃଦ୍ଧାଜଣକ ନଇଁ ନଇଁ ଚାଲୁଥିଲେ। ଭାରି ଇଚ୍ଛାହେଲା ତାଙ୍କ ସଙ୍ଗେ କଥାବାର୍ତ୍ତା ହେବାପାଇଁ। ସେମାନଙ୍କ ପଛେ ପଛେ ଚାଲିଲି। ସେମାନଙ୍କର କଥାବାର୍ତ୍ତାରୁ ଜାଣିଲି, ସେମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ଯାଉଛନ୍ତି। ମୁଁ ଆଗ କଥା ଆରମ୍ଭ କରିଦେଲି। ପଚାରିଲି-

"କୁଆଡେ ଯାଉଛନ୍ତି ମଉସା ?"

ବୃଦ୍ଧ ଜଣଙ୍କ ଉତ୍ତର ଦେଲେ, "ମନ୍ଦିରକୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଛୁ।"

"କେଉଁଠୁ ଆସିଲେ ?"

"କଟକରୁ"

"ଏଡେ ସକାଳୁ ?"

"ହଁ, ଆଳତି ଦେଖିବୁ ବୋଲି କେବେଠାରୁ ଭାବିଛୁ। ଆସିବୁ ଆସିବୁ ବୋଲି ଆସିପାରୁ ନଥିଲୁ। ତା' ଡୋରି ନ ଲାଗିଲେ କଅଣ ଆସିହେବ ? ପାଚିଲା ଆମ୍ବପରି ଆମେ ଦୁଇଟା ଝୁଲୁଛୁ। କେତେବେଳେ ଯେ ଝଡି ପଡିବୁ କିଏ ଜାଣିଛି ? ତେଣୁ ଶେଷ ସମୟରେ ଠାକୁରଙ୍କୁ ଟିକିଏ ଦେଖିବୁ।"

"ଆପଣ ଦୁଇଜଣ ଆସିଛନ୍ତି, ଆଉ କାହାକୁ ସାଥିରେ ଆଣି ନାହାନ୍ତି ? ପୁଅ, ବୋହୂ, ଝିଅ...."

ମୋ ପାଟିରୁ କଥା ସରିଛି କି ନାହିଁ, ବୃଦ୍ଧା ଜଣକ କହିଲେ - "ଆମେ ଗାଡି ନେଇ ଆସିଛୁ। ଡ୍ରାଇଭରଟି ଭାରି ଭଲପିଲା। ସେ ଗାଡି ଜଗି ରହିଛି।"

ଯେମିତି ଲାଗୁଥିଲା ମୋ ପ୍ରଶ୍ନଟା ତାଙ୍କୁ ଭଲ ଲାଗି ନ ଥିଲା। ତାଙ୍କ ସଙ୍ଗେ କଥା ହୋଇ ବାଇଶ ପାହାଚ ଯାଏ ଚାଲିଯାଇ ଥିଲି।

ମାଉସୀ କହିଲେ, "ଏଇଠି ଟିକେ ବସିପଡ, ତା ପରେ ଯିବା।"

ମଉସା କହିଲେ, "ଠିକ୍ ଅଛି।"

ଦୁହେଁ ବସିପଡିଲେ। ତାଙ୍କ ସହିତ କଥାବାକର୍ତ୍ତା ହେବା ଭିତରେ ଆତ୍ମୀୟତା ଟିକିଏ ବଢିଯାଇଥିଲା। ମୁଁ ବି ସେମାନଙ୍କ ସହିତ ପାଖରେ ଟିକିଏ ବସିଯାଇଥିଲି। ତାଙ୍କ ବିଷୟରେ ଜାଣିବାପାଇଁ ମନରେ ମୋର ବହୁତ ପ୍ରଶ୍ନ ଉଙ୍କିମାରୁଥାଏ। କିଛି ସମୟ ବସିବା ପରେ କଥା ଆରମ୍ଭ କଲି। ମୁଁ କହିଲି, "ମୋ ଶାଶୂଘର ବି କଟକରେ।"

"ଆଚ୍ଛା, କେଉଁଠି ?" ମଉସା ପଚାରିଲେ।

ମୁଁ ବି ଛାଡିବା ଲୋକ ନୁହେଁ। ତାଙ୍କ ପୁଅଝିଅ ପରିବାର ବିଷୟରେ ପଚାରିଗଲି। ସେ ଜଣେ ଅବସରପ୍ରାପ୍ତ ଅଧ୍ୟାପକ। ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ। ବଡପୁଅ ଜଣେ ଇଞ୍ଜିନିୟର, ଆମେରିକାରେ ନାଗରିକତ୍ୱ ନେଇଯାଇଛନ୍ତି। ସାନପୁଅ ଜଣେ ବୈଜ୍ଞାନିକ, ସାଇଣ୍ଟିଷ୍ଟ। ସେ ରହନ୍ତି ଲଣ୍ଡନରେ। ଝିଅ ଜ୍ୱାଇଁ ଦୁଇଜଣ ଡାକ୍ତର। ରହନ୍ତି ମୁମ୍ବାଇରେ।

ଅଜାଣତରେ ମୋ ମନର ବୋଝଟାଯାକ ପ୍ରଶ୍ନ ଅଜାଡି ପକାଇଲି - "ଆପଣ ପିଲାମାନଙ୍କ ପାଖରେ ରହି ନାହାନ୍ତି ? ସେମାନେ ଆପଣଙ୍କ ପାଖକୁ ଆସନ୍ତି ? ଆପଣଙ୍କ କଥା ବୁଝନ୍ତି ?"

ମାଉସୀ ଏଥର ମୁହଁ ଖୋଲିଲେ। ଦୀର୍ଘଶ୍ୱାସଟିଏ ଛାଡି କହିଲେ, "ହଁ, ବଡପୁଅ ପାଖକୁ ଥରେ ଯାଇଥିଲୁ। ସେମାନ ତ ତାଙ୍କ କାମରେ ବ୍ୟସ୍ତ। ବୁଢାବୁଢୀ ଦିହା ଆମେରିକାରେ କାହାକୁ ବା ଚିହ୍ନିଚୁ ଜାଣିଚୁ। ଦୁଆର ଦେଇ ଦୁହେଁ ଦୁହିଁଙ୍କ ମୁହଁକୁ ଚାହିଁ କାନ୍ଥବାଡ ସଙ୍ଗେ କଥାହେଉ।"

ମଉସା କହିଲେ, "ସେଠି ରହିବା ଅପେକ୍ଷା ଆମ ଦେଶକୁ ଫେରିଆସିବା ଭଲ ବୋଲି ଦୁହେଁ ସ୍ଥିରକରି ଚାଲିଆସିଲୁ।"

ଦୁହିଙ୍କ କଥାରୁ ସେମାନଙ୍କ ମନରେ ଥିବା ଅବ୍ୟକ୍ତ ଯନ୍ତ୍ରଣା ଓ ଅଭିମାନ ବେଶ୍ ବାରି ହୋଇପଡୁଥିଲା । କହିଚାଲିଥିଲେ ସେମାନେ । ଏଠି ଆମ ନିଜଲୋକ ଓ ପଡୋଶୀଙ୍କ ସହିତ କଥାବାର୍ତ୍ତାହୋଇ ସମୟ କଟିଯାଉଛି । ସନ୍ଧ୍ୟାବେଳେ ସାହିର ମନ୍ଦିରରେ ବସିଲେ ବେଶ୍ ଭଲ ଲାଗୁଛି । ଆଜିକାଲି ପୁଅବୋହୂ, ନାତିନାତୁଣୀ ମାନଙ୍କ ପାଖରେ ବୁଢାବୁଢୀଙ୍କ କଥା ବୁଝିବାକୁ ସମୟ କାହିଁ ? ସାନପୁଅ ବହୁତ ଡାକୁଥିଲା । ହେଲେ ଆମେ ଯାଉନାହୁଁ । ଆମପାଖରେ ଆମ ଗାଁର ପିଲାଟିଏ ଆଣି ରଖିଛୁ । ସେ କାମଦାମ କରିଦେଉଛି । ଦେହ ପା ହେଲେ ସେ ଔଷଧ ଆଣିଦେଉଛି । ପୁଅମାନେ ତ ଆଉ ଭାରତ ଫେରିବାର ଦେଖାଯାଉନି ।

ଦୁହେଁ ଏକସଙ୍ଗରେ କହିଉଠିଲେ, "ବୁଝିଲୁ ଝିଅ, ତୋ ପୁଅ ଝିଅଙ୍କୁ ଛୋଟ ଚାକିରି ହେଉ ପଛକେ, ଏଇଠି ଆମ ମାଟିରେ ରହିବାକୁ କହିବୁ । କିଛି ନ ହେଲେ ହାତଗୋଡ ନ ଚଳିଲାବେଳେ ପାଖରେ ତ ଥିବେ । ସେଠି ସିନା ପୁଳାପୁଳା ଟଙ୍କା ମିଳେ, ହେଲେ ଜୀବନର ମାନେ ହଜିଯାଏ । ଆମଦେଶ ଭଲ, ଆମ ସଂସ୍କୃତି ଭଲ । ଆମ ବନ୍ଧୁବାନ୍ଧବ, ସାଇପଡିଶା, ପର୍ବପର୍ବାଣୀ, ଯାନିଯାତରା ଆଉ କୋଉଠି ନାହିଁ । ହଉ ଚାଲ । ଏବେ ଦର୍ଶନ କରିବାକୁ ଯିବା ।"

ତା'ଙ୍କ ସାଙ୍ଗରେ ମୁଁ ବି ଉଠି ଚାଲିଲି । ଜଗନ୍ନାଥଙ୍କ ପାଖରେ ପହଞ୍ଚି ମୁଣ୍ଡିଆ ମାରିଲି । ବଢିଆ ଦର୍ଶନ । ହେଲେ ମୁଣ୍ଡିଆମାରି ମୁଁ ଆଉ ଉଠିପାରୁ ନଥିଲି । ହଠାତ୍ ମୋ ଦେହ ହାତ ଥରିଲାପରି ଅନୁଭବ କରୁଥିଲି । ବହୁକଷ୍ଟରେ ମୁଣ୍ଡ ଉଠେଇ ଚାହିଁଲା ବେଳକୁ ଦେଖିଲି ସ୍ୱାମୀ ମୋର ବଙ୍କୁଲିବାଡିଟିଏ ଧରି ମୋ ହାତକୁ ବଢାଇ ଦେଇ ପାକୁଆ ପାଟିରେ ହସିହସି କହୁଛନ୍ତି, ଧୀରେଧୀରେ ଉଠ । ଆଉ କଣ ବୟସ ଅଛି ? ଆଣ୍ଠୁଗଣ୍ଠି



ଧରିଛି । ଅତିଭକ୍ତିରେ ତଳେ ନଇଁପଡି ମୁଣ୍ଡିଆ ମାରିଲେ କଣ ହେବ ? ଜଗନ୍ନାଥ ସବୁ ଜାଣୁଛନ୍ତି । ଧୀରେଧୀରେ ମୋର ଥରିଲା ହାତଟା ତା'ଙ୍କ ଆଡକୁ ବଢାଇ ଦେଉଦେଉ ମୁଁ ଯେପରି ଦର୍ପଣ ସମ୍ମୁଖରେ ମୋର ପ୍ରତିବିମ୍ବକୁ ଦେଖୁଥିଲି । ମୋ ପାଖରେ ଠିଆହୋଇଥିବା ସେ ମଉସା ମାଉସୀଙ୍କ ସ୍ଥାନରେ ମୁଁ ଓ ମୋ ସ୍ୱାମୀ ହାତ ଧରାଧରି ହୋଇ ଛିଡା ହୋଇଛୁ । ମୋର ଅଣ୍ଟା ନଇଁପଡିଛି । ଆଖିକୁ ଭଲ ଦିଶୁନି । ଚମଗୁଡାକ ଧୁଡୁଧୁଡୁ ହୋଇଯାଇଛି । ପାଦ ଘୋଷାରି ଚାଲୁଛି । ପିଞ୍ଜରା ଭିତରେ ଚଢେଇ ଛଟପଟ ହେବାପରି ଏଡେବଡ ଘରଟା ଭିତରେ ଦୁହେଁ ନିଛାଟିଆ ଭାବରେ ଚଳୁଛୁ । ପାଖରେ ପୁଅଝିଅ, ନାତିନାତୁଣୀ କେହି ନାହାନ୍ତି । ମୁଣ୍ଡଟା ଘୂରିଯାଉଛି ।

ହଠାତ୍ ମୋତେ ଶୁଭିଲା, "ଝିଅ, ଆମେ ଆସୁଛୁ । ଜଗନ୍ନାଥଙ୍କ ବରାଦ ଥିଲେ ପୁଣି କେତେବେଳେ ତୋ ସାଙ୍ଗେ ଦେଖାହେବ । କଟକ ଆସିଲେ ଆମଘର ଆଡେ ଆସିବୁ ।"

ମୁଁ ପ୍ରକୃତିସ୍ଥ ହେଲି । ଦେହଟା ଥରୁଥିଲା । ପାଟିରୁ କଥା ବାହାରୁ ନଥିଲା । ଦିନରେ ଦିବାସ୍ୱପ୍ନ ଦେଖୁଥିଲି ନା ଜୀବନଦର୍ପଣରେ ଭବିଷ୍ୟତର ପ୍ରତିବିମ୍ବ ଦେଖାଇ ମହାପ୍ରଭୁ ମୋତେ ଡରାଉଥିଲେ ?

କେତେବେଳେ ଆସି ପତିତପାବନଙ୍କ ପାଖରେ ପହଞ୍ଚି ଯାଇଥିଲି । ପତିତପାବନଙ୍କୁ ଚାହିଁ ମୁଣ୍ଡିଆଟିଏ ମାରିଲି । ଲାଗିଲା ଯେଉଁକି ସେ ମୋତେ ଚାହିଁ ମୁରୁକି ମୁରୁକି ହସୁଛନ୍ତି । ମଉସା ମାଉସୀଙ୍କୁ ମୁଣ୍ଡିଆ ମାରି ବିଦାୟ ଦେଇ ଘରକୁ ଫେରିଆସିଲି । ସୋଫା ଉପରେ ନଥ୍ କରି ବସିପଡିଲି । ମୋର ସ୍ୱାମୀ ଗ୍ଲାସଟେ ପାଣିଆଣି ଧରାଇଦେଇ ପଚାରିଲେ, "ହାଲିଆ ହୋଇଗଲ ନା କଅଣ ?" ପାଣି ଗ୍ଲାସଟି ଏକା ଢୋକକେ ପିଇଦେଇ ଟିକିଏ ଚୁପ୍‌ଚାପ ବସିବା ପରେ କହିଲି, "ବୁଝିଲ, ଆମ ପୁଅଝିଅଙ୍କୁ ଏତେ ପାଠପଢା ଓ ଚାକିରି ଉପରେ ଜୋର୍ ଦିଅନି । ନିଜ ଖୁସିରେ ଯାହା ପଢୁଛନ୍ତି ପଢନ୍ତୁ । ବଡ ଚାକିରି ନ କଲେ ନାହିଁ । କୁଆଡେ ବାହାରକୁ ଯିବା ଦରକାର ନାହିଁ । ଆମ ପାଖରେ ଆମ ଆଖି ସାମ୍ନାରେ ତ ରହିବେ ।" ମୁଁ ଜାଣୁଥିଲି ଯେ ମୁଁ ସ୍ୱାର୍ଥପର ପାଲଟି ଯାଇଛି । ସେ କିଛି ବୁଝିପାରୁ ନଥିଲେ । ହଠାତ୍ ତୁମର ଏ ସବୁ କଥା ମୁଣ୍ଡକୁ ଆସିଲା କାହିଁକି ବୋଲି ପ୍ରଶ୍ନ କଲେ । ମୁଁ ତାଙ୍କୁ ସବୁ କଥା କହିଲି । ସେ ଠୋ ଠୋ ହୋଇ ହସି ଉଠିଲେ । କହିଲେ, "ଓହୋ, ଜଗନ୍ନାଥ ତାହେଲେ ତୁମକୁ ଆଗରୁ ସତର୍କ କରାଇଦେଲେ ?" ମୁଁ ତାଙ୍କୁ ବୁଢାବୁଢୀଙ୍କ ପୁଅମାନଙ୍କ ବିଷୟ କିଛି କହି ନଥିଲି ।

କେବଳ ସେଇ ବଡଠାକୁରଙ୍କ ଉଦ୍ଦେଶ୍ୟରେ ମୋ ହାତ ଯୋଡି ହୋଇଗଲା ।

ଶିକ୍ଷୟିତ୍ରୀ,
ଶ୍ରୀକ୍ଷେତ୍ରନିବାସ, ଜି-୧୦୨, ବ୍ୟାସଭବନ, ପୁରୀ
ମୋ - ୯୪୩୯୦୧୨୨୬୭

# ହସୁଥିଲା ଜଗା

**ଅମୂଲ୍ୟ କୁମାର ଦାଶ**

ନବକଳେବର ପାଇଁ ଭବ୍ୟ ପ୍ରସ୍ତୁତି
ସ୍ନାନ ପୂର୍ଣ୍ଣିମାର ଠିକ୍ ପୂର୍ବଦିନ
ସେ ଥିଲା ଏକ ଅଳସ ଅପରାହ୍ଣ
ମ୍ଳାନ ଗୋଧୁଳିରେ ବିଷାଦର ରଙ୍ଗ
ନୀଡ ବାହୁଡା ପକ୍ଷୀଙ୍କ ସ୍ୱରରେ କାରୁଣ୍ୟ
ଚଳଚଞ୍ଚଳ ଶ୍ରୀମନ୍ଦିରେ
ଏକ ଅଦ୍‌ଭୁତ ଶୂନ୍ୟତା,
ମହାବିଗ୍ରହଙ୍କ ମହାଯାତ୍ରାର
ସାଙ୍କେତିକ ଆଭାସର ସ୍ୱର
ସ୍ନାନ ମଣ୍ଡପରୁ ଅଣସର
ଅଣସରରୁ କୋଇଲି ବୈକୁଣ୍ଠ
ପାତାଳୀ ହେବେ ଲୀଳାପୁରୁଷ
ବାଂସାସି ଜୀର୍ଣ୍ଣାନି ସ୍ଥୂଳ ଶରୀର
ସିଂହଦ୍ୱାରରୁ ଲମ୍ବିଛି
ଲୋତକାପ୍ଳୁତ ଭକ୍ତଙ୍କ ଅବାରିତ ଭିଡ,
ଶେଷ ଦର୍ଶନର ଉଚ୍ଚାଟିତ ଆବେଗ
ଏଇ ମାତ୍ର ହିମାଳୟର ଚାରିଧାମ ସାରି
ଆମେ କ୍ଳାନ୍ତ, ଶ୍ରାନ୍ତ ଓ ଅବଶ
ତଥାପି କାଳିଅକୁ ଦେଖିବାର ମୋହ
ରତ୍ନସିଂହାସନେ ଏ ବିଗ୍ରହଙ୍କର ଶେଷଦର୍ଶନ
ଆମ ଶରୀରରେ ପୀଡା, ମନରେ ଉତ୍କଣ୍ଠା
ହୃଦୟରେ ଆହ୍ଲାଦ, ଦର୍ଶନର ଉତ୍ସୁକତା
ଉର୍ଦ୍ଧ୍ୱଶ୍ୱାସରେ ବି ଭରି ଉଦ୍ଦାମତା
ସମସ୍ତ ବିଧି ସୁରକ୍ଷାକୁ ଉପେକ୍ଷାକରି
ନିଷିଦ୍ଧ ଦକ୍ଷିଣଦ୍ୱାର ଦେଇ ଗର୍ଭଗୃହେ ଆମ ଉପସ୍ଥିତି
କଳ୍ପିତ ଥିଲା ତ ଲୀଳାମୟଙ୍କ ଇଚ୍ଛାକୃତ.

ଭକ୍ତ ଗହଳିରେ ଚନ୍ଦନ ଅର୍ଗଳି ଭିତରୁ
ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ନିଆରା
ଅପସୃୟମାନ ସେଇ ଅଳସ ଅପରାହ୍ଣରେ
ବିଳମ୍ବିତ ନୀତି, ବିଡମ୍ବିତ ମନ୍ଦିର ବିଧିରେ
ଶୃଙ୍ଗାରହୀନ ଦିଅଁଙ୍କର ନୈସର୍ଗିକ ବେଶ
ଅପୂର୍ବ-ଅତୁଲ୍ୟ-ଅଲଭ୍ୟ ସେ ଦୃଶ୍ୟ
ବଶମ୍ବଦ ହେଲୁ ! ପ୍ରଣିପାତ କଲୁ ।
ହସୁଥିଲା ଜଗା !
ବିରହ ଓ ବିଳୟ ମୁଦ୍ରାରେ,
କରୁଣ କଟାକ୍ଷ ତାର ବିଲୋଳ ବିଭୋର
ବରଦା ମୁଦ୍ରାରେ ବିଦାୟୀ ଠାକୁର
ସତେ ଅବା ଇଥରରେ ସଞ୍ଚରିତ ହେଲା
ବିଦାୟ ଓ ବିଳୟର ପ୍ରଲମ୍ବିତ ମୁଦ୍ରା,
ଆମ ମାନସ ଚକ୍ଷୁରେ ଯାହା
ଲେପିଦେଲା ମାୟାର ଅଞ୍ଜନ
ଇଚ୍ଛାମୟ ଈଶ୍ୱରଙ୍କ ସ୍ମୃତିର ବିଭୂତି
ତନୁମନ ହେଲା ରୋମାଞ୍ଚିତ
ଶେଷଦର୍ଶନର ସେଇ ସ୍ୱପ୍ନିଳ ଆବେଗ
ଉଦ୍‌ଗତ କୋହକୁ ଚାପି ହୃଦୟୁ ନିଗାଡି
ଅଜାଣତେ ବହିଗଲା ଦୁଇଧାର ଲୁହ
କାଳିଆର ପାଦପଦ୍ମେ ହୃଦ୍ୟ ନିବେଦନ
ଭବ୍ୟ-ଲଭ୍ୟ ଶେଷ ପ୍ରଣିପାତ ।

*ଅମୃତାୟନ,*
*୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭,*
*ମୋ - ୯୪୩୭୩୦୦୪୨୩*

# ହେଲ କି ନିଷ୍ଠୁର ଚିତ୍ତ !

ଡ. ଦେବେନ୍ଦ୍ର କୁମାର ପତି

ସାରା ବିଶ୍ୱବ୍ରହ୍ମାଣ୍ଡର ଦେବତା ସେ। ସେ ଅଖିଳର, ସେ ନିଖିଳର। ସେ ପୁଣି ଅମୃତମୟ ଆଶା ସକଳର। ତାଙ୍କୁ କେନ୍ଦ୍ରକରି ଘୂରୁଛି ଗ୍ରହ, ନକ୍ଷତ୍ର, ନୀହାରିକା ମଣ୍ଡଳ। ବ୍ରହ୍ମାଣ୍ଡ ମାଳ ମାଳ ହୋଇ ଯା ଲୋମକୂପେ ଝୁଲୁଥାଇ। କିଏ ବା ତା'ଙ୍କୁ କଳିବ ? ସେ ଜୀବନ ବେଦର ଓଁକାର ପୁଣି ସୃଜନ ବୀଣାର ଝଙ୍କାର। ସେ ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟ। ସେ ନିରାକାର, ସେ ପୁଣି ସାକାର, ସଗୁଣ ପୁଣି ନିର୍ଗୁଣ, ସର୍ବନାମ ପୁଣି ନାମହୀନ, ସର୍ବସ୍ୱ ପୁଣି ନିଃସ୍ୱ। ଶାସ୍ତ୍ର ପୁରାଣାଦିରେ ଅୟୁତ ବର୍ଣ୍ଣନା ତାଙ୍କ ସମ୍ପର୍କରେ। ତଥାପି ତାହା କିୟଦଂଶ ଓ ଖଣ୍ଡିତ। ବେଳୁବେଳ ସେ ବେଶି ପ୍ରତିଭାତ। ଅଧିକ ଉଦ୍ଦୀପିତ। କେତେବେଳେ ଜ୍ଞାନରେ ଦିଅନ୍ତି ଧରା, କେତେବେଳେ ଅଜ୍ଞାନରେ। ଭାରି ମନୁଆ।

ହଁ, ସେ ମନୁଆ କଳା ସାଆନ୍ତ ଚୂଳାମଣିମା, କଳାକାର ଓ କଳାକର। ସବୁ କଳାପଣ ତାଙ୍କଠି ସରିଛି ବୋଲି ସେ କଳାଠାକୁର। ସରଳତା ଓ ଜଟିଳତା ଉଭୟର ସେ ଶେଷସୀମା। ଅବୋଧ ଶିଶୁଟିଏ ତାଙ୍କୁ ବୁଝିପାରେ, ମାତ୍ର ଶାସ୍ତ୍ରଜ୍ଞ କୂଳକିନାରା ପାଏନାହିଁ। ବିନା ଡାକରାରେ ଧରା ଦିଅନ୍ତି ତ ଜନ୍ମ ଜନ୍ମାନ୍ତରର ସାଧନା ପରେ ବି ତାଙ୍କର ସାନ୍ନିଧ୍ୟ ମିଳେନାହିଁ। ବଡ ରହସ୍ୟମୟ ଜଗନ୍ନାଥ।

ସାରା ବିଶ୍ୱବ୍ରହ୍ମାଣ୍ଡ ତାଙ୍କର ନିବାସ ହୋଇଥିଲେ ବି ଲୌକିକ ଭାବରେ ସେ ଆମ ପ୍ରଦେଶରେ ନିବାସ କରନ୍ତି। ଆହା ! କେତେ ପୁଣ୍ୟ ଆମର। କି ଭାଗ୍ୟ ! ପରଂବହ୍ମ ସ୍ୱୟଂ ନୀଳକନ୍ଦରରେ ନିବାସ କରିବାକୁ ମନସ୍ଥ କରିଛନ୍ତି। ଭାଇଭଉଣୀ, ପତ୍ନୀ, ସହୋଦର, ସତୀର୍ଥଙ୍କ ମେଳରେ ରହି ମାନବୀୟ ଲୀଳା ପରିଚାଳନା କରୁଛନ୍ତି। ନିଜେ ଆନନ୍ଦମୟ ହୋଇଥିବାରୁ ସାରା ଜଗତକୁ ବିମଳ ଆନନ୍ଦ ବିତରଣ କରୁଛନ୍ତି। କୌଣସି ବାଧାବନ୍ଧନ ନ ମାନି ସାଗର ପରି ଫିଟି ପଡୁଛନ୍ତି। ଆକାଶ ପରି ଖୋଲାଇ ହୋଇଯାଉଛନ୍ତି। ସାଗର ତାଙ୍କର ରଙ୍ଗ ଧାର କରି ମାଗି ନେଇଛି। ସୃଷ୍ଟିରେ ସବୁ ଜୀବ ସେମିତି ଆକୃତିପଣରେ କିଛି କିଛି ମାଗି ନେଇଛନ୍ତି। ପ୍ରାପ୍ତିଜନିତ ପୁଲକରେ କିଏ ଧନ୍ୟ ତ କିଏ ଅଧିକ ଲୋଭରେ ଆହୁରି କରୁଣାଭିକ୍ଷା କରୁଛି। ଶରଧାବାଲିରୁ କେବଳ ହାତେ ମାତ୍ର ମାଗିବାର କିଛି ଅଭିମାନ ବି ପୋଷଣ କରି ଚାଲିଛନ୍ତି। ଅନ୍ତର୍ଯ୍ୟାମୀ ସଭିଙ୍କ ମନକଥା ବୁଝନ୍ତି। କିଏ କାଚ କିଏ କା□ନ, ଚିହ୍ନି ତଦନୁଯାୟୀ ଉପଚାର କରନ୍ତି।

ସୃଷ୍ଟିରେ ସବୁ ଜୀବଙ୍କ ମଧ୍ୟରେ ସେ ମଣିଷକୁ ସ୍ୱତନ୍ତ୍ର କରି ଗଢିଛନ୍ତି। ମଣିଷ ଭିତରେ ଏମିତି ଶକ୍ତି ଭରିଦେଇଛନ୍ତି, ଯାହା କ୍ରମ ଉନ୍ନତିଶୀଳ। ତାକୁ ସୃଷ୍ଟି କଲା ପରେ ଅନ୍ତର୍ନିହିତ ଦିବ୍ୟଜ୍ଞାନକୁ ଦେଖି ସନ୍ତୋଷ ପ୍ରକଟ କରିଛନ୍ତି ବୋଲି ପ୍ରତୀୟମାନ ହୁଏ। ସୃଷ୍ଟିର ସୁରକ୍ଷା ଓ ପରିଚାଳନାରେ ମନୁଷ୍ୟର ବୁଦ୍ଧି ଓ ବିବେକ ସହାୟକ ହେବ ବୋଲି ଈଶ୍ୱର ପ୍ରତ୍ୟୟ ପୋଷଣ କରନ୍ତି। ସତ୍ୟ, ତ୍ରେତୟା, ଦ୍ୱାପର ଯୁଗ ମାନଙ୍କରେ ମଣିଷର ବିକାଶ ତାଙ୍କୁ ପ୍ରଫୁଲ୍ଲିତ କରିଛି। ତାର ସାମୟିକ ସ୍ଖଳନକୁ ମହାପ୍ରଭୁ ଭିନ୍ନ ଅବତାରରେ ସୁଧାରି ନେଇଛନ୍ତି। ଦୁଷ୍ଟ ଦୁରାତ୍ମାଙ୍କୁ ଦଣ୍ଡଦେଇଛନ୍ତି ଓ ସନ୍ଥମାନଙ୍କୁ ସୁରକ୍ଷାଦେଇ ଯୁଗଧର୍ମ ବଜାୟ ରଖିଛନ୍ତି।

କଳିଯୁଗରେ ଠାକୁର ଅପ୍ରକାଶ୍ୟ ନୁହନ୍ତି। ପ୍ରତ୍ୟକ୍ଷ ଠାକୁର। ଡାକିଲେ ଦିଅନ୍ତି ଉତ୍ତର। ଆମମାନଙ୍କ ଗହଣରେ ଜଣେ ହୋଇ ବିଜେ କରିଛନ୍ତି। କେତେ ଲୀଳା, ନାଟ ଲଗାଇଛନ୍ତି ଆମକୁ ଅବାଟରୁ ହଟେଇ ଆଣିବା ପାଇଁ। କେତେ ଆକର୍ଷଣ କେତେ ପ୍ରଲୋଭନ ସତେ। ତଥାପି ରହି ଯାଉଛି ଫାଙ୍କ। ଆତ୍ମା ଓ ପରମାତ୍ମା ମଧ୍ୟରେ। ତା'ଙ୍କ ସ୍ଥୁଳତ୍ୱରେ ବିଭୋର ହୋଇ ଆମେ ପାସୋରି ଦେଉଛୁ ସୂକ୍ଷ୍ମାତିସୂକ୍ଷ୍ମ ସତ୍ତାକୁ।

କ୍ରମ ଉନ୍ନତିଶୀଳ ମନୁଷ୍ୟର ଉନ୍ନତି ଓ ଅବନତି ସମତାଳରେ ଗତିକରୁଛି। ଗୋଦରା କୋଡିଲା ପରି ଆମ ଅବସ୍ଥା। ଇନ୍ଦ୍ରିୟାତୀତଙ୍କୁ ଲାଭକରିବାର ଦୁର୍ବାର ଲାଳସା। ଏଣେ ଇନ୍ଦ୍ରିୟ କବଳରେ ବନ୍ଦୀ। ସେ ତା'ଙ୍କ ମହାନତାରୁ ସ୍ୱୟଂ ବରିନେଲେ ମାନବୀୟ ଲୀଳା। ମାତ୍ର ଆମେ ଅବୋଧପଣରେ ତା'ଙ୍କ ଉପରେ ଆମର ଖିଆଲ ଲଦିଚାଲିଛୁ। ସ୍ତୁତି ଓ ସ୍ତବରେ ତା'ଙ୍କୁ ଉଚ୍ଛ୍ୱସିତ କଲୁ, ମାତ୍ର କାମନାର କୋଠରି ଭିତରୁ ମୁକୁଳି ପାରିଲୁ ନାହିଁ। ଷଡରିପୁଙ୍କୁ ସଅଂପିବା ବଦଳରେ ସହସ୍ରରିପୁଙ୍କୁ ସହଚର କଲୁ। ଭାବିଲୁ ସେ କିଛି ଜାଣିପାରୁନାହାନ୍ତି, ଆମ ଭାବବୋଳା ଭଜନରେ ତନ୍ମୟ ହୋଇ ଯାଇଛନ୍ତି।

ତନ୍ମୟ ହୋଇଯିବାଟା ସତ। ମାତ୍ର ଆମ ମନୋଭାବ ବୁଝିଲା ପରେ। ଆମ ମନତଳକୁ ଦେଖିଲାପରେ ତା'ଙ୍କ କୃପାବାରି ଛାଏଁ ବାଷ୍ପୀଭୂତ

ହୋଇଯାଉଛି । ଅପାତ୍ରରେ ସେ ଦାନ ଦେବେ ଅବା କାହିଁକି ! ଆମର ତୁଚ୍ଛା ଅଭିମାନ, 'ସମୁଦ୍ରେ ବରଷୁ ଜଳ, ଟୋପାଏ ନ ପାଏ କୂଳ' ତାଙ୍କ ଉପରେ ପ୍ରଭାବ ନ ପକାଇବା ସ୍ୱାଭାବିକ ନୁହେଁ କି ! ବାରବାର ଆମେ ଘୋଷି ହେଉଛୁ ସେ ଭାବର ଠାକୁର । ଭାବକୁ ନିକଟ, ଅଭାବକୁ ଦୂର । ହେଲେ, ସେ ଅଭାବ ଧନସଂପତ୍ତିର କିବା ଭୋଗନୈବେଦ୍ୟର ନୁହେଁ । ନିଃସର୍ତ୍ତ ଆତ୍ମ ସମର୍ପଣଭରା ଭକ୍ତିଭାବନାର । ସେ ଭକ୍ତି ଥିଲା ଦାସିଆର, ବନ୍ଧୁ ମହାନ୍ତିର, ବିଦୁରର । ଭକ୍ତ ଓ ଭଗବାନ ଉଭୟେ ଧନ୍ୟ ହେଲେ ଭକ୍ତିର ଦୃଢତାରେ । ନଥିଲା ସେଠି ଅହଂ, ତାମସିକତା ଅବା ପ୍ରଦର୍ଶନବାଦ । ତେଣୁ ଶୋଇଥିବା ଲୋକକୁ ଉଠେଇବା ଭାରି କଷ୍ଟ । ସବୁ ଜାଣିବୁଝି ଆମେ ଅଜ୍ଞାନପରି ଆଚରଣ କଲେ, ଏଥିକୁ କାହାର ସାଧ୍ୟ ଅଛି ?

ଜଡତା ଓ ତାମସିକତା ଆସ୍ଥାନ ଜମେଇ ବସିଛନ୍ତି ଆମ ଭିତରେ । ଆସୁରିକ ପ୍ରବୃତ୍ତିଗୁଡିକୁ ପରିପୁଷ୍ଟ କରିଚାଲିଛୁ ଆମେ ନାନା ବାଗରେ । ଶରୀର ମନ୍ଦିର ଅପବିତ୍ର, ପ୍ରାଣ ନିଷ୍ପନ୍ଦ ଓ କଙ୍କରିତ, ମନ ନିୟନ୍ତ୍ରଣହୀନ ଏବଂ ତା' ଭିତରେ ଆତ୍ମା କଲବଲ । ସେହି ଆତ୍ମା ପୁଣି ପରମାତ୍ମାଙ୍କ ସହ ଯୁକ୍ତ ହେବ କିପରି ! ରଥ, ପଥ ଓ ଜଗନ୍ନାଥ ଆମ ଆଖି ଆଗରେ । ହେଲେ କ'ଣ ହେବ ହାତ ପାହାନ୍ତାରେ ତ ନାହାନ୍ତି । ଯେଉଁ ହାତ ଶ୍ରୀଅଙ୍ଗସ୍ପର୍ଶଜନିତ ବ୍ୟାକୁଳତାରେ ମୁହ୍ୟମାନ, ସେ ରକ୍ତମାଂସର ଚଉରାଅଶି ଚର୍ମର । ସେ କ'ଣ ଛୁଇଁ ବି ଛୁଇଁ ପାରିବ ନୀଳମଣିଙ୍କୁ ! ହାତ ଛୁଇଁଦେଲେ କ'ଣ ହେଲା, ଆତ୍ମା କ'ଣ ସେ ଦିବ୍ୟସୁଖ ଲାଭ କରିପାରିବ !

ଏ ସମସ୍ତ କେବଳ ଚିନ୍ତନ ପାଇଁ ପ୍ରଶ୍ନ ନୁହେଁ, ନିରୀକ୍ଷଣ ନିଜ ଭିତରେ ନିଜକୁ । ବଳରାମ ଦାସ ହୁଅନ୍ତୁ ଅବା ସାଲବେଗ, ଆମକୁ ଦେଖାଇ ଯାଇଛନ୍ତି ପ୍ରାପ୍ତିର ପ୍ରଶସ୍ତମାର୍ଗ । ଭୌତିକ ବିବେଚନା ସେମାନଙ୍କ ଭକ୍ତିମତ୍ତାର କଳନା କରିପାରେନି କି କଦାଚିତ କରିପାରିବ ନାହିଁ । ଯୋଜନ ଦୂରରୁ ଯିଏ ଯୋଡିପାରିବ; ସେ କୋଳାହଳମୟ ନବଜିଆ ଭକ୍ତିର ଗୋଳିଆ ପାଣିରେ ନ ପଶି ବିମଳ ବିଭୁପ୍ରେମରେ ଝରଣାଜଳ ପାନ କରିବାକୁ ଉନ୍ମୁଖ ହେବ । ସବୁ ଆରୋପ, ପ୍ରତ୍ୟାରୋପ ନିଜ ଆଡକୁ ମୁହାଁଇଦେବ । ମହାପ୍ରଭୁ ନିଷ୍ଠୁର ନି□ମଧ୍ୟରେ ଆପଣାର ଦିବ୍ୟ ଅଭୀପ୍ସାକୁ ବିଲୀନ କରିସାରିଥିବ ।

ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ - ୯୪୩୭୩୫୮୯୬୯



# ଆନନ୍ଦ ଭାବମୟ ଠାକୁର

ମନୋଜ କୁମାର ମହାପାତ୍ର

ଗତବର୍ଷ ଶ୍ରୀଜଗନ୍ନାଥଙ୍କର ନବକଳେବର ଉପଲକ୍ଷେ ବନଯାଗ ଯାତ୍ରା ଓ ତତ୍‌ପଶ୍ଚାତ୍ ଘଟପରିବର୍ତ୍ତନର ନାଟକୀୟ ପରିବେଶ ବେଶ୍ ଗଣ ମାଧ୍ୟମରେ ଚର୍ଚ୍ଚିତ ହୋଇଥିଲା । ନ ଜାଣିଥିବା ଲୋକ ବହୁ କଥା ଜାଣିଲେ । ଗୁପ୍ତ କାର୍ଯ୍ୟଗୁଡ଼ିକ ପ୍ରଘଟ ହେଲା । ସାଧାରଣ ଜନତା ଜଳଜଳ ଦେଖିଲେ ଏବଂ ଜଗନ୍ନାଥଙ୍କର ମହିମା ଶତଗୁଣିତ ହେବାକୁ ଲାଗିଲା । ଏ ସବୁ ଆଜିର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯାଦୁକାରୀ ଶକ୍ତି । କିନ୍ତୁ ସଚେତନ ଭକ୍ତ ଏବଂ ଅନ୍ତର୍ମୁଖୀନ ଆଧାତ୍ମିକ ଅନ୍ୱେଷୀଙ୍କ ମନ ଓ ବିଶ୍ୱାସ ହେଲା ଭୟ ଓ ଆଶଙ୍କାରେ ଦୋଳାୟିତ ଓ ଦିକ୍‌ଦାର । କାହିଁକି ନା ଏ ସବୁ ନାଟକୀୟ କାର୍ଯ୍ୟରେ ଯେତିକି ଭକ୍ତି ଓ ଆଧାତ୍ମିକତା ନଥିଲା, ତା'ଠୁ ବେଶୀ ଦର୍ଶିତ ହେଲା ଦଇତାପତିଙ୍କ ଦାମ୍ଭିକତା ଓ ଅହଂକାର, ଶ୍ରୀଜଗନ୍ନାଥଙ୍କର ଖାସ୍ ବଂଶଧର ବୋଲାଉଥିବା ସେମାନଙ୍କର ନିଷ୍ଫଳ ଆତ୍ମାଭିମାନ, ନିଜକୁ ବିଜ୍ଞାପିତ କରାଇବାର ଦୁର୍ବାର ଇଚ୍ଛା ଏବଂ ସର୍ବୋପରି ମଝିରେ ମଝିରେ "ଏ ସବୁ ଜଗନ୍ନାଥଙ୍କର ଲୀଳା" ବୋଲି ଉଚ୍ଚାରଣ କରିବାର ଛଳନାପୂର୍ଣ୍ଣ ଲୋକଦେଖାଣିଆ ଆସ୍ଫାଳନ । କେବଳ ସେତିକିରେ ସେମାନେ ଅଟକି ଗଲେନି, ମନୁଷ୍ୟ ଭଳି ଶ୍ରୀଜଗନ୍ନାଥଙ୍କୁ ପାତାଳି ନାଁରେ ସମାଧି ଦେଲେ, ଶ୍ମଶାନରୁ ଫେରି ହଳଦି ପାଣିରେ ପାଦ ପ୍ରକ୍ଷାଳନ କଲେ, ପିତାକଷା ଖାଇଲେ, ଦଶାହ ପାଳିଲେ, ଲଣ୍ଡା ହେଲେ । ଏକାଦଶାହ, ଦ୍ୱାଦଶାହ ଭଳି ତ୍ରୟୋଦଶାହ ପାଳନ କରି ବ୍ରାହ୍ମଣ ଓ ବାଟ ଭିକାରୀଙ୍କୁ ଉଦରଭରି ଭୋଜନ କରାଇଲେ, ତା' ପୁଣି ବଡ଼ ଦେଉଳ ପରିସର ଭିତରେ । କଣ ନା ଇୟେ ସବୁ ଆମ ପରମ୍ପରା !

ଯେଉଁ ବ୍ରହ୍ମଙ୍କୁ ଜାଣିବା ପାଇଁ ବେଦ, ବେଦାନ୍ତ, ଉପନିଷଦ ପରାଜିତ ଓ ବାକ୍‌ରୁଦ୍ଧ, ସେଠି ସେମାନେ ଜଗନ୍ନାଥଙ୍କ ବିଗ୍ରହ ଭିତରୁ ବ୍ରହ୍ମଙ୍କୁ ବାହାରକରି ଖଟୁଲିରେ ରଖି ଜଣକପରେ ଜଣେ ପ୍ରଣାମ କଲେ, ଭେଟି ଦେଲେ । ଆମର ଏପର୍ଯ୍ୟନ୍ତ ବିଶ୍ୱାସ ଥିଲା ଯେ ବିଗ୍ରହ ମାନଙ୍କ ଭିତରେ କ'ଣ ଅଛି କାହାକୁ ଜଣା ନାହିଁ । ତାଙ୍କୁ କେହି ଦେଖି ନାହାଁନ୍ତି । ଚାରିଜଣ ବାଡ଼ଗ୍ରାହୀ ଆଖିରେ ଅନ୍ଧପୁଟୁଳି ବାନ୍ଧି, ହାତରେ ପାଟବସ୍ତ୍ର ଆଚ୍ଛାଦନ କରି ନିଃଶବ୍ଦରେ ସେହି ଗୁପ୍ତ ବସ୍ତୁଟିକୁ ପୁରୁଣା ବିଗ୍ରହରୁ ବାହାର କରି ନୂତନ ବିଗ୍ରହରେ ଥାପିଥାନ୍ତି । କିନ୍ତୁ ଏଥର କାଳେ ସେପରି ହୋଇନି ବୋଲି ଡିଣ୍ଡିମ ବାଜୁଛି, ଯାହାଫଳରେ ଆମର ବିଶ୍ୱାସ ଓ ପରମ୍ପରା ଉପରେ ହୋଇଛି କୁଠାରଘାତ ।

ତା ବ୍ୟତୀତ ବିଭିନ୍ନ ଜନରବ । କିଏ କହିଲା ବ୍ରହ୍ମ ଚୋରି ହୋଇଗଲେ, କିଏ କହିଲା ବ୍ରହ୍ମଙ୍କର ଫଟୋ ଓ ପାତାଳି ହେବାର ଦୃଶ୍ୟକୁ ମୋବାଇଲ୍‌ରେ ଉଠାଇ ସୋସିଆଲ୍ ମିଡ଼ିଆରେ ଛାଡ଼ିଦେଲେ ...... ଇତ୍ୟାଦି । ଅବଶ୍ୟ ଏହାର ସତ୍ୟତା ଥାଇ ନ ପାରେ । ଭକ୍ତଟିଏ ମଧ୍ୟ କାୟମନୋବାକ୍ୟରେ ଚାହେଁ ଏଭଳି ଗୁଜବ ସତ୍ୟ ନହେଉ ।

ନିଶ୍ଚିତ ଭାବରେ ଏତାଦୃଶ ବାଦବିବାଦ ସଚେତନ ଆଧାତ୍ମିକ ପିପାସୁଙ୍କୁ ଯେତେ କଷ୍ଟ ଦେଇନି, ତା'ଠାରୁ ବେଶୀ ଯନ୍ତ୍ରଣାଦାୟକ ହୋଇଛି ଦଳେ ଜଗନ୍ନାଥ ସଂସ୍କୃତି ଓ ଧର୍ମର ପଣ୍ଡିତ ଓ ସଂସ୍କୃତିବିତ୍ ବୋଲାଉଥିବା ଉଦ୍‌ଘୋଷକଙ୍କର ବାଡବତା ନଥିବା ଧାରା ବିବରଣୀ । କହୁ କହୁ ଜଣେ ସୁପରିଚିତ ପଣ୍ଡିତ ଉତ୍‌ଫୁଲ୍ଲିତ ହୋଇ କହି ପକେଇଲେ ଟିଭି ସାମ୍ନାରେ – "ଆଜି ସ୍ନାନପୂର୍ଣ୍ଣିମା । ଆହା... ଆଜି ମହାପ୍ରଭୁ ରତ୍ନସିଂହାସନର ଉଣେଇଶ ବର୍ଷର ମୋହକୁ ଛାଡ଼ି ସ୍ନାନମଣ୍ଡପକୁ ଯିବା ପାଇଁ ଋହୁଁନାହାନ୍ତି । କାରଣ ଏ ବିଗ୍ରହରେ ସେ ଆଉ ଫେରିବେନି ରତ୍ନ ସିଂହାସନକୁ ।" ଏଭଳି ଅନେକ ଆବେଗପୂର୍ଣ୍ଣ ଉଚ୍ଚାରଣ... । ସତେ କେତେ ଭୟଙ୍କର କଥା ସବୁ ଇୟେ । ଯେଉଁ ଭଗବାନ ଶ୍ରୀକୃଷ୍ଣ ଆମକୁ ଗୀତାରେ ଅନାସକ୍ତ, ଅମୋହ, ଅଲୋଭ ହେବାକୁ ବାରମ୍ବାର ଚେତାଇ ଦିଅନ୍ତି, ସେ ପୁଣି ନିଜର ରତ୍ନ ସିଂହାସନ ପ୍ରତି ଏତେ ଆସକ୍ତ ! ଆମର ସର୍ବଶ୍ରେଷ୍ଠ ଠାକୁର ଯେତେବେଳେ ରତ୍ନସିଂହାସନର ମୋହ ଛାଡ଼ିବାକୁ ନାରାଜ, ତେବେ ଆମେ ସଂସାରିଜନଙ୍କର ଅବସ୍ଥା କ'ଣ ହେବ ଥରେ ଭାବନ୍ତୁନା ?

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ମଣିଷ ନିଜର ଚିନ୍ତା, ଭାବନା ଓ ଆବେଗକୁ ଶ୍ରୀଜଗନ୍ନାଥଙ୍କ ସହ ଯୋଡ଼ିବାକୁ ଉଦ୍ୟମରତ, ତେଣୁ ଏଭଳି ଅନ୍ତଃସାରଶୂନ୍ୟ ଉଚ୍ଚାରଣ ଓ ବଚନ, ତା ମୁଖରୁ ବାହାରିବ ହିଁ ବାହାରିବ । ଘଟ ପରିବର୍ତ୍ତନ (ପ୍ରକୃତରେ ବ୍ରହ୍ମ ପରିବର୍ତ୍ତନ ନୁହେଁ)କୁ ନେଇ ଯାହା ସବୁ ଘଟୁଛି ଓ ଘଟିବ, ଲୋକମାନଙ୍କ ଭାବାବେଗ ସହିତ ରାଜନୈତିକ ନେତା, ଧାର୍ମିକ ନେତା, ଗଣମାଧ୍ୟମ ଓ ବିଦ୍ୱାନ ଯେପରି ଖେଳ ଖେଳୁଛି, ଭାକ୍ତିକ ମିଥ୍ୟା ଓ ଧାର୍ମିକ ଭଣ୍ଡାମିକୁ ଆଧାରକରି ଶ୍ରୀଜଗନ୍ନାଥଙ୍କର ମହିମାକୁ

ଚମତ୍କାରିତାର ରୂପ ଦେଇ ଦଳେ ପଣ୍ଡିତ ଯେପରି ପ୍ରଚାର ଓ ପ୍ରସାରଣ କରିବାରେ ଦିନରାତି ମଗ୍ନ, ସେ ସେବୁ ଏଠାରେ ବିଶେଷ ବର୍ଣ୍ଣନା କରିବା ଆବଶ୍ୟକ ନାହିଁ। ଏସବୁ ମଣିଷ ଗଢ଼ା ପ୍ରଥା ଓ ପରମ୍ପରା। ଆମେ ଯେମିତି ରହୁଁଛେ ସେମିତି ଜଗନ୍ନାଥଙ୍କୁ କରିଛେ। କହିବାକୁ ଗଲେ ଜଗନ୍ନାଥହିଁ ମଣିଷ କଳ୍ପନାର ଏକ ଆବିଷ୍କୃତ ରୂପ।

ଏହା ସତ୍ତ୍ୱେ ଜଗନ୍ନାଥଙ୍କ ସହିତ ଯୋଡ଼ି ହୋଇ ରହିଥିବା ସହସ୍ର ବର୍ଷର ପ୍ରଥା ଓ ପରମ୍ପରା ନିଶ୍ଚିତ ଭାବରେ ମହାନ୍ ଓ ନିଆରା। ଆମେ ସେଥିପାଇଁ ଗର୍ବିତ। କାହିଁକି ନା ଅତୀତରେ କେତେ ବାଧାବିଘ୍ନକୁ ସାମ୍ନାକରି ଏହି ନିଆରା ପରମ୍ପରା ଘଟଣା ପ୍ରବାହରେ ଆବହମାନ କାଳରୁ ଗଡ଼ିଚାଲିଛି। ଓଡ଼ିଆ ଜାତି ଏ ଜଗନ୍ନାଥ ସଂସ୍କୃତି ସହିତ ଓତପ୍ରୋତ ଭାବରେ ଜଡ଼ିତ। ଯେଉଁମାନେ ଜାଣତରେ ବା ଅଜାଣତରେ, ନିଜର ସ୍ୱାର୍ଥ ସାଧନ ନିମନ୍ତେ ଏପରି ମହାନ୍ ପରମ୍ପରାକୁ କ୍ଷୁର୍ଣ୍ଣ କରୁଛନ୍ତି, ଆମେ କାୟ, ମନ ଓ ବଚନରେ ସେମାନଙ୍କୁ ଶୃଙ୍ଖଳିତ ଓ ଅନୁଶାସିତ ଢଙ୍ଗରେ ବିରୋଧ କରିବା ହେବ ଶ୍ରୀଜଗନ୍ନାଥଙ୍କ ପ୍ରତି ଆମର ଶ୍ରେଷ୍ଠ ପ୍ରାର୍ଥନା। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି ନୁହେଁ ଅବା କାହା ପ୍ରତି ବିଦ୍ୱେଷ ବା ଅସୂୟା ଭାବ ରଖି ନୁହେଁ। ଏଠାରେ ସ୍ମରଣୀୟ ଯେ, ଜଗନ୍ନାଥଙ୍କୁ କେନ୍ଦ୍ର କରି ଆଜି ଆମେ ଯେତେ ବାଦବିବାଦ ସୃଷ୍ଟି କରିବା, ସେତେ ଆମର ଏହି ମହାନ୍ ଜଗନ୍ନାଥ ସଂସ୍କୃତି ବିଶ୍ୱ ଦରବାରରେ ଅପମାନିତ ଓ ପରିହାସିତ ହେବ। ସୁତରାଂ ତୃଟିକୁ ସଜାଡ଼ି ନିଆଯାଉ, ଆଉ ଯେପରି ଏହାର ପୁନରାବୃତ୍ତି ନ ଘଟେ ସେଥିପାଇଁ ବିହିତ ପଦକ୍ଷେପ ନେବା ଉଚିତ।

ଆମକୁ ମନେରଖିବାକୁ ହେବ - ଯିଏ ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା, ସେହି ଈଶ୍ୱରଙ୍କର କୌଣସି ପ୍ରତିମୂର୍ତ୍ତି ନାହିଁ। ସେ ହିଁ ସଚ୍ଚିଦାନନ୍ଦ ସ୍ୱରୂପ, ଅଜନ୍ମା, ନିରାକର, ସର୍ବବ୍ୟାପକ, ସର୍ବଶକ୍ତିମାନ, ନ୍ୟାୟକାରୀ, ଦୟାଳୁ, ଅନନ୍ତ, ନିର୍ବାକାର, ଅନାଦି, ଅନୁପମ, ସର୍ବାଧାର, ସର୍ବେଶ୍ୱର, ସର୍ବାନ୍ତର୍ଯ୍ୟାମୀ, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟି କର୍ତ୍ତା । ଯଜୁର୍ବେଦରେ କୁହାଯାଇଛି - "ନ ତସ୍ୟ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍ୟଶଃ।" ତଥାପି ଈଶ୍ୱର ହିଁ ଭାବକୁ ନିକଟ, କିନ୍ତୁ ଅଭାବକୁ ଦୂର। ତାଙ୍କର ଏକ ନିର୍ଦ୍ଦିଷ୍ଟ ରୂପ ନାହିଁ। ଆମେ ଯାହାଙ୍କୁ ଦାରୁ ବୋଲି ଭାବୁଥାଇଁ, ସେ ବାସ୍ତବରେ ତାହା ନୁହଁନ୍ତି। ଯିଏ ଯେପରି ଭାବରେ ତାଙ୍କୁ କଳ୍ପନା କରେ ବା ଚିନ୍ତାକରେ, ସେ ସେଇଆ ହୋଇ ଦର୍ଶନ ଦେଇଥାନ୍ତି। ଯାହା ଜଣଙ୍କ ପାଇଁ, ତାହା ଅନ୍ୟଜଣଙ୍କ ପାଇଁ ସେଇଆ ହୋଇ ନପାରେ, ମାନସିକତାରେ ପ୍ରଭେଦ।

ବିଗ୍ରହ ମଧ୍ୟସ୍ଥ ଗୁପ୍ତ ବସ୍ତୁଟିକୁ ନେଇ ଅନେକ ଅଯଥା ବାଦବିବାଦ - କିଏ କହନ୍ତି ଜୀବନ୍ତ ଶାଳଗ୍ରାମ, କିଏ କହେ ଭଗବାନ କୃଷ୍ଣଙ୍କର ନାଭିକମଳ, କିଏ କହେ ଭଗବାନ ବୁଦ୍ଧଙ୍କର ଦନ୍ତ, କିଏ କହେ ସ୍ୱର୍ଣ୍ଣ ନିର୍ମିତ ଯନ୍ତ୍ର, କିଏ କିଏ ବି କହେ - ସର୍ବପୁରାତନ ଆଦିବିଗ୍ରହଙ୍କର କିଛି ଅଂଶ। ସେ ଯାହା ବି ହୋଇଥାନ୍ତୁ। ଆମେ ଜଗନ୍ନାଥଙ୍କୁ ଭଲପାଉ, ଶ୍ରଦ୍ଧାକରୁ, ଭକ୍ତିକରୁ। ତାଙ୍କ ଦେହଟା ନିମ୍ବକାଠରେ ତିଆରି କି ନୁହେଁ, ତାଙ୍କ ଦେହରେ କେଉଁ କନାର ପଟି ଦିଆଯାଇଛି କିମ୍ବା ତାଙ୍କ ଦେହରେ ରଙ୍ଗ କେମିତି ବୋଳା ଗଲା କିମ୍ବା ତାଙ୍କ ଭିତରେ ଯେଉଁ ଗୁପ୍ତ ଜିନିଷଟି ରହିଛି, ତାହା ବାସ୍ତବରେ କ'ଣ, ଏସବୁ ଜାଣିବାର ଚେଷ୍ଟା କେବଳ ହିସାବବୁଦ୍ଧିର କାମ, ପ୍ରକୃତ ଭକ୍ତର ନୁହେଁ। ଶ୍ରୀରାମକୃଷ୍ଣ ପରମହଂସ କୁହନ୍ତି- "ବ୍ରହ୍ମ ଯେ କି ବସ୍ତୁ, କେହି ମୁହଁରେ ଏ ପର୍ଯ୍ୟନ୍ତ କହିପାରି ନାହାନ୍ତି। ସଂସାରର ସବୁ ଜିନିଷ ଉଚ୍ଛିଷ୍ଟ ହୋଇଛି କିନ୍ତୁ ବ୍ରହ୍ମ ହୋଇନାହିଁ।" ଏହାର ଅର୍ଥ ଯେ, ତାଙ୍କର ସ୍ୱରୂପ କାହା ମୁହଁରେ ଉଚ୍ଚାରିତ ହୋଇନାହିଁ। ବ୍ରହ୍ମଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। ପୁଣି ଶ୍ରୀରାମକୃଷ୍ଣ କୁହନ୍ତି - "ଯେତେବେଳେ ବ୍ରହ୍ମ ସୃଷ୍ଟି, ସ୍ଥିତି, ପ୍ରଳୟ କରନ୍ତି, ସେତେବେଳେ ତାଙ୍କୁ ସଗୁଣ ବ୍ରହ୍ମ ବା ଆଦ୍ୟାଶକ୍ତି କୁହନ୍ତି। ଯେତେବେଳେ ସେ ତିନିଗୁଣର ଅତୀତ, ସେତେବେଳେ ତାଙ୍କୁ ନିର୍ଗୁଣ ବ୍ରହ୍ମ, ବାକ୍ୟ ମନର ଅତୀତ ପରଂବ୍ରହ୍ମ କୁହାଯାଏ। ନିର୍ଗୁଣ ବ୍ରହ୍ମ ଅବାଙ୍‌ମନସୋଗୋଚରମ୍, ତ୍ରିଗୁଣାତୀତମ୍। ସଚ୍ଚିଦାନନ୍ଦ ଯେପରି ଅନନ୍ତ ଜଳରାଶି। ମହାସାଗାରର ଜଳ ଥଣ୍ଡାଦେଶରେ ସ୍ଥାନେ ସ୍ଥାନେ ଯେପରି ବରଫ ପାଲଟିଯାଏ, ସେହିପରି ଭକ୍ତି - ହିମରେ ସେହି ସଚ୍ଚିଦାନନ୍ଦ (ସଗୁଣ ବ୍ରହ୍ମ) ଭକ୍ତ ମାନଙ୍କ ପାଇଁ ସାକାର ରୂପ ଧାରଣ କରନ୍ତି।" ସୁତରାଂ ଆମ ଶ୍ରୀଜଗନ୍ନାଥ ହିଁ ସଗୁଣ ଓ ନିର୍ଗୁଣ ବ୍ରହ୍ମଙ୍କର ଏକ ପ୍ରତିମୂର୍ତ୍ତି ମାତ୍ର।

ହେଇପାରନ୍ତି - ଶ୍ରୀଜଗନ୍ନାଥ ଦ୍ୱାପରଯୁଗର କୃଷ୍ଣ, ତ୍ରେତୟାର ଶ୍ରୀରାମ ଅଥବା ସମସ୍ତ ଅବତାର ତାଙ୍କଠାରୁ ହିଁ ଜାତ। ସେ ବୁଦ୍ଧ, ସେ ନିର୍ବାଣ। ସେ ବହୁରୂପୀ। ସେ ଅବତାରୀ। ସେ ଯାହାଚାହିଁବେ ତାହା ହୋଇପାରିବେ। ତାଙ୍କୁ କେହି ଯଦି ଭାବେ ଯେ ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଦରଗଢ଼ା ଦାରୁଦେବତା କିମ୍ବା ବିଶ୍ୱାବସୁ ଶବରର ନୀଳମାଧବ କିମ୍ବା ବୌଦ୍ଧଧର୍ମୀ ଇନ୍ଦ୍ରଭୂତିଙ୍କର ବୁଦ୍ଧ, ଧମ୍ମ ଓ ସଂଘର ପ୍ରତୀକ, କିମ୍ବା ଷଡଦର୍ଶନର ସିଦ୍ଧାନ୍ତ ଓ ଲକ୍ଷ୍ୟସ୍ଥଳ କିମ୍ବା ସୃଷ୍ଟିର ସ୍ରଷ୍ଟା ବ୍ରହ୍ମା, ପାଳନର ମହାବିଷ୍ଣୁ, ସଂହାର କର୍ତ୍ତା ଶିବ କିମ୍ବା ମହାମାୟା ଜଗତ୍‌ଜନନୀ, ଭୈରବୀ, ଦକ୍ଷୀଣକାଳୀ, ଗଜାନନ, ମାର୍ତ୍ତଣ୍ଡ ଏବଂ ଆଉ କିଛି, ସେ ସେଇଆ ହୋଇ ଭକ୍ତଙ୍କ ନିକଟରେ ହେବେ ପ୍ରକଟିତ।

ସେ ହିଁ ଅଜନ୍ମା, ଅସ୍ପୃଷ୍ଟ, ଅରୂପୀ, ଅଚିନ୍ତନୀୟ, ନିରାକାର, ନିର୍ଗୁଣ, ମହାଶୂନ୍ୟ ପରମବ୍ରହ୍ମ। ସବୁରୂପ ତାଙ୍କଠାରୁ ଜାତ ହେଲେ ବି ତାଙ୍କର ରୂପ କେହି ଆଙ୍କିପାରେ ନାହିଁ। କିମ୍ବା ଗଢ଼ିପାରେ ନାହିଁ। ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ ସମ ଷଡଦଶର୍ନ ତାଙ୍କର ଠିକଣା ପାଏନି, ତଥାପି ଭକ୍ତର ଭକ୍ତି ଡୋରିରେ ବନ୍ଧା।

ଆମ ମନରେ ପ୍ରଶ୍ନ ଉଠିପାରେ - ସେ ଯଦି ନିରାକାର ପରଂବ୍ରହ୍ମ ତେବେ ଏମିତି ବେରୂପ ସେ କାହିଁକି ହୋଇଛନ୍ତି? ଏକୋଇଶ ଦିନ ପୂର୍ବରୁ କବାଟ ଖୋଲିଦିଆଗଲା ବୋଲି କ'ଣ ନିର୍ମାଣ କାର୍ଯ୍ୟ ଅଧାରୁ ରହିଗଲା ବୋଲି ସେ ଏମିତି ଦରାଗଢ଼ା ହୋଇ ରହିଗଲେ କି? ଯଦି ପ୍ରତିଶୃତି ଅନୁସାରେ ଏକୋଇଶ ଦିନ ଅତିକ୍ରାନ୍ତେ କବାଟ

ଖୋଲାଯାଇଥାନ୍ତା, ତାଙ୍କର ପୂର୍ଣ୍ଣରୂପ ପ୍ରକାଶିତ ହୋଇପାରିନଥାନ୍ତା କି ? ଯାହାଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଇନ୍ଦ୍ର, ବରୁଣ, ମରୁତ ପ୍ରଭୃତି ଦେବାଦେବୀ ଦିନରାତି ସ୍ତବ କରନ୍ତି, ବେଦ, ଉପନିଷଦ ଓ ଶାସ୍ତ୍ର ଯାହାଙ୍କର ମହିମାଙ୍କୁ ଶତମୁଖରେ ଗୁଣଗାନ କରନ୍ତି, ଧ୍ୟାନାବସ୍ଥାରେ ଋଷିମୁନି ଓ ଯୋଗୀମାନେ ଯାହାଙ୍କର ଦର୍ଶନ ନିମନ୍ତେ ତଦଗତ୍ ପ୍ରାଣ ହୋଇଯାଆନ୍ତି, ଯାହାଙ୍କର ଆଦି ଓ ଅନ୍ତ ପଣ୍ଡିତ, ସୁର, ଅସୁର, ଦେବତାମାନେ ପାଆନ୍ତି ନାହିଁ, ତାଙ୍କର ରୂପ କିଏବା ଆଙ୍କିବାକୁ ସମର୍ଥ ହେବ ? ଅସମ୍ଭବ। ସେ ତାଙ୍କ ସହିତ ଏକ ଓ ଅଭିନ୍ନ ହୋଇଯିବ ! ଦୁଇ କିମ୍ବା ବହୁ ହେଲେ ସିନା ଏକର କଥା କହିପାରିବ। ତେଣୁ ଏକୋଇଶ ଦିନ ପରେ ସିନା ରୂପଟିଏ ହୋଇଥାନ୍ତେ, କିନ୍ତୁ ସେହି ରୂପ କେବେବି ତାଙ୍କର ପୂର୍ଣ୍ଣ ସ୍ୱରୂପ ହୋଇନଥାନ୍ତା। ଯିଏ ରୂପଗୁଡ଼ିକୁ ଜନ୍ମ ଦିଏ, ସେ କେମିତି ସେହି ରୂପ ହୋଇପାରିବେ ? ହଁ, ଯଦି ଭକ୍ତ ତାଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖିବାକୁ ଇଚ୍ଛା କରେ, ତେବେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ସେ ତାର କଳ୍ପିତ ରୂପରେ ତାକୁ ଦେଖାଦେଇପାରିବେ। ଯିଏ ଅଗଣିତ ରୂପ ସୃଷ୍ଟି କରିପାରନ୍ତି ସେ କ'ଣ ଭକ୍ତର ଏକ କଳ୍ପିତ ରୂପ ହୋଇପାରିବେ ନି ?

ପୁଣି ପ୍ରଶ୍ନ ଉଠେ – ଯଦି ସେ ଅରୂପ, ରୂପଶୂନ୍ୟ ତେବେ କାହିଁକି ଏମିତି କିମ୍ଭୁତକିମାକାର ରୂପ ହୋଇ ବଡଦେଉଳରେ ବସିଛନ୍ତି ? ଛପନକୋଟି ଭୋଗ ଖାଉଛନ୍ତି, ବାରମାସରେ ତେର ଜାତରା ଅନୁଷ୍ଠିତ ହେଉଛି ? ରଥରେ ଚଢ଼ି ମାଉସୀ ମା ଘରକୁ ବର୍ଷରେ ଥରେ ଯାଉଛନ୍ତି, ଏମିତି କ'ଣ ଭଗବାନ ହେବାକୁ ଚାହାନ୍ତି ?

ସେ ଏମିତି ହୋଇନାହାନ୍ତି, ମଣିଷ ତାଙ୍କୁ ସେମିତି କରିଛି। ତଥାପି ତାଙ୍କର ଇଚ୍ଛାକୁ କିଏ ଜାଣିବ ? ଯଦି ମନୁଷ୍ୟ ଜାଣିପାରନ୍ତା, ତାହାଲେ ସ୍ରଷ୍ଟା ବୋଲି ଏକ ଶବ୍ଦ ଅଭିଧାନରେ ରୁହନ୍ତା ନାହିଁ। ସେ ଚୂଡ଼ା ମୁଢ଼ିଭଳି ଆମର ନିତ୍ୟ ବ୍ୟବହୃତ ପଦାର୍ଥ ପାଲଟିଯାନ୍ତେ। ମଣିଷ ଭକ୍ତି ଗଦ୍‌ଗଦ୍ ହୋଇ ମାନସ ଚକ୍ଷୁରେ ଯେମିତି ତାଙ୍କର ରୂପ କଳ୍ପନାରେ ଆଙ୍କେ ସେ ତାହାହିଁ ହୋଇ ଭକ୍ତ ସମ୍ମୁଖରେ ଉଦ୍‌ଭାସିତ ହୁଅନ୍ତି। ଛପନକୋଟିର ଭୋଗର ବ୍ୟବସ୍ଥା, ବାରମାସରେ ତେରଯାତ୍ରା, ଘୋଷଯାତ୍ରା, ନବକଳେବର ଇତ୍ୟାଦି ଯେତେ ପରମ୍ପରା ଓ ପ୍ରଥା ଭକ୍ତମାନେ ଯେଝା ଯେଝା ଭକ୍ତିରେ ନିରାକାର ପରଂବ୍ରହ୍ମଙ୍କୁ ନିଜ ମାନସପଟରେ କଳ୍ପନା କରି ତାହାର ରୂପାୟନ କରିଥିବାରୁ ସେ ସେପରି ହୋଇଛନ୍ତି। ଯବନମାନଙ୍କୁ ମନ୍ଦିରକୁ ପ୍ରବେଶ ନକରାଇବାର ପ୍ରଥା ଲୋକେ ଯେପରି ଗଢ଼ିଛନ୍ତି, ସେ ସେପରି ଏହି ବଡ଼ ଦେଉଳରେ ଯବନମାନଙ୍କ ପାଇଁ ଅଲଂଘନୀୟ ହୋଇଛନ୍ତି।

ତେବେ ଏହିସବୁ ପ୍ରଥା ଓ ପରଂପରା କ'ଣ ମିଥ୍ୟା ଓ ଅସାର ?

ନା, ଏ ସବୁକୁ ମିଥ୍ୟା ଓ ଅସାର କହିହେବ ନି – ଏସବୁ ପ୍ରଥା ଓ ପରଂପରାରେ ଯିଏ ଭକ୍ତି ଗଦ୍‌ଗଦ୍ ହୋଇ ତାଙ୍କୁ ଡାକେ, ସେ ତାଙ୍କୁ ସେହିଭଳି ପ୍ରଥା ଓ ପରଂପରା ଭି□ରେ ଦର୍ଶନ ଦିଅନ୍ତି। ଯିଏ ସମସ୍ତ ପ୍ରଥା ଓ ପରଂପରାକୁ ଭାଙ୍ଗି ନିଜସ୍ୱ କଳ୍ପନା ଓ ଭାବନାରେ ତାଙ୍କୁ ବିକଳରେ ଡାକେ, ତାଙ୍କୁ ବି ସେ ଦର୍ଶନ ଦିଅନ୍ତି। ତା ବ୍ୟତୀତ ଯିଏ ସ୍ରଷ୍ଟାଙ୍କର ଅସ୍ତିତ୍ୱ ସ୍ୱୀକାର କରେନାହିଁ ଏବଂ ଈଶ୍ୱର ବିଶ୍ୱାସ ମିଥ୍ୟା ଧରିନିଏ, ସିଏ ବି ସେମାନଙ୍କ ସମ୍ମୁଖରେ ନିରୀଶ୍ୱର ହୋଇଯାନ୍ତି ତାଙ୍କର ସୃଷ୍ଟିରେ ବା ଦୃଷ୍ଟିରେ। ଏହା ସତ୍ତ୍ୱେ ବି ଆମର ଏହି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଭିତରେ ଏକ ମହାଚେତନା ରହିଛି, ତାହା ଅସ୍ୱୀକାର କରିହେବ ନାହିଁ। ସମଗ୍ର ବିଶ୍ୱର ଏହି ପ୍ରାଚୀନ ପରମ୍ପରାକୁ ହେୟଜ୍ଞାନ କରିବା ଯଦି ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଭାଙ୍ଗିଦିଅନ୍ତି, ଆଉ ଇଏ ସେପରି ତିଆରି ହୋଇପାରିବ ନାହିଁ। ପ୍ରଫେସର ନୀଳକଣ୍ଠ ଶାସ୍ତ୍ରୀଙ୍କ ମତରେ – Culture means the total accumulation of material objects, ideas, symbols, beliefs, Sentiments and Social forms which have passed on from one generation to another in any given society.

ତଥାପି ମନବୁଝେ ନାହିଁ, ଈଶ୍ୱରଙ୍କୁ ଏଭଳି ଦରଗଢା ରୂପରେ କାହିଁକି ମନୁଷ୍ୟ ସୃଷ୍ଟି କରିଛି ? ନା ମୁହଁ ଅଛି, ନା କାନ ଅଛି, ନା ହାତଗୋଡ଼ ଅଛି, ନା ଗଣ୍ଠି ଅଛି। ଇଏ ମନୁଷ୍ୟର ରୂପ ନୁହେଁ କି ଇଏ ସଂସାରର ଅନ୍ୟ କୌଣସି ଜୀବସ□ାର ରୂପ ନୁହେଁ କିମ୍ବା ପୁରାଣବର୍ଣ୍ଣିତ କୌଣସି ଦେବାଦେବୀଙ୍କର ରୂପ ନୁହେଁ। ସେ ଯଦି ନିରାକାର, ନିର୍ଗୁଣ, ପରଂବ୍ରହ୍ମ, ଯିଏ ମନ ଇନ୍ଦ୍ରିୟ, ବୁଦ୍ଧି, ଚି□ର ଅଗୋଚର, ତାଙ୍କୁ ମଣିଷ କାହିଁକି ଏପରି ଅଜବ ରୂପରେ ଆଙ୍କିଛି ?

ସତରେ ଈଶ୍ୱରଙ୍କ ଲୀଳାକୁ କିଏବା ବୁଝିପାରିବ ? ଭକ୍ତଟିଏ ଖଣ୍ଡିଏ ପଥରରେ ସିନ୍ଦୂରଟୋପାଏ ଲଗାଇ ଯଦି କହେ, ଇଏ ମୋର ଜଗତ୍‌ମାତା, ତେବେ ତାହାର ଅନ୍ତଃଜଗତରେ ସତକୁ ସତ ଉକ୍ତ ପଥରଟି ଅନନ୍ତ ଭାବମୟୀ ମହାଶକ୍ତି, ମହାମାୟା, ଜଗତ୍‌ଜନନୀ ରୂପରେ ଆର୍ବିଭୂତା ହୋଇ ଅଭିଷ୍ଟ ଫଳ ପ୍ରଦାନ କରନ୍ତି। କିନ୍ତୁ ଅନ୍ୟମାନଙ୍କ ଦୃଷ୍ଟିରେ ସେ କେବଳ ସିନ୍ଦୂର ଲେପା ପଥର ଖଣ୍ଡିଏ ମାତ୍ର।

ହେଇପାରେ – କୌଣସି ଶିଳ୍ପୀ-ଭକ୍ତ ତଦ୍‌ଗତ ପ୍ରାଣ ହୋଇ କେଉଁ ଯୁଗରେ, ପରଂବ୍ରହ୍ମଙ୍କର ନିରାକାର ନିର୍ଗୁଣ ଅରୂପକୁ ସାକାର ରୂପଟିଏ ଦେବାପାଇଁ କେବେ ହୁଏତ କେଉଁ ସମୟରେ ଚେଷ୍ଟା ଚଳାଇଥିଲା। ଧୀରେ ଧୀରେ ଖଣ୍ଡିଏ ଖଣ୍ଡିଏ କାଷ୍ଠରେ ନିର୍ମାଣ କରୁଥିଲା ନିଜ ନିହାଣ ମୁନରେ ତାଙ୍କର ସ୍ୱରୂପକୁ। ଅଗ୍ରସର ହେଉଥିଲା – ଚରୈବତି ପଥରେ ଆଙ୍କୁଥିଲା ମୂର୍ତ୍ତି – ସୋପାନ ପରେ ସୋପାନ କରୁଥିଲା ଅତିକ୍ରମ। କିନ୍ତୁ ଯେତେବେଳେ ସେ ତାଙ୍କର ଅନନ୍ତ ପରମ ପୂର୍ଣ୍ଣରୂପକୁ ଉପଲବ୍ଧି କଲା, ସେତେବେଳେ ନିହାଣ ଓ ହାତୁଡି ଖସି ପଡ଼ିଲା ତାଙ୍କ ହାତରୁ। ନିଶ୍ଚଳ ହୋଇଗଲା ଦେହ, ମନ, ଇନ୍ଦ୍ରିୟ ଓ ବୁଦ୍ଧି। ବାହାରିଗଲା ସୀମିତ ଇଲାକାରୁ ନୈର୍ବ୍ୟକ୍ତିକ ରାଜ୍ୟର ସୀମା କ୍ରମଶଃ ପାର ହୋଇ ସେହି ଏକ ଓ ଅଭିନ୍ନ ପରଂବ୍ରହ୍ମଙ୍କ ସହିତ ଏକାକାର ହୋଇଗଲା। ସେଠୁ କିଏବା ଫେରିଆସି ପାରିବ ଓ କହିବ ସେଠାକାର କଥା। ଯେତେବେଳେ ଶିଳ୍ପୀର ରକ୍ତ-ମାଂସର ଦେହର ପ□ବାୟୁ ଉଡ଼ିଗଲା, ସେ କେମିତିବା ପୂର୍ଣ୍ଣ କରିପାରିଥାନ୍ତା ପରଂବ୍ରହ୍ମଙ୍କର ସ୍ୱରୂପକୁ ତିନି ଖଣ୍ଡ କାଠଗଣ୍ଡିରେ ? ସେ

ସେମିତି ଅଧାଗଢା ରହିଗଲେ। ଆଉ ଯିଏ ବି ରୂପ ଦେବାକୁ ଚେଷ୍ଟା କରିବ, ସେଗୁଡ଼ିକ ମଧ୍ୟ କେବଳ ଅଧାଗଢା ହେବ ହିଁ ହେବ। ପରଂବ୍ରହ୍ମଙ୍କୁ କେହି ରୂପ ଦେଇ ପାରିବେ ନାହିଁ। ଅଧାଗଢା ରହିଗଲେ ବୋଲି ଯେ ସେ ପରଂବ୍ରହ୍ମ ନୁହନ୍ତି, ତାହା ଭାବିବା ଏକଦମ୍ ଭୁଲ୍। କାରଣ ଦାରୁବ୍ରହ୍ମ ହିଁ ପୂର୍ଣ୍ଣବ୍ରହ୍ମଙ୍କର ଏକ ପ୍ରତୀକ ମାତ୍ର। ସେଥିପାଇଁ ତ ଶଙ୍କରାଚାର୍ଯ୍ୟ, ରାମାନୁଜ, ମାଧ୍ୱାଚାର୍ଯ୍ୟ, ଚୈତନ୍ୟ, ନାନକ, ତୁଳସୀଦାସ, କବିର, ଶ୍ରୀରାମକୃଷ୍ଣ, ମାତା ସାରଦା, ସାଲବେଗ, ବନ୍ଧୁ ମହାନ୍ତି, ଦାସିଆ ବାଉରିଙ୍କ ଭଳି କେତେ ମହାପୁରୁଷ, ସିଦ୍ଧ ସନ୍ଥ ଓ ସନ୍ନ୍ୟାସୀ ଏବଂ ଭକ୍ତ ତାଙ୍କୁ ସ୍ୱୀକାର କରି ନତମସ୍ତକ ହୋଇଛନ୍ତି।

ଶ୍ରୀଜଗନ୍ନାଥ ହିଁ ନିରାକାର ପୂର୍ଣ୍ଣବ୍ରହ୍ମଙ୍କର ଏକ ନାମ। ତାଙ୍କର ରୂପ କେହି ଆଙ୍କି ପାରିବେ ନାହିଁ। ଏଇ ବିଶ୍ୱାସଟି ଆମର ଦୃଢ ହେବା ଉଚିତ। ଯାହାସବୁ ପ୍ରଥା ଓ ପରମ୍ପରା ସମ୍ପାଦିତ ହେଉଛି, ସେଗୁଡ଼ିକ କେବଳ ମନୁଷ୍ୟକୃତ ଲୋକାଚାର। ପ୍ରଭୁ ସକଳ ବସ୍ତୁ ଭିତରେ ବିରାଜିତ, ଆମ ହୃଦୟରେ ବି। ମୂର୍ତ୍ତିରୁ ମନ ଫେରାଇ ଆଣି ନିଜ ହୃଦୟ ଭିତରେ ତାଙ୍କୁ ସଂସ୍ଥାପନ କର, ନିଜରଧ୍ୟାନ ଓ ଏକାଗ୍ରତାକୁ ସୁଦୃଢ କର, ସେ ହିଁ ଦେଖାଇଦେବେ ବା ଉପଲବ୍ଧି କରାଇଦେବେ ସେ କିଏ। ଦଇତାମାନେ ଲଣ୍ଡା ହେଉଥାନ୍ତୁ, ଦଶାହ କାର୍ଯ୍ୟ କରୁଥାନ୍ତୁ, ପଣ୍ଡିତ ଓ ସଂସ୍କୃତିବିତ୍ ମାନେ ଜଗନ୍ନାଥଙ୍କୁ ନେଇ ନାନାପ୍ରକାର କପୋଳକଳ୍ପିତ ବାଖ୍ୟା କରୁଥାନ୍ତୁ, ଭକ୍ତମାନେ ଜଗନ୍ନାଥଙ୍କୁ ଯୋଡ଼ି ଚମ୍‌ତ୍କାରିତାର ଅସାର କାହାଣୀ ଶୁଣାଉଥାନ୍ତୁ, ସେଥିରେ ବିବ୍ରତ ଓ ବିଭ୍ରାନ୍ତ ହେବା ଆବଶ୍ୟକ ନାହିଁ। ଆଦି ଶଙ୍କରାଚାର୍ଯ୍ୟ ସେଥିପାଇଁ ଆମକୁ ସତର୍କ କରାଇ ଦେଇଛନ୍ତି - ଘଟପୂର୍ଣ୍ଣ ଜଳରେ ସୂର୍ଯ୍ୟ ପ୍ରତଫଳିତ, କେବଳ ମୁର୍ଖ ଏବଂ ଅଜ୍ଞାନ ଏମନ୍ତ ପ୍ରତିଫଳନକୁ ସୂର୍ଯ୍ୟ ବୋଲି ଭାବିଥାଏ। ଠିକ୍ ସେହିଭଳି ଆମର ବୁଦ୍ଧିରେ ଚେତନାର ପ୍ରତଫଳନକୁ ଦେଖି ଆମେ ବି ମୋହିତ ହୋଇ ବାହ୍ୟ ବସ୍ତୁକୁ ଈଶ୍ୱର ବୋଲି ଧରିନିଅନ୍ତି। ପ୍ରକୃତରେ ସେ ଆମ ଭିତରେ ବସିଛନ୍ତି, ତାଙ୍କୁ ଭିତରେ ନ ଖୋଜି ଏଣେତେଣେ ଖୋଜନ୍ତି, ଜଗତର ନାଥ ଜଗନ୍ନାଥ ହିଁ ଆତ୍ମା ଓ ପରମାତ୍ମା -

ଘଟୋଦକେ ବିମ୍ୱିତମର୍କବିମ୍ୱ-
ମାଲୋକ୍ୟ ମୂଢୋ ରବିମେବ ମନ୍ୟତେ।
ତଥା ଚିଦାଭାସମୁପାଧିସଂସ୍ଥଂ
ଭ୍ରାନ୍ତ୍ୟାହମିତ୍ୟେବ ଜଡୋଽଭିମନ୍ୟତେ।

(ବିବେକ ଚୂଡାମଣି-୨୧୮)

ପ୍ଲଟ ନଂ- ୩୭୧ / ୨୪୭୬, ଶିଶୁବିହାର, ପଟିଆ ଛକ,
ପୋଷ୍ଟ - କିଟ୍ , ଭୁବନେଶ୍ୱର, ଓଡିଶା, ପିନ - ୭୫୧୦୨୪
ମୋ - ୯୯୩୭୨୯୭୦୩୯



# ଯିବ କି ସତେ ଦୁଃଖ ମୋ'ରି

ଡ. ସ୍ୱର୍ଣ୍ଣମୟୀ ତ୍ରିପାଠୀ

ଜୁନ୍ ୫ ତାରିଖ। ଜଞ୍ଜାଳମୟ ଜୀବନ ଭିତରୁ ମୁହୂର୍ତ୍ତେ ସାଉଁଟି ଧାଇଁ ଯାଇଥିଲି ପୁରୀ। ତୁମ ମନ୍ଦିରକୁ। ତୁମ ମନ୍ଦିର ତ ସିଏ ନୁହେଁ, ମୋ ଘର। ଅତି ଉତ୍କଣ୍ଠାର ସହ ତୁମକୁ ଦେଖିବାପାଇଁ ଭିଡରେ ଠେଲିପେଲି ହୋଇ ତୁମ ସାମନାରେ ପହଞ୍ଚିଲି। ଥର ଥର କରି ଚାରିଥର ଯତନ କରି ତୁମକୁ ଚାହିଁଲି, ହେଲେ ପ୍ରତିଥର ବିଫଳ ହେଲି। ତୁମ ଓ ମୋ ଭିତରେ ଠିଆ ହେଲେ ତୁମର ସେବକମାନେ। ତୁମର ସେବକମାନଙ୍କର ତୁମ ଉପରେ ପୂରା ଅଧିକାର। ମୁଁ ବା କି ଛାର। ବୋଉ କହିଲେ, ଦେଖିଲୁ? ଠାକୁର ସେତିକି ଦିଶିବେ, ଆ ପଳାଇ ଆ, ଅପୂର୍ଣ୍ଣତାର ଅନୁଭୂତି ନେଇ ମୁଖ୍ୟ ମନ୍ଦିର ଭିତରୁ ବାହାରି ଲକ୍ଷ୍ମୀମନ୍ଦିରରେ ଟିକିଏ ସମୟ ବସିପଡିଲି। ତୁମ ପତିତପାବନ ବାନାକୁ ଦଣ୍ଡେ ଅନେଇ ରହିଲି। ଯେତେଥର ତୁମ ଘରକୁ ଯାଇଛି, ତୁମେ ମୋତେ ତ୍ରିମୂର୍ତ୍ତି ରୂପରେ ସେଇଠି ଦିଶ। ମନରେ ଅନେକ ଭାବାନ୍ତର। ଅନେକ ପ୍ରଶ୍ନ। କାହାକୁ ପଚାରିବି? କିଏ ବା ମୋ ପ୍ରଶ୍ନର ଉତ୍ତର ଦେବ? ତୁମ ଛଡା କାହାର ଏ ସାମର୍ଥ୍ୟ ଅଛି?

ତୁମେ ପରା ଅନ୍ତର୍ଯ୍ୟାମୀ! ତୁମେ କଅଣ ଏ କଥା ଦେଖି ପାରିଲନି? ତୁମେ କଅଣ ଟିକିଏ ବିଚାରକୁ ନେଲନି, ମୁଁ ମୋର ଭଗ୍ନ ସ୍ୱାସ୍ଥ୍ୟରେ କେତେ କଷ୍ଟରେ ତୁମପାଖକୁ ଯାଇଥିଲି କେଡେ ମନରେ। ତୁମର ଯଶବାନା ତ ଫରଫର ହୋଇ ଉଡୁଛି! ତୁମେ ବନ୍ଧୁ ମହାନ୍ତିଙ୍କୁ ନିଶାର୍ଦ୍ଧରେ ଭୋଗଥାଳି ଯାଚି ଦେଲ; ଦାସିଆ ବାଉରୀ ନଡିଆ ହାତରେ ଉଠାଇ ନେଇଗଲ। ଭକ୍ତ ସାଲବେଗ ପାଇଁ ଅପେକ୍ଷାକରି ଶରଧାବାଲିରେ ବସି ରହିଲ; ହେଲେ ମୋ ପାଇଁ ତୁମ ସେବକମାନଙ୍କୁ ହାତରେ ଟିକିଏ ଆଡେଇ ଦେଇ ପାରିଲନି।

ମନକୁ ଆସୁଛି, ସତରେ କ'ଣ ମୁଁ ଅପରାଧୀ, ଦଣ୍ଡିତ କଲ ମୋତେ? ହେଲେ ଥରକୁ ଥର କ'ଣ ଏମିତି କରନ୍ତ? କେତେଲୋକ ଏମିତି ଦଶା ଭୋଗୁଛନ୍ତି। ଟଙ୍କା ଶହେଟା ତୁମ ସେବକ ହାତକୁ ବଢାଇ ଦେଇଥିଲେ ପରା ମୋର ଅପରାଧ କଟି ଯାଇଥାଆନ୍ତା! ମୁଁ ଭିତରକୁ ଯାଇ ତୁମ ଶ୍ରୀ ଅଙ୍ଗକୁ ଛୁଇଁପାରି ଥାଆନ୍ତି! ବିବେକ ବାଧା ଦେଲା। ତୁମ ଉପରେ ଅଭିମାନ କଲି। ମନରେ ବିଚାର ଆସିଲା, ତୁମ ଘରର ଚଳଣି କ'ଣ ତୁମ ଅନୁମତିରେ? କେବେ ବି ତ ହୋଇ ନ ଥିବ!

ହେଲେ ପ୍ରଭୁ, ତୁମେ ନୀରବ କାହିଁକି? ଦାରୁବ୍ରହ୍ମ କାହିଁକି? ତୁମର ହସ୍ତକ୍ଷେପ ଏଥିରେ ଜରୁରୀ ନୁହେଁ କି?

ସତରେ ଦୀନବନ୍ଧୁ ତୁମେ ରହସ୍ୟମୟ, ତୁମ ଘର ରହସ୍ୟରେ ଭରା। ତୁମ ଶାସନ ଅଛିଣ୍ଡା ଅତୁଆ ସୂତା। ଯେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅଭିଳାଷରେ ଗର୍ଭଗୃହରେ ଗଢାହେଉଥିଲ, ମନରେ କ'ଣ ଏହିଭଳି ଶାସନକଥା ବିଚାର କଲ? ଇନ୍ଦ୍ରଦ୍ୟୁମ୍ନ ତ ତୁମର ଅନନ୍ୟ ଭକ୍ତ, ସେ ଖଞ୍ଜିଦେଲେ ତୁମପାଇଁ ସେବାୟତମାନଙ୍କୁ। ତାଙ୍କ ପର ପିଢିର ଗଜପତି ମାନେ ବି କର୍ମ ବଣ୍ଟନ କରିଦେଲେ ଛତିଶ ନିୟୋଗ ଉପରେ। ତୁମର ଷୋଡଶ ଉପଚାର ନିର୍ବିଘ୍ନରେ ସମ୍ପାଦିତ ହେଲା ଯୁଗ ଯୁଗ ଧରି। ହେ ଇଚ୍ଛାଧାରୀ! ଏ ସବୁ ତୁମର ଇଚ୍ଛାରେ ହିଁ ତ ସମ୍ଭବ ହୋଇ ପାରିଲା।

ତୁମେ ହିଁ ତ ପ୍ରଭୁ! ପଦ ପଦବୀର ସ୍ରଷ୍ଟା। ତୁମ ସମର୍ଥନରେ ସୃଷ୍ଟି ହୋଇଛି ମୁକ୍ତିମଣ୍ଡପ, ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଓ ଗଜପତିଙ୍କ ନେତୃତ୍ୱ। ତୁମର ଇଚ୍ଛାରେ ଗଜପତି ରାଜାମାନେ ଏ ଯାବତ୍ ସେମାନଙ୍କର କର୍ତ୍ତବ୍ୟ ତୁମର ଭକ୍ତ ଭାବରେ କରିଆସୁଛନ୍ତି। ମୋହ ମାୟାରୁ ବିରତ ରହି ଏ ଓଡିଆ ଜାତିକୁ ଆଧ୍ୟାତ୍ମିକତାର ସନ୍ଦେଶ ଦେଇ ଆସୁଛନ୍ତି। ଅନଙ୍ଗ ଭୀମଦେବଙ୍କ ଠାରୁ ଆରମ୍ଭକରି ଆଜିର ଗଜପତିଙ୍କ ପର୍ଯ୍ୟନ୍ତ କାହାର ତୁମ ପ୍ରତି ଆନୁଗତ୍ୟର ଲେଶମାତ୍ର ଊଣା ନାହିଁ।

ସେବାୟତଙ୍କର ଅଧିକାରର ସୁରକ୍ଷା ନିମିତ୍ତ ତୁମର ଅଦୃଶ୍ୟ ଇଙ୍ଗିତରେ ସୃଷ୍ଟି ହେଲା ମାଦଳା ପାଞ୍ଜି। ତୁମର ସେବା ନୀତି ନିମିତ୍ତ ରଚିତ ହେଲା ନୀଳାଦ୍ରି ମହୋଦୟ।ତମର ସେବାକର୍ମକୁ ନିର୍ବିଘ୍ନରେ ସମ୍ପାଦନ କରିବା ପାଇଁ ସେବାୟତଙ୍କୁ ଜାଗିରି ଦିଆଗଲା। ମନ୍ଦିର ପ୍ରଶାସନ ଧୀରେ ଧୀରେ ବିକଶିତ ହେଲା। ଅଧୁନାତମ ଓଡିଶାରାଜ୍ୟ ସେହି ପରମ୍ପରା ଅନୁସରଣ କରୁଛି।

ମୁଁ ବୁଝିବା ଅନୁସାରେ, ପ୍ରଶାସନ କହିଲେ ଆଇନର ଶାସନକୁ ବୁଝାଏ। ପ୍ରଶାସକ ଆଇନ ତିଆରି କରିବ ଓ ଆଇନକୁ ଅମାନ୍ୟକଲେ ଦୋଷୀକୁ ଦଣ୍ଡ ବିଧାନ କରିବ। ଆମର ମନ୍ଦିର ପ୍ରଶାସନ ରହିଛି। ଆମର ଆଇନ ରହିଛି, ଆଇନ ଅନୁସାରେ ସେବାୟତ ଓ ସେମାନଙ୍କ ପରିବାର

ସୁବିଧା ସୁଯୋଗ ପାଉଛନ୍ତି। ହେଲେ, ଆଇନର ଅପରପକ୍ଷଟି ଦଣ୍ଡବିଧାନ କାହିଁ ?

ହେ ବିଶ୍ୱବିଧାତା! ବିଭିନ୍ନ ସମୟରେ ତୁମେ ହିଁ ଜଗତକୁ ଶିକ୍ଷା ଦେଇଛ ଯେ, ତୁମେ ମଧ୍ୟ କର୍ମଫଳରୁ ଉର୍ଦ୍ଧ୍ୱରେ ନୁହଁ। ହେ ବିଶ୍ୱନିୟନ୍ତା! ଏହି ସତ୍ୟକୁ ପ୍ରତିପାଦିତ କରିବାପାଇଁ ଥରକୁ ଥର ଧରାରେ ଅବତରଣ କରିଛ। ତୁମର ଭିନ୍ନ ଭିନ୍ନ ଅବତାରରେ ଜୀବନଯନ୍ତ୍ରଣାକୁ ଅଙ୍ଗେ ନିଭାଇ ଏ ଜଗତବାସୀଙ୍କୁ ଧୈର୍ଯ୍ୟର ଆଦର୍ଶ ଦେଖାଇଛ, ମର୍ଯ୍ୟାଦାର ଜ୍ଞାନ ଦେଇଛ। ତୁମର ସେବାୟତ ଏ ଦଣ୍ଡରୁ ଉପରେ କିପରି ? ତୁମର ସ୍ୱରୂପକୁ ଭକ୍ତଙ୍କ ପାଖରୁ ଲୁଚାଇବାପାଇଁ ସେମାନେ କିଏ ? ରଥ ଉପରେ ହେଉ ଅବା ମନ୍ଦିର ଭିତରେ ହେଉ, ତୁମକୁ ଯିଏ ଥରକେ ଦେଖିନେଲା, ତାହାର ଅହୋଭାଗ୍ୟ। ଯାତ୍ରା ସାର୍ଥକ ହେଲା ବୋଲି ସେ ମଣିବ। ପାଞ୍ଚଟଙ୍କା ଖାଇବାପାଇଁ ଯାହା ପାଖରେ ନାହିଁ ସେ ଶହେଟଙ୍କା ଦେଇ ତୁମକୁ ଦେଖିବ କେମିତି ?

ହେ ଜଗବନ୍ଧୁ! ତୁମେ ହିଁ ଜଗତକୁ ବାର୍ତ୍ତା ଦେଇଛ। ଅହଙ୍କାର ମଣିଷକୁ ନିମ୍ନମୁଖୀ କରାଏ, ନର୍କଗାମୀ କରାଏ। ବିନାଶ ଆଡକୁ ଟାଣିନିଏ, ପରିଶେଷରେ ମଣିଷ ବିନାଶର ସମ୍ମୁଖୀନ ହୁଏ। ବିନାଶର ସମୟ ନିର୍ଦ୍ଧାରଣ ତୁମ ହାତରେ। ତୁମେ ଦୋଷର ଗଣତି କର। ପାପର ମାତ୍ରା ପୁଣ୍ୟକୁ ଅତିକ୍ରମ କରି ଶହେଭାଗ ହେଲେ ବିନାଶ ଆସେ ବୋଲି ତୁମେ କୁହ।

ଏ ଦିଗରେ ବିଚାର କରିବା ପାଇଁ ପ୍ରଭୁ ତୁମେ ନୀରବ କାହିଁକି ? କୋଟି କୋଟି ଭକ୍ତ ନିବେଦନ କରୁଛୁ, ତୁମର ବର୍ତ୍ତମାନ ହସ୍ତକ୍ଷେପ ଜରୁରୀ ହୋଇପଡିଲାଣି। ପ୍ରଭୁ ଆଉ ନୀରବ ରୁହନାହିଁ। ଏତିକି ବିନତି ତୁମ ଶ୍ରୀଚରଣରେ।

ପ୍ରଫେସର, ଲୋକ ପ୍ରଶାସନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪
ମୋ - ୯୪୩୮୦୧୩୯୪୬



# ଦୀନବନ୍ଧୁ, ଦୁଃଖ ନ ଗଲା ମୋହରି

ଡ. ଲକ୍ଷ୍ମୀଧର ତ୍ରିପାଠୀ

ଦୁଃଖ କାହାର ନାହିଁ ? କହିବାକୁ ଗଲେ ଜୀବନ ଅଛି ମାନେ ଦୁଃଖ ଅଛି । ଏହା ପ୍ରତ୍ୟେକଙ୍କ ଅନ୍ତରରେ ବସାବାନ୍ଧି ରହିଥାଏ । ଭିତରେ ଭିତରେ ମନ-ହୃଦୟକୁ ଘୁଣ ଖାଇଲାପରି କୋରି ଖାଉଥାଏ । ତାକୁ ଦେଖେଇଲେ ଦେଖିହୁଏ, ବିଷଣ୍ଣତା ବା ଉଦାସୀନତା ତା'ର ବାହ୍ୟପ୍ରକାଶ । ଅନ୍ୟମନସ୍କତା ତା'ର ଆଚରଣ । ଆଉ ଅଶ୍ରୁ ହେଉଛି ତାହାର ଚରମ ନିର୍ଯ୍ୟାସ । ଯେମିତି ବି ହେଉ, ଦୁଃଖକୁ ଦେଖେଇ ପାରିଲେ ମଙ୍ଗଳ । କାହିଁକି ନା ଦୁଃଖ ଦେଖିଲେ କାହାର ନା କାହାର ହୃଦୟ ବିଗଳିତ ହେବ, ମନ ଚଞ୍ଚଳ ହେବ । ହୁଏ ତ କିଛି ଆଶ୍ୱାସନା, ଉପଦେଶ କିମ୍ବା ପରାମର୍ଶ ତ ନିଶ୍ଚୟ ମିଳିଯିବ । ଆଶ୍ୱାସନାରେ ଦୁଃଖ ଲାଘବ ହୋଇପାରେ । ଉପଦେଶ ଭରସା ଦେଇପାରେ । ଆଉ ପରାମର୍ଶ ଦୁଃଖକୁ ହଜମ କରିବାର ସାମର୍ଥ୍ୟ ଯୁଟାଇପାରେ ।

ଦୁଃଖ ଅସରନ୍ତି । ଯେତିକି କାମନା, ସେତିକି ଦୁଃଖ । କାମନା ସରେନି କି ଦୁଃଖ ବି ସରେନି । ଗୋଟେ ପରେ ଗୋଟେ, ତା ପରେ ଆଉ ଗୋଟେ ଏମିତି ଜୀବନ ତମାମ ଦୁଃଖର ଧାଡି ଲମ୍ବୁଥାଏ । କାମନା ହିଁ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ପାଟିର ଭାଷା । ଏହା ମନ ଭିତରେ ପଶିପାରେନି, କାମନା ବାଟଦେଇ ପୁନଶ୍ଚ ପଶିଆସେ ଦୁଃଖ । ଆୟୁଷ ଅକୁଳାଣ ପଡେ । ଦୁଃଖ କିନ୍ତୁ ମାଡି ଚାଲିଥାଏ ଜନ୍ମରୁ ଜନ୍ମାନ୍ତର ଯାଏ, ତଥାପି ଦୁଃଖ ଅଚିହ୍ନା ରହିଯାଏ ।

ଦୁଃଖ ତେବେ କ'ଣ ? କେହି କେହି କହନ୍ତି, 'ସୁଖର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଅବସ୍ଥା ହେଉଛି ଦୁଃଖ' । କେହି ବି କହନ୍ତି, 'ଆଗେ ସୁଖ, ତା ପରେ ଦୁଃଖ' । ଆହୁରି କେତେକ ବି କହନ୍ତି, 'ଇଏ କେମିତିକା କଥା, ଦୁଃଖ ନଥିଲେ, ସୁଖ କାହିଁ ?' ତେଣୁ ଆଗେ ଦୁଃଖ, ତାପରେ ସୁଖ । ଆରେ ବାବା, ଏଥିରୁ କ'ଣ ଦୁଃଖକୁ ଜାଣି ହେଉଛି ନା କଳି ହେଉଛି ? ବରଂ ବେଳୁ ବେଳୁ ଦୁଃଖ ପ୍ରବଳ ହେଉଛି ।

ଏମିତି ବି କୁହାଯାଇ ପାରେ ସୁଖ ଓ ଦୁଃଖ ବିପରୀତଧର୍ମୀ । ଦୁଇଟି ଅଲଗା ଅଲଗାଭାବ, ଅଲଗା ଅଲଗା ଅବସ୍ଥା । ଗୋଟିକର ମୁହଁ ଆଗକୁ ହେଲେ ଆରଟିର ପଛକୁ । ସୁଖରୁ ଦୁଃଖର ବ୍ୟବଧାନ କମ୍ । ଗୋଟିକରୁ ଆରଟିରେ ପହଞ୍ଚିବା ମଧ୍ୟ ସହଜ । କିନ୍ତୁ ଦୁଃଖରୁ ସୁଖକୁ ଯିବାପାଇଁ ଢେର ଲମ୍ବା ରାସ୍ତା । ଅକଳନ ପ୍ରତିବନ୍ଧକ । କଣ୍ଟାଝଟା ମାଡି ମାଡି । ଢେଲା ପଥର ଝୁଣ୍ଟି ଝୁଣ୍ଟି ଲହୁ ଲୁହାଣ ହେଲା ପରେ ବି ସୁଖ ସମସ୍ତଙ୍କ ଭାଗ୍ୟରେ ଜୁଟେନା । କେହି କେହି ଅଧାରାସ୍ତାରେ ଅଟକି ଯାଇ ଅବଶିଷ୍ଟ ଜୀବନ ସେହି ଦୁଃଖକୁ ଆଦରି ବଞ୍ଚିବା ଶିଖିଯାଆନ୍ତି । ଆଉ କେତେକ ସୁଖକୁ ଅସ୍ୱୀକାର କରନ୍ତି । ସୁଖ ବୋଲି କିଛି ନାହିଁ । ଖାଲି ଗୋଟେ ଭେଳିକି, ମାୟା-ମରୀଚିକା, ଯେମିତି ଅଛନ୍ତି ଭଲରେ ଅଛନ୍ତି, ନ୍ୟାୟରେ ଏମାନେ ନିଜକୁ ପ୍ରବୋଧନା ଦିଅନ୍ତି । ଆଉ ଥୋକେ ଯେଉଁ ସୁଖର ମୁଲାୟମ ସ୍ପର୍ଶ ପାଇବାପାଇଁ ବ୍ୟାକୁଳିତ ହୋଇ ଆଣ୍ଠୁଗଣ୍ଠି ଛିଡାଇ ନାକେଦମ୍ ହେଲାପରେ ତାକୁ ହାତ ମୁଠାରେ ପାଇଯାଆନ୍ତି, ସେହି ସୁଖକୁ ପାଇବାର କିଛି କ୍ଷଣ ମାତ୍ରେ ହିଁ ବିଳିବିଳେଇ ହୁଅନ୍ତି । ଧେତ୍, ଏଇଟା କ'ଣ ସୁଖ ? ଏଇତ ଗୋଟାସାରା ଦୁଃଖ ।

ତେବେ ସୁଖ କ'ଣ ନାହିଁ ? ହଁ, ଅଛି । ନିଶ୍ଚୟ ଅଛି । ରଙ୍ଗୀନ ପ୍ରଜାପତି ପରି ଫୁଲରୁ ଫୁଲକୁ ଘୁରିବୁଲୁଛି । ତାକୁ ଧରି ପାରିଲେ ହେଲା । ଖାଲି ଏତିକି ଆଶ୍ୱାସନା ମାତ୍ରେ ପୁନଶ୍ଚ ଆରମ୍ଭ ହୋଇଯାଏ ଦୁଃଖରୁ ସୁଖକୁ ଯାତ୍ରା । ଏ ଯାତ୍ରାର ଶେଷ ନାହିଁ, ପ୍ରୟାସର ଅନ୍ତ ନାହିଁ । ଅପ୍ରାପ୍ତିରୁ ପ୍ରାପ୍ତି, ପୁଣି ପ୍ରାପ୍ତିରୁ ଅପ୍ରାପ୍ତିର ଯାତ୍ରା ମଧ୍ୟରେ ଶେଷକୁ ସୁଖ ମରୀଚିକା ପରି ଘୁ□ିଯାଉଥାଏ ଦୂରକୁ ଦୂରକୁ ।

ଦୁଃଖ ହେଉଛି ସୁଖ, ସବୁ ମନଗଢା କଥା । ଜଣଙ୍କ ପାଇଁ ଯାହା ଦୁଃଖ ତାହା ଅନ୍ୟ କାହା ପାଇଁ ଦୁଃଖ । ପୁଣି ଜଣଙ୍କ ପାଇଁ ଯାହା ଦୁଃଖ, ତାହା ଆଏ କାହାପାଇଁ ହୁଏତ ସୁଖ । ବ୍ୟକ୍ତିର ରୁଚି ଓ ମନୋବୃତ୍ତିକୁ ନେଇ ଏମାନଙ୍କର ସଂଜ୍ଞା ଆପେକ୍ଷିକ ନିଶ୍ଚୟ । ପାଦରେ ଚାଲି ଚାଲି ଯାଉଥିବା ବ୍ୟକ୍ତି ପାଇଁ ସାଇକେଲ୍ ଆରୋହୀ ଜଣକ ସୁଖୀ, ପୁଣି ସାଇକେଲ୍ ଆରୋହୀଟି ପାଇଁ ମୋଟରଗାଡିରେ ଯାଉଥିବା ଲୋକ ଜଣକ ସୁଖୀ ନିଶ୍ଚୟ । ଏମିତିକା ଦେଖିବାକୁ ଗଲେ ସୁଖ ଏକ କାଳ୍ପନିକ ସମ୍ମୋହନ, ଯାହା ମଣିଷକୁ ବାରମ୍ବାର ଉଚ୍ଚାଟ କରେ ସିନା, କେବେ ବି ଧରା ଦିଏନାହିଁ ।

ଜୀବନରେ ଦୁଃଖ ଯଦି ଏକାନ୍ତ ସତ୍ୟ, ତେବେ ତାକୁ ହିଁ ଅନ୍ତରଙ୍ଗ ମଣି ବଞ୍ଚିବାଟା ଶ୍ରେୟସ୍କର । ଯେଉଁମାନେ ଦୁଃଖର ପଞ୍ଝାରେ ପଡି କଳବଲ

ହୋଇ ମଧ୍ୟ ତାକୁ ଆପଣାର କରିନେଇ ପାରିଛନ୍ତି, ତା' ସହ ଏକାତ୍ମ ହୋଇଯାଇଛନ୍ତି, ସେଇମାନେ ହିଁ ଧୈର୍ଯ୍ୟ, ସହନଶୀଳତା, ନମ୍ରତା, ଉଦାରତା, ସହିଷ୍ଣୁତା, ସାହସିକତା ପରି ଅମୂଲ୍ୟ ରତ୍ନର ଅଧିକାରୀ ହୋଇ ପାରିଛନ୍ତି। ଦୁଃଖକୁ ସାମ୍ନା କରି ପାରୁଥିବା ମଣିଷ ହିଁ ଅସଂଖ୍ୟ ଉଦ୍ଭାବନ କରି ଅମର ହୋଇ ପାରିଛି। ଯାହା ବ୍ୟକ୍ତିପାଇଁ ହିତକର, ସମାଜପାଇଁ ହିତକର, ଭବିଷ୍ୟତ ପାଇଁ ମଙ୍ଗଳଦାୟକ, ତାହା ସର୍ବାଦୌ ଶ୍ରେୟ ଏବଂ ଗ୍ରହଣୀୟ।

ତେଣୁ ହେ ଜଗନ୍ନାଥ! ଯିଏ ସୁଖ ପଛରେ ଧାଇଁଧାଇଁ ତମ ପାଖରେ 'ଦୁଃଖ ନାଶନରେ, ସୁଖ ନ ପାଇଲି ଦିନେ' ବୋଲି ଅଭିମାନରେ ଗୁହାରି କରୁଛି, ତା'ର ଦୁଃଖ ନାଶକରି ତାକୁ ସୁଖ ଦେଉଛ କି ସୁଖ ଛଳରେ ଦୁଃଖ ପରେ ଦୁଃଖ ତା' ଉପରେ ଲଦି ଦେଉଛ ସେ କଥା ତୁମକୁ ହିଁ ଜଣା। ହେଲେ, କାହାକୁ କ'ଣ ଦେଇଛ ବୋଲି 'ଦୁଃଖ ନ ଗଲା ମୋହରି' କହି ତୁମ ପାଖରେ ମୋର ଅଭିଯୋଗ ନାହିଁ କି ଆପତ୍ତି ବି ନାହିଁ। ମୁଁ ଜାଣିଛି, ତୁମର ଦୁଃଖ ଦେବାରେ କାର୍ପଣ୍ୟ ନାହିଁ କି ସୁଖର ଭେଳିକି ରଚିବାରେ ଅବସନ୍ନତା ନାହିଁ। ତେଣୁ ଯାହା ମୋ ପାଇଁ ଏକାନ୍ତ ବାସ୍ତବ ଆଉ ସତ୍ୟ, ତାହା ସୁଖ ନୁହେଁ କେବଳ ଦୁଃଖ। ସେଇଟା ହିଁ ମୋ ପାଇଁ ମହାପ୍ରସାଦ!

ମୁଁ ତୁମକୁ କହିବାକୁ ମୋର ଅନ୍ତରରେ ଭାଷାନାହିଁ, "ହେଲ କି ନିଷ୍ଠୁର ଚି, ନୀଳାଚଳେ ବିଜେକରି।"

ଅଧ୍ୟାପକ, ନେତାଜୀ ସୁଭାଷ ସ୍ମାରକୀ ସିଟି ମହାବିଦ୍ୟାଳୟ,
ରାଜାବଗିଚା, କଟକ
ମୋ - ୯୪୩୭୩୭୬୭୯୭



# ତୋହର ମାୟା ଏ ସଂସାର !

ଡ. ବିଷ୍ଣୁପ୍ରିୟା ଓତା

ଯେତେ ଜ୍ଞାନୀ, ଗୁଣୀ ଓ ବିଜ୍ଞାନୀ ହେଲେ ହେଁ ମଣିଷ ସୃଷ୍ଟିରେ ଏକ ଅଦୃଶ୍ୟ ସତ୍ତା ଉପରେ ନିର୍ଭର କରିଆସୁଛି । ଦୁଃଖ, ଶୋକ, ଭୟ, ଯନ୍ତ୍ରଣାରୁ ମୁକ୍ତିପାଇଁ ଯାହାକୁ ସିଏ ଭରସା କରେ, ସେ ହୋଇପାରନ୍ତି ଈଶ୍ୱର । କେତେବେଳେ ସେ ନିଜର ଦୁଃଖ ଯାତନା ଭିତରେ ଦୈନ୍ୟ ଅବସ୍ଥାରେ ଭଗବାନଙ୍କୁ ମନଭରି ଗାଳିଦିଏ । ଯେମିତି କବିସୂର୍ଯ୍ୟ ଲେଖିଛନ୍ତି,

"ବାଧିଲା ଜାଣି କ୍ଷମାକର ନୋହିଲେ ରମାରମଣ
ଦଣ୍ଡେଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜି ମୋ ମନୋରଥ
ଭରତି କରିଦେବି ଗାଳି ହେ କୃପାନିଧି ।"

ତେଣୁ ଭକ୍ତ ଓ ଭଗବାନଙ୍କର ସମ୍ପର୍କ ଭିନ୍ନ । ଅନେକ କ୍ଷେତ୍ରରେ ମଣିଷ ନିଜର ଭାବ ପ୍ରକାଶ କରିବାକୁ ଯାଇ ବିଫଳ ମନୋରଥ ହୋଇ ଫେରୁଛି । ସଂସାରର ଉତ୍ପତ୍ତି ସମ୍ପର୍କରେ ଚିନ୍ତାକଲାବେଳେ ତା ଭାବନା ଏକ ନିର୍ଦ୍ଦିଷ୍ଟ କ୍ଷଣରେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ସମର୍ପିତ ହୋଇଯାଏ । ତାହା ହେଉଛି ପରଂବ୍ରହ୍ମ, ଯାହାଙ୍କର ଦିବ୍ୟ ପୁରୁଷାର୍ଥରେ ଏ ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟି । କୀଟଠାରୁ ଜଙ୍ଗମ ପର୍ଯ୍ୟନ୍ତ ସମଗ୍ର ସୃଷ୍ଟିର ସଏ ସ୍ରଷ୍ଟା, ଆଉ ଏ ଜଗତର ଏହି ସ୍ଥୂଳସୃଷ୍ଟି ମୂଳରେ ସୂକ୍ଷ୍ମତତ୍ତ୍ୱ ଅନ୍ତର୍ନିହିତ । ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି । ଏହା ମାନବବାଦ ଓ ଆତ୍ମଦର୍ଶନର ମହାନ୍ ତଥ୍ୟକୁ ପରିବ୍ୟାପ୍ତ କରେ । କିମ୍ବଦନ୍ତୀ କହେ, ବନ୍ଦ ଦ୍ୱାର ମଧ୍ୟରେ କାର୍ଯ୍ୟରତ ବିଶ୍ୱକର୍ମା । ଦାରୁରେ ନିର୍ମାଣ କରୁଛନ୍ତି ବିଶ୍ୱନିୟନ୍ତାଙ୍କ ପ୍ରତିମା । ନିଶବ୍ଦ କାରିଗର ଗୋଟିଏ ମୁହୂର୍ତ୍ତରେ ଗୁଣ୍ଡିଚାରାଣୀଙ୍କ ମନରେ ଜାତ କରିଛି ବୃଦ୍ଧ କର୍ମକାରଙ୍କର ସ୍ଥିତି ନେଇ ଆଶଙ୍କା । କେବଳ ଏହି ଶକ୍ତି ହିଁ ସ୍ଥିତଧି ଇନ୍ଦ୍ରଦ୍ୟୁମ୍ନଙ୍କ ମନ ଦୋହଲାଇ ଦେଇଛି । କାଳ ଓ ପାତ୍ରର ବିନିଯୋଗ କରି ନିଜ ରୂପର ଆକାର ନିର୍ଣ୍ଣୟ କରିଛନ୍ତି ପରଂବ୍ରହ୍ମ । କି ଆକାର ଆଶାକରିଥିବେ ଇନ୍ଦ୍ରଦ୍ୟୁମ୍ନ, ଦ୍ୱାର ଉନ୍ମୁକ୍ତ ହେବାପରେ କି ବ୍ୟସ୍ତ ବିଚଳିତ ସେ ହୋଇ ନ ଥିବେ ! କ୍ଷଣକରେ ଉଭାନ ହୋଇଯାଇଥିବା ବିଶ୍ୱକର୍ମକାର ମନରେ ତାଙ୍କର ତୋଳିଦେଇଗଲେ ପ୍ରଶାନ୍ତି, ସ୍ୱୟଂ ନାରାୟଣ ନିଜ ରୂପରେ ଦଣ୍ଡାୟମାନ ! ବିଧିର ବିଧାନ କେ କରିବ ଆନ ! ଜନ୍ମବେଦୀରୁ ରହସ୍ୟମୟ ମହାପ୍ରଭୁ ନିଜର ଲୀଳା ସେମିତି ରଚି ଚାଲିଛନ୍ତି ।

ବିଶ୍ୱର ଆରାଧ୍ୟ ସେଇ ଶ୍ରୀଜଗନ୍ନାଥ, ସେଇ ଦାରୁବ୍ରହ୍ମ । ଅଗତିର ଗତି, ଅନାଥର ନାଥ । ପାଦ ନାହିଁ, ହାତ ନାହିଁ, କାନ ନାହିଁ । ପଲକଶୂନ୍ୟ ନିଶ୍ଚଳ ବିଶାଳ ଚକ୍ଷୁଯୁଗଳ । ସତେକି ମାଦଳଟିଏ କିଛି ନାହିଁ ଶରୀରର, ନିଜେ ନିଜ ସ୍ୱରୂପର ପ୍ରତୀକ । ସିଏ ଶଙ୍କରାଚାର୍ଯ୍ୟଙ୍କ ଭାଷାରେ –

"ନଳିନୀ ଦଳଗତ ଜଳବତ ତରଳମ୍
ଯାବତ୍ ଜୀବନମତିଶୟ ଚପଳମ୍
ତାବତ୍ ଜୀବ ସଂଗତୋରେକା
ଭବତି ଭବାର୍ଣ୍ଣବ ଚରଣେ ନୌକା ।"

ଇନ୍ଦ୍ରିୟ ବ୍ୟତିରେକ କଳେବର ହିଁ ଜଗନ୍ନାଥଙ୍କୁ ସ୍ରଷ୍ଟାର ରୂପ ପ୍ରଦାନ କରି ମହାର୍ଘ ସିଂହାସନର ଯଥାର୍ଥତା ପ୍ରତିପାଦନ କରୁଛି । ଅର୍ଥାତ୍–

"ଅପାଣିପାଦୋ ଭବନୋ ଗ୍ରହୀତା
ପଶ୍ୟତ ଚକ୍ଷୁସ ଶୃଣୋତ୍ୟ କର୍ଣ୍ଣଃ
ସ ବେତ୍ତି ବେଦ୍ୟ ନ ଚ ସ୍ୟୋନ୍ତି ବେ□
ମୋଦୁଗ୍ୟଂ ପୁରୁଷ ମହାନମ୍ ।"

ପାଦପାଣି ନ ଥିଲେ ବି ସେ ଦ୍ରୁତଗାମୀ, ସର୍ବଗ୍ରାହୀ, ଚକ୍ଷୁକର୍ଣ୍ଣ ନଥିଲେ ବି ସେ ସର୍ବଦ୍ରଷ୍ଟା, ସର୍ବଶ୍ରୋତା, ସର୍ବଜ୍ଞ ମହାପୁରୁଷ, ବିଶ୍ୱର ପୁରୁଷଶ୍ରେଷ୍ଠ । ମଣିଷର ଜୀବନରେ ଦିନେ ଏହି ଅବସ୍ଥା ଆସେ, ଚକ୍ଷୁଥାଇ ଦେଖିପାରେନା, କର୍ଣ୍ଣଥାଇ ଶୁଣିପାରେନା । ହସ୍ତପଦ ଚଳତ୍ ଶକ୍ତିହୀନ ହୋଇ ପଡେ । ଆତ୍ମା ଘଟ ପରିବର୍ତ୍ତନ କରେ । ଆମେ ଆତ୍ମାକୁ ଚିହ୍ନି ପାରୁନା । ଜଗନ୍ନାଥ ସକଳ ଇନ୍ଦ୍ରିୟ ବିବର୍ଜିତ ମାତ୍ର ସର୍ବେନ୍ଦ୍ରିୟ ଶକ୍ତିର ଉତ୍ସ । ସମଗ୍ର ଜନସମାଜକୁ ଏହା ଏକ ନିଦର୍ଶନ । ଏହା ବିଶ୍ୱମାନବିକତାର ଓ ସୃଷ୍ଟିତତ୍ତ୍ୱର ତଥ୍ୟ ପ୍ରଦର୍ଶନ କରୁଛନ୍ତି । ଶ୍ରୀମଦ୍ ଭାଗବତଗୀତାର ଆତ୍ମା ଓ ଶରୀର ତଥା ଘଟ ପରିବର୍ତ୍ତନର ସୂତ୍ର ପ୍ରଘଟ କରୁଛନ୍ତି । ପ୍ରତ୍ୟେକଙ୍କ ମନକୁ ଆଲୋଡିତ କରୁଛନ୍ତି ନିଜ ରୂପରେ ନିଜ ଚକ୍ଷୁରେ । ଦେହୀ ଓ ଅହଂଭାବଧାରୀ ମଣିଷ ମନରେ କଅଣ ଘଟୁଛି, ତାର ପ୍ରତିଫଳନ ତାଙ୍କ ରଙ୍ଗ ଅଧରରେ !

ସମସ୍ତ ପ୍ରାଣୀମାନଙ୍କର ଆତ୍ମାରେ ସ୍ୱୟଂ ଭଗବାନ ବିରାଜମାନ । ସେଥିରେ ଦୁଃଖ, ଶୋକ କି ଭୟର ସ୍ଥାନ ନାହିଁ । ଜନ୍ମ ସହିତ ମୃତ୍ୟୁ

ସଂଯୁକ୍ତ। ସ୍ୱୟଂ ଶ୍ରୀକୃଷ୍ଣ ନରଶରୀର ଧାରଣ କରି ମୃତ୍ୟୁକୁ ଦିନେ ଆମନ୍ତ୍ରଣ କରିଥିଲେ। ଗୌତମବୁଦ୍ଧ ନିଜ ମୃତ୍ୟୁକୁ ବି ଆଦରିନେଇଥିଲେ। ଏମାନେ ସବୁ ଭଗବାନଙ୍କର ଅବତାର। କିନ୍ତୁ ଶ୍ରୀଜଗନ୍ନାଥ ହେଲେ ଅବତାରୀ। ତାଙ୍କର ବ୍ୟାପକତା ଅସୀମ, ତାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। ଶ୍ରୀକୃଷ୍ଣଙ୍କର ମୋହ ପରିତ୍ୟାଗର ମୋକ୍ଷ ଏବଂ ବୁଦ୍ଧଙ୍କର କାମନା ବିନାଶର ନିର୍ବାଣ ତଥା ବର୍ଦ୍ଧମାନ ମହାବୀରଙ୍କର ଶୂନ୍ୟଭିତ୍ତିକ ତତ୍ତ୍ୱ ଭାରତୀୟ ସଂସ୍କୃତିର ଧାରା, ସକଳର ସମନ୍ୱୟ ଶ୍ରୀଜଗନ୍ନାଥ ଦର୍ଶନର ମୂଳମନ୍ତ୍ର। ମଣିଷ ମନରୁ ଅହଂ ଓ ବର୍ତ୍ତମାନର ମୋହ ଯେପରି ମାନସିକତା ଗଠନ କରିଥାଏ, ତାର ମନସ୍ତାତ୍ତ୍ୱିକ ସନ୍ତୁଳନ କରିବା ପାଇଁ ଗୀତାର ଜ୍ଞାନଯୋଗ ପ୍ରତ୍ୟକ୍ଷ ଭାବରେ ଅବଲୋକିତ ହୋଇଛି ଜଗନ୍ନାଥ ଦର୍ଶନରେ। ଭାରତୀୟ ସଂସ୍କୃତି ଗଭୀର ଭାବରେ ଋଦ୍ଧିମନ୍ତ ହୋଇଛି ଶ୍ରୀଜଗନ୍ନାଥଙ୍କର ଶୂନ୍ୟଭତ୍ତିକ ତତ୍ତ୍ୱରେ।

ଶ୍ରୀ ଜଗନ୍ନାଥ ଏକ ତତ୍ତ୍ୱ। ସେ ଅର୍ଦ୍ଧନିର୍ମିତ ବିଗ୍ରହ। ତାହା ହିଁ ଯେତିକି ବିସ୍ମୟ ଓ ରହସ୍ୟ ଗଢିତୋଳେ ଭକ୍ତ ହେଉ ବା ଇତର ଦର୍ଶକ ହେଉ ସେମାନେ କିଛି ନୂତନ ଭାବର ପ୍ରତିଧ୍ୱନୀ ସୃଷ୍ଟି କରିବାକୁ ସମର୍ଥ। କିଏ ଭକ୍ତିର କୌଣସି ପ୍ରକାର ବନ୍ଧନରେ ବାନ୍ଧି ହୋଇଯାଆନ୍ତି ତ କିଏ ତାଙ୍କର ସମାଲୋଚକ ଭାବେ ଗଭୀର ଗବେଷଣାଚକ୍ରରେ ଘୂର୍ଣ୍ଣାୟମାନ ହୋଇ ପରିଶେଷରେ ବଶୀଭୂତ ହୁଅନ୍ତି। ଏହାର ଦାର୍ଶନିକ କାରଣ ଗୋଟିଏ। ଦୁନିଆରେ ଦୁଇଟି ମୁଦ୍ରାରୁ ସତ୍ୟ ହିଁ ସତ୍ୟ, ଶ୍ରୀଜଗନ୍ନାଥ ହିଁ ସତ୍ୟର ପ୍ରତୀକ। ଡେରିରେ ହେଲେ ବି ସମର୍ପଣ କରିବାକୁ ପଡିବ ତାଙ୍କର ସମାଲୋଚକକୁ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। କାଳେକାଳେ ସିଏ ଭକ୍ତର ଭଗବାନ। ଯିଏ ଶ୍ରୀଜଗନ୍ନାଥଙ୍କ ପାଖରେ ସମର୍ପଣ କରିବାର ମନୋବୃତ୍ତି ଧାରଣ କରିପାରିଲା, ସିଏ ମୋକ୍ଷ ବା ନିର୍ବାଣ ଲାଭ କଲା ବୋଲି ବିବେଚନା କରାଯିବ।

ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟର ବୁଦ୍ଧି ଓ ବିବେକ ଇତର ପ୍ରାଣୀଙ୍କଠାରୁ ଭିନ୍ନ ଏବଂ ବିବର୍ତ୍ତନ ସୋପାନର ଉର୍ଦ୍ଧ୍ୱରେ। କିନ୍ତୁ ତାର କାମ ସବୁବେଳେ ସତ୍‌ମାର୍ଗରେ ହୋଇପାରେନି। ହିନ୍ଦୁଧର୍ମ ଦର୍ଶନ ଅନୁସାରେ ନିଜ ସୁକର୍ମ ବା କୁକର୍ମର ଫଳ ସିଏ ହିଁ ଭୋଗକରେ। ସତ୍‌କର୍ମର ଫଳ ଈଶ୍ୱରପ୍ରାପ୍ତି। ଇନ୍ଦ୍ରିୟାସକ୍ତହୀନ ମୋହମୁକ୍ତ ଜୀବନହିଁ ମୋକ୍ଷପ୍ରାପ୍ତିର ସତ୍‌ପଥ। ମାନବସେବା ହିଁ ମାଧବସେବା। ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ହିଁ ସୁମଣିଷର କର୍ତ୍ତବ୍ୟ। ସେଥିପାଇଁ ଭୀମଭୋଇ ରଚନା କରନ୍ତି –

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ,
ଦେଖୁ ଦେଖୁ କେ ବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ,
ଜଗତ ଉଦ୍ଧାର ହେଉ।"

ଜଗତର ମଙ୍ଗଳକାମନା ମଣିଷ ଜୀବନର ଆଦର୍ଶ ହେବା ଭଗବତ ସେବା ହିସାବରେ ବହୁ କବି ରଚନା କରିଛନ୍ତି। ମାନବ ସେବା ହିଁ ତାଙ୍କର ମୁକ୍ତିର ପଥ। ସେଥିପାଇଁ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ ଲେଖିଯାଇଛନ୍ତି,

"ଧୂଳିରୁ ଜନମ ହେବି, ଧୂଳିରେ ମୁଁ ଲୀନ
ଧୂଳି ଖେଳି ଖେଳି ମୋର ସରିଯିବ ଦିନ।"

ତେଣୁ କେବଳ ବେଦ, ଉପନିଷଦ ଗୀତା, ଭାଗବତ ନୁହେଁ, ଆଜିର ବାସ୍ତବବାଦୀ କବି ନିଜ ଜୀବନକୁ ସମାଜସେବା ମାଧ୍ୟମରେ ସାର୍ଥକ କରିବାର ସ୍ୱପ୍ନ ଦେଖନ୍ତି। କବି ମାୟାଧର ମାନସିଂ ତାଙ୍କ ମୁକ୍ତିନାହିଁ ମାଗେ କବିତାରେ ଲେଖିଛନ୍ତି,

"ସ୍ୱର୍ଗମୁକ୍ତି ନାହିଁ ବାଞ୍ଛେ, ଜୀବନ ମୁଁ ଚାହେଁ
ଦୁଖ ଦୁଃଖମୟ ଏହି ଜୀବନ ପ୍ରବାହେ
ଏ ପବିତ୍ର ଧରଣୀର। ମୋର ଜନ୍ମ ଜନ୍ମାନ୍ତର
ଜଗତର କୋଟି କୋଟି ଦୁଃଖୀ ଦରିଦ୍ରର
ନୟନ ଲୋତକେ ମୋର ଲୋତକ ମିଶାଇ
ହେଉଗୋ ପବିତ୍ରତର, କବିତାରେ ଗାଇ
ଦଳିତ ଲାଞ୍ଛିତ ଯେତେ ତାଙ୍କ ଦୁଃଖବ୍ୟଥା
ଅବଜ୍ଞାତ ସୁଖଦୁଃଖମୟ ପ୍ରାଣକଥା
ଲେଖନୀ ମୋ ଧନ୍ୟ ହେଉ।"

ଏହା କବିଙ୍କର ସତ୍‌ଚିନ୍ତା, ଚେତନା ଯାହା କି ପ୍ରକାରାନ୍ତରେ ମୁକ୍ତି, ମୋକ୍ଷ ଅବା ସତ୍ ପଥ।

ମଣିଷ ଦୁଃଖରେ କାତର ହୁଏ, ବ୍ୟର୍ଥତାରେ କାନ୍ଦିପକାଏ ଓ ଅନୁଶୋଚନାରେ ଭାଙ୍ଗିପଡେ। କିନ୍ତୁ କବି ଦୃଷ୍ଟିରେ ଜୀବନ ମଧୁମୟ, ବିଶ୍ୱ ମଧୁମୟ। ଜୀବନକୁ ଆନନ୍ଦର ସହିତ ସକ୍ରିୟ ଓ କର୍ମମୟ କରି କଟଇବା ଜୀବନର ଲକ୍ଷ୍ୟ। ନାରୀକବି କୁନ୍ତଳା କୁମାରୀ ଅର୍ଚ୍ଚନାରେ ବର୍ଣ୍ଣନା କରିଛନ୍ତି,

"କିଏ କହେ ବିଶ୍ୱ ବିରାଟ ଛଳନା,
ବୃଥା ମାୟାର ବନ୍ଧନ।
ମୁଁ ଦେଖେ ସୁନ୍ଦର ଏ ବିଶ୍ୱ ଉଦାର
ଅନନ୍ତ ପ୍ରେମନନ୍ଦନ।
ବିଶ୍ୱ ମୋର ଶୁଭ କରମ ଭୁବନ
କରମ ଲାଗି ମୁଁ ଲଭିଛି ଜୀବନ।
ମରଣ ନୁହେଁ ମୋ ଚିର ଅବସାନ
ଆରମ୍ଭ ନବୀନ ଜୀବନ।"

ତେଣୁ ମହତ୍ କର୍ମ ହିଁ ଜୀବନ। ଏହା ଅମୃତମୟ। ସତ୍ୟ, ଚିର ସୁନ୍ଦର। କର୍ମ ଓ ଗୁଣର ସମାହାର ହିଁ ମାନବିକତା। ଏହା ହିଁ ସେହି ବ୍ରହ୍ମାଣ୍ଡ ଠାକୁରଙ୍କର ପରିକଳ୍ପନା। ଲୀଳାର ଅନ୍ତରାଳରେ ସ୍ୱଚ୍ଛ ଅବଧିର ଜୀବନ ପାଇଁ ଚେତନା। ମୋହମାୟାର ସଂସାର ପାଇଁ ସନ୍ଦେଶ। ସେଇ ଜଗନ୍ନାଥ ଅଟନ୍ତି –

"ନମସ୍ତେ ବ୍ରହ୍ମାଣ୍ଡ ଠାକୁର
ତୋହର ମାୟା ଏ ସଂସାର।"

ପ୍ରଧ୍ୟାପିକା, ଓଡିଆ ଭାଷା ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର।

# ଆସକ୍ତି ଓ ଅନାସକ୍ତି

ଦ୍ୱାରିକା ମୋହନ ମିଶ୍ର

ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କ ହିଁ ଯୋଗ। ଏହି ସମ୍ପର୍କ ନୂତନ ଆହ୍ୱାନ, ନୂତନ ମାର୍ଗ ଓ ନୂତନ ଦିଗନ୍ତର ଅନ୍ୱେଷଣ କରି ନିଜ ଭିତରେ ଆତ୍ମପ୍ରତ୍ୟୟ ସର୍ବଦା ନବୀକରଣ କରିବା ସହ ଶିଖର ଦେଶରେ ପହଞ୍ଚିବାକୁ ଉଦ୍ୟତ ହୋଇଥାଏ। ତୁମେ ଗୁରୁ ଓ ତୁମେ ଶିଷ୍ୟ।ଏହି ଦ୍ୱୈତ୍ୟଭାବ ତୁମ ଭିତରେ ଅଛି। ଅନୁସନ୍ଧାନ ଓ ଭକ୍ତିର ଭାବ ହିଁ ଶିଷ୍ୟତ୍ୱଏବଂ ଦିବ୍ୟତ୍ୱ ପ୍ରାପ୍ତି ପ୍ରତି ଉତ୍ସୁକତା ହିଁ ଗୁରୁ ଏବଂ ଏହି ପ୍ରକ୍ରିୟା ଜଣକୁ ଆସକ୍ତି ଅନାସକ୍ତି ସମ୍ପର୍କିତ ସୀମାବଦ୍ଧତା ସମ୍ପର୍କରେ ସଚେତନ କରାଇଥାଏ।

ଆମ ଦେଶ ଅନାଦି କାଳରୁ ଆଧ୍ୟାତ୍ମିକତାର ଉତ୍ପତ୍ତିସ୍ଥଳ ହୋଇ ରହିଛି ଏବଂ ଏ ଭୂମି ସଭ୍ୟତାର ଉନ୍ମେଷ କାଳରୁ ବିଶ୍ୱକୁ ଶିକ୍ଷା ଦେଇଛି ଯେ ଜଣେ କେବଳ ଭୌତିକ ସୁଖ-ସ୍ୱାଚ୍ଛନ୍ଦ୍ୟ ମାଧ୍ୟମରେ ଜୀବନର ପ୍ରକୃତ ଅର୍ଥ ବୁଝିପାରିବ ନାହିଁ, କାରଣ ସେଗୁଡିକ ପ୍ରକୃତରେ ବାହ୍ୟ ପରିପାଟୀ ବା ଆଚରଣ ମାତ୍ର। ଜୀବନ ତଥାପି ମଣିଷ ପାଇଁ ଏକ ରହସ୍ୟ, ଏକ ପ୍ରହେଳିକା ହୋଇ ରହିଛି। ସେ ନିଶ୍ଚିତ ରୂପେ ଚନ୍ଦ୍ର ଉପରେ ପାଦ ଥାପି ସାରିଛି। ବିଜ୍ଞାନର ଏହା ଏକ ଅବିଶ୍ୱାସନୀୟ ଓ ବୈପ୍ଳବିକ ଅଗ୍ରଗତି କିନ୍ତୁ ଜୀବନର ଗୋପନୀୟତା ତାକୁ ହତବୁଦ୍ଧି କରିଛି। ଏହା ଅନ୍ଧକାରରେ ରହିଛି।ଏହା ଭୟଙ୍କର ପରିଣତି ସହ ଭୌତିକ ସୁଖଭୋଗ ଅଭିଜାନ ଅନେକ ପାଶ୍ଚାତ୍ୟବାସୀଙ୍କୁ ଦୁଃଖରୁ ମୁକ୍ତି ଦେଇ ପାରି ନ ଥିବା ବେଳେ ସେମାନଙ୍କ ବିଚଳିତ ଓ ବିଶୃଙ୍ଖଳ ମନ ପାଇଁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଓ ଜ୍ଞାନାଲୋକ ଖୋଜି ଆଶ୍ୱସ୍ତି ଲାଭ କରିବାକୁ ସେମାନେ ଐଶ୍ୱରୀୟ ବ୍ୟକ୍ତିତ୍ୱ ମାନଙ୍କର ମନ୍ତ୍ର ଓ ସନ୍ଦେଶର ଚିରନ୍ତନ ବାର୍ତ୍ତାକୁ ଖୋଜୁଛନ୍ତି।

ସଂକ୍ଷେପରେ ସମଗ୍ର ସନ୍ଦେଶକୁ ଅନାସକ୍ତିରେ ଆସକ୍ତି ଓ ଆସକ୍ତିରେ ଅନାସକ୍ତି ରୁପେ ବର୍ଣ୍ଣନା କରାଯାଇପାରେ ଏବଂ ଏହି ସନ୍ତୁଳନକାରୀ କାର୍ଯ୍ୟ ସମ୍ଭବ ହେବ କେବଳ ଯଦି କେତେକ ନିର୍ଣ୍ଣିତ ନୀତିକୁ ଆମେ ଅଭ୍ୟାସରେ ପରିଣତ କରିପାରିବା - ଯେଉଁ ନୀତିଗୁଡିକ ଆମ ପାର୍ଥିବ ଜୀବନରେ ସୁଖପ୍ରାପ୍ତି ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ। ଅନାସକ୍ତି ଜୀବନର ସାରାଂଶ। ଅତୀତରେ ପାର୍ଥିବ ସୁଖକୁ ପରିତ୍ୟାଗ କରିଥିବା ଆମ ମୁନିଋଷିମାନେ ଭୌତିକତାବାଦ ଓ ଆଧ୍ୟାତ୍ମିକତାବାଦ ମଧ୍ୟରେ ଏକ ସଂହତି ହାସଲ କରିବାର ଗୁପ୍ତ ତଥ୍ୟ ଜାଣିଥିଲେ ଓ ଶିକ୍ଷା ଦେଇଥିଲେ। ହିମାଳୟର ଅପହଞ୍ଚ ବରଫାବୃତ ଉପତ୍ୟକାରେ ଥିବା ସନ୍ନ୍ୟାସୀମାନେ ଜୀବନର ପ୍ରକୃତ ଅର୍ଥ ଓ ଉଦ୍ଦେଶ୍ୟକୁ ତଥା ବିଶ୍ୱରେ ଅଶାନ୍ତି ଓ ଅରାଜକତାର ମୂଳକାରଣ ହୋଇଥିବା ସରଳ ଭୌତିକତାବାଦର ଅସାରତାକୁ ଆବିଷ୍କାର କରିଛନ୍ତି।

ହିମାଳୟରେ ଏବେ ବି ରହିଥିବା ଅନେକ ତପସ୍ୱୀ, ଯୋଗୀ, ଋଷିମାନେ ଜଳ, ସୂର୍ଯ୍ୟରଶ୍ମି ଓ ବାୟୁ ସାହାଯ୍ୟରେ ସେମାନଙ୍କ ପ୍ରାଣ ଧାରଣ କରିଥାନ୍ତି। ଶେଷ ପର୍ଯ୍ୟାୟରେ ସେମାନେ କେବଳ ସୂର୍ଯ୍ୟରଶ୍ମି ଓ ବାୟୁ ସେବନ କରି ଜୀବନ ଧାରଣ କରିଥାଆନ୍ତି। ବାହ୍ୟ ଶରୀର କ୍ରମଶଃ ଶୁଖିଯାଏ ଏବଂ ଜୀବନୀ-ଶକ୍ତିଭିତ୍ତିକ ଆଭ୍ୟନ୍ତରୀଣ ଶକ୍ତି ତିଷ୍ଠି ରହେ। ଜୀବନୀଶକ୍ତି ଅପ୍ରତିହତଭାବେ ତିଷ୍ଠିରହେ ଏବଂ ତପସ୍ୱୀମାନେ ପ୍ରଚାର ଠାରୁ ଦୂରେଇ ରହି ସମ୍ପୂର୍ଣ୍ଣ ନିର୍ଜନତା ମଧ୍ୟରେ ହଜାର ବର୍ଷ ବଞ୍ଚି ରହନ୍ତି ବୋଲି ବିଶ୍ୱାସ କରାଯାଏ। କିନ୍ତୁ ସେମାନେ ବଞ୍ଚିରହିଥିବାରୁ ଜୀବନର ସଂହତି, ପବିତ୍ରତା ଓ ସାଧୁତା ବଜାୟ ରହିଥାଏ। ସେପରି ସାଧୁ ଓ ଯୋଗୀମାନେ କେବଳ ଚିରନ୍ତନ ସତ୍ୟ ଓ ବିଶ୍ୱବ୍ରହ୍ମାଣ୍ଡ କଥା ଚିନ୍ତା କରିଥାନ୍ତି ଏବଂ ନିଜ ଚାରିପାଖେ ଏକ ଆତ୍ମନିର୍ଭରଶୀଳ ବ୍ୟବସ୍ଥା, ଏକ ସ୍ୱତନ୍ତ୍ର ସଂଗଠିତ କାର୍ଯ୍ୟପ୍ରଣାଳୀ ତଥା ଏକ ଭିନ୍ନ ଆଇନ ବ୍ୟବସ୍ଥା ସୃଷ୍ଟି କରିଥାନ୍ତି। ପ୍ରକୃତ ଧର୍ମ ଏହି ସାଧୁମାନଙ୍କୁ କେନ୍ଦ୍ରରେ ରଖି ସେମାନଙ୍କ ଚାରିପାଖେ ଘୁରୁଥାଏ। କ୍ରମ ବିକାଶର ଚମତ୍କାର ଦର୍ଶନ ଗୁଡିକ ଏହି ବିଶୁଦ୍ଧ ନୈତିକ ଉପାଦାନରୁ ଜନ୍ମ ନେଇଥାଆନ୍ତି। ଏଥିରୁ ନିର୍ଝରିତ ହୋଇଥାଏ ପରାକ୍ରମ, ଉଦାରତା, ବିଶୁଦ୍ଧଜ୍ଞାନ ଓ ଶାନ୍ତି । ଏପରି ମହାନ୍ ସାଧୁମାନଙ୍କର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରୁ ଏକ ଶକ୍ତି ନିର୍ଗତ ହୋଇଥାଏ। ଗୋଟିଏ ବସ୍ତୁ ହେଉ, ଜଣେ ବ୍ୟକ୍ତି ହୁଅନ୍ତୁ ଅବା ଏକ ପ୍ରକ୍ରିୟା ହେଉ, ଯାହା ସୃଷ୍ଟି ହେଲେ ବି ଏକ ଅବଶୋଷଣ ବ୍ୟବସ୍ଥା ମାଧ୍ୟମରେ ଏହା ସେମାନଙ୍କ ଦ୍ୱାରା ପବିତ୍ରିତ ହୋଇଥାଏ। ଏପରିକି ଏହା ଦୁଃଖ ବା ଏକ ଅଶୁଦ୍ଧ ଶକ୍ତି ହେଲେ ମଧ୍ୟ ଜଣେ ସାଧୁ ତାଙ୍କ ଶାରୀରିକ ପ୍ରକ୍ରିୟା ମାଧ୍ୟମରେ ଏହାକୁ ମହତ୍ କରିଥାନ୍ତି ଏବଂ କୌଣସି ପଦାର୍ଥକୁ କେବେ ଅଦରକାରୀ ବୋଲି ମଣନ୍ତି ନାହିଁ।

ସେ ଜଣେ ଖରାପ ଲୋକକୁ ସମାଜର ଜଣେ ପୁଣ୍ୟବାନ ଲୋକ ଭାବରେ ପରିଣତ କରିଦେଇ ପାରିବେ। ଜଣେ ସାଧାରଣ ମଣିଷ ଏହି ଆଧ୍ୟାତ୍ମିକ ସଂଗଠିତ କାର୍ଯ୍ୟପ୍ରଣାଳୀ ଓ ଆଭ୍ୟନ୍ତରୀଣ ସୂକ୍ଷ୍ମ ପ୍ରକ୍ରିୟାଗୁଡିକୁ

ବୁଝିପାରିବେ ନାହିଁ। ଆଭ୍ୟନ୍ତରୀଣ ଚେତନାର ସୌନ୍ଦର୍ଯ୍ୟ ଓ ପବିତ୍ରୀକରଣ କାର୍ଯ୍ୟ ଓ ଜୀବନର ମହତ୍ତ୍ୱ ବୃଦ୍ଧି ହିଁ ଦିବ୍ୟତ୍ୱ। ଏହା ଏକ ଐଶ୍ୱରିକ ଶକ୍ତି।

ଆଧୁନିକ ବୈଷୟିକ ଜ୍ଞାନ ବାହ୍ୟ ସୁଖ ସୁବିଧା ସୁଯୋଗକୁ ସହଜଲଭ୍ୟ କରିଦେଇଛି। ସେହି କାରଣରୁ ସେଗୁଡିକର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି। କିନ୍ତୁ ସବୁଠାରେ ମଣିଷ ପ୍ରକୃତି, ମଣିଷର ଆନନ୍ଦର ଉତ୍ସ ଓ ଯନ୍ତ୍ରଣା ମାନ ହେଲେ ମଧ୍ୟ ମଣିଷର ଦ୍ୱନ୍ଦ୍ୱ ଓ ଉତ୍ତେଜନାର ଅନ୍ତ ଘଟିନାହିଁ। ସବୁ ମଣିଷ ମୁଖ୍ୟତଃ ତିନି ଗୋଟି ଜିନିଷ ପାଇବାକୁ ଲାଳାୟିତ- କ୍ଷମତା, ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟ। ପ୍ରତ୍ୟେକ ଜୀବନରେ ଏହି ତିନିଗୋଟି କାରଣ ଏତେ ଫଳପ୍ରଦ ଭାବେ କାର୍ଯ୍ୟ କରିଥାନ୍ତି ଯେ ଅଧିକାଂଶ ଲୋକଙ୍କର ଆଶା ଆକାଂକ୍ଷା ଏହି ସୀମାବଦ୍ଧତା ମଧ୍ୟରେ ଆବଦ୍ଧ ହୋଇ ରହିଥାଏ। ଏହି ସମସ୍ତ ସୀମାବଦ୍ଧତା ସେମାନଙ୍କ ହୃଦୟରେ ଗଭୀର ଉଦ୍‌ବେଗ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଗୁଡିକ ବାହ୍ୟ ଦ୍ୱନ୍ଦ୍ୱ ଗୁଡିକ ଆପେକ୍ଷା ସ୍ୱଭାବତଃ ଅଧିକ ଉତ୍ତେଜକ ଓ ଅନିଷ୍ଟକାରୀ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଯେ ସେହି ବ୍ୟକ୍ତିମାନେ ଯୋଗ-ଧର୍ମ ଓ ସତ୍ୟକୁ ଅପରିଚିତ ଶବ୍ଦ ରୂପେ ବିଚାର କରିଥାନ୍ତି। ସେମାନେ ଭାବନ୍ତି, ଏହି ଅବଧାରଣା ଗୁଡିକ ଅବାସ୍ତବ। ଯାହା ହେଉନା କାହିଁକି, ଯେତେବେଳେ କୌଣସି ବିଶେଷ ଘଟଣାରେ ଜଣେ ବ୍ୟକ୍ତି ଜଣେ ସନ୍ଥ ବା ସାଧୁ ପ୍ରକୃତିର ଲୋକକୁ ଦେଖେ ଏବଂ ତାର ତିନି ନୀତି (ଶଙ୍କର, ସଂସ୍କୃତି ଓ ଧର୍ମ) ସହିତ ପରିଚିତ ହୋଇଯାଏ, ସେତେବେଳେ ଏକ ବାସ୍ତବ ଆଚରଣ ବିଧି ସଂସ୍କୃତି ଏବଂ ଏକ ମୌଳିକ ଆଧ୍ୟାତ୍ମିକ ଚେତନାର ବିକାଶ ଘଟିବାର ଦେଖାଯାଏ ଏବଂ ବ୍ୟକ୍ତି ବିଶେଷ ମାନଙ୍କ ଦ୍ୱାରା ଧର୍ମର ସେପରି ଅଭ୍ୟାସ ସମାଜରେ ଏକ ରୂପାନ୍ତରଣ ଆଣିପାରିବ।

ପ୍ରତ୍ୟେକ ବ୍ୟକ୍ତିର କେବଳ ବଞ୍ଚିବାର ଅଧିକାର ନାହିଁ, ତାର ଜୀବନକୁ ବିକଶିତ କରିବାର ଅଧିକାର ରହିଛି। କିନ୍ତୁ ପ୍ରକୃତି ତାକୁ 'ଶରୀର ଓ ଆତ୍ମାର' ଯେଉଁ ଅମୂଲ୍ୟ ଦାନ ଦେଇଛି ମଣିଷ ତାକୁ ଅଧ୍ୟୟନ କରିନାହିଁ। ଆମ ଶରୀର କାମନା, ବାସନା ଓ ଲାଳସା ପାଖେ ଆତ୍ମସମର୍ପଣ କରି ନିଜକୁ ବନ୍ଦୀ କରି ରଖିଛି। ଅତିରିକ୍ତ ସୁଖ ଅନ୍ୱେଷଣ ଫଳରେ ଏହା ଦୁଃଖ ଓ ଉଦ୍‌ବେଗର ଜାବଡରେ ପଡିଯାଇଛି। ଯଦି ଆମେ ସେହି ଏକା ଶରୀରକୁ ଦୂରଦୃଷ୍ଟି, ସହନଶୀଳତା ଓ ତୀକ୍ଷଣ ବୋଧଶକ୍ତି ସହ ବ୍ୟବହାର କରିବା, ଆମେ ଭିନ୍ନ ଭାବେ ପରିଚାଳିତ ହେଉଥିବା ଏକ ଭିନ୍ନ ପ୍ରକାରର ବିଶ୍ୱର ଅନୁଭୂତି ଲାଭ କରିପାରିବା। ଏହି ପ୍ରକାରର ଶରୀର ଅଧ୍ୟୟନ ହୋଇଯାଏ ଯୋଗ ବିଜ୍ଞାନର ଅୟମାରମ୍ଭ। ଶରୀରର ତଥା ଏହାର ପ୍ରତ୍ୟେକ ଅଣୁ କ୍ଷୁଦ୍ରତମ ଅଂଶର ଏହି ତୀକ୍ଷଣ, ଗଭୀର ଓ ଦୀର୍ଘକାଳୀନ ଅଧ୍ୟୟନ ମାଧ୍ୟମରେ ଏକ ନୂତନ ଜାଗରଣ ଓ ନୂତନ ଶିହରଣ ସୃଷ୍ଟି ହୋଇଥାଏ। ଏହା ସମାଧି ପ୍ରଦ୍ନ୍ୟା ନାମକ ଅବସ୍ଥାକୁ ନେଇଯିବ ଏବଂ ମଣିଷ ପ୍ରଗାଢ ଚିନ୍ତା, ବସ୍ତୁନିଷ୍ଠ ଅଧ୍ୟୟନ ମାଧ୍ୟମରେ ଶାରୀରିକ ବ୍ୟାଧି ଓ ମାନସିକ ଉଦ୍‌ବେଗକୁ ଦୂର କରିବାର ସ୍ଥାୟୀ ଶକ୍ତି ହାସଲ କରିବାରେ ସକ୍ଷମ ହେବ।

କିନ୍ତୁ ଏ ଜ୍ଞାନ ଓ ଏ ସମସ୍ତ ଉତ୍ତର ଅତି ବ୍ୟାପକ ଓ ଗଭୀର ଅଟେ। ବର୍ତ୍ତମାନ ଚାରିଆଡେ ହଜାର ହଜାର ଯୋଗ ଶ୍ରେଣୀ ଖୋଲାଯାଇ ଶିକ୍ଷା ଦିଆଯାଉଛି ଏବଂ ଅନେକ ପ୍ରବଚନ ଦିଆଯାଉଛି, କିନ୍ତୁ ତାର ପ୍ରଭାବଜନିତ ପରିବର୍ତ୍ତନ ଓ କଠୋରଭାବେ ନିୟମପାଳନ କେବଳ ଭାବୋଦ୍ଦୀପକ ହେଉଥିବାର ଦେଖାଯାଉଛି, ତେଣୁ ଏହା କ୍ଷଣସ୍ଥାୟୀ ହେଉଛି। ଏହା ଫଳରେ ଉଦାରମନା ହେବାର ଦ୍ୱାର ଖୋଲୁ ନାହିଁ ଯାହା ଦ୍ୱାରା ଯେଉଁ ନିରବଚ୍ଛିନ୍ନ ଅଭ୍ୟାସ ଦ୍ୱାରା ମତଭେଦ ଆପଣାଛାଏଁ ଦୂର ହୋଇଯାଆନ୍ତା ଏବଂ ଏକ ନୂତନ ଅବିନାଶୀ ସତ୍ୟର ଉଦ୍ଭବ ହୁଅନ୍ତା, ତାହା ପ୍ରାୟତଃ ସଙ୍କୁଚିତ ହୋଇଯାଉଛି। ଯୋଗକୁ ଭଲଭାବେ ବୁଝି ବିଶ୍ୱାସ ଓ ସଂକଳ୍ପର ସହ ଏହାର ବ୍ୟାପକ ଅର୍ଥରେ କଠୋର ଭାବେ ପାଳନ କରିବାକୁ ହେଲେ ଜଣକୁ ଆତ୍ମବିଶ୍ୱାସର ସହ ବିଭିନ୍ନ ସ୍ତରରେ ଜୀବନକୁ ବିକଶିତ କରିବାକୁ ପଡିବ। ତାହାହେଲେ ଯାଇ ଈଶ୍ୱରଙ୍କ ଅବଶ୍ୟମ୍ଭାବୀ ଆଶିଷ ପାଇଁ ଆବଶ୍ୟକ ସଦ୍‌ଗୁଣ ପ୍ରସ୍ଫୁଟିତ ହେବ। ସେଥିପାଇଁ ଉତ୍ତମ ସାଧୁତା, ଅନ୍ୟମାନଙ୍କ ସହିତ ମଧୁର ବାକ୍ୟାଳାପ ଏବଂ ନିର୍ମଳ ଜୀବନ, ଉତ୍କଟ ଦାରିଦ୍ର୍ୟ, ଅଜ୍ଞତା, ଶ୍ରମକାତରତାରେ ବୁଡିରହିଥିବା ବର୍ତ୍ତମାନ ସମାଜରେ ବାହ୍ୟ ଜୀବନରେ ଦେଖା ଦେଉଥିବା ଆହ୍ୱାନ ସହିତ ମୁକାବିଲା କରିବାପାଇଁ ମଧ୍ୟ ଆଉ କେତେକ ଗୁରୁତର ଆବଶ୍ୟକତା ଅଟେ।

ଜଣେ ଯୋଗୀ ବା ଜଣେ ସାଧୁ ପୁରୁଷ ନିଜ ସମ୍ମୁଖରେ ଓ ଅନ୍ୟମାନଙ୍କ ସମ୍ମୁଖରେ ତାଙ୍କ ଜୀବନ ଅଙ୍କର ନିର୍ମଳ ପରଦା ଉପସ୍ଥାପିତ କରିଥାଆନ୍ତି। ତାଙ୍କ ଶରୀର ଓ ମନ ପବିତ୍ର। ତାଙ୍କ ଧୀଶକ୍ତି ତୀକ୍ଷ୍ଣ ଏବଂ ତାଙ୍କ ମେଧାର କେବଳ ଆହ୍ୱାନ ଗୁଡିକର ସମ୍ମୁଖୀନ ହେବାର ସାମର୍ଥ୍ୟ ରହିଛି। ଜଣକୁ ଏହି ସମସ୍ତ ବାସ୍ତବତାକୁ କଡାକଡି ଭାବେ ଅନୁସରଣ କରି ନିଜକୁ ତ୍ୟାଗ, ବିଜ୍ଞତା ଓ ନିଃସ୍ୱାର୍ଥପରତା ପାଇଁ ପ୍ରସ୍ତୁତ କରିବାକୁ ହେବ। ଏ ସବୁ ଗୁଣ ଗୁଡିକୁ ସନ୍ୟାସୀ ମାନଙ୍କଠାରୁ ଶିଖିବାକୁ ପଡିବ। ଆମ ସମାଜରେ ବର୍ତ୍ତମାନ ଅତିମାତ୍ରାରେ ପ୍ରଚଳିତ ଥିବା ଶୁଆ ପରି ଶିଖାଯାଉଥିବା ପ୍ରଚାର ପ୍ରବଚନ ଏବଂ ପୁରାଣ, ଶାସ୍ତ୍ର, ବେଦର ଯନ୍ତ୍ରବତ୍ ପଠନ ଏକ ପ୍ରହସନରେ ପରିଣତ ହେବା ଅବଶ୍ୟମ୍ଭାବୀ, ତାହା ବାସ୍ତବରେ ଏକ ନିଷ୍ଫଳ ପ୍ରୟାସ।

ଆଜିକାଲି ଦେଖାଯାଉଛି ଯେ ଅସଂଖ୍ୟ ଗୁରୁ ଓ ସେମାନଙ୍କ ଚାରିପାଖେ ଘେରି ରହିଥିବା ଜନଗହଳି ସଦ୍‌ଗୁଣ ଓ ନୈତିକତାର ପ୍ରଥମ ପାହାଚରେ ମଧ୍ୟ ପଦାର୍ପଣ କରିନାହାନ୍ତି। ଆଳସ୍ୟ ପରାୟଣତା, ଠକାମି, ରକ୍ଷ ବ୍ୟବହାର, ଔଦ୍ଧତ୍ୟ ଓ ଅର୍ଥ ଉପାର୍ଜନ କୌଶଳ ମୁଖ୍ୟ ଉଦ୍ଦେଶ୍ୟ ଓ ସଂସ୍କୃତି ହୋଇ ରହିଛି। ସଚ୍ଚା ସାଧୁପଣିଆ ସେମାନଙ୍କୁ ତ୍ୟାଗ କରିଥିବା ମନେହୁଏ। ମଣିଷର ସ୍ୱାର୍ଥପରତାରୁ ହିଁ ତାର ଦୁର୍ବଳତା ଜନ୍ମ ନିଏ। ଆଉ ଗୋଟିଏ ଦୁର୍ବଳତା ହେଉଛି ଧୃଷ୍ଟତା ବା ଅପରିଣାମଦର୍ଶିତା, ଏ ସବୁକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ: ୧) ଆଳସ୍ୟ ପରାୟଣତା, (୨) ସ୍ୱାର୍ଥପରତା ଓ (୩) ଧୃଷ୍ଟତା। ବାସ୍ତବରେ ଜଣେ ସଚ୍ଚା ସାଧୁ ତାର ବ୍ୟକ୍ତିଗତ ଆବଶ୍ୟକତା ଓ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଖାତିର କରେ ନାହିଁ, ସେ ସମଗ୍ର ମାନବ ସମାଜର ସାମଗ୍ରିକ କଲ୍ୟାଣ ପାଇଁ ଦିଗ୍‌ଦର୍ଶନ ଦେଇଥାଏ। ପ୍ରାଚୀନ ମୁନିଋଷିମାନେ ଏହି ଆହ୍ୱାନ ଗୁଡିକୁ ଗ୍ରହଣ କରି ସେଗୁଡିକୁ ଜୟ କରିବା

ପାଇଁ ଜୀବନ-ଦର୍ଶନ ପ୍ରଣୟନ କରିଥିଲେ। ବାହ୍ୟ ବିଜୟ ସମ୍ଭବ ହୋଇପାରେ କିନ୍ତୁ ଆଧ୍ୟାତ୍ମିକ ବିଜୟ ହାସଲ କରିବା ନିଶ୍ଚୟ ଅଧିକ କଷ୍ଟକର। ଭଗବାନ ବୁଦ୍ଧ କହିଥିଲେ, ଜଣେ ହଜାର ହଜାର ଲୋକଙ୍କ ଉପରେ ବିଜୟ ହାସଲ କରି ଗୋଟିଏ ଦେଶକୁ ନିଜ ଅଧୀନକୁ ଆଣିପାରେ, କିନ୍ତୁ ଯିଏ ନିଜକୁ ଜୟ କରିବାରେ ସମର୍ଥ ସେ ଜଣେ ପ୍ରକୃତ ଯୋଦ୍ଧା ଓ ବୀର ପୁରୁଷ ଏବଂ ସେହିଁ ପ୍ରକୃତ ବିଜୟ ହାସଲ କରିଥାଏ। ତାହା ତାକୁ ଜୀବନର ସମସ୍ୟା ସମାଧାନ ପୂର୍ବକ ଈଶ୍ୱରଙ୍କ ଆଡକୁ ଗତି କରି ଯିବାରେ ସମର୍ଥ କରି ସେଆଡକୁ ଠେଲି ନେଇଥାଏ। ଜଣେ ସାଧୁ ଜୀବନ ଧାରଣ ପାଇଁ ବୃକ୍ଷର ଚେରମୂଳକୁ ବ୍ୟବହାର କରିଥାନ୍ତି। ସାଧାରଣ ମଣିଷ ଚେରମୂଳ ଆଡକୁ ଚାହିଁବାକୁ ବି ପ୍ରସ୍ତୁତ ହୋଇ ନ ଥାଏ। ସେ ବୃକ୍ଷ ଗୁଡିକର ବାହ୍ୟ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇଥାଏ, କିନ୍ତୁ ଏହାର ଫଳପ୍ରାପ୍ତି ନ ହେବା ପର୍ଯ୍ୟନ୍ତ ସନ୍ତୁଷ୍ଟ ହୋଇ ନ ଥାଏ।

ମଣିଷ କଳ୍ପନାର ଜନ୍ମଦାତା। ତାର ମନର ସୃଜନାଶକ୍ତିରୁ ସୃଷ୍ଟି ହୁଏ ବିଭିନ୍ନ ଧାର୍ମିକ ଗୋଷ୍ଠୀ ଏବଂ ସେଥିରୁ ସୃଷ୍ଟି ହୁଅନ୍ତି ସାଧୁମାନେ। ଜଣେ ସାଧୁ ହେଲେ ଦିବ୍ୟ ଉପାସନାର ପ୍ରେରଣାର ଉତ୍ସ। ଏହା ପୁନଶ୍ଚ ବିଭିନ୍ନ ପନ୍ଥା ବା ସମ୍ପ୍ରଦାୟ ସୃଷ୍ଟିକରେ ଏବଂ ବିପରୀତରେ ଈଶ୍ୱର ଉପାସନା ପ୍ରେରଣା ବି କରେ। ଧର୍ମ ଆମକୁ ସତ୍ୟର ମାର୍ଗ ଶିକ୍ଷା ଦେଇଥାଏ, ଯାହା ପୁଣି ହୋଇଥାଏ ମାନବ କଲ୍ୟାଣର ସୁରକ୍ଷିତ ପଥ। ତେଣୁ ଏହି ଅବଧାରଣା ମାନବ ଶରୀର ଚାରିପାଖେ ଘୂରିବୁଲେ। ତାର ପରିବେଷ୍ଟିନୀ ଏବଂ ଅନ୍ୟ ମଣିଷ ଓ ବସ୍ତୁମାନଙ୍କୁ ଅଧ୍ୟୟନ କରିବା ଜଣେ ମଣିଷର କର୍ତ୍ତବ୍ୟ। ମଣିଷର ସଙ୍କୋଚନ ଗୁଣ ଥାଏ। ସେ ତାର ଆଚରଣ ବିଧି ଅନୁସାରେ ବଞ୍ଚିବାକୁ ନିଜକୁ ଯୋଗ୍ୟ ପ୍ରମାଣିତ କରିବା ଉଚିତ୍। ତାର ଦୟା, କ୍ଷମା ଓ ଶାନ୍ତିଗୁଣ ଥିବା ଉଚିତ୍। ରାଜା ତାଙ୍କ ପ୍ରଜାଙ୍କ ଉପରେ ପ୍ରଭୁତ୍ୱ ଜାହିର କରୁଥିବା ଭଳି ଜଣଙ୍କର ଅନେକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବାର ପ୍ରଶ୍ନ ନାହିଁ। ଜଣେ ସାଧୁଙ୍କ ସଂସାରରେ ମଣିଷ କୌଣସି କଟକଣା ବିନା ମୁକ୍ତ ଭାବରେ ବିଚରଣ କରିଥାଏ। ଜଣେ ମଣିଷର କର୍ତ୍ତବ୍ୟର ଅନ୍ୟ ପାଖଟି ହେଲା କ୍ଷମତା, ଧନସମ୍ପତ୍ତି ଓ ସୋନ୍ଦର୍ଯ୍ୟ। କିନ୍ତୁ ଏହି ବିଭବଗୁଡିକ କେବଳ ସୃଷ୍ଟି କରିଥାଏ କେତେ ଗୁଡିଏ ଅସନ୍ତୁଷ୍ଟ ଆତ୍ମା, ଯେଉଁମାନଙ୍କର ଅସନ୍ତୋଷ କ୍ରମଶଃ ବୃଦ୍ଧିପାଇ ଚାଲିଥାଏ।

ତେଣୁ ଜଣେ ସଚେତନ ହେବା ଉଚିତ୍ ଯେ, ମାନବ ଶରୀର ପ୍ରକୃତରେ ଈଶ୍ୱରଙ୍କର ଏକ ଅମୂଲ୍ୟ ଦାନ। ଯୋଗ ପ୍ରକ୍ରିୟା ଅଧ୍ୟୟନ କରିବା ପାଇଁ ଏବଂ ନୂତନ ଚେତନା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଏହି ଶରୀର ଏକ ବିରାଟ ପରୀକ୍ଷାଗାର ଅଟେ। ଏହି ବ୍ୟାପକ ଦିଗ ଗୁଡିକୁ ଆଖିରେ ରଖି ଜଣକୁ ତାର ଶରୀରର ଯତ୍ନ ନେବାକୁ ପଡିବ ଏବଂ ଏହାକୁ ଏକ ସୀମାବଦ୍ଧତା ରୂପେ ବିଚାର କରାଯିବା ଉଚିତ୍ ନୁହେଁ, ବରଂ ଏହାକୁ ଦେବତ୍ୱପ୍ରାପ୍ତିର ଏକ ସମ୍ଭାବନା ରୂପେ ବିଚାର କରାଯିବା ଉଚିତ୍। ପାଶ୍ଚାତ୍ୟ ଜଗତର ବହୁ ସଂଖ୍ୟକ ବୈଜ୍ଞାନିକ, ଯାହାଙ୍କ ମଧ୍ୟରେ ଅଛନ୍ତି ଅନେକ ନୋବେଲ୍ ପୁରସ୍କାର ବିଜେତା, ମଲିକୁଲାର ଫିଜିସିଷ୍ଟ, ମାଇକ୍ରୋବାୟୋଲଜିଷ୍ଟ, ସେମାନେ ମଣିଷର ମସ୍ତିଷ୍କ ଏବଂ ନୂତନ ଚେତନାର ଅଭିନବ ଯୁଗ ଆବିଷ୍କାର କରୁଛନ୍ତି। ସେମାନଙ୍କର ଆବିଷ୍କାର ଗୁଡିକ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଅନେକ ବାଟରେ ଆମର ମହାନ୍ ବୈଦିକ ପ୍ରଜ୍ଞାର ଭିତ୍ତିଭୂମିକୁ ସମର୍ଥନ ଓ ପ୍ରମାଣସିଦ୍ଧ କରିଥାନ୍ତି। ଏହି ବୈଜ୍ଞାନିକମାନଙ୍କ ସହିତ ଏକ ଅର୍ଥପୂର୍ଣ୍ଣ କଥୋପକଥନ ପାଇଁ ମାନବ ସମାଜ ସମ୍ମୁଖରେ ଥିବା ଆହ୍ୱାନ ହେଲା – ଆତ୍ମ ରୂପାନ୍ତରଣ ଏକ ସଂସ୍କୃତି ସୃଷ୍ଟି କରିବା ଏବଂ ସେତିକିବେଳେ ଯାଇ ମଣିଷ ଏକ ବିଶ୍ୱ ଆଧ୍ୟାତ୍ମିକତା ସଂଯୋଗ ପାଇଁ ଏକ ପରସ୍ପର-ସଂପୃକ୍ତ ବ୍ୟବସ୍ଥା ସୃଷ୍ଟି କରିବାରେ ସମର୍ଥ ହେବ ଯାହା ପ୍ରତ୍ୟେକଙ୍କୁ ଆସକ୍ତି ଓ ଅନାସକ୍ତି ସମ୍ପର୍କରେ ସଚେତନ କରିବ।

ଜୀବନର ଏକ ନିର୍ଭରଶୀଳ ମନୋବୃତ୍ତି ପୋଷଣ କରିବାର କୌଣସି କାରଣ ନାହିଁ। ଜଣକୁ ମୁହାଁମୁହିଁ ପୂର୍ଣ୍ଣ ପ୍ରାଣରେ ଓ ପ୍ରଗାଢ ଭାବରେ ପ୍ରବଳ ସାହସର ସହିତ ଆହ୍ୱାନଗୁଡିକର ସମ୍ମୁଖୀନ ହେବାକୁ ପଡିବ, ଯାହା ନିଜ ଭିତରେ ଏକ ଜାଗରଣ ସୃଷ୍ଟି କରେ। ଜଣେ ଯେତେବେଳେ ଜୀବନର ନିକଟତର ହୁଏ, ଶିକ୍ଷା ଗ୍ରହଣ ଓ ଅଭିବୃଦ୍ଧି ପାଇଁ ବିପଦ ଓ ଅସୁବିଧା ସୁବିଧା ସୁଯୋଗ ଯୋଗାଇ ଦିଏ। ସାଧାରଣ ମଣିଷଟି ଆଜି ହତବୁଦ୍ଧି ଓ ଅପ୍ରତିଭ ହୋଇଯାଇଛି। ତା ଚାରିପାଖେ କ'ଣ ଘଟୁଛି, ସେ ତାହା ବୁଝିବାକୁ କେବେ ଚେଷ୍ଟା କରେ ନାହିଁ। ରାଜନୈତିକ ଆନ୍ଦୋଳନ ଏବଂ ପ୍ରଚଳିତ ରୀତିନୀତି, ଧର୍ମଧାରଣା ଓ ଚଳଣିର ଅବମୂଲ୍ୟାୟନ ଘଟିବା ଏକ ଦୈନନ୍ଦିନ ଘଟଣା ହୋଇଯାଇଛି। ସାଧାରଣ ମଣିଷ ଏବଂ ଦଳିତ, ନସ୍ୱେଷିତ ଲୋକମାନଙ୍କର ସମସ୍ୟାବଳୀ ପ୍ରବଳ ବେଗରେ ବୃଦ୍ଧି ପାଉଛି। ଏହି ଅସାଧାରଣ ପରିସ୍ଥିତିରେ ଯଦି ପ୍ରତ୍ୟେକ ବ୍ୟକ୍ତି ଦୃଢ ଭାବରେ ନିଜ ଗୋଡରେ ଠିଆ ହୋଇ ଆତ୍ମନିର୍ଭରଶୀଳତା ଅଭ୍ୟାସ କରନ୍ତି ଏବଂ ଯଦି ପାରସ୍ପରିକ ସହଯୋଗ ଓ ସହନଶୀଳତା ରହେ, ଅନେକ ସମସ୍ୟାର ସମାଧାନ ହୋଇଯାଇପାରିବ। ଆତ୍ମ-ସଂଯମ, ଉଦାର ଦୃଷ୍ଟିଭଙ୍ଗୀ, ଚତୁରତାର ସହିତ ସମସ୍ୟାର ସମାଧାନ, ଆତ୍ମ-ସମର୍ପଣ ଏବଂ ତ୍ୟାଗ ମନୋଭାବ ଅଧୁନାତନ ନୈରାଶ୍ୟବାଦକୁ କେତେକାଂଶରେ ଉପଶମ କରି ପାରିବ। ଆଧ୍ୟାତ୍ମିକ ଜୀବନର ପ୍ରଥମ ପାହାଚ ହେଲା, ଜଣଙ୍କର କର୍ତ୍ତବ୍ୟଗୁଡିକୁ ଗ୍ରହଣ କରି ସେଗୁଡିକୁ ବାସ୍ତବ ଓ ସମ୍ମାନଜନକ ଭାବେ ପାଳନ କରିବା।

ବିପଦ ଯେତେ ବେଶୀ, କ୍ରମବିକାଶର ସୁଯୋଗ ସେତେ ଅଧିକ। ଅନ୍ତରର ଭକ୍ତିଭାବ ଏବଂ ବାହାର ଦୈନନ୍ଦିନ କାର୍ଯ୍ୟରେ ସନ୍ତୋଷ ଜଣକୁ ଆହ୍ୱାନ ଗୁଡିକର ସମ୍ପୂର୍ଣ୍ଣ ସମ୍ମୁଖୀନ ହୋଇ ତାର ପରିଣାମକୁ ସେହି ମହାନ ଶକ୍ତି ହାତରେ ଛାଡି ଦେବାକୁ ପଡିବ। ଆସକ୍ତିର ସୀମାବଦ୍ଧତାକୁ ବୁଝି ଯିଏ ଏହିଭଳି ଜୀବନଯାପନ କରିବ, ସିଏ ଦୁଃଖ-ସୁଖର ବନ୍ଧନରୁ ମୁକ୍ତ ହୋଇପାରିବ।

ଗଜପତି ନଗର, ଭୁବନେଶ୍ୱର-୫,
ମୋ – ୯୪୩୭୦୬୦୭୦୩

# ଦୁଃଖ ନ ଗଲା ମୋହରି

ଡ. ଅଭିନ୍ନ ଚନ୍ଦ୍ର ସାହୁ

କବି କେବଳ ସ୍ରଷ୍ଟା ନୁହେଁ, ଦ୍ରଷ୍ଟା ମଧ୍ୟ। ତା'ର ତୃତୀୟ ନେତ୍ରରେ ସ୍ୱକୀୟ ଦୃଷ୍ଟିରେ ସେ ସଂସାରକୁ, ବିଶ୍ୱକୁ ଦେଖେ; କଳ୍ପନା କରେ। ଏହି ଦୃଷ୍ଟି ହୋଇଯାଏ ଦର୍ଶନ, ଜୀବନଦର୍ଶନ। ତା'ର ବ୍ୟକ୍ତିଗତ ସୁଖ-ଦୁଃଖ, ଆଶା-ନିରାଶା ; କାବ୍ୟକବିତାରେ ପ୍ରତିଫଳିତ ହୁଏ। ତା ଜୀବନଦର୍ଶନ ଏଥିରେ ପ୍ରଭାବିତ ହେବା ସ୍ୱାଭାବିକ। ସେଥିପାଇଁ ଜଣେ କବି ତାଙ୍କ ସର୍ଜନାରେ "ସୁଧାମୟ ସୃଷ୍ଟି, ମଧୁମୟ ସୃଷ୍ଟି ଏ ସୃଷ୍ଟି ଅମୃତମୟ" ବୋଲି କହିଛନ୍ତି। ଭକ୍ତକବି, ଋଷିକବି ମଧୁସୂଦନ ଅନୁରୂପ ଆନନ୍ଦବାଦୀ ଜୀବନଦର୍ଶନ, ବୈଦିକମନ୍ତ୍ରଦ୍ରଷ୍ଟାଙ୍କର "ମଧୁବାତ ଋତାୟତେ, ମଧୁକ୍ଷରନ୍ତି ସିନ୍ଧବଃ" ସହ ସମପର୍ଯ୍ୟାୟଭୁକ୍ତ। ଏହାର ତାତ୍ପର୍ଯ୍ୟ, ଗଗନରେ ପବନରେ ମଧୁ ବା ଅମୃତ ନିର୍ଝରିତ ହେଉଛି ସପ୍ତସିନ୍ଧୁ ସେଇ ଅମୃତକୁ ଝରାଉଛନ୍ତି। ଏହାର ସମାନ୍ତରାଳ ପ୍ରତିଧ୍ୱନି ସ୍ୱଭାବକବି ଗଙ୍ଗାଧରଙ୍କର ମଧୁମୟ, 'ଅମୃତମୟ' କବିତାରେ ଶୁଣିବାକୁ ମିଳେ: 'ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ, ମଧୁର ଝରଣ କରିବ ହରଣ ତୋ ପାପତାପ ମରଣର ଭୟ'; ଜନନୀଙ୍କ ସ୍ନେହ, ଜାୟାର ପ୍ରଣୟ, ଶିଶୁର ଆକର୍ଷଣୀୟ ଦରୋଟି ହସ, ସଖା ବନ୍ଧୁଙ୍କର ବିମଳ ବନ୍ଧୁତା ଅନ୍ତରାଳରେ, ଅନ୍ତଃସଲୀଳା ଫଲ୍‌ଗୁ ଭଳି ବହମାନ ଏଇ ଅମୃତର ଧାରା। ସେଇ ଅମୃତ ପରିବ୍ୟାପ୍ତ ହୋଇଛି, ପ୍ରକୃତିର ଛତ୍ରେ ଛତ୍ରେ, ଜଳ-ସ୍ଥଳ-ଆକାଶରେ ସର୍ବତ୍ର। ଜଳାଶୟରେ ପଦ୍ମବନ, ସବୁଜିମାମଣ୍ଡିତ ଧରିତ୍ରୀର ବିଲବନ ପ୍ରାନ୍ତର, ଆକାଶରେ ଜ୍ୟୋତ୍ସ୍ନାର ଜୁଆର; ଜୀବନକୁ ଅମୃତାୟିତ କରୁଛି। ତେଣୁ କବି କୁହନ୍ତି,

"ମୁଁ ତ ଅମୃତ ସାଗରବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ।
ଖସି ମିଶିଛି ଅମୃତଧାରେ ଗତି କରୁଛି ସେ ଅକୂପାରେ।"

କବି ସୁନିଶ୍ଚିତ, ଜୀବନର ସୃଷ୍ଟି-ସ୍ଥିତି-ଲୟ, ପାପ-ତାପ-ସନ୍ତାପରେ ଏଇ ଅମୃତାୟିତ ଜୀବନ ବେଳେ ବେଳେ ବାଷ୍ପୀଭୂତ, ଶୁଷ୍କ ଭଳି ମନେହୁଏ। ତାହା କ୍ଷଣିକ, ସାମୟିକ ମାତ୍ର। ପୁଣି ସେ ସ୍ୱଚ୍ଛ-ସ୍ନିଗ୍ଧ ପବିତ୍ର ଶିଶିର ବିନ୍ଦୁ ହୋଇ, ଚିର ଆନନ୍ଦମୟ ଅମୃତସାଗରରେ ନିମଜ୍ଜିତ ହେବ। କାରଣ ଅମୃତମୟ ବିଶ୍ୱରୂପୀ ବିଶ୍ୱସତ୍ତାଙ୍କୁ ଅନୁଭବ କରିହୁଏ, ସତ୍-ଚିତ୍-ଆନନ୍ଦ ରୂପରେ। ଅମୃତମୟ ମହାସିନ୍ଧୁର ଏକ ବିନ୍ଦୁ ମାତ୍ର ମଣିଷ। ତେଣୁ କେବଳ କବି ନୁହନ୍ତି, ସମଗ୍ର ବିଶ୍ୱର ପ୍ରତ୍ୟେକଟି ମଣିଷ ଏଇ ମହାନନ୍ଦମୟ ଅମୃତାୟିତ ସତ୍-ଚିତ୍-ଆନନ୍ଦର ଏକ ପ୍ରତିରୂପ। ସିନ୍ଧୁର ଗୁଣ-ଧର୍ମ ଆସ୍ୱାଦ, ବିନ୍ଦୁରେ ରହିବା ଅପରିହାର୍ଯ୍ୟ। ସେଥିପାଇଁ ଅନୁରୂପ ଜୀବନଦର୍ଶନ, ଜୀବନାଦର୍ଶର କବି ଓ ବ୍ୟକ୍ତିମାନେ ଆନନ୍ଦବାଦରେ ଅଚଳ-ଅଟଳ ବିଶ୍ୱାସ ରଖିବା ସ୍ୱାଭାବିକ। ସମାନ୍ତରାଳ ଆନନ୍ଦବାଦୀ ଜୀବନଦର୍ଶନର ସମ୍ପୂର୍ଣ୍ଣ ବିପରୀତଧର୍ମୀ ହେଉଛି ବିଷାଦବାଦୀ ଜୀବନଦର୍ଶନ।

ଏହାର ସର୍ବକାଳୀନ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛନ୍ତି ଆଧୁନିକ ଯୁଗପ୍ରବକ୍ତା ରାଧାନାଥ ରାୟ। କବିବରଙ୍କ ଦୃଷ୍ଟିରେ ଦୁଃଖ ହିଁ ମଣିଷର ଲଲାଟ ଲିଖନ, ଭାଗ୍ୟଲିପି। ଚିରନ୍ତନ ଆନନ୍ଦ, ଶାଶ୍ୱତ ସୁଖ ବୋଲି କିଛି ନାହିଁ। ତାଙ୍କ ଦୃଷ୍ଟିରେ ରୂପସୀ ଚିଲିକା କେବଳ ଉତ୍କଳକମଳାଙ୍କ ବିଳାସଦୀର୍ଘିକା ନୁହେଁ, ଏହା ସତ୍ୟ-ଶିବ-ସୁନ୍ଦରଙ୍କ ଲୀଳାସ୍ଥଳୀ। ଏହାର ଶାନ୍ତକାନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ, ଅନୁପମ। ଚିଲିକାର ନିରବ-ନିର୍ଜନ ପଶ୍ଚିମ ତୀରରେ କବି ଅନ୍ତିମ, ପଶ୍ଚିମାଜୀବନ ବିତାଇବାପାଇଁ ଚାହିଁଥିଲେ ମଧ୍ୟ ତାଙ୍କର ମନେ ହୁଏ -

"ଏ ସୁଖର ମୁହିଁ ନୁହଇ ଭାଜନ
ମୋ ଭାଗ୍ୟେ ଏ ସିନା ଭଙ୍ଗୁର ସପନ,
ସଂସାର-ନିଗଡେ ସଂସାର-କାରାରେ
ଯାପିବି ଜୀବନ ସଦା ହା'ହା'କାରେ।।
ସଂସାର ନିରୟେ ଅଙ୍ଗ ଦେଇ ଢାଳି
କରିବି ଏହାକୁ ସ୍ମୃତିର ସଙ୍ଗାଳି।।"

କବିଙ୍କର ଇପ୍‌ସିତ ସ୍ୱପ୍ନ ବିଡମ୍ବିତ। ମଣିଷ ଯାହା ଚାହେଁ ତା' ପାଏ ନା ; ଯାହା ପାଏ ତାହା ହୁଏତ ଚାହିଁ ନ ଥାଏ। ଏହି ସଙ୍କଟମୟ ଦୋଛକିରେ ସେ ଭାଗ୍ୟବାଦକୁ ଗ୍ରହଣ କରିନିଏ। ତାହା ହିଁ ଘଟିଛି କବିବରଙ୍କ ଯେତ୍ରରେ। ତେଣୁ ସେ ଅଗତ୍ୟା ଭାଗ୍ୟ-ଭବିତବ୍ୟକୁ ଗ୍ରହଣ କରି କହନ୍ତି ; "ଛାର ଭାଗ୍ୟ ମୋର ପିହିତ ପାଷାଣେ, ମୋ ଜୀବନ ଗଢା ଅନ୍ୟ ଉପାଦାନେ।"

ଏଇ ଭାଗ୍ୟବାଦୀ ଜୀବନ ଦର୍ଶନରୁ ଆରମ୍ଭ ହୁଏ ଘୋର ବିଷାଦବାଦ। ସମାଜ, ସଂସାର-ପରିବାର ଏଭଳିକି ନିଜ ଉପରୁ ମଧ୍ୟ ଆସ୍ଥା ହରାଇ ସେ ସମ୍ପୂର୍ଣ୍ଣ ନୈରାଶ୍ୟବାଦୀ ସିନିକ୍ ହୋଇଯାଏ। ସଂସାର ତା' ପାଇଁ ଧରା ସ୍ୱର୍ଗ ନୁହେଁ, ନରକର ଯନ୍ତ୍ରଣା। ଏହାର ସ୍ପଷ୍ଟ ସ୍ୱୀକୃତି ଦେବାକୁ ଯାଇ କବିବର କହନ୍ତି, "ସଂସାରୀ ସଙ୍ଗତେ ସଙ୍ଗ ହେବାପାଇଁ, କବେହେଁ ମୋହର ମନ ବଳେ ନାହିଁ।"

କିନ୍ତୁ ଭାଗ୍ୟ ତାଙ୍କର ରୁଚି ଅନୁକୂଳ ହୋଇଥିଲେ, ସେ ରୂପସୀ ସୁନ୍ଦରୀ ଚିଲିକାର ସୁରମ୍ୟ ପଶ୍ଚିମତୀରରେ ଅନ୍ତିମ ଜୀବନ ଯାପନ କରି ଥାଆନ୍ତେ। କିନ୍ତୁ ପ୍ରସ୍ତରାୟିତ ଭାଗ୍ୟର ବିଡମ୍ବିତ ବିପର୍ଯ୍ୟୟରେ, କବିଙ୍କ ଜୀବନ ପ୍ରତି ଆସ୍ଥା ତୁଟି ଯାଇଛି, ଜୀବନ ହୋଇଛି ଜୀବନମରଣ-

"ଛାର ଭାଗ୍ୟ ମୋ'ର ପିହିତ ପାଷାଣେ
ମୋ ଜୀବନ ଗଢା ଅନ୍ୟ ଉପାଦାନେ।
ଚିର ହା'ହା'ମୟ ଏ ଛାର ଜୀବନ
ଜୀବନ ନୁହଇ ଜୀବନ୍ତ ମରଣ।"

ଜୀବନର ଏଇ ଚରମ ହତାଶା, ନୈରାଶ୍ୟରୁ ଆରମ୍ଭ ହୋଇଛି ପ୍ରଚଣ୍ଡ ଦୁଃଖବାଦୀ ଜୀବନବୋଧ। ସେ ଖୋଲା ଖୋଲି ସ୍ୱୀକାର କରିଛନ୍ତି –

"ଚିରଦିନ ଦୁଃଖ ପ୍ରହାରେ ଜର୍ଜର
ପଟ୍ଟଶିଷ୍ୟ ମୁହିଁ ଦୁଃଖଗୁରୁଙ୍କର।
ଦୁଃଖଦତ୍ତ ଜ୍ଞାନ ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ।"

ଏଇଥିପାଇଁ ରାଧାନାଥଙ୍କ ସଫଳ କାବ୍ୟଗୁଡିକ ଟ୍ରାଜେଡିଧର୍ମୀ, ବିୟୋଗାନ୍ତକ ନୁହେଁ ବିୟୋଗାତ୍ମକ। ହା' ହୁତାଶା-ଜର୍ଜରିତ ଜୀବନାନୁଭୂତି ତାଙ୍କୁ ଦୁଃଖଗୁରୁଙ୍କର ପଟ୍ଟଶିଷ୍ୟ ହେବାପାଇଁ ବାଧ୍ୟ କରିଛି।

ହତାଶ-ନୈରାଶ୍ୟ-ବ୍ୟର୍ଥତାରୁ ଜନ୍ମ ନିଏ ବିଷାଦବାଦ ବା ଦୁଃଖବାଦ। ରାଧାନାଥଙ୍କ ପରବର୍ତ୍ତୀ, ଏଭଳିକି ସାମ୍ପ୍ରତିକ କବିମାନଙ୍କର ସୃଷ୍ଟି ଓ ସର୍ଜନାରେ ଏହି ବିଷାଦବୋଧ ବା ଦୁଃଖବାଦ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେମାନଙ୍କର କାବ୍ୟଚେତନାର ମୁଖ୍ୟ ସ୍ୱର ହେଉଛି ହତାଶା-ନୈରାଶ୍ୟ-ବ୍ୟର୍ଥତା ପ୍ରସୂତ ଦୁଃଖବାଦ। ପ୍ରାଚୀନ ଓ ମଧ୍ୟଯୁଗୀୟ କବିମାନଙ୍କର କାବ୍ୟ ଚେତନାରେ ମଧ୍ୟ ଏଇ ଦୁଃଖବାଦର ସୁସ୍ପଷ୍ଟ ଅନୁରଣନ, ପ୍ରତିବିମ୍ବନ। ବିଶେଷ ଭାବେ ପ୍ରାଚୀନ ଓ ମଧ୍ୟଯୁଗୀୟ ଗୀତିକବିତାଧର୍ମୀ (ଲିରିକାଲ୍) ଅଜସ୍ର ଜଣାଣ ଭଜନରେ, କବିର ସ୍ୱକୀୟ ଜୀବନାନୁଭୂତି ଓ ଜୀବନଦର୍ଶନ ସିଧାସଳଖ ପ୍ରତିବିମ୍ବିତ। ମଧ୍ୟଯୁଗୀୟ ପାରମ୍ପରିକ କାବ୍ୟ ଯେତିକି ବ୍ୟକ୍ତିକୈନ୍ଦ୍ରିକ, ତାହା ସେତିକି ସାର୍ଥକ ସଂବାହକ। ସମସ୍ତ ଜଣାଣ ଭଜନରେ କବି ଏକ ନିରୋଳା-ନିରୁତା ଭକ୍ତଟିଏ। ଭକ୍ତର ଦୁଃଖ ଆର୍ତ୍ତି, ମିଳନର ଆନନ୍ଦ ପୁଣି ବିରହର ଅଶ୍ରୁ ଯୁଗପତ୍ କାବ୍ୟାୟିତ, ଅଧିକାଂଶ ଜଣାଣ ଭଜନରେ ଘୋର ଦୁଃଖଦୁର୍ଦ୍ଦଶାର ଅବତାରଣା। ଏହାର ଦୃଷ୍ଟାନ୍ତ ମୂଳକ ଜଣାଣ ହେଉଛି ଭକ୍ତକବି ବନମାଳୀଙ୍କର 'ଦୀନବନ୍ଧୁ ଦଇତାରି' ଜଣାଣର ଉପୋଦ୍‌ଘାତର ଘୋଷାପଦରେ ହିଁ ମହାନାୟକ ଜଗନ୍ନାଥଙ୍କ ବିରୋଧରେ ପ୍ରଚଣ୍ଡ ଉଦ୍‌ଗୀରଣ –

"ଦୀନବନ୍ଧୁ ଦଇତାରି ଦୁଃଖ ନ ଗଲା ମୋହରି
ହେଲ କି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେ କରି।"

ପାଠକର ସ୍ୱତଃ ଉତ୍କଣ୍ଠା ଉଦ୍ରେକ ହୁଏ, ନିଜ ଇଷ୍ଟ ଦେବ ଜଗନ୍ନାଥଙ୍କୁ ନିଷ୍ଠୁରଚିତ୍ତ ବୋଲି ପ୍ରତିବାଦିତ କରିବାରେ କି ପ୍ରାମାଣିକ ଯୌକ୍ତିକତା ଥାଇପାରେ? କବି ପର୍ଯ୍ୟାୟକ୍ରମେ ଗୋଟିକ ପରେ ଗୋଟିଏ ପୌରାଣିକ (ମିଥ୍)ର ଅବତାରଣା କରି, ତାଙ୍କ ଅଭିଯୋଗର ଯାଥାର୍ଥ୍ୟ ପ୍ରତିପାଦନ କରିଛନ୍ତି। ଲକ୍ଷେ ଯୋଜନରେ ଦୂରରେ ଥିଲେ ହେଁ କୁମ୍ଭୀର କବଳିତ ଗଜ ଉଦ୍ଧରଣ, କୁରୁପତି ସଭାତଳେ ନିର୍ଯ୍ୟାତିତା ଦ୍ରୌପଦୀଙ୍କୁ କୋଟିବସ୍ତ୍ର ପ୍ରଦାନ କରିବା ସର୍ବଜନବିଦିତ। ଏଭଳି ଯୁଗେ ଯୁଗେ ଭକ୍ତର ମାନ ଉଦ୍ଧରଣରେ ଟିକିଏ ହେଲେ ହେଳା କରି ନାହାଁନ୍ତି ପ୍ରଭୁଜଗନ୍ନାଥ। ଏଭଳି ବଳବନ୍ତ ପ୍ରଭୁଙ୍କ ଶରଣାଗତ ହୋଇ ମଧ୍ୟ ଭକ୍ତର ଦୁଃଖ ନଶୁଣିବା, କଣ ପ୍ରଭୁଙ୍କ ନିଷ୍ଠୁରତାର ଚରମ ନିଦର୍ଶନ ନୁହେଁ? ସବୁଠାରୁ କବିଙ୍କର ନିଷ୍ଠୁରତାଜନିତ ଅଭିଯୋଗ ବହୁଗୁଣିତ ହୋଇଛି, 'ଦୀନବନ୍ଧୁ ଦଇତାରି' ସମ୍ବୋଧନରେ। ଯେଉଁ ବଡଠାକୁରଙ୍କର ଅନ୍ୟନାମ ଦୀନଦୁଃଖୀଙ୍କର ବନ୍ଧୁ, ସେ ଯୁଗ ଯୁଗ ଧରି ଭକ୍ତର ଦୁଃଖ ମୋଚନ କରିଆସୁଛନ୍ତି। ଅଥଚ କବି କାହିଁକି ସେଇ ଦୀନବନ୍ଧୁଙ୍କ କରୁଣା କଣିକାରୁ ବଞ୍ଚିତ ହେଲେ? ଏଭଳି ଆହ୍ୱାନୀ ପ୍ରତିବାଦ ଅନୁଯୋଗ ଅଭିଯୋଗ କରୁଥିବା ଭକ୍ତ, ପୁଣି ନିଃସର୍ତ୍ତ ଆତ୍ମ ସମର୍ପଣ କରି କହେ, "ରଖ ବା ନ ରଖ ମୋତେ, ଶରଣ ତୋ ପାଦଗତେ।"

ଭକ୍ତର ଦୁରନ୍ତ ଅଭିମାନ-ଅଭିଯୋଗ ସବୁକିଛି ପାଣି ଫୋଟକାପରି ମିଳାଇ ଯାଇଛି। କବି ତାଙ୍କର ଇପ୍‌ସିତ ମନକଥା ପରବର୍ତ୍ତୀ ଜଣାଣରେ ନିବେଦନ କରି କହନ୍ତି,

"ମହାବାହୁ! ଏହି କଥାରେ ମୋ ମନ
ନିତି ଦେଖୁଥିବି ନୀଳାଦ୍ରି ମଣ୍ଡପେ କଞ୍ଜ ସୁନ୍ଦର ବଦନ ହେ।"

ସମସ୍ତ ଭୌତିକ ସୁଖ-ସ୍ୱାଚ୍ଛନ୍ଦ୍ୟ ଜଳାଞ୍ଜଳି ଦେଇ ପ୍ରଭୁଙ୍କର ପଦ୍ମମୁଖ ଚାହିଁ ଶ୍ରୀକ୍ଷେତ୍ରରେ କାଳାତିପାତ କରିବାରେ ହିଁ ଜୀବନର ଚରମ ସାର୍ଥକତା। ଏଥିପାଇଁ ମୌଳିକ ଆବଶ୍ୟକତା ଅନ୍ନବସ୍ତ୍ରକୁ ମଧ୍ୟ ସେ ପ୍ରତ୍ୟାଖାନ କରିଛନ୍ତି, "ଅଞ୍ଜଳିରେ ଜଳ ପିଇ, ପିନ୍ଧୁଥିବି ବକଳ କରି ବସନ।" ଏଥିପାଇଁ ଅନୁଶୋଚନା-ଦୁଃଖ ନାହିଁ, ଯଦି ସେ ଶ୍ରୀଜଗନ୍ନାଥଙ୍କ ଅନୁକ୍ଷଣ ଦର୍ଶନ ପାଆନ୍ତି। ସ୍ୱର୍ଗର ଇନ୍ଦ୍ରପଦ ସବୁଠାରୁ ମହାର୍ଘ, ସର୍ବଜନ କାମ୍ୟ। ଅଥଚ ଭକ୍ତ କବି ପାଇଁ "ଶଚୀପତି ପଦ ତୁଚ୍ଛ ମଣୁଥିବି ଥିଲେ

ତୁମ ସନ୍ନିଧାନ।" କବି ଚେତନାରେ, ଯେ କୌଣସି ପାର୍ଥିବ ଐଶ୍ୱର୍ଯ୍ୟ ଏଭଳିକି ଅପାର୍ଥିବ ଇନ୍ଦ୍ର-ବିଭବ ମଧ୍ୟ ପ୍ରଭୁଙ୍କ ଦର୍ଶନ ପାଖରେ ତୁଚ୍ଛାତିତୁଚ୍ଛ। ମନ-ହୃଦୟ-ଚେତନାରେ ସେ ସର୍ବୋତଭାବେ ଜଗନ୍ନାଥ ପ୍ରାଣ। ପତିତପାବନ ମହାବାହୁଙ୍କ ଶ୍ରୀମୁଖ ଦର୍ଶନରୁ ବଞ୍ଚିତ ହେବାହିଁ ମହାଦୁଃଖ। ସେଇ ମହାବାହୁ ହିଁ ଦୁଃଖୀଜନଙ୍କର ଦୁଃଖହରଣ ପାଇଁ ସମର୍ଥ। କବି ସାଂସାରିକ ଭୋଗ-ବିଳାସଜନିତ 'ଭୁକ୍ତି' ଅଥବା ଜନ୍ମମୃତ୍ୟୁ ଚକ୍ରରୁ 'ମୁକ୍ତି'କୁ ପ୍ରତ୍ୟାଖାନ କରି କହନ୍ତି,

"ଭକ୍ତି ମୁକ୍ତି ମୋର ଲୋଡା ନାହିଁ କିଛି
ନ ଲୋଡଇ ବଡପଣ
କେବଳ ଶ୍ରୀପାଦପଦ୍ମରେ ଭକତି
ରହିଥାଉ ଅନୁକ୍ଷଣ।"

କାଳକାଳକୁ କେବଳ ସେବାଦାସ, ଶ୍ରୀପଦ-ଚରଣ-କିଙ୍କର ହୋଇ ଉତ୍ସର୍ଗିତ ହେବାରେ ହିଁ ଜୀବନର ଚରମ ଓ ପରମ ସାର୍ଥକତା।

ଭକ୍ତି-ପ୍ରେମର ବଳରାମ ଦାସ ମଧ୍ୟ 'ଦୀନବାନ୍ଧବ ହେ, ମୋ' ଦୁଃଖ ନଗଲା' ବୋଲି ଠାକୁରଙ୍କୁ ଦାୟୀ କରିଛନ୍ତି। ଏଥିରେ ଅଭିଯୋଗ-ଅନୁଯୋଗ ଅପେକ୍ଷା ଭକ୍ତ ଜନୋଚିତ ଅଳି-ଅର୍ଦ୍ଦଳି ଅଧିକ ପରିସ୍ଫୁଟ। ଶ୍ରୀଜଗନ୍ନାଥ ସାମ୍ୟ-ମୈତ୍ରୀର ଦେବତା, ଭକ୍ତର ସେ ବନ୍ଧୁ-ସଖା-ମିତ୍ର। ସେଥିପାଇଁ ଭକ୍ତକବି କହନ୍ତି-

'ତୁମେ ଦୀନବନ୍ଧୁ ମୋତେ ପାସୋରିଲେ
ମୋ ବନ୍ଧୁ ହୋଇବ କିଏ ?'

ଏ ପ୍ରଶ୍ନବାଚୀ ମାଧ୍ୟମରେ ହିଁ ଜଗନ୍ନାଥଙ୍କୁ ଗୋଟିପଣେ ଆପଣେଇ ପାରିଛନ୍ତି। ଯିଏ ଯଥାର୍ଥରେ ଜଗନ୍ନାଥଙ୍କ ପରମଭକ୍ତ, ତା' ପାଇଁ ଅନ୍ନବସ୍ତ୍ର ସାଂସାରିକ ଭୋଗ ଐଶ୍ୱର୍ଯ୍ୟ ବଡ କଥା ନୁହେଁ। ସେମାନଙ୍କ ପାଇଁ "ଦାନାକନା ପଛେ ମନା ହେଉ ମୋତେ, ନୀଳଚକ୍ରବାନା ଚାହିଁ।" ଭକ୍ତ ଶିରୋମଣି ବଳରାମ ଦାସ ମଧ୍ୟ ସେଇ କଥା କହିଛନ୍ତି-

"ଭଗତ ଭାବରୁ, ପ୍ରସନ୍ନ ହେବାରୁ ଭାବ ବିନୋଦିଆ ଯେଣୁ,
ବଳରାମ ଦାସ ଅନ୍ନ ନ ମାଗଇ ମାଗଇ ଚରଣ ରେଣୁ।"

ଜଗନ୍ନାଥ କେବଳ ଦୀନବାନ୍ଧବ ନୁହଁନ୍ତି, ସେ ଭାବର ଦେବତା ବୋଲି ତାଙ୍କର ଅନ୍ୟନାମ ଭାବଗ୍ରାହୀ। ସେଥିପାଇଁ ତ ଭାବଗ୍ରାହୀ ଶ୍ରୀଜଗନ୍ନାଥ ଭକ୍ତର ଭକ୍ତି-ଭାବରେ ବଶୀଭୂତ ହୋଇ ନନ୍ଦିଘୋଷ ରଥ ଛାଡି ସାଗର ବେଳାରେ ବାଲି ରଥରେ ବିଜେ ହୋଇଥିଲେ।

ଓଡିଆ ସାହିତ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଭଜନ ସମ୍ରାଟ ହେଉଛନ୍ତି ଭକ୍ତକବି ସାଲବେଗ। ତାଙ୍କ ପାଇଁ କୈବଲ୍ୟ-କଣିକା ହେଉଛି ବଡଦାଣ୍ଡର ପୂତପବିତ୍ର ରେଣୁକଣା।

"ବଡଦାଣ୍ଡ ଦେଖି ହେଲି ତୋଷ,
ରେଣୁ ମାତ୍ର ତେଣୁ କଲି ଗ୍ରାସ,
କ୍ଷୀରୀ-ଖେଚେଡିରେ ମନ ନବୋଧଇ
ଟଙ୍କ ତୋରାଣିରେ ମନ ତୋଷ।"

ପରମଭକ୍ତ ପାଇଁ ବଡଦାଣ୍ଡର ଧୂଳିକଣା ମଧ୍ୟ ହୋଇଯାଏ କୈବଲ୍ୟ-କଣିକା। ସାଲବେଗ ହୀନଜାତି ବୋଲି ହେୟମନ୍ୟତା ନାହିଁ। କାରଣ ଜଗନ୍ନାଥ ହେଉଛନ୍ତି ମୈତ୍ରୀଦେବ। ବାଇଶ ପାହାଚର ଉଭୟପାର୍ଶ୍ୱରେ କୈବଲ୍ୟ ବିତରିତ ହେଉଛି ଏବଂ ଚଣ୍ଡାଳ ବ୍ରାହ୍ମଣ ଶୂଦ୍ର ପରିଯନ୍ତେ କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ। ଶ୍ରୀଜଗନ୍ନାଥ ସାମ୍ୟ-ମୈତ୍ରୀଧର୍ମୀ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଓଡିଆ ମହାଜାତିର କେବଳ ଇଷ୍ଟଦେବ ନୁହଁନ୍ତି, ସେ ରାଷ୍ଟ୍ରଦେବତା ମଧ୍ୟ। ତେଣୁ କାଳେକାଳେ ଯବନମାନଙ୍କ ଲୋଲୁପ ଦୃଷ୍ଟିପଡିଛି ଦାରୁବ୍ରହ୍ମ ବିଗ୍ରହରେ। ସେମାନଙ୍କ ବିଚାରରେ ଏଇ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହକୁ ନଷ୍ଟଭ୍ରଷ୍ଟ କରିଦେଲେ, ଓଡିଆଜାତିର ଶକ୍ତି ଓ ସଂହତିର ମେରୁଦଣ୍ଡ ଭାଙ୍ଗିଯିବ। ଦୁର୍ଦ୍ଧର୍ଷ-ଅପରାଜିତ-ଅଜେୟ ଜାତି ଆତ୍ମସମର୍ପଣ କରିବାପାଇଁ ବାଧ୍ୟ ହେବ। ତେଣୁ ଯବନ ଆକ୍ରମଣ ପୂର୍ବରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାନାନ୍ତର ଅଥବା ପାତାଳୀ କରିବାର ପ୍ରାଣପଣେ ପ୍ରୟାସ କରିଛନ୍ତି ଗଜପତି ଓ ଶ୍ରୀଜଗନ୍ନାଥଙ୍କ ସେବକମାନେ। ଅନୁରୂପ ସ୍ଥାନାନ୍ତରୀକରଣର ପ୍ରତ୍ୟକ୍ଷଦ୍ରଷ୍ଟା ହେଉଛନ୍ତି ସାଲବେଗ। ଶ୍ରୀମନ୍ଦିର ଶୂନ୍ୟକରି ଜଗନ୍ନାଥଙ୍କ ସ୍ଥାନାନ୍ତରୀକରଣ ସମୟରେ, ଦୁଃଖରେ ମ୍ରିୟମାଣ ଭକ୍ତ ସାଲବେଗଙ୍କ ଲେଖନୀରୁ ନିଃସୃତ ହୋଇଛି –

"କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ
ଆମେ ଦର୍ଶନ କରିବୁ କାହାକୁ
କୁଳବଧୂଙ୍କର ରଡି, ପଣ୍ଡାଏ ଗଡାଗଡି,
ବିଧାତା ବାମ ହେଲା ଓଡିଶାକୁ"

ଓଡିଆଜାତିର ଜଗନ୍ନାଥଙ୍କ ସହ ସମପ୍ରାଣତା ଏବଂ ତାଙ୍କ ଅଦର୍ଶନରେ ଅଶ୍ଳଳ ବ୍ୟଥା ଓ ବେଦନାଜନିତ ଆନ୍ତରିକ ଦୁଃଖର ଆଲେଖ୍ୟ ଦରଦୀ ସାଲବେଗଙ୍କ ଭଳି ଅନ୍ୟ କୌଣସି ଭକ୍ତକବି ଦେଇ ପାରି ନାହାନ୍ତି।

କଳ୍ପତରୁ ଏକ ପୌରାଣିକ ମହାଦ୍ରୁମ, ଯାହା ଅନୁରକ୍ତ ଭକ୍ତର ସର୍ବବିଧ ମନୋରଥ ପୂର୍ଣ୍ଣ କରିପାରେ। ଶଂସିତ ପଙ୍କ୍ତିରେ ଶ୍ରୀକ୍ଷେତ୍ର ବେଢା ଭିତରେ ଥିବା କଳ୍ପବଟ ବା କଳ୍ପତରୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିମନ୍ତ ପ୍ରତୀକ। ସେଇ କଳ୍ପତରୁ ରୂପକ ଜଗନ୍ନାଥଙ୍କ ପାଖେ ସମ୍ପୂର୍ଣ୍ଣ ସମର୍ପିତ ହେବା ପରେ, ଯଦି ଭକ୍ତର ଦୁଃଖ ଦୂରୀଭୂତ ନ ହେଲା, ତାହାହେଲେ ପ୍ରଭୁଙ୍କ ଅପଯଶ ଓ ଅପକୀର୍ତ୍ତି ହିଁ ପ୍ରମାଣିତ ହେବ। ସେଥିଲାଗି ଲୋକନିନ୍ଦାରୁ ରକ୍ଷାପାଇବା ପାଇଁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଏକ ଚମତ୍କାର ଛଳୋକ୍ତି –

"ନଗଲା ମୋହରି ଦୁଃଖ
କଳପତରୁକୁ ଆଶ୍ରେକରିଛି ମୁଁ
କି ବୋଲିବେ ଶୁଣି ଲୋକ।।"

କବି ସମ୍ରାଟ ସମର୍ପିତ ଭକ୍ତିଭାବାପନ୍ନ ହୋଇ ଆହୁରି ମଧ୍ୟ ଲେଖିଛନ୍ତି,

"କହେ ଭଞ୍ଜ ବୀରବର ପ୍ରଭୁ ଦୀନଜନରକ୍ଷ
ଭାସୁଛି ଏ ଭବ ଦୁସ୍ତର ଅର୍ଣ୍ଣବ ମଧ୍ୟେ ମୁଁ
ହୋଇ ନିରେଖ।"

ଏଥିରେ କବିଙ୍କ ଦୁଃଖ ଓ ଆର୍ତ୍ତି ଅଭିବ୍ୟଞ୍ଜିତ ଏବଂ ଶ୍ରୀଜଗନ୍ନାଥ ଯେ ସମସ୍ତ ଦୁଃଖ ଓ ଆର୍ତ୍ତି ହରଣକାରୀ ଏହା ପ୍ରତିପାଦିତ।

ଅନୁରୂପ 'ଦୁଃଖ ନ ଗଲା ମୋହରି' ପର୍ଯ୍ୟାୟଭୁକ୍ତ ଅଗଣିତ ଭଜନ ଜଣାଣ ଆକଳନ କଲେ ମନେ ହୁଏ, ଏ ଦୁଃଖ ତେଲଲୁଣ ସଂସାର ପାର୍ଥିବ ଦୁଃଖ ନୁହେଁ ଅଥବା ଭୋଗ-ଐଶ୍ୱର୍ଯ୍ୟରୁ ବଞ୍ଚିତ ହେବା ଜନିତ ଦୁଃଖ ନୁହେଁ। ଏହା ବିଷାଦବାଦୀର ଦୁଃଖବାଦ ମଧ୍ୟ ନୁହେଁ। ଏହି ଦୁଃଖବାଦରେ ଆଧୁନିକତାଧର୍ମୀ ହତାଶା-ନୈରାଶ୍ୟ-ବ୍ୟର୍ଥତା ଓ ତଦ୍‌ଜନିତ ଅସହାୟତାବୋଧ ବା ବିରକ୍ତିବୋଧ ନୁହେଁ। ଏଥିରେ ଦୁଃଖବାଦ ବି ନାହିଁ, ଦୁଃଖବୋଧ ହିଁ ଅଛି। ଶଂସିତ ଦୁଃଖବୋଧ ଦେବଦେବ ବିଶ୍ୱଦେବଙ୍କୁ ପାଇବା, ଅନୁଭବ କରିବାର ଏକ ପାହାଚ ମାତ୍ର। ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ ସମ୍ପର୍କିତ ଦୁଃଖବୋଧ ପରିଶେଷରେ ପ୍ରଲୀନ ହୁଏ ଅପାଣିପାଦ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ!!

୯୬୬ ବି, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ମୋ - ୯୪୩୭୫୬୭୫୦୦

